ରାହୁର ଛାୟା

ଗୋପୀନାଥ ମହାନ୍ତି

Digitized by srujanika@gmail.com

ଶରଶଯ୍ୟା

ଡକ୍ଟର ଗୋପୀନାଥ ମହାନ୍ତି

ଫ୍ରେଣ୍ଡସ୍ ପବ୍ଲିଶର୍ସ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ଶରଶଯ୍ୟା—ଲେଖକ : ଡକ୍ଟର ଗୋପୀନାଥ ମହାନ୍ତି, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଥମ ମୁଦ୍ରଣ : ୧୯୯୨, ପ୍ରଚ୍ଛଦ ପଟ : ଅସିତ୍ ମୁଖାର୍ଜୀ, ମୁଦ୍ରାକର : ନନ୍ଦକିଶୋର ପ୍ରେସ୍, ଡଗରପଡ଼ା କଟକ-୨

SHARASHAJYA – Author : Dr. Gopinath Mohanty, Publisher : Sahadev Pradhan, Friends' Publishers, Binodbehari, Cuttack-753002, Orissa (India), First Edition : 1992, Cover Design : Asit Mukherji, Printer : Nandakishore Press, Dagarapara, Cuttack-2

PRICE : Rs. 40

Digitized by srujanika@gmail.com

ପଦେ

ଅଗଷ୍ଟ କୋଡ଼ିଏ ୧୯୯୧ ଥିଲା ସମୟର ଏକ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ; ଯେଉଁ ଦିନଟି ସମୁଦ୍ରର ଢେଉ ପରି ସବୁ ଓଲଟାଇ କଚାଡ଼ି ବଦଳେଇ-ଦେଇଥିଲା ସମୟର ମୋଡ଼ । ହାତପାହାନ୍ତାର ଅନୁଭୂତି ଲୁଚିଗଲା ମୃତ୍ୟୁର ଆଡ଼୍ ଆଳରେ, ଥମିଗଲା ନଈ ମୁହାଣିର ସୁଅ । ପୃଥିବୀର ସବୁ ମଣିଷଙ୍କୁ ଅନାବିଳ ସ୍ନେହ କରୁଥିବା ସମସ୍ତିଙ୍କ ପାଇଁ ସହାନୁଭୂତିରେ ଜୁଡ଼୍ ବୁଡ଼୍ ଯୁଗାନ୍ତକାରୀ ଲେଖକଟିର କଲମ ରହିଗଲା ସ୍ଥିର ହୋଇ ।

ଷାଠିଏ ବର୍ଷର କୃତି ଗୋପୀନାଥ ସାହିତ୍ୟ ଯେଭଳି ବିଶାଳ ସେତିକି ବିସ୍ତୃତ । ପ୍ରକାଶିତ ଅପ୍ରକାଶିତ ହୋଇ ରହିଥିବା ଶତାଧିକ ଗଳ୍ପମାନଙ୍କ ଭିତରୁ ଅନେକ ଗଳ୍ପ ଏବେବି ଲୋକ ଅନ୍ତରାଳରେ । ଗୋପୀନାଥ ଗଳ୍ପ ସଂକଳନ ଉଦ୍ୟମ ସେଇ ଫୁଲଗଛର ଅନୁପସ୍ଥିତିରେ ବିଛୁରିତ ଅସଂଖ୍ୟ ପାଖୁଡ଼ାକୁ ସାଉଁଟି ନେଇ ଫୁଲର ବାସ୍ନା ବାରବାର ଏକ ପ୍ରୟାସ ମାତ୍ର । ଗୋପୀନାଥ ଗଳ୍ପ ସଂକଳନର ପ୍ରଥମ ଖଣ୍ଡ 'ଶରଶଯ୍ୟା'ର ପ୍ରକାଶନ ଦାୟିତ୍ୱ ବହନ କରିଥିବା ହେତୁ ଫ୍ରେଣ୍ଡ୍ସ ପବ୍ଲିଶର୍ସର ଶ୍ରୀଯୁକ୍ତ ସହଦେବ ପ୍ରଧାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛୁ । ଆଶାକରୁଛୁ ଓଡ଼ିଶାର ଅଗଣିତ ସୁଧୀ ପାଠକଗଣ ଏହାକୁ ଉପଭୋଗ କରିବେ ।

ଭୁବନେଶ୍ୱର
ବିଜୟାଦଶମୀ
୧୮-୧୦-୧୯୯୧

ଅମୃତନାଥ ମହାନ୍ତ

Digitized by srujanika@gmail.com

ସୂଚୀପତ୍ର

୧ ।	ଦଖଲ	୧
୨ ।	ଶିକାର	୧୪
୩ ।	ଭାନୁମଣ୍ଡି	୩୨
୪ ।	ପ୍ରଶ୍ନ	୬୮
୫ ।	କୋକିଳା	୯୦
୬ ।	ମୁନ୍‌ସୀ	୧୦୧
୭ ।	ଟାଉନ୍‌ ବସ	୧୧୭
୮ ।	ପିଲ୍ଲୁ-ପରୀକ୍ଷା	୧୨୪
୯ ।	କାଗଜ-ଡଙ୍ଗା	୧୩୪
୧୦ ।	ଶରଶଯ୍ୟା	୧୬୩

Digitized by srujanika@gmail.com

ଦଖଲ୍

ବିଜୟ ନଗର ରେଳ ଷ୍ଟେସନ୍ । ନିଦଟା ଜମି ଆସିଥିଲା ଭୁଲ ସୁଶୀଳର । ତଥାପି ବିଜୟନଗର ନାଁ କାନରେ ପଡ଼ି ଉଠିବାକୁ ପଡ଼ିଲା । ଘଣ୍ଟା ଦେଖିଲା, ଛଅଟା ବାଜିଛି । ଟୋପିଟିକୁ ମୁଣ୍ଡ ଉପରେ ଥୋଇଲା, ବିଛଣାଟି ଗୋଟାଇ କାଖତଳେ ଜାକିଲା, ସୁଟକେଶ୍ ଓ ମୁଣି ଡାହାଣ ହାତରେ ଓହଳେଇ ବାଁ ହାତରେ ଟର୍ଚ୍ଚ ଧରି ସେକେଣ୍ଡକ୍ଲାସ୍ ଡବାର ଚଟାଣ ପରଖିନେଲା କାଳେ କିଛି ତାର ଜିନିଷ ପଡ଼ିଥିବ ।

ମିଳିଲା ଗୋଟିଏ ହଳଦିଆ ସେବତି ଫୁଲ, ମଉଳି ଯାଇଛି, ଚକଟା ହୋଇଛି । ଯେଉଁ ଆରାମପ୍ରଦ କର୍ପୂରବାସ୍ନା ରେଳ ଚାଲିବାର ଝାଂକ ଶବ୍ଦ ଭିତରେ ସାଥିହୋଇ ଆସିଥିଲା ରାତିଯାକ, ଏକ ସଚେଇ ବିଶ୍ରାମର ଅଦେଖା ମୋହ ବୁଣିଥିଲା, ସୁଶୀଳ ଯେପରିକି ତାର ପରିଚୟ ପାଇଲା । ଫୁଲଟିକୁ ଗୋଟେଇ ନେଇ ପକେଟରେ ପକାଇ ସେ ବିଜୁଳି ଆଲୁଅ ଗୋଳାଗୋଳ ବିଜୟନଗରର ଅନ୍ଧାର ଭିତରକୁ ଓହ୍ଲେଇ ପଡ଼ିଲା ।

ଏଥର ତା'ର ଆଶ୍ରୟ ସେକେଣ୍ଡକ୍ଲାସ୍ ୱେଟିଙ୍ଗରୁମ୍ । ଦୁଆର ମୁହଁରେ ବଡ଼ ତାଲାଟିଏ ଝୁଲୁଛି । ଜିନିଷପତ୍ର ଧରି ସେହିଆଡ଼କୁ ଅନାଇ କିଛି ନ ଭାବି ସୁଶୀଳ ଠିଆହୋଇ ରହିଲା । ତା'ହେଲେ ଏଠି ବି ଆଶ୍ରା ନାହିଁ ! କଳାହାଣ୍ଡି ଯିବାକୁ ରେଳ ମିଳିବ ସକାଳ ୭ଟାରେ । ରାତିଯାକର ଅସମ୍ପୂର୍ଣ୍ଣ ଶବ୍ଦ ଫେରି ଆସିଲା, ତା' ସଙ୍ଗେ ସଙ୍ଗେ ସେହି ଚିହ୍ନା ବାସ୍ନା, କାହା ମୁଣ୍ଡରୁ ଖସିପଡ଼ି ଚକଟି ହୋଇଥିବା ସାମାନ୍ୟ ସେହି ସେବତି ଫୁଲଟିର ବାସ୍ନା । ମନେପଡ଼ିଲା, କଳାହାଣ୍ଡିରେ ତାର ବସା । ସାବ୍ଜା ଆଲୁଅ ଆସ୍ତେ ଜଳୁଥିବ, ସତେ ଯେପରି ଜଳୁଛି କି ନଜଳୁଛି । ପଙ୍ଖା ବୁଲୁଥିବ । ଶୋଇଥିବେ ଦୁହେଁ ନିଘୋଡ଼ ନିଦରେ, ସତର ବର୍ଷ

Digitized by srujanika@gmail.com

ବୟସର ମା ଓ ଏକବର୍ଷ ବୟସର ଝିଅ । ସୁଶୀଳ,—ଡକ୍ଟର ସୁଶୀଲ୍ ଏସ୍ ବ୍ରାହ୍ମା ଅର୍ଥାତ୍ ବ୍ରହ୍ମା ସେଠି ଖଣି ଇଞ୍ଜିନିୟର ।

ରେଳ ଚାଲିଯାଉଛି । ଏମିତି ଚାଲିଗଲା ଆମେରିକାରେ ତା'ର ପାଞ୍ଚଟା ବର୍ଷ । ଆଲୁଅ ଝକ ଝକ ହୋଇ କେତେ ସ୍ମୃତି । ହେଇ ସେଇଟି ଥିଲା ତାର ବଖୁରି ସେକେଣ୍ଡ୍ କ୍ଲାସ ଡବା । ସେ ଦଖଲ ଚାଲିଗଲାଣି । ଯାଇଥିଲା ଯେପରି ତା ଆଗର କେତେ ଦଖଲ । ଜାଗାର, ଜମିର, ଘରର । ଆଜି ଏ ସେବକଟା ଫୁଲଟିର । ଛଅ ଘଣ୍ଟା ପାଇଁ ଘର ହୋଇଥିଲା ସେ ଡବାଟି, କଳାହାଣ୍ଡିରେ ତାର ବସା ନୁହେଁ । ମୟୂରଭଞ୍ଜ ବାରିପଦା ସହରରେ ତାର ଘର ନୁହେଁ, ମଫସଲରେ ତାର ବୃଷ ଘର ନୁହେଁ, ପୁରୀରୁ ବଣାଖାପାଟଣା ମଝିରେ ରେଳ ଲାଇନ୍ ଉପରେ ଧାଁ-ଧପଡ଼ କରୁଥିବାଗା ଉରେ ଗୋଟିଏ ଫ୍ଲେଟ ଡବା, ସେ ଥିଲା ତାର ସତେଇଶ ବର୍ଷ ଜୀବନ ଭିତରେ ଛ ଘଣ୍ଟା ପାଇଁ ତା ଘର । କିପରି ଏକ ମମତାରେ ରେଳଗାଡ଼ି ଆଡ଼କୁ ଅନାଉଁ ଅନାଉଁ ଅନ୍ଧାରରେ ରେଳ ଲୁପ୍ତ ହେଲା । ସୁଶୀଳ ଭାବିଲା ତାର ଭବିଷ୍ୟତର ନୀଳସ୍ୱପ୍ନକୁ ।

ଚାଲି ପଡ଼ୁଛି । ଭିତର ଅନ୍ଧାର । ଟର୍ଚ୍ଚ ଆଲୁଅରେ ଆବିଷ୍କାର କଲା ଭିତରେ କାହାର ଜିନିଷ ଥୁଆ ହୋଇଛି, ଟିକିଏ ପରେ କବାଟ ସେପାଖେ ଠିଆହେଲେ ଏକ ପ୍ରୌଢ଼ ଭଦ୍ରଲୋକ, ବଡ଼ ଗୋଲ ଗୋରା ମୁହଁରେ ମୋଟା ଫ୍ରେମର ଚଷମା, ଭିତର ଓ ବାହାର ଯେପରିକ ପ୍ରଶ୍ନସୂଚକ ଭଙ୍ଗୀରେ ପରସ୍ପରକୁ ଅନାଅନି ହୋଇ ରହିଲେ, ମଝିରେ ଚାଲି ।

ସୁଶୀଳ ହସି ଉଠିଲା । ଭିତରେ ଜଣେ ଭଦ୍ରଲୋକ ଥିବା ଅବସ୍ଥାରେ ବାହାରେ ଏତେ ବଡ଼ ଚାଲି ପଡ଼ୁଛି କାହିଁକି ? ପଛଆଡ଼ୁ କିଏ ଜଣେ ଟିପ୍‌ପଣୀ ଦେଲେ—"ଏ ବେଶ୍ ଶୋଇବା ଫିକର ଆଜ୍ଞା, ଭିତରେ ଥାଇ ଜଗୁଆଳକୁ କହି ପଦାରେ ଚାଲି ପକାଇ ଦେଲେ ରାତିରେ ଆଉ କବାଟ ଭାଙ୍ଗିବାକୁ କେହି ନାହିଁ ।"

"ସତ ଯେ, କିନ୍ତୁ ବିପଦ ଆପଦ ପଡ଼ିଲେ ?"

Digitized by srujanika@gmail.com

"ଭିତରୁ ଖୋଲି ଦେଇ ଆରପାଖ ପ୍ଲାଟଫର୍ମକୁ ବାହାରି ପଡ଼ିବେ ।" ବେଶ୍, ଏ ବି ଏକ ଦଖଲ ଖଞ୍ଜ । ସୁଶୀଳ ହସ ଚେପିଲା, ଭିତରେ ଥିବା ଭଦ୍ରଲୋକ ଜଣକ ହାତ ଠାରି ଠାରି କ'ଣ କହି ଲାଗିଛନ୍ତି । ପଛରୁ ବାଣୀ ହେଲା "ସେ କହୁଛନ୍ତି ଜଗୁଆଳି ହୋଇ ସେଠି ଶୋଇଛି ତା ପାଖରେ ଚାବି ଅଛି ।" ପଛକୁ ଅନାଇଲା, ଦେଖିଲା ବହି ଦୋକାନ ଖୋଲା ପଡ଼ିଛି ଓ ତାହାରି ଆଗରେ ଧୋବଧାଉଳିଆ ଭଦ୍ରଲୋକ । ବହି ବିକ୍ରେତା । ଚୁହାଁଚୁହିଁ ହେବାରୁ ହସି ଦେଲେ । ଆପେ ଯାଇ ଜଗୁଆଳିକୁ ଡାକ ଦେଲେ ।

ସୁଶୀଳ ଭାବିଲା, ଜଣେ ଭିତରେ ପଶି ବାହାରୁ ତାଲା ପକାଉଛି ଯେପରି ଲୋକେ ତାଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେବେ ଆଉ ଜଣେ ଅଯାଚିତ ଭାବରେ ସାହାଯ୍ୟ କରୁଛି । ଅଙ୍ଗେ ନଭେଇଥିବା ଅନୁଭୂତି ଭିତରେ ସବୁଠି ସେଇଆ, ଆମେରିକାରୁ ବିଜୟନଗର । ସୁଶୀଳ ଧନ୍ୟବାଦ ଜଣାଇ ଘର ଭିତରେ ପଶିଲା ।

କଳାହାଣ୍ଡିକୁ ଗାଡ଼ି ମିଳୁ ମିଳୁ ଯାଏ ଆହୁରି ଚାରି ଘଣ୍ଟା । ସମୟ କଟାଇବାକୁ ହିଁ ହେବ । ଗୋଟିଏ ଖଟିଆ ଉପରେ ବିଛଣାପତ୍ର ଖୋଲି ପାରି ଦେଇ ସେ ପଦାରେ ଟହଲିଲା । ବହି ଦୋକାନୀ ଭଦ୍ରଲୋକଟି ହସ ହସ ମୁହଁରେ ତାକୁ ଅନାଇ ଠିଆହୋଇଛନ୍ତି । ସେ ହସର ନିମନ୍ତ୍ରଣ ସେ ରକ୍ଷା କଲା । ବହି ଦୋକାନକୁ ଯାଇ ବହିପତ୍ର ଦେଖିବାକୁ ଲାଗିଲା ।

ଗଦା ଗଦା ତେଲୁଗୁ ବହି । କିଛି ତାମିଲ, କିଛି ହିନ୍ଦୀ, କିଛି ବଙ୍ଗଳା, ଇଂରେଜୀ ତ ବହୁତ । ତାହାରି ମଝିରେ ମନମୋହନ ପୁସ୍ତକାଳୟର ଓଡ଼ିଆବହି ପାଞ୍ଚଖଣ୍ଡି, ଦି'ଖଣ୍ଡି ଅନୁବାଦ, ତିନିଖଣ୍ଡି କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ । କିଛି ହେଉ ପଛେ, ରେଳ ଷ୍ଟେସନ ବହି ଦୋକାନକୁ ଓଡ଼ିଆ ବହି ମଧ୍ୟ ଉଠିଲାଣି, କିନ୍ତୁ କେତେ କମ୍ ! ସୁଶୀଳ ଖୁସି ହୋଇପାରିଲା ନାହିଁ । ଅନ୍ୟ ଭାଷାର ସାହିତ୍ୟ ଯେତେବେଳେ କୋଶେକେ ଧାପେ କରି ଖେପା ମାରି ମାରି ଚାଲିଛି ଏ ଦେଶର ସାହିତ୍ୟ ଆମରି ଚାଲୁଛି ଦିନକୁ ଚାଖଣ୍ଡେ । ସୁଶୀଳ ଦି'ଖଣ୍ଡି ଓଡ଼ିଆ ବହି କିଣିଲା । ବହି ବିକ୍ରେତା କହିଲେ "ଆଉ କିଛି ପତ୍ରିକା ?"

Digitized by srujanika@gmail.com

ପତ୍ରିକା ବି ନାନା ଭାଷାର । କିନ୍ତୁ ସବୁଠି ସମାନ ଗୋଟିଏ କଥା—ଚକ୍ ଚକ୍ ରଙ୍ଗ ଓ ନାଗ୍ନ ଚିତ୍ର ! ରଙ୍ଗୋଲି ମଲାଟ ଉପରୁ ବୃହାଁଶିରେ କଥା କହି ସେମାନେ ଡାକୁଛନ୍ତି—ମତେ ନିଅ ମତେ ନିଅ । ଧାଡ଼ିରେ ଲାଗିଛି ଚାଗଜମୋହର, ଏତିକି ବିଶ୍ୱାସ କରାଇବାକୁ ଯେ କେହି ପଢ଼ି ନାହାଁନ୍ତି ଏ ବହି; ମୋହର ଅଟୁଟ ଅଛି । ସୁଶୀଳ ହାଇ ମାରି ଫେରି ଆସିଲା ପୁରୁଣା ନିଦକୁ ନୂଆ କରି ଯୋଡ଼ିବାକୁ ।

ଛୋଟ ବଖୁରିଟିଏ—ଉପର ଶ୍ରେଣୀର ବିଶ୍ରାମ କକ୍ଷ । ଖାଲି ଚଟାଣରେ ଧୂଳିମଳିର ପୁଟ, ଖାଲି କାନ୍ଥରେ, ଚୂନ ନୁହେଁ ସେତେ ସଫା । ମଇଳା ମସିଆ ହୋଇ ଦି'କରେ ଦି'ଖଣ୍ଡ ଅଣଓସାରିଆ ବେତବୁଣା ଖଟିଆ, ତିନିଖଣ୍ଡ ଆରାମଚୌକି, ତିନିଖଣ୍ଡ ଚୌକି । ମଝିରେ ଖଣ୍ଡିଏ ଗୋଲ ଟେବୁଲ୍ । ଉପରେ ଗୋଟିଏ ବିଜୁଳି ପଙ୍ଖା, ଗୋଟିଏ ଆଲୁଅ, କରକୁ ଲାଗି ଏକାଠି ପାଇଖାନା ଓ ଗାଧୁଆଘର । ଏହାରି ନାଁ ଉପର ଶ୍ରେଣୀର ବିଶ୍ରାମ କକ୍ଷ । ଯେଉଁ ଦେଶରେ ରେଳକୁ ଅପେକ୍ଷା କରି ମୁକ୍ତ ଆକାଶ-ତଳେ ଖୋଲା ଚଟାଣ ଉପରେ ଗୋବର ଅସନା ଓ ଛେପ ସହିତ ଭଟାଘୁରି ମଢ଼ିଆ କୁକୁରମାନଙ୍କ ସହିତ ଏକାଠି ଗଡ଼ିବାକୁ ସ୍ୱତ ସେଠି ଛୁରିକାନ୍ଥ ଭିତରେ ଜନତାଠୁଁ ଅଲଗା ରହିବାର ସୁବିଧା କରିଦେଲେହେଁ ଉପର ଶ୍ରେଣୀ ଅର୍ଥାତ୍ ନିଆରା ଶ୍ରେଣୀ ପାଇଁ ଆପେ ବିଶ୍ରାମାଗାର ହୋଇଗଲା ।

ସୁଶୀଳ ତା'ର ଅଣଓସାରିଆ ଖଟିଆ ଉପରେ ଲମ୍ବ ହୋଇ ପଡ଼ି ରହି ଚାରିଆଡ଼କୁ ଆଖି ବୁଲେଇ ଆଣିଲା । ସେ ପାଖର ଆରାମ-ଚୌକିରେ ବିଶ୍ରାମ କରୁଛନ୍ତି ଜଣେ ଭଦ୍ରଲୋକ, ସେଠି ବିଶିଷ୍ଟତା ନାହିଁ, ଧନ ମର୍ଯ୍ୟାଦାବନ୍ତ ସାଧାରଣ ଭଦ୍ରଲୋକ, ଚିନ୍ତା ଆପଣାଠିହିଁ ନିବଦ୍ଧ । ଗାଡ଼ିରେ ଏପରି ସାଙ୍ଗ ଜଣେ ମିଳିଗଲେ କାହାରି ନିଦ୍ରାରେ ବ୍ୟାଘାତ ଘଟିବ ନାହିଁ, ବାରଘଣ୍ଟା ଏକାଠି କଟେଇ ମଧ୍ୟ ବିଦାବିଦବେଳକୁ କେହି କାହା ବିଷୟରେ କିଛି ଜାଣି ନଥିବେ ।

ଘରେ ଆଉ କେହି ନାହାନ୍ତି । ସୁଶୀଳ ଆଖି ବୁଜିଲା । ଝୁଲୁଁ ଝୁଲୁଁ ଜୋତା ମଟ୍ ମଟ୍ ଓ ମଚ୍ ମଚ୍ ଓ ଏକା ସଙ୍ଗେ ଅନେକ ଲୋକଙ୍କ ପାଟିରେ

Digitized by srujanika@gmail.com

ପୁଣି ଆପେ ତାର ଆଖି ଖୋଲିଲା । ଆଗନ୍ତୁକ ଚାରିଜଣ ଲୋକ, ଜଣେ ବୁଢ଼ା ଓ ଆଉ ତିନିଜଣ ଯୁବକ । ବୁଢ଼ା ଜଣକ ସେ ପାଖର ଆରାମ୍-ଚୌକିରେ ବସି ପଡ଼ିଲେ । ଆଉ ଦୁଇଜଣ ଯୋଡ଼ିଏ ଚୌକିରେ ତାଙ୍କ ପାଖରେ ହିଁ ବସି ପଡ଼ିଲେ । ଚତୁର୍ଥ ଜଣକ କାନ୍ଥରେ ଛତାଟିଏ ଡେରେଇ ଦେଲା, ଦକ୍ଷିଣୀ ଗଡ଼୍ଟିଏ ତା ପାଖରେ ରଖିଦେଲା, ନିଜେ ଏପାଖ ଆରାମ ଚୌକିରେ ବସି ପଡ଼ିଲା । ନ ଅଟକି ସେହିପରି ସମସ୍ୱରରେ ସମସ୍ତେ ଚଳେଇଲେ ଗଡ଼ର ଗଡ଼ର ।

ତାଙ୍କର ଭାଷା ବଙ୍ଗଳା ।

ସୁଶୀଳ ମନ ଦେଲା ।

ବୁଢା ଭଦ୍ରଲୋକ ଜଣକ କୋଟ୍ ପ୍ୟାଣ୍ଟ୍ ଟାଇ ପିନ୍ଧିଛନ୍ତି, ହାତରେ ବଳି ବଳି ସିଗାରେଟ୍ ତିଆରି କରି ଟାଣୁଛନ୍ତି । କିନ୍ତୁ ମୁହଁର ଠାଣି ଚାକିରିଆର ନୁହେଁ ବ୍ୟବସାୟୀର । ଅନ୍ୟ ତିନିଜଣଙ୍କ ବେଶ ଲୁଗା କାମିଜ ଚଟି, ବୃଦ୍ଧଙ୍କ ପ୍ରତି ତାଙ୍କର ସମ୍ଭ୍ରମ ଓ ବ୍ୟବହାରରୁ ଜଣାପଡୁଛି ପଇସାର ଚାବି ସେଠି, ସେହି ହାତମୁଠିକି ଏ ତିନିଜଣଙ୍କର ଅପେକ୍ଷା ।

ଗଡ଼ ଗଡ ଗଡ଼ ଗଡ଼—କଥାର ଖିଅ ଧରି ହେଉନାହିଁ । ଗୋଟାଏ କଥା ନଷ୍ଟିତ୍, ଆଉ ନଦ ହେବନାହିଁ । ବୃଦ୍ଧ ଯେପରିକି ତାଙ୍କୁ ଦେଖେଇ ଦେଖେଇ ଇଂରେଜୀ ମିଶାଇ ମିଶାଇ କଥା କହୁଛନ୍ତି । ସେ ଇଂରେଜୀ ଜାଣନ୍ତି । ବିଶ୍ୱାସ ଅଛି ସେହି ପୁରୁଣା ସମୟଠି ଯେତେବେଳେ ଇଂରେଜୀରେ କଥା କହିଲେ ଦାଣ୍ଡରେ ଟିକିଏ ଅଇଣ୍ଠା ସମ୍ମାନ ମିଳୁଥିଲା ।

ରାତି ୯ଟା ବାଜୁଛି । ହଠାତ ବୃଦ୍ଧ ଚୁ-ଚୁ-ଚକ୍କାର କରି ଉଠିଲେ । ସଙ୍ଗେ ସଙ୍ଗେ ସମସ୍ତଙ୍କ ପାଇଁ ଚା’ ଆସିଗଲା । ଶବ୍ଦ ମୁହଁରେ ପୁରୁଣା ଚାହା କପ୍‌କୁ ତୁଣ୍ଡରେ ଲଗାଇ ସମସ୍ତେ ସଡ଼ ସଡ଼ କରି ଚେଣ୍ଡି ଲାଗିଲେ । ଚାହାଖାଇ ଏମାନେ ‘ଚଙ୍ଗା’ ହୁଅନ୍ତି । ହଠାତ୍ ଉତ୍ସାହିତ ହୋଇ ବୃଦ୍ଧ କହିଲେ—

“ଆମର ଘର ବାଡ଼ି ଥିଲା, ଧନ ସମ୍ପତ୍ତି ଥିଲା, ହଜି ଯାଇଛି, ପଠାଣ ନେଇଛି । କିନ୍ତୁ ଯେଉଁଠିକି ଯାଅ ଦେଖିବ ଚା’ ଅଛି, ଅତଏବ

Digitized by srujanika@gmail.com

ଜୀବନ ଅଛି, ଆଶା ଅଛି । ଏଇ ବାଙ୍ଗୁଆ ଗ୍ବ' ଯେପରିକ ପୁରୁଣା ବୃଦ୍ଧସ୍ଥଳୀର ସ୍ମାରକ । ନା କ'ଣ କହୁଛ ଯଶାନ୍ । ହା-ହା-ହା-ହା…"

ହସଟା ଯେପରିକ ହାହାକାର ଓ ହୋହୋକାର ମିଶାମିଶି । ସୁଶୀଳ ଧ୍ୟାନଦେଲା । ସାମ୍ନାରେ ଜୀଅନ୍ତା ଉପନ୍ୟାସ ଖୋଲା ହୋଇ-ପଡ଼ିଛି । ଭାରତ ଦ୍ୱି'ଖଣ୍ଡ ହେଲା । ପାକିସ୍ଥାନ୍ ଓ ହିନ୍ଦୁସ୍ଥାନ—ଏମାନେ ଆଶ୍ରୟପ୍ରାର୍ଥୀ ପୂର୍ବ ଭାରତୀୟ ।

ଯଶାନ୍ ପାତଳ ମୁହାଁ ଶେଥା ରଙ୍ଗର ଡେଙ୍ଗା ଧଡ଼ିଆ ଯୁବକ, ଲମ୍ବ ଲମ୍ବ ବାଳ ରଖି ଟେରି କାଟିଛି । ଶୁଣିଲା ହସ ହସି କହିଲା—

"କୋଉଠି ଆଜ୍ଞା ଘର ବାଡ଼ି ଥିଲା ନଥିଲା ସବୁ ପାସୋର ଯାଇଛି । ସବୁ ବୁଢ଼ୀମା କାହାଣୀ; ଏଇତ, ଆମେ ଅଛୁଁ, ଏଇ ଯଥେଷ୍ଟ, ଆଉ କ'ଣ ଦରକାର ? ନା କଣ କହୁଚ ବାପି ?"

ବାଙ୍ଗର ହୋଇ କାଳିଆ ବଳିଲ୍ବକଳିଲା ଲୋକଟିଏ ବାପି, ଗୋଲ ଗୋଲ ମାଂସପେଶୀ କୁନ୍ଦିଲା ପରି ଝଞ୍ଜି ହୋଇଛି କିନ୍ତୁ ସବୁ ସାନ ସାନ । ନିଶ ଅଛି ଆଉ ଗହଳିଆ ଆଖିପତା, ସାନ ସାନ କରି କଟା ମୁଣ୍ଡବାଳ ଅଧ'ଉଳିଆ ହୋଇ ଠିଆ ହୋଇଛି । ତା'ର ହଳଦିଆ ଆଖି, ତାଳୁରେ ପିଚ୍ଛିଲା ପରି ଗାଲ । ମୁହଁ ଫଣ ଫଣ କରି ବାପି ଉତ୍ତର ଦେଲା "ମୁଁ ଭାବୁଥିଲି ଭାବପ୍ରବଣ ଯଶାନ୍ କବିପ୍ରାଣ ଯଶାନ୍ ଅନ୍ତତଃ ପଛକୁ ଚାହିଁ ଟିକିଏ…

"ହଁ, କ'ଣ ଟିକିଏ ? କହିଯା ବାପି, ମତେ ତ କବି କରି ଦେଲଣି । ସ୍ଥାପରେ କ'ଣ ଆଉ କହିବ କହିଯା…" ।

"କବିତା ତୁମେ ଲେଖୁଥିଲ । ଅସ୍ୱୀକାର କରନାହିଁ !"

"ବେଶ୍ ଏବେ ଆଉ ଲେଖୁନାହିଁ, କ'ଣ ହେଲା ତା'ହେଲେ !"

"ତୁମେ ଭାବପ୍ରବଣ ଲୋକ, ତୁମେ ତ ଆଉ ମଜୁରିଆ ବାପି ନୁହଁ ! ତୁମର ଲମ୍ବାବାଳ, ତୁମର ବଂଶୀ, ତୁମର କବିତା ଆବୃତ୍ତି ଆଉ

Digitized by srujanika@gmail.com

ପଦେ ପଦେ କଥାରେ ସବୁ ଆଉ ନାକକାନ୍ଦଣା, ଆଉ କ ସୁନ୍ଦର ମିଠା କଥା ଅଠା ଲଗିଲା ପରି । "

ଏଥର ସମସ୍ତେ ହସିଲେ, କିନ୍ତୁ ବାପି ହସିଲା ନାହିଁ, ତା'ର ଆଖିରେ ସେଇ ଏକପ୍ରକାର ଗାର ଡେଇଁଲା ପରି ଚାହାଣି, ବରଂ ଆଗକୁ ଝୁଙ୍କି ଯାଇ କହିଲା "ତେଣୁ ତ କହୁଥିଲି, ଏପରି ଯେଉଁ ଯଶାନ୍ ସେ ଯେତେବେଳେ ପଛ କଥାକୁ କହେ ବୁଢ଼ୀମା' କାହାଣୀ, ଆଉ କହେ ଆମେ ଅଛୁଁ ଏଇ ଯଥେଷ୍ଟ ସେତେବେଳେ କେମିତି ଏକରକମ ଲାଗେ । ଲାଗେ ଆମେ ମରିଛୁଁ, ମରିସାରି ଆଉଥରେ ଜନ୍ମ ହୋଇଛୁଁ ।"

ବୁଡ଼ା କହିଲେ "ସେ ତ ଠିକ୍ କଥା, ସେ କଥା ଭୁଲିଲେ ଚଳିବ କୋଉଠୁ ?"

ବାପି ଦବଦବାର ନୁହେଁ, କହିଲା "କିନ୍ତୁ ଶାସ୍ତ୍ର କହୁଛି ବେଳେ-ବେଳେ ପୂର୍ବ ଜନ୍ମର ବୃତ୍ତାନ୍ତ ମନେପଡ଼ି ଲୋକର ମନକୁ ଘାଣ୍ଟି ଚକଟି ପକାଏ, କିନ୍ତୁ ଯଶାନ୍‌ର ଯେପରିକି ତା ବି ମନେ ନାହିଁ । ଯଶାନ୍, ଯମୁନା ମନେପଡ଼େ ନାହିଁ ?"

ଯଶାନ୍‌ର ହସ କାଉଁଗଲା, କହିପକାଇଲା "ତୁମର ଭଉଣୀ ଯମୁନା ତ ମରିଯାଇଛି ବାପି, ଜାଇଛି ଜଣେ ଫନ୍ତମା ବଢ଼, ଜର୍ଜି ରହେମାନ୍ ତା'ର ଉପଯୁକ୍ତ ଯତ୍ନ ନେଉଥିବ ।"

ବାପି ହାତମୁଠା କରି ତା ପାଖକୁ ଧାଇଁ ଆସିଲା, କହିଲା, "ଆରେ ଶୁଆର୍ !" ବୁଢ଼ା ଜପ୍‌ ଥୋଇଦେଇ ଦି' ଥରେ ଗଳା ଖଙ୍କାରି ଖଙ୍କାରି କହିଲେ "ଆରେ ରହରହ ରହରହ, ଏ କ'ଣ ହେଉଛି ? ହଁ, ଧର ଶଂକର୍ ।"

ଜଣାଗଲା, ଏପାଖ ଆରାମଚୌକିରେ ବସିଥିବା ଲୋକଟି ନାଁ ଶଂକର, କିନ୍ତୁ ଏ ଅନୁଜ୍ଞା ଶୁଣି ହଠାତ୍ ଯେପରିକି ତାକୁ ବାତ ମାରିଲା, ସେ ପଛକୁ ବେକ ଗଳିଦେଇ ଦେହକୁ ଧନୁପରି କରି ପାଟି ଆଁ କରି ଚୋଲେଇ ରହିଲା । ସୁଶୀଳ ଦେଖିଲା, ତା'ର ଦି'ପାଟି ଅତି ବଡ଼ ବଡ଼

Digitized by srujanika@gmail.com

ଧଳା ପାଉଁଶିଆ ଦାନ୍ତ, ତାର ନାକ ଅଗଟି ପଛକୁ ରହିଛି, ପୁଡ଼ା ଦୋଟି ସଚେକ ଉପରକୁ ଖୋଲି, ଖୁବ୍ ତରତରରେ ନିଃଶ୍ୱାସ ମାରୁଛି ।

ଯଶୁନ୍ ଓଠ ମୋଡ଼ି ଦେଇ କହିଲା "କାହା ନ ହେଉଣୁ ତ ଏତେଟା ଦାୟିତ୍ୱ ମୋ ଉପରେ ଲଦି ଦେଉଛ ବାପି, କାହା ହୋଇଥିଲେ କ'ଣ ନ ହେଇଥାନ୍ତା ?" ଦାନ୍ତରେ ଦାନ୍ତ ଘଷି ବାପି କହିଲା "ସେ କଥା କି ତୁମେ କହିବ ? ପୁରୋହିତ ମନ୍ତ୍ର ପଢ଼ି ନ ଥିଲା, ଏଇ ତୁମର ପଡ଼ିଆରି ? ଏଇଥିପାଇଁ ତୁମେ ଆଜି ଯମୁନାର ଖବର ନେବାକୁ ମଧ୍ୟ ଚେଷ୍ଟା କରନା ? ଯାହାହେଲା ହେଲା, ତୁମେ ଡାକଲେ ସେ ଆଜି ଆସନ୍ତା ନାହିଁ ? ପାଁନ୍ତୁ ନାହିଁ ଆମେ ତାକୁ ? ଯମୁନା ତମକୁ ପ୍ରାଣଦେଇ ଭଲ ପାଉଥିଲା ଯଶୁନ୍ ।"

"ଓଃ ! ବ୍ରାଦାର୍ସ ! ବାପି, ଥାଉ ଥାଉ, ଆଉ ସେଗୁଡ଼ା ନୁହେଁ..." ଯଶୁନ୍ କଳା ପଡ଼ିଗଲା, ବଜୁଳି ଆଲୁଅ ପଡ଼ିଥିଲା ଯେପରିକି ଏକ ମୂର୍ଦ୍ଧାରର ମୁହଁ ଉପରେ ।

ବାପି ଗୃ' ପାଖରେ ଓଠ ଲୁଚେଇଲା । ଶଂକର ଯେପରିକି ଉପୁରେ ଗୃହ ପାଖକୁ ଅନେଇଲା, ଚମକି ପଡ଼ିଲା, ବୁଢ଼ା କହୁଛନ୍ତି ତାର ନାଁ—

"ଯା'ହଉ ଫତମା ହେଉ କ ମୋତ ବଦ ହେଉ ଯମୁନା ତ ବଞ୍ଚିଛି, ଆଉ ଏ ଶଂକରର କଥା କ'ଣ ? ବାପା କାହିଁ ? ମା କାହିଁ ? ଭାଇ କାହିଁ ? ଭଉଜ କାହିଁ ? ସେହି ଦଶ ମିନଟ୍ ଭିତରେ ଯେତେବେଳେ ମୃତ୍ୟୁର ଝଡ଼ ଆମ ସାହି କଂପେଇ କଂପେଇ ବୁଲୁଥିଲା, ଦାଉ ଦାଉ ଜଳୁଥିଲା ନିଆଁ, କୁଆଡ଼େ ଗଲେ ସେମାନେ ?"

ଶଂକର ତାର ଶୁଖିଲା ଓଠ ଉପରେ ଜିଭ ବୁଲେଇ ଆଣୁଛି, ଭୀତତ୍ରସ୍ତ ହୋଇ ଗୃହଆଡ଼କୁ ଅନଉଛି ।

ବୃଦ୍ଧ କହିଲେ "ରାସ୍ତା ସରୁଛି । ଅନ୍ଧାର ସରୁଛି । ରାସ୍ତାରେ ଆସୁ ଆସୁ କେତେଠି ପଡ଼ୁଛି କେତେ କଂକାଳ, ଝଡ଼ିଲା ଫୁଲର କଥା ତ ଛାଡ଼ିଦିଅ । ପଛକୁ ନାହିଁ; ଏଥର ଆଗକୁ ଅନାଅ ।"

Digitized by srujanika@gmail.com

ବାପି ସୁ ସୁ କରି କହିଲା, "ନା, ପଛକୁ ଅନାଇବାକୁ ହେବନି । ଯମୁନା ଆସିବ । ଘର ଆସିବ । ଜନମ ମାଟି ଆସିବ ? କାହିଁକି ଗୁଡ଼ ଆସିବ ? ଏ ଅବସ୍ଥା ରହିପାରେ ନାହିଁ । ମୋର ଭଉଣୀ ଦରକାର, ମୋର ଘର ଦରକାର..."

ଶଙ୍କର କହିଲା ପଦେ କଥା—"ଦରକାର, ଦରକାର", ତା'ପରେ ବଡ଼ ଆଁ ।

ବୁଢ଼ା କହିଲେ, "ଗୁଡ଼; ଆଜ ହ୍ୱି' ଆସୁ । ହ୍ୱି' ଖାଅ ଆଜ ହ୍ୱଙ୍ଗା ହଅ । ତମର କଥାଶୁଣି ଲାଗୁଚି ସତେ ଯେପରିକ ଏ ଓ୍ୱେଟିଂରୁମ୍ ନୁହେଁ; ଘର ।"

ଶଙ୍କର କହିଲା "ମଣିଷ ପୁଣି ଘର ତୋଳେ ।"

ଯଶ୍ୱନ୍ ମୁଖ ବିକୃତ କଲା, ଯାହା ନାଁ ହସ, କହିଲା "ଘରଣୀ ବି ଘରକୁ ଆସେ, ଛୁଆପିଲା ବି ହୁଏ ।"

ଶଙ୍କର ଆଚ୍ଛନ୍ନ ପରି ଅନାଇଁ ରହିଲା, ମନକୁ ମନ କହିଲା, "ଛୁଆ ପିଲା ବି ହୁଏ ।"

କେଉଁଠି ଯେପରିକ ଅନ୍ତଃସ୍ଥ କରୁଣ ରାଗିଣୀ ଭାସି ଆସୁଛି । ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରୁଛି ଅଥଚ ସମସ୍ତେ ତାକୁ ଅସ୍ୱୀକାର କରିବାକୁ ହିଁ ଚାହାନ୍ତି । ବୁଢ଼ା ଗଳା ଖଙ୍କାରି ଟିକିଏ ଘଡ଼ଘଡ଼ିହିଁ କଲେ ଓ ହ୍ୱିହା ପିଇଲେ ।

ଯଶ୍ୱନ୍ କହିଲା "କବିତାର କାମ ହଉଚି ସେ ଜୀବନକୁ ବଞ୍ଚି ରହିବା ଭଲ କରିଦିଏ, ନୂଆ ଘର ତୋଳିବାକୁ ସାହାଯ୍ୟ କରେ ।"

ବାପି ଗୋଲଟେବୁଲ ଉପରେ ଦୁଇ ହାତକୁ ଛକିଦେଇ ତହିଁରେ ମୁହଁ ଲୁଚେଇ ଦେଲା ।

ସୁଶୀଳ ଟିକ ଟିକ କରି ନଘା କରୁଥାଏ । ଦେଖୁ ଦେଖୁ ଆପେ କେତେବେଳୁ ଓଟାରି ହୋଇ ପହଞ୍ଚିଗଲଣି ସେଠି, ଯେଉଁଠି ଏକା ରକ୍ତରେ

Digitized by srujanika@gmail.com

ଗାର ପଡ଼ ହେଲେ ହିନ୍ଦୁ ମୁସଲମାନ୍, ଏକ ଭୂଇଁରେ ବାଡ଼ ପଡ଼ ହେଲା ପାକସ୍ଥାନ ହିନ୍ଦୁସ୍ଥାନ, ଯେଉଁଠି ସଞ୍ଚିତ ହିଂସା ପୁଞ୍ଜୀଭୂତ ମୂର୍ଚ୍ଛିତା ପ୍ରତିଶୋଧ ନେଲା ମଣିଷର ସହଜାତ ସ୍ନେହ ମୈତ୍ରୀ ଉପରେ । ଶିକ୍ଷା ସଂସ୍କୃତି ମଣିଷପଣ ସବୁ ଡୁବେଇ ଦେଇ ଚାଲିଲା ଖାଲି ମରଣ ଓ ମାରଣର କୋଳାହଳ, ମଣିଷ ପଶୁ ହେଲା । ନୂଆ ଦୃଷ୍ଟିରେ ଚାହିଁଲା ଏମାନଙ୍କୁ, ଏମାନେ ଗୃହହୀନ, ଆଶ୍ରୟହୀନ ଶରଣାର୍ଥୀ ମଣିଷ, ହୁଏତ କେଉଁଠି ଆଶ୍ରୟ ପାଇ ପାରିଲେଣି । କିନ୍ତୁ ଯାହା ଯାଇଛି ତାହା ଆଉ ଫେରିବ ନାହିଁ ।

ଭୃକ୍ତଭୋଗ ଭିତରେ ଖବର ଓଜନ ଯେପରିକ ବଢ଼ି ବଢ଼ି ଚାଲିଲା । ଯେପରିକ ବର୍ତ୍ତମାନ ବର୍ତ୍ତମାନ ହିଁ ନୁହେଁ, ଏସବୁ ଅପ୍ରାକୃତ, ବାସ୍ତବ କେବଳ ସେହି ଦୁଃସ୍ୱପ୍ନ, ଛୁରୀ ଭୁଷିବାର, ହାଣିବାର, କାଟିବାର, ପୋଡ଼ିବାର, ଘର ଭାଙ୍ଗିବାର, ଲୁଟିବାର, ବାସ୍ତବ କେବଳ ସେହି ତାଣ୍ଡବଲୀଳା ।

ହଠାତ୍ ସେ ଅବାସ୍ତବ ବାସ୍ତବତାକୁ ଭୁଟାଇ ଦେଇ ବୃଦ୍ଧ କହିଲେ "ମଟର ବସ କଥା କଣ ବୁଝିଲ ? କୋଉଠୁ ଧରିବାକୁ ହେବ, କ'ଣ ହେବ, ଇତ୍ୟାଦି ?"

ଯତୀନ୍ କହିଲା "ମୁଁ ଯାହା ବୁଝିଛି, ଏଠୁ ଜୟପୁରକୁ ଦି'ଖଣ୍ଡି ବସ୍ ଯାଉଛି, ଗୋଟାଏ ମାରୁତି ସର୍ଭିସ୍‌ର, ଆରଟା ବୈଶ୍ୱାନର କମ୍ପାନୀର ମଟର । ଦି'ଖଣ୍ଡଯାକ ସକାଳ ୮ଟାରୁ ୯ଟା ଭିତରେ ଛାଡ଼ିବ । ତେଣୁ ମଟରଷ୍ଟାଣ୍ଡ ଚାଲିଗଲେ ହେବ । ଯୋଉଟା ଆଗ ମିଳିବ ସେଇଥିରେ ଗଲେ ଚଳିବ ।"

ବୃଦ୍ଧ କହିଲେ "କିନ୍ତୁ ଆମପାଇଁ ଫ୍ରଣ୍ଟ୍‌ସିଟ ରଖା ହୋଇଥିବ କେଉଁଥିରେ ? ବୈଶ୍ୱାନର କମ୍ପାନୀ ଗାଡ଼ିରେ ନା ? ଆମେ ଜୟପୁରରୁ ଯାହା ଚିଠି ପାଇଥିଲୁଁ ରିଜର୍ଭେସନ୍ ତ ସେହି ଗାଡ଼ିରେ, ଉଡ଼ାଟା ଅବଶ୍ୟ ପଛେ ଦେବାକୁ ହେବ, ସେ ଯାହାହେଉ, ଫ୍ରଣ୍ଟ୍‌ସିଟ ଛାଡ଼ିବା କି ଦୁଃଖରେ ?"

Digitized by srujanika@gmail.com

ସମସ୍ତେ କହିଲେ, "ଠିକ୍, ଠିକ୍ ।"

ମଟର ଆଲୋଚନା ଶୁଣି ଜଳଖିଆ ଦୋକାନର ଲୋକ ଆସି ଆଗବଳି ପଡ଼ି କହିଲା, "ଆପଣ କଣ ଜୟପୁର ଯିବେ ?"

ବାପି କହିଲା, "ହଁ ।"

"ମଟର ତ ବର୍ତ୍ତମାନ ଅଛି ଏଇ ଷ୍ଟୋରରେ, ମେଲ ମଟର, ଡାକ ନେବାକୁ ଷ୍ଟେସନକୁ ଆସିଛି । ଡାକ ଦେବ ?"

ପଣ୍ଡିତ ପଚାରିଲା "କେଉଁ କମ୍ପାନୀର ?"

"ମାରୁତି କମ୍ପାନୀର ।"

ଅପେକ୍ଷା ନ କରି ସେ ଚାଲିଗଲା । କିଛି ସମୟ ପରେ ଆସିଲା ମଟର କଣ୍ଡକ୍ଟର । ପଚାରିଲା, "ଯିବେ ଜୟପୁର ?"

ବୃଦ୍ଧ କହିଲେ—"ନା ଆମେ ପଛେ ଯିବୁଁ ।"

କଣ୍ଡକ୍ଟର ଫେରିଗଲା ।

ବୃଦ୍ଧ କହିଲେ, "ଆମପାଇଁ ଫ୍ରଣ୍ଟସିଟ୍ ରିଜର୍ଭ ହୋଇଛି ରଠି ମିଳିଛି, ଆମେ ଆମର ନ୍ୟାଯ୍ୟ ଅଧିକାର ଛାଡ଼ି ଅନ୍ୟ ସ୍ଥାନକୁ ପାଦ ବଢ଼ାଇବୁଁ କାହିଁକି ? ନିଜର ଅଧିକାର ଛାଡ଼ିବା ଉଚିତ ନୁହେଁ । ଆଚ୍ଛା, ଜଣେ କଏ ବୁଝିଆସ ସେ ବୈଶ୍ୱାନର କମ୍ପାନୀର ବସ୍‌କୁ ପାଇବାର ଉପାୟ କ'ଣ ? କେତେବେଳେ କେଉଁଠିକି ଗଲେ ମିଳିବ ? ଅଳ୍ପ ନୁହେଁ, ଶହେ ମାଇଲରୁ ବେଶୀ ରାସ୍ତା ଯେ..."

ଶଙ୍କର ଉଠି ପଡ଼ିଲା କହିଲା, "ମୁଁ ଯାଉଛି ।"

ତା'ପରେ ସେ ଯାହା କଲା ସୁଶୀଳର ଆଖି ଖୋସି ହୋଇଗଲା ।

ଶଙ୍କର ଉଠି ଠିଆହେଲା, ଚାରିଆଡ଼କୁ ଅନାଇଲା, ତା'ପରେ ଚାରି ମସିଆ ଡାଳପକା ଛତାଟିକୁ ଉଭୟ ପଦାର୍ଥକୁ ସେ ବେତର

Digitized by srujanika@gmail.com

ଆରାମଚୌକି ଉପରେ ଥୋଇ ଦେଲା, କାଳେ କିଏ ସେ ଚୌକି ଅଧିକାର କରିବ ବୋଲି ଓ ପଦାକୁ ଗଲା ।

ସୁଶୀଳ ବିସ୍ମୟରେ ସେହି ଛତା ଓ ଗଣ୍ଡୁକୁ ଅନାଇ ରହିଲା— ଯାହାର ଘର ସଂପତ୍ତି ଯାଇଛି, ବନ୍ଧୁ ସ୍ୱଜନ ଯାଇଛି, ସବୁ ଯାଇଛି, ସେ ଆପଣାର କରି ରଖିବାକୁ ଖୋଜୁଛି ରେଳ ଷ୍ଟେସନର ୱେଟିଂରୁମ୍‌ରେ ଏକ ଆରାମଚୌକି । ତା ମଧ୍ୟ ଏହି ଦୁର୍ବଳ ଉପାୟଦ୍ୱାରା !

ଦୂରେ ଗଡ଼ର ଗଡ଼ର ଶୁଭିଲା ।

ଶଙ୍କର ଫେରିଆସି କହିଲା, "ଏଇ ବସ୍‌ରେ ଚାଲିଯାଇଥିଲେ ଭଲ ହୋଇଥାନ୍ତା ପରା, ଏ ବସ୍ ତ ଛାଡ଼ି ଦେଲାଣି, ତା'ପରେ ଆଉ ଏକମାତ୍ର ବସ୍ ଅଛି ସେଇ ବୈଶ୍ୱାନର କମ୍ପାନୀର, ଛାଡ଼ିବ ସକାଳ ୭ଟାରେ, ସେଥିପାଇଁ ମଧ୍ୟ ବାଡ଼ଆବାଡ଼ି, ସେଥିରେ ରିଜର୍ଭ କରି ଜାଗା ରଖେଇବା ଖାଲି ତୁଣ୍ଡ କଥା ସିନା, କାର୍ଯ୍ୟରେ ନୁହେଁ ।"

ହଠାତ୍ ସମସ୍ୱରରେ ସମସ୍ତେ କହିଲେ, 'ଓ ବାବ୍‌ବା !'

ବୃଦ୍ଧ କହିଲେ "ତା'ହେଲେ ଉପାୟ ! ଆଜି ଆମେ ଜୟପୁର ନ ପହଞ୍ଚିଲେ ତ ସବୁ ମାଟି, କରିଯିବ କ'ଣ ?"

ଶଙ୍କର କହିଲା, "ବଳଦଗାଡ଼ି ଠିକ୍ କରିଛି, ପଦାରେ ଠିଆ ହୋଇଚି । ଆମେ ସମସ୍ତେ ବର୍ତ୍ତମାନ ସିଧା ମଟରଷ୍ଟାଣ୍ଡକୁ ଚାଲିଯିବା, ସେଠି ଅପେକ୍ଷା କରିଥିବା । ଆଜି ଯେମିତି ବସ୍ ଆସି ପହଞ୍ଚିବ ସେମିତି ଚଢ଼ି ପଡ଼ିବା ଫାଷ୍ଟକ୍ଲାସରେ ।" ଶଙ୍କର ଆରାମଚୌକି ଖାଲି କରି ଦେଇ ଛତା ଓ ଗଣ୍ଡୁ ଉଠେଇ ନେଲା ।

ସମସ୍ତେ ତା'ର ପ୍ରସ୍ତାବକୁ ସମର୍ଥନ କରି କହିଲେ "ସେଇ ଭଲ, ସେଇ ଭଲ ।"

ସୁଶୀଳ ବି ନିଜ ଅଜାଣତରେ କହି ଲାଗିଲା, "ସେଇ ଭଲ, ଯାଆନ୍ତୁ ବାହାର ।"

Digitized by srujanika@gmail.com

ସେମାନେ ବାହାର ଗଲେ, ସୁଶୀଳ ଆଖି ବୁଜିଲା । କିନ୍ତୁ ବେଶୀ ବେଳ ନୁହେଁ, ଆଖିପତା ନ ଲାଗୁଣୁ ଜଣେ ଆସି ପଚାରିଲା, "ଜୋତା ପାଲିସ୍ ?"

ଆଉ ଜଣେ ପଚାରିଲା, "ରୁମ୍‌ ଦରକାର, ରୁମ୍‌ ?"

ଆଉ ଜଣେ ପଚାରିଲା "ପେପର୍ ? ଟଟକା ପେପରୁ ସାର୍ ?"

ଉଠିପଡ଼ି ବିସ୍ମିତ ହୋଇ ସୁଶୀଳ ସବୁଦିନର ଚିହ୍ନା ଚେନାଟି ବ୍ୟକ୍ତିଙ୍କୁ ।

Digitized by srujanika@gmail.com

ଶିକାର

ପାହାଡ଼ ତଳ ଅନ୍ଧାର ଖାଲରୁ ଗୋଟିକ ପଛେ ଗୋଟିଏ ହୋଇ ଉଠି ଠିଆହେଉଛନ୍ତି ସେମାନେ । ମୁଣ୍ଡରେ ନୁଖୁରବାଳ, ଅଣ୍ଟାରେ କୌପୁନ, ଦଳ ଦଳ ହୋଇ କେତେ ଲୋକ, ଚଉଆଡ଼େ ପାହାଡ଼ ପାଖରେ ଝାପ୍‌ସା ଝାପ୍‌ସା ହୋଇ ଦିଶିଯାଉଛି ତାଙ୍କ ଗାଁ, ହେଇ ତ ଦୂରରୁ ଦିଶୁଛି ଗାଁର ବୋହୂ ଝିଏ ଆସୁଛନ୍ତି ପାଣିକୁ । ଆଉ ଗୋରୁ ଗୋଠ ଛେଳି ଗୋଠ ଫେରୁଛନ୍ତି, ମଇଁଷି ପିଠିରେ ଲମ୍ବ ହୋଇ ଶୋଇ ତଳକୁ ଗୋଡ଼ ହାତ ଝୁଲେଇ ଦେଇ ବୁହାହୋଇ ଯାଉଛନ୍ତି ଗାଁର ଗାଈ ଜଗୁଆଳ ପିଲା ।

ରାସ୍ତା ଦୁ'ପାଖେ ସୂର୍ଯ୍ୟାସ୍ତର ନାଲିରଙ୍ଗ ଆଲୁଅରେ ତେଜି ଉଠୁଛି ଏଇ ଯେଉଁ ଧୂଆଁ ପତ୍ର କ୍ଷେତ, ସୋରିଷ କ୍ଷେତ ଆଉ ଏହି ଯେତେ ଜଡ଼ା କାଙ୍ଗୁ କାନ୍ଦୁଲ ଫସଲ, ଏଇ ଯେତେ ପରିବା ବଗିଚା ଯାହା ସ୍ତରକରେ ଉଞ୍ଚ ଉଞ୍ଚ ଝାଟି ଉପରେ ବଢ଼ାଳ ହୋଇ ଶିମ୍ବ ଲଟେଇଛି, ଲାଉ ଲଟେଇଛି, ଗଡ଼ା ହୋଇଛି କୁଞ୍ଜ, ସବୁ ତ ତାଙ୍କର ହାତର କରଣି । ଗୋଟିକିଆ ଗଛର ଡାକେନିଆ ଡାଳ ଉପରେ ଚଢ଼େଇବସା ପରି ଏହି ଯେଉଁ ଠିକ ଠିକ କୁଡ଼ିଆ, ଚଢ଼ି ଯିବାକୁ ତଳୁ ଉପରକୁ ଗୋଟାଏ ଲେଖାଁ ହାତ ଖଣ୍ଡିଆ ବାଉଁଶ, ତାଙ୍କର କ୍ଷେତଜଗା କୁଡ଼ିଆ ତ ସେ, ରାତଯାକ ମଞ୍ଚା ଉପରେ ଥାଇ ଶିଙ୍ଘା ଫୁଙ୍କା, ବଇଁଶୀ ଫୁଙ୍କା, ଆଉ ବରଗଛ ତଳେ ଠାଆଠାଆକେ ଏହି ଯେଉଁ ନଭିଲ ଚୂଲି, ଏଇ ଯେଉଁ ପାଉଁଶ, ଚୂଲି କଳାହୋଳା ପଥର, ସେଠି ରାତରେ ସେହିମାନେ ହିଁ ତ ରୋଷେଇ କରି ଖାଇଥିଲେ, ନିଶ୍ଚୟ ଏଇ ଗଲା ରାତିରେ । ଆଉ ଏ ଜମିର ମନଉଲୁସା ପାଚ ନିଶ୍ଚୟ ସେମାନେ ଉପୁଜେଇ ଥିଲେ । ସେମାନେ କାଟି ନେଇଥିଲେ । ପୁଣି ନେବେ ଏଥର ।

ନିଶ୍ଚୟ ନୂହନ୍ତି ଏମାନେ ଏ ଜମିରେ ଖମାର; ପରପାଖେ ମୁଣ୍ଡବିକା, ମାସକୁ ଆସୁ ଛ'ଟଙ୍କା ଦଅଣା, ନିଶ୍ଚୟ ନୂହନ୍ତି ଏମାନେ

Digitized by srujanika@gmail.com

ସନ୍ତାରୁଷୀ, ପାଚ୍ ନପାଚ୍ ସୁନାଖିଗଡ଼ ଲମ୍ବୋଦର ନେବ ଏ ଜମିରୁ ଏକ ‘ଗଡ଼ଶା’’ ସେ ଜମିରୁ ତିରିଶ ପୁଟି, ବର୍ଷଯାକ ଚଷି ଫସଲ ପାଇଲା ବେଳକୁ ଚୁକ୍ତି-ପତ୍ର କାଗଜ ଧରି ସେ ବସିଥିବ । “ଦେ ମାପିଦେ ମୋ ଭାଗ, ଲେଖା ପ୍ରକାରେ ଏକ ଗଡ଼ଶା ପୁଣି ମିଶା ଯାହା କରଜ ନେଇଥିଲୁଁ ଚୈତ୍ରରେ ଟଙ୍କାକେ ଦି’ ମାଣ ହିସାବର ସୁଧ—“ମନେ ନାହିଁ ଖାଇବାକୁ ନେଇଥିଲୁ, ତୋର ଖୋରାକ, ବଳଦର ଖାଦ୍ୟ, ବିହନ, ଲଗୁଡି, କଟାବୁହାମଳା, ଟଙ୍କାକେ ଦି’ମାଣ ହିସାବରେ ସୁଧ, ଦେ ଲେଖାକରି ସବୁହେଲା କେତେ ? ଗଡ଼ଶାଏ ପନ୍ଦର ପୁଟି ତ ? ପଚେଇଲୁ କେତେ ? ମଲା, ମଲା, ମୋଟେ ଗଡ଼ଶାଏ ? ସବୁ ନେଇ ବି ତୋ ଉପରେ ରହିଲା ପନ୍ଦର ପୁଟି, ଆରବର୍ଷକୁ ଶୁଝିବୁ । ସେମିତି ଅନୋଉଠ୍ କ’ଣ ? ପାଳ ଝାଡ଼ି ଘରକୁ ନେ, ମାଗଣା ଛାଡ଼ି ଦେଲି । ଭଲ କରି ଝାଡ଼ିଲେ ପାଳରୁ ପାଇଯିବୁ ପାଞ୍ଚପୁଟି ଧାନ । ମୁଁ କ’ଣ କରିବି କହ ? ଚୁକ୍ତି ଲେଖା ପ୍ରକାରେ ମୋ ଭାଗଟା ମରିବ କାର୍ତ୍ତିକ ?”

ଜଣ୍ଟୁପୁ ନୁହନ୍ତି ସନ୍ତାରୁଷୀ, ଭଗରୁଷୀ, ଖମାରି, ନହେଲେ ପାହାଡ଼ତଡ଼ା ପୋଡ଼୍ରୁଷୀ, କଂକର ପଥର ଉପରେ ତିନ ବର୍ଷକୁ ଖୋରାକର ବଗଡ଼, ଚେଣିକ ନାହିଁ, ଆଉ ଯାବତ ଭୟ ବାଘକୁ, ବଣ ଗାରଡ଼କୁ, କଚରିକୁ, ଜେଲ ଜୋରିମାନାକୁ, ତଥାପି ସବୁ ଭୟକୁ ଦେହ କାଠ କରି ପଥର ଉପରେ ପାହାର ଉପରୁ ପାହାର ଗଛ ଉପରେ ଟାଙ୍ଗିଆ ବେଣ୍ଟ ନିଆଁହୁଳା, ଆଉ ଦି’ ଗୋଡ଼ରେ ଡାଳୁଆ ପବତକୁ ଚାପି ଧରି ଛୁଆ ଅଣ୍ଡା ବସ୍ତି ସମେତ ପର୍ବତ ସଙ୍ଗେ କସରତ, ଖରାଏ ଖରାଏ, ବରଷାଏ ବରଷାଏ—

ନୁହନ୍ତି ଜଣ୍ଟୁପୁ ତା’ ଏମାନେ, ଏ ଜମି ତାଙ୍କର ପିତୃପୁରୁଷଙ୍କର, ଆଜି ପୁଣି ତାଙ୍କର; ଏ ପୋଟେଷ, ଏ କାନ୍ଦୁଲ୍, ଏ ଧୂଆଁପତ୍ର ତାଙ୍କର, ଆଉ ଏ ଯେତେ ସୁଆଁ, ମାଣ୍ଡିଆ, ଧାନ ପାହାଡ଼ କରରେ ତୋଟାଚଳ ଛୁଇରେ ଝାଟି ବୁଜା ହୋଇ ତାଙ୍କରି ଘରକରଣାର ସ୍ମୃତି ଏ ଜଦା ଗାଁ, କାହୁଙ୍ଗା ହଟେଇ ଡେଙ୍ଗା ହୋଇ ଠିଆ ହୋଇଛନ୍ତି ଶଳପ ଗଛ ଯେଉଁଠି । ତାହାରି ତଳେ ଥିବ ମୁହାଁମୁହିଁ ହୋଇ ଦି ସାଉଡ଼ି ଘର, ଏମୁଣ୍ଡ୍ ସେମୁଣ୍ଡ

Digitized by srujanika@gmail.com

ଏକ ସେଣି, ଏ ପାଖ୍ ସେ ପାଖ ଏକ ମତ, ସମସ୍ତେ ସମାନ, ଗାଁ ଗୋଟାକ ସମସ୍ତିଙ୍କର, ସମସ୍ତେ ଗାଁର, ମଝିଦାଣ୍ଡ କୁଦ ଉପରେ 'ଝାଙ୍କର' ଦେବତା ମା ଧରଣୀ, ସମସ୍ତେ ତାର ପୁଅ ଝିଅ, ଉପରେ ଧର୍ମ, ତଳେ ବସୁମତୀ, ସଂସାରରେ ସତ ହିଁ ଅସଲ, ଆଉ କନ୍ଥି ନାହିଁ—ଆଉ ସବୁ ମଣିଷ ଭାଇ ଭାଇ—

କେଉଁ ଛପିଲା ଲୁଚେଇ ଖାଲରୁ ଫାଟରୁ ଧାର ଧାର ହୋଇ ଗଡ଼ିଆସି ଖାଲ ସେପାଖ ମାଟିକୁଦ ଉପରେ ଠିଆହୋଇ ଦେଖୁଛନ୍ତି ପର ଲୋକମାନେ, ହେଇ ସେଇ ଶାଳ ବଣ ତଳେ, ମହୁଲ ବଣ ତଳେ, ବାଟ ହେଉ ନାହିଁ ମଣିଷ କ ଗଛ । ଅନେଇ ଦେଖୁଥିବେ ପଦା ଦୁନିଆରୁ କଳଗାଡ଼ ଚଢ଼ି ଆସିଛନ୍ତି କଏ ଧୋବଧାଉଳିଆ ମଣିଷ, କେତେ କୁତୂହଳରେ ନିରେଖି ଦେଖୁଥିବେ, ଆଉ ଭାବୁଥିବେ—କଏ ସେ ଏମାନେ ? ଶତ୍ରୁ କ ମିତ୍ର ? କ'ଣ ସ୍ୱାଙ୍କର ମତ ?

ଗାଡ଼ ଅଟକିଛି । ଆଠ ଦଶ ବର୍ଷର ଟୁଆହୋଟି ଅଳି ଧରିଛନ୍ତି ବଧୂଲି ଫୁଲ ନେବେ । ସେଇ ନାଲି ସୂର୍ଯ୍ୟାସ୍ତରେ ନାଲି ନିଆଁ ପରି ଲତାଏ ଲତାଏ ଖୁନ୍ଦି ହୋଇଛି ନାଲି ବଧୂଲି ଫୁଲ, କାନ୍ଦକ କାନ୍ଦ ଭଙ୍ଗା ଝୁଲିଛି । ଭାବୁଥିବେ ସେମାନେ, ଏମାନେ ବି ସେଇ ପିଲା, କାହା ଘର ପିଲା ପରି ଫୁଲକୁ ସଉକ, ଏମାନେ ବି ସେଇ ମଣିଷ, ସେଇ ବାପ, ଯେତେ କାମଥାଉ ପିଲାଙ୍କ ଅଳି ମେଣ୍ଟେଇବାକୁ ହାତ ବନ୍ଦ କରିବେ । ବେକ ଉଦ୍ଦଂକେଇ ଗୋଛି ହୋଇ ଅନେଇଥିବେ ସେମାନେ, ବିଶ୍ୱାସ ହେବନି, ଏମାନେ ବି ସେଇ ମଣିଷ । କଳକଳା ରଡ଼ ଛାଡ଼ି ଆନନ୍ଦରେ ଡୁହାଟ ମାରି ଡେଇଁ ଡେଇଁ ଧାଇଁ ଆସି ନିମନ୍ତ୍ରଣ କରିବେ, ଅଳି କରିବେ, ଜାଟ ହଲେଇ ହାତ ହଲେଇ ଅବୋଧ ଭାଷାର ଝରଣା ବୁହାଇ ଦେଇ ନେହୁରି ହେବେ— "ଆସ ଆଜି ଆମ ଗାଁରେ ରହ, ତୁମେ ବି ମଣିଷ ଆମେ ବି ମଣିଷ । ଆସ ନ ହେଲେ ତୁମ ଆୟା (ମା) ମାନେ ଦୁଃଖ କରିବେ, ଝିଅମାନେ କାନ୍ଦିବେ, ସଙ୍ଗାତୁଣୀମାନେ ରୁଷିବେ । ଆସ, ଆମେ ଆଜି ଭୋଜି କରିବା, ନାଟ କରିବା, ସଳପ ମଦ ଅଛି ପିଇବାକୁ ଦେବୁ, ବୁଡ଼ୀ ଗୋରୁ ମାରି ଖାଇବାକୁ ଦେବୁ । ଆଉ କୁକୁଡ଼ା କୁକୁଡ଼ା ଡିମ୍ବ, କଦଳୀ, ଯାହା ଅଛି ସବୁ ଦେବୁ ।

Digitized by srujanika@gmail.com

ନଆଁ ଆମ୍ବା ଜାଳ ଜଗି ରହିଥିବୁଁ ରାତିଯାକ, ସକାଳ ହେଲେ ଆଉ ଗାଁ'ଯାକେ ପାଗ୍ଲେଛି ଯିବୁ । ଏ ତୁମର ଘର, ଏମାନେ ତୁମର ପିଲାଛୁଆ, ଏ ତୁମର ଗାଁ, କାରଣ ତୁମେ ବି—ମଣିଷ ।"

ଧାଇଁ ଆସିବେ ପରା ଏଥର ।

ଯାଃ, ସୂର୍ଯ୍ୟ ବୁଡ଼ି ଗଲାଣି କେତେବେଳୁ, ପଛରେ ରହିଥିବା ପଶ୍ଚିମ ମଠର ଚୂଳ ଝିଙ୍କା ପରି ଦ' ପାଖର ଗୋଳିଆ ପାହାଡ ମଝିରେ ଯେଉଁ ନାଳ ଧାସ ସେ ଧୀରେ ନଭ ଆସିଲାଣି, ଘର ପାଖରୁ ଗୁଇ ମାଡ଼ି ଆସୁଛି, ଗାଁ ଗଣ୍ଡା ନାହିଁ, ମଣିଷ ନାହାନ୍ତି, ଗୋରୁ ଗୋଠ ନାହାନ୍ତି, ଖାଲି ଭୁକ୍ତା ଜଙ୍ଗଲ, ପୂର୍ବଘାଟ ପର୍ବତମାଳା, ପୋଡ଼ାହୁଣା ଲଣ୍ଡା ପାହାଡ ସବୁ ଅନ୍ଧାର ଘୋଡ଼ି ହୋଇ ଦିଶୁଛି ଅଗନାଗିଣ ବନସ୍ତ ପରି, କେଉଁ ଅଷ୍ଟତରେ କାହା ମୁଣ୍ଡ ବନ୍ଧା କୋଚଟ ଫିତା ପରି ପୂର୍ବ ଆଡ଼କୁ ଖଣ୍ଡେ ଦୂର ଲମ୍ବି ରହିଛି ରାସ୍ତା, ତା'ପରେ ଅନ୍ଧାରରେ ହଜିଛି, ଆଜ ପାହାଡ଼-ତଳ ଖୋଲ ଆଡ଼କୁ ହାତ ଦେଖାଇ ବୁଢ଼ା ଲକ୍ଷ୍ମୀନାରାୟଣ କାହାଣୀ କହି ଲାଗିଛି—

"ଏଇଠି ଅଙ୍କା, ସ୍ୱାଶ ନାଁ ଝୁମ୍ପାବାଣ୍ଡ ନାଳ, ସେପାଖକୁ ଖଣ୍ଡେ ବାଟରେ ପାହାଡ଼ ସନ୍ଧରେ ଝୁମ୍ପାବାଣ୍ଡ ଗାଁ ଅଛି । ଅତି ପାତାଳ ସ୍ପର୍ଶା ସେ ନାଳ, ପଥରଗୁଡ଼ିକୁ କାଟି କାଟି ତରତର ହୋଇ ଧାଇଁ ଧାଇଁ ଯାଇଁ ନାଗାବଳୀ ନଈରେ ମିଶିଛି, ଯେମିତିକି ବାଛୁରୀ ଧାଇଁଛି ମା' ପାଖକୁ । ଏ ପାଖରୁ ଝୁମ୍ପାବାଣ୍ଡ ଗାଁକୁ ଯିବାକୁ ହେଲେ ଗୋଟାଏ ବୁଲା ବାଟ ଅଛି, ପଛକୁ ଆସିବାକୁ ପଡ଼ିବ ଡାକେ ବାଟ, ସେଠି ଆସ୍ତେ ଆସ୍ତେ ସେ ଗହୀର ପାତାଳକୁ ଓହ୍ଲାଇବାକୁ ପଡ଼ିବ । ସେଇଠୁ ନାଳେ ନାଳେ ଅଗକୁ ଥୋଡ଼ାଏ ବାଟ ଗଲେ ଉଠିବାକୁ ଅଛଡ଼ା, ତା'ପରେ ଆଉପାଶ । ବନ୍ଧୁକ୍ଷା ଫଉଜ ଏଇ ପାଖରେ ତାଙ୍କୁ ହାବୁଡ଼ ଗଲେ । ଦ' ଦିନ ଆଗରୁ ଘର ଛଅ ଜାଗାରେ ମାଡ଼ ଖାଇ ଖାଇ ଦଶଖଣ୍ଡ ଗାଁ ଲୋକ ଏପାଖେ ଆସି ଜୁଣ୍ଡିଥିଲେ । କଏ ନ ଥିଲା ସେଠି ? କାଲପାଇ ଗାଁ ଲୋକ, ବାଲପାଇ ଲୋକ, କନାପାଡ଼ି, ରେଙ୍ଗା ହାଣ୍ଡି, ଦାମନଗଣ୍ଡା, ଦଣ୍ଡାବାଡ଼, ଫଟାଟିକର

Digitized by srujanika@gmail.com

ମୁଣ୍ଡ ଯେତେ ଝାଣୁଆ ଝାଣୁଆ ଲୋକ ଆଜ୍ଞା, ଏମିତି ସଞ୍ଜ ପଡ଼ି ଆସୁଥିଲା, ନାଳ ଏ ପାଖରେ ପଥର ଢିପ ତଳେ ସାରି ବଡ଼ ଆମ୍ବ ତୋଟା ଅଛି, ସେଇଠି ସେମାନେ ରାତିର ଖାଦ୍ୟ ଖାଇବେ ବୋଲି ବସି ପଡ଼ୁଥିଲେ, କିଏ ଲଣ୍ଡ ଭୁମ୍ବାରୁ ଚଢ ଦନାରେ ଅଜାଡ଼ି ଅଜାଡ଼ି ଜାଉ ପିଉଥିଲା, କିଏ ପିଇବ ବୋଲି ସଜ ହେଉଥିଲା, କିଏ ପିଇସାରି ଧୂଆଁ ଚଢ ବଢୁଥିଲା ପିକା ଲଗେଇବ ବୋଲି, ସେତେବେଳକୁ ଘରୁ ଛୁଡ଼ି କାହିଁ ମାସେ ପନ୍ଦର ଦିନ ହେଲାଣି । ବୁକୁ ଜୁଳୁ ଗୋଡ଼ରୁ ପାଣି ମଲାଣି । କଚ୍ଛୁ ତ କୁଆଡ଼ୁ ହେଲା-ନାହିଁ, ଫଉଜ ଆସି ଗଲେଣି, ନାକ ପାଣି ତାଙ୍କ ଗାଁସବୁ ଫେରୁଥିଲେ, ଆଉ ଏଣୁ ଗୁପ୍ତରେ ଖବର ପଠାଅଗଲା । ଫଉଜ ଚଢ଼ିଗଲେ ଏପାଖ ଢିପ ଉପରେ ତା'ପରେ ଗୁଳିର ଗୁଳି ଫାଏର, ଢୁ ଢା ଢୁ ଢା—”

“ଏଁ ! ଗୁଳିଫାୟାର !” ଶ୍ରୀଚରଣ ଚମକି ପଡ଼ିଲା । ଏଭଳି ଶାନ୍ତ ବନାନୀ କୋଳରେ ଆଦିମ ଋଷି ଜୀବନର ସ୍ୱପ୍ନ ସହିତ ସେ ଗୁଳି ଫାୟାରକୁ ଯୋଡ଼ି ପାରିଲା ନାହିଁ । ହେଇତ ସେମାନେ ଆସି ସତକୁ ସତ ଜୀବନ୍ତ ଲୋକ ପରି ତା'ର ଚେତନା ଭିତରେ ଠିଆ ହୋଇ ତାକୁ ନିମନ୍ତ୍ରଣ କରୁଥିଲେ, ଏ ଧ୍ୟାନ ପାଇଁ ପରିଶ୍ରମ ପଡ଼ି ନାହିଁ, ଦରକାର ପଡ଼ିନାହିଁ ଆସନରେ ବସି ନାକପୁଡ଼ା ଚିପି ନିଃଶ୍ୱାସ ଅକ୍ତିଆର କରି ପ୍ରାଣାୟାମ କରିବା, ଦରକାର ପଡ଼ିନାହିଁ ପରି ହାତଲେଖା ଉପନ୍ୟାସ ପଢ଼ି ଏମାନଙ୍କୁ କଳ୍ପନାରେ ଦେଖିବା କିମ୍ବା ସହରକୁ ଯାଇ ଲୋକ ଗହଳି ଅନ୍ଧାର ଘରେ ବନ୍ଦୀ ହୋଇ ଧଳା ପର୍ଦ୍ଦା ଉପରେ ସିନେମା ଛବିରେ ମଣିଷ ଜୀବନ ଦେଖି ଉର୍କି ମାରି ଜୀବନକୁ ଉପଭୋଗ କରିବା । ଅତି ସହଜରେ ମନରେ ଉଠିଥିଲା ଏ ଚିତ୍ର, ଯେପରିକି ଏଭଳି ପରିବେଷ୍ଟନୀ ଉପରେ ପବନର ଅଦେଖା ଆବରଣ ପରି ସେ ମୂଳରୁ ରହିଛି, ଆପେ ଅନୁଭବ କରିହୁଏ, ବସ୍ତୁର ସ୍ଥୂଳ ରୂପକୁ ଘେରି ରହିଛି ଭାବରୂପ, ରେଡ଼ିଓ ଯନ୍ତ୍ରରେ ଦୂରର ସଙ୍ଗୀତ ଧରିଲା ପରି ମଣିଷର ଭାବନା ଯନ୍ତ୍ରରେ ବସ୍ତୁର ଭାବରୂପ, ସ୍ଥଳର ଭାବରୂପ ଆପେ ଧରା ଦେଇ ମନରେ ଆଙ୍କିଛି ଚିତ୍ର, ବଣ ପର୍ବତ, ପାହାଡ଼ ଚାଷୀ, କ୍ଷେତ ଖଳା କରି କୁଡ଼ିଆ ଗାଈ ଗୋରୁ ଏସବୁ ମିଶି ଏ ସ୍ଥଳରେ ସମଷ୍ଟି ଆଜି ତାର ଭାବରୂପ ଏ ଋଷି ମୂଳିଆ

Digitized by srujanika@gmail.com

ସାଧାରଣ ମଣିଷଙ୍କ ସରଳ ଜୀବନ, ଏକା ଚୋଟରେ ଛନ୍ଦାନ୍ଧ ଦୁନିଆସାର ।

ରକ୍ତପାତ ନୁହେଁ, ଗୁଳି ଫାୟାର ନୁହେଁ ।

ଲକ୍ଷ୍ମୀନାରାୟଣ ଜୟାଢ଼ରେ କଣ୍ଢ ଲଗିଲା, ଯେପରିକ ପ୍ରତ୍ୟକ୍ଷଦର୍ଶୀ ଐତିହାସିକ ଘଟନା ବର୍ଣ୍ଣନା କରୁଛି, ଯେପରିକ ସେଣ୍ଟ ବର୍ଥୋଲୋମିଓ ଦିନ ତା ନଜରରେ ଚହଟିଛି ଆଉ ବୁଢ଼ା ହାଡ଼ ଚେଇଁ ଉଠିଛି ଏକ ରକ୍ତଲୋଲୁପ ଅରଣ୍ୟ ପ୍ରେରଣାରେ, ନିଜେ ନିଜର କୁଟିଳ ବଖାଣିଲା ପରି ଆପଣା ଭିତରର 'ମୁଁ ପଣ' ମଣିଷର ବୁଢ଼ା ଦେହକୁ ବରଫ ପାଣିରେ ବୁଡ଼େଇ ଦେଇ ବୋହିଯାଉଛି ଲୋକଦେଖାଣିଆ ସୁଖ ପରି କଣ୍ଢ ଲଗିଛି—

"ଢ଼ଡ଼ା ଢଡ଼ା ଗୁଳି ଫାଏର ହେଲା, ଡାଇ ଡାଇ ଡାଇ ଡାଇ, —ଚଟ୍ରିଇମର ନଳ ନୁହେଁ ତ, ଏକଦମ୍ ବିଲାତି ରାଇଫଲ୍, ତାର ଗୋଟାଏ ଗୋଟାଏ ମାଡ଼ରେ ହାତୀ ଟଳି ପଡ଼େ, ପଥର ଫାଟିଯାଏ, ସେଇଥିରେ ଫଉଜ ଚଳେଇ ଦେଲେ ଡାଇ ଡାଇ ଡାଇ, ତା' ଉପରେ ତା ଉପରେ, ଆଖି ପିଛୁଡ଼ାକେ ଟଳି ପଡ଼ିଲେ ଗଦା ଗଦା । ସେଇଠୁ କ'ଣ ହେଲା ନା ଯେତେ ମନ୍ଦା ମନ୍ଦା ଥିଲେ ସବୁ ପ୍ରାଣ ବିକଳରେ ଧାଇଁଲେ, ହେଲେ କ'ଣ ହେବ ? ଜୀବନ ବଞ୍ଚେଇବାକୁ ଦଉଡ଼ ପଳେଇଲେ ଠିକ ମରଣ ମୁହଁକୁ, ପଛଆଡ଼େ ଏଇ ଝୁଂପାବାଣ୍ଡ ନାଳ ଯେମିତିକି ପାଟି ଆଁ' କରି ଅପେକ୍ଷା କରିଥିଲା ପାଇଲେ ଗିଳିଦେବ, ଅଣନିଶ୍ବାସରେ ଦଉଡ଼ ଦଉଡ଼ ପଡ଼ିଲେ ଗୋଟିକି ଗୋଟି ତାରି ଭିତରେ, ଗୋଟି ଗୋଟି କ'ଣ ? ମନ୍ଦା ମନ୍ଦା, ଗୋଠ ଗୋଠ, ପଡ଼ିଲେ ଆଉ ଚୂନା ହେଲେ, ଖାଲି ତ ସେଇ ଆଡ଼କୁ, ଯେମିତିକି ବାରୁଦ୍ଧା ପଲ ଗାତରେ ଗଡ଼ ପଡ଼ନ୍ତି ସେମିତି । ଆଗରେ ଗାତ ଖୋଳା ହୋଇଥିବ ପଛରୁ ବାରୁଦ୍ଧା ପଲକୁ ହୁରୁଡ଼େଇ ଦବ, ଧାଇଁ ଧାଇଁକା ଗୋଟାଏ ସେ ଗାତରେ ପଡ଼ୁ ପଡ଼ୁ ପଛରୁ ଫେରୁ ଆଉ ଗୋଟାଏ, ଫେରୁ ଆଉ ଗୋଟାଏ ବାଟ ବନ୍ଦେଇ ଅନ୍ୟ ବାଟେ ବୁଲିଯିବାକୁ-ତାଙ୍କର ବୁଦ୍ଧି ପାଏ ନାହିଁ । ସେମିତ କୋଡ଼ି କୋଡ଼ି ପଚିଶ ପଚିଶ ଶହ ଶହ କରି ସେଇ ନାଳ ଭିତରକୁ ଡେଇଁ ପଡ଼ିଲେ ଗଦା ଗଦା ।

Digitized by srujanika@gmail.com

ଅସଲ୍ ଗୁଳି ମାଡ଼ରେ ଦଶ ମରୁଥିବେ କୋଡ଼ିଏ ପଚାଶ ତା'ର ଦଶଗୁଣ ମଲେ ସେ ଗାଡ଼ ଭିତରେ, ସେଇଠୁ—"

ଲକ୍ଷ୍ମୀନାରାୟଣ ମୁହଁ ପୋଛିଲା, ତା'ପରେ କହି ଲାଗିଲା, "ସେଇଠୁ ଫଉଜ ଛୁଣ୍ଡେଇ ପକେଇଲେ ଗୁଳିଖାଇ ମରିଥିବା ଆଉ ଛଟପଟ ହେଉଥିବା ଲୋକଗୁଡ଼ାଙ୍କୁ, ଆଉ ଘୋଷାର ଘୋଷାର ଗଡ଼େଇ ଦେଲେ ଝୁଂପାବାଇ ନାଳ ଭିତରକୁ, ଯାଃ, ସମସ୍ତେ ଗଦା ହୋଇଥାନ୍ତି ଏକାଠି, ଉପରେ ଚୋଟା ତଳେ ଆଉ ରକ୍ତ ବର୍ଣ୍ଣ ନାହିଁ। ସେଇଥର ଯେ ଅସଲ ଗାଁ ଗୁଡ଼ାକର ଅଣ୍ଟା ଭାଙ୍ଗିଗଲା। ଓଃ କମି ଅବାଧ୍ୟ ହୋଇଥିଲେ ସେମାନେ ? ଏକା ଜିଦ୍ ଧରିଥିଲେ ଆମେ ବଡ଼ ରଜାଙ୍କୁ ଖଜଣା ଦବୁ ନାହିଁ, ସାନ ରଜା ଆମ ରଜା ଆମେ ତାଙ୍କୁ ଖଜଣା ଦବୁ, ଯାଅ ତମର ଯାହା କରିବାର ଅଛି କର, ଆମେ ସାନ ରଜାଙ୍କୁ ଖଜଣା ଦବୁ। ଯେମିତି ସରକାର ବଳ ଚଳେଇଲେ ପାଇକ ପଠେଇଲେ ମୁଖିଆ ମୁଖିଆ ଲୋକଙ୍କୁ ବାନ୍ଧି ପକେଇଲେ ସେମିତି ଗାଁ' ଗାଁ'କେ ଗୁଳିଥିଲା ମେଳି, ମାଇକିନିଆମାନେ ବି ମାତି ଉଠିଥିଲେ, ସୋପ୍ରେଣ୍ଟ ସାହେବ ଉପରେ ତେଲ୍ ହେଜ ଢାଳି ଦେଇଥିଲେ, ତାଙ୍କର ଯେଉଁ ତେଜ, ଯେଉଁ କଥା ସେତେବେଳକା କଥା ମହାଭୟମ, କୌଣସି ଗାଁକୁ ନବପଦରେ ପଶିବାକୁ କାହାର ସାହସ ପାଉ ନ ଥିଲା, ବାଘକୁ ଯିନା ଡର, ସେ ମଣିଷକୁ ସମସ୍ତେ ଡରୁଥିଲେ ବାଘଠୁଁ ବେଶୀ। ଆଉ ଏମିତି ଠା ଠାକେ ଗୁଳି ଫଏର ପରେ ସତେକି ଦେବତା ଓହ୍ଲେଇଗଲା, କାଳସୀ ଛୁଟିଗଲା, ସବୁ ତେଜ କୁଆଡ଼େ ପାଣି ଫାଟିଗଲା, ଫେର୍ ସେ ଲୋକେ ବଡ଼ ରଜାକୁ ଖଜଣା ଦେଲେ, ପାଇକ ଦେଖିଲେ ଗୋଡ଼ତଳେ ପଡ଼ିଲେ, ତୁଣ୍ଡ ମୁଣ୍ଡ ନ ଫିଟେଇ ଯୋଉ କାମ ବରଗିଲେ ସେ କାମ କଲେ, ପୃଥ୍ୱୀ ଶୀତଳ ହେଲା। କିନ୍ତୁ ସେତକ କରିବା ଆଗରୁ ଏ ସଡ଼କ କର ଝୋଲ ଭିତରେ ମଡ଼ ଚଢ଼ିଗଲା ଗଦା ଗଦା, ଏଠି ବେଶୀ ହୋଇଗଲା, ଆଉ ପାଞ୍ଚ ସାତ ଜାଗାରେ ଊଣା ଊଣା। ସେ କାଳର କଥା—ଆଃ—ଛାଡ଼।"

ପିଲା ଦୁହେଁ ଭୁକ ହୋଇ ଶୁଣୁଥିଲେ, ଏ ଯେପରିକି ଇତିହାସ ବହିରୁ ଏକ ସୁନ୍ଦର କାହାଣୀ। ପିଲାଳିଆ ଅନୁଭୂତିରେ ହାଣକାଟ, ଯୁଦ୍ଧ,

Digitized by srujanika@gmail.com

ଗୁଳି ଫୁଟା ଏଗୁଡ଼ାକ ଦେଖି ନାହିଁ, ଖାଲି କାହାଣୀ, ଶୁଣିବାକୁ ମଜା, ଦେଖିବାକୁ ମନ, ଗପିବାକୁ ଭାବିବାକୁ ଖୁବ୍ ଉତ୍ସାହ ।

କୁନା ପଚାରିଲା, "ଏ କ'ଣ ଯୁଦ୍ଧ ? ଆମ ବହିରେ ଅଛି ମହମ୍ମଦ ଘୋରି ଭାରତ ଆକ୍ରମଣ କଲାବେଳେ ଏମିତି କେତେ ଲୋକ ମରିଥିଲେ ।" ତାର ବୟସ ନଅ, ଷଷ୍ଠ ଶ୍ରେଣୀରେ ପଢ଼େ, ମଣିଷ ମରିବା ଦେଖି ନାହିଁ, ପଚାରିଲା "ସତେ, କହ, ଯେ କ'ଣ ଯୁଦ୍ଧ ?"

ଲକ୍ଷ୍ମୀନାରାୟଣ କହିଲା "ନାହିଁ ତାକୁ କହନ୍ତି ଶିକାର ।"

ମିନି କହିଲା "ହଃ ଶିକାର ନା କଣ ? ଯୁଦ୍ଧ ତ' । ଏମିତି କେତେ ଯୁଦ୍ଧ କଥା ଆମ ବହିରେ ଲେଖା ଅଛି ।" ତାର ବୟସ ଦଶ, ସପ୍ତମ ଶ୍ରେଣୀରେ ପଢ଼େ । କହିଲା, "ସେ କ ଯୁଦ୍ଧ, ଆହୁରି କେତେ ବଡ଼ ବଡ଼ ଯୁଦ୍ଧ କଥା ଆମେ ପଢ଼ିଛୁ—ମହାଭାରତ ଯୁଦ୍ଧ, ପାନିପଥ ଯୁଦ୍ଧ, ପଲାସୀ ଯୁଦ୍ଧ, ପୃଥିବୀ ମହାଯୁଦ୍ଧ—"

କୁନା କହିଲା "ସେ ତ ଯୁଦ୍ଧ, ସେଥିରେ ବେଶୀ ଲୋକ ମରିଥିଲେ, ସେ ତ ଖାଲି ଶିକାର ।" ଲକ୍ଷ୍ମୀନାରାୟଣ ଇତିହାସ ପଢ଼ିନାହିଁ, ପିଲାଙ୍କ ଅବଜ୍ଞାରେ ତେଜଉଠି ସେ କହିଲା "ଏଥିରେ ବେଶୀ ଲୋକ ମରିଥିଲେ । କେତେ ମଲେ କିଏ ଲେଖା କରିଚି, ଓଃ ସେ ଯୋଉ ମାଡ଼ କ'ଣ କହିବି ସେ କଥା, ଆମେ ଆଉ ଫଉଜ ଆଗେ ଆଗେ ବାଟ ବତେଇ ଦେବାକୁ, ନ ହେଲେ ଏ ବଣ ପାହାଡ଼ ଭିତରକୁ ବାଟ ପାଆନ୍ତେ ସେମାନେ କେମିତି ? ସେମାନେ ଗୋଡ଼େଇ ଗୋଡ଼େଇ ମାରୁଥାନ୍ତି, ଘରେ ଥିଲେ ଗାଁ ଘେରେଉ କଲେ, ପାହାଡ଼ରେ ଚଢ଼ିଲେ ପାହାଡ଼ ଘେରେଉ କଲେ, ପଳେଇବେ କୋଉବାଟେ ?"

କୁନା କହିଲା "ସେମାନେ ଯେ ମଲେ ସେଇଠୁଁ କ'ଣ ହେଲେ ?"

ଲକ୍ଷ୍ମୀନାରାୟଣ କହିଲା, "ହେବେ ଆଉ କ'ଣ ? ଭୂତ ହେଇଥିବେ ।"

Digitized by srujanika@gmail.com

ମିନ କହିଲା, "ଭୂତ !" ସେ ତା ବାପା ପାଖକୁ ଘଷି ହୋଇ ବସିଲା ।

କୁନା କହିଲା, "ମିଛ କଥା, ବାପା ତ କହୁଛନ୍ତି ଭୂତ ନାହିଁ, ମୁଁ ସେ କଥା ପଚ୍ଚୁରୁନାହିଁ । ସେ ଯେଉଁମାନେ ମଲେ, ନାଳରେ ପଡ଼ି ରହିଲେ, ତାଙ୍କ ମୁଦ୍ଦାର କ'ଣ ହେଲା ?"

ଲକ୍ଷ୍ମୀନାରାୟଣ କହିଲା, "କ'ଣ ଆଉ ହବ ? ନାଳ ଉପରଯାକ କାଉ, ଶାଗୁଣା, ବିଲୁଆ ସମସ୍ତେ ଆସି ଗଦା ହେଲେ, ଯେତେ ଆସିଲେ ଏତେ ମଡ଼ାକୁ କେମିତି ସଫା କରିବେ ? ସବୁ ପଚି ଗଲା, ଗନ୍ଧ ଯେ ଏ ବାଟେ କେହି ଚାଲିଯିବାକୁ ଉପାୟ ନାହିଁ, ତିନ କୋଶ ଯାଏ ଖାଲି ସଡ଼ା ଗନ୍ଧ, ସବୁ ସଡ଼ି ପଚି ମାଟି ହୋଇଗଲା । ହାଡଗୁଡାକ ଏଠି ସେଠି ପଡ଼ି ରହିଥାଏ । କେତେବର୍ଷ ଯାଏ ସେ ବି ମାଟି ପଥର ହୋଇଯିବ । ଆଉ ତା କଥା କିଏ ପଚ୍ଚୁରେ ? କନ୍ଧ ମେଳି ତ ଭାଙ୍ଗିଗଲା—"

କୁନ କହିଲା, "ଯେଉଁମାନେ ମଲେ ତାଙ୍କ ଘରେ କାନ୍ଦିଲେ ନାହିଁ ?"

ଲକ୍ଷ୍ମୀନାରାୟଣ କହିଲା "କାନ୍ଦିବେ ନାହିଁ ? ଗାଁ' ଗାଁ' ମାଇକିନିଆମାନେ ଚୁଣ୍ଡ ହୋଇ ବାହାରି ବାହାରି, ଆସନ୍ତି ଝୁମ୍ପାବାଣ୍ଡି ନାଳ ପାଖକୁ । ବସି ବସି କାନ୍ଦନ୍ତି, ଭୂଇଁରେ ଗଡ଼ନ୍ତି, ଆଣେ ବାଳକୁ ଓଟାରି ଓଟାରି ଛିଣ୍ଡାନ୍ତି, ନଖରେ ଆମ୍ପୁଡ଼ି ଆମ୍ପୁଡ଼ି ମୁହଁ ଗାଲ ଚିରି ଚିରି ନହୁଲୁହାଣ ହ'ନ୍ତି, ସଞ୍ଜହେଲେ ପୁଣି ଚାଲି ଯାଆନ୍ତି । ଶୁଣାହେଲା କୋଉ କୋଉ ମାଇକିନିଆ କାନ୍ଦି କାନ୍ଦି ବାୟାଣୀପରି ହୋଇ ନାଳକୁ ଡେଇଁପଡ଼ି ଆତ୍ମହତ୍ୟା କଲେ, କାନ୍ଦନ୍ତୁ କି ମରନ୍ତୁ, ଆଉ କ'ଣ ଗଲା ଲୋକ ଫେରି ଆସିବ ? ଯେ ମଲା, ସେ ମଲା । ଚାଷ ବେଉସା ବର୍ଷେକାଳ ବନ୍ଦ ରହିଲା, ପୁଣି ଚାଲିଲା । ସେତିକବେଳେ କେତେ ବାହାର ଲୋକେ ପଶି ଆସି ଶସ୍ତାରେ ସବୁ ଜମି କିଣିନେଲେ, ଲୋକେ ତ ଡରିଗଲେ, ଯେ ଯାହା ମନ କଲା ତା ପାଇଗଲା । ଆସିଲେ ଜମି କିଣା ସାହୁକାର,

Digitized by srujanika@gmail.com

ଋଣ ଦେବା ସାହୁକାର, ଜମି ସବୁ ଯେମାନେ ନେଲେ, ଲୋକଙ୍କୁ ମୂଲ ଦେଇ ଖଟେଇଲେ, ରଜାକୁ ଖଜଣା ବାନ୍ଧିଲେ, ସବୁ ସୁବିଧା ହୋଇଗଲା । ଆମେ ଯୋଉ ଗାଁକୁ ଗଲେ ନିଶ୍ଚୟ ଦୁଇ ପାଞ୍ଚଜଣ ଭଦ୍ରଲୋକ ଥିବେ, ଶୁଣି କ ବ୍ରାହ୍ମଣ କ ଲୁମୁଟି ଭଲ ଅସାର ବୁଝିବେ, ଚର୍ଚ୍ଚା କରିବେ, ପିଣ୍ଡାରେ ବସା ଦେବେ, ଆଜ ଏ କଥ ତ ତାଙ୍କ ତଳଆ ଲୋକ; କଏ ଋଣ ଧାରିଚ, କଏ ଫମ୍ପାରି, କଏ ଗୋଡି । ଭଦ୍ରଲୋକ ଆସି ଗୋରୁ ଚରେଇଲା ପରି ମଣିଷ ଚରେଇଲେ, ସୁହୁଁ ସୁହୁଁ ବଡ଼ଲୋକ ହେଲେ, ଏଇ ପାଖରେ ତ ବୁକେଡ଼େ କୋଠା କରିଚ ଚକୁଳ ପାତ୍ରୀ —"

ଚକୁଳ ନାଁଟା ଶୁଣି ଦୁଇ ପିଲା କରକର ହୋଇ ହସିଲେ, କହିଲେ "ଚକୁଳ ଫେର୍ ମଣିଷର ନାଁ ହୁଏ ?"

"ଏଣେ ସେମିତ ହୁଏ" ଲକ୍ଷ୍ମୀନାରାୟଣ କହିଲା, "ଚକୁଳ ପାତ୍ରୀ ଘରି ବଡ଼ଲୋକ, ଘରି ମଜଳ ଲୋକ, ବଣ ହେଲାକୁ ଗୁଡ଼ ତାର ପଚିଶଟା ଘରିଯା, ଅମାରର ଲେଖା ନାହିଁ, ସେ ପୁଣି ମେମ୍ବର ହୋଇଚ, ଲୋକଙ୍କ ଭିତରେ ବାଦ, ଏମିତ କୌଶଳ ଜାଣେ ଯାହାକୁ ଇଚ୍ଛା ତାକୁ ସାଧ କରିଦେବ । ତାର ଗଣ୍ଡା ଗଣ୍ଡା ମକଦ୍ଦମା —"

ଲକ୍ଷ୍ମୀନାରାୟଣ ଏ ଦେଶର ବୁଢ଼ା ଚପରାସି । ମେଳ ଭାଙ୍ଗିବା ପାଇଁ ଗୃଳ ଫାସ୍ତାର୍‌କୁ ସେ ସମ୍ଭ୍ରମ କରେ । ଚକୁଳ ପାତ୍ରୀକୁ ସମ୍ମାନ କରେ, ତାର ଆଦର୍ଶ ବାଘ ପରି ମଣିଷ । ତେଣୁ ସେ ଠିଆ ଠିଆ ନଣ ରଖିଚ୍ଛି, ବନା ପଟେଡ଼ରେ ଖାଲି ମୁଣ୍ଡ ଦେଖାଏ ନାହିଁ । ତା ପୋଷାକର ସମ୍ପ ନଏ, ହୁଦାର ପିଓନ ଫାଳକୁ ତେନ୍ଦୁଳ ପାରରେ ରଗଡ଼ି ଜକ ଜକ କରେ । ତା ଛଡ଼ା ସେ ପ୍ରସିଦ୍ଧ ଶିକାରୀ । ବାଘମାରୁ, ହରିଣମାରୁ, ମୟୂରମାରୁ, ହରଡ଼ଚଢ଼େଇ ମାରୁ । ସେ ଶିକାର କରି ମାଂସ ବିକେ, ଖାଏ ବି । ଶ୍ରୀଚରଣ ତାର ନୂଆ ଉପରସ୍ଥ କର୍ମଚାରୀ, ଦି' ମାସ ହୋଇନାହିଁ ବଦଳି ହୋଇ ଆସିଛନ୍ତି । ଲକ୍ଷ୍ମୀନାରାୟଣ ଖୋଜୁଛି ତାକୁ ଆପଣା ଅଭିଜ୍ଞତା, ସାଧାରଣଜ୍ଞାନ, କର୍ମକୁଶଳତା ଓ ବିଚକ୍ଷଣତା ଦେଖାଇ ବଶ

Digitized by srujanika@gmail.com

କରିନେବ । ବର୍ହେ ଯାଇଥିଲେ ବସ୍ତୁଗଡ଼ରୁ କଲ୍ୟାଣସିଂପୁର । ଶ୍ରୀଚରଣର ଛୁଆ ବର୍ହେ ଯାଇଥିଲେ ନୂଆ ରାଜ୍ୟ ଦେଖି, ତା'ପରେ ଫେରୁଥିଲେ ।

ଗୁଳ ଫୁଟା ବର୍ଣ୍ଣନା ମାତ୍ରରେ ଶ୍ରୀଚରଣର ସ୍ୱପ୍ନ ଛଣିଛଣା ହୋଇ ଛିଣ୍ଡି ଯାଇଥିଲା, ତା'ପରେ ସେ ଦେଖିଥିଲା ବାସ୍ତବିକ, ତା'ପରେ ସେ ଆଉ ଲକ୍ଷ୍ମୀନାରାୟଣ କଥାକୁ କାନ ଦେଉନାହିଁ, କିନ୍ତୁ ସେହି ବର୍ଣ୍ଣନା ସହିତ ସମାନ୍ତରାଳ ରେଖା ଟାଣିଲା ପରି ତାର ମନେ ମନେ ଚିନ୍ତା, ଦୁଃଖ, ଶୋକ, ରାଗର ତୋଫାନ ବହିଥିଲା । ତାର ଘର ନୁହେଁ ଏ ଦେଶରେ, ସେ-ପୁରି ଜିଲ୍ଲା ମଫସଲର ଲୋକ । ରେଳରେ ଆସିଲେ ଖୋର୍ଦ୍ଧା, ବ୍ରହ୍ମପୁର, ବିଜୟନଗର, ପାର୍ବତୀପୁର, ତାପରେ ବସ୍ତୁଗଡ଼ା, କଟକରୁ ୩୩୩ ମାଇଲ୍, ସ୍ଥଳର ଦୂରତାଠୁ ଆହୁରି ଅଧିକ ଦୂରତ୍ୱର ପାର୍ଥକ୍ୟ । ପ୍ରକାଣ୍ଡ ପ୍ରକାଣ୍ଡ କଣ୍ଡା ପର୍ବତ, ପୁଣି ଜଙ୍ଗଲ, ଖାଲ ଢିପ, ସବୁଠୁ ବେଶୀ ଅଲଗା ଏ କଳା ଲୋକେ, ତାଙ୍କର ବୋଲି, ବେଶ୍ ସତନ୍ତ୍ର । କିନ୍ତୁ ସେ ଅନୁଭବ କରିଥିଲା, ଏମାନେ ବି ସେହି ମଣିଷ । ଯାହା ହେଉ ତାଙ୍କ ବୋଲି, କି ଭେକ, କି ଦେଶ ।

ଏମାନେ ବି ସେହି ମଣିଷ, ଯେ ଭଲ ପାଏ, ରାଗେ, ଖୁସିରେ ହସେ, ଦୁଃଖରେ ଦୀର୍ଘଶ୍ୱାସ ପକାଏ, କାହା ସଙ୍ଗେ ନ ଲାଗି ଆପଣା ଧନ୍ଦାରେ ଲାଗିରହି ବନା ଗଣ୍ଡଗୋଳରେ ଜୀବନ ବଞ୍ଚିବାକୁ ଚାହେଁ । ଗୋଟୁ ପରି ମଣିଷ, ଖୋଜେ କିଛି ସୃଷ୍ଟି, କିଛି ଶାନ୍ତି, ଆଉ ଗୋଠର ସଙ୍ଗସୁଖ । ଗଛ ପରି ମଣିଷ, ଦେହ ଝାଡ଼ି ଝାଡ଼ି ବନ ବଢ଼ାଏ, ଝଡ଼ ବରଷା ସହେ । ତୁଣ୍ଡରେ ବଡ଼ ବଡ଼ କଥା କହିଲେ ବି ପ୍ରକୃତରେ ସେ ହାଣକଟାକୁ ଭୟକରେ, ମରିବାକୁ ଡରେ, ମାରିବାକୁ ଘୃଣା କରେ, ଚମକେ, ମୋକ୍ଷ ଓ ନିର୍ବାଣର ଯଶ ଗାଇ ଗାଇ ସେ ସଂସାର ଜଞ୍ଜାଳକୁ ହିଁ ଭଲପାଏ ।

ତଥାପି ତା ଉପରେ ପଡ଼େ ହତିଆରର ମୂନ ଆଉ ଧାର ।

ଲୋଭ ଓ ସ୍ୱାର୍ଥର ଅରଣା ବାହୁନା ଟେଣ୍ଡା ଉଞ୍ଚେଇ ଗୁଳ ଫୁଟେଇ ଘୋଡ଼ା ଛୁଟେଇ ଧାଇଁ ଆସିଛନ୍ତି କେତେ ନଈ ନାଳ ସମୁଦ୍ର ପାହାଡ଼ ପାରି ହୋଇ ଜଗତଯୋକର ଏହି ସାଧାରଣ ମଣିଷକୁ ଶିକାର କରିବାକୁ, କେତେଥର ! କେତେଥର !

Digitized by srujanika@gmail.com

ପଛେ ପଛେ ଆସିଛି ସେହି ବର୍ବର ଅଭିଯାନର ଫଳଭୋଗୀ ଔପନିବେଶିକ ନୀତି, ବିଜେତା ହେବ ଭୂମିର ମାଲିକ, ବିଜିତ ସେ ଜମିରେ ମଜୁରିଆ । ବିଜିତ ଶସ୍ୟ ଉପୁଜେଇବ, ବିଜେତା ତାକୁ ବୋହି ନେବ । ଶସ୍ତାରେ ନହେଲେ, ସୁଧ ମଜୁରିରେ, ଭାଗ ମଜୁରିରେ । ବିଜିତର ଶ୍ରମକୁ ଏକାଠି କରି ବିଜେତା ଗଢ଼ିବ ଫ୍ୟାକ୍‌ଟରି, ଇଣ୍ଡଷ୍ଟ୍ରି, ପ୍ରକାଣ୍ଡ ପ୍ରକାଣ୍ଡ କଳକାରଖାନା, କ୍ରମେ ବିଜିତ ଭୁଲିଯିବ । ସେ ବିଜିତ, ଭାବିବ ଏ ଭଗବାନଙ୍କ ନିୟମ, ଏ ପରିସ୍ଥିତି ଈଶ୍ୱରସୃଷ୍ଟ ପରିବେଷ୍ଟନୀ ଭିତରେ ସେ ଜଣେ ଖଟିଖିଆ କାରିଗର, ତାର ଭାଗ୍ୟ ଏତିକି, ଆଉ ଅଧିକ ନୁହେଁ ।

ମଣିଷ ମଣିଷମାଂସ ଖାଏନାହିଁ, ଖାଏ ସେହି ମାଂସର ଅସ୍ଥିଭିତର ଉପକରଣ, ଭାତ, ଖେତ । କେତେଥର ଆସିଛନ୍ତି, ଏ ଅରଣା ବାହିନୀ ! ଅନାର୍ଯ୍ୟ ପରେ ଦ୍ରାବିଡ଼, ଦ୍ରାବିଡ଼ ପରେ ଆର୍ଯ୍ୟ କଳାଲୋକଙ୍କ ପଛେ ଧଳାଲୋକ, ଆଉ ଏକା କଥା—ଦକ୍ଷିଣ ଆଫ୍ରିକା କି ମାଳୟ, କି ସିଂଗାପୁର, କି କଲ୍ୟାଣସିଂ ପୁର ।

ଆଉ ହେନ୍ତି ହାତଆର ମାଡ଼ର ବିଜୟ ପଛେ ପଛେ କମିଆଁ ପାଣି ଛିଞ୍ଚି ବିଜିତର ମନକୁ ଆପ୍ଲୁତ କରିବା ପାଇଁ ଆସିଛନ୍ତି ଧଳା ଭେକ ପିନ୍ଧି ଧର୍ମଯାଜକ ପୁରୋହିତ ଦଳ, ବେଦ ଗାଉଛନ୍ତି । ଶାନ୍ତ ସଂଯତ ଭାଷାରେ ବୁଝାଇଦେଉଛନ୍ତି—ଜୀବନ କ୍ଷଣଭଙ୍ଗୁର, ପରକାଳ ସ୍ୱର୍ଗ ଓ ଭଗବାନଙ୍କଠି ବିଶ୍ୱାସ କରି ଶାନ୍ତିରେ ରହ, ଯାହା ହେଲା ହେଲା, ଯେ ଯାହା ମାଡ଼ିବସିଲା ମାଡ଼ିବସିଲା, ତୁମେ ଆଉ ଖୁରି କର ନାହିଁ, ଭଜନ କର ।

× × ×

ସଞ୍ଜ ଟଳି ରାତି ଆସିଛି । ଗାଡ଼ି ଚାଲିଛି ବସ୍ତୁଗଡ଼ା ଅନ୍ଧମୁହଁରେ । ସେମାନେ ଆଉ ନାହାନ୍ତି, ନୁଖୁରା ବାଳ ଉଡ଼େଇ କୌପୁନୀ ପିନ୍ଧି ଡିପ ସେପାଖେ ଦଳ ଦଳ ହୋଇ ଜମା ହୋଇଥିଲେ ଯେଉଁମାନେ ଶ୍ରୀଚରଣର ଚେତନା ଭିତରେ, ନିମନ୍ତ୍ରଣ କରୁଥିଲେ ପରା—"ଆସ, ଆମ ଗାଁରେ ରହିଯା, ଏ ତୁମ ଘର, ଏମାନେ ତୁମ ପିଲାଛୁଆ, ଏ ତୁମ ଗାଁ, କାରଣ ତୁମେ ବି ମଣିଷ ।" ସେମାନେ କଳ୍ପନା ଗଢ଼ା ମଣିଷ, ସେମାନେ ଆଜ

Digitized by srujanika@gmail.com

ନାହାନ୍ତି ଗୁଳମାଡରେ ଢଳି ପଡ଼ିଛନ୍ତି । ଏ ମାଟିରେ ମିଶିଛି ତାଙ୍କ ହାଡ଼ ମାଂସ । ସେଇ ଖଡର ହାଡ ଉପରେ ନାଲି ରାସ୍ତା ଲମ୍ବି ରହିଛି ସାପ ପରି, ଆଜି କଳ ଗାଡ଼ ଚାଲୁଛି, ଅଟକୁନାହିଁ, ମାଡ଼ ଚାଲି ଚାଲିଛି । ସେଥିରେ ବସି ରହିଛି ସେ ନଟଜ—ଶ୍ରୀଚରଣ ।

ଅନ୍ଧାରରେ ଖାଲି ସାମ୍ନା ରାସ୍ତାରୁ ଦିଶୁଛି କିଛି ଦୂର, ମଟର ଆଲୁଅ ପଡ଼ିଛି, ଆଗରେ ମଟର ଚାଳକ ଓ ଲକ୍ଷ୍ମୀନାରାୟଣ, ପଛରେ ଶ୍ରୀଚରଣ ଓ ତାର ପିଲା ଦୁହେଁ । ଲକ୍ଷ୍ମୀନାରାୟଣ ବନ୍ଧୁକରେ ଗୁଳି ପୂରେଇ ଠିକଣା ହୋଇ ଅପେକ୍ଷା କରିଛି, ସେ କହି ଦେଇଛି ମଟର ଆଲୁଅରେ ଜନ୍ତୁର ଆଖି ଜୁକୁଜୁକୁ ଦିଶିବ, ଦୂରରୁ ବାରି ହେବ, ତେଣୁ ପିଲା ଦୁହେଁ ତୁନହୋଇ ଅନେଇ ବସିଛନ୍ତି, ସମସ୍ତେ ମିଶିଯାଇଛନ୍ତି ଗୋଟାଏ ଅନ୍ଧାର ଉତ୍କଣ୍ଠାରେ ।

ଆଗରେ ବାରମ୍ବାର ଦିଶୁଛି ଗୋଟାଏ ଲେଖା ସାନ ସାନ ନାଲି ଆଖି । ଯେପରିକି ରାସ୍ତାରେ କିଏ ନିଆଁ ଟିକିଏ ଥୋଇ ଦେଇ ଯାଇଛି । ସେ ଗୋଟିଏ ଚଢ଼େଇର ଆଖି, ମଟର ଆଲୁଅରେ ପୋକଙ୍କ ବେଡ଼ନ୍ତି ବୋଲି, କରକଥା ହୋଇ କସି ପୋକଙ୍କ ଖାଏ, ପାଖକୁ ଆସିଲେ ଫଡ଼ ଫଡ ହୋଇ ଉଡ଼ିଯାଏ । ଦୂରରୁ ଦିଶିଲା ଏଥର ଯୋଡ଼ ଆଖିର ସାବ୍‌ଜା ଆଲୁଅ, ଡ୍ରାଇଭର ଆସ୍ତେ କହିଲା, "ବାଘ", ଆଉ ବେଗ ବଢ଼େଇଲା । ଲକ୍ଷ୍ମୀନାରାୟଣ ବନ୍ଧୁକ ଟେକିଲା । ରାସ୍ତାର ବାଁରୁ ଡାହାଣକୁ ପ୍ରାଣ ଛକଳରେ ଧାଇଁଗଲା ଗୋଟିଏ ବିଲୁଆ । ସ୍ଥାନେ ସ୍ଥାନେ ଆହୁରି ଜୁକୁଜୁକୁ ଆଖି, ଆହୁରି ବିଲୁଆ । ଆଲୁଅରେ ଜକକା ହୋଇ ରହିଗଲା ଠେକୁଆଟିଏ, ମଟର ପାଖକୁ ଆସନ୍ତେ ଜୀବନ ଲୋଭରେ ଆଗେ ଆଗେ ଧାଇଁ ଚାଲିଲା, ପାରୁ ନାହିଁ, ମଟର ତା ପାଖକୁ ପାଖକୁ ମାଡ଼ି ଆସୁଛି । କି ଛଟପଟ ! ବଡ଼ ବଡ଼ କାନ ଦୋଟି ଟେକି ଦେଇଛି, ଟିକି ଲାଞ୍ଜଟି ଉପରକୁ ଟେକି ଦେଇଛି ଦିଶୁଛି ତା ତଳ ପାଖର ଧଳା ଗାର । ପିଲା ଦୁହେଁ ଉଲ୍ଲାସରେ ପାଟି କଲେ, ଏଥର ସେ ଗାଡ଼ ତଳେ ମରିବ । କିନ୍ତୁ ଶ୍ରୀଚରଣ କହିଲା, "ଡ୍ରାଇଭର, ଗାଡ଼ ସ୍ଲୋ କର, ସେ ଯାଉ ।" ଗଲା ସେ; ରାସ୍ତାର ଗୋଟାଏ କଡରେ ବୁଦା ଭିତରେ ଶରଣ ନେଲା । ଲକ୍ଷ୍ମୀନାରାୟଣ କହିଲା, "ଘର .

ନରମ ମାଂସ ଆଜ୍ଞା, ଖୁବ ସୁଆଦ ।” ଶ୍ରୀଚରଣ କହିଲା, “ଥାଉ, ଆମେ ଖାଉ ନାହିଁ ।” ଅନ୍ଧାରରେ ହଠାତ୍ ବାହାରି ପଡନ୍ତି ଠେକୁଆ । ଖଣ୍ଡେ ଦୂର ଦଉଡ଼ନ୍ତି, ପୁଣି ଲୁଚିଯାଆନ୍ତି । ବେଳେ ବେଳେ ମଟର ସାମ୍ନାରେ ହାବୁଡ଼ନ୍ତି ଗୋଟିଏ ଲେଖାଁ ବିଲୁଆ, ସେମାନେ ବି ଜୀବନ ବିକଳରେ ଦଉଡ଼ନ୍ତି, ମରଣ ହାତରୁ ଆତ୍ମରକ୍ଷା କରିବାକୁ ପ୍ରାଣୀ ଅସମ୍ଭବକୁ ବି ସମ୍ଭବ କରେ, ଘଣ୍ଟାକେ ୩୦ ମାଇଲ । ଜଳୁ ଜଳୁ ଆଖି ଯୁଡ଼ାଏ ଯୁଡ଼ାଏ, ଠେକୁଆର, ବିଲୁଆର । ଆଗରେ ଫେର୍ ଦି'ଟା ବଡ଼ ବଡ଼ ସାବ୍ଜା ଆଖି । ଭୂଇଁ ପଡ଼ନରୁ ଦି'ହାତ ଉଞ୍ଚରେ ଦିଶୁଛି । ଏଥର ଲକ୍ଷ୍ମୀନାରାୟଣ କହିଲା, “ବାଘ”, ଶ୍ରୀଚରଣ ଉତ୍ସୁକ ହୋଇ ରହିଲା । ମାଡ଼ି ଚଳିଲା ଗାଡ଼ି ଉଲ୍‌କା ପରି, ଆଗରେ ମଟର ଆଲୁଅକୁ ଅନାଇଁ ଠିଆହୋଇଛି ଜନ୍ତୁ, ଦେହଯାକ ପଟା ପଟା । ଡ୍ରାଇଭର କହିଲା, “ପଟାଳିଆ ବାଘ, ମହାବଳ ।” ଲକ୍ଷ୍ମୀ-ନାରାୟଣ ବନ୍ଧୁକ ଟେକିଲା । କିନ୍ତୁ ଜନ୍ତୁଟା ଥରେ ଏକରକୁ ଥରେ ସେକରକୁ ଡିଆଁ ମାରି ସିଧା ସିଧା ଦଉଡ଼ିଲା । ବାଘ ନୁହେଁ ଗୋଟିଏ ଗଧିଆ । ବାଘ ପରି ଦେହର ବର୍ଣ୍ଣ, କୁକୁର ପରି ମୁହଁ, ଦି'ଟା ଗୋଡ଼ ଛୋଟ, ଦି'ଟା ଗୋଡ଼ ଉଞ୍ଚ, ଡେଇଁ ଡେଇଁ ଗଲାବେଳେ ଏମିତି ବିଚିତ୍ର ଭଙ୍ଗୀରେ ଯାଏ ଦେଖିଲେ ହସମାଡ଼େ । ଗଧିଆ ହଟହଟା ହୋଇ ଧାଇଁଛି, ପିଲା ଦିହେଁ ହସୁଛନ୍ତି । ଶ୍ରୀଚରଣ କହିଲା “ଥାଉ ଲକ୍ଷ୍ମୀନାରାୟଣ, ଯାଉ ସେଇଟା ।” ଗଧିଆ ବି ଗଲା । ଆଗରେ ମେଞ୍ଚାଏ ଅନ୍ଧାର ମଟର ଆଗରେ ଏକର ସେକର ହେଉଛି । ପାଖକୁ ଗଲାବେଳକୁ ଗୋଟାଏ ବଡ଼ ଭାଲୁ । ମୁହଁକୁ ତଳକୁ ପୋତିଛି । ପଛଗୋଡ଼ ଦି'ଟାରେ ଭୂଇଁରେ କୁଦୁଛି, ବୁଲିଯାଉଛି ଏକର ସେକର । ପିଲାଏ ପାଟି କଲେ “ମାର୍ ମାର ।” ବାପା କହିଲେ, “ନା ।” ଭାଲୁ ବି ରକ୍ଷା ପାଇଲା । ତା'ପରେ ଶୂନଶାନ ରାସ୍ତା ।

ପିଲାଏ ହତୋତ୍ସାହ ହେଲେ, “ଯାଃ ବାପା, ମାରିଲେ ନାହିଁ !”

କହିବେ ତ ପିଲାଏ, ଶ୍ରୀଚରଣ ଭାବିଲା, କେବଳ ବୟସରେ ପିଲା ନୁହନ୍ତି, ମନରେ ପିଲା, ଯେତେ ଯେତେ ଦାୟିତ୍ୱହୀନ ଅପରିଣାମଦର୍ଶୀ ସ୍ୱାର୍ଥବାଦୀ ଗୋଷ୍ଠୀଙ୍କ ମଣିଷ, ସମସ୍ତେ ଚିତ୍କାର କରିବେ ମାର ମାର,

Digitized by srujanika@gmail.com

ମାର । ସମସ୍ତେ ଯେଉଁମାନେ ବାଇସ୍କୋପ୍ ଘରେ ବସି ପର୍ଦ୍ଦାରେ ଦେଖନ୍ତି ହୀଣକାଣ୍ଡ, କଳ୍ପନାରେ ଦେଖନ୍ତି, ଉପନ୍ୟାସରେ ଦେଖନ୍ତି, ବାସ୍ତବିକ ଅନୁଭବ ନକରି ଉପଭୋଗ କରନ୍ତି ବଳର ଉତ୍କର୍ଷ, ସେହି ମରଣ ଉଲ୍ଲାସରେ ତାଙ୍କର ଅହମିକା ବଢ଼ି ଉଠିବା ଚରିତାର୍ଥ କରିବେ ହିଁ ସେମାନେ, ସେହିମାନଙ୍କୁ ଏକାଠି କରି ପଛଆଡ଼େ ଥାଇ ସ୍ୱାର୍ଥର କୂଟନୀତି ସଫଳ କରିବାକୁ ଚେଷ୍ଟା କରୁଥିବେ ଯେଉଁ ସ୍ଥିରବୁଦ୍ଧି ଚକ୍ରୀ, ସେମାନଙ୍କ ଉନ୍ମାଦକୁ ଖୋରାକ ଯୋଗାଉଥିବେ । ପରେ ଯୁଦ୍ଧ ଭୂଇଁରେ ଗୁଳି ମୁହଁରେ ମାରି ଭୂତ ହେବାକୁ ଓହ୍ଲାଇ ପଡ଼ିବେ ଏହି ଅପରିପକ୍ୱ ବୟସ ଓ ଚାଷୀର ପୁଅଗୁଡ଼ିକ, ଆମେରିକାର ସ୍କୁଲ୍ପୁଅ ବନ୍ଧୁକ ଧରି ଓହ୍ଲାଇ ପଡ଼ିବ ଏସିଆର ରଣଭୂମିରେ । ଶ୍ରୀଚରଣ ଭାବିଲା, ଅନ୍ଧାରରେ ଆଲୁଅ ଦେଖି ଧାଇଁ ଆସିଥିଲା ବଣର ବାସିନ୍ଦା ସାନ ଠେକୁଆ, ଆଲୁଅ ପଡ଼ୁ ପଡ଼ୁ ସେ ବି ପାଇଥାନ୍ତା ଉଡ଼, ଯାଃ; ମରିନାହିଁ, ବଞ୍ଚିଛି । କିନ୍ତୁ କେତେ ଜଣ ଛୁଟିବେ ? କେତେଦିନ ବଞ୍ଚିବ ? ତାପରେ ଏଇ ରାସ୍ତା ଥିବ, ଏଇ ମଟର ଚାଲିବ, ଠେକୁଆ ନଥିବ ମରିବାକୁ ।

ଭାବନାକୁ ଅଟକେଇ ଦେଇ ଦୂରରେ ପୁଣି ପାଖକୁ ପାଖ ଦୁଇଟା ଯାବ୍‌ଜା ଝଟ୍‌ଲାଇଟ୍ ବଡ଼ ବଡ଼ ଆଲୁଅ, ଦୁଇ ଆଲୁଅ ମଝିରେ ଫାଙ୍କ ଅଛି, ଚକ୍ରୁ ଅଟେଇ ହାତ ଉଅରେ । ଆସ୍ତେ ଏକର ସେକର ହେଉଛି, ଧାଇଁ ପକେଇ ନାହିଁ । ଧୀରେ ଚାଲିଗଲା ରାସ୍ତାର ବାଁ ପାଖକୁ, ମୁଣ୍ଡ ନୁଆଇଁ ଅପେକ୍ଷା କଲା । ଗାଡ଼ି ଅତି ଚଞ୍ଚଳ ପହଞ୍ଚି ଗଲାଣି ତ ପାଖକୁ । ଡ୍ରାଇଭର୍ ଆସ୍ତେ କହିଲା 'ବାଘ', ଗାଡ଼ିକୁ ରାସ୍ତାର ଏପାଖୁ ସେପାଖ ବୁଲେଇ ଦେଇ ମଟର ଆଲୁଅ ପକେଇ ରଖିଲା ବାଁ ପାଖକୁ । ସମସ୍ତେ ଚୁପ୍‌ଚାପ୍ । ପ୍ରକୃତରେ, ଗୋଟାଏ ବଡ଼ ଚିତା ବାଘ । କାନ ଠାରି ଦେଇଛି, ପାଟି ଅଳ୍ପ ମେଲା, ଆଖି ଦାଉ ଦାଉ ଜଳୁଛି, ବାଁ ପାଖରେ ଖାଲ ଭିତରେ ଗଛ ଏପାଖେ ଠିଆହୋଇ ରହି ଆଲୁଅକୁ ଚାହିଁଛି । ଫୁଲୁକା ମୁହଁ ଉପରେ ଜଣ ଯୋଡ଼ାକ ଏକର ସେକର ହଲୁଛି, ଯେପରିକି ସେ ପବନରୁ ବିପଦକୁ ବାରିବାକୁ ଚେଷ୍ଟା କରୁଛି । ଅନ୍ଧାରରେ ବନ୍ଧୁକ ସଜାଡ଼ି ନେଇଛି ଲକ୍ଷ୍ମୀନାରାୟଣ, ଡ୍ରାଇଭର ଗାଡ଼ି ଅଟକେଇ ବାଘ ମୁହଁକୁ

Digitized by srujanika@gmail.com

ଫେ଼ଲରତ୍ ପକେଇଛୁ । ହେଇ ତିରଶ ହାତ ଦୂରରେ ମୋଟେ । ତାପରେ ବନ୍ଧୁକର ଡାଇ, ବାଘଟା ତଳେ କଚ୍ଛଡ଼ ହୋଇ ପଡ଼ିଲା, ପୁଣି ବେକଟେକ ଘୁଞ୍ଚିଉଠି ହୋଇ ଘୁଞ୍ଚିଗଲା ପଥର ସେପାଖକୁ । ଲକ୍ଷ୍ମୀନାରାୟଣ ରାସ୍ତାକୁ ଓହ୍ଲେଇ ପଡ଼ିଲାଣି । ବନ୍ଧୁକ ଉଠାଇ ପୁଣି ଦ'ଥର ଠୋ ଠା । ବାଘଟା ଯୋଡ଼ ହାତ ଉଚ୍ଚ ପାଖ ଅବଧି ଆମ୍ଫୁଡ଼ି ପକାଇଲା, ତାପରେ ଛେଚା ହୋଇ ପଡ଼ିରହିଲା ।

ପିଲାଏ ପାଟି କଲେ, "ଯିବା, ଯିବା—"

ଲକ୍ଷ୍ମୀନାରାୟଣ ସମସ୍ତିଙ୍କୁ ଅଟକିବାକୁ ନିର୍ଦ୍ଦେଶ ଦେଇ ବନ୍ଧୁକରେ ଗୁଳି ପୂରେଇ ଦଶହାତ ଆଗକୁ ଗଲା, ସିଧା ବାଘର ମୁଣ୍ଡକୁ ଲକ୍ଷ୍ୟ କରି ପୁଣି ଏକ ଗୁଳି ଛୁଡ଼ିଲା, ବାଘର ଛଟପଟ ବି ନାହିଁ । ଏଥର ସେ ଆହୁରି ଆଗକୁ ଗଲା, ବାଘ ଉପରକୁ ଖଣ୍ଡେ ପଥର ଫୋପାଡ଼ିଲା, ତଥାପି ତାର ଉଁ ଚୁଁ ନାହିଁ । ଆଗକୁ ଯାଇ ପାଟିକଲା "ମଲାଣି, ଆସନ୍ତୁ ସମସ୍ତେ ।"

ଏଥର ଉଲ୍ଲାସର ସୀମା ନାହିଁ । ଆଗେ ଆଗେ ଧାଇଁଯିବା ପାଇଁ ଶ୍ରୀଚରଣ ପିଲାଙ୍କ ସଙ୍ଗେ ବି ପ୍ରତିଦ୍ୱନ୍ଦ୍ୱିତା କଲା, ସମସ୍ତିଙ୍କର ଉଚ୍ଛାଟ କୁହାଟ, ଲକ୍ଷ୍ମୀନାରାୟଣ ବାଘର ଲାଙ୍ଗୁଡ଼ ଧରି ଘୋଷାରି ଘୋଷାରି ମଡ଼ଟାକୁ ଆଣୁଛି ମଟର ପାଖକୁ, ଏ ଯେପରିକି ତାର ସାଧାରଣ କାମ, ଗାରବ ସେ ପ୍ରକାଶ କରୁନାହିଁ । କହିଲା "ବୃଥାଟାରେ ଏତିକିଟା ଗୁଳି ଫେ଼ ହେଲା । ସେଇ ପ୍ରଥମ ଗୁଳିଟାରେ ହିଁ ଚଳିଥାନ୍ତା ଯେ, ଖାଲି ଟିକିଏ ଡେରି ହୋଇଥାନ୍ତା, ଭଲ କରି ମରିଚି କି ନାହିଁ ଜାଣିବାକୁ ଲାଗନ୍ତା ଘଣ୍ଟାଟିଏ, ନଇଲେ ବାଘ ଘାଉଡ଼ା ହୋଇ ଗାଲି ପାରି ଶୁଏ, ପାଖକୁ ଗଲେ ମାଡ଼ି ବସେ ।"

"ଭଲ ଲାଖ ଅଛି ତମର ଲକ୍ଷ୍ମୀନାରାୟଣ, ଅନ୍ଧାରେ ଅନ୍ଧାରେ ଲାଖ କରିନେଲ, ମୁଁ ଏମିତିକା ଖୁବ୍ କମ୍ ଦେଖିଛି ।" ଶ୍ରୀଚରଣ ଅଭିନନ୍ଦନ ଜଣାଇଲା, କିନ୍ତୁ ଲକ୍ଷ୍ମୀନାରାୟଣ ତା'ର ସବୁ ବଳ ପ୍ରୟୋଗ କରି ସେହି ବାଘଟାକୁ ଘୋଷାରି ଲାଗିଛି, ହାତ ଲଗେଇଲାଣି ଡ୍ରାଇଭର,

Digitized by srujanika@gmail.com

କହିଲା, "ଖୁବ୍ ବଡ଼ ଚିତାବାଘଟାଏ ଏଇଟା । ଲକ୍ଷ୍ମୀନାରାୟଣ ପୁରସ୍କାର କେତେ ଟଙ୍କା ପାଇବ ?"

ଲକ୍ଷ୍ମୀନାରାୟଣ କହିଲା, "ଯେତେ ବଡ଼ ହେଲେ କ'ଣ ହେବ ? ଚିତାବାଘ ତ, କୋଉ ମହାବଳ ହୋଇଚି ? ମହାବଳ ହେଲେ ସିନା ପୁରସ୍କାର ଶହେ ଟଙ୍କା, ଏଇଟା ପାଇଁ ମିଳିବ ମୋଟେ ପଇଁଚିଶ ଟଙ୍କା, କି ଆହୁରି କମ୍, କେତେ ଦେବେ କେଜାଣି ?

"ନା ନା, ତୁମେ ପଇଁଚିଶରୁ କେବେ ଊଣା ପାଇବ ନାହିଁ" ଶ୍ରୀଚରଣ କହିଲା, "ଛାଲଟା ମୁଁ ନେବି ଟ୍ୟାନିଂ କରିବାକୁ ପଠେଇବି ।"

"ଛାଲ ତ ଆପଣଙ୍କର, ଆଉ କିଏ ନେବ ?"

ପିଲାଏ ନାନା ପ୍ରଶ୍ନ କଲେ, ଏ ମଣିଷ ଖାଉଛି ନା ନାହିଁ, ଏହାଠୁ ଆଉ ବଡ଼ ବାଘ ଅଛି କି ନାହିଁ, ଇତ୍ୟାଦି । ଆଉ ଚାରି ନଖ, କାନ, ଲାଞ୍ଜ, ମୁଣ୍ଡ ସବୁ ଆଉଁସିବାକୁ ଲାଗିଲେ । ଦୁଇ ପିଲା ବୀରପଣ ନାଚୁଥାନ୍ତି, ସେମାନେ ବି ଏ ଶିକାରରେ ଭାଗୀ । କୁନା କହିଲା, "ନା, ମୁଁ ଆଗ ବାଘକୁ ଦେଖିଲି ।" ମିନି କହିଲା, "ନା, ମୁଁ ଆଗ ଦେଖିଲି ।" ଦୁହିଁଙ୍କ ଭିତରେ ମାଡ଼ଗୋଳର ସୂତ୍ରପାତ ହେଲା । ଶ୍ରୀଚରଣ ଦୁହିଁକୁ ଗାଳି ଦେଇ କହିଲା, "ଚାଲ ଗାଡ଼ିକୁ ।"

କେବଳ ସେଇ ବାଘ କଥା, ପ୍ରତ୍ୟେକେ ଅନୁଭବ କଲେ ଯେପରିକି ସେ ନିଜେ ଏ ବାଘକୁ ମାରିଛନ୍ତି । ମହାସମାରୋହରେ ଟେକାଗଲା ସେ ବାଘ ମଟରର ହୁଡ୍ ଉପରକୁ, କାଠିକର ପାଠ, ଦଉଡ଼ି ବାନ୍ଧି ଟେକି ଥୋଇ ମୁଣ୍ଡେଇ କାଖେଇ ତିନିଜଣ ଲୋକ ଝାଳନାଳ । ଅବଶେଷରେ ସେ ହୁଡ୍ ଉପରେ ହିଁ ଅନ୍ତିମଶଯ୍ୟାରେ ଶୋଇରହିଲା, ଅବିକଳ ମାଡ଼ିବସିବା ଭଙ୍ଗୀରେ, ମୁଣ୍ଡ ରହିଲା ମଟରର କାଚ ଆଡ଼କୁ ।

ମଟର ଷ୍ଟାର୍ଟ୍ ହେଲା, ଶୁଭିଲା ସତେକି ପଛରୁ କ'ଣ ମ୍ୟାଓଁ ମ୍ୟାଓଁ ବୋବାଳି । ମଟରର ଘଡ଼ଘଡ଼ରେ ସେ ବୁଡ଼ିଗଲା ।

Digitized by srujanika@gmail.com

କୁନା କହିଲା, "କ'ଣ ଏମିତି ବୋବେଇଲା ବାପା, ଯେମିତି ହଲେଇ ବୋବାଏ—"

ଶ୍ରୀଚରଣ କହିଲା, "ଧେତ୍ ଫାଙ୍କୁନା ଟୋକା, ବାଘ ତ ମରିଛି ଆଉ ବୋବେଇବ କିଏ ?"

ମଟର ଚାଲିଲା, କାଚ ବାଟେ କୁନ ଟର୍ଚ୍ଚ ଆଲୁଅ ପକେଇଲା; ପାଟିକଲା "ହେଇ ଦେଖ ପଛରେ ସେମିତି ଫେର୍ ଦି'ଟା ଆଖି ଜଳୁଛି ।"

ଲକ୍ଷ୍ମୀନାରାୟଣ ଆଖି ପିଚୁଡ଼ାକେ ପଛକୁ ଅନେଇ ଦେଲା, ମଟର ଚାଲିଛି; ଦୂରେଇ ଯାଉଛି । କିଛି ନ ଦେଖିଲା ପରି ମୁହଁ ବୁଲେଇ ନେଲା ।

କୁନା କହିଲା, "କାହିଁ କୋଉଠି କାହା ଆଖି ଜଳୁଛି ?"

ମିନ କହିଲା, "ମୁଁ ନିଜେ ଦେଖିଲି, ଟର୍ଚ୍ଚ ଆଲୁଅରେ ଜଳ ଜଳ ଦିଶିଲା ।"

ଶ୍ରୀଚରଣ କହିଲା, "ଏଥର ତୁ କାନ୍ଥରେ ବାଡ଼ରେ ଖାଲି ବାଘ ଆଖି ଦେଖିବୁ ଯେ···" ।

ଲକ୍ଷ୍ମୀନାରାୟଣ ଅନ୍ଧକାରରେ ହସିଦେଲା । ଏମାନେ ଜାଣନ୍ତି ନାହିଁ, ସେ ଜାଣେ ।

ଗାଡ଼ି ବୁଲେଇବାକୁ କହି ଉତ୍‌କ୍ଷିପ୍ତା ବାଘୁଣୀର ମୁହାଁମୁହିଁ ହେବାକୁ ତା'ର ଇଚ୍ଛା ନାହିଁ । ଭାବିଲା, ଆଜି ଏ ଗୋଟାକହିଁ ଯଥେଷ୍ଟ, ଫେରୁ ଆଉ ଦିନେ ।

ଶ୍ରୀଚରଣ ଜାଣିପାରିଲା ନାହିଁ । ଚାଲି ଯାଉଥିବା ମଟର ପିଠି ଆଡ଼ ଆଲୁଅକୁ ଅନାଇଁ ରାସ୍ତା ଉପରେ ବହୁତ ବେଳ ଠିଆ ହୋଇ ରହିଲା ଗୋଟିଏ ବାଘୁଣୀ; କୁନ୍ଦ ବୁଲୁଥିଲେ ତା'ର ଛୁଆ ଯୋଡ଼ିକ, ତା'ପରେ ଯେ ବାଘ ଘୋଷରା ହୋଇଥିବା ବାଟ ଶୁଙ୍ଘି ଶୁଙ୍ଘି ବାଘ ଗୁଳି ଖାଇଥିବା

Digitized by srujanika@gmail.com

ସ୍ଥାନକୁ ଚଳି, ଝୋପା ଝୋପା ରକ୍ତରେ ଭିଜି ଲଗାଇଲା । ମୁହଁ ଟେକି ଗର୍ଜନ ଛାଡ଼ି ଧାଇଁଗଲା । ପୁଣି ରାସ୍ତା ଉପରକୁ, ସେଠୁ ପୁଣି ସେଇ ଗୁଳମାଡ଼ ଜାଗାକୁ, ପୁଣି ରାସ୍ତା ଉପରକୁ, ଦୁଃଖରେ ରାଗରେ ଗର୍ଜନ କରି କରି ସେଇ ଅବିକଳପାକ ଖେଦ ବୁଲିଲା, ସେତେବେଳେ ମଠର ନାହିଁ, ମଣିଷ ନାହାନ୍ତି, ଠେକୁଆ କାହିଁ କେଉଁ ବୁଦା କନ୍ଦରେ ଲୁଚିଲେଣି । ରହି ରହିକା ରଡ଼ି ରଡ଼ି ପିଲା ଦୁହିଁଙ୍କୁ ସଙ୍ଗରେ ଧରି ସେ ଏଥର ଟଙ୍ଗଆଡ଼େ ଚାଲିଗଲା ।

ମଠର ବୁଲିଛି, ହାଡ଼୍ ଉପରେ ନଡ଼ ନଡ଼ ହେଉଛି ବାଘର ଶବ ।

"ଓଃ ! ବାଘଟା ମଲା ତାହେଲେ !" ଶ୍ରୀଚରଣ ଭାବିଲା । ବାରମ୍ବାର ସେଇ ଶବ ଆଡ଼କୁ ଚାହିଁ ନିଜକୁ କହି ଲାଗିଲା, "ଏ ମରିଚ, ଏ ମରିଚ ।" ଏତେ ତା'ର ବଳ, ଏଡ଼େ ଭୟାନକ ସେ, ସେ ମରିଚ ।

କେତେ ଜନ୍ତୁ ଖାଇଥିବ, ହୁଏତ ମଣିଷ ଖାଇଥିବ, ଆଜି ସେ ଖାଇବ ନାହିଁ । ଏମିତି ମରିବେ ଯେତେ ହିଂସ୍ରକ ପ୍ରାଣୀ ସମସ୍ତେ; ତେବେ ପୃଥିବୀ ନିରାପଦ ହେବ ।'

ସାମ୍ନାରେ ସେଇ ଶବଟା ମୁଣ୍ଡ ହଲଉଚ ।

ଶ୍ରୀଚରଣ ମନେ ମନେ ତା ବିରୁଦ୍ଧରେ ଗଢ଼ି ଲାଗିଲା ଅଭିଯୋଗ ତାଲିକା—ଏ ବାଘ, କାଲୁନକ ମଣିଷଟାଏ, ଯାକୁ ମାରିବାକୁ କାରଣ ଲୋଡ଼ୁଛି । ସମାଜର ଶତ୍ରୁ, ମଣିଷର ଶତ୍ରୁ, ତାକୁ ମାରି ପକାଇବାହିଁ ଉଚିତ ।

ମନ ଭିତରୁ ସା' ଦେଲା ବହି-ଘୋଷା ଦର୍ଶନ ଶାସ୍ତ୍ର—ମଣିଷ ଆବଶ୍ୟକ ଥିବାରୁ ମାରେ, ଭଗବାନ ନିଜେ ତ ଅର୍ଜୁନଙ୍କୁ ବୁଝାଇଛନ୍ତି—ସେଥିରେ ମାୟା ନାହିଁ, ମମତା ନାହିଁ, ପ୍ରୟୋଜନ ପଡ଼ିଲେ ମାରିବାହିଁ କର୍ତ୍ତବ୍ୟ ମନ ସକସକ ନାହିଁ । ଉପରୋଧ ନାହିଁ । ଶତ୍ରୁକୁ ମାରିବା ହିଁ କର୍ତ୍ତବ୍ୟ ।

Digitized by srujanika@gmail.com

ହିଂସା, ହିଂସା—ଭୂଇଁ ନାଲି ହୋଇଯାଇଛି ରକ୍ତରେ, ଆକାଶ ଭଣିଭଣା ହୋଇଯାଇଛି ଆର୍ତ୍ତଚିତ୍କାରରେ, ତଥାପି ହିଂସା ସରିନାହିଁ, ଯୁଦ୍ଧ ସରିନାହିଁ, ଯୁଗ ପରେ ଯୁଗ ବୋହିଯାଉଛି । ସେମାନେ ପଡ଼ିଛନ୍ତି ଝିଂପାବାଣ୍ଡ ନାଳ ଭିତରେ, ସେହିମାନେ ଯେ ମାରି ପାରିନାହାନ୍ତି ମରିଛନ୍ତି ।

ଶ୍ରୀଚରଣ ଦାନ୍ତ ଚିପି ଚିପି ଗମ୍ଭୀର ହୋଇ ବସିଲି, ଶୋଷଣ ପୋଷଣ ଯୁଦ୍ଧ ଆକ୍ରମଣର ଐତିହାସିକ ତାଣ୍ଡବ ଲୀଳା ଯେପରିକି ତାର ଆଖି ଆଗେ ବୁଲି ଲାଗିଲା ବାଇସ୍କୋପ୍ ପରି ।

ଆଜି ସାମ୍ନାରେ ସେ ଦେଖୁଥିଲା ସେଇ ମଲା ବାଘଟାକୁ । ଜଗତ-ଯାକର ଅନ୍ୟାୟ, ଅସମତା, ଅବସ୍ଥାର ଓ ଅତ୍ୟାଚାରର କଥା ଯେତେଥର ସେ ମନେପକାଉଛି, ଯେତେଥର ତାର୍ ଉଠୁଛି ଭାବ ଭାବ, ଯେତେଥର ଯେପରିକି ନୂଆ ହୋଇ ପୁଣି ଥରେ ବାଘଟା ମରୁଛି, ଆଜି ତା ମନରେ ଉଲ୍ଲାସ ଆସୁଛି—ସେ ବିଜୟୀ । ହିଂସାର ପ୍ରତୀକ—ସେ ମରିଛି । କି ଉପାୟରେ ମଲା ସେ ଏତେ ଭାବୁନାହିଁ, ମରିଛି, ଉଦ୍ଦେଶ୍ୟ ପୂରଣ ହୋଇଛି, ଏହି ଯଥେଷ୍ଟ ।

ଚରମ ଶାନ୍ତି ପ୍ରତିଷ୍ଠା ପାଇଁ ଯୁଦ୍ଧ କରିବାକୁ ହିଁ ହେବ ବାରମ୍ବାର, ଶ୍ରୀଚରଣ ଭାବିଗଲା, ତାପରେ ଆଉ ଯୁଦ୍ଧ ହେବନାହିଁ । ଯେପରିକି ସେହି ଶେଷ ଯୁଦ୍ଧରୁ ସେ ଫେରୁଛି, ଏଥର ପୃଥିବୀ ନିରାପଦ, ଆଜି ସାମ୍ନାରେ ସେ ବାଘର ଶବ ।

ଅହିଂସା କଥା ଭାବୁ ଭାବୁ କେତେବେଳୁ ସେ ହିଂସାର ଉପାସକ ହୋଇସାରିଲାଣି, ଶାନ୍ତି ପ୍ରତିଷ୍ଠା କଥା ଭାବୁ ଭାବୁ ମନ ଭିତରେ ଛୁଟିଲାଣି ବିକ୍ଷୋଭ, ମନ ନୁଆଇଁ ଘାସ ପରି ହୋଇ ଅରକ୍ଷ ମଳମୂର୍ତ୍ତିଆଙ୍କ ପାଇଁ ସହାନୁଭୂତିରେ ତରଳିବାକୁ ଆରମ୍ଭ କରି ସେ ହୋଇସାରିଲାଣି ଗର୍ବିତ, ମଦାନ୍ଧ; ସେହି ପତନରେ ତାର ମୁଁ’ ପଣ ଦମ୍ଭ ମାଡି ପାଇ ସଳଖ ହୋଇ ଠିଆହେଲାଣି—ଆତ୍ମତୃପ୍ତି ପାଇଁ ସେ ମନେ ମନେ ହେଲାଣି ଦୁର୍ବଳର

Digitized by srujanika@gmail.com

ରକ୍ଷାକର୍ତ୍ତା ଅଭିନୟରେ ଝିଣଖଣ୍ଡାଧାରୀ ଲଢ଼ୁଆ ବୀର, ଗୋଡ଼ହାତ ଘୁଞ୍ଚି ଝଙ୍କାର କରି ରଙ୍ଗମଞ୍ଚ କମ୍ପାଇ ଦେଉଛି ।

ଗାଡ଼ି ଚାଲିଛି । ପିଲାଏ ନାନା ପ୍ରକାର ମନ୍ତବ୍ୟ ଦେଉଛନ୍ତି, ଲକ୍ଷ୍ମୀନାରାୟଣ ତାଙ୍କ କୁତୂହଳ ମେଣ୍ଟାଉଛି ନ ହେଲେ ଚୁପ ହୋଇ ବସି ରହୁଛି । ଶ୍ରୀଚରଣ ଦେଖୁଛି ଅନ୍ଧାର ଭିତରେ ସାମ୍ନାରେ ଗୋଟିଏ କୋଳି ରାସ୍ତା, ଆଉ ହୁଡ଼୍ ଉପରେ ମଲା ବାଘ, ସେ ଆଉ ମଣିଷ ଖାଇବ ନାହିଁ ।

ବଣ ସରିଲା, ଖାଲ ଢିପ ପାହାଡ଼ିଆ ବାଟ ସରି ସରି ଆସିଲା, ଏଥର ସମତଳ ଉପରେ ସ୍ଥାନେ ସ୍ଥାନେ ଲୋକାଳୟ, ଦୂରରୁ ଟଳିଉଠେ ତାର ମିଞ୍ଜି ମିଞ୍ଜି ଆଲୁଅ, ପାଖ ହୁଏ, ଦିଶେ ଘର ବାରି ଆଉ ଏଠି ସେଠି ଦଳ ଦଳ ଲୋକ । ଶ୍ରୀଚରଣର ଖିଆଲ ପଡ଼ିଲା—ବିଜୟ ଖାଲି ହାସଲ କଲେ ଯଥେଷ୍ଟ ନୁହେଁ, ତାକୁ ପ୍ରଚାର କରିବାକୁ ପଡ଼ିବ । ଲୋକେ ଦୂରରୁ ଦେଖିବେ ମଟର ଗାଡ଼ିର ଆଲୁଅ, ବାଘକୁ ଦେଖି ପାରିବେ ନାହିଁ । ତେଣୁ ସେ ମଲା ବାଘ ଉପରକୁ ଟର୍ଚ୍ଚ ଆଲୁଅ ଟିପି ଫୋପାଡ଼ିଲା । ପଛରୁ ପିଲା ଦୁହେଁ ଆନନ୍ଦରେ ତାଳି ମାରିଲେ, ଡ୍ରାଇଭର ତାର ଉଦ୍ଦେଶ୍ୟ ବୁଝି ଲୋକ ଦେଖି ଗାଡ଼ିର ବେଗ ଧିମେଇ ଦେଲା । ଲୋକେ ଦେଖିଲେ, ଆଁ କରି ଦେଖିଲେ, ଚମକପଡ଼ି ଦେଖିଲେ, ଠେଲା ପେଲା ହୋଇ ପାଖକୁ ଆସି ବେକ ଉହୁଙ୍କେଇ ଦେଖିଲେ, ଜୀଅନ୍ତା ପରି ଦିଶୁଛି, ମରି ଶୋଇଛି ବାଘ । ଆଶ୍ଚର୍ଯ୍ୟ, ଭୟ, ଆପଦ କଟିବାର ସ୍ୱସ୍ତି-ନିଶ୍ୱାସ, ଆଲୋଚନା, ଶ୍ରୀଚରଣ ଅନ୍ଧାରରେ ମୁ ହୁଙ୍କେଇ ହସିଲା, ସଚେତ ନୀରବରେ ଅଭିନନ୍ଦନ ଗ୍ରହଣ କରୁଛି ।

ଏଥର ସହର, ତାର ବସା, ଘର ଦଶ । ଗାଡ଼ି ଅଟକିବା ପୂର୍ବରୁ ପିଲା ଦୁହେଁ ପାଟିକରି ଉଠିଲେ । ଗାଡ଼ି ରହିଲା, ପିଲା ଦୁହେଁ ଦଉଡ଼ି ପଳେଇଲେ ଅନ୍ୟମାନଙ୍କୁ ଡାକିବାକୁ । ଲକ୍ଷ୍ମୀନାରାୟଣ ଓହ୍ଲେଇ ପଡ଼ି ଜିନିଷ ଓହ୍ଲେଇବାରେ ଲାଗିଲା । ଶ୍ରୀଚରଣ ଧୀରେ ଓହ୍ଲେଇଗଲା ।

ମୁହୂର୍ତ୍ତକେ ଲାଗିଗଲା କଳରବ । ଘରର ସମସ୍ତେ ଜୁଣ୍ଡ ହେଲେ, ଆସିଲେ ପାଖ ପଡ଼ିଶା । ବଣରୁ ମରି ବାଘ ଆସିଛି । ସମସ୍ତଙ୍କ ଚେତନାରେ ବ୍ୟାପିଛି ସେ ।

Digitized by srujanika@gmail.com

"ଏଇ ତା ନଖ ।"

"ଏଇ ତା ଲାଞ୍ଜ ।"

"କେଡ଼େ ବଡ଼ ବଡ଼ ତା ଦାନ୍ତ, ବାପରେ ଏଇଥିରେ ମଣିଷ ଖାଏ ।"

"ଦେହ କେଡ଼େ ପାଲିସ, ରକ୍ତ ପିଇ ମାଂସ ଖାଇ କେଡ଼େ ଉଜଳ ଡାଉଳ ହୋଇଛ !"

"ଯୁଆ ଗୁଲଟା ଟ୍ୟାନଂ କରିବାକୁ ପଠେଇବା।"

"ମୁଣ୍ଡଟା ବି ପଠେଇବା, ଅବିକଳ ଜୀଅନ୍ତା ବାଘ ପରି ଦିଶିବ ।" ନାନା ପ୍ରକାର ମନ୍ତବ୍ୟ । କୁତୂହଳ ସମସ୍ତିଙ୍କର ।

ସବା ସାନ ପିଲାଟି ଶୋଇପଡ଼ୁଛି, ଦେଢ଼ ବର୍ଷର ଛୁଆ । ଶ୍ରୀଚରଣର ସ୍ତ୍ରୀ ଆପେ ବାଘ ଦେଖିସାରି ସାନ ପୁଅକୁ ଉଠେଇ ନେଲେ, ଗୋଳମାଳରେ ବେଶୀ କଷ୍ଟ ପଡ଼ିଲା ନାହିଁ ତାର ନିଦ ଭାଙ୍ଗିବାକୁ ।

"ହେଇ ଦେଖ୍‌ରେ ବାବୁ ବାଘ, ମରି ଯାଇଛି, ଡର୍‌ ନାହିଁ ।" ସାନ ପିଲା ମା' କାଖରୁ ଓହ୍ଲେଇବାକୁ ଡରୁଛି, ମୁହଁ ବୁଲେଇ ଦେଇ ଥରେ ଥରେ ଦେଖି ନେଉଛି ବାଘକୁ । "ନାଇଁରେ ବାବୁ, ଡର୍‌ ନାହିଁ, ମରି ଯାଇଛି ।" ତା'ର ଭାଇଭଉଣୀମାନେ ବାଘ ପାଖେ ବସିଛନ୍ତି, କିଏ ନଖ ଓଟାରୁଛି, କିଏ ଲାଞ୍ଜଟାକୁ ଟେକି ଆପଣା ବେକରେ ଲଦୁଛି । ଘରଆଡ଼େ କେତେ ନଲ୍‌ଟଣ, କେତେ ଲେକ । ଜ୍ୟେଷ୍ଠ ପୁଅର ସାହସ ହେଲା । ବାଘ ପାଖେ ସେ ବି ବସିଲା । ଆସ୍ତେ ଆଖି ବୁଲେଇ ଆଣିଲା ତାର ଦେହ ଉପରେ, ଭରସି ଭରସି ହାତ ବଢ଼େଇଲା, ଆଉଁସିଲା ।

ତା ପରେ ଜ୍ୟେଷ୍ଠ ପିଲା ତାର ଠିକ ମନ୍ତବ୍ୟ ଦେଲା—

"ମରିଗଲା ! ଆହା,—ଚୁ—ଚୁ—ଚୁ—"

ମୁଣ୍ଡକୁ ଝାଙ୍କି ଝାଙ୍କି ମଲା ବାଘ ପାଇଁ ବିଳାପ କଲା ନିଷ୍ପାପ ଶିଶୁ—

Digitized by srujanika@gmail.com

"ମରିଗଲା ! ଆହା ! ଆହା ! ଚୁ—ଚୁ—ଚୁ—"

ସମସ୍ତେ ହସି ଉଠିଲେ—

ଶ୍ରୀଚରଣ ପାଖରେ ଠିଆହୋଇଥିଲା, ଚମକି ଆସି ଥକ୍‌କା ହୋଇ ଅନାଇଁ ରହିଲା । ହିଂସା ଉପରେ ହିଂସାର ବଜ୍ର ଭୁଷୁଡ଼ି ପଡ଼ିଲା ଠିକ ଛୁଆର ମନ୍ତବ୍ୟରେ । ବାଘ ଶିକାର ବେଳଠୁଁ ସେ ଝୁମ୍ପାବାଣ୍ଠ ନାଳର କାହାଣୀ ଭୁଲଯାଇଥିଲା, ଏଥର ମନେପଡ଼ିଲେ ସେମାନେ, ସେହି ଲହୁ-ଲୁହାଣ କନ୍ଧ ଲୋକେ, ସେହି ଡକାଙ୍କ ଶବ କୂଡ଼ କୂଡ଼, ସେଠୁ ପୁଣି ନୂଆ ହୋଇ ରକ୍ତଧାର ଛୁଟିଲା, ଧରଣୀ ଡମ୍ବରୁ, ମନ ଭିତରେ ହାହାକାର ପୂରିଗଲା, ମୃତ୍ୟୁର ପ୍ରତିକାର ନୁହେଁ ମୃତ୍ୟୁ, ଅତ୍ୟାଚାରର ବଦଳ ନୁହେଁ ଅତ୍ୟାଚାର, ମାରଣ ନୁହେଁ ମାରଣ ନିବାରଣର ବାଟ ।

ଏଥର ସେ ବଳୟୀ ନୁହେଁ, ହତ୍ୟାକାରୀ ।

ବାଘ ଶିକାରର ନିଶା ଛୁଟିଗଲା, ଶ୍ରୀଚରଣ ମୁଣ୍ଡପୋତି ଘର ଭିତରକୁ ଚାଲିଗଲା ।

Digitized by srujanika@gmail.com

ଭାନୁମତୀ

ନରେନ୍ଦ୍ର ତା'ର ବାପାଙ୍କୁ ହରେଇଲା ବେଳେ ତା'ର ବୟସ ହୋଇଥିଲା ଏଗାର । ସେଦିନ ସ୍ମରଣୀୟ ସକାଳେ ଘର ଲୋକେ ଯେତେବେଳେ ବାଡ଼େଇ ପିଟି ହୋଇ କାନ୍ଦି କାନ୍ଦି ଗଡ଼ୁଥିଲେ ସେ ବି ଛଟପିଟ ହୋଇ ରଡ଼ି ଛାଡ଼ୁଥିଲା, ଏଠୁ ଯାଇ ସେଠି ହୁମ୍‌କନା ପଡ଼ୁଥିଲା, ବାପାଙ୍କ ପରି ମୁଣ୍ଡ ଝାଙ୍କି ଝାଙ୍କି ପାଟି କେମ୍ପେଇ କେମ୍ପେଇ କହୁଥିଲା—"ବାପା !" ବଡ଼ ଭାଇ ବୀରେନ୍ଦ୍ର—ସେତେବେଳେ ତିରିଶ ବର୍ଷର ଗୃହସ୍ଥ, ଆପଣା ଦୁଃଖର ବେଗ ସମ୍ଭାଳି ନେଇ ପାଖକୁ ଆସି ତା ମୁଣ୍ଡ ଆଉଁସୁଥିଲେ ଆଉ କହୁଥିଲେ, "କାନ୍ଦନା ନରି, ବାପା ଆଉ କ'ଣ ଫେରିବେ ?" ଏତିକେରେ ତା'ର କାନ୍ଦଣା ବଳିପଡ଼ୁଥିଲା ଆହୁରି ବେଶୀ, ଆଉ ଘରୁ ଗେଁ ଗେଁ ହୋଇ ଶୁଭୁଥିଲା ଭାଉଜଙ୍କ କାନ୍ଦଣା, ଯେପରି କି କେନ୍ଦେରାଟାଏ ବାଜି ଲାଗିଛି, ନରେନ୍ଦ୍ରର ଚିତ୍କାର ସହିତ ବୀରେନ୍ଦ୍ରଙ୍କ ସହାନୁଭୂତି ଯେତେବେଳେ ମିଶିଯାଏ ସେ ଘରୁ କେନ୍ଦେରାଟା ବାଜେ ଆହୁରି ଉଚ୍ଚ ପର୍ଦ୍ଦାରେ, ଅନ୍ତଃସତ୍ତ୍ୱା ସ୍ତ୍ରୀ, ଆଠମାସ ଚାଲିଛି, ବୀରେନ୍ଦ୍ର ଭାଇଙ୍କୁ ଛାଡ଼ି ଦେଇ ସ୍ତ୍ରୀ ପାଖକୁ ଦଉଡ଼ି ଆସି ବିରକ୍ତିମିଶା ସାନ୍ତ୍ୱନା ଦେଉଥାନ୍ତି "କ'ଣ ଏମିତି ପିଲାଙ୍କ ପରି ହଉଚମ କରୁଛ, ଅବୁଝ ମଣିଷ, କ'ଣ ହୋଇଗଲେ ଫେର୍ ମୁଁ ହରବରରେ ପଡ଼ିବି ।" ଭାଉଜଙ୍କ ପାଟିରେ ଭାଇଙ୍କ ହାତ ସନ୍ଧିରୁ ତଥାପି ବାହାରୁ ଥାଏ କେଁ କେଁ ଆଉ ଗଁ ଗଁ । ବୋଉର ସୋରଣବନ୍ଦ ନାହିଁ, ପାଟି ପଡ଼ିଯାଇଛି । ସାହିମାଇପେ ପାଣି ଛାଟୁଛନ୍ତି, ବିଞ୍ଚୁଛନ୍ତି । ସେ ଘରକୁ ଯିବାକୁ ବାଟ ବନ୍ଦ । ଭାଇ ମଝିରେ ମଝିରେ ଖେଁ ଖେଁ ହୋଇ କାନ୍ଦି ପିଣ୍ଡାଏ ପିଣ୍ଡାଏ ଅଧବାଟ ଯାଏ ଚମକି ଯାଉଛନ୍ତି, ଗୋଡ଼ ଆଙ୍ଗୁଠିରେ ଠିଆହୋଇ ଅନେଉଁଛନ୍ତି, ଫେରି ଆସୁଛନ୍ତି ଦାଣ୍ଡ ଘରକୁ, ଶବ ପାଖକୁ । ସେଠି ବନ୍ଧୁଯାକର ଲୋକ । ସମସ୍ତଙ୍କ ମୁହଁରେ ସହାନୁଭୂତି, ଆଉ ସମସ୍ତେ ଭାବୁଥାନ୍ତି ଚଞ୍ଚଳ କେମିତି ମଡ଼ା ଉଠି ମଶାଣିକୁ ଯିବ । ତରତର ହୋଇ କୋକେଇ ବନ୍ଧା ଚାଲିଛି । ଊର୍ଦ୍ଧ୍ୱଶ୍ୱାସ ହୋଇ କେହି କେହି ଧାଇଁ ପଳାଇ ଯାଉଛନ୍ତି, କେହି କେହି ସାଇକେଲ

Digitized by srujanika@gmail.com

ଚଢ଼ି ଆସୁଛନ୍ତି, କାନ୍ଥକୁ ଆଉଜା ସାଇକଲ ମାଳ ମାଳ । ଆପଣ ଘରେ ଏତେ ଧୋବଧାଉଳିଆ ଗହଳି ଏତେ ସାଇକଲ ନରେନ୍ଦ୍ର କେବେ ଦେଖି ନଥିଲା । ଦାଣ୍ଡ ଘରକୁ ମଝିରେ ମଝିରେ ଯାଉଛି, ସମସ୍ତଙ୍କ ମୁହଁକୁ ଅନାଉଛି । ସମସ୍ତେ ସ୍ନେହ ଢଳ ଢଳ, ଅନେଇଁଲେ କେମିତି ଝର୍ଝର ଆସୁଛି, ବଳ ଆସୁଛି । ଦେଖି ଦେଖି ପୁଣି ଘର ଭିତରକୁ ଆସୁଛି, ଅଳ୍ପ ଅଳ୍ପ କାନ୍ଦୁଛି ।

ଦିନ ୯ଟା ବେଳେ ସତକୁ ସତ ଯେତେବେଳେ ଶବକୁ ଟେକି ପଦାକୁ ବୋହି ନେଲେ, ବାଜା ଚାଉଁ ଚାଉଁ ସଙ୍ଗେ ଘରଯାକ ଫାଟି ପଡ଼ିଲା ତୀବ୍ର ଚିତ୍ର କାନ୍ଦଣାରେ, ବଡ଼ ବଡ଼ ଆଖି କରି ପାଗଳୀପରି ବୋଉ ଦଉଡ଼ି ଆସିଲା, ଆଉ ଭାଉଜ ତାକୁ କୁଣ୍ଢେଇ ଧରି ରଡ଼ିଲେ । ଆନ୍ଧ ହଠାତ୍ ଦାଣ୍ଡଦର ଖାଲିସ ହୋଇଯାଇ ସମସ୍ତେ ଚାଲିଗଲେ । ପଛୁଆର ଚାଲିଗଲା । ଘର ଲାଗିଲା ଏକଦମ୍ ଶୂନ୍ଶାନ୍, ଖାଁ ଖାଁ । ଯେତେବେଳେ ଏଗାରବର୍ଷର ନରେନ୍ଦ୍ର ତଳେ ଗଡ଼ି ଗଡ଼ି ଚିରି ଚିରି ଚିତ୍କାର କରି କାନ୍ଦିଲା, ଆଉ ସେ କାନ୍ଦଣା ସଙ୍ଗେ ସଙ୍ଗେ ଏଗାର ବର୍ଷର ସାଂସାରିକ ସ୍ମୃତି ସବୁ ତରଳି ଯାଇ ଢାଳିଗଲା ଯେପରିକି ସମସ୍ତ ଉପରେ, ଆଉ ସେ ଭାବିଲା ସେ ବଞ୍ଚିବ ନାହିଁ, ସେ ମରିଯିବ ।

ମନେ ମନେ ସେଦିନ ଦିନଟା ଫେରି ଆସେ ବାରମ୍ବାର, ସେତିକି ସ୍ପଷ୍ଟ ହୋଇ ନୁହେଁ—ଝଲକା ଝଲକା ହୋଇ ।

ଆଜି ତା'ର ବୟସ ଛବିଶ, ବୋଉ ଚାଲିଗଲେଣି । ଫି'ବର୍ଷ ଥରେ ବାପାଙ୍କ ବାରି ଆସେ । ନରେନ୍ଦ୍ର ଦଣ୍ଡବତ କରେ । ଆଉ ମନେପକାଏ ।

ପନର ବର୍ଷ ତଳର କଥା—କିନ୍ତୁ କେବଳ ଅଙ୍କ ମାପରେ କେଇଟା ବର୍ଷ ନୁହେଁ, ଗୋଟାଏ ଆୟୁଷରେ ପରିବର୍ତ୍ତନର ଯୁଗ ଗୋଟାକ, ପିଲାଦିନରୁ ବଡ଼ିଲା ଦିନଯାକେ । ତା'ର ରୂପ ବଦଳିଛି, ସ୍ୱର ବଦଳିଛି ।

Digitized by srujanika@gmail.com

ସେ ମଣିଷ ହେଲଣି, ଘରେ ସ୍ତ୍ରୀ, ଦୋ'ଟି ପୁଅ । ଏଇ ଦୂରରୁ ଅତୀତର ସ୍ମୃତିକୁ ସ୍ପର୍ଶିଲେ ଲାଗେ ପାସୋରା ସ୍ୱପ୍ନକୁ ଚେଇଁଲାବେଳେ ଏକାଠି କରି ଖୋଜିଲା ପରି ।

ଏଗାର ବର୍ଷରେ ପିତୃ ବିୟୋଗ ଦୁଃଖର ଗାର ଆପେ ବଢ଼ିବା ସଙ୍ଗେ ସଙ୍ଗେ ହୋଇ ଉଠିଛି ଆପଣା ବ୍ୟକ୍ତିତ୍ୱର ନାନା ଉପାଦାନ ଭିତରୁ ଗୋଟିଏ ପାସୋରା ଉପାଦାନ, କେଉଁ କଣରେ ସେ ପଡ଼ି ରହିଛି, କିନ୍ତୁ ତଥାପି ସେ ତା'ର, ତା' ଉପରେ ତା'ର ମାଲିକପଣର ଆଣ୍ଠ, ଆଜି ଦଶରାକୁ ଥରେ ପୁରୁଣା ହତଆର ପଦାକୁ କାଢ଼ି ଘଷି ଘଷି ମୁରୁଚି ଛଡ଼େଇ ଝକଝକ କରି ପୂଜା-ଥାଟକୁ ନେଲାପରି ବାପାଙ୍କ ବାବରେ ସେ ତାଙ୍କର ରୂପକୁ ସ୍ମରଣ କରେ । ମଳିନ ସ୍ମୃତିରେ ଝୁଣ୍ଟି ଝୁଣ୍ଟି ମୁରୁଚି ଲୁଡ଼ି ପାରେ ନାହିଁ ବିବାକ, କେଉଁଠୁ କେଉଁଠୁ ଛୁଟିକାଏ ଛୁଟିକାଏ ଦିଶିଯାଏ, କେବର ଠାଣି, କେତେବେଳର କେଉଁ ଭଙ୍ଗୀ, ତାଙ୍କ କୋଟ, ପଗଡ଼ି, ବଙ୍କାବାଡ଼ି, ଉଞ୍ଚ କଠୋଉ, କପାଳ ଉପରୁ କିଛି ଯେଉଁଠି ବାଳ ଉପୁଡ଼ିଯାଇ ଝକଝକ ଦିଶୁଥିଲା, ଚଳକାନ, ସେଠି ଫୋଡ଼ ହେ'ଥା ଥିଲା, ନାକ—ରାଗିଗଲେ ସେ କେମିତି ମୁହାଁର ନାକପରି ଦିଶୁଥିଲା, ନଶ—ନଶକୁ ସେ ଘୃଣା କରୁଥିଲା, ତେଣୁ ବାପାଙ୍କ ସଙ୍ଗେ ଏକାଥାଳିରେ ଖାଇବାକୁ ତା'ର ଘୋର ଆପତ୍ତି ଥିଲା, ହଲହଲ ଦାନ୍ତ ହେ'ଥା, କଳା ଆଉ ନାଳି, ଏମିତିପରି ଦେହର କିଛି କିଛି ଅଂଶହିଁ ମନେପଡ଼େ । ସବୁ ଏକାଠି କରି ରୂପ ଗଢ଼ି ହୁଏନାହିଁ । ନରେନ୍ଦ୍ର ଦୀର୍ଘଶ୍ୱାସ ଛାଡ଼େ ।

ସେଦିନ ସେ ତାଙ୍କୁ ଚଦର ଘୋଡ଼େଇ ପକେଇ ଲୋକେ ଉଠେଇ ନେଇଗଲେ, ଆଉ ସେ ଫେରିଲେ ନାହିଁ । ସେଦିନ ଭାବିଥିଲା ସେ ମରିବ ବୋଲି । ଆଉ ଭାବିନାହିଁ । ତାପରେ ତାଙ୍କ ବିଷୟରେ କଥା ପଡ଼ିଥିଲା ବଙ୍କେଇ ବଙ୍କେଇ, ଅନ୍ୟାନ୍ୟ ଘଟଣାରୁ । ବୋଉ ଆହାର ଛାଡ଼ି ଦେଇ ବି ଏକଦମ ଉପାସ ରହିଲା ନାହିଁ, ଯେତେ କାନ୍ଦିଲେ ବି ବଞ୍ଚି ରହିଲା । ମାସେ କାଳ ଚଣ୍ଡି ବସିଥିଲା, ପୁଣି ସ୍ୱାଭାବିକ ସ୍ୱର ଫେରି ଆସିଲା, ଧୀରେ ଧୀରେ ଫେରି ଆସିଲା ସ୍ୱାଭାବିକ ଯୌବନ, ଆଉର ଷୋଳବର୍ଷ ନିର୍ବିଘ୍ନରେ

Digitized by srujanika@gmail.com

ବଞ୍ଚି ମଲା ଯେତେବେଳେ ମଲା ରୋଗରେ, ଅକସ୍ମାତ୍ ଯଦି ଟାଇଫଏଡ୍ ନ ଘୋଟିଥାନ୍ତା, ଯଦିବା ହେଲା ତେବେ ମୂଳରୁ ଟାଇଫଏଡ୍ ଚିକିତ୍ସା ନହୋଇ ଯାହା ମେଲେରିଆ ଚିକିତ୍ସା ହେଲା ତା ଯଦି ନ ହୋଇଥାନ୍ତା, ଯାହା ବା ହେଲା ଶେଷ ଆଡ଼କୁ ଯଦି ବାରଜାତି ଅଡ଼ୁଆ ଘୋଟି ଦେହଟାଯାକ ଗୋଳମାଳ ନ ହୋଇଥାନ୍ତା ତେବେ ତ ସେ ନିଶ୍ଚୟ ବଞ୍ଚିଥାନ୍ତା, ରୋଗରେ ପଡ଼ି ସେ ଭଲ ହେବାକୁ ଇଚ୍ଛା କରିଥିଲା, କାଳେ ମରିଯିବ ବୋଲି କାନ୍ଦୁଥିଲା । ତଥାପି ସେ ମଲା, ତା ସହିତ ପଚିଶ ବର୍ଷ ତଳେ ବାପାଙ୍କ ମରିବାର କିଛି ସମ୍ବନ୍ଧ ନାହିଁ ।

ସେହିପରି ସେ ବି ବଞ୍ଚିଛି ।

ବାପା ଗୋଟାଏ ନାଁ ।

ସେହି ନାଁକୁ ସେ ବ୍ୟବହାର କରିଛି ଗୋଟାଏ ଥିଲେ—ହୋଇଥାନ୍ତା ଭାବନାରେ, ସକେଇହେବା ଛଳରେ, ଗୋଟାଏ ମୁଁ'ପଣର ବଢ଼େଇ ରଖିବାକୁ, ସେଇଆକୁ ଆଶ୍ରା କରି ନିଭୃତ ଅବସରରେ ସେ କ୍ଷତ ଖୁଣ୍ଟି ଖୁଣ୍ଟି ଆପଣାକୁ ସହାନୁଭୂତି ଦେଇଛି, ଆଉ ମନେରଖିଛି—ବାପା ।

ଶବ ଜଳିଗଲା । ତାପରେ ସମସ୍ତେ ମନେପକାଇଲେ ତାଙ୍କର ଗୋଟାଏ ଫଟୋ ଏଠି ରଖା ହେଲା ନାହିଁ ?

ବଡ଼ ଡେରିରେ ମନେପଡ଼ିଲା । ଭାଇ କହିଲେ ତାଙ୍କର ଫଟୋ ଥିବ କେଉଁଠି ହେଲେ କାରଣ ସେ ଜୀବନଯାକ ଅନେକ ଦୂର ଦୂର ଜମିଦାରୀରେ, ଗଡ଼ଜାତରେ ଚାକିରି କରି କଟାଇଛନ୍ତି—ତହସିଲଦାର୍, ମ୍ୟାନେଜର କେତେ କଣ । ହୋଇପାରେ ବା ଜମିଦାରୀଗୁଡ଼ିକ ଛୋଟ, ଅନ୍ଧାରୁଆ, କିନ୍ତୁ କେଉଁଠି କ'ଣ କର୍ମଚାରୀମାନଙ୍କ ସହିତ ସେ ଫଟୋ ନେଇ ନ ଥିବେ ? ବୋଉ କହିଲେ ତାଙ୍କର ଅନ୍ତତଃ ଦୁଇଟି ଫଟୋ ସେ ଆଖିରେ ଦେଖିଛନ୍ତି, ସେଥିରେ ଅନେକ ଲୋକଙ୍କ ରୂପ ଥିଲା, ମଫସଲର ମାଟିଘର, ଉଇ ଖାଇଗଲା । ଆଶା ରହିଲା—ଫଟୋ ମିଳିବ । ଚିଠି ଲେଖି ଲୋକଙ୍କୁ ଭେଟି ଲାଗି ରହିଲା ଦିନାକେତେ ଗବେଷଣା; ଖାଲି ରଖା ହେଲା ନାହିଁ, ଭାଇଙ୍କର ବୁଲାକାମ, ସେ ସେଟ୍‌ଲମେଣ୍ଟରେ କର୍ମଚାରୀ । ତଥାପି

Digitized by srujanika@gmail.com

ସେମାନେ ଆଶା କରିଥିଲେ—ଫଟୋ ମିଳିବ । ବିତିଗଲଣି ସେଦିନୁଁ ଏଯାକେ ପଚଶ ବର୍ଷ ।

ସମ୍ପୂର ଥାକକୁ ଥାକ ବାପା ମନେପଡ଼ୁଥିଲେ ।

ବାପା ମନଘରେ ପୁରୁଣା ଅଭାବ ନୂଆ ଖେଳ୍ପା ପରି ଖେଞ୍ଚା ମାରୁଛୁ । ସେତେବେଳେ ବାପା ମନେପଡ଼ୁଛନ୍ତି । "ବାପା ଥିଲେ କ'ଣ ଏପରି ହୋଇଥାନ୍ତା ?" ଭାଇ କହନ୍ତି, ବୋଉ କହେ, ସେ ନିଜେ ବି କହେ । ଅଭାବ ଯୋଗୁଁ ଭଲ ଖୋରାକ ମୁଠିଏ ଜୁଟୁ ନାହିଁ, ଅତି ଖରାପ ନାଳିଆ ଚାଉଳ, ଭାତରେ ଗୋଡ଼, ଡାଲି ସଞ୍ଜି କଳ, ତରକାରି କେବଳ ଶୁଂଘିବାକୁ ଯଥେଷ୍ଟ । ବୋଉ ଚାକୁହିଁ କହେ—"ଆହା, ପେଟକୁ ନଖାଇ କି ଶିରଦଉଡ଼ି ହେଲଣି ମୋ ପୁଅ । କାହୁଁ ପାଇବୁ ? ଦେବ କିଏ ? ବାପେ ତ ନାହାନ୍ତି !" ମା ପୁଅ କାନ୍ଦନ୍ତି, ସମାଲୋଚନା ଚାଲେ ଭାଇଙ୍କ ବିରୁଦ୍ଧରେ । ଭାଇ ବୀରେନ୍ଦ୍ରଙ୍କର ଆୟ ଅତି ଅଳ୍ପ, ଫଟା ଜୋତାରେ ଅଫିସ ଦଉଡ଼ ଦଉଡ଼ କରିଜଦାମ କରି ଗଇଁ ସଇଁ ହୋଇ ଲାଗି ପଡ଼ିଥାନ୍ତି ସଂସାର ସମ୍ଭାଳିବାରେ । ଅତି ବଳେଇଲେ କେବେ କେବେ କୁଆଡ଼ୁ ବୁଲି ଆସି ନଥିକରି ପିଣ୍ଡାରେ ଅଜାଡ଼ ହୋଇ ପଡ଼ନ୍ତି । ପିଠିଆଡ଼େ ହାତ ଭରା ଦେଇ ଗୋଡ଼ ଲମ୍ବେଇ ଚିତ୍ ହୋଇ ପଡ଼ି ଲମ୍ବା ଲମ୍ବା ନିଶ୍ୱାସ ଟାଣନ୍ତି ଆଉ ଧକେଇ ହୋଇ ହୋଇ କହନ୍ତି, "ଦେଖୁଛୁ ବୋଉ, ମହଙ୍ଗା କାଳ, କରିଆ ପଡ଼ିବ ଆଉ ଚଳିବୁ ଆମେ ଘର ଗୋଟାକ । ପାନ ଖାଏ ନାହିଁ ବିଡ଼ି ଖାଏ ନାହିଁ ତେଲ ବି ନଗାଏ ନାହିଁ ଲୁଗା ତ ଅଷ୍ଟବଜ୍ର ତଥାପି ଯୋଉ କଥାକୁ ସେଇ କଥା, କରଜରେ ତ ବୁଡ଼ିଲଣି ସବୁଯାକ ବୋଝ ମୋର ଉପରେ । ବାପା ଥିଲେ କ'ଣ ଏମିତି ହୋଇଥାନ୍ତା ?"

"ହଁରେ ପୁଅ, ବାପା ଡାକ ତ ବୁଡ଼ିଲା ଆଉ କାହୁଁ ପାଇବୁ ? କେତେ କେତେ ବୁଢ଼ା ସବୁ ପଥର ପରି ବସିଚନ୍ତି ଅଧା ବୟସରୁ ସେ' ଚାଲିଗଲେ ।" ଭଉ ଦୀର୍ଘଶ୍ୱାସ ପକାନ୍ତି ।

ସେହି ଦୀର୍ଘ ନିଶ୍ୱାସରେ ବାପାଙ୍କର ସ୍ମରଣ ହୁଏ ।

Digitized by srujanika@gmail.com

ଫଟୋ ନାହିଁ ।

ବୋଉ ତ ଟିକିଏ କଷ୍ଟ ହେଲେ ତାଙ୍କୁହିଁ ଡାକ ପକାନ୍ତି । ମଝିରେ ମଝିରେ ଯେତେଥର ଭାଉଜଙ୍କ ସାଙ୍ଗରେ ତାଙ୍କର ଲାଗେ ଟିକିଏ, ଭାଉଜ ବୋଉଙ୍କର ଅକାରଣ ଅଯଥା କର୍ତ୍ତୃତ୍ୱର କୁହା ନ ମାନଲେ, ଆଉ ବୋଉ ଫେରାଦ୍ ହେଲେ ଭାଇ ଯଦ ଭାଉଜଙ୍କ କାନ୍ଦୁରା ଝାଉଁଳା ମୁହଁକୁ ଆଖି ଆଗରେ ରଖି ସବୁଆଡ଼କୁ କଥା ବଞ୍ଚେଇ ଚଳେଇ ନେବା ପାଇଁ ସ୍ତ୍ରୀଙ୍କ ଆଡ଼କୁ ଢଳେଇ ଢଳେଇ ମଝିମଝିକିଆ ହୋଇ କରୁଣ କହନ୍ତି ବସନ୍ତ — "ବୁଝିଲୁ ବୋଉ, ଯାଉଣୁ ଆସୁଣୁ ଲୋକର ଦୋଷବାଛୁଲେ ସେ କଣବ କ'ଣ ? ଆଣିବ କୋଉଠୁ ? ଯେତକ ଚୂନାକୁ ସେତିକ ପିଠା ତ'— ଯଦବା ଦୋଷ ହେଇଗଲା, ହଁ ସବୁବେଳେ କାମ କରୁଥିଲେ ମୁଣ୍ଡ ଥଣ୍ଡା ରହିବ କାହୁଁ ?" ବୋଉ ଏତେ ମୋଟରେ କାନ୍ଦ ରଡ଼ ରଡ଼ ତାଙ୍କୁ ହିଁ ଡାକନ୍ତି—

"ଦେଖୁଚ ହୋ, କୁଆଡେ ତେମେ ଗଲ, ମତେ ଗୁଡ଼ା ଦେଇଗଲ ଏ କଲବଲ ଭୋଗିବା ପାଇଁ, ଶୁଣୁଚଟି ତେମେ, ମତେ ଷାବ୍ର କ କଥା କହିଲ ? ହାଆଁ ନଗା ଜୀବନ ପୋଡ଼ ଯାଉନାଇଁ କାଇଁକି, ତମେ ଏତେ ନିଷ୍ଠୁର ହୋ ମତେ ସାଙ୍ଗରେ ନେଲନାଇଁ··· ।"

ଭାଇ ଉପରେ ନିର୍ଭର କରି ରହି ଅଭାବରେ ପଡ଼ିବା ଦିନ ବିତିଯାଇଛି । ନରେନ୍ଦ୍ର ଭାଇଠୁ ଭିନେ ହୋଇଛି, ଆପଣା ଗୋଡ଼ରେ ଠିଆ ହୋଇଛି, ସେ ଅବକାରୀ ସବ୍‌ଇନସ୍‌ପେକ୍ଟର । ଆପଣା କାମ ଓ ଆପଣା ଘରକରଣାରେ ସେ ସାତପରସ୍ତ ହୋଇ ବନ୍ଧା ହୋଇ ଘୂରୁଛି । ତା'ର ଅନ୍ୟ ଭାବନା ପାଇଁ ସମୟ ନାହିଁ, ପ୍ରବୃତ୍ତି ନାହିଁ । ଆଖି ବୁଜି ଭାବିଲେ ଅତି ପାଖର ଏତେ ଶହ ମନେପଡ଼େ ଯେ ଦୂରର ଛବି କାହିଁ ଘୋରେଇ ହୋଇପଡ଼େ, ତଥାପି ବେଳେ ବେଳେ ବାପାଙ୍କୁ ଭାବିବାକୁ ଆବଶ୍ୟକ ପଡ଼ୁଛି, ସେ ଭାବୁଛି ।

ଅତି ଆନନ୍ଦରେ ମନ ଧାରିଲାବେଳେ ଯେତେବେଳେ ସେ ଅନୁଭବ କରୁଛି ଅତି ନିଭୃତରେ ଆଉ କାହାର ଅଭାବ ଯେ ଅକପଟ

Digitized by srujanika@gmail.com

ହୋଇ ତାହାର ଆନନ୍ଦରେ ଭାଗ ନେଇଥାନ୍ତା, ଯେତେବେଳେ ସେ ଆପଣାକୁ ଅତି ଅବହେଳିତ ଅତ୍ୟାଚାରିତ ବୋଲି ଭାବୁଛି, ଅଥବା ଯେତେବେଳେ ଦୁଃଖର ପ୍ରଚଣ୍ଡ ଆଘାତରେ ନଇଁପଡ଼ି ସେ ଖୋଜୁଛି ସହାନୁଭୂତି, ସେତେବେଳେ ଆପେ ତା'ର ମନ ତାଙ୍କର ସ୍ମୃତିକୁ ହିଁ ଫେରିଯାଉଛି । ରୂପ ନ ଦେଖି ପାରିବା ଯୋଗୁଁ ଅକ୍ଷମତା ତାକୁ ଅଟକାଇ ପାରୁନାହିଁ, କେବଳ କଳ୍ପନା କରି ସେ ଆଶ୍ୱାସ ପାଉଛି ।

ମ୍ୟାଟ୍ରିକୁଲେସନ ପରୀକ୍ଷାରେ ଫେଲ୍ ହେଲାବେଳେ ଭାଇ ଯେତେବେଳେ କହିଲେ, "ନଇଆ, ବୁଡ଼େଇଲୁ ତୁ ମତେ । ଏତେ ଟଙ୍କା ଖାଇଲି ତୋ ପଛରେ ଆଜି ଶେଷରେ ତୁ ଫେଲ୍ ହେଲୁ ।" ସେତେବେଳେ ମନେ ମନେ ବାପାଙ୍କୁ ହିଁ ସେ ସ୍ମରଣ କରିଥିଲା । ଲାଗିଥିଲା, ସେ ଅତି ନିରାଶ୍ରୟ, ସଞ୍ଜ ଅନ୍ଧାରରେ କାନ୍ଦି କାନ୍ଦି ସେ ବାପାଙ୍କୁ କୈଫିୟତ ଦେଇଥିଲା ଯେ ସେ ଏତେ ପରିଶ୍ରମ କଲା, ଘର କାମ କରି ପଢ଼ାବେଳେ ଦଶଥର ବଜାରକୁ ଦଉଡ଼ ଦଉଡ଼ ପାଠ ପଢ଼ା, ଫେଲ ହେଲା ଯଦି ସେ କ'ଣ ତା'ର ଦୋଷ ?

ବାପା ମରିବାର ପାଞ୍ଚ ବର୍ଷ ହୋଇଥାଏ, ତେଣେ ଝୁଙ୍କ ଥାଏ ବେଶୀ । ସପ୍ଲିମେଣ୍ଟାରୀରେ ପାଶ୍ କରିବା ଖବର ପଢ଼ି ସେ ତାଙ୍କୁ ହିଁ ସ୍ମରଣ କରି ହଟୋପା କାନ୍ଦିଥିଲା । ଅଭାବ ଅନୁଭବ କରିଥିଲା—ସେ ଥାଆନ୍ତେ ! ସେ ଦେଖିଥାନ୍ତେ ! ଖୁସି ହୋଇଥାନ୍ତେ ! ସେହିପରି ଆଇ. ଏ. ଫଳ ବାହାରିବା ଦିନ, ପହିଲି ଦିନ ଚାକିରି କରି ଗଲାଦିନ, ବିଭାହେଲା ଦିନ । ସେହିପରି ଚାକିରି ନମିଳିଥିଲା ବେଳେ ସଂସ୍ଥାନ ଅନୁସନ୍ଧାନ କରି କରି ହତାଶ ହୋଇ ବୁଲିଲା ବେଳେ କେବେ କେବେ, ଆଜି ପରେ ବି ଯେତେଥର ଦୁଃଖରେ ପଡ଼ୁଛି ।

କାହା ଘରେ ହାତଅନ୍ଧବାଟେ ଗଞ୍ଜେଇ ଟେକେଇ ପକେଇ ଘର ତନଖି କରି ସେ ମିଛରେ ଗଞ୍ଜେଇ ବାହାରିଲା ବୋଲି ମକଦ୍ଦମା କଲା ବୋଲି ଅଭିଯୋଗ ହୋଇ ତା ଉପରେ ଓଲଟି ଗୋଟିଏ ମକଦ୍ଦମା ହୋଇଥିଲା । ପଦେ ପଦେ ଆଶଂକା ଥିଲା, ମକଦ୍ଦମା ପ୍ରମାଣ ହୋଇଯିବ,

Digitized by srujanika@gmail.com

ସେ ଜେଲ୍ ଯିବ । ସମସ୍ତେ ତାକୁ ଦୂର୍ ଦୂର୍ କରୁଥିଲେ, ଯାହାକୁ ଓକିଲ ଦେଇଥିଲା ସେ ବି ତା ମୁହଁକୁ ବିଚିତ୍ର ଭଙ୍ଗୀରେ ଚାହିଁ ଏପରି ହସଟିଏ ହସେ ଯହିଁରୁ ନରେନ୍ଦ୍ର ବୁଝେ ତାଙ୍କ ଦୃଷ୍ଟିରେ ସେ ଦୋଷୀ ।

ସେତେବେଳେ ନରେନ୍ଦ୍ର ବାପାଙ୍କୁ ସ୍ମରଣ କରିଥିଲା । ଆପଣା ଅସହାୟତାରେ ସଚେତନ ଅନୁଭବ କରିଥିଲା, ବାପା ଥିଲେ ସେ ଏପରି ବିପଦରେ ପଡ଼ିନଥାନ୍ତା, ଜୀବନର ଗତି ହୋଇଥାନ୍ତା—ଭିନ୍ନ ।

ଅଥଚ ଯେଉଁଦିନ ସିଏ ବାହାରିଲା, ଆପଣା କାନରେ ଶୁଣିଲା ସେ ନିର୍ଦ୍ଦୋଷ, ସେ ମୁକ୍ତ, ସେତେବେଳେ କଟକ ଘରେ ସ୍ମରଣ ପଡ଼ିଲା ତା'ର ସ୍ତ୍ରୀର ମୁହଁ, ତା'ର ପୁଅ ଝିଅଙ୍କ ମୁହଁ । ସେ ଘରକୁ ଯାଇ ପେଟପୂରି ଖାଇଥିଲା, ଉପଭୋଗ କରିଥିଲା, ବାପା ମନେପଡ଼ିନାହାନ୍ତି ।

ବାପା ଯେପରିକି ନରେନ୍ଦ୍ରର ଅନ୍ୟରୂପ, ଅଜ୍ଞାତ ରୂପ । ଆପଣାର ଜଣାଶୁଣା ବ୍ୟକ୍ତିତ୍ୱ ଯେତେବେଳେ ନିଜର ଆନନ୍ଦ କି ଦୁଃଖରେ ଭାଗୀ ହେବା ପାଇଁ ନିଅଣ୍ଟ ହୋଇପଡ଼େ ସେତେବେଳେ ବାପାଙ୍କ ସ୍ମୃତିର ପଡ଼ିଆର ଦେଖାଇ ଲୁଚି ରହିଥିବା ଆଶାବାଦୀ କଳ୍ପନାବିଳାସୀ ତା'ର ସେ ଅଦେଖା ବ୍ୟକ୍ତିତ୍ୱର ହିଁ ସେ ସାହାଯ୍ୟ ଲୋଡ଼େ, ଆପଣାକୁ ଆପଣା ଠୁଁ ଅଲଗା କରି ଥୋଇ ପୃଥିବୀ ବାହାରେ ପାଦ ରଖି ପୃଥିବୀକୁ ଟେକିବାକୁ ଚେଷ୍ଟା କଲାପରି ସେ ବାପା ବାପା ଧାରଣାରେ ଭକ୍ତିକରି ଆପଣାକୁ ଗଢ଼ାଏ, ଲେଉଟାଏ, ପରିଷ୍କାର କରେ, ଆଉ ହଏ ପ୍ରଚୁର ସହାନୁଭୂତି ।

ବାପାଙ୍କ ଚେହେରା ମନେପଡ଼େନାହିଁ ।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଜୀବନର ଯେଉଁ ସ୍ତରକୁ ଭସି ରହିଛି ସେଥିରେ ଅତି ବେଶୀ ଖୁସି କି ଅତି ଅଧିକ ଦୁଃଖ ଘଟିବାକୁ ସାଧାରଣରେ ସମ୍ଭାବନା ନାହିଁ । ଜୀବନ ସମତଳ ଧରିଲାଣି, ପରୀକ୍ଷାରେ ପାଶ୍ କରିବା ଆନନ୍ଦ ଆଉ ଆସିବ ନାହିଁ, ଫେଲ୍ ହେବା ଦୁଃଖ ବି ଘୋଟିବ ନାହିଁ, ସଂସାରର ଲକ୍ଷ ଲକ୍ଷ ଗୃହସ୍ଥଙ୍କ ପରି ସେ ଗୃହସ୍ଥ ଜଣେ, ବନ୍ଧା ଗତିରେ ଦିନ ବିତେଇବା କାମ, କଳ୍ପନାର ଖେଳାର ପରିସର କମି

Digitized by srujanika@gmail.com

କମି ଆସୁଛି, ଦୃଷ୍ଟିଭଙ୍ଗୀରେ ଶାଣ ନାହିଁ, କେବଳ ମୋଟା ମୋଟି ଆଗକୁ ଦେଖି ମୋଟା ବୁଦ୍ଧିରେ ଘଟନାକୁ ଆଲୋଚ ଦେହ କାଠ କରି ସବୁ ସହିଯିବା, ମୋଟାଦାଗିଆ ଓଜନ କରିବା—ଲାଭ କେତେ କ୍ଷତି କେତେ, ଆଉ ସୃଷ୍ଟିରେ ହସି ଦେଇ ଆପଣାକୁ ବୁଝେଇବା—"ଜୀବନ ଏହିପରି, ଭଲମନ୍ଦ ସବୁ ମିଶାମିଶି, ସମସ୍ତେ ସହନ୍ତି, ଏଥିରେ ମାନ ନାହିଁ କି ଅପମାନ ନାହିଁ କି ସହାନୁଭୂତି ନାହିଁ ।" ମୋଟା ପୋଡ଼ପିଠା ଖଣ୍ଡେ ପରି ମୋଟାସୋଟା ଜୀବନ ତା'ର, ପେଟ ବାହାରିଲାଣି । ବାପା ମନେ-ପଡ଼ନ୍ତି ଖାଲି ବରଷକେ ଥରେ ତାଙ୍କ ଦିନ । ସେତେବେଳେ ବି ଠିକ୍ ସେହି କାର୍ଯ୍ୟରେ ମନ ନିଶ୍ଚଳ କରି ହୁଏ ନାହିଁ । ପିଲାଙ୍କ କଥା ଘର ଜଞ୍ଜାଳ ସବୁ ସବୁ ବିଧିରକ୍ଷା କରିଯାଏ, ଦଣ୍ଡବତଟାଏ କଲାବେଳେ ଦୀର୍ଘଶ୍ୱାସ ପଡ଼େ ନାହିଁ । ସୂକ୍ଷ୍ମତର ଅନୁଭୂତି ହରାଇ କଳ ପରି କାମ କଲାବେଳେ ଆପଣାଠିଁ ଗୌରବ ଅନୁଭବ କରିବାକୁ ଇଚ୍ଛା ହେଲେ ସେ ଭାବେ ସେ 'କର୍ତ୍ତବ୍ୟ' କରୁଛି, ଆଉ ଠିକ୍ କଥା—ଗୀତାହିଁ ତ କହୁଛନ୍ତି ନିର୍ଲିପ୍ତ ହୋଇ ମମତା ଭୁଲି କର୍ତ୍ତବ୍ୟ କରିଯାଅ, ତେବେ ତ ମଣିଷ !

କିଛି ଅଟକେ ନାହିଁ, ବାପାଙ୍କ ସ୍ମୃତି ପଡ଼ିରହୁଛି କାହିଁ ପଛରେ ।

କିନ୍ତୁ ସେଦିନ ପର ଘରେ ଗୋଟିଏ ଅଚହ୍ନା ଫଟୋକୁ ଦେଖି ହଠାତ୍ ସେ ଆତ୍ମବିସ୍ମୃତ ହୋଇଥିଲା । ଦିନ ବାରଟା ବେଳ, ବଡ଼ ସହରରେ ମଣିଷକଳବଳ ଛକ ଉପରେ ବଡ଼ କୋଠା । ଖୋଲା ଦାଣ୍ଡଘରେ ସେ ହାତରେ ଗୋଟିଏ ପୁରୁଣା ଫଟୋଧରି ଏକ ଦୃଷ୍ଟିରେ ତାକୁ ଅନାଇଁ ରହିଛି, ଘୁଣ୍ଟ ଉଠୁଛି ପଡ଼ୁଛି, ବନ୍ଧୁ ନୁହନ୍ତି ସ୍ୱଜନ ନୁହନ୍ତି ଏପରି ପାଞ୍ଚଜଣ ଅଧାଚହ୍ନା ଭଦ୍ରଲୋକଙ୍କ ଆଗରେ ବିନା ସଙ୍କୋଚରେ ଅବକାରୀ ସବଇନସ୍ପେକ୍ଟର ନରେନ୍ଦ୍ର ଝର ଝର ହୋଇ କାନ୍ଦୁଛି, ତା'ର ଖାଉଁପିଆ ଗୋଲ୍‌ମୁହଁ ଉପରେ ଜର ଜର ହୋଇ ତଳକୁ ଛୁଟିଛି ଲୁହଢ଼ୁଙ୍ଗୁଡ଼ିମା, ମୋଟା ମୋଟା ନିଶ ଦିଫାଳ ଉପରେ ଅଜାଡ଼ି ହେଉଛି, ତଳକୁ ବୋହି ପଡ଼ୁଛି । ସମସ୍ତେ ତାରି ଆଡ଼କୁ ଚାହିଁଛନ୍ତି, ମୁହଁ ଗମ୍ଭୀର । ସତେ

Digitized by srujanika@gmail.com

ଯେପରିକି କୂଅ ନଦରେ ମଟର ସାଇକେଲ ଚଢ଼ାଳି ସର୍କସବାଲା ସେ, ସେମାନେ ଠିଆ ଠିଆ ଅନାଇଁଛନ୍ତି । ଏକ ଗମ୍ଭୀର ମୁହୂର୍ତ୍ତ ।

ପ୍ରାୟ ଦଶମିନଟ୍ ଏଭଳି କଟିଲା ପରେ ସେମାନେ ପରସ୍ପର ମୁହଁ ଚୁହାଁଚୁହିଁ ହେଲେ । ଅସହ ଅବସ୍ଥା ଭାଙ୍ଗିଗଲା ଭଳି, ନରେନ୍ଦ୍ର ରଗଡ଼ି ରଗଡ଼ି ଆଖି ପୋଛିଲା, ଉପସ୍ଥିତ ଚାରିଜଣ ଭଦ୍ରଲୋକଙ୍କ ପାଟି ସ୍ଥିର ଥିଲା, ପୁଣି ସେମାନେ ଟାନ ଟେବେଇ ଟେବେଇ କଳ ବୁଲେଇଲେ, ପଞ୍ଚମଜଣଙ୍କ ମୁହଁରେ ସିଗାରେଟ୍ ଖଣ୍ଡେ ଭୂ[illegible]ଦେଇ ନିଆଁ ଲଗାଇବାକୁ ବଢ଼ିଆସିଲା ଖୋଜି ଖୋଜି କାମିଜ ଓ ପ୍ୟାଣ୍ଟର ସବୁ ପକେଟ୍ ଅଣ୍ଡାଳିବାରେ ଲାଗିଗଲେ । ସମସ୍ତ ତା'ର ରଙ୍ଗ ସମେତ ପଦାକୁ ହଟି ଯାଇଥିଲା, ପୁଣି ଭିତରକୁ ପଶି ଆସିଲା, ସମସ୍ତଙ୍କ ମନରେ ବର୍ତ୍ତମାନର ଜାଗ୍ରତ ଚେତନା ଲେଉଟି ଆସିଲା ଓ ତାହା ସହିତ ଫେରି ଆସିଲା ଆଲୋଚ୍ୟ ବିଷୟ ଯେ ଏହି ଯେଉଁ ସୌମ୍ୟଦର୍ଶନ ଭଦ୍ରଲୋକ ସିଗାରେଟ୍ ଟାଣୁଛନ୍ତି ସେ ଏ ଘରର ମାଲିକ ଜମିଦାର ରସିକବାବୁ, ସେ ଏଢରେ ଗୋଟିଏ ବିଲାତି ମଦ ଦୋକାନ କରିବେ ବୋଲି ଲାଇସନ ପାଇଁ ଦରଖାସ୍ତ ଦେଇଛନ୍ତି, ତେଣୁ ଅବକାରୀ ସବ୍ଇନସ୍ପେକ୍ଟର ଆସିଛନ୍ତି ଇନକ୍ୱାରିକୁ । ଗଡ଼ଜାତରେ ଧେଣ୍ଡ୍ରୂର ଇଷ୍ଟେଟ୍ ରସିକବାବୁଙ୍କ ଜମିଦାରି, ଇନ୍କ୍ୱାରି କରୁ କରୁ ସବ୍ଇନ୍ସ୍ପେକ୍ଟର ବାବୁ କହିଲେ—"ଆଜ୍ଞା, ମୋ ବାପା ଆପଣଙ୍କ ଧେଣ୍ଡ୍ରୂର ଇଷ୍ଟେଟରେ ହିଁ ମ୍ୟାନେଜର ଥିଲେ ।"

ରସିକବାବୁ ଏଭଳି ସୁଯୋଗ ଆଶା କରି ନଥିଲେ । ସେ ବରଂ ଚିନ୍ତିତ ଥିଲେ ଯେ ଜମିଦାରୀ ଉଚ୍ଛେଦ ପରର ଦୁର୍ଦ୍ଦିନକୁ ପାରି ହେବା ପାଇଁ ଏଠି ବିଲାତି ମଦ ଦୋକାନ କରିବାକୁ ମନ ବଳେଇଛନ୍ତି ସିନା କିନ୍ତୁ ଜନମତ ତା'ର ଘୋର ବିରୋଧୀ ହେବ । ଯଦି ମୂଳରୁ ଇନ୍କ୍ୱାରି ବେଳୁ ତା ବିପକ୍ଷରେ ମତ ଦିଆହେବ ତେବେ ତ ଦୋକାନ ପାଇଁ ଲାଇସେନ୍ସ ପାଇବା ଅସମ୍ଭବ ହେବ । ତେଣୁ ସେ ସବ୍ଇନସ୍ପେକ୍ଟରଙ୍କୁ ମଙ୍ଗେଇବା ପାଇଁ ପ୍ରସ୍ତୁତ ଥିଲେ, ଅଥଚ ଭାଗ୍ୟ ଏପରି ଯେ ଉପରେ ପଡ଼ି ବନ୍ଧୁ ମାନ୍ୟକରି ଅବକାରୀବାବୁ କହିଲେ—"ମୋ ବାପା ଆପଣଙ୍କ ଇଷ୍ଟେଟ୍‌ରେ ମ୍ୟାନେଜର ଥିଲେ ।"

Digitized by srujanika@gmail.com

"ତେବେ ତ ଆପଣ ଆମ ନିଜ ଲୋକ ଆଜ୍ଞା, ବାଃ ବଡ଼ ଭଲ ହେଲା, ଆପଣଙ୍କ ବାପାଙ୍କ ନାଁ କ'ଣ ? ବର୍ତ୍ତମାନ କେଉଁଠି ଅଛନ୍ତି ? ତାଙ୍କର ସବୁ କୁଶଳ ତ ?" ଦୀର୍ଘଶ୍ୱାସ ପକାଇ ନରି କହିଲା—"ଆଉ କୁଶଳ କ'ଣ ? ମୋତେ ଏଗାର ବର୍ଷ ହୋଇଥିଲା ସେ ସ୍ୱର୍ଗାରୋହଣ କଲେ, ଆଜିକି ପଚିଶ ବର୍ଷ ହୋଇଗଲା ଆଜ୍ଞା । ତାଙ୍କ ନାଁ ଥିଲା ଦେବେନ୍ଦ୍ରନାଥ ମହାପାତ୍ର, ଶୁଣିଛି ମୁଁ ଯେତେବେଳେ ଜନ୍ମ ହୋଇଥିଲି ସେତେବେଳେ ସେ ଧେଣ୍ଡୁରା ଜଙ୍ଗଲରେ କ'ଣ ପ୍ରଜାଙ୍କ କଳି ନିଷ୍ପତ୍ତି କରୁଥିଲେ ଯେ ଘରକୁ ଆସି ପାରିଲେ ନାହିଁ, ଅଥଚ ମା ଖୁବ ବେମାର ପଡ଼ିଥିଲେ । ଏମିତି ଫାଶୁଆ ଲୋକ ଥିଲେ ସେ । ମୁଁ ଯେତେବେଳେ ଦୁଇବର୍ଷର ସେତେବେଳେ ସାମାନ୍ୟ ଗୋଟାଏ ବିଷୟରେ ଜମିଦାରଙ୍କ ସଙ୍ଗେ ମତ ଅମେଳ ହେବାରୁ ସେ ଚାକିରି ଛାଡ଼ିଦେଇ ଚାଲିଆସିଲେ, ସାଙ୍ଗେ ସାଙ୍ଗେ ବାଲେଶ୍ୱରର ପ୍ରୀତିପୁର ଇଷ୍ଟେଟ୍ ତାଙ୍କୁ ନିମନ୍ତ୍ରଣ କରି ନେଇ ଚାଲିଗଲେ । ମତ ଅମେଳର ଅନ୍ୟ କିଛି କାରଣ ନଥିଲା ଆଜ୍ଞା, ଗୋଟାଏ ଜାଗାରେ ଜମିଦାର କହିଲେ ଏଠି ଦେଉଳ ତୋଳା ହେବ, ବାପା କହିଲେ ରାଜ୍ୟରେ ତ ବହୁତ ଦେଉଳ ଅଛି ଆଉ ଦେଉଳ କାହିଁକି ? ଏଠି ଗୋଟାଏ ପୋଖରୀ ଖୋଳାହେଉ ମାଛ ରହିବେ । କଥା ଏତିକି । ସେ ଚାଲି ଆସିଲେ । ସେମାନେ ତ ଆମ ପରି ନ ଥିଲେ ଆଜ୍ଞା, ଅବକାରୀ ସବ୍‌ଇନସପେକ୍ଟର ନ ଥିଲେ, ଫାଶୁଆ ଲୋକ, ଜିଦ୍‌ଖୋର ଲୋକ, ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ, ମନ ପଟିଲା ନାହିଁ ତ ଚାଲିଲେ ଘରକୁ ।"

ଜମିଦାର ପୁତ୍ର ଜମିଦାର ରସିକ ବାବୁଙ୍କ ଗୋପନ ମନରେ ଅଙ୍ଗତର ସାଆନ୍ତ ଆଭିଜାତ୍ୟ ନିଦଭଙ୍ଗା ସାପ ପରି ଥରେ ଉଠିଲା। ଥରେ, ସେ ଭୁଲିଗଲେ ଯେ ଏ ଲୋକଟିକୁ ତାଙ୍କୁ ପଟେଇବାକୁ ପଡ଼ିବ । ବଲ୍ଲୁକ ଫୁଟେଇଲା ପୂର୍ବରୁ ଟର୍ଚ୍ଚ ଆଲୁଅ ଫୋପାଡ଼ିଲା ପରି ସେ ଝୁକ୍ କରି ହସିଦେଇ କହିଲେ—

"ସେକାଳ କଥା କହୁଚନ୍ତି କାହିଁକି ଆଜ୍ଞା ? ମହାପ୍ରତାପୀଥିଲେ ଜମିଦାରମାନେ, କଥାକଥାକେ ରାଜ୍ୟ ବାହାର । ଖୁସି ହେଲେ ଉପ୍ରବ

Digitized by srujanika@gmail.com

କଲେ ତ ନାଟବାଟ ନୂଚଲେ । ମୋ ଜନ୍ମଦନକୁ ମୁଁ ଶୁଣିଛ ବ'ଟା ହାଟ ଝୁମ୍ପିରେ ଲୁଟ୍ କଗ ହୋଇଥିଲ । ଗୋଟାଏ ସାହରେ ଖୁପିରେ ନିଆଁ ଲଗାଇ ଦଅ ହୋଇଥିଲ, ଏଣେ ଦୁଃଖୀ ଉର୍କଙ୍କି ବଣ୍ଟା ହୋଇଥିଲ ପାଞ୍ଚ ହଜାର ଟଙ୍କା ତ ତେଣେ ମକଦ୍ଦମା ଲଢ଼ି ଖର୍ଚ୍ଚ କଗ ହୋଇଥିଲ ବାଇଶ ହଜାର ଟଙ୍କା । ସେମାନେ ରାଜା ଥିଲେ, ସେତେବେଳେ ତ ଜମିଦାରୀ ଉଚ୍ଛେଦ କଥା ଉଠୁ ନ ଥିଲ କ ସେମାନେ ତ ବେପାର କରିବାକୁ ଗ୍ରୁ ନ ଥିଲେ, ନା କ'ଣ କହୁଚ ଦଳବେହେରାଏ ?

ବୁଢ଼ା ଗୁମାସ୍ତା ଦଳବେହେର ପ୍ରତିଧ୍ୱନି କର ଉଠିଲେ—"ଠିକ୍ କଥା ଆଜ୍ଞା, ସେ କାଳ ଅଉ ଏକାଳ ! ଏ କାଳରେ ଧର୍ମ ନାହିଁ ।" ରୋଗ ଡେଙ୍ଗା ଲୋକ, ମୁଣ୍ଡବାଳ ଖୋଟ ହୋଇଛୁ, ନଶ ଧଳା ହେଲେ ବ ପଯନ୍ତରେ ମୋଡ଼ା ହୋଇଛୁ, ଜକ୍ ଜକ୍ ଆଗୁଆ କପାଳରେ ଲମ୍ବା ସିନ୍ଦୂର କଲ, ପ୍ରଭୁ ଉପରୁ ପ୍ରଭୁ ଏହିପର ଯୋଡ଼ଏ ଯାଇ ତନୋଟି ହେଲେଣି, ଏହିପର ସେମାନେ ପଗ୍ରର ଆସିଛନ୍ତ—"କ'ଣ କହୁଚ ଦଳବେହେରାଏ ?" ଆଉ ଏହିପର ସେ ଉତ୍ତର ଦେଇଛନ୍ତ "ଠିକ୍ କଥା ଆଜ୍ଞା, ଠିକ୍ କଥା ।" ନଶରେ ତାଉ ଦେଇ ବରାଜୁଛନ୍ତ, ହେଲଣି ସତୁର ବର୍ଷ, ପୁଅମାନେ ବଡ଼ ବଡ଼ ଷ୍ଟେସରେ ଏକହଜାର ଦେଢ଼ହଜାର କର୍ମଗ୍ଘାରୀ, ଘରେ କୋଠା ଜମି ବ୍ୟବସାୟ ଆଦ ତଥାପି ସେ ପ୍ରଭୁଙ୍କ କଡ ଛାଡ଼ି ନାହାନ୍ତ, ଯଦଚ ଏ ଘରେ ଆଉ ସେତେ ଟଙ୍କା ନାହିଁ, ସୁନା ନାହିଁ, ଛୋଟାବାଡ଼ ହଣା ହୋଇ ପଚ୍ଛ ଚାରଖର ରସିଦ ଗଡ଼ାହୋଇ ଅନାବାଦ ଜମି ବ ପ୍ରଜାଲଗି ହୋଇସାରଲଣି । ଝିଙ୍କ ପର ତଥାପି ଲଗି ରହିଛନ୍ତ ଦଳବେହେରାଏ, ଗୁମାସ୍ତା ହେଲେ ବ ସମସ୍ତେ ଜାଣନ୍ତ ସେ ଧେଣ୍ଡୁରା ଜମିଦାରଙ୍କ ପରାମର୍ଶଦାତା । ବଲତ ମଦ ଦୋକାନ ବସେଇବା କଳ୍ପନାଟା ଆଗ ଜମିଦାରଙ୍କର ହେଲେ ବ ସେ ତହିଁରେ ପ୍ରଧାନ ପୃଷ୍ଠପୋଷକ ଓ ଉତ୍ସାହଦାତା ।

ପ୍ରବୀଣ ଦଳବେହେରାଏ ଥରେ ରସିକ ବାବୁଙ୍କୁ ତ ଥରେ ନରେନ୍ଦ୍ରକୁ ତୀକ୍ଷ୍ଣ ଦୃଷ୍ଟିରେ ଅନାଇଁ ଗ୍ରହଗଲେ, ରସିକ ବାବୁଙ୍କ ଆଭିଜାତ୍ୟର ଆସ୍ଫାଳନରେ ଅବକାଶ ସବ୍‌ଇନସ୍‌ପେକ୍ଟର ବାବୁଙ୍କ ମୁହଁ

Digitized by srujanika@gmail.com

ଶୁଣିପାରୁଛି । ଲୋକଦ୍ୱାରା କାର୍ଯ୍ୟ ଉଦ୍ଧାର କରିବାର ଇଚ୍ଛାଥିଲେ ତାକୁ ମୁହଁ ଉପରେ ପାହାରେ ଦେବା କେବଳ ଅସଙ୍ଗତ ନୁହେଁ, ହାସ୍ୟାସ୍ପଦ । ତେବେ, ସୁଧୁରାଇବା ତ ତାଙ୍କର କାମ । ଚଟ୍ କରି ହସି ଦେଇ ସ୍ନେହଶୀତଳ ବୃଦ୍ଧାଣିରେ ନରେନ୍ଦ୍ରକୁ ଅଭିଷିକ୍ତ କରି ଗଦ୍‌ଗଦ ହୋଇ ସେ କହିଲେ—

"ଆରେ, ଆପଣ ଆମ ଦେବ୍‌ବାବୁଙ୍କ ପୁଅ । ବଡ଼ ଭଲ ଲୋକ ଥିଲେ ସେ ଆଜ୍ଞା, ଏତେ ମ୍ୟାନେଜର ଦେଖିଚି ତାଙ୍କପରି ଅଉଜଣକୁ ଦେଖିଲି ନାହିଁ । ପଦେ କଥାର ଲୋକ ଆଜ୍ଞା, ଯାହା ଭାବିଲେ ତା ତୁଣ୍ଡେ ତୁଣ୍ଡେ ସଫା ସଫା, ରଜା ପୁଅକୁ ବାଟ ବତେଇବେ । ବାଘପରି ମଣିଷ ଅଥଚ ଠିକ୍ ସେମିତିକ ବାଛୁରି ପରି ସୁଧାର, କି ବୁଢ଼ା କି ପିଲା ସମସ୍ତଙ୍କ ସାଙ୍ଗରେ । ଯେତେଦିନ ଥିଲେ ଧନ୍ୟ ଧନ୍ୟ ଛଡ଼ା ଆଉ କାହାରି ତୁଣ୍ଡରେ ଅନ୍ୟ କଥା ପଦେ ନାହିଁ । ଓଃ ଆପଣଙ୍କୁ ଦେଖି କେଡ଼େ ଖୁସି ଲାଗୁଛି ଆଜ । ମୁଁ ତାଙ୍କର ପାଖେ କାମ ଶିଖିଥିଲି ।"

ନରେନ୍ଦ୍ର ମୁଣ୍ଡ ନୁଆଁଇ ଦେଇ ସତେକି ତରଳିଗଲା ତାଙ୍କ ଆଗରେ । ବଳଦେବହେଗ ବଶିଲେ ଅତି ବେମୁକ୍ତ । ସେ କହି ଲାଗିଛନ୍ତି, "ଆପଣ ଅଫିସର ହୋଇ ଆସିଛନ୍ତି; କିନ୍ତୁ ଦେଖନ୍ତୁ ଏ ଘର ସହିତ ଆପଣଙ୍କର କେଡ଼େ ପୁରୁଣା ସମ୍ବନ୍ଧ । ସେମିତି ତ ଏ ପୁରୁଣା ଘର ରହିଚି, ଏ ପୁରୁଣା ଟେବୁଲଟା ବି । ଏଇ ଯେଉଁଠି ଆପଣ ବସିଛନ୍ତି ହାତ ଥୋଇଛନ୍ତି କେତେଥର ଏଇଠି ଏମିତି ବସିଥିବେ ଦେବ୍‌ବାବୁ ଯେ ତାର ଲେଖା ନାହିଁ । ଆଃ ମଣିଷଟା ଏତ !"

ବଳଦେବହେଗଙ୍କ ମୁହଁକୁ ବଲବଲ କରି ଅନାଇଁ ରହି ରସିକବାବୁ ବଲବଲୋଉ ଥାନ୍ତି—"ଦେବ୍‌ବାବୁ ! ଦେବବାବୁ ! ନାଁଟା କୋଉଠି ଶୁଣିଲାପରି ଲାଗୁଚି—ଏଁ, ରଇଥା, ଛତିଶ ବର୍ଷ ତଳ କଥା ତା'ହେଲେ, ମତେ ହୋଇଥିବ ଷୃରବର୍ଷ, ସେତେବେଳେ କ'ଣ ହୋଇଥିଲି ? ରହ ମୁଁ ଭାବେ, ତାଙ୍କ ହାତର କାଗଜପତ୍ର ଆମ ଘରେ ଥିବ—ଦେବବାବୁ - ଦେବେନ୍ଦ୍ରନାଥ ମହାପାତ୍ର—ଦେଖିଚି ତାଙ୍କ ଦସ୍ତଖତ କୋଉଠି—ଡି. ଏନ୍. ମହାପାତ୍ର—ଭାବିଲେ କହିବି—"

Digitized by srujanika@gmail.com

ନରେନ୍ଦ୍ର ଗୋଟାଏ ଠାଣିରେ ତାଙ୍କ ମୁହଁକୁ ଅନେଇଁ ମୁଣ୍ଡରେ ହାତ ଦେଇ ବସି ରହିଛି । ଆଖି ବାମ୍ଫେଇଲାଣି । ହଠାତ୍ ପାସୋର ଯାଇଛି ଉଦ୍ଦେଶ୍ୟ, ପାସୋର ଯାଇଛି ପରିସ୍ଥିତି । ସେ ଯେପରିକ କଛି ନୁହେଁ, କେହି ନୁହେଁ, ଗୋଟିଏ ନିଆଶ୍ରା ବାପଛେଉଣ୍ଡ ପିଲା, ବାପାକୁ ଝୁରୁଛି ।

ଚମକ ପଡ଼ିଲାପରି କହିଲା, "ଆଜ୍ଞା, ତାଙ୍କର ଫଟୋ ଅଛି ? ଦୁନିଆ ସାରା ଖୋଜିଲାଣି ତାଙ୍କର ଫଟୋ ପାଉନାହିଁ । ଦେଖନ୍ତୁ ଯଦି ଦୟା କରି, କାଳେ ଥିବ !"

ତା'ର ବ୍ୟାକୁଳ ଅନୁନୟ ଶୁଣି ରସିକ ବାବୁଙ୍କୁ ଅସ୍ୱସ୍ତି ଲାଗିଲା । ଚିନ୍ତା ହୋଇପଡ଼ି ଏକର ସେକର ଟହଲିଲେ । ଗୋଟାଏ କଥା ମନେ ପଡ଼ିଗଲା । ବୁଲିପଡ଼ି କହିଲେ, "ସେତେବେଳର ଗୋଟାଏ ଫଟୋ ଅଛି ହିଁ—"

ପାଟିରୁ କଥା ଛଡ଼େଇ ନେଇ ନରେନ୍ଦ୍ର ଗୋଳ କଲା "ଆଣନ୍ତୁ, ଆଣନ୍ତୁ ଆଜ୍ଞା, ଦୟା କରନ୍ତୁ ଟିକଏ—"

କେବଳ ଅନୁନୟ ନୁହେଁ, ଦାଣ୍ଡଦୁଆରେ ଭିକାରିର ଚିତ୍କାର ।

ସମର୍ଥନ ଖୋଜି ରସିକବାବୁ ଦଳବେହେରାଙ୍କୁ କହିଲେ, "ତମର ମନେଥିବ ଦଳବେହେରାଏ, ମତେ ଯେତେବେଳେ ବୃଷବର୍ଷ ସେତେବେଳେ କମିଶନର ସାହେବ କୌଣସି ଏକ କାରଣରୁ ଧେଣ୍ଡୁରି ଜମିଦାରୀ ଦେଖି ଆସିଥିଲେ । ସେତେବେଳେ ତାଙ୍କରି ଗହଣରେ ବାବାଙ୍କର ଅଉ ଆମ ବିଶିଷ୍ଟ କର୍ମଚାରୀମାନଙ୍କର ଗୋଟିଏ ଫଟୋ ଉଠିଥିଲା, ବାବା ମତେ କୋଳରେ ବସାଇ ଫଟୋ ଉଠାଇଥିଲେ ମୁଁ ଭବିଷ୍ୟତ ବଂଶଧର ବୋଲି । ହେଇ, ଖଟେଇ, ନେଇ ଆ'ତ ସେଇଟା ।"

ଖଟେଇ ଜଣେ ପାଠପଢ଼ା ଚାକର । ସରୁଆ ମୁଚୁକୁଟିଆ ଧଡ଼ିଆ ଲୋକଟିଏ, ଯେପରିକ ବଡ଼ା ଉପରେ ଗୋଟିଏ ଲମ୍ବା ଗାରଗାରକିଆ କାମିଜ ଟଙ୍ଗା ହୋଇ ରହିଚି । ଖଟେଇ ଗଲେ । ନରେନ୍ଦ୍ର ଅପେକ୍ଷା କଲା ।

Digitized by srujanika@gmail.com

ପ୍ରତୀକ୍ଷାରେ ନିଃଶବ୍ଦ ହୋଇ ସ୍ଥିର ହୋଇ ବସି ରହିଛି ।

ସମୟ ସମୟ ମରହୁଁ ଲାଗୁଛି, ଅତି ଲମ୍ବା, ଅଛିଣ୍ଡା ।

ସେହି ସମୟରେ କେତେ ଟ୍ରେନ ଚାଲୁଛି, ଗୋଟାଏ ଗୋଟାଏ ଟ୍ରେନରେ ଅତୀତର ଗୋଟାଏ ଗୋଟାଏ ଅଧ୍ୟାୟର ସ୍ମୃତି ସ୍ପନ୍ଦନ ଉପୁଜାଉଛି ।

ଆଜି ଅପେକ୍ଷା କରି ବସିଛି ଶେଷ ଟ୍ରେନ ପାଇଁ, ଖଟେଇ ଯାଇଛି, ଖଟେଇ ଫେରିବ ।

ଗୋଟିଏ ପୁରୁଣା ଫଟୋ ଯେମିତି ଖଟେଇ ଫେରି ଆସିଲା । ଶିକାରର ଦିନ ରସିକ ବାବୁଙ୍କୁ ଧାରିଥିଲି, ଖଟେଇରୁ ଫଟୋଟି ଝାଡ଼ି-ନେଇ ସେ ଉଡୁଙ୍କି ପଡ଼ିଲେ । ନରେନ୍ଦ୍ର ସ୍ଥାନକାଳପାତ୍ର ଭୁଲି କୁଦାମାରି ଠିଆ ହୋଇ ଫଟୋର ଫ୍ରେମକୁ ଦୁଇ ହାତରେ ମୁଠେଇ ଧରି ମୁହଁ ଉହ୍ଲେଇ ରଖିଲା । ରସିକ ବାବୁ ଚିହ୍ନାଇ ଦେଲେ—"ଏଇ ଦେଖନ୍ତୁ ମୁଁ, ସେତେବେଳେ ବାରବର୍ଷର ମୋଟେ, ଯେତ ବାବା, ଯେତ କମିସନର ସାହେବ, ବାକି ଏ ସମସ୍ତଙ୍କି ମୁଁ ଚିହ୍ନିଛି, ସମସ୍ତଙ୍କ ନାଁ ଜାଣେ, କିନ୍ତୁ ମଝିରେ ଏଠି ଏ ଯେଉଁ ଭଦ୍ରଲୋକ ଠିଆହୋଇଛନ୍ତି ମୁଁ ଶୁଣିଛି ସେହି ଥିଲେ ଇଷ୍ଟେଟର ମ୍ୟାନେଜର କିନ୍ତୁ ତାଙ୍କ ନାଁ ମୁଁ ଜାଣେନାହିଁ । ଆପଣ ଯେଉଁ ସମୟ କଥା କହୁଛନ୍ତି ଠିକ୍ ସେତିକିବେଳର ଫଟୋ ଏଇ, ବର୍ତ୍ତମାନ ଆପଣହିଁ ଚିହ୍ନନ୍ତୁ ।"

ନରେନ୍ଦ୍ର ତାଙ୍କ ହାତରୁ ଫଟୋଟି ଆଣି ଆପେ ନିରେଖି ଚାହିଁ ରହିଲା । ମୁଣ୍ଡରେ ଠିଆ ପଗଡ଼ି, ଦରବାରୀ, ବେକରେ ଟାଇ, ଦେହରେ ଗାରଗାରକା ନୋଷ୍ଟକୋଷ୍ଟ ସୁଟ୍, ସରୁ ଦେହକୁ ଯଥେଷ୍ଟ ବଡ଼ ହୋଇଛି, ସାକ୍ଷାତ୍ ଏକ ଢିଲା ଖୋଳ, ପାଦରେ ବୁଟ୍ ଜୋତା । ଲୋକଟିର ଠିଆ-ହେବା ଠାଣିରେ ଜାଣିଜାଣି ବୀରତ୍ୱ ଦେଖା ଦେଉଛି, ସେହି ବୀରତ୍ୱ ଭେଦିଲା ନରେନ୍ଦ୍ରର ସ୍ମୃତିରେ, ତାର ଗନ୍ଧ ଆସିଲା ।

କିନ୍ତୁ ସେ ନିଶ୍ଚିତ କରିପାରି ନାହିଁ । ଲୋକଟିର ମୁହଁକୁ ଚାହିଁ ଯେତେ ଉଗ୍ରଭାବେ ଭାବିଲେ ସୁଦ୍ଧା ସ୍ମରଣରେ କୌଣସି ସାଦୃଶ୍ୟ ମନେ-

Digitized by srujanika@gmail.com

ତଡ଼ୁନାହିଁ କି ପାର୍ଥକ୍ୟ ମନେପଡ଼ୁନାହିଁ । ବୟସ ପଚିଶରୁ ପଇଁତିରିଶ ହୋଇପାରେ, ପୁରୁଣା ଫଟୋରେ ବାରି ହେଉନାହିଁ ଠିକ୍ କେତେ ବୟସ । ଗାଢ଼ୁଆ ଆଖି, ସତେକି ଜଳୁଛି । ମେଞ୍ଚାଏ ଗେଣ୍ଡାନାକ, ମୋଟା ଓଠ, ମୁଦ୍ ଜଣ, ଅତି ଚଉଡ଼ା ପାଟି, ଏ କାନରୁ ସେ କାନଯାଏ, ଥୋମଣିଟି ଚୌଠ ଓ ଗୋଲଗାଲ, ହଠାତ୍ ଲୁହଁସାର ମନ ଯେତେବେଳେ ତା ଉପରେ ବିଦ୍ଧର ଶକ୍ତି ପ୍ରୟୋଗ କରି ଟିକିନଖି କରି ଭାବିବାକୁ ଆରମ୍ଭ କଲା ନରେନ୍ଦ୍ରର ମନେପଡ଼ିଲା ଅବକାଶ ବିଭାଗରେ କାର୍ଯ୍ୟ କରି ଯେତେ ମୁହଁ ଦେଖିଥିଲା ତହିଁରୁ ଗୋଟାଏ ଶ୍ରେଣୀର ମୁହଁ, ମଦ୍ୟପ, ଲମ୍ପଟ, ସ୍ୱେଚ୍ଛା ଉଦ୍ଦେଶ୍ୟ ସାଧନ କରିବା କାର୍ଯ୍ୟରେ ସାହସୀ, ବେପରୁଆ, ଲଧଲଧ ନଜରରେ ଅତି ଭୟଙ୍କର ସେ ମୁହଁ, ଦେଖିଲେ ହିଁ ଘୃଣା ହୁଏ । ପୁଣି ସେ ରୂପରେ ସେ ସହାନୁଭୂତି ବଳେଇଲା । ଭାବିଗଲା, ଏପରି ପଗଡ଼ି ସେ ପିନ୍ଧିଥିଲେ ଏ ତ ଜଣାଶୁଣା କଥା, ଯେ ସୁଟ୍ ବି ପିନ୍ଧିଥିଲେ । କିନ୍ତୁ ବାପା ଆଜି ବେଳରେ ଖାସ 'ଟାଇ' ସେ ଏକାଠି ଭାବିପାରିଲା ନାହିଁ । ବିଲୁର କେଉଁ ତହିଁରେ ଅସମ୍ଭବ କ'ଣ ? 'ଟାଇ' ତ ମଣିଷ ପିନ୍ଧନ୍ତି, ସେ ବି ପିନ୍ଧିଥିବେ । ମୂର୍ତ୍ତିର ସମଷ୍ଟିଗତ ଛବି ମନେ ପକାଇ ନ ପାରି ସେ ଗୋଟିଏ ଗୋଟିଏ ଅଂଶ ଉପରେ ଦୃଷ୍ଟି ନିବଦ୍ଧ କରିଗଲା । ତାର ଧାରଣାରେ ଘଟିଲା ଏପରି ଗେଣ୍ଡାନାକ ତା' ବଂଶରେ କାହାରି କାହାରି ଅଛି, ବଳିଷ୍ଠ ହସ୍ତୁ ଏ ନାକ, ଯାହା ଜଣେ ନର୍ତ୍ତକ ଲୋକର ହେବାର କଥା । ଏହି ଧାରଣାରେ ଫଟୋର ଆଖି ତାକୁ ଲାଗିଲା ଖୁବ୍ ତେଜ ଆଖିପରି, ଯେଉଁ ଲୋକ ସବୁବେଳେ ଠିକ୍ ବାଟରେ ଚାଲେ ତା'ର ଏପରି ସିଂହପରି ଚାହିଁବାର ଅଧିକାର ଅଛି । ଆଜି ସେ ଡିମ୍ବାକୃତି ମୁହଁ, ଚୌଠ ଓ ଗୋଲ ଚିବୁକ—ନରେନ୍ଦ୍ର ଭାବିଲା ସେ ତାଙ୍କର ସ୍ୱାଭାବିକ ସୌନ୍ଦର୍ଯ୍ୟ, ଦୃଢ଼ ପ୍ରତିଜ୍ଞ ମଣିଷର ମନେ ମନେ ଥାଏ, ସେଥିପାଇଁ ଦାଢ଼ୁଆ ଥୋଡ଼ବିଶିଷ୍ଟ ମୁହଁ ସବୁବେଳେ ଆବଶ୍ୟକ ଏପରି କିଛି କଥା ନାହିଁ । ଦେହ ବେଢ଼େଇ ହୋଇ ତିନି ଖୋଳ ପରି ସୁଟ୍ ଦେଖି ପ୍ରଥମେ ସେ ଚମକିଥିଲା । କିନ୍ତୁ ମନ ଯେତେବେଳେ ସେ ଫଟୋ ଆଡ଼କୁ ନରମିଗଲା ସେତେବେଳେ ତା'ର ସହାନୁଭୂତି ଆସିଲା, ଭାବିଲା ଆହା, ନିଶ୍ଚୟ ସେତେବେଳେ ସେ କିଛି କଠିନ ବେମାରିରୁ ଉଠି ଆସିଥିବେ । ତେଣୁ ତ ହଠାତ୍ ଦେହଟା ଶୁଖିଯାଇଛି, ନହେଲେ ଏପରି କ'ଣ ହୁଏ ? ଏମିତି ଗୋଟି ଗୋଟି କରି

Digitized by srujanika@gmail.com

ଭାବୁ ଭାବୁ କେତେବେଳେ ମନ ଧରି ନେଲାଣି ଯେ ଏ ପ୍ରକୃତରେ ତାଙ୍କ ବାପାଙ୍କ ଫଟୋ, ଆପେ ନ ଚିହ୍ନି ପାରିଲେ ବି ପ୍ରମାଣ ତା'ର ଆପଣାର ସହାନୁଭୂତି, ଫଟୋ ଦେଖି ଦେଖି ଏବେ ନିଷ୍ପତ୍ତି ତା'ର ମନ ଆଗରେ ଝକ୍ କଲା, ବାରମ୍ବାର ନିଜକୁ ନିଜେ କହିଲାଗିଲା ଏ ତା'ର ବାପାଙ୍କ ଫଟୋ, ହେଉଛି ସେ ଯାହାଙ୍କ ମୁହଁ ଏତେଦିନକାଳ ଖୋଜୁଥିଲା, ଏଇ ପିତୃଦେବ—ପିତା ଧର୍ମ ପିତା ସ୍ୱର୍ଗ ପିତାହିଁ ପରମଂତପଃ—ଆଉ ମନେ ମନେ ଚଳଚ୍ଚିତ୍ର ପରି ଭାସିଲା ଅତୀତର ଯେତେ ଦୁଃଖ ଦୁର୍ଦ୍ଦଶା, କଷଣ ନିର୍ଯ୍ୟାତନ, ପିତୃ ବିୟୋଗର ଦୁଃଖକୁ ଉପରେ ଢାଙ୍କିଦେଇ ମନେ ମନେ ବଢ଼ିଚାଲିଲା ଆପଣାକୁ ଆପେ ସାକୁଲେଇବାର କାନ୍ଦୁରା ଝଞ୍ଜା, କେତେ କଷ୍ଟରେ ଏ ଜୀବନ ବିତିଛି ଆହା, ଆଜି ସବୁ ଏକୁଟିଆ, ଏକୁଟିଆ, ତୁମେ ତ ନଥିଲ ସାହା ହେବାକୁ! ଝର ଝର ହୋଇ କାନ୍ଦିବାକୁ ଆରମ୍ଭ କଲା ନରେନ୍ଦ୍ର, ପ୍ରଥମେ ଭସା ମେଘ ପରି ଟୋପା ଟୋପା, ତା'ପରେ ଭୂଷ ଭୂଷ ହୋଇ , ତା'ପରେ ତା'ର ମୁହଁ ଫାଟି ଫାଟି ଗଲା, ଚାଲିଲା ବଢ଼ି ଅଶ୍ରୁର ସଙ୍ଗେ କାନ୍ଦଣାର ବଢ଼ି, ଢଗ ହଜିଗଲା ।

ଏତେଦିନଯାଏ ଖୋଜୁଥିଲା ତ ସେ, ମନଇଚ୍ଛା 'ଯାଙ୍କର ପାଖେ କାନ୍ଦିବାକୁ, ଆଜି ତା'ର ବନ୍ଧ ଭାଙ୍ଗିଛି, ସୁଅମୁହଁ ଫିଟିଛି, ସଂସାର ଉପରେ ଅଭିଯୋଗ ଉପରୁ ଅଭିଯୋଗ ବହିଆଣି ନାଚି ନାଚି ଚାଲିଛି ବନ୍ୟା ।

ବଳଦେବଦେବ କହୁଛନ୍ତି—"ଥାଉ ବାପା, ଥାଉ, ଏତେ କାନ୍ଦନା, ଏତେ ମନ ଦୁଃଖ କରନା, ଇହ ସଂସାରେ ଦେହ ବହି ଏ କହିଲ କ'ଣ ନା ଦେବତା ହୋଇଲେ ମରଇ, ସମସ୍ତେ ଯିବେ ବାପା, ସମସ୍ତେ ଯିବେ, କିଏ ଆଗ କିଏ ପଛ । ସେ ପୁଣ୍ୟାତ୍ମା, ଚାଲିଗଲେ, ଆମେ ପାପୀ ଲୋକ, କଳବଳ ହେଉଥାଉଁ । ବଞ୍ଚିଥାଉଁ ଯେଉଁମାନେ ସଂସାର କାମ କରିବାକୁ ତ ପଡ଼ିବ । ଦୁଃଖ କଲେ ଆଉ ଗଲା ଲୋକ ଫେରେ ?"

ସାନ୍ତ୍ୱନା ଶୁଣି ଆପଣା କାନ୍ଦଣା ଆପଣାକୁ ସୁଖକର ଲାଗୁଛି, ନରେନ୍ଦ୍ରର ଚେତନାରେ ବଳଦେବଦେବଙ୍କର ଏ କଥା ଯେପରିକି ସ୍ୱପ୍ନ ସଙ୍ଗୀତ ।

Digitized by srujanika@gmail.com

କିନ୍ତୁ ତା'ର ସେ ଆଚ୍ଛନ୍ନ ଅବସ୍ଥାରେ ଫଟୋଗ୍ରାଫିକ୍ ଯେତେ- ଜମିଦାର ରସିକବାବୁ କହିଲେ—"ତା'ହେଲେ ଆପଣ ଆପଣଙ୍କ ବାପାଙ୍କ ଫଟୋ ଚିହ୍ନିପାରିଲେ ମୁଁ ଦେଖୁଛି । କିନ୍ତୁ ମତେ ଯଦି ପଚାରନ୍ତେ ମୁଁ କହନ୍ତି, ସେ ଫଟୋ ସହିତ ଆପଣଙ୍କ ଚେହେରାର କୌଣସି ସାଦୃଶ୍ୟ ନାହିଁ ।"

ଲୁହ ବନ୍ଦ ହୋଇଗଲା । ଚଞ୍ଚଳ ମୁହଁ ପୋଛି ନରେନ୍ଦ୍ର ଭାବିଲା ଛି, ସେ କ'ଣ କରୁଛି ? କାନ୍ଦୁଛି ଏମାନଙ୍କ ଆଗରେ ?

ରସିକ ବାବୁଙ୍କ ଆଡ଼କୁ ମୁହଁ ବୁଲେଇ କ୍ଲାନ୍ତ ସ୍ୱରରେ କହିଲା— ଏଁ ! କ'ଣ ଆପଣ କହିଲେ ? ସାଦୃଶ୍ୟ ନାହିଁ ?

"ନା, ଆଦୌ ନାହିଁ । ତେବେ ସବୁ ପିଲା ଯେ ବାପାଙ୍କ ପରି ହେବେ ଏପରି ତ କିଛି କଥା ନାହିଁ, କେତେ ପିଲା ମା' ଭଳି ଆନ୍ତି, କେତେ କାହାରି ପରି ବି ଦିଶନ୍ତି ନାହିଁ—"

"କିନ୍ତୁ ମତେ ତ ସମସ୍ତେ କହନ୍ତି ମୋର ଅନେକ ଅଂଶରେ ମିଳିଯାଏ ବାପାଙ୍କ ଚେହେରା ସାଙ୍ଗରେ—"

"ଦେଖନ୍ତୁ, ଆପଣହିଁ ନିଷ୍ପତ୍ତି କରନ୍ତୁ, ସେ କଥା ଆପଣଙ୍କୁ ଜଣା । ଦଳବେହେରାଏ ତମେ ତ କହୁଚ ଦେବେନ୍ଦ୍ରବାବୁଙ୍କୁ ଭଲକରି ଚିହ୍ନିଥିଲ ବୋଲି । ତମେ ଚିହ୍ନିପାରିବ ଏ ଫଟୋ ? କାହିଁ କହୁନା' ତ କେବେ ।"

"ଦେବବାବୁଙ୍କୁ ଚିହ୍ନିଛି, ତାଙ୍କଠୁ କାମ ଶିଖିଛି ଆଉ ଚିହ୍ନିବି ନାହିଁ ତାଙ୍କୁ ? କିନ୍ତୁ କାହିଁ ଛବିଶ ବର୍ଷ ତଳର ଫଟୋରୁ ଚିହ୍ନି କହିଲେ କାହୁଁ ପାରିବି କହନ୍ତୁ ! ବୁଢ଼ା ହେଲି ଆସି, ଦେହଟା ଦିନା ଏମିତି ଦିଶୁଛି ଭିତରେ ସବୁ କଳ ବିଗିଡ଼ିଲାଣି । ଆଖି ଆଉ ଏତେ କାଳର ଫଟୋ ଚିହ୍ନି ବାରି ପାରିବ ନା ?"

ସନ୍ଦେହର କୀଟ ନରେନ୍ଦ୍ରର ମନ ଭିତରେ ଏକର ସେକର ବୁଲିବାକୁ ଲାଗିଲାଣି, ସୁବିଧା ଖୋଜୁଛି କାଟିବ । ନରେନ୍ଦ୍ର କହିଲା—

Digitized by srujanika@gmail.com

"ଚିହ୍ନିଲା ପରି ଲାଗୁଛି ଆଜ୍ଞା, କିନ୍ତୁ ଗୋଟାଏ ସିଦ୍ଧାନ୍ତ କରି ହେଉନାହିଁ । ପଚିଶ ବର୍ଷ ତଳେ ସେ ଚାଲିଗଲେ, ସେତେବେଳେ ତ ସେ ବୁଢ଼ା; ରୋଗରେ ଝଡ଼ିଲେଣି ପ୍ରାୟ ତିନିବର୍ଷ । ତା'ର ଏଗାର ବାରବର୍ଷ ଆଗର ଚେହେରା ଆଉ ମୁଁ ଦେଖିଲା ଚେହେରା ସମାନ ହେବନାହିଁ ତ'—"

ଅବାନ୍ତର ଭାବେ ଦଳବେହେରା କହିଲେ, "ଠିକ୍ ମନେପଡ଼ୁନାହିଁ ମୋର ବି । କମିସନର ଯେଉଁ ସାଲରେ ଆସିଥିଲେ ସେହି ସାଲରେ ଦେବବାବୁ ଚାଲିଗଲେ, ତାଙ୍କ ପଛେ ପଛେ ଆସିଥିଲେ ଆଉ ଜଣେ ମ୍ୟାନେଜର, କମ୍ପେଇ ଆଉର ଲୋକ ମୋର ମନେ ଅଛି । ସେ ପାରି ଆଉ ଘରଚଟିଆ ଖାଉଥିଲେ ବୋଲି ତାଙ୍କ କଥା ଅଦ୍ୟାପି ଧେଣ୍ଡୁରି ଲୋକେ ମନେ ରଖିଛନ୍ତି । ଦେଉଳିଆ ପାରି ଆଉ ଘରଚଟିଆଙ୍କ ବଂଶ ପଦା କଲେ । ପୁଣି ସେତିକବେଳେ ଧେଣ୍ଡୁରି ଜମିଦାରୀ କୋର୍ଟ ଅଫ୍ ଓ୍ୱାର୍ଡସ ଶାସନକୁ ଚାଲିଗଲା, ସେ ଘରଚଟିଆଖିଆ ଏମିତି କୌଶଳୀ ଲୋକ କେମିତି ଖଞ୍ଜରେ ଖଞ୍ଜରେ ଉପରେ ଉପରେ ଧରାଧରି କରି କୋର୍ଟ ଅଫ୍ ଓ୍ୱାର୍ଡ୍ସ ବେଳେ ଧେଣ୍ଡୁରି ଆଉ ଗେଣ୍ଡୁରି ଆଉ ବଳବନ୍ତପୁର ଏମିତି ତିନିଟାଯାକ ଜମିଦାରୀର ମ୍ୟାନେଜର ହେଲେ । ମଦ ପିଇ ଚରି, ଆଉର କଥା ତ ଛାଡ଼, ତାଙ୍କ ନାଁ ଶୁଣିଲେ ବୋହୂଝିଆଣୀ କବାଟ କିଳି ପଶନ୍ତି, ଏଇ କୌଶଳ ବେଳକୁ ଚଳ ଖେଳେଇଲାବେଳକୁ ମୁଣ୍ଡରୁ ଏମିତି ବୁଦ୍ଧି ବାହାରେ ଯେ କହନା, ଆମେ ତ ଭାବିଲୁ ସେଇ କୁହାଯୋଗୁ କରି ଓ୍ୱାର୍ଡ୍ସ କରେଇଲେ, ନହେଲେ ସେ କାଳର ସବୁ ଜମିଦାରୀରେ ଯାହା ଘଟୁଥିଲା ଧେଣ୍ଡୁରିରେ ସେଇଯା ଘଟୁଥିଲା, ରଜା ତ ସେମାନେ, ଗୋରୁ ନ ଚରେଇ ମଣିଷ ଚରାଉଥିଲେ, ଗୋଟାଏ ଗୋଠରେ ଗୋଟାଏ ଷଣ୍ଢ, ଗୋଟାଏ ବଣରେ ଗୋଟାଏ ବାଘ, ଏମିତି ଆଉ ନୂଆ କ'ଣ କଏ କରି ପକେଇଲା ଯେ ଗବରମେଣ୍ଟ ଦଉଡ଼ି ଆଇଲେ ମଣିଷଙ୍କୁ ଅତ୍ୟାଚାର ହଉଛି, ମାଇପେ ବେଇଜତ ହଉଚନ୍ତି, ପ୍ରଜାଙ୍କ ଖେତ ବାରି ଜବ୍ଦ ହଉଚି ବୋଲି ହାଲ୍ଲା ପଡ଼ିଗଲା । ସବୁ ସେଇ ପାରିଖିଆ ଘରଚଟିଆ ଖିଆର ଫିକର । ଆପଣଙ୍କ ବାପା ଥିଲେ ! —ଆହା ହା ଧେଣ୍ଡୁରି ଜମିଦାରୀ ତାଙ୍କୁ ଝୁରିବ ?"

ଶୁଣାହେଲା ଧେଣ୍ଡୁରି ଇଷ୍ଟେଟର ଅଫିସରୁ ଆହ୍ୱାନର କାଣ୍ଡେ ।

Digitized by srujanika@gmail.com

ରସିକବାବୁ ଗାଲ ଫୋଲକେଇ ସିଗାରେଟ ଧୂଆଁ ଛାଡ଼ ଛାଡ଼ ମୁଣ୍ଡ ହଲେଇଥାନ୍ତି, ଭାବିବା ଦରକାର ନାହିଁ, ଦଳବେହେରାଙ୍କର କଥାକୁ ସେ ସମର୍ଥନ କରିଦେହିଁ । ଆତ୍ମପ୍ରସାଦ ଅନୁଭବ କରୁଥାନ୍ତି ଯେ ସେ ନିଜେ ଜମିଦାରୀ କାରବାରର ଭଲରେ ନ ଥାନ୍ତି ମନ୍ଦରେ ନ ଥାନ୍ତି, ତାଙ୍କର ଝୁଙ୍କ ବେପାର ଉପରେ । ବଳନ୍ତି ମଦରେ ଲାଭ ହେବ ଭଲ । ଆଖିରେ ଅଛନ୍ତି ଅନ୍ତତଃ ତିନିଜଣ କାରିଗର, ଏମିତି ମିଶେଇ ଠିକ୍ କରିଦେବେ ଯେ ମହାନଦୀ ପାଣି ଟେମସ୍ ନଦୀ ପାଣି ବାରି ହେବନାହିଁ, କେବଳ ଦରକାର ଥିଲା ଥୋଡ଼ାଏ ଲେବଲ ମରା ଫମ୍ପା ବୋତଲ, ଡିସପୋଜେଲସବୁ ସେତକ ବି ଯୋଗାଡ଼ ହୋଇଛି । ଭାରି ଭଲ କାରବାର, ଶିକ୍ଷିତ ସମାଜ ମାର୍ଜିତ ରୁଚି ତ ପ୍ରତିଷ୍ଠା କରି ସାରିଛି ଯେ ସେ ନ ହେଲେ ମଣିଷ କସ୍ମୋପୋଲିଟାନ କି ବିଚକ୍ଷଣ ହେବା ଅସମ୍ଭବ, ସ୍ୱର୍ଗ ରାଜ୍ୟରେ ସୋମ-ରସର ପୁନଃ ପ୍ରତିଷ୍ଠା ହୋଇଛି, ମଣିଷ ତରତର ହୋଇ ମୋହିଁଛନ୍ତି ସ୍ୱର୍ଗ ଆଡ଼କୁ ମଦ ବାମ୍ପରେ ସିଗାରେଟ୍ ଧୂଆଁରେ ବି' ଧୂଆଁରେ, ଦେଇଯିବେ ତାଙ୍କ ଉପାର୍ଜନ ଫଳ ଟଙ୍କା ।

ହଠାତ୍ କହି ପକାଇଲେ—"ତେବେ ସେହି ଲାଇସେନ୍ସ କଥାଟା—"

ଦଳବେହେରା କହିଲେ, "ଆଉ ସେ ବିଷୟରେ ଆମେ ଭାବିବା କାହିଁକି ? ନରେନ୍ଦ୍ରବାବୁ ତ ଆମ ନିଜ ଲୋକ, ସେ କଣ ଜାଣନ୍ତି ନାହିଁ ଯେ ଆଉ ଇନକ୍ୱାରି କରି ଅଧିକା ବୁଝିବେ ?"

ନରେନ୍ଦ୍ର ନିଜକୁନା ପିଲା ପରି ଲାଜେଇ ଲାଜେଇ କହିଲା, "ଆଜ୍ଞା ସେଇଟା ଆଉ ବାକି ରହିଯିବ ? କିବା କଥା ଯେ—"

ରସିକବାବୁ ବ୍ୟସ୍ତ ହୋଇ ପାଟି କଲେ—"ଆରେ ବି' ଆଣିଲ ନାହିଁ କାହିଁକି ? ଯାଅ ତ ଖଟେଇ—"

ନରେନ୍ଦ୍ର ଆପତ୍ତି କଲା—"ନାହିଁ ଆଜ୍ଞା, ଏତେବେଳେ ଆଉ ବି ?" ହାତଯୋଡ଼ି କହିଲା "କିନ୍ତୁ ଗୋଟିଏ ଆବେଦନ ଅଛି ଆଜ୍ଞା, ଏଇ ଫଟୋଟି ମତେ ବ୍'ଧନ ପାଇଁ ଟିକିଏ ଦଉନ୍ତୁ ।"

Digitized by srujanika@gmail.com

ଅପ୍ରସ୍ତୁତ ଭାବେ ରସିକବାବୁ କହିଲେ, "ନେବେ ?"

"ଦି'ଦିନ ପାଇଁ ଆଜ୍ଞା, ଟିକିଏ ଭଲ କରି ଚିହ୍ନେଇବି, ଏଥିରୁ ଫଟୋ ଉତାରି ନେଇ ଫେରେଇ ଦେବି । ମୁଁ ଲେଖି ଦଉଚି ଅପୂରଦିନ ସକାଳେ ଆଣି ଦେଇଯିବି, ସେଥିପାଇଁ ମୁଁ ନିଜେ ଦାୟୀ ରହିଲି—"

"ନା ନା, ସେଥିପାଇଁ କିଛି କଥା ନାହିଁ ଯେ—ଏଗୁଡ଼ା, ବୁଝିଲେ କି ନା—ଆମ ବହୁମୂଲ୍ୟ ସମ୍ପତ୍ତି ପରି । ସେ ଯା'ହେଉ ଏଥିରେ ମୋର ଶିଶୁଦିନର ଯେଉଁ ଗୁଲୁଗୁଲିଆ ଚେହେରାଟି ଦେଖୁଛନ୍ତି ମୋ ସ୍ତ୍ରୀ ତାକୁ ଖୁବ ଭଲପାଆନ୍ତି । ତେଣୁ—"

ଦଳବେହେରା ସାହାଯ୍ୟ କଲେ, ଉପରେ ପଡ଼ି କହିଲେ, "ନିଉନ୍ତୁ ସେ ନିଉନ୍ତୁ, ଆଣିଦେବେ ତ ଦି'ଦିନେ—"

"କାମ ସରିଗଲେ କାଲି ଫେରେଇ ଦେବି ଅଜ୍ଞା—" ନରେନ୍ଦ୍ର ଫଟୋଟିକି କାଗଜରେ ବାନ୍ଧି ଉଠି ପଡ଼ିଲା ।

ରସିକବାବୁ କହିଲେ, "ତାହେଲେ ଆଉ ଇନକ୍ୱାରି କିଛି ବାକି ନାହିଁ ତ ?"

ସେ କହିଲା—"ନା ।"

ସାଇକଲ ଛୁଟେଇ ଭୁଲିଁ ଦି'ହାତ ଉଞ୍ଚରେ ବସି ବସି ଉଡ଼ିଗଲା-ବେଳେ ତା ମନରେ ଅନ୍ୟ ଚିନ୍ତା ନଥିଲା । ଆପଣାକୁ ଆପେ ବିଶ୍ୱାସ କରେଇ ପାରୁଥିଲା ଯେ ଏଇ ଯେଉଁ କାଗଜ ପୁଟୁଳାଟି ସେ ଅତି ଯତ୍ନରେ ସାଙ୍ଗରେ ନେଇ ବୁଲୁଛି ତା ଭିତରେ ଅଛି ତା'ର ପିତୃଦେବଙ୍କର ହିଁ ଛବି । ଆତ୍ମବିଶ୍ୱାସ ବଢ଼ି ବଢ଼ି ଆତ୍ମଗର୍ବ ହୋଇସାରିଥିଲା ଯେ ସେ ତା ବାପାଙ୍କ ହଜିଲା ଫଟୋ ଆବିଷ୍କାର କରିପାରିଛି ଏଥରକ ସେଇଠି ସେ ରହିବେ—ଯେଉଁଠି ବାପାମାନଙ୍କ ଛବି ରହେ । ଫଟୋ ଉତାରି ଫଟୋକୁ ବଡ଼ କରି ସୁନେଲି ଫ୍ରେମରେ ବାନ୍ଧି କାନ୍ଥରେ ସେ ଟାଙ୍ଗି ଦେବ । ସେହି ସନ୍ଧାନ୍ତରେ ଗୋଟିଏ ଉତ୍ସବ କଲେ ବି ଭଲ ହେବ । ସେଇଠି ରହି ସେ ଦେଖୁଥିବେ ।

Digitized by srujanika@gmail.com

ସବୁବେଳେ ମୁହିଁ ଉପରେ ।

ବାପା !

ଅତି ଆନନ୍ଦରେ ମନଟା ଅତି ଉଦାର ହୋଇ ଯାଇଥିଲା, ହଜିଲା ଦ୍ରବ୍ୟ ପାଇଲେ ଲୋକ ଖୁସି ହୁଏ । ସେ ସତେକି ପାଇଛି ଆପଣା ଅବସ୍ଥିତିର ହଜିଲା ପରମ୍ପରାର ଡୋର । ଖାଲି ସେତିକି ନୁହେଁ ଆପଣା ଜୀବନର ନୂଆ ଅର୍ଥ ପାଇଛି, ହଠାତ୍ ସେ ପିଲା ହୋଇଛି, ପୁଣି ଦଉଡ଼ିବ ବହୁତ ଦୂର । ମନର ଆଖିରେ ନୂଆ ରଙ୍ଗ । ଏଭଳି ଦୃଶ୍ୟ ସେ ଆଉ କେବେ ଦେଖିନାହିଁ, ଠିକ୍ ଏମିତି ଉଲ୍ଲାସରେ ଆଉ କେବେ ସାଇକଲ ଦଉଡ଼େଇ ନାହିଁ, ପରିସ୍ଥିତି ପ୍ରତି ଏତେ ସ୍ନେହ ତା'ର ଉପୁଜିନାହିଁ କେବେ ।

ପୁରୁଣା ସହରର ଧୂଳିଆ ସଡ଼କରେ ଧାଇଁଗଲା ସେ ନୂଆ ଅବତାର, ସିଧା ଗଲା ଭାଇଙ୍କ ଅଫିସକୁ । ଗୋଟିକିଆ ଅଫିସ ଘରେ ବୀରେନ୍ଦ୍ର ଆପଣା ଟେବୁଲ ପାଖେ ବସି କାମ କରୁଥିଲେ । ପଞ୍ଚାବନ ବର୍ଷର ବୃଦ୍ଧ, ଅଭାବ, ରୋଗ, ଆଶାଭଙ୍ଗ ଓ ଦୁଶ୍ଚିନ୍ତାରେ ପାଚି ପାଚି ଆହୁରି ଦଶବର୍ଷର ବୁଢ଼ା ପରି ଦିଶୁଛନ୍ତି । ହାତରୁ କଲମ ନ ଛାଡ଼ି ଅଳ୍ପ ମୁହଁ ଟେକି ଧୀରେ କହିଲେ, "ନରି କିରେ, କୁଆଡ଼େ ? ବସ ।" ପୁଣି କଲମ କାଳିରେ ବୁଡ଼ିଲା । ନରେନ୍ଦ୍ର ଚଞ୍ଚଳ ଦଣ୍ଡବତ କରି ବଡ଼ ପାଟିରେ ରଡ଼ିଲା, "ଭାଇ, ମୁଁ ବାପାଙ୍କ ଫଟୋ ପାଇଛି ।"

ବୀରେନ୍ଦ୍ର ଏଥର ବିସ୍ମିତ ହୋଇ ତା' ଆଡ଼କୁ ଚାହିଁଲେ ନରେନ୍ଦ୍ର କାଗଜ ଖସଖସ କରି ଫଟୋ ଥିବା ପୁଟୁଳାଟି ଖୋଲୁଛି । ବୀରେନ୍ଦ୍ର ହସିଲେ, ଏକମିନିଟ୍ ଚୁନଚାନ କଟିଗଲା, କହିଲେ "ସତେ, ବାପାଙ୍କ ଫଟୋ ? କାହିଁ ଦେଖେଁ, ଦେଖେଁ ।"

"ମୁଁ ତ ହୋହୋଚହଲା କରୁଛି ଭାଇ, ଆପଣ ଚହଲିଲେଇଁ ହେଲା ।" ନରେନ୍ଦ୍ର ତରତର କରି କହି ଚାଲିଲା ଆବିଷ୍କାରର ଇତିହାସ କଥା । ଫଟୋ ବାହାରିଲା ।

Digitized by srujanika@gmail.com

ବୀରେନ୍ଦ୍ର ଠିଆହୋଇ ପଡ଼ିଲେଣି । ଦୀର୍ଘଶ୍ୱାସ ଉପରେ ଦୀର୍ଘଶ୍ୱାସ ପକାଉଛନ୍ତି । ଦୁଇ ଓଠ ଏକାଠି ଚାପି ରଖିଛନ୍ତି । କପାଳ କୁଞ୍ଚେଇଛନ୍ତି । ଏତକରେ ପ୍ରକାଶ ପାଉଛି ସେ ବୃଦ୍ଧଙ୍କର ମନର ଯନ୍ତ୍ରଣା । ଫଟୋଟିକୁ ଦୁଇ ହାତରେ ମୁହଁ ଆଗରେ ଟେକି ଧରି କହୁଥିଲେ, "କାହିଁରେ ନରି ? କାହାନ୍ତିରେ ବାପା ?"

ନରେନ୍ଦ୍ର ଆଙ୍ଗୁଠିରେ ଦେଖାଇଦେଲା ।

ବୀରେନ୍ଦ୍ର କଟମଟ କରି ଚାହିଁଲେ । କହିଲେ—"ଏଁ ?" ଅବିଶ୍ୱାସର ଧ୍ୱନି । ନରେନ୍ଦ୍ରର ଛାତି ଦବିଗଲା । ଶୁଖିଲା ମୁହଁରେ ଅପେକ୍ଷା କରି ରହିଲା । ବୀରେନ୍ଦ୍ର ଫଟୋ ଧରି ଝରକା ପାଖକୁ ଗଲେ, ଫେରିଆସି ଦୁଆରମୁହଁ ପାଖକୁ ଗଲେ, ସେଠି ଦେଖି ଇଲେକ୍ଟ୍ରିକ ଆଲୁଅର ସୁଇଚ ଟିପିଲେ, ଆଉ ବିନା ବଚନକାରେ ଫଟୋ ଧରି ଟେବୁଲ ଉପରେ ଚଢ଼ି ଆଲୁଅ ତଳେ ଫଟୋ ଦେଖାଇ ଚାହିଁରହିଲେ ।

ନରେନ୍ଦ୍ରର ଅପେକ୍ଷା କରିବା ହେଲା ଯନ୍ତ୍ରଣାବୋଧ ।

ସମୟ ଆଉ କଟୁନାହିଁ ।

ଟିକ୍ ଟିକ୍ ହୋଇ କେଉଁଠି ଗୋଟାଏ ଘଣ୍ଟା ଚାଲୁଥିଲା, ବନ୍ଦ ହୋଇଯାଇଛି ।

ନରେନ୍ଦ୍ରର ପାଟି ଅଠା ଅଠା, ମୁହଁରେ ଝାଳ ଫିଟୁଛି ।

ଭାଇଙ୍କ ହାବଭାବକୁ ଅନିଷା କରି ରହିଛି— କଣ ସେ ଭାବୁଛନ୍ତି ! କ'ଣ ସେ କହିବେ ?

ଟେବୁଲରେ ଠିଆହୋଇ ବୀରେନ୍ଦ୍ର ବଳବଳେଇଲେ—'ପାଟିଭୁଣ୍ଡା ! ପାଟିଭୁଣ୍ଡା !'

"କ'ଣ ଭାଇ ପାଟିଭୁଣ୍ଡା ?"

Digitized by srujanika@gmail.com

ଧୀରେନ୍ଦ୍ର ବସିପଡ଼ି ଟେବୁଲରେ ଫଟୋଟି ଥୋଇଦେଲେ । କ୍ଳାନ୍ତ ହୋଇ ପଛକୁ ଆଉଜିଯାଇ କହିଲେ, "ବୁଝିଲୁ ନରି, ମତେ କେମିତି ସନ୍ଦେହ ହେଉଛି ବାପାଙ୍କର ଏ ଫଟୋ ? କେଜାଣି ! ଆଚ୍ଛା ଏ କ'ଣ ପାଟିଗୁଣ୍ଡାର ନୁହେଁ ?"

"କିଏ ସେ ପାଟିଗୁଣ୍ଡା ?"

"ନାଗଭୂଷଣ ପାଟିଗୁଣ୍ଡା ? ମଧ୍ୟପ୍ରଦେଶ କି ବମ୍ବେ କି ଗୁଜୁରାଟର ଲୋକ । ନା ବଙ୍ଗାଳୀ ? ଅସମ୍ଭବ ନୁହେଁ । ତାମିଲ ଲୋକ ବି ହୋଇ-ପାରନ୍ତି ।"

"କିଏ ଭାଇ ସେ ?"

ଆରେ ତୁ ଜାଣିନାହୁଁ କି ? ଧେଣ୍ଡୁଗ୍ରା ଇଷ୍ଟେଟ୍ ମ୍ୟାନେଜର କାମରେ ସେ ବାପାଙ୍କ ପରେ ରହିଲେ । ଆଗେ କଣ ଏ ସେଟଲ୍‌ମେଣ୍ଟରେ କାମ କରୁଥିଲେ । ମତେ ଲାଗୁଛି ମୁଁ ତାଙ୍କ ଫଟୋ ଦେଖିଛି କୋଉଠି, ଅଇଛୁ ବାର ଦେଖିନାହିଁ ।"

"ପଗଡ଼ିଟା ଦେଖିଲେ ଏ ଫଟୋରେ ? ବାପା ତ ଅବିକଳ ସେମିତିକା ପଗଡ଼ି ଗୁଡ଼େଇଥିଲେ, ନୁହେଁ ?"

"ହଁ ଅବିକଳ ଏମିତି ପଗଡ଼ି । ସେ କାଳରେ ଏଇ ଠିଆ ପଗଡ଼ି ଥିଲା ଆମର ଜାତୀୟ ପୋଷାକ, ଦରବାରୀ । ଖାଲି ପଗଡ଼ି କାହିଁକି ଏ ଗାରଗାରିକା ସୁଟଟା ବି ଚିହ୍ନା ଚିହ୍ନା ଲାଗୁଛି । ଆମ ଘରେ ବାପାଙ୍କର ଏମିତି ଗୋଟାଏ ସୁଟ ବହୁଦିନଯାକେ ଥିଲା ।"

"ବାପା କଣ ଟାଇ ପିନ୍ଧୁଥିଲେ ?" ଏଇଟା ଥିଲା ନରେନ୍ଦ୍ର ମନରେ ବଡ଼ ସଂଶୟ । କିନ୍ତୁ ଭାଇ କହିଲେ—"ଟାଇ ଭିଡ଼ିବାର ମୁଁ ତାଙ୍କୁ କେବେ ଦେଖିନାହିଁ ସତ, କିନ୍ତୁ କମିଶନର ସାହେବ ଯେତେବେଳେ ଆସିଥିଲେ ସେତେବେଳେ କାହାଠୁ ମାଗିଆଣି ପିନ୍ଧିବା କ'ଣ ଅସମ୍ଭବ ?"

Digitized by srujanika@gmail.com

"ନା, ନୁହେଁ । ତେବେ କ'ଣ ଆପଣ କହୁଛନ୍ତି ଏ ବାପାଙ୍କ ଫଟୋ ?"

"ମୁଁ ସେକଥା କହୁନାହିଁ । ମୋଟ ଉପରେ ମତେ ତ ଲାଗୁନାହିଁ ଏ ତାଙ୍କ ଫଟୋ ବୋଲି । ସେ ତ ଖୁବ ମୋଟାସୋଟା ଥିଲେ ଆଜି ଏ ଫଟୋର ଲୋକ ପ୍ରାୟ ଧଡ଼ିଆ ।"

"ସୁଟ୍‌ଟା ତ ଘର ଢିଲା ହେଉଛି ।"

"ତେବେ ଗୋଟାଏ କଥା ମୋର ମନେପଡ଼ୁଛି ରହ । ବାପା ଘର ବେମାର ପଡ଼ିଥିଲେ, ଯଦି ଏ ସେତକ ବେଳର ଫଟୋ ହୋଇଥିବ ?"

"ତାହେଲେ ତ ଆପଣ କହୁଛନ୍ତି ଏ ତାଙ୍କର ଫଟୋ ?" ପୁଣି ତାର ତଣ୍ଟି ପାଖରୁ କୋହ ଉଠିଲା ପରି ଲାଗୁଛି, ପୁଣି ଲାଗୁଛି ଏ ତାଙ୍କର ।"

ଘଇ ଫଟୋ ଉପରେ ଓହଳି ପଡ଼ିଥାନ୍ତି । ତଥାପି ଦେଖା ସର-ନାହିଁ । କହିଲେ —

"କେମିତି ଯାହା ପାଇ ତା ଫଟୋକୁ ମୋ ବାପାର ବୋଲି ମୁଁ ଧରିନେବି କହ ? ହୁଏତ ନାଗଭୂଷଣ ପାଟିଭୁଣ୍ଡା ସେ ପୁରରେ ଥାଇ ହସୁଥିବ । ଭଲ ମନେପଡ଼ିଲା, ବାପା କହନ୍ତି ସେ ଲୋକଟାର ପିଲାଟୁଆ ନଥିଲା ।"

ନାଗଭୂଷଣ ପାଟିଭୁଣ୍ଡା—ସେ ଘରନଟିଆ ଖାଏ !

ନରେନ୍ଦ୍ର ଦୃଢ଼ ହୋଇ କହିଲା, "ଆପଣ ଦେଖନ୍ତୁ ଏ ନାକ, ଏ ଆଖି, ଏ ଓଠ, ଏପରି କଣ ଆମ ବଂଶରେ ନାହିଁ ?"

"ନାହିଁ କଏ କହିଲା ? ସବୁ ବଂଶରେ ସବୁ ଅଛି । ତେବେ ମୁଁ ତ କହିପାରୁନାହିଁ ଏ ନାକ ତାଙ୍କର ବୋଲି । ତାଙ୍କର ଠିଆ ନାକ ଥିଲା, ଏ ତ ମୂଣ୍ଡାଳିଆ ଦିଶୁଛି ।"

"ଫଟୋରେ ସେମିତି ହୁଏ ।"

Digitized by srujanika@gmail.com

"ନହୁଏ ମୁଁ କହୁନାହିଁ । ଆଚ୍ଛା ରହ ମୁଁ ଆଜିଥରେ ଚଦାକୁ ଯାଇ ଦେଖିଆସେଁ ।"

ପୁଣି ସଂଶୟ ଦୋଳରେ ଏକର ସେକର ପାଞ୍ଚମିନିଟ ଗଲା । ଭାଇ ଆସି ପହଞ୍ଚିଲେ । ଏଥର ତାଙ୍କର ମୁହଁ ସଫା ହସହସ । କହିଲେ, "ବାପା ଭାବୁଥିଲେ ମୋ ପୁଅ ଦୁହେଁ ଦେଖ କେତେ ଯୋଗ୍ୟବାନ ପୁଅ, ଏମିତି ଆମ ପାଇଁ ତାଙ୍କ ମନ ଯେ ଆମ ରୂପ ବିଷୟରେ ବି ମନ ଥିର କରିପାରୁନାହାନ୍ତି ।"

ତାଙ୍କ ହସ ଦେଖି ନରେନ୍ଦ୍ର ଉତ୍ସାହିତ ହୋଇ ହସିଲା, କହିଲା—

"ତାହେଲେ କ'ଣ ସ୍ଥିର କଲେ ଏ ବାପା ?"

"ଆଦୌ ନୁହେଁ । ଯେତେଦୂର ସମ୍ଭବ ଏ ଆଜି କଏ । ହୋଇ-ପାରେ ସେଇ ଯାହା କଥା କହୁଥିଲା, ନାତଭୂଷଣ ପାଟିତୁଣ୍ଡା । ବାପା ଯେତେ ଝୁଡ଼ିଲେ ବି ଏତେ ପାତଳା ନଥିଲେ, ଆଜି ସେତେବେଳେ ତ ହୋଇଥିଲେ ଲମ୍ବାଖାମ ପରି । ନାକ, ଆଖି, କପାଳ ଠିକଏ ଠିକଏ ସାମଞ୍ଜସ୍ୟ ଦେଖାଉଚି, ପାଟି କଥା ବି କହିହେବ ନାହିଁ ଫଟୋରୁ ଦେଖି, କିନ୍ତୁ ଥୋମଣିଟା ଏଥିରେ କେମିତି ପୋଛିଦେଲା ପରି ହୋଇଛି ।

ହତାଶ ହୋଇ ନରେନ୍ଦ୍ର କହିଲା, "ତା'ହେଲେ ?"

ଧୀରେନ୍ଦ୍ର କହିଲେ, "ପାଟିତୁଣ୍ଡା ସମ୍ପର୍କରେ ଓ୍ୱାଡସ ହେଲା, ସେହି ହେଲା ଧେଣ୍ଡୁରୀ ଗେଣ୍ଡୁରୀ ଓ ବଳବନ୍ତପୁର ମ୍ୟାନେଜର ।"

ନରେନ୍ଦ୍ର କହିଲା, "ତା ଆଗରୁ ଏ ଫଟୋ ହୋଇଥିବ ?"

ଧୀରେନ୍ଦ୍ର କହିଲେ, "ଆଚ୍ଛା ରହ, ଆଜି ଗୋଟାଏ କଥା ମନେ-ପଡ଼ିଲା", ଫଟୋକୁ ଠିକଏ ଅନେଇଦେଇ କହିଲେ, "କାହା ଉପଲକ୍ଷରେ ଏ ଫଟୋ ? କମିଶନର ଆସିବା ଉପଲକ୍ଷରେ ତ ? ବେଶ୍, ପାଟିତୁଣ୍ଡା ନିଜେ ଯାଇ ଭିତରେ ଭିତରେ ପାଟିତୁଣ୍ଡ କରି କମିଶନରଙ୍କୁ ଏକପ୍ରକାର ଡାକି ଆସିଲା, ତା'ପରେ କମିଶନର ଗଲେ ଗୁପ୍ତ ଇନ୍‌କ୍ୱାର କରିବାକୁ, ତା'ପରେ ଓ୍ୱାଡ଼ସ୍ ହେଲା । ମୁଁ ନିଜେ ବାପାଙ୍କ ମୁହଁରୁ ଶୁଣିଛି । ତେବେ

Digitized by srujanika@gmail.com

ଏ ତ ସେଇ ପାଟିଭୁଣ୍ଡା । ଆଜ ଆମକୁ ଲଜ୍ଜା ନାହିଁ ଆମେ ତାର ଫଟୋକୁ ଦେଖି ବାପା ବାପା ହଉଚୁ ! ଓହୋ, ମୋର ବି ଭୁଲ୍ ହେଲା ମୁଁ ଧନ୍ଦ ହେଲି ଏଁ ! କ'ଣ କରାଯାଏ, ଆଖିକି ବି ସେତେ ଭଲ ଦିଶୁନାହିଁ, ବୁଢ଼ାଦିନେ ଭ୍ରମ ବି ହୁଏ ।"

ନରେନ୍ଦ୍ର ଶେଷଥର ଅଳି କଲା—"ଦିନେ ଦି'ଦିନ ପାଖରେ ରଖି ଭଲକରି ଟିକିଏ ଦେଖିବେ କି ?"

ବୀରେନ୍ଦ୍ର ହସିଦେଇ କହିଲେ—"କାହାକୁ ଦେଖିବି ? ହଇରେ ବାଇଆ ? କୁଆଡ଼ର କୋଉ ନାଗଭୂଷଣ ପାଟିଭୁଣ୍ଡାକୁ ? ତୁ ବାପାଙ୍କ ଚେହେରା ଦେଖିନୋଉଁ ତୁ କହୁଚୁ । ସେ ବୟସରେ ସେ ପହିଲମାନ୍ ପରି ଥିଲେରେ, ଏମିତି ଖଣ୍ଡିଆଭୂତ ନଥିଲେ ।"

ବୀରେନ୍ଦ୍ର ଆପଣାର ବିଶ୍ୱାସ ଜଣାଇ ସାରିଛନ୍ତି—ଏ ତାଙ୍କ ବାପାଙ୍କ ଫଟୋ ନୁହେଁ । ବାର୍ଦ୍ଧକ୍ୟ ଭାଲୁ ପରି ଆପଣା ବିଶ୍ୱାସକୁ ମାଡ଼ିବସିଛି । ଆଉ ଘୁଞ୍ଚିବ ନାହିଁ । ଏଣିକି ତର୍କ ନିଷ୍ପ୍ରୟୋଜନ । ନରେନ୍ଦ୍ର ହତାଶ ହୋଇ ଦୀର୍ଘଶ୍ୱାସ ପକାଇଲା । ଲାଗୁଥିଲା ଭାରି କ୍ଲାନ୍ତ ଆଉ ଉଦାସ । ଯେପରିକି ବାପାଙ୍କ ଶବଦାହ ସାରି ସଦ୍ୟ ମଶାଣିରୁ ଫେରିଛି ।

ତା'ର ଦୁଃଖିତ ମୁହଁକୁ ଦେଖି ବୀରେନ୍ଦ୍ର କହିଲେ—"ଘୁଞ୍ଚ, ଫଟୋ ଖୋଜି ଖୋଜି ଦଉଡ଼ିବା ଆଉ ଦରକାର ନାହିଁ । ଫଟୋରୁ ମିଳିବ କ'ଣ ? ଗଲା ଲୋକ ଆଉ କ'ଣ ଆସିବ ?"

ଅଟକି ଗଲେ । ଥରଥର ନିଶ୍ୱାସ ପକାଇଲେ । ମୁହଁଟା କେମିତି ବିଭଙ୍ଗ ଦିଶିଲା । ତା'ପରେ ଲମ୍ବା ନିଶ୍ୱାସ ପକାଇ ଗଳା ଖଙ୍କାରି କହିଲେ—"ହୁଁ । କ'ଣ କହୁଥିଲି ? ମନେ ନାହିଁ । ହଠାତ୍ ବାଁ ପାଖ ଛାତି ଭିତରଟା କ'ଣ ହୋଇଗଲା । ଓହୋ । ଦେହଟା ଶୀତୋଉଚି । ଏମିତି ଆଜିକାଲି ହୁଏ ମଝିରେ ମଝିରେ । କୁଟୁମ୍ବ ପୋଷିବାକୁ ଘୃକରି କରି କରି ଦେହରୁ ବଳ ବହପ ହଟିଲା । ମଣିଷ ତ ଆଉ କଳ ନୁହେଁ ନ ଖାଇ ନ ପିଇ ପରିଶ୍ରମ କରୁଥିବ ଆଉ ଦେହ କହୁ

Digitized by srujanika@gmail.com

ହେବନାହିଁ ! ଅଇଗ୍ଲା ବୁଝିଲୁ—ଅନେକ ସମୟରେ ଚିହ୍ନିବା ଭୁଲ୍ ହେଉଛି, ରାମକୁ ଦେଖି ଶ୍ୟାମ, ଶ୍ୟାମକୁ ଦେଖି ରାମ । ଖାଲି ଆଖି ଦୋଷ ନୁହେଁ, ସ୍ମୃତି ଦୋଷ ବି । କଥା ସ୍ମରଣ ପଡ଼ୁନାହିଁ, ଆଗ କଥା ପଛ, ପଛ କଥା ଆଗ, ଟାଇମ୍ ସିକ୍ୱେନ୍ସ ଏକଦମ ଓଲଟପାଲଟ, କୋଉ କଥାରୁ ଅଧେ ମନେପଡ଼ୁଛି ତ କୋଉ କଥାରୁ ଚରୁଡ଼ାଏ, କୋଉଟା କିଛି ନାହିଁ । ଆଉ ପାରିବ ନାଇଁରେ, କୋଉ ପିଲଛୁଆ କାହାକୁ ସ୍ୱର୍ଗକୁ ନେଲେଣି ନା ? ବୁଝନ୍ତୁ ସେମାନେ ତାଙ୍କ କଥା । ଏଥର ସିଧା ପେନ୍ସନ ନେବ ଆଉ ଗାଁକୁ ଯାଇ କୁକୁଡ଼ା ଫାର୍ମିଂ କରିବ—"

"ଆଗେ କହୁଥିଲେ ପରା ଛେଳି ରଖିବେ ବୋଲି । ଆମ ଗାଁଟା ତ ବାହ୍ମଣିଆଁ ଗାଁ ଆଉ କଥାବୁଦାରେ ବାଲୁଆ ପଲ ପଲ, ସେଥିପାଇଁ ପରା କୁକୁଡ଼ା ଫାର୍ମିଂ କଥା ଆପଣ ମୂଳରୁ କାଟି ଦେଇଥିଲେ ।"

"ସତେ ନା, ହଁ, ସତ କଥା ତ । ଛେଳି ଭଲ ହେବ, ନାଇଁରେ ? ସମସ୍ତଙ୍କ ବାରିରେ ପଶିବେ ଯେ । ତା' ଅପେକ୍ଷା ଗୋରୁ—"

"ସେଇ ଭଲ, ଆପଣ ଗାଈ ପୋଷନ୍ତୁ, ମୁଁ ଗଞ୍ଜେଇ ମଞ୍ଜି ଯୋଗେଇବ । ମୁଁ ଦେଖିଛି ଗଞ୍ଜେଇମଞ୍ଜି ଖାଇବାକୁ ଦେଲେ ଦୁହାଁଳ ଗାଈର ଦୁଧର ପରିମାଣ ଦୋହରି ବଢ଼ିଯାଏ ।"

"ଯାଉଥିବ, କିନ୍ତୁ ଯେଉଁମାନେ ସେ ଦୁଧ ଖାଆନ୍ତି ତାଙ୍କ କଳ୍ପନା-ଶକ୍ତି ବଢ଼େ ନାହିଁ ତ ?" ଦୁଇଭାଇ ହୋ ହୋ ହସିଲେ ।

ବୀରେନ୍ଦ୍ର କହିଲେ, "ଫେରି ଗୋଟାଏ କଥା ମନେପଡ଼ିଲା— ଆଛା, ମନେ ଅଛି ନା, ଦି'ବର୍ଷ ତଳେ ଗୋରୁ ମଡ଼କରେ ଆମ ଗାଁରେ କେତେ ଗୋରୁ ମଲେ । ପେନ୍ସନ୍ କମ୍ୟୁଟ୍ କରି ଗୋ-ଧନରେ ପରିଣତ କରିଥିବ ତ ସେ ମଡ଼କରେ ଯିବ । ତେବେ ଅନ୍ୟ ଯୋଜନା ଧରିବାକୁ ପଡ଼ିବ ।"

'କ'ଣ ?'

Digitized by srujanika@gmail.com

"ଜାଳେଣି କାଠ । ଗାଁରେ ଆଉ ଗଛ ନାହିଁ । ଚୋଟା ସବୁ ହଣା ସରିଛି ଜମିଦାରୀ ଉଚ୍ଛେଦ ପୂର୍ବରୁ । ବୃକ୍ଷରୋପଣ ଯୋଜନା ସମ୍ପୂର୍ଣ୍ଣ ହୋଇ ଗୁଳ୍ମ ଗଛପତ୍ର ମହୀରୁହ ହୋଇ କାଠ ଯୋଗୋଉ ଯୋଗୋଉ ଢନାକେତେ ବୁଢ଼ାଯିବ । ସେ ପର୍ଯ୍ୟନ୍ତ ଗାଁ ଲୋକଙ୍କ ପାଇଁ କାଠଗୋଳ କରାଯାଇପାରେ । ମୁଁ ତା'ର ଶୁଭ ଦେବ । ଆମେ ସେଟଲ୍‌ମେଣ୍ଟିଆ, ବଡ଼ ପ୍ରାକ୍‌ଟିକାଲ୍ ।"

"ଗାଁକୁ କାଠ ନେବେ କେମିତି ? ନଈ ନାହିଁ, ରାସ୍ତା ନାହିଁ, ବଳମାନ—"

"ଆଛା ତୁ ଥରେ ବସାକୁ ଆସିବୁ, ଗୋଟାଏ ଯୋଜନା କରିବା ।"

ନରେନ୍ଦ୍ର ନମସ୍କାର କରି ବିଦା ହେବାକୁ ବସିଲା ।

ପଛରୁ ବୀରେନ୍ଦ୍ର ଡାକିଲେ, "ନରି !"

"ଆଜ୍ଞା ।"

"ଗୋଟାଏ କଥା ଭୁଲିଯାଇଥିଲି କହିବାକୁ ।"

"କ'ଣ କହନ୍ତୁ ।"

"ପେଟ ।"

"ଏଁ ?"

"ତୋର ପେଟ ବାହାରି ପଡ଼ୁଛି । ପେଟଟା ଡ୍ରମ ପରି ହେଲେ ଅସୁନ୍ଦର ତ ଦିଶିବନି । ସବୁଠୁ ବଡ଼ ଅସୁବିଧା ଟିକିଏ ପରିଶ୍ରମ କଲେ କି ଚାଲିଲେ କି ଉପର ଉଠିଲେ ଖାଲି ହାଁ ହାଁ । ବୟସ ହେଲେ ପେଟ ବଢ଼େ ମୁଁ ଅସ୍ୱୀକାର କରୁନାହିଁ, କିନ୍ତୁ ବୟସ ସାଙ୍ଗେ ଲଢ଼ିବାକୁ ହେବ, ପେଟ କମେଇବାକୁ ପଡ଼ିବ ।"

"ମୁଦ୍‌ଗର, ସୂର୍ଯ୍ୟ ନମସ୍କାର, ଆହାର । ବସାକୁ ଆସିବୁ ବତେଇଦେବି ।"

Digitized by srujanika@gmail.com

ନରେନ୍ଦ୍ର ମୁଣ୍ଡ ନୁଆଁଇ ଚାଲିଗଲା । ଅନୁଭବ କଲା ସେ ବି ବୁଢ଼ା ହୋଇଛି । ଫଟୋଟା ଆଉ ଘରକୁ ନେବାକୁ ଇଚ୍ଛା ନାହିଁ, ଇଆଡ଼େ ଇଆଡ଼େ ଫେରାଇବାକୁ ହେବ ।

ଭାଇ ବୁଢ଼ା ହୋଇଗଲେଣି, ସେ ବୁଢ଼ା ହୋଇଯାଉଛି, ତା'ର ପୃଥିବୀ ବଡ଼ ଚଞ୍ଚଳ ଚାଲିଛି ହନହଆ ବାର୍ଦ୍ଧକ୍ୟ ଆଡ଼କୁ ।

ତେବେ କ'ଣ ସେ ରଖିଯାଉଛି ତା' ପିଲାମାନଙ୍କ ପାଇଁ ?

ତା'ର ସେଇ ପୁରୁଣା ଦୁଶ୍ଚିନ୍ତା, ଭାବନାମାନେ ଅବଶ ଲାଗେ ହୁଏତ ସେ ବି ସେଇ ବାର୍ଦ୍ଧକ୍ୟର କୋଳାହଳ ।

ଫଟୋଟି ଫେରାଇଦେଲା ଅତି ଚଞ୍ଚଳ, ହନା ବଚନକାରେ । ଦଳବେହେରା ସତେ କି ଅପେକ୍ଷା କରି ବସିଥିଲେ । ଦୁଇପଦ କଥାବାର୍ତ୍ତା । "ଫେରେଇ ଦେଲେ ?"

"ଏ ଫଟୋ ତାଙ୍କର ନୁହେଁ ।"

ଦଳବେହେରା ଆଶା ଛାଡ଼ିଲେ ନାହିଁ, ପେଟ ମୋଡ଼ିଲା ପରି ତାଙ୍କ ପାଟି ଥରେ ଭଉଁରୀ ଖେଳିଲା । କହିଲେ, "ପୁଣି କେବେ ଆସିବେ, ଆହୁରି ଫଟୋ ଥିବ ଖୋଜିବା ।"

କିନ୍ତୁ ନରେନ୍ଦ୍ରର ଆଉ ଆଗ୍ରହ ନ ଥିଲା । ସେ ଭାବୁଥିଲା ତା'ର ପିଲା ଦୁହିଁଙ୍କ କଥା । ଭାବୁଥିଲା, ହଠାତ୍ ଯଦି ସେ ମରିଯାଏ, କିଏ ତାଙ୍କୁ ଅନେଇବ ? ତା'ର ଘର ନାହିଁ, ସମ୍ପତ୍ତି ନାହିଁ । ଉଡ଼ା ଚଢ଼େଇର ଉଡ଼ା ପରିବାର । ବଡ଼ ପୁଅକୁ ଦଶବର୍ଷ, ସାନ ପୁଅକୁ ସାତ । ବସାରେ ପହଞ୍ଚିଲା । ବାପା, ବାପା କହି ସେମାନେ ଦଉଡ଼ି ଆସିଲେ, ଦୁଆରମୁହଁରେ ମୁହଁ ଗଳେଇଲେ ସ୍ତ୍ରୀ । କହିଲେ, "ଖାଇନା ପିଇନା, ଦିନ ଆସି ତିନିଟା ବାଜିଲାଣି । ଘଣ୍ଟାକେ ଆସିବି କହି ଯାଇଚ ଯେ, ଯୁଗ ପାହିଚ ?" ତା'ର ସେତେବେଳେ ଖିଆଲ ନ ଥିଲା । ବାପା, ବାପା ପାଟିରେ ପାଗ୍ଲେଟା—ଲହଡ଼ିର ଦୂର ଗର୍ଜନ । ପୁଣି ଆଲୁଅ ବଦଳୁଛି, ସ୍ମୃତି ଝଲକୁଛି । ନଈ ବାଲିରେ ରଙ୍ଗ ରଙ୍ଗ ଗୋଡ଼ି ଉପରେ ଖରା ଜକୋଉଛି । କାନ୍ଥରେ ସାଇକଲ ଡେରିଦେଇ ଅନ୍ୟମନସ୍କ ହୋଇ ସେ

Digitized by srujanika@gmail.com

ଠିଆହୋଇ ରହିଛି । ଭାବୁଛି, "ଭାଇ କ'ଣ ଠିକ କହିଲେ ? ସେ ପଦ୍ମା କ'ଣ ତାଙ୍କର ନୁହେଁ ?"

"ଫେରୁ ପଦାରେ ଠିଆହୋଇ ରହିଲ କ'ଣ ମ ?" ତା'ର ସ୍ତ୍ରୀ ଡାକଲେ ।

"ରହ ମୁଁ ଝାଳ ମାରୁଛି ।"

"କ'ଣ ଏ ଖରାରେ ?"

ନରେନ୍ଦ୍ର ଅନୁଭବ କଲା, ମୁଣ୍ଡ ଉପରେ ଖରା । ସକାଳ ନାହିଁ, ମଧ୍ୟାହ୍ନ ନାହିଁ । ଅପରାହ୍ଣରେ ଖରା ।

ଦୀର୍ଘଶ୍ୱାସ ପକାଇ ଘର ଭିତରେ ପଶିଲା ।

ପ୍ରଶ୍ନ

ଲମ୍ବା ମଟରଗାଡ଼ିଟା ଚାଲିଯାଉଛି ସାଇଁକିନା । ଜଗବନ୍ଧୁ ତାହାର ଲଞ୍ଜାକୁ ଅନାଇଁ ରହିଲା । ତା' ଛାତି ଭିତରେ ସେ ଯେଉଁ ଦମ ଦମ ଲାଗିଯାଇଥିଲା ସେ ଥମ୍ବି ଥମ୍ବି ଆସୁଛି, ସରନାହିଁ । ଠିକ୍ ତା' ଡାହାଣ କରବାଟେ ସତେକ ଦେହରେ ଘଷି ହୋଇ ସେଇଟା ଚାଲିଗଲା । ଜଗବନ୍ଧୁ ଚମକି ପଡ଼ିଥିଲା, ହାତରୁ ଫାଇଲଟା ଖସି ପଡ଼ିଥିଲା । ଅଫିସ୍ ଫେରନ୍ତା ବାଟରେ ସେ ଫାଇଲ୍ ଅର୍ଥାତ୍ କାଗଜ ପଟାରେ ବନ୍ଧା ହୋଇଥିବା ଲେଖା କାଗଜପତ୍ର ତାଡ଼ାଟି ସହିତ ତା' ଗନ୍ତାର କିଛି ସମ୍ପର୍କ ନ ଥିଲା, ବାଟ ଚାଲିଲାବେଳେ ଫାଇଲଟାଏ ଧରିବା ତା'ର ଅଭ୍ୟାସ ହୋଇଯାଇଛି, ନ ହେଲେ ହାତ ଖାଲି ଖାଲି ଲାଗେ । ଗନ୍ତାରେ ଥିଲା ଜାଳେଣି କାଠ । ଚାହୁଁ ଚାହୁଁ କେଡ଼େ ମହଙ୍ଗା ହୋଇଗଲା । ଆଗେ ମାସକ ଜାଳର ଦାମ୍ ପଡୁଥିଲା ସାତଟଙ୍କା ଆଠଟଙ୍କା, ତା' ପରେ ହେଲା ବାର ଟଙ୍କା, ଏବେ ପଡୁଛି ପନ୍ଦର ଟଙ୍କା । ଗନ୍ତା ଭିତରେ ଥିଲା ତ ସେତିକି । ଗୋଲରୁ କିଣିଲେ ପଣ ତିନି ଟଙ୍କା । ଯଦି ଝାଉଁକାଠ କିଣି ଆଣି ପାରନ୍ତା, ମହଣ ଦି'ଟଙ୍କା ଛଅଣା । ତା' ହେଲେ ବାର-ଟଙ୍କାରେ ବି ମାସକ ଚଳନ୍ତା, ନ ହେଲେ କରତ କଳକୁ ଗଲେ ଅଦରକଟା ଛେଲା କାଠ ଭିତରୁ ବାଛି ବାଛି ଆଣିଲେ ମହଣ ଦେଢ଼ ଟଙ୍କା ହିସାବରେ ପଡ଼ନ୍ତା । ଦଶ ଏଗାର ଟଙ୍କାରେ ଚଳିଯାଇ ପାରନ୍ତା । ଏ ଉଭୟ ଭିତରୁ ଯେ କୌଣସି ଗୋଟିଏ ପନ୍ଥା ଧରିବାକୁ ହେଲେ ସକାଳ ଓଳିଟିଯାକ ନିକମା ହେବାକୁ ପଡ଼ିବ, ଉଭୟତ୍ର ପ୍ରତିଯୋଗିତା, ଯେ ବାନ୍ଧୁଛି, ସେ ଓଟାର ନେଉଛି, ତା' ଛଡ଼ା ଝାଉଁ କାଠରେ ତ ନମ୍ବର ଅନୁସାରେ ଡକାହୁଏ । ନମ୍ବର ପଛକୁ ରହିଗଲେ ବାଛିବା ପ୍ରତି-ଯୋଗିତାରେ ଓହ୍ଲାଉ ଓହ୍ଲାଉ ଦିନ ଦଶଟା ବାଜିପାରେ । ତେଣେ କର୍ମସ୍ଥଳକୁ ଯିବାକୁ ଡେରି ହେଲେ ଉପସ୍ଥାନ ଖାତାରେ ପଡ଼ିବ ନାଲିଛକ, ତା' ଛଡ଼ା—ନ ହେଲେ କ'ଣ ଛୁଟି ନେବ ? ଅନ୍ୟ କାମ ପାଇଁ ଛୁଟିକୁ

Digitized by srujanika@gmail.com

ଠିକ କରି ରଖିବା ଦରକାର । ନିଜର ଦେହ ପା' ଅଛି । ତାଙ୍କରେ ପୁଣି 'ସେ' ଅନ୍ତଃସତ୍ତ୍ୱା, ଛ' ନମ୍ବର ଗଲା, ଆସୁଛି ସପ୍ତମଟି । କ'ଣ କରାଯାଏ, ଈଶ୍ୱର-ସର୍ଜନା । ଡାକ୍ତରାଣୀ ପରାମର୍ଶ ଦେଇଛନ୍ତି ଏଥରକ ସନ୍ତାନ ଜନ୍ମ ହେଲା ପରେ ସେ ଜନ୍ମନିରୋଧ କରିଦେବେ, କିଛି ନାହିଁ ସାମାନ୍ୟ କାମ, କଷ୍ଟ ହେବ ନାହିଁ । ମନ ମାନୁନାହିଁ, କାଳେ କ'ଣ ହେବ ? 'ସେ' ଭାବି ହୋଇ ହୋଇ ଶେଷରେ ମୁଣ୍ଡ ଖରାପ କରି ପାରନ୍ତି, କେତେ ସ୍ତ୍ରୀଲୋକଙ୍କର ମୁଣ୍ଡ ଖରାପ ହେବାର ସେ ଦେଖିଛି ଶୁଣିଛି, ଏଇ କଥାଟା ଉପରେ ଘୋରଚେଇ ଫେରଚେଇ ହୋଇ ଭାବି ଭାବି ହୁଏ କି ଦେହ ଭିତରେ ଆଉ କ'ଣ ପରିବର୍ତ୍ତନ ହୁଏ ବୋଲି ମୁଣ୍ଡ ବିଗିଡ଼େ ସେ କହି ପାରିବ ନାହିଁ । ଆଉ ଏକ ଉପାୟ, ସେ ନିଜେ ଅସ୍ତ୍ରୋପଚାର କରାଇ ହୋଇ ଅକାମୀ ଓ ନିରାପଦ ହୋଇପାରନ୍ତା, ଯେମିତି ହୋଇଛନ୍ତି ସିଂ, ଜେନ୍, ମହାପାତ୍ର, ମିଶ୍ର, ମହାନ୍ତି, ଆପ୍ଟାର, ଭଟ୍ଟାଚାର୍ଯ୍ୟ, କାମରାଜନ, ଆହୁରି କେତେ ବଡ଼ ବଡ଼ ମଣିଷ; କିନ୍ତୁ ମନ ବୁଝେ ନାହିଁ । ଡର ମାଡ଼େ । କାଳେ ନିରାପଦ ହେଇ ହେଉ ଦେହ ଭିତରେ ପୁଣି ମନ ଭିତରେ କ'ଣ ପରିବର୍ତ୍ତନ ହୋଇ ସେ ଆହୁରି ହାରିଯିବ । ବଳଦଠିଁ ଷଣ୍ଢର ବଳ କି ବାରିହୁ ନାହିଁ । ପଡ଼ିଶା ଘର ଖାସି କୁକୁରଟା ଆକାରରେ ମୋଟା ଆଉ କୁଲୁକୁଲିଆ ହୋଇଛି ସତ; କିନ୍ତୁ ସେଇଟା ଖାଲି ଗୋଲ ମୁଣ୍ଡୁଳି ହୋଇ ଶୋଇ ରହେ, ପଦାରେ ବୁଲୁଥିଲେ ହାମ୍ବୁ କଲେ ପଳାଏ, କୁକୁର ଦେଖିଲେ ଓଠ ନେଫେଡ଼ି ଦାନ୍ତ ନିକୁଟି ଧନୁ ପରି ବଙ୍କା ହୋଇ ପଛ ଗୋଡ଼ ମଝିରେ ଲାଙ୍ଗୁଡ଼କୁ ପୂରାଇ ନିଉଜୁଳି ହୁଏ । ଛଅଟି ସନ୍ତାନ, ସପ୍ତମ ଆସୁଛି, ତାଙ୍କ ମା, ସେ ନିଜେ । ସତେକି ସମୁଦ୍ର ଭିତରେ ଦଦରା ନାହା ଖଣ୍ଡେ, ତାଙ୍କରେ ସେ ମଙ୍ଗୁଆଳ, ତା'ର ବାରନ୍ଥ ଦରକାର, ବୁଦ୍ଧି ଦରକାର, ଯେତେ ସମ୍ଭବ ହୋଇପାରିବ ସବୁ, ଜାଣୁ ଜାଣୁ କାଣିଚୁଏ ଉଣା କଲାଭଳି ଉପାୟ ସେ କରିପାରିବ ନାହିଁ, ଅତଏବ ନିଜ ଦେହକୁ କୃତ୍ରିମ ଉପାୟରେ ବଦଳାଇବାକୁ ସେ ଆଗ୍ରହୀ ନୁହେଁ, ଦେଖା ଦେଖିରେ ଧାରଣାଟା ସଙ୍ଗରେ ଖେଳୁଥିଲା ଯାହା, ସେତିକି ।

କିନ୍ତୁ ବସ୍ତୁର ସଇତା—କ'ଣ ହେଲାଣି । ପୁଣି ତା'ର କ'ଣ ହେବ । ବିବାହର ଦଶବର୍ଷ ପୂରି ଏଗାର ବର୍ଷ ମୋଟେ ଚାଲିଛି, ଛଅଟି

Digitized by srujanika@gmail.com

ସନ୍ତାନଙ୍କ ଉପରୁ ସପ୍ତମଟି ଆସୁଛି । ଜଗୁ କେବେ ତା ଖୁସି ନାହିଁ, ସଇତା ବି ଖୁସି ନାହିଁ । ଚାରିଟି ପରେ ସେମାନେ ଠାକୁରଙ୍କୁ ଡାକିବାକୁ ଆରମ୍ଭ କଲେ, ଆଉ ନ ହେଉ । ସଇତା ହାଡ଼ ଚମ । ତଥାପି ଆଉ ଦୋଟି ଆସିଗଲେ । ପଞ୍ଚମଟି ଉପରୁ ସଇତାର ମୁଣ୍ଡରୁ ବାଳ ଉପୁଡ଼ିବାକୁ ଆରମ୍ଭ କଲା । ଷଷ୍ଠ ଆସିଗଲା ଉପରୁ ବାରମ୍ବାର ଗୁଡ଼ ଧଡ଼ ଧଡ଼, ଦେହ ଥରା, ନାନାଦି ଅସୁସ୍ଥତା, ଦେହ କେବେ ଭଲ ରହେ ନାହିଁ । ତହିଁରେ ନଅଣ୍ଟିଆ ଘର, ସବୁ କାମ ଆପଣା ହାତରେ, ଛଅଟି ପିଲାଙ୍କ ଜଞ୍ଜାଳ । ଭାବିଲେ ବୋଧେ ଅଫିସ ଫେରନ୍ତ ସବୁ ମନେପଡ଼େ । ଘରେ ପହଞ୍ଚିଲେ ହଞ୍ଜରେ ଓଦା କାଉଦା ମନରେ ସଞ୍ଜ ଜଳାଏ, ଆଉ ଅନୁଶୋଚନାରେ ଉତ୍କ୍ଷିପ୍ତ ହୋଇ ଜଗୁ ଭାବେ—"ହା ଦୁଃଖର କେଉଁ କାଣିଚୁଲ ମୁଁ ମୁଣ୍ଡ ଉପରକୁ ନେଇ ପାରୁଛି ? ସମୟ କାହିଁ ? ସାମର୍ଥ୍ୟ ବା କାହିଁ ?" ସେହି ଭାବନାର କ୍ରମରେ ପୁଣି ମନେପଡ଼ୁଥିଲା ଜାଳଣିକାଠ । ସରିଯାଇଛି । ଘିଅ ଓଳିଟା କୌଣସି ପ୍ରକାରେ ଅବା ଚଳିଯିବ । ସକାଳକୁ ନାହିଁ । ମୁହୂର୍ତ୍ତ ଆସିଗଲା । ଆଉ ଟାଳଟୁଳ ସମ୍ଭବ ନୁହେଁ ।

ଏତିକିବେଳେ ଯେଉଁ ଗାଡ଼ିଟା ତାକୁ ଚମକାଇ ଦେଇ ଉଡ଼ାଇ ଦେଇ ଯାଇଁକିନା ଚାଲିଗଲା, ସେ ଗାଡ଼ିର ପଛ ସିଟ୍‌ରେ ବସିଥିବା ଆରୋହୀ ଜଣକ ଝରକା ଦାଢ଼ରେ ହାତ ଭରା ଦେଇ ହାତ ପାପୁଲିରେ ବାଁ ଗାଲକୁ ଡେରିଦେଇ, ପଦାକୁ ଆକାଶ ଆଡ଼କୁ ଆଖି କରି ଆପଣା ଭିତରକୁ ହିଁ ଅନାଇଁ ରହିଥିଲା । ସେ ଦେଖିଲା ନାହିଁ ଯେ ଗୋଟାଏ ଲୋକ ଟଙ୍ଗୁଡ଼ି ମାଛପରି ବଙ୍କାହୋଇ ଡ଼ିଆଁଟାଏ ମାରି ଆତ୍ମରକ୍ଷା କଲା, ତା'ର ହଳଦିଆ ଚମ ପାଉଁଶିଆ ପଡ଼ିଯାଇଛି । ତା'ର ମୁଣ୍ଡ ଉପରଟି ଚଟା ଓ ଲମ୍ବାଳିଆ । ସେଥିରେ ସାନ ସାନ କୁଞ୍ଚୁକୁଞ୍ଚିଆ ବାଳ, ତା ଆଖିରେ କଳା ଫ୍ରେମ୍‌ର ଚଷମା, ତା କାଚ ଦି'ଟା ତା ଆଖି କଣରୁ ବହୁତ ବଡ଼, ଫ୍ରେମ୍‌ଟା ହୁଗୁଳା ହୋଇ ଖସି ଆସିଛି ନାକ ମଝିକି । ତା'ର ହାଡ଼ୁଆ ମୁହଁ, ହାଡ଼ୁଆ ଦୁବଳିଆ ଡଳ ଡଳ ଦେହ, ସେ ସଫା ଧଳା କାମିଜ ଧଳାପେଣ୍ଟ୍ ପିନ୍ଧିଛି କିନ୍ତୁ ସେ ଦୁଇଟା ପିଠି ପାଖେ ଠାଏ ଠାଏ ଓଳଣ ହେଲପରି ଫାଟିଯାଇଛି, ତା'ର ବାଁ ଗୋଡ଼ଟା ଡାହାଣ ଗୋଡ଼ରୁ ଟିକିଏ

Digitized by srujanika@gmail.com

ସାନ ବୋଧହୁଏ, ତେଣୁ ବାଁ ଗୋଡ଼ଟା ଆଗକୁ ପଡ଼ଲେ ତା ପଛକୁ ଡାହାଣ ଗୋଡ଼ଟା ଘୋଷାରି ହୋଇ ଆଗକୁ ଯାଏ, ଚାଲିଲାଟା ପଛଆଡ଼ୁ ଠିକଏ ନାଚିଲା ପରି ଦିଶେ । ସେ ବୁଝିଲା ନାହିଁ ରାସ୍ତା କଡ଼ରେ ଚାଲିଛି, ଏ ବି ଜଣେ ମଣିଷ, ତା'ର ବି ଠିକଏ ସୁଖ ଦୁଃଖର ଇତିହାସ ଅଛି । ସେ ବି ଲୋଡ଼େ—ଏ ସଂସାର ଭିତରେ ଖାଲି ଡିପ ଉପରେ ତା'ର ମାଲ-ଗାଡ଼ିର ଇଞ୍ଜିନ୍ ହୋଇ ସୁରୁଖୁରୁରେ ନିଜକୁ ଓ ସବୁ ଡବାକୁ ଆଗକୁ ଓଟାରି ଘେନିଯିବାକୁ । ହୋଇପାରେ ତା'ର ଖୋରାକ, ପୋଷାକ, ରହଣି ଓ ଘର ଚଳାଚଳରେ ଯେତେ ଖର୍ଚ୍ଚ ହୁଏ ନାହିଁ, ଯେତେ ଖର୍ଚ୍ଚ ହୁଏ ତା'ର, ସମର ଦାସର । ତା'ର ଆର୍ଥିକ ସ୍ୱଚ୍ଛଳତା କି ଅଭାବ ଶହ ଶହ କି ହଜାର ହଜାରରେ ମାପ ନ ହୋଇ ହୁଏ ପାଞ୍ଚ ଦଶରେ । ତା'ର ଜୁଲୁମ୍ କି ଆରଦୋଳ ସହିବାକୁ ଲୋକ କେହି ନାହାନ୍ତି ଯେପରି ଅଛନ୍ତି ସମର ଦାସ ପାଇଁ, ଖାଲି ବେଳେବେଳେ ଧୋବା ଦି'ପଦ ଶୁଣେ, ଯେତେ-ବେଳେ ସେ କେଉଁ ଲୁଗାଖଣ୍ଡ ଆଣିବାକୁ ଭୁଲିଯାଏ କି କେଉଁଠି ଠିକଏ ପୋଡ଼ି ଦେଇଥାଏ, ଭଲ ସଫା ନ ହେଲେ ବି ସେ ଆପତ୍ତି କରେ ନାହିଁ, ବେଳେ ବେଳେ ପିଲାଏ ଗାଳି ଶୁଣନ୍ତି; କିନ୍ତୁ ସେ ଆପଣାଛାଏଁ ଆପେ ଏମିତି କାଇଲ୍ ମଣିଷ ଯେ ପିଲାଙ୍କୁ ଶୋଧିଲେ କି ଚୁମୁଡ଼େ ମାରିଲେ ତା ପର ମୁହୂର୍ତ୍ତରେ ଅନୁତପ୍ତ ହୋଇ ଭାବେ, ଲୋକେ ପିଲାଙ୍କୁ କେତେ କ'ଣ ଆଣିଦେଉଛନ୍ତି, ଅନ୍ୟ ଦେଶରେ କେତେ କେତେ ଟଙ୍କା ଖର୍ଚ୍ଚ କରାହୋଇ ପିଲାଙ୍କ ପାଇଁ ଖଞ୍ଜା ହେଉଛି ଖେଳ ସରଞ୍ଜାମ, ସିନେମା, ନାନା ପ୍ରକାର ଆମୋଦ ପ୍ରମୋଦ, ମୁଁ ଖାଲି ପିଲାଙ୍କୁ ଦେଉଛି ମାଡ଼, ତେଣୁ ଯେ ମାଡ଼ ଗାଳି ଖାଇଥାଏ ତାକୁ ଡାକି ଧରି ସେ ଗେଲ କରେ, ମନମାରି ବସେ ।

ଶ୍ରେଷ୍ଠ ସହରଟିଏ ଥିଲା, କେତେଗୁଡ଼ିଏ ସରକାରୀ ଅଫିସ୍ ଓ ସେଠି କାମ କରୁଥିବା ଲୋକେ ରହିବା ପାଇଁ ବସାଘର । ତା'ପରେ ଧିରେ ଧିରେ ତା'ର ଉପକଣ୍ଠରେ ଶିଳ୍ପ ବ୍ୟବସାୟର ଅନୁଷ୍ଠାନମାନ ବସିଗଲା, କାରଖାନା ଉପରୁ କାରଖାନା, ବଡ଼ରୁ ସାନଯାକେ କର୍ମଚାରୀମାନେ ରହିବା ଘର, ଲୋକଙ୍କ ନିଜ ଘର । ଏଠି ସେଠି ବହୁତ ବସ୍ତି ଗଢ଼ାହୋଇ ଏକାଠି ଲାଗିଗଲା, ବଡ଼ ଜାଲପରି ରାସ୍ତା ଛକାଛକି ବଡ଼ ସହର, ରାତିରେ ବିଜୁଳି ଝଲଝଲ । ଆଉ, ସବୁ ମହଙ୍ଗା ।

Digitized by srujanika@gmail.com

ଚାଲିଛି ମଟର ।

ଲୁହାଛଡ଼ ବୋଝେଇ ହୋଇ ଟ୍ରକ୍ ଚାଲିଛି, ଲୁହାଛଡ଼ର ଅଗ କଳା ସଡ଼କ ଉପରେ ନିଆଁ ଗାରରେ ଅକ୍ଷର ଲେଖି ଲେଖି ଧାଉଁଛି । ଘଣ୍ଟାକୁ ଚାଳିଶ କି ପଚାଶ ମାଇଲ୍ ବେଗରେ ଖଣ୍ଡେ ସାନ ପର୍ବତରୁ ଫାଳେ, ଭଙ୍ଗାହୋଇ ଆବୁଡ଼ା ଖାବୁଡ଼ା ଖଣ୍ଡ ଖଣ୍ଡ ହୋଇ ଟ୍ରକ୍‌ରେ ଲଦା ହୋଇଛି । ସେମିତି ରବର ଚକ ଉପରେ ସବାର ହୋଇ ଚାଲିଛି ଦୂର ମହାବଣର କିଛି ଅଂଶ, କିଛି ବାଲିବନ୍ତ । ଚରଚର, ଚରଚର । କେତେ କୁକୁର, ଛେଳି, ଗାଈଗୋରୁ ଅଥବା ସାନ ପିଲା, ଥୁରୁ ଥୁରୁ ବୁଢ଼ା ବୁଢ଼ୀ, ଅକସ୍ମାତ୍ କେଉଁ ଆପଣାଭୁଲା ଯୁବକ କି ଯୁବତୀ ଏଥିରୁ କାହା ଚକତଳେ କେବେ ଗୁଣ୍ଡା ହୋଇଥିଲେ, ସେ କଥା ସେ ମଟରଯାନ ଉପରେ ଲେଖା-ନାହିଁ । ଠାକୁ ଠା ଛକ ଜାଗା ଉପରେ ନାଲି ପଗଡ଼ି ପିନ୍ଧି ପୁଲିସ୍ ଠିଆ ହୋଇଛନ୍ତି । ସେହି ବେଗ ଓ ଗହଳି ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲଗାଇ ଜତି ଜତି ଧାଇଁ ଚାଲିଛି ସମର ଦାସର ମଟର । ହେଇ, ସାଇକେଲବାଲା ଅଳ୍ପକେ ବଞ୍ଚିଗଲା । ଆଉ ସେ ରିକ୍ସାବାଲା, ଦକ୍ଷିଣର ନିଶ୍ଚୟ, ଉଠାଣି ଉଠି ଉଠି କ୍ଳାନ୍ତ ହେଲାପରି ଚାଲିଛି, ଢଳି ଯାଉଛି ଏକର ସେକର, ଗୋଲମୁହିଁ ପାକୁଆ ପାଟି ମୋଟା ଅଥବା ବୁଢ଼ାଟିଏ ତହିଁରେ ବସିଛି, କେମିତି ଚମକ ପଡ଼ି ସେ ପ୍ରକାଣ୍ଡ ଆଁ କରିଦେଇ ରିକ୍ସାର ଦୁର୍ବଳ ବାଡ଼କୁ ଦି' ହାତରେ ଜାବୁଡ଼ି ଧରିଥିଲା, ଆଉ ଭୟରେ ତା ଆଖି ପତେଇକି ଫାଡ଼ିହୋଇ ପଦାକୁ ବାହାରି ପଡ଼ିଥିଲା । ସେ କଥା ଲକ୍ଷ୍ୟ କଲା ନାହିଁ ସମର ଦାସ । ବୁଢ଼ାର ପୁଅ ଏଠି କାମ କରେ, ନାତି ହୋଇଛି, ତେଣୁ ସେ ଗାଁରୁ ଆସିଛି ।

ବାଉଁଶ ବୋଝେଇ ବଳଦଗାଡ଼ିର ଦାଣ୍ଡି ବୁଲି ଯାଉଥିଲା, ଅଳ୍ପକେ ରହିଗଲା ।

ଘାଉଡ଼ା ବୁଢ଼ା କୁକୁରଟିଏ କ୍ୟାଉଁ କ୍ୟାଉଁ ହୋଇ ମରଣବୋବାଳି ଛାଡ଼ିଲା, ସମର ଦାସ ସେ ଶବ୍ଦ ଶୁଣିଲା, ତାକୁ ଟିକିଏ ଛଟପଟ ଲାଗିଲା, ବଡ଼ ଛଟପଟରୁ ଜାଣିହୁଏ ସଚେତକ ମଟରକୁ ଛୁଆଁ ତା କରିପାରି ତା ସ୍ନାୟୁକୁ ସ୍ପର୍ଶ କଲା ।

Digitized by srujanika@gmail.com

ତା'ପରେ ହେଇ ଘାଉଁ ଘାଉଁ ଶବ୍ଦ କରି ତା ଗାଡ଼ି ଉଠାଣି ଉଠୁଛି ମୁଣ୍ଡିଆ ଉପରକୁ । ସେଇଠି ତା ବସା । ଶାନ୍ତ ଶରତ୍ ଅପରାହ୍ଣ । ଆକାଶ କେଡ଼େ ନେଳ । ଆଲୁଅ ସମ୍ପୂର୍ଣ୍ଣଭାବେ ମଉଳି ନ ଯାଉଣୁ ଦିପାଖେ ତଳେ ଦିଶୁଛି, ସରୁ ସରୁ ବିଜୁଳି ଆଲୁଅର ହାର ଟାଙ୍ଗି ହୋଇ ରହିଲାଣି । ଏଇ ମୁଣ୍ଡିଆ ଉପରୁ ସହରକୁ ଅନାଇଲେ ଆତ୍ମବିଶ୍ୱାସ ଆସେ, ଲାଗେ ସତେକି ସେ ବିଶିଷ୍ଟ, ସାଧାରଣଙ୍କ ଉପରେ । ଦୁଇକରେ ମାଳ ମାଳ ହୋଇ ଘର ଦିଶୁଛି, ମଝିରେ ମଝିରେ ଚୋଟାଳିଆ, ସେସବୁ ତଳେ, ସେ ରହେ ଉପରେ । ଦୂରକୁ ଅନାଇଲେ ଗୁଡ଼ି ଗୁଡ଼ି ଆଉ ପାଞ୍ଚଟା ମୁଣ୍ଡିଆ ଆଖିରେ ପଡ଼େ, ତା ଉପରେ ବି ବଡ଼ ବଡ଼ ଘର । ସେମାନେ ବି ଧନୀ, ପ୍ରତାପୀ, ପ୍ରତିପତ୍ତିଶାଳୀ, କିଏ ସରକାରୀ, ଆଉ କିଏ ତାହାରି ପରି ବେସରକାରୀ ହୋଇ ବି କେଉଁ କେଉଁ ଶିଳ୍ପ ଅନୁଷ୍ଠାନରେ ବଡ଼ କର୍ମକର୍ତ୍ତା, ବଡ଼ ଦାୟିତ୍ୱ ସହିତ ବଡ଼ କ୍ଷମତାର ଚାଳକ । କ୍ଲବ୍‌କୁ ଗଲେ ସେମାନଙ୍କ ସଙ୍ଗେ ଦେଖାହୁଏ, ପରସ୍ପରର ସାନ୍ନିଧ୍ୟ ଯେନ ସୃଷ୍ଟି କରିହୁଏ ଗୋଟିଏ ବିଶିଷ୍ଟ ବାତାବରଣ ।

ତା'ପରେ ହେଇ ଆସିଲା ଫାଟକ । ଏକା ମଛାକେ କଟା ହୋଇଥିବା ନାନା ଜାତି ମନ୍ଦାରର ବାଡ଼ ହୋଇଛି । ମନ୍ଦଜଣ ପଡ଼ିଥିବା ଆଲୁଅରେ ବି ବାରି ହେଉଛି, ନାନା ରଙ୍ଗରେ ବଗିଚା ପରିପୂର୍ଣ୍ଣ । ଘର ଆଗଛମା କୁଞ୍ଜପରି ସଜ୍ଜା ହୋଇ ରହିଛି, ମୁହଁ ପଟେ ଛାତ ଉପରେ ଲତା ମାଡ଼ିଛି, ଘର କଡ଼େ କଡ଼େ ନାନା ଲତା ନାନା ଗଛ ଉପରକୁ ଉଠିଛି ।

ଏ ଘର ତା'ର ସମ୍ପତ୍ତି ନୁହେଁ; କିନ୍ତୁ ଭୋଗଦଖଲକାର ସେ । ସମର ଦାସ, ମୁଣ୍ଡିଆ ଉପରେ ଏ ଦାମୀ ଘର ଏ ଦାମୀ ବଗିଚା ତା'ର ସେ ଶିଳ୍ପ ଅନୁଷ୍ଠାନର ସତେକି ଗୋଟିଏ ଜୟସ୍ତମ୍ଭ ।

ଏଥର ଅନୁମାନ କରିହେଉଛି, ତା'ର ପ୍ରକାଣ୍ଡ ଗ୍ରେଟ୍ ଡେନ୍ କୁକୁରଟା ଦୁଇ ଗୋଡ଼ରେ ଠିଆ ହୋଇ ଜଞ୍ଜିର ଝାଙ୍କି ଝାଙ୍କି ତାକୁ ଗମ୍ଭୀର ଗଳାରେ ସମ୍ଭାଷଣ ଜଣାଇବ, ପିଣ୍ଡା ଛାତରୁ ଓହଳିଥିବା ଅର୍କିଡ୍ ଓ ଲତାକୁ ଓ ମଝିରେ ଯେଉଁ ପିଞ୍ଜରାମାନ ଓହଳିଛି ତା' ଭିତରୁ ତାକୁ ଜନ୍ତୁ

Digitized by srujanika@gmail.com

ଜନ୍ତୁ କରି ଝୁଲୁଁ ରହିବେ ତା'ର ଗେହ୍ଲା ଚଢ଼େଇମାନେ, ଭୃଙ୍ଗରାଜ, ଶାଳୀ, ଶୁଆ, ହରିବୋଳ, ବାରମାସୀ । ପୁଅକୁ ପବ୍ଲିକ୍ ସ୍କୁଲ୍‌ରେ, ଝିଅକୁ କନ୍‌ଭେଣ୍ଟରେ ସେ ରଖିଦେଇଛି, ତା' ବି ତା'ର ଆଭିଜାତ୍ୟ ସହିତ ଉପଯୁକ୍ତ, ଯେମାନେ ଡ୍ୟାଡ଼ି ମମୀ ବୋଲି ସମ୍ବୋଧନ କରି ଇଂରେଜୀରେ ଚିଠି ଲେଖନ୍ତି, ଆଉ ଘରେ ଅଛି ଆଠମାସର ଝିଅ 'ଟଗରୀ'—ଅନ୍ତ ଶରଧାରେ ଭାବି ଭାବି ସେ ନାଁ ଦେଇଥିଲା ଆଉ ଟଗରୀର କୋଇ ମିମୀ ।

ମିମୀ—ଆଖି ଆଗରେ ଭାସି ଉଠିଲା ମିମୀର ବ୍ୟକ୍ତିତ୍ୱ, ଏଣ୍ଡି ସନ୍ଧ୍ୟାର ପରି ତା' ଦେହର ବର୍ଣ୍ଣ, ତାହାରି ଉଡ଼ୁଆଳରେ ଭିତରେ କେଉଁଠି ଛପି ରହିଛି ଗୋଟିଏ ଚେନଚମ୍ପା, ଦେଖି ହେଉ ନାହିଁ, ଧରି ହେଉ ନାହିଁ, ଛୁଇଁ ହେଉ ନାହିଁ, ଅନୁଭବ କରି ହେଉଛି । ଖାଲି ପୂରିଲା ପୂରିଲା ଦେହ ନୁହେଁ, ଗୋଲ ମୁହଁରେ ଡିମା ଆଖିପତା ତଳେ ଟେଳିଲା ପରି ଚଢ଼ା ଚଢ଼ା ଯୋଡ଼ାଏ ସରୁ ସରୁ ଆଖି ନୁହେଁ, ଖାଲି ଟେକ ହୋଇ ରହିଥିବା ଫଣ ଫଣ ବହଳନାକ, ନାଳରଙ୍ଗବୋଳା ସରୁ ବଙ୍କା ଓଠ ଯେ ବାଁ କଣକୁ ଟେଢ଼ା ହୋଇ ମୋଡ଼ ଧରିଛି, ଟିକଏ ବେଶୀ ଲମ୍ବା କରଡ଼ା ବାଙ୍କ ବେକ, ଯେ ଅମାବାସ୍ୟା ରାତିରେ ଏକା ଭଙ୍ଗୀରେ ଉଦ୍ୟତ ହୋଇ ରହିଲା ପରି ଦଂଶେ, ତା'ର ଉଚ୍ଚ ଛାତି, ଲମ୍ବ କଙ୍କାଳ, ମୋଟା ଅଣ୍ଟା, ଶୂନ୍ୟରୁ ଓହ୍ଲାଇ ରହିଲା ପରି ଓଜନ ତଳି, ଡେଙ୍ଗା ଗୋଡ଼, ବହଳ ପାପୁଲି, ପୁଣି ଲମ୍ବା ଆଙ୍ଗୁଠି, ଗୋଜିଆ ଟିପ । ମୋଟା ସରୁ, ଡେଙ୍ଗା ଗେଡ଼ା, ସପନ ମାଟି ଅଦ୍ଭୁତ ଭାବେ ଖଞ୍ଜାଖଞ୍ଜି ହୋଇ ରହିଥିବା ଖାଲି ସେହି ଦେହ ମନେପଡ଼ିଲା ଏପରି ନୁହେଁ, କି ତା'ର ବିଶିଷ୍ଟ ପ୍ରସାଧନ କି ଶାଢ଼ୀ ପିନ୍ଧିବାର ଢାଙ୍ଗ କି ବୁଲିବା ପିଠି ବଙ୍କେଇବା ବୁଲିବା ହଲିବାର ଠାଣି—ମିମୀ, ସବୁ ଏକାଠି ଗୋଳିଆମିଶା ହୋଇ ତା'ର ସ୍ୱତନ୍ତ୍ର ଛବି, ସେ ଓଠରେ ପୁଣି ଠେଲିଦିଏ । କେତେବେଳେ ଦଂଶେ ତରଳ ଜକ ଜକ, ଆତ୍ମାରେ ଉଙ୍କୁଳି ଥାଏ । କେତେବେଳେ ପଥରରୁ ଖୋଳା ହେଲା ପରି । ସବୁଠୁଁ କେଶା ସେ ଲେଭିମାଯ୍ଥା ଜଣାପଡ଼େ, ଯେତେବେଳେ ସେ ଏକ୍‌ତାରା ବଜାଇ ଗୀତ ବୋଲୁଥାଏ, ସେତେବେଳେ ତାକୁ ଦେଖିଲେ ଜଣାପଡ଼େ ସତେ ଯେପରି ଚଢ଼େଇ ପିଞ୍ଜରାରୁ ଖସି ପଳାଇ ଗୀତ ଗାଇ ଗାଇ ସିଧା ଯାଉଛି ତା'ର ଆରକ ସହିତ ମିଶିବାକୁ । ତା ମନର ସବୁ କବାଟ ଝରକା

Digitized by srujanika@gmail.com

ଖୋଲ, ମିମୀ ମୁହଁର ସେଇ ଗ୍ଲଇ ଦେଖିଲେ ସମର ଦାସ ଆପଣା ପରିସ୍ଥିତିକୁ ଭୁଲିଯାଏ, ସେତେବେଳେ ଲାଗେ ସେ ଶୂନ୍ୟ ଶୂନ୍ୟ କେଉଁଆଡ଼େ ଭାସିବୁଲୁଛି । ତଥାପି ମିମୀ କାହିଁ କେତେ ଦୂରର ତାରା; କିନ୍ତୁ ଠିକ୍ ତା ଉପରୁ ସେ ଯେବେ ଭୂଇଁରେ ପାଦ ଲଗାଇ ଆଗେଇ ଯାଏ ସେତେବେଳେ ତା'ର ଚେତନାକୁ ଲାଗେ ସତେ ଯେପରି ସେ କଣ୍ଟା ବଣରେ ପଶିଛି, ଆଉ ଯାହାକୁ ଛୁଉଁଛି ସେ ଜିଅନ୍ତା ଶରୀର ନୁହେଁ, କରଡ଼ା ରବର ।

ଅଥଚ ଏଇ ମାସ୍ଟା ଆଉ ସ୍ୱପ୍ନ ଭିତରେ ଦୋହଲି ଦୋହଲି ସମର ଦାସ ସମ୍ପୂର୍ଣ୍ଣରୂପେ ମିମୀର ଆକର୍ଷଣ ଭିତରେ ବନ୍ଦୀ ହୋଇ ରହିଯାଇଛି । ପ୍ରତିହିଂସା ପ୍ରକାଶ ପାଉ ପଛେ ତା'ର କର୍ମସ୍ଥଳୀରେ, ସେଠି ତା ବିଷୟରେ ଅଭିମତ ଯେ ସେ ଟାଣୁଆ ମଣିଷ, ଲୁହା ମଣିଷ, ସେ ଛେଚି ପେଷି ପ୍ରତି ଶ୍ରମିକଠୁ ଦୋରୁଅ ଚମୁଡ଼ି ନେଲା ପରି ସବୁ ଶକ୍ତି ସାମର୍ଥ୍ୟ ଓଟାରି ନେଇ କାମ ଆଦାୟ କରେ, ତା ଭାବନା ବାଗରେ ନରମ ସୁତୁ-ସୁତୁ ନାହିଁ, ସକ ନାହିଁ, କି ଦୁଉଦୁଉ ନାହିଁ । ସେ ମେକାନିକେଲ ଇଞ୍ଜିନିଅର, ଯନ୍ତ୍ର ସହିତ ଯନ୍ତ୍ର, ପୁଣି ମଣିଷ ସହିତ ସେହିପରି—ତା'ର ଖୁରଦାଢ଼ ପରି ବୁଦ୍ଧି, ସେ ତରତର ଦମ୍ଭିଲ, ଏକବାଦଆ, ଅଣପାଲଟା, କାମ ଉପରେ ତା ଆଗରେ କେହି ଭରସି କଥା କହନ୍ତି ନାହିଁ ।

*

କିନ୍ତୁ ମିମୀ ଆଗରେ ତା'ର ଭିନ୍ନରୂପ । ତା' ସ୍ୱର ବି କେଁଠି କେମିତି ବଦଳିଯାଏ, ସେ ହାରିଯାଏ, ବିହ୍ୱଳ ହୋଇଯାଏ, ଯେତେବେଳେ ଅବା ଦୁଶ୍ଚିନ୍ତା ତାକୁ ଦଂଶନ କରେ, ମୁଣ୍ଡପଛ ଆଡୁ ଆଗଆଡ଼କୁ ଶିରିଏ ଶିରିଏ ନିଆଁ ଚଢ଼ିଟି ଆସେ, କାନମୁଣ୍ଡା ତାତିପଡ଼ଏ, ସେତେ-ବେଳେ ବି ତା'ର ବିହ୍ୱଳଭାବ କଟେ ନାହିଁ କି ମିମୀକୁ ସେ ମୁହାଁମୁହିଁ କିଛି କହିପାରେ ନାହିଁ, ନିରାଶ୍ରୟ ହୋଇ ଆପଣା ଦୁଃଖ ଆପେ ସେ ହଜମ କରେ, ଆଉ ମନକୁ ବୁଝାଇବାକୁ ଚେଷ୍ଟା କରେ—ମିମୀ ଜନ୍ମରୁ କଳାବନ୍ତ, ସେ ସଙ୍ଗୀତ ସଙ୍ଗୀତ ବୋଲି ପାଗଳ ହୋଇପାରେ, ବସ୍ତୁରେ ଦୃଷ୍ଟିଭଙ୍ଗୀରେ ସବୁଥିରେ ତାଠି ଅଛି ନିହିତ ସୂକ୍ଷ୍ମତର ଗ୍ରାହିକାଶକ୍ତି ଓ

Digitized by srujanika@gmail.com

ସ୍ୱାଧୀନତାବୋଧ, ମିମୀର ଗଢ଼ଣ ଭିତରେ ସୂକ୍ଷ୍ମ ଉପାଦାନ ରହିଛି, ତା'ର ସ୍ୱରଟା ହିଁ ଭିନ୍ନେ ଓ ଉଚ୍ଚ । ଏମିତି ମିମୀକୁ ମନେ ମନେ ଆପଣାଠୁଁ ବଡ଼ କରି ସେ ମନେ ମନେ ତାକୁ ମୁଣ୍ଡରେ ବସାଏ, ଆଉ ସେ ତା' କଣ୍ଠସ୍ୱରରେ ଉଦାର ହେବାକୁ ଚେଷ୍ଟା କରେ । ସେ ଲକ୍ଷ୍ୟ କରିଛି, ତା' ଆଗରେ ମିମୀର ମୁହଁ ଆଖି ମୁଖାପରି ନିଷ୍ଫଳ ଓ କାଠୁଆ ହୋଇ ରହୁ ପଡ଼େ, ଆଉ କେତେ ବନ୍ଧୁ ଆସନ୍ତି, ପୁରୁଷ ଓ ସ୍ତ୍ରୀ ଯାହାଙ୍କ ଗହଣରେ ଥିଲେ ମିମୀଟି ଚଞ୍ଚଳତା ପ୍ରକାଶ ପାଏ, ତା'ର ହସ ଉଛୁଳି ପଡ଼େ, ହଠାତ୍ ସେ କେଡ଼େ ଖୁସି ହୋଇଯାଏ । ଆସନ୍ତି ଓସ୍ତାଦ ଜୁଲ୍‌ଫିକର ଆଲି, ଡେଙ୍ଗା, ନାକୁଆ, ଗୋରା ପଞ୍ଜାବ୍‌ମାନ ଚେହେରା । କେତେଥର ମିମୀ ରେଡ଼ିଓରେ ଗୀତ ଗାଇଲାବେଳେ ଜୁଲ୍‌ଫିକର ପୃଷ୍ଠପଟ ସଙ୍ଗୀତ ବଜାଇଛନ୍ତି । ମିମୀର ପାଦ ତଳେ ପଡ଼େ ନାହିଁ । ଶ୍ରୀଯୁକ୍ତ କାର୍ଭେ ଆସନ୍ତି, ତମ୍ବା କାରଖାନାର ପରିଚାଳକ, ତାଙ୍କ ପରିବାର ଏଠି ନାହାନ୍ତି ଅଛନ୍ତି କାମ୍ବେରେ । ସାନ୍ନାକୁ ଗୋଳଆ ମୁହଁ, ଗୋଳଆ ଗୁଣ୍ଡ, ଟାଲୁ କାନ୍ଧ, ମଧ୍ୟଭଲଆ ଉଚ୍ଚତା, କ୍ଷିପ୍ର ଚାଲି, ହସ ହସ ଶ୍ରୀଯୁକ୍ତ କାର୍ଭେ, ଗୋଲ ଗୋଲ ଟିକି ଟିକି ଆଖି ମିଟିମିଟି ଡାକେ, ଖୋଲା ଓଠବାଟେ ସାନ ସାନ ଧଳା ଦାନ୍ତ ଦ'ଧାଡ଼ି ଉପରୁ ସତେକ ଧଳା ଡାଉ ବାହାରେ, ପୁଣି ଓଠ ଗୋଳ କରି ଏକା ଶୋଷାରେ ସିଗାରେଟର ଅଧେ ପୋଡ଼ି ପାରନ୍ତି । ଝକ୍ଷଣାବ୍ୟବସାୟୀ ବୃଦ୍ଧି ଛଡ଼ା ସମର ଦାସ କାର୍ଭେଙ୍କଠି ଅଧିକା ଦେଖି-ପାରେ ନାହିଁ; କିନ୍ତୁ ମିମୀର ପ୍ରତେକ ଅନ୍ତର୍ଦୃଷ୍ଟି ଚେତନ ଉଠେ । କଇଁଳଆ ପାଣିକଣାରୁ ଉପରେ ନୂଆ ହୋଇ ଗଜୁରୁଥିବା ଧଳା ଆଁଶ ଉପରେ କାକର ଅଣୁ ଝଞ୍ଜି ହୋଇ ସେ ଯେମିତି ଛନଛନଆ ହସେ; ମିମୀର ମୁହଁଟି ସେମିତି ହୋଇଯାଏ, ସେ ମୁହଁରେ ନୂଆ ଖବର ଝୁଲସେ, ସେ ସ୍ୱରରେ ବାଗଡ଼ଏ ପାହାନ୍ତାର ଗୋଟିକିଆ ହଳଦୀବସନ୍ତର ଆବେଗ, ଦୁହେଁ ଯେତେବେଳେ ବୈଠକଖାନାରେ ଡନ୍‌ଲପିଲୋ ପଡ଼ିବା ସ୍ପ୍ରିଂଲଗା ଆରାମ ସୋଫାରେ ମୁହାଁମୁହିଁ ବସିଥାନ୍ତି, ଆଉ ଦାମୀ ସମ୍ବଲପୁରୀ ପର୍ଦ୍ଦାଟି ଝୁଲୁଥାଏ, ଯେଉଁଥିରେ କୋଣାର୍କର କାନ୍ଥର ଗୋଟିଏ ଛବି ଫୁଟି ଉଠିଛି—ସେହି ଅଶୋକ ଗଛତଳେ ଦୁଇଜଣ, ସେତେବେଳେ ସେହି ପର୍ଦ୍ଦା ଉନାଡ଼ବୁ ଭୁହାଇ ଭୁହାଇ ମିମୀର ହସ ଶୁଭେ, ସତେକ ଝରଣା ମୁହଁ ଖୋଲି ଯାଇଛି, ସେ ଉବୁକ ଉବୁକ ପାହାଚ ପାହାଚ ପଥର ଉପରେ

Digitized by srujanika@gmail.com

ଅଜାଡ଼ି ହୋଇ ଧାଇଁ ପଳାଉଛି, ଓଷ୍ଠରେ ଫେଣ ଛଳ ଛଳ । ସେହି ହସର ଝାଳରେ ତା ଦେହଟା ସତେକି ଉଠେ ପଡ଼େ । ସେହି ଆବେଗକୁ ମାପିବାକୁ ଚେଷ୍ଟା କରେ ସେହି ସୋଫା ତଳକରେ ଲଗା ହୋଇଥିବା ସ୍ପ୍ରିଂ, ଡାକେ ମଞ୍ଚ୍ ମଞ୍ଚ୍ ମଞ୍ଚ୍ ମଞ୍ଚ୍ । ଘୋଡ଼ା କଦମ ଛୁଟିଛି, ଟାପୁର ଟପା ଟପ୍ ଶୁଭୁଛି ତାଳେ ତାଳେ, ପୁଣି ବେତାଳିଆ ହୋଇଯାଏ, ହସ ବନ୍ଦ ହୋଇଯାଏ । ଆଉ ଘରେ କାଗଜପତ୍ର ଖୋଲି ମନ ଲଗାଇବାକୁ ଚେଷ୍ଟା କରି ସମର ଦାସ ବସିଥାଏ । ବୈଠକଖାନାକୁ ଗଲେ ଦୂରରୁ ବାରିହୁଏ ଘର ଭିତରେ ବ୍ୟସ୍ତତାର ଶବ୍ଦ—ନା ସେ ତା ମନର ସନ୍ଦେହ ? ସେହି ବେଦନା ମୁଣ୍ଡ ଚଢ଼ିଆସେ ସାମ୍ନା ଆଡ଼କୁ ଶିରାଏ ଶିରାଏ ତାତିର ଢେଉ । ତା ପରେ ସେ ଘର ଭିତରେ ପଶେ । ମିମୀ ଠିଆ ହୋଇଥାଏ । କାର୍ଭେ ଠିଆ ହୋଇଥାଏ, କାର୍ଭେର ଲୁହାଣିରେ ପରିଚ୍ଛେଦରେ ଶିଷ୍ଟତାର ବର୍ମ, ବାସନା ଧୋବ ରୁମାଲରେ ସେ ପାଟି ପୋଛୁଥାଏ, ରଗଡ଼ି ରଗଡ଼ି ପୋଛେ । ତା'ପରେ ରୁମାଲଟା ତା ହାତରୁ ଖସି ପଡ଼େ । ସେ ସହଜ ହୋଇ ଅଣ୍ଟାରୁ ସିଧା ତଳକୁ ନଇଁପଡ଼ି ରୁମାଲଟାକୁ ଟେକିନିଏ, ଯେପରି ସେ ଅଭ୍ୟାସ ଅନୁସାରେ ସାଧାରଣ କସରତଟାଏ କରୁଛି । ଏ ତା'ର ସାଧାରଣ ଅଭିନୟ । ମିମୀ ଅନାଏଁ ସମର ଦାସକୁ, ଯେପରି ତାକୁ ଭାରି ଛନ୍ଦ ଲଗି ଆସୁଥିଲା । କିଏ ହଠାତ୍ ଭଙ୍ଗି ଦେଇଛି । ନ ହେଲେ ଅନ୍ୟଥା ତା'ର ମୁହଁରେ ଭଙ୍ଗୀରେ ମୂର୍ତ୍ତିମନ୍ତ ଶାଳୀନତା । ସେହି ଲୁହାଣିର ଧକ୍କାରେ ସମରଦାସର ଛାତି ଦବିଯାଇ ଫଁ କରି ଦୀର୍ଘଶ୍ୱାସ ବାହାରିଯାଏ । ତା'ପରେ ସେ ସେହି ପରିସ୍ଥିତିର ରଙ୍ଗକୁ ଆପଣାର କରି ବହୁରୂପୀ ଏଣ୍ଡୁଅ ପରି ହୁଏ । ସମସ୍ତେ ସେହି ରଙ୍ଗରେ ଚହ ହୋଇଛନ୍ତି । ଆଜି ସେ ଘରେ ତଳର ଲିନୋଲିଅମ୍ ଗାଲିଚା ଦାମୀ ସୋଫାସେଟ୍ ରେଫ୍ରିଜ-ରେଟର, ରେଡ଼ିଓ, ଟେଲିଭିଜନ ସେଟ୍, ଦାମୀ କନାର ସାଜ, ଦାମୀ ଆଲୁଅ ଦାମର ସାଜ, ଦାମୀ ମୂର୍ତ୍ତି, ଦାମୀ ଛବି ସମେତ ହଜାର ହଜାର ଟଙ୍କାର ଯେଉଁ ଉପକରଣମାନ, ପରିସ୍ଥିତିର ରଙ୍ଗକୁ ଆପଣାର କରିଥିବା ସେହି ତିନୋଟି ବହୁରୂପୀ ଏଣ୍ଡୁଅ ତିନିଠାରେ ବସି ମୁଣ୍ଡ ହଲାନ୍ତି, ଏମିତି ତ ନଣ୍ଡ ହିଁ ଶୁଣିଲେ । କାର୍ଭେ କେବେ ବିଲାତରେ କ୍ରିକେଟ ଖେଳର କଥା, ବମ୍ବେରେ ଷ୍ଟକ୍ ଏକ୍ସଚେଞ୍ଜ୍‌ର କଥା, ଚମ୍ପା ଖଣିରେ ଶ୍ରମିକ ଆନ୍ଦୋଳନ ଦବାଇବା କଥା, କେତେବେଳେ ରାଜନୀତି କେତେବେଳେ ସମାଜନୀତି

Digitized by srujanika@gmail.com

କଥା, ହଠାତ୍ ସେ ପକାଏ ସଙ୍ଗୀତ କଥା, ମିମୀର ସଙ୍ଗୀତରେ ମୀରାବାଈଙ୍କ ଅତୀନ୍ଦ୍ରିୟତା ଅଛି ବୋଲି ସେ ବାରମ୍ବାର କହେ, କହେ ସେଥିରେ ସେଇ ସୂକ୍ଷ୍ମ ମହାଭାବ ଅଛି, ସେଇ ରସର ସାର ଅଛି, ଯେ ଜଣେ ଖାଲି ଜୀବନକୁ ବ୍ୟାଖ୍ୟା ଦେଇ ଅନେକ ରଚନାର୍ତ୍ତି, ସେ ଜଣେ ଏ ସୃଷ୍ଟି ଭିତରେ ଗୋଟିଏ ଅଭିନବ ସୃଷ୍ଟି । କାର୍ଭେର ବ୍ୟାଖ୍ୟାକୁ ବିଶ୍ୱାସ କଲେ ମାନିବାକୁ ପଡ଼ନ୍ତା ଯେ ମିମୀର ସ୍ୱର ସଙ୍ଗୀତ ଶୁଣାଳିର ଚେତନାକୁ ନେଇ ଆକାଶର ଛାୟାପଥରୁ ଆସୁଥିବା ଅଶୁଣା ସଙ୍ଗୀତ ଲହରୀ ସଙ୍ଗେ ଛନ୍ଦ ଦେଇ ପାରିବ । ନିଜର ସବୁ ଶିଷ୍ଟତା ଓ ସୌଜନ୍ୟର ପରାଗ ବୋଳି ହୋଇ କାର୍ଭେ ଅତୀନ୍ଦ୍ରିୟ ଧ୍ୱନିସଂଘାତର ତଥ୍ୟ ବୁଝାଇବାକୁ ଚେଷ୍ଟା କରେ । କହେ ଯାହାର ସ୍ୱରର କମ୍ପନରେ ସେଭଳି ସୂକ୍ଷ୍ମ ତେଜ ରହିପାରିଛି ସେ ଭାଗ୍ୟବତୀ, ସେଇ ଅତୀନ୍ଦ୍ରିୟ ଧ୍ୱନିସଂଘାତ ଏତେ ଗଭୀରକୁ ଭେଦ କାର୍ଯ୍ୟ କରିପାରେ, ଯେତିକି ସେ ଏକ୍ସ-ରେ କି ଅଲ୍ଟ୍ରା ଭାୟୋଲେଟ୍-ରେ, କି ଗାମା-ରେ’, ସେଥିରେ ବସ୍ତୁର ଉପାଦାନ ବି ବଦଳିଯାଇପାରେ, କଣିକାରେ ଅଣୁ-ପରମାଣୁଙ୍କ ଅବସ୍ଥିତିର ସମ୍ପର୍କ ବି ବଦଳିଯାଇ ପାରେ । ଶୁଣୁ ଶୁଣୁ ମିମୀର ଟେବୁଲ ଉପରର ଗିଲାସ କଟିଯାଇ ଦିଶେ ତା ତଳର ଚକମକ ପାଣି, ତା’ର ଓଠ ଥର ଉଠି ମେଳା ହୋଇ ରହେ, ବାଁ ଗୋଡ଼ ଆସ୍ତେ ହଲି ଉଠେ ଏକର ସେକର । ଆଉ କାର୍ଭେ ଅନୁନୟ କରେ—“ଦେଉନ୍ତୁ ଟିକଏ ପରମ ସୌଭାଗ୍ୟ, ଗାଉନ୍ତୁ ଗୋଟିଏ ।” ମିମୀ ଗୀତ ବୋଲେ । ସେଇ ଅତୀନ୍ଦ୍ରିୟ ଧ୍ୱନି ସଂଘାତରେ ସମର ଦାସ ଅନୁଭବ କରେ, ସେ ଜଣେ ହାଇ ମାରୁଛି, ଦୀର୍ଘଶ୍ୱାସ ପକାଉଛି, ଅନୁଭବ କରେ ସେ ଉଠିପଡ଼େ ଚାଲିବାକୁ ତା’ର ମନ ହେଉଛି, ଅଥଚ ସେ ନିଘା କରୁଥାଏ ସେ କାର୍ଭେର ମୁହଁ ଆଗକୁ ଆଗକୁ ଉଜ୍ଜ୍ୱଳ ରହେ ମିମୀ ଆଡ଼କୁ, ତା’ର ମୁହଁରେ ଲାଗି ରହେ ପ୍ରସନ୍ନତାର ମୁଦ୍ରା, ପୁଣି ପରମ ପରିତୃପ୍ତିର । ଯେତିକି ସେ ମୁଗ୍ଧ ଓ ଅନ୍ଧ; ଉଭୟ । ଗୀତ ସରିଲେ କାର୍ଭେ ପାଞ୍ଚମିନିଟ୍ ଆଖି ବୁଜି ତୁନି ହୋଇ ବସେ । ତା’ପରେ କହେ, “ଶୁଣିଲେ ତ, କେଡ଼େ ମହାପ୍ରାଣ୍ ! କେଡ଼େ ଉଚ୍ଚାଙ୍ଗୀ ! ପ୍ରତିଭା । ସେ ମନକୁ ଆସେ, ଯେ ଯେଉଁ କଳାରେ ଜନ୍ମ ।” ବିଶେଷଜ୍ଞ ବୃଢ଼ିଣିଆ ପରି ସେ ଯେତିକି ମନକୁ ମନ ସେ ସଙ୍ଗୀତକୁ ଚାଖି ହେଉଥାଏ—ଯେପରି ସୁରା ପିଇ ସାରି ଓଠ ଉପରେ ତା’ର ଶେଷା-ଶେଷି ଲେପକୁ ଅନୁଭବ କରି ସେ ତା’ର ବାସ୍ନା

Digitized by srujanika@gmail.com

କଥା ଭାବୁଛି, କ ଅବା ଧୂଆଁ ଗୁଡ଼ସାଗ ଧୂଆଁର ଚାନ୍ତ ବାସ୍ନା ଓ ସୁଆଦ ଭଣ୍ଡୁଛି, କେତେକ ପରିମାଣରେ ସେହିପରି । ଆଜି ସମର ଦାସ ବିରକ୍ତ ହୋଇ ଭାବୁଥାଏ—କ'ଣ ସେ ? ତମ୍ଭା ବିଶେଷଜ୍ଞ ସଙ୍ଗୀତ ବିଷୟରେ କ'ଣ ଜାଣେ ? ଏଇତ ଗୋଟାସୁଦ୍ଧା ମିମୀ, ମ୍ୟାଟ୍ରିକୁଲେସନ୍ ସେକେଣ୍ଡ୍ କ୍ଲାସ ଯାଏ ପାଠ, ଏବେ ଝିଅ ବିଏ, ଏମେ ପାଶ୍ କରୁଛନ୍ତି, ସେ କଲେଜ୍ ଦୁଆର ମୁହଁ ବି ଦେଖିନାହିଁ । ସଙ୍ଗୀତରେ ମିଶିଥିଲା ଯୋଡ଼ିଏ ବର୍ଷ, ଗୋକୁଳ ଶ୍ରୀଚନ୍ଦନ, ଶ୍ୟାମ ଧୀର, ଗୋପାଳ ଘୋଷ, ଚନ୍ଦ୍ରବାବୁ, ନମେଇଁବାବୁ, ଉପେନ୍ଦ୍ର ବାବୁ, ଅନ୍ଧ ଆପଣ୍ଣା, ଖାନୁମିଆଁ, ବାଳକୃଷ୍ଣ ସମସ୍ତଙ୍କ ପାଖରୁ କିଛି କିଛି ଶିଖିଛି ବୋଲି ସେ କହେ ସତ, ବୁଝି ହୁଏ ନାହିଁ । ଯେ ଏତେ ପ୍ରକାର ସ୍ୱତନ୍ତ୍ର ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ଆପଣା ଆପଣା ସ୍ୱତନ୍ତ୍ରତା ଭିତରେ ବ୍ୟବଧାନ ଓ ପାର୍ଥକ୍ୟକୁ ଏଡ଼ି ଦେଇ ଗୋଟାଏ ସ୍ୱତନ୍ତ୍ର ମାର୍ଗ ସେ କିପରି ଗଢ଼ିଲା ଓ ପ୍ରକୃତରେ ତା ମାର୍ଗରେ ସ୍ୱତନ୍ତ୍ରତା ଅଛି କି ନାହିଁ । ତା ସ୍ୱର କେମିତି ଝଣ ଝଣ ଟଁ ଟଁ ହୋଇ ଉପରକୁ ଉପରକୁ ଉଠେ, ଯେମିତି ଲୁହା ଝୁଦରକୁ କିଏ ଯନ୍ତ୍ର ଚଳାଇ ସରୁ କରି ଚାଞ୍ଛିବାକୁ ଚେଷ୍ଟା କରୁଛି । ବେଳେ ବେଳେ ଲାଗେ ତୋପଖାନରେ ଯେପରି କରୁଗେଟେଡ୍ ଲୁହା ଝୁଦର ଗୁଳି ଓଟାରି ହୋଇ ଉଖୁଡ଼ି ଯାଉଛି, ଉଡ଼ୁଛି, ପଡ଼ୁଛି । ସେଥିରେ ସେ କିଛି ସଙ୍ଗୀତ ପାଏ ନାହିଁ । ପଚ୍ଚରିଲେ ମିମୀ କହେ—"ସେ ଆଗନ୍ତୁକ, ଏଥିରେ ଅଛି ସ୍ୱରଶିଳ୍ପୀ ପ୍ରାଣର ବିଶିଷ୍ଟ ପ୍ରକାଶ, ସେ ସେଇ ପ୍ରକାଶରେ ଅଦ୍ଭୁତ କରେ, ଅନୁଭୂତରେ ବୁଝିହୁଏ, ବ୍ୟାଖ୍ୟାରେ ନୁହେଁ ।"

ସମର ଦାସ ମନ ଗହ୍ୱରରେ ବୁଝେ "ସେ କାର୍ଭେ, ନ ହେଲେ ଜୁଲଫିକର ଆଲି, ସେ ତାଙ୍କର ଭାଷା ।"

ମନେପଡ଼େ ସେଦିନ ସେ ଠିକଏ ତଞ୍ଚଳ ତା କର୍ମସ୍ଥଳରୁ ଘରକୁ ଫେରି ଆସିଥିଲା । ବୈଠକଖାନା ଘର ବନ୍ଦ ଥିଲା । ଖୋଲିଲା ପରେ ମିମୀର କପାଳରେ ଥିଲା ଝାଳ, ଓଠରେ ବୋଳା ନାଲି ରଙ୍ଗର ପୁଟ ଅସମାନ ଦିଶୁଥିଲା । ସ୍ଥାନେ ସ୍ଥାନେ ପୋଇ ଅଳତା ସରି, ସ୍ଥାନେ-ସ୍ଥାନେ ବଢ଼ିଲା । ପୋଷାକରେ କ'ଣ କେଉଁଠି ଥିଲା ଯାହା ଅସଜଡ଼ା, ଅରଣା,

Digitized by srujanika@gmail.com

କଥା କହୁଲା ବେଳେ ସ୍ୱର ଥରୁଥିଲା । ଢେଙ୍ଗା ପତ୍ଳାମାନ ଜୁଲଫିକର୍ ହସି ହସି ଦଣ୍ଡବତ କରି କହୁଥିଲ, "ଆଧୁନିକର ଆଜି ଯେଉଁ ଏକ୍ସପେରିମେଣ୍ଟ କଲେ ମିମୀ ଦେବୀ ତା ବାସ୍ତବିକ ଦେଖିବାର କଥା—"

"ଏଁ ! ଦେଖିବାର କଥା !"

ସମର ଦାସର ନାକ ଆଗରେ ସତେକି ମିମୀ ଓଠର ନାଲି ରଙ୍ଗ ଲଗି ଯାଇଛି, ସେ ଚିହ୍ନ ଦେଖିଲେ କାରଖାନାରେ ତା ତଳ ଲୋକେ ଓରିଣ୍ଟ, ଫିଟର, ଫୋର୍‌ମ୍ୟାନ, ଓଭର୍‌ସିଅର, ସାନଇଞ୍ଜିନିୟର ଅଥବା ଶ୍ରମିକ । ରାଗର ବଢ଼ି ଆସିଗଲେ କାହା ମୁହଁରେ କେଉଁ ସଙ୍କେତ ଚିହ୍ନ ଫୁଟେ । କିଏ ଦାନ୍ତି ଓଠାରେ, କିଏ ନାକଅଗ ଥରାଏ । କିଏ ଓଠ କାମୁଡ଼େ, କିଏ ଆଖି ତରାଟେ, ସମର ଦାସର ନାକଅଗ ନାଲି ପଡ଼ିଯାଏ ।

ମିମୀର ମୁହଁ ପାଉଁଶିଆ ପଡ଼ି ଆସୁଛି; କିନ୍ତୁ ଜୁଲଫିକର ସହଜ ଭାବରେ ହସି ହସି ବୁଝାଇଦେଲ, "ଆଧୁନିକ ସଙ୍ଗୀତ ଆଜ୍ଞା । ତା'ର ମାର୍ଗ ଆବିଷ୍କାରରୁ ହିଁ ମିଳେ । ଆଜି ମିମୀଦେବୀ ଏକ୍ସପେରିମେଣ୍ଟ କରୁ କରୁ ଯେଉଁ ଷ୍ଟାଇଲଟା ଆବିଷ୍କାର କଲେ ତାକୁ ଗୋଟାଏ ନୂଆ ଆବିଷ୍କାର ବୋଲି ମାନିବାକୁ ହିଁ ପଡ଼ିବ । କେଉଁଠି ଶୁଭୁଥିବ ଜୟ-ଜୟନ୍ତୀ ପରି, କେଉଁଠି ଲଗୁଥିବ ଏ ରାଗପ୍ରଧାନର ଅବରୋହଣ, କେଉଁଠି ଶୁଭିବ ଯେମିତି ଓଡ଼ିଶୀ 'ଭ' ଚମ୍ପୂ, କେଉଁଠି ଅସାମୀ ଲୋକଗୀତ ପରି, କେଉଁଠିକି ଖୋଦ ଆଶାବରୀ, ଆଉ କେଉଁଠିକି ବଦ୍ୟାପତିଙ୍କ ଭଜନ । ଆଉ ସ୍ୱରର ବାହାର କାହିଁ ପଡ଼ୁଛନ୍ତି ! କେତେବେଳେ ସୁନନ୍ଦା, କେତେବେଳେ ରାଧାରାଣୀ, କେତେବେଳେ ସୁବ୍‌ବଲକ୍ଷ୍ମୀ, କେତେବେଳେ ହମୀଦା ବେଗମ, କେତେବେଳେ—"

ସମରଦାସ କହିଲ, ଆଉ ତା ସଙ୍ଗକୁ ଆପଣଙ୍କ 'ବାଦ' ନିଷ୍ଟୟ, କେତେବେଳେ ମୋହନ ଗୋସେଇଁ, କେତେବେଳେ ଅକ୍ଷୟ ମହାନ୍ତି,

Digitized by srujanika@gmail.com

କେତେବେଳେ ଓଙ୍କାରନାଥ, କେତେବେଳେ ବାଳକୃଷ୍ଣ. କେତେବେଳେ ଗ୍ରାମପିଙ୍ଗଳମ୍, କେତେବେଳେ ଓ୍ୟାଗ୍ନୋଜା” ।

ଜୁଲ୍‌ଫିକର କହିଲା, “ନା, ମୁଁ ସ୍ୱର ସଯୋଗ କରି ନାହିଁ, ସ୍ୱରଲିପି ଲେଖିଥିଲି ।”

ସମର ଦାସ ପଚାରିଲେ, “ଆପଣଙ୍କର ଏ ଆଧୁନିକତା କ’ଣ ଏମିତି ଖାଲି ନବଗୁଞ୍ଜର । ସଂସ୍କାର ସଯମ ଶୃଙ୍ଖଳା ଆଉ ଶୁଦ୍ଧ କ୍ଲାସିକ୍‌ର ନଜର ସେଠି ଗଲା କୁଆଡ଼େ ?”

ଜୁଲ୍‌ଫିକର୍ ବୁଝେଇବାକୁ ଚେଷ୍ଟା କରିଥିଲା—“ଭାବ ଓ ଶୈଳୀରେ ଏକ୍‌ସପେରିମେଣ୍ଟ୍ କରି କରି ନୂଆ ନୂଆ ବାଗର ସୃଷ୍ଟି କରିବା ହିଁ ଆଧୁନିକ, ଆଜି ଏ ଟ୍ରିକ୍ନିକ୍ ଯୁଗର ମଣିଷ ଶୁଦ୍ଧ କ୍ଲାସିକ୍‌କୁ ଅଧ୍ୟୁଷିତ କରିବ ବୋଲି ତା’ର ଦାସ ହେବ ନାହିଁ । ସଯମ ସଭ୍ୟତା ପାଇଁ ପ୍ରୟୋଜନ; କିନ୍ତୁ ତା’ର ବି ମାତ୍ରା ଅଛି, ବେଶୀ ହୋଇଗଲେ ମଣିଷକୁ ଥୁଏ ଅମୁହାଁ ଦେଉଳ ଭିତରେ । ସଙ୍ଗୀତରେ ଆଧୁନିକ ହିଏ କଳାକାରର ଚୂଡ଼ାନ୍ତ ସ୍ୱାଧୀନତା ପାଇଁ ସୁଯୋଗ—”

ଆପଣା ଆବୃତ୍ତିରେ ଆପେ ବଳି ବଳି ଉତ୍ସାହିତ ହେଲାପରି ଜୁଲ୍‌ଫିକର୍ କହିଯାଉଥାଏ । ଏମିତି ସେ ଗହଳି ସଭାରେ ବକ୍ତୃତା ଦିଏ । ଯେଉଁ ଅଳ୍ପ କେଇଜଣ ଉତ୍ସାହୀ ସଙ୍ଗୀତଜ୍ଞ ସଙ୍ଗୀତ ଗାଇ ବଜାଇ ସେଥିକରେ ନ ଅଟକି ସଭା ଡକାଇ ତାକୁ ବୁଝାଇବାକୁ ଚେଷ୍ଟା କରି ସେ ବିଷୟରେ ବକ୍ତୃତା ଦିଅନ୍ତି ତା ଭିତରେ ଜୁଲ୍‌ଫିକର୍ ଜଣେ ବଡ଼ ମଣ୍ଡା ।

ଅତଏବ ତା’ର ବକ୍ତୃତା ସହିବାକୁ ପଡ଼ିବ; କିନ୍ତୁ ତା କଥାର ଚକ ସନ୍ଧରେ ବାଡ଼ି ଠେଲିଲା ପରି ସମର ଦାସ ପଦେ କହିଦେଲେ,

“ଚୂଡ଼ାନ୍ତ !”

ମିମୀ ଟିକିଏ ଚମକି ପଡ଼ିଲା ପରି—କାହିଁ ନାହିଁ ତ, ହସିଦେଇ ମୁହଁ ବୁଲେଇଦେଲା । ଜୁଲ୍‌ଫିକର୍ ବି ଅଟକିଲା ନାହିଁ, ସେ ଆହୁରି

Digitized by srujanika@gmail.com

ଉଚ୍ଛ୍ୱସିତ ଜଣାପଡ଼ଲା। ଏଇ ଠିକ୍ ଛାଞ୍ଚରେ ଗଢ଼ା କଳାକାର, ପବନକୁ ଛୁଞ୍ଚି ଭୂଷିଦେଇ ବେକ ଫୁଲେଇ ଠିଆ ହୋଇଛି ମୂର୍ତ୍ତିମନ୍ତ ଆଧୁନିକତା, ତା'ର ମନ୍ତ୍ରବାଜ ହେଇ ସତେକି ତୋପଖାନରେ ଏକର ସେକର ହୋଇଛି, ଆଖିରେ ବିଜୁଳି ମାରୁଛି। ବେଖାତିର, ବେପରବାୟ୍, ଖାଲି ଆତ୍ମବିଶ୍ୱାସ ନୁହେଁ, ଉପରେ ପଡ଼ଲପରି ଦାମ୍ଭିକତା। ବହୁତ ଶକ୍ତିଶାଳୀ ବିଦ୍ୟୁତ୍‌ଶକ୍ତି ଖେଳୁଥିବା ଦାମ୍ଭ ତାରରୁ ହଠାତ୍ ଯେମିତ ନଆଁଗୁଳ ଛୁରକ ପଡ଼ଲା। କହିଲା—

"ହାଁ, ଠିକ୍ କହିଲେ, ଚୂଡ଼ାନ୍ତ ସୁଯୋଗ। କଳାକାର ଥୋଡ଼ା ଖାତିରକରେ ବନ୍ଧା ଗତ, ବନ୍ଧା ପିଞ୍ଜର। ସବୁ ବନ୍ଧା କଥାର ପରଖ ସରିଚ, କାହାକୁ କେତେଟା ମୁଣ୍ଡିଆ ମାରିବ, କେତେସେର ପିଶଣି ଯାଚିବ, କେଉଁ ଗାର ମାଡ଼ ମାଡ଼ ଲୁଗା ଠେକ ଠେକ ରହି ରହି ଗୁଳିବ। ଆଇନ୍ ଯେ ଲେକ୍ ଝଞ୍ଜି ଛନ୍ତି ସେମାନେ ତାକୁ ଗଢ଼ିଲେ ବୁଢ଼ାହେନେ, ନ ହେଲେ ଭେଣ୍ଡିଆ ଥିବାଯାକେ ସେମାନେ ବି ଏକ୍‌ସପେରିମେଣ୍ଟ୍ କରୁଥିଲେ। ମିଆଁ ତାନ୍‌ସେନ୍ ମହ୍ଲାରକୁ ଯୋଡ଼ ଦେଲେ, ଅବ୍ ଲୋ, ମିଆଁକା ମହ୍ଲାର—"

ତା'ର ଉଚ୍ଛ୍ୱାସରେ ସ୍ଥାନେ ସ୍ଥାନେ ଉପୁଚ ପଡ଼ଲା ମା' ଦୁଧ ସଙ୍ଗେ ପିଇଥିବା ଭାଷାରୁ ପଦେ ପଦେ କହିଲା, "ଆଜ କଲ୍ କଏ ? ଯବ୍ ନସ୍ ମେ ଖୁନ୍ ତାଜା ଥା, ଯବ୍ ଖୁନ୍ ମେ ଆଗ୍ଗ ଥା ଆଗ୍‌କା ଉଲ୍‌ଝନ୍। ଓ୍ୱ ହାପ୍ପ୍, ଓ୍ୱ ହାପ୍ପ। ଆଜ କା ଆଧୁନିକ୍ ହର୍‌ଗିଜ୍ ହୋଗା କାଲ୍ କା କ୍ଲାସିକ୍"—ହାତ ଛୁଆଡ଼ ଦେଇ ସେ କହିଲା, "ସାହିତ୍ୟ, ସଙ୍ଗୀତ, ଚିତ୍ରକଳା, ମୂର୍ତ୍ତିକଳା, ନାଟ୍ୟକଳା, ବଲ୍‌କି ଇତିହ ନାହିଁ, ସମାଜରେ ସଂସ୍ଥା, ମଣିଷର ବିସ୍ମର ସବୁ ଥିଲେ ଓ୍ୱ ଏକ୍‌ସ୍ୱ ବାତ୍। ଆଜ୍‌କା ଆଧୁନିକ କାଲ୍ କା କ୍ଲାସିକ୍। ଆଜକା ଏକ୍‌ସପେରିମେଣ୍ଟ କାଲ୍‌କା ଥିଓରି। ଫିର୍ ଓ୍ୱ ପଛେଁ ଛୋଡ଼୍ ଯାଏଗା, ଆରେ ଆଗକୁ ଗୁଲ ଆଗକୁ ଗୁଲ। ମା' ସରସ୍ୱତୀ, ସେ ସର୍ବଶୁକ୍ଳା"—ସେ ମନକୁ ମନ ଆବୃତ୍ତି କଲା।

Digitized by srujanika@gmail.com

"ମମ ମାନସେ ରମତାଂ ନିତ୍ୟଂ ସର୍ବଶୁକ୍ଳା ସରସ୍ୱତୀ ।" ତା'ପରେ ଝାଇଁକିନା ତେଜ ଉଠି ପୁଣି ଉତ୍ତେଜିତ ହୋଇ କହିଲା –

"ସର୍ବଶୁକ୍ଳା । ତା ମାନେ କ'ଣ ? ତା'ର ସଂସ୍କାର ନାହିଁ, ତା'ର ବନ୍ଧନ ନାହିଁ, ସେ କେଉଁଠି ଅଟକେ ନାହିଁ । ଗୋଟିଏ ପ୍ରକାରକୁ କିଏ ବୋଲି ବଡ଼ ବୋଲି ଧରେ ? ଯାହାଠି ଆଉ ସୃଷ୍ଟି କରିବାକୁ ଶକ୍ତି ନାହିଁ, ଯେ ଡରକୁଳା, ଜଣେ କାରିଗରର ମୁଣ୍ଡରୁ ବାହାରିଥିଲା ଗୋଟାଏ ବଢ଼ିଆ ଗତ, ଗୋଟିଏ ଭାବ, ଗୋଟିଏ ସୃଷ୍ଟି, କ'ଣ ସେଇ ଶେଷକଥା, ସେଇ ରହିଥିବ ଚିରକାଳ, ଆଉ କେହି ଆଗକୁ ଯାଇପାରିବେ ନାହିଁ ?

ସମର ଦାସ ଝଷପ୍ରିକୁ ଅନ୍ଧ ବଙ୍କେଇଦେଇ କହିଲା, "ପୁରୁଣା ବୋଲି ତ କହୁ ରହିଛୁ, ମଣିଷର ମନ ତା'ର ହୃଦୟ, ତା'ର ସମାଜ, ସେମିତି ପୁରୁଣା ରୂପ ବି ରହିଯାଇଚି, କ'ଣ ସେ ଭଲପାଏ, କ'ଣ ସେ ଅସୁଖ ପାଏ, ଏମିତି କେତେ କଥା । ଶହ ଶହ ହଜାର ବର୍ଷର ପୋଷାର ପୁରୁଣା ଫଳଗୁଡ଼ାକ, ସେଗୁଡ଼ାକ କାଟିହେବ କେମିତି ?"

ଭାବିଥିଲା ସେ ଅକାଳତଣ୍ଡିକୁ ଭେଦିଲା ପରି ଗୋଟିଏ ନିର୍ଘାତ ବାଣ ମାରି ଦେଇଛୁ, ଦମ୍ଭ ହୋଇ ବସି ସକାଶେ ଅନାଇଁ ରହିଲା ଜୁଲ୍‌ଫିକରର ନାକଦଣ୍ଡା ନଛିକ । ମିର୍ମୀ ବି ତା ମୁହଁକୁ ଚାହିଁଥିଲା ।

କିନ୍ତୁ ବାଣଟା ଭେଦିଲା ବି ନାହିଁ । ଜୁଲ୍‌ଫିକର ଦ୍ୱିଗୁଣ ଉତ୍ସାହରେ କହିଲା, ଅନ୍ଧ ସମୟକୁ ଆଖି ଆଗରେ ରଖି ଚାହିଁଲେ ଲାଗିବ ପୁରୁଣା ପୁରୁଣା ହୋଇ ରହିଛୁ । ମନେକରନ୍ତୁ ଯେଉଁ ସାନ ପୋକଟି ସକାଳ ନଅଟାବେଳେ ଜନ୍ମ ହେଲା ଦଶଟାବେଳେ ମରିଗଲା ତା' ଆଖିରେ ପରିବର୍ତ୍ତନ ନ ହେଲେ ସେ କି ପରିବର୍ତ୍ତନ ଲକ୍ଷ୍ୟ କରିବ ? କିନ୍ତୁ ମଣିଷ ତ ସେ ପୋକ ନୁହେଁ ! ଆଉ ଯେ କଳାବିତ୍ ହେବ ସେ ଗୋଟିଏ ମଣିଷ କ'ଣ କୋଟିଏ ଜନ୍ମର ବେଳ ଭାବିଲେ ବି ଆହୁରି ଆଗକୁ ଦେଖୁଥିବ । ସେତେବେଳେ ଦେଖିପାରିବ ପୁରୁଣା ପୁରୁଣା ବୋଲି ଯେତେ ପଛକୁ ପଛକୁ ସେ ମଠେଇ ମଠେଇ ଚାହୁଁଥିଲେ ବି ସେ ନିଜେ ବି ଠେଲି ହୋଇ

Digitized by srujanika@gmail.com

ହୋଇ କେତେ ଦୂରକୁ ଗୁଲିଗଲଣି, କେତେ କ'ଣ କୁଆଡ଼େ ବଦଳି ଗଲଣି । ବଦଳି ନାହିଁ ? ଖୁବ୍ ବଦଳିଛି । ଆଗେ ଯେଉଁଟା ପୁଣ୍ୟ ଥିଲା ଏବେ ଯେମିତି କେତେଟା ତ ଲାଗୁଛି ପାପ ବୋଲି । ଆଉ ସେ ରୁଚ ବ କାହିଁ ? ସେ ଧନ ବ କାହିଁ ? ଯାହା ନ ବଦଳିଛି ତା' ବ ବଦଳିବ । ନ ହେଲେ ଆଜ ଏ ଦୁନିଆରେ ଆଶା ବୋଲି କ'ଣ ଥାଆନ୍ତା ? କଣ୍ଟାଟା କଣ୍ଟା ହୋଇ ରହିଥାନ୍ତା ସବୁଦିନେ, ଲୋଭ, ଦ୍ୱେଷ, ଅହଙ୍କାର, ହିଂସା ଯେମିତି ରହିଥିଲା ଅସଭ୍ୟ ମଣିଷଠ", ଖାଲି ହାଣିବା ମାରିବା ଖାଇବା ସେଇଆ ଲାଗି ରହିଥାନ୍ତା, ଆମେ ଆଜ ନୂଆ ଦୁନିଆଁର ସ୍ୱପ୍ନ ଦେଖନ୍ତେ ନାହିଁ ।"

ଉଚ୍ଛ୍ୱାସରେ କଥା ଗପି ଗପି ସତେକି ଜ୍ଞାନ ଓ ବସ୍ତୁର ଘଡ଼ବାଣ ଭୁରୁଭୁରେଇ ଦେଇ ସେଦିନ ଜୁଲଫିକର ଖାଁ ବିଦା ହୋଇଥିଲା ଆଉ ସେହିଦିନଠୁ ତା' କଥା ମନେପଡ଼ିଲେ ସମର ଦାସକୁ ମାଡ଼ ମାଡ଼ ପଡ଼େ, ସେ ଆସିଲେ ବ ସମର ଦାସ ଆଉ ଆଲୋଚନା ଦିଏ ନାହିଁ । କିଏ ପାଇବ ଏ କଳା ଫଳା କଥା, ଏ ସଂସ୍କୃତ, ଏ ଉଦ୍ଭଟ ଯୁକ୍ତିକୁ; କିନ୍ତୁ ଆଶ୍ଚର୍ଯ୍ୟ ଲାଗେ କେଉଁଠୁ ଜୁଲଫିକର ଶିଖିଲା ଏତେ କଥା । ଭାଙ୍ଗି ପଡ଼ିଥିବା ପୁରୁଣା ଜମିଦାର ଘର ପିଲା, ବାପ ଅମଳରେ କରଜ ବୋଝ ସଙ୍ଗେ ପୁରୁଣା ଡିମ କଟୁ ଥିଲା, ବିଲେଇ ଶୁଖୁଆ ଖାଇଗଲେ ପଦାକୁ ଲୋକ ଶୁଣିବାକୁ ବାଲ୍‌ବାହାଦୁର ଶୁଖମାହାଲ୍‌କୋ ଲୁଟ୍ ଲିଆ । ତବ୍ କତଲ୍ କରେ । ଜମିଦାର ଉଠିବା ପଛେ ପଛେ ତା' ବ ଗଲା । ନିଜର ପାଠ-ପଢ଼ା ଫାଷ୍ଟ୍ ଇଅରରୁ ସରିଗଲା । ତାପରେ ସେ କୁଆଡେ ବଡ଼ ବଳିଛି ! ମିଲ୍‌ରେ ମଜୁରିଆ ହୋଇ କାମ କରିଛି, ବିଭା କରି ଘରଜୋଇଁ ଛାଡ଼ିଛି, ପୈତୃକ ଘର ଉପରୁ ଆପଣାର ସବୁ ଅଂଶ ଛାଡ଼ି ଦେଇଛି । ସିଲେଇ ମେସିନ୍ ଚଳାଇ ବସି ଖଲିଫା ହୋଇଛି, ତାକୁ ବ ଛାଡ଼ି ଦେଇଛି, ଜଣକ ସଙ୍ଗେ ଅଂଶୀଦାର ହୋଇ କୋଇଲା ବିକି ସେଥିରୁ ବ ନିଜେ ଠକା ଖାଇଛି, କାଠଗୋଲା ମାଲିକ ପାଖେ ରହି କାଠ ବିକୁଛି । ସେ ଚଳଚିତ୍ରମାନରେ ବନାଟି ବୁଲାଇବାରେ ନାଁ କମେଇଛି, କାଳୀ ପୂଜା ସମୟରେ ଗୋଟିଏ ସାହିର ମେଢ଼ ସଙ୍ଗରେ ବନାଟି ଖେଳି ଖେଳି ଯାଇ ଆର ସାହି ସଙ୍ଗେ ଝୁରି ଲାଗିଲା ବେଳେ ପିଟାପିଟି କରି ଜୋରମାନା ସଜା

Digitized by srujanika@gmail.com

ପାଇ ଜାଣି ଜାଣି ଜୋରିମାନା ନ ଦେଇ ମାସେ ଜେଲ୍ ଖଟିଗିଛୁ, ଉଜେଇ ଯାଇ ବେଳେ ପାଣିରେ ମାଛ ହୋଇ କେତେ ମଣିଷ ଗୋରୁଗାଈ ଯେ ଉଦ୍ଧାର କରିଛୁ ତା'ର ସଂଖ୍ୟା କେହୁ ଲେଖି ରଖି ନାହିଁ । ରକ୍ତଭଣ୍ଡାରରେ ମାଗଣା ନିଜ ରକ୍ତ ଦେଇଛୁ । ବାଜି ଲଗାଇ ଚଣ୍ଡୀ ମନ୍ଦିର ସାମ୍ନା ସଡ଼କ ଉପରେ କାନ ପାରିଦେଇ ଆଖି ବୁଜି ବସିଛୁ ଯୋଡ଼ିଏ ଦିନ, କହୁଥିଲି— "ଫରଖୁଥିଲି । ମୋଟ ଆୟୁ ସତର ନୟା ପଇସା ।"

ଏ ଛତିଶ ବର୍ଷ ଆୟୁଷ ଭିତରୁ କୋଡ଼ିଏଟି ବର୍ଷ ସେ ଅକ୍ଳାନ୍ତ ହୋଇ ସଙ୍ଗୀତ ସାଧନାରେ କଟାଇଛୁ, ସତେକି ପାଗଳ ହୋଇଯାଇଛୁ, ଖେଳ ଭୁଲି ଲୋକସାଣ ଉଜୁଡ଼ା ଭୁଲି କେତେବେଳେ କାହାର କେଉଁ କଟୁ ମନ୍ତବ୍ୟ କାହାଠୁଁ ଅନାଦର କାହାଠୁଁ ବିଦ୍ରୁପ ସବୁ ପଛକୁ ପକାଇଦେଇ ସଙ୍ଗୀତର ନିଶାରେ ମାତି କାରଣଫଳର ବେପାରି ଦୁନିଆର ସଡ଼କରେ ସେ ବୁଲିଛୁ ଅନ୍ଧ ପରି । ତାକୁ ବେଢ଼ାଇ କେତେ ଅଦ୍ଭୁତ କାହାଣୀ ତିଆରି ହୋଇଛୁ, ଯେ ସେ କୁଆଡ଼େ ଖଣ୍ଡଗିରି ଗୁମ୍ଫାରେ ଗଡ଼ାମାରି ରହୁ ସଙ୍ଗୀତ ସାଧୁଥିଲା ଗୋଟାଏ ଚତୁର୍ମାସ୍ୟାଯାକ, ସେଠି କେଉଁ ଅଶରୀରୀ ଗୁରୁ ବରଷା ଅନ୍ଧକାରରେ ତାକୁ ସଙ୍ଗୀତ ଶିଖାଉଥିଲେ । ସତକୁ ସତ ସେ ଏପରି ଧୂନଟିଏ ବଜାଏ ଯାହାକୁ ଶୁଣିଲେ ଲାଗେ ଘଡ଼ି ଘଡ଼ି ତୋଫାନ ଭିତରେ ଘଡ଼ ଘଡ଼ ବରଷାର ଶବ୍ଦ କେତେ ଅଧ ଅଉଜା ଦୁଆରବାଟେ ସୁଡ଼ଙ୍ଗ ନାଳୀ ବାଟେ ପଶେ ଯେମିତି ଭଗି ଆସି କାନପାଖେ ଉହୁଁର ଖେଳୁଛୁ, ସ୍ନାୟୁ ଭିତରେ ଚହଟାଉଛୁ ତୀବ୍ର ଉତ୍ତେଜନା ।

ସେହି ଜୁଲ୍ଫିକର ଖାଁ । ମୁହଁ ଖୋଲିଲେ ତା'ର ଜ୍ଞାନର ତଳ କଳ ହୁଏ ନାହିଁ, ଯେ ଭୁଣ୍ଡଳ୍ପ ସଂସ୍କୃତ ବ ବାହାରେ, ଉଚାଙ୍ଗ କଳାତତ୍ତ୍ୱ ବ ବାହାରେ, ଯେ ସୀତାର୍ ବଜାଇଲେ ଯୁଦ୍ଧ ଯୁଦ୍ଧ ପରିବେଷ୍ଟନୀ ତରଳି ବଦଳିଯାଏ, ଏପରି ଦୃଶ୍ୟମାନ ଜଗତରେ ସତେକି ଲାଗିଯାଏ ନୂଆ ଅର୍ଥ । ଜୁଲ୍ଫିକର ଖାଁର ସଙ୍ଗୀତ ମଣିଷ ହୃଦୟକୁ ପରିବର୍ତ୍ତନ କରେ, ଦେଖି ପଛେ ତା ସେତିକିବେଳିଯାକେ । ସମର ଦାସ ଆପଣା ହୃଦୟ ଭିତରେ ଅନୁଭବ କରେ—ସେ ପ୍ରସିଦ୍ଧ । ଆଜି ନୁହେଁ, ବହୁବର୍ଷ ହେଲା ସେ ପ୍ରସିଦ୍ଧ ହେଲାଣି । ମଞ୍ଚରେ ମଞ୍ଚରେ ଭାରତର ବଡ଼ିନ୍ ପ୍ରାନ୍ତକୁ ସେ ଡକା-

Digitized by srujanika@gmail.com

ହୋଇ ଯାଏ, ତା'ର ପ୍ରଶସ୍ତି ଉଡ଼େ; କିନ୍ତୁ ସେ ବାନ୍ଧ ହୋଇ ରହେ ନାହିଁ, ଲେଉଟି ଆସେ । ଦିଲ୍ଲୀ ସହରରେ ନାମୀ ସମ୍ମେଳନରେ ଯାହା ହାତକୁ ଲୋକେ ଅନାଇଁ ରହନ୍ତି ସେ ପୁଣି ଜଣାପଡ଼େ ଓଡ଼ିଶାରେ କେଉଁ ଚାଳତଳେ, ବାଟ କଡ଼ର ଶସ୍ତା ଚାହା ଦୋକାନରେ, ମନ ଖୁସିରେ ସଙ୍ଗୀତ ଶୁଣାଏ, କେତେବେଳେ ପିଲଙ୍କ ଖେଳପଡ଼ିଆ ସେମୁଣ୍ଡ ଝଙ୍କା ବରଗଛ ତଳେ, ଯେଠି ଆସେ ତା'ର ଶ୍ରୋତାମଣ୍ଡଳୀ ଫୁଲ ଜୁଟେ । ରେଡ଼ିଓରେ ମାସକୁ ପାଞ୍ଚ ସାତଥର ତା ଗୀତ ଥାଏ, କିନ୍ତୁ ସେ ଚାକିରି କରେ ନାହିଁ, ରେଡ଼ିଓରେ ପାଞ୍ଚଶହ ଟଙ୍କା ଦରମାରେ ସ୍ଥାୟୀ ଚାକିରି ସେ ମନା କରିଦେଲା, ବାଣୀବାଣୀ ସିନେମାଥିଆର ପ୍ରତିଷ୍ଠାନ ତାକୁ ମାସକୁ ସାତଶହ ପୁଣି ଆଠଶହ ଯାଚି ଯାଚି ପୁଣି ନିରସ୍ତ ହୋଇରହିଲା, ସେ ଟିଉସନ ବି କରେ ନାହିଁ ।

ସେହି ଜୁଲ୍‌ଫିକର ଖାଁ—ମିମୀ କଥା ଭାବିଲେ ସମର ଦାସ ତାକୁ ମନେପକାଏ । ଭାବେ, କାହିଁକି ସେ ଏତେ ଆସେ ? ସତେ କ'ଣ ମିମୀଠିଁ କିଛି ପ୍ରତିଭା ସେ ଦେଖିପାରିଛି ନା ଏ ଆକର୍ଷଣ ଅତି ସାଧାରଣ ସ୍ତରର ? ତାଠିଁ ଏହି ଯେଉଁ ବ୍ୟକ୍ତିତ୍ୱର ଅଭାବ ସେ କ'ଣ ତା ଭେକର ନା ତା ଆଶାର ? ସମର ଦାସ ଧନ୍ଦା ହୁଏ, ସୌଜନ୍ୟ ଶିଷ୍ଟାଚାର ଯୁକ୍ତି ଓ ଜ୍ଞାନ ମିଶା ଏହି ବିଚିତ୍ର ଲୋକଟିଠୁଁ ଅପେକ୍ଷା କରିବା ବୁଦ୍ଧି ତା'ର ମୁଣ୍ଡରେ ନାହିଁ । ତଡ଼ି ହୁଏ ନାହିଁ, ଏଣେ ଆଶଙ୍କାରେ ଛାତି ଥରେ ।

ଆଜି କାହିଁକି, ସେ ବି ମନେପଡ଼େ, ସେହି ଗୋଲ୍ ଗୋଲ୍ ଟିକି ଟିକି ଦୁଷ୍ଟ ଆଖି—ଦେହ ଶିରଶିର ହୁଏ, ନିଶ୍ୱାସ ଫଁ ଫଁ ବହେ ।

ମନେ ମନେ ମିମୀର ରୁଚି ଆଉ ଜିଦ୍ ସହିତ ସମରଦାସ ବଳ କଷାକଷି କରେ, ସେଠି ବି ତା'ର ଦେହବଳ ଧନବଳ ପଦବଳ କୌଣସି କାମକୁ ଆସେ ନାହିଁ । ମିମୀର ଠାଣି, ତା'ର ଆଖିଛଟା ହାତହଲା ଦେହବଙ୍କା ତାକୁ ଉପହାସ କରେ, ଆଉ ବେଳେ ବେଳେ ତା'ର ଅତି ମାର୍ଜିତ ଭଦ୍ରତା ବି, ବେଳେ ବେଳେ ତା'ର କଥାରେ ଥାଏ ଗୁପ୍ତ ଶୀତଳ

Digitized by srujanika@gmail.com

କହୁଛି, ଆଜି ଯେତେବେଳେ ହୁହା କରି ମିମୀ ତା'ର ଆପଣା ବାଟରେ ମାଡ଼ିଯାଏ ସମରଦାସ ତାକୁ ରୁନ୍ଧାଇବାକୁ ଭାବିବାକୁ ବି ଶଙ୍କେ । ମିମୀ ମୋଟେ ତାଠୁଁ ସାତ ମାସ ସାନ । ସେ ଧନୀଘର ଝିଅ । ସମର ଦାସ ଯେତେବେଳେ ନୂଆ ନୂଆ ଜୀବନ ଆରମ୍ଭ କରୁଥିଲା, ଥିଲା ଦରିଦ୍ର, ନିଃସହାୟ, ସେତେବେଳେ ମିମୀ ଆସିଥିଲା ଜିନିଷପତ୍ର ଓ ଟଙ୍କା ଯୌତୁକ ନେଇ । ମଟରଗାଡ଼ି ସେ ଯୌତୁକ ଆଣିନଥିଲା, କିନ୍ତୁ ଶ୍ୱଶୁରଘର ମଟରଗାଡ଼ିରେ ବସି ସମରଦାସ ତା'ର ଚିହ୍ନା ପୁରୁଣା ସହରରେ ବୁଲି ବୁଲି ଜୀବନର ଚିତ୍ରପଟକୁ ନୂଆ ଆଖିରେ ଦେଖିଥିଲା । ଶ୍ୱଶୁରଘରର ଚର୍ଚ୍ଚା । ଫଟୋଖୋଲା ଭେଟି ବ୍ୟବହାର କରୁ କରୁ ସେ ତା'ର ଆବଶ୍ୟକର ପ୍ରକାର ଓ ମୂଲ୍ୟ ବଢ଼ାଇବାକୁ ଅଭ୍ୟାସ ଆରମ୍ଭ କରିଦେଇଥିଲା ଓ ଅଭ୍ୟାସ ପାକଳ ହେଉଁ ହେଉଁ ଶ୍ୱଶୁରଘରର ପାଖରେ ଋଣୀ ଓ ଶ୍ୱଶୁରଘରଉପରେ ନିର୍ଭରଶୀଳ ହୋଇଯାଇଥିଲା । ପଛେ ଲୁହା କୁମ୍ପାନୀରେ ଏଣ୍ଟ୍ରି ଯେଉଁ ବଡ ଚାକିରିଟି ସେ ପାଇଲା ସେଥିପାଇଁ ପାହାଚ ମୂଳରେ ଠିଆହେଲା ବେଳେ ବି ଶ୍ୱଶୁରଘରର ପ୍ରତିପତ୍ତି ଓ ପ୍ରଭାବ କାର୍ଯ୍ୟ କରିଥିଲା । ଅନ୍ତ ଚଞ୍ଚଳ ତା'ର ଏ ରୂପର ପରିବର୍ତ୍ତନ ସମ୍ଭବ ହୋଇଥିଲା ତା ଶ୍ୱଶୁରଘରର ସକ୍ରିୟ ଚେଷ୍ଟା ଓ ଯତ୍ନ ସାହାଯ୍ୟରେ, ତା'ର ହେତୁ ବି କେବଳ ମିମୀ । ସେମାନେ ତାକୁ ସବୁ ପ୍ରକାର ସାହାଯ୍ୟ କରିବେ, ମୁଣ୍ଡରେ ମୁଣ୍ଡାଇବେ, ଗୋଟିଏ ମାଗୁଣି—ମିମୀ ଯେମିତି ଚଳୁଥିଲା ତାକୁ ସେ ସେମିତି ଚଳାଉ, ଭୁଲି ନ ଯାଉ ଯେ ସେମାନଙ୍କର ସେ ଜୀବନପ୍ରାଣ । ମିମୀଉପରେ କଟକଣା ଜାରି କରିବା ଶକ୍ତି କି ମିମୀକୁ ଆଦେଶ ଦେଲାଭଳି ବଳ ତା'ର ସେହିଦିନୁ ଆପେ ହଟିଯାଇଛି, ଆଜି ଫେରି ନାହିଁ ।

ସେଥିପାଇଁ ଆଉ ଗୋଟିଏ କାରଣ ଥିଲା, ତା'ର ସ୍ତ୍ରୀ ପ୍ରତି ମୋହ । ବିବାହ ପୂର୍ବରୁ ତାଠିଁ ଥିଲା ସ୍ତ୍ରୀଲୋକ ସମ୍ପର୍କରେ ଦୈହିକ ଅନଭିଜ୍ଞତା, ଯାହାକୁ ପବିତ୍ରତା କହି ମୂଲ୍ୟ ଓ ମର୍ଯ୍ୟାଦା ଦିଆଯାଏ । ତା'ର ସେ ଅନଭିଜ୍ଞତା ଯେତେବେଳେ କଟିଗଲା ତାହା ସଙ୍ଗେ ସଙ୍ଗେ ମନର ସ୍ୱାଧୀନତା ବି ଯେପରି କି କଟିଗଲା । ତା'ର ମନଗହ୍ୱରରେ ଯେତେ ଆପତ୍ତି ଯେତେ ସନ୍ଦେହ କି ଉଦାସୀନତା ଗୁରୁ ଗୁରୁ ହେଉ ପଛେ, ତା'ର

Digitized by srujanika@gmail.com

ସାତପାଞ୍ଚ ବର୍ଷରକୁ ବୁଡ଼ାଇ ଦେଇ ସେଠି ମୋହର୍ଦ୍ଧିଁ ଗରଜେ । ସେ ଆଟଣା ପାଖେ ହାର ହାର ତା ଧୀର ପାଦରେ ଛନ୍ଦ ହୁଏ, ଅଥଚ ତଥାପି—

ହେଇ ଗାଡ଼ି ଠିଆ ହେଲା ଆସି ଦୁଆରମୁହଁ ସାମ୍ନାରେ । ସେ ଓହ୍ଲାଇ ପଡ଼ିଲା । ତା'ର ଗ୍ରେଟ ଡେନ୍ କୁଓି ଦଣ୍ଟା ଜଞ୍ଜିର ଝାଙ୍କି ଝାଙ୍କି ଗମ୍ଭୀର ସ୍ୱରରେ ବୋବାଇ ବୋବାଇ ଅଳି କଲା; କିନ୍ତୁ ସେ ସ୍ୱରରେ ମିଶିଯାଇଥିଲା ଗୋଟିଏ ଛୋଟ ପିଲାର କାନ୍ଦଣା । ଶଚୀ ବି ଧରିଛି । ତା'ର ଆଠମାସର ଟେହ୍ଲା ଝିଅଟି । ସମର ଦାସ ଶଚୀକୁ କାଖେଇ ପକାଇଲା । ଡାକ ପକାଇଲା, "ମିମୀ, ମିମୀ ।" ଶଚୀର କାନ୍ଦଣା ବନ୍ଦ ହେଉ ନାହିଁ । ଆଉ ଘରୁ ମିମୀର ଉତ୍ତର ଶୁଭିଲା, "ଯାଉଛି । ପାଟି ଶୁଭୁଛି, ଆଉ ଘରେ ଆଉ ଜଣେ କିଏ କଥା କହୁଛି । ହେଇ ସେ ଦୁହେଁ ଏକାଠି ବଡ଼ ପାଟିରେ ହସି ଉଠିଲେ । ଶଚୀ କାନ୍ଦୁଛି । ପୁଣି ସେ ଡାକିଲା, "ମିମୀ ମିମୀ," ଟିକିଏ ଛୁଡ଼ ଉତ୍ତର ଆସିଲା "ହଁ, ଯାଉଛି ।" ଶଚୀ ବୁଝାଇଲେ ବୁଝୁ ନାହିଁ । ଆଉ ଘରୁ ଶବ୍ଦ ଶୁଭୁଛି । "ମିମୀ-ମିମୀ" "ହଁ ଯାଉଛି ।" କିଏ ସେ ଜଣକ ? କୁତୂହଳ ହେଉଛି । ଯିବାକୁ ମନ ହେଉଛି । ପୁଣି ପାଦ ଅଟକି ଯାଉଛି, ଯେମିତି ତା'ର ହୁଏ । କାର୍ଭେର ସ୍ୱର, କାର୍ଭେର ହସ । ତା ମୁଣ୍ଡ ତାତି ଉଠିଲା । "ମିମୀ—" ଏଥର ତା ଡାକଟା ଥିଲା ଟିକିଲ ଆଉ ଲମ୍ବା, କିନ୍ତୁ ଏଥର ଜବାବ ବି ନାହିଁ । ଆଉ ଏଣେ ଶଚୀ କାନ୍ଦୁଛି, ତା'ପରେ ଦୁହିଁଙ୍କର ଐକ୍ୟତାନ ହସ ଶୁଭିଲା, ଦୋହଲି ଦୋହଲି, ଆଉ ଏ ଘରେ ତା ସଙ୍ଗେ ମିଶିଗଲା ଶଚୀର କାନ୍ଦଣା ଶବ୍ଦ, ସବୁ ମିଶି ସଚତ କ ଏକାଠି ଦାଉ ଦାଉ ଜଳିଲା । ହେଇ ସେ ପ୍ରଦାହ ତା'ର ଦେହକୁ ଧରୁଛି ତା'ର ମୁଣ୍ଡ ଭିତରେ କ'ଣ ଜଳୁଛି । ସେ ଶଚୀକୁ ଟାଣି କରି ଧରି ପାଗଳ ପରି କଟମଟ କରି ତା ମୁହଁକୁ ଚାହିଁଲା । ତାକୁ ସେ ସୋଫା ଉପରେ କରି ଦେଲା । ନରମ ବିଛଣା ଉପରେ ପଡ଼ି ଶଚୀ ଚିତ୍କାରେଇ ଚିତ୍କାରେଇ କାନ୍ଦିଲା । ଦୁମ୍‌ଦାମ୍ ଗୋଡ଼ କଚଡ଼ି ଲମ୍ବା ଲମ୍ବା ପାହୁଣ୍ଡ ପକାଇ ସମର ଦାସ ପଦାକୁ ଚାଲିଯାଇ ଗାଡ଼ିରେ ବସିଲା । ଧଡ଼୍ କରି କବାଟ ବନ୍ଦ କଲା । ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଅନାଇଥିବା ମଟର ସାରଥିକୁ କହିଲା—

Digitized by srujanika@gmail.com

"ଅଫିସ ।" ଅଫିସ ତ ବନ୍ଦ ହେବଣି, ସମସ୍ତେ ଯିବେଣି । ମଟର-ସାରଥି ଷ୍ଟବ ମୋଡ଼ି ତଳେ ପାଦରେ ଦାବିଲା । ଗୋଟାଏ ଉଦାସୀ ଗଁ ଗଁ ଶବ୍ଦ କରି କରି ଗାଡ଼ି ବାହାରି ଚାଲିଗଲା । ସମର ଦାସର ଆଖି ଆଗରେ ଅନ୍ଧାର ଭିତରେ ଆଲୁଅଗୁଡ଼ାକ ନାଚିବାକୁ ଆରମ୍ଭ କଲା; ଛକାଛକି କଟାକଟି ଗାର, ବଙ୍କାଡ଼ଙ୍କା, ନାଲି-ଧଳା-ନେଳି-ହଳଦିଆ, ଉଦ୍ଧ ଉଦ୍ଧ ଦାଉ ଦାଉ, ଆଉ ମୁଣ୍ଡ ଭିତରେ ଚଟୀ କାନ୍ଦୁଛି, ମିମୀ ହସୁଛି, କାର୍ଡେ ହସୁଛି, ଦୁନିଆ ହସୁଛି ।

କୋକିଳା

କୋକିଳା ଜେଲ୍‌ଖାନାରେ ୱାର୍ଡର୍ ।

କୋକିଳାର ରାଗକୁ ପୁରୁଷ ୱାର୍ଡର୍‌ମାନଙ୍କର ଭାରି ଭୟ ।

କୋକିଳା ଏ ସଂସାରର ଜୀବ ଭିତରେ ଜାଣିଥିଲା ଗାଳି ଗୁଲି ଛତିଶ ବର୍ଣ୍ଣ ଟି ଏକ ଶ୍ରେଣୀରେ ପଢ଼ିଅଛି । ଯେଉଁ ଅତି କଅଁଳ ଅତି କୁଆଁଳା ଶବ୍ଦ କେବଳ ଫୁସୁ ଫୁସୁ କରି କହନ୍ତି, ଯଥା ପ୍ରେମ କି ପ୍ରୀତି କି ଅଭିସାର କି ସେମିତି ଆଉ କଣ, ଆଉ କହିଲାବେଳେ ଲାଜ ଲାଜ ଲାଗେ, ଆଖି ମିଞ୍ଚି ମିଞ୍ଚି ହୋଇ ନଇଁପଡ଼େ, କୋକିଳା ଅନ୍ୟ କାହାର ଅନୁଭୂତି ବର୍ଣ୍ଣନା କଲାବେଳେ ସାହି କମ୍ପେଇ ବଡ଼ପାଟିରେ ତାକୁ କହିପାରେ । ତାକୁ ମୋଟେ ଲାଜ ମାଡ଼େନାହିଁ । ସତେ ଯେପରି ସେହି ଶବ୍ଦଗୁଡ଼ାକ ତାର ସ୍ଥୁଳ ଚମଡ଼ାକୁ ବି ଭେଦେନାହିଁ ।

କିନ୍ତୁ ଯୁବକ ପଶୁ ଡାକ୍ତର ସୁଶୋଭନ ଯେତେବେଳେ ସାନ ବସାଟିଏ ଭଡ଼ାନେଇ ଆପଣାକୁ ଭାଗ୍ୟବାନ ମଣିଲା ଓ ବସନ୍ତ ଅପରାହ୍ଣରେ ବୁଲି ବୁଲି ଘରଟିକୁ ଦେଖୁଥିଲା, ସେତେବେଳେ କୋକିଳାର ଏ ପରିଚୟ ସେ ଜାଣି ନଥିଲା । ଲାଗି ଲାଗି ଦୋଟି ଘର । କହିବାକୁ ଗଲେ ଗୋଟିଏ ଘର ମଝିରେ କାନ୍ଥଟିଏ ପଡ଼ି ଦୁଇ ଭାଗକୁ ଅଲଗା ରଖିଛି । ପ୍ରତି ଭାଗରେ କାଠ ଜାଲିଦିଆ ପାଞ୍ଚହାତ ପିଣ୍ଡା । ବଖରାଏ ଘର । ଗୁରୁହାତ ଓସାର ଦୁଆର । ଗୋଟିଏ ଟିକି ଭଣ୍ଡାର ଘର । ଦୁଆର ପଛ କଡ଼େ ରୋଷେଇ ଘର ପାଇଁ ସାନ ଗୁଣ୍ଡିଟିଏ । କବାଟ ଖୋଲିଲେ ସରୁ ଲମ୍ବା ହୋଇ ବାଡ଼ି । ଷାଠିଏ ହାତ ଅଡ଼ମା ପାରି ହୋଇଗଲେ ଇଟାର ଅଧା କାନ୍ଥ ଘେରା ହୋଇ ପାଇଖାନା ବସିବା ସ୍ଥାନ, ତା ସେପାଖରେ ବାଡ଼ ଓ ବାଡ଼ ସେପାଖେ କିଆବଣ । ଦୁଇ ଅଗଣା ମଝିରେ କୂଅଟି । ତା ଉପରେ ବି କାନ୍ଥ । ତେଣୁ କୂଅ ଏପାଖେ ଫାଳେ ସେପାଖେ ଫାଳେ । ବସ୍ତିର ଶେଷ

Digitized by srujanika@gmail.com

ମୁଣ୍ଡରେ ସେ ଧରିଛି, ତା ପରେ ସଡ଼କ ଲମ୍ବିଯାଇଛି, ବସ୍ତି ନାହିଁ । ମଝିର କାନ୍ଥ ଆଗ୍‌ଲେ ଆଁ କରିଛି ।

ସମୁଦ୍ର ପବନ ହୁ-ହୁ ହୋଇ ଘରେ ପଶୁଛି । ଶୀତଳତା ଭିତରେ ସୁଶୋଭନ ଅନୁଭବ କରିଛି ଉତ୍ତେଜନା । ସମୁଦ୍ର ଗର୍ଜନ କାନରେ ବାଜୁଛି । ନାଳିଆ ଆଲୁଅରେ ସୁରପଟେ ଦିଶୁଛି ଉଞ୍ଚ ଉଞ୍ଚ ଗଛର ଡାଳ ପତ୍ର ଗୁଳ୍ମଜାଳ । ଝାଉଁବଣ ଆଉ କିଆବଣ ଆଉ ଅସଂଖ୍ୟ ଚଢ଼େଇ ଉଡ଼ି ଆସୁଛନ୍ତି, ଚହଳ ପକାଇଛନ୍ତି । ପଶୁତାଙ୍କର ସୁଶୋଭନଙ୍କୁ ଲାଗିଲା ସେ ତିନି ହୋଇଯାଉଛନ୍ତି । ବୃତ୍ତିକ୍ଷେତ୍ରର ସୁଶୋଭନ ମ୍ୟାଣ୍ଡ୍ କୋଟ୍ ପିନ୍ଧି ସେଇ ଜାଲି କବାଟ ବାଟେ ଗଲା ବାହାରି । ପରିବାରର କର୍ତ୍ତା ହୋଇ ରହିଥିଲା ଯେଉଁ ସୁଶୋଭନ, ସୁରେଣି ସନ୍ତାନର ମା ତଥାପି ଅଳଅଳି ନହକା ସ୍ତ୍ରୀର ସ୍ୱାମୀ, ଶ୍ରେଷ୍ଠୀ ଭଉଣୀ—ସେଇ ଯାହାର ଡବ ଡବ ଆଖି ଲୁହିଁ ରହି କେତେ ଅଳ ଜଣାଏ, ତାର ଭାଇ, ଯୋମୁଞ୍ଚି ଥିବା ବୁଢ଼ା ବୁଢ଼ୀ ଯୋଡ଼କଙ୍କର ଆଶ୍ରୟ ପୋଷଣାଦାର ପୁଅ, ସେଇ ସୁଶୋଭନ କଦ୍ଧ ଦୁଆର ଟିପି ଉପରକୁ କୁଆଡ଼େ ଉଡ଼ି ପଳାଇଲା । ଆଉ ରହିଗଲା ଜଣେ । ମାଂସଖିଆ ମାଂସଳ ଦେହ ତାର । ଓସାର କାନ୍ଧରେ ଲମ୍ବ ଚୁମ । ତା'ର ଓସାର ଓଜନ ଜଙ୍ଘ ଆଉ ଗୋଡ଼ଚେଣ୍ଡା, ଆଉ ତାକୁ ଲାଗିଲା ସତେକ ଏଇ ନୂଆ ହୋଇ ଏ ସଂସାରକୁ ସେ ଏଇ ରୂପରେ ଆସି ପହଞ୍ଚୁଛି, ତାର ବନ୍ଧନ ନାହିଁ କିଛି ବାନ୍ଧ ହେବାକୁ ଇଚ୍ଛା । ତାର ସାଙ୍ଗୀ ନାହିଁ କିଛି ସାଙ୍ଗୀ ଦରକାର । ଆପଣା ଭିତରେ ଓ ବାହାରେ ଅତି ଶକ୍ତ ଅତି ନଗ୍ନିଆ ପଣ । ତାର କାନ ଚାଲକ ହୋଇଗଲା । ଦୃଷ୍ଟି ଶାଣିତ ହୋଇଗଲା, ଚମ ହେଲା ଅତି ସ୍ପର୍ଶକ୍ଷମ ।

ସୁଶୋଭନ ଦାଣ୍ଡ କବାଟ ବନ୍ଦକଲା । ଦେହରୁ କାମିଜ୍ ଓ ପ୍ୟାଣ୍ଟ୍ ଖୋଲି ପକାଇଲା । ଖୋଲା ଦେହରେ ଅଣ୍ଡର୍‌ଓ୍ୱାୟାର୍ ପିନ୍ଧି ସେ ସେଇ ଦୁଆରେ ଠିଆହେଲା ଦୁଆର ମଝି କାନ୍ଥର ଫାଟ ଆଡ଼କୁ ମୁହଁକରି । ସେପାଖେ ସେ ଘର ଖରକାର ଶବ୍ଦ ଶୁଣୁଥିଲା, ତା ସହିତ ନାରୀ କଣ୍ଠରେ କ'ଣ ଗୁଣୁ ଗୁଣୁ ଗୀତ । ସେଇ ଫାଟବାଟେ ତାର ଲକ୍ଷକ ଆଖି ବାରିଲା ସେଇ ଗୁଣୁ ଗୁଣୁ ଗୀତର ଖୋଲା ଦେହର ଛୁଲିକାଏ, ପୃଷ୍ଟ, ମାଂସଳ,

Digitized by srujanika@gmail.com

କଲା ଜଳ ଜଳ । ସୁଶୋଭନର ମୁହଁ ଆଗରେ ନୂଆ ଲକ୍ଷ୍ୟ ଫୁଟିଲା, ସେ ନିଶ୍ୱାସ ରୋଧିବାକୁ ଚେଷ୍ଟାକଲା । ତା ପରେ ସେ ଲକ୍ଷ୍ୟକଲା ଫାଟ ସେପାଖେ ମଲିଁଷି ଆଖି ପରି ବଡ଼ ହୋଇ ଗୋଟିଏ ସ୍ଥିର ଉଦାସ ଗମ୍ଭୀର ନିର୍ବିକାର ଆଖି । ବାରମ୍ବାର ଏପାଟର ଆଖି ସେପାଖର ଆଖିକୁ ନୀରବରେ ତାର ଅକୁହା କଥା କହିବ ଲାଗିଲା । ସେ ବସନ୍ତର ମାଦକ ସମୟର, ନୂଆ ହୋଇ ଏ ବଣକୁ ଏଇକ୍ଷଣି ଆସି ପହଞ୍ଚିଛି । ତାର ସାଙ୍ଗସାଥୀ ନାହିଁ, ଚହ୍ନାଜଣା ନାହିଁ, ସେ ନିରାଶ୍ରୟ । କିନ୍ତୁ ସମୟରର ଆଖିର କଥା ପଡେ ଯେମିତି ମଲିଁଷିର ଆଖିରେ ବାଜ ଲେଉଟି ଆସିଲା । ଭେଦଲା ନାହିଁ । ମଲିଁଷିର ଆଖି କହିଲା ସେ ପ୍ରକାଣ୍ଡ କିନ୍ତୁ ଉଦାସ, ବଳିଷ୍ଠ କିନ୍ତୁ ଶୀତଳ । ସୁଶୋଭନର ଆଗ୍ରହ କମିଲା ନାହିଁ । ସେ ଆଜ ପାହୁଣ୍ଡେ ଆଗକୁ ଘୁଞ୍ଚିଗଲା । ଆପଣା ତତଲା ନିଶ୍ୱାସ ତାର ଉପର ଓଠକୁ ଝାଞ୍ଜି ମାରିଲା, ତା ପରେ ହଠାତ୍ ସେପାଖର ଆଖି ଅପସରି ଗଲା ।

ସୁଶୋଭନ ସେଠୁ ଘୁଞ୍ଚିଆସି ପିଞ୍ଜରାରେ ଜଲ୍‌ପରି ଦୁଆରପାକ ଏପାଖ୍ ସେପାଖ ବୁଲିଲା । ହଠାତ୍ ତାର ଇଚ୍ଛା ହେଲା ସେ ପୁଣି ତାର ଟ୍ୟାଣ୍ଡ୍ ଓ କାମିଜ୍ ପିନ୍ଧାନ୍ତା । ପିନ୍ଧାଲମାନେ ପୁଣି ତା ମନରେ ପରିବର୍ତ୍ତନ ହେଲା । ଦାଣ୍ଡ କବାଟ ବନ୍ଦ ହୋଇଥିବା ନଗ୍ନଚିଆ ଅଗଣା ଭିତର ଲାଗିଲା ଗୋଟାଏ ଗୁମ୍ଫାପରି, ଖାଇ ଗୋଡ଼ାଇଲା । ସେ ଚଞ୍ଚଳ ଆସି ଦାଣ୍ଡକବାଟ ଖୋଲିଦେଲା, ଦାଣ୍ଡ ପିଣ୍ଡାରେ ଠିଆହୋଇ ପଦାକୁ ଅନାଇଲା । ଲୁହାଇ ଲୁହାଇ ଦୀର୍ଘଶ୍ୱାସ ପକାଇଲା ଆଉ ତାର ଆପଣା ଅଣାୟତ୍ତରେ ସେ ଟାକ୍ଷଣ ଦୃଷ୍ଟିରେ ପଦାକୁ ଅନାସି ଲାଗିଲା ଗୋଟିଏ ଖୋଜିଲା ଖୋଜିଲା ଭଙ୍ଗୀରେ ।

ସଞ୍ଜ ପଡ ପଡ଼ ଆସୁଛି, ପଦାରେ ସେତିକି ଶତଶ ଆଲୁଅ । ବସା ଆଗରେ ଏମୁଣ୍ଡ ସେମୁଣ୍ଡ ଗୋଟାଏ ସରୁ ରାସ୍ତା ଚାଲିଯାଇଛି । ତା ସେପାଖେ ଅବାଏ ଗଦାଳ ଘାସ ଡୋଟା ସେପଟରେ ବସ୍ତି ଓ ପୋଖରୀକୁ ଆଡ଼ୁଆ ରଖିଛି । କେତେ କେତେବେଳେ ଗୋଟିଏ ଗୋଟିଏ ଲୋକ ଚାଲିଯାଉଛନ୍ତି, ସାଇକେଲଟିଏ ଯାଉଛି, ସୁଶୋଭନକୁ ସବୁ ଲାଗୁଛି ଆକସ୍ମିକ । କିନ୍ତୁ ଏହି

Digitized by srujanika@gmail.com

ଆକସ୍ମିକତା ଭିତରେ ସେ ଯାହା ଚାହୁଁଛି ତା ନାହିଁ । ଅତୀତରେ କେତେବେଳେ ଯେଉଁ କାମନା କେବେ ହୋଇଥିଲା ତାର ଖିଆଲ ସ୍ୱପ୍ନ । ବାସ୍ତବ ହୋଇନାହିଁ, ଏକୁଟିଆ ସୁଶୋଭନ ଯେପରିକ ପୁଣି ସେହି ସ୍ୱପ୍ନକୁ ରୂପରେ ଖୋଜୁଛି । ପାଉନାହିଁ ।

ପିଲାଦିନେ ଗାଁରେ ପଣ୍ଡଶାଘର ଝିଅ କୋକା ତାର ଖେଳସାଥୀ ଥିଲା । ଆଠ ବର୍ଷର କୋକା ବାର ବର୍ଷର ସୁଶୋଭନ, ସେତେବେଳେ ଧଡ଼—ଏମାନଙ୍କ ଭିତରେ ଯେଉଁ ଯୋଗ-ସବାଗ ଥିଲା ସେଥିରେ କୋକା ହୋଇଥିଲା ସୁଶୋଭନ ହାତରେ କଞ୍ଚା ମାଟି ପିଣ୍ଡୁଳା, ତାକୁ ଯେତେପ୍ରକାର କରି ବାଗେଇ ଦେବ, ଚକଟି ଦେବ, ଫୋପାଡ଼ି ଦେବ, ଗୋଟେଇ ଦେବ, କୋକାର ଆପତ୍ତି ତ ନଥିଲା, ବରଂ ସବୁଥିକି ଆଗ୍ରହ । ବସ୍ତୁତଃ କୋକାର ଜୀବନ ସେତେବେଳେ ହୋଇଥିଲା ଘରେ ଖାଇବା ପିଇବା ରାତିରେ ଶୋଇବା ଆଉ ଅନ୍ୟବେଳେ ଖାଲି ଧଡ଼ର କତରେ କତରେ ଛାଇପରି ବୁଲିବା, ତା ମୁହଁକୁ ଚାହିଁ ବସିବା, ତାର ସବୁ ହୁକୁମ୍ ମାନିବା ଓ ତାର ସବୁ ଅହୋଜିତ ସହିବା । ତା ପରେ କୋକା କେତେ ଚଞ୍ଚଳ ହୋଇଗଲା, ଲୁଚିଲା, ଚାହିଁ ଚାହିଁ ଦିନେ ପରଗୋତ୍ରୀ ହେଲା । ମଣିଷ କାଲୁବାଲୁ ଦୁନିଆଁ ଭିତରେ କେଉଁଠି ସେ ମୁହଁ ଲୁଚାଇ କେମିତି ସଂସାର କରୁଛି ସୁଶୋଭନ କେବେ ଜାଣିବାକୁ ମନ ବି କରିନାହିଁ ।

କିନ୍ତୁ କୋକା ଯେତେବେଳେ ଆଠ ନ' ବର୍ଷର ହୋଇଥିଲା, ସେତେବେଳେ ଏମିତି ସଞ୍ଜବୁଡ଼େ କେତେଥର ସେ ଦିହେଁ ଦାଣ୍ଡରୁ ଅଦୃଶ୍ୟ ହୋଇ ଯାଇଛନ୍ତି । କାହିଁ ନଈକୂଳ, ଦଣ୍ଡା, ମଶାଣିପାଖ ପୁରୁଣା ଇଟା ଦେଉଳ, ଗାଁ ସେମୁଣ୍ଡ ମହାଦେବ ମଢର ଏ ସଂସାର ଭିତରେ ନିରୁଛିଆରେ ଆପଣାର ଅଲଗା ସଂସାର, ସେଥିରେ ବାପା ବୋଉ ବି ଭାଗୀ ନୁହନ୍ତି ।

ଧଡ଼ ହେଲା ସୁଶୋଭନ । ବନ୍ଧା ଗତରେ ଗଡ଼ିଚାଲିଲା ତା ଜୀବନ, ସେଥିରେ କର୍ତ୍ତବ୍ୟ, ବୃତ୍ତି, ଏମିତି କେତେକଣ ଟାଣୁଆ ଟାଣୁଆ ଟାଆଁସିଆ ଦେହଦସା ଧାରଣା । ବିବାହ ବି ହୋଇଗଲା, ପରିବାର ବଢ଼ିବାକୁ ଲାଗିଲା । କିନ୍ତୁ ବେଳେବେଳେ ସେହି ବନ୍ଧା ନିଦଣ୍ଡ ଫାଙ୍କବାଟେ ପଦାକୁ

Digitized by srujanika@gmail.com

ଦୃଷ୍ଟି ଚଢ଼କିଯାଏ ଆଉ ହାଇଁପାଇଁ ଲାଗେ, ଇଚ୍ଛା ହୁଏ କାହାସଙ୍ଗେ ପଳେଇଯାଇ ସଂସାରର ସବୁ କର୍ତ୍ତବ୍ୟ ଭୁଲି ଅଲକ୍ଷ୍ୟରେ ମନଇଚ୍ଛା ଗୋଟିଏ କ'ଣ ନାଇଁ କ'ଣ ଜୀବନ ବଞ୍ଚିବାକୁ, ତାର ସଂଜ୍ଞା ନାହିଁ, ସେଥିପାଇଁ କାମନା ଭିତରେ ତନ୍ଦ୍ରା ଅନୁଭୂତିକୁ ଅତନ୍ଦ୍ରା ରୂପ ପିନ୍ଧାଇ କଳ୍ପନାରେ ସେ ଆବନ୍ଧନ କରେ । କେତେବେଳେ ସେ କାମନା ହୋଇଯାଏ ଆକାଶୀ ସଂସାରର ମାଟି ଗୋଡ଼ଠୁଁ କେତେ ଉଚ୍ଚରେ ଥାଇ ଅପହଞ୍ଚ, କେତେବେଳେ ସେ କାମନାର ଆଧାର ହୁଏ ଗୋଟିଏ କଳ୍ପିତ ପଶୁ । କେବଳ ରକ୍ତମାଂସର ଦେହ ।

ସୁଶୋଭନ ସେ ଛୋଟା ଗହଳକୁ ଅନାଇଁ ଅନାଇଁ ଗୋଟାଏ ଦେହ ଖୋଜୁଥିଲା, କାହାର ଦେହ ସେ ଜାଣେନାହିଁ, ତାର କାମନା ସେ ଦେହକୁ ରୂପ ଦେଉଥିଲା, ଆଉ ତା ସହିତ ଗୋଟାଏ ଘଟନାର ହାରକୁ, ଯେଉଁ ଘଟନା କେବେ ଘଟିବ ନାହିଁ । ସେହି ଦେହଘଟରେ ତାର ମତ ଅମତ ରୁଚି ଅରୁଚି ପ୍ରତି କେବଳ ଗୋଟାଏ 'ହଁ' ତାକୁ ଯେଉଁ ଆଡ଼କୁ ଟାଣିଲେ ସେ ଟାଣି ଟାଣି ହେବ, ତାକୁ ଯେନ ଧାଇଁଯାଇ ହେବ ଭୂଇଁ ଉପରର କେଉଁ ଜଙ୍ଗଲ ଭିତରକୁ, ଆକାଶରେ ଉଡ଼ିହେବ ଆଉ ଏଇ ମୁହୂର୍ତ୍ତରେ ଯେତେବେଳେ ରାତି ଆସୁଛି ଚଢ଼େଇ ବୋବାଳି ଶବଦ ଧୀରେ ଧୀରେ ଧୀମେଇଁ ଆସୁଛି, ଏତେବେଳେ ସେହି ଦେହଟା ଆପେ ଆପେ ଓଟାରି ହୋଇ ଆସିବ ଏହି ଘରଭିତରକୁ, କବାଟ ପଡ଼ିବ ।

ସୁଶୋଭନର ସେହି ଗୋଳଆଗୋଳ କାମନାର ମନ୍ତ୍ରସାଧନା ଜୁରକରି ହଠାତ୍ ଶୁଭିଲା ପାଖ ପିଣ୍ଡାରୁ କଅଁଳିଆ ଡାକ, "ବାବୁ, ମା ହେଉକା କେବେ ଆସିବେ ?"

ସୁଶୋଭନ ଚମକିପଡ଼ିଲା । ତା'ପରେ ଆରପାଖ ପିଣ୍ଡା ଆଗରେ ଆସି ଠିଆହେଲା କୋକିଳା, କହିଲା, "ଏ ବସା ଉଡ଼ାନେଲ ପରି, ମା'ଙ୍କୁ ଆଣୁଛ କେବେ ? ପିଲାଏ କେବେ ଆସିବେ ?"

କୋକିଳାର ସ୍ୱରରେ ଆନ୍ତରିକତା ଥିଲା, କିନ୍ତୁ ସେ ଚେହେରା ସୁଶୋଭନକୁ ଲାଗିଲା ଅତି ଅପ୍ରତ୍ୟାଶିତ । ଉଚ୍ଚରେ ତାଠୁଁ ହାତେ ବେଶି, ମୋଟରେ ତା'ର ଦୁଇଗୁଣ ନହେଲେବି ଦେଢ଼ାରୁ ଟିକିଏ ବେଶି, ଖୋଲା

Digitized by srujanika@gmail.com

ମୁଣ୍ଡ ଗୋଲ ମୁହଁ, ମଣିଷ ଦେହକୁ କିଏ ଯେପରି ଆଙ୍ଗୁରି ଟିକିଏ ବଢ଼େଇ କଳାପଥରରେ କରିଛି । କୋକଲା ଆସି ତାଠୁଁ ଅଳ୍ପ ଛଡ଼ାରେ ବସାଘରର ପିଣ୍ଡା ଉପରେ ବସିପଡ଼ିଲା, ତା ଉତ୍ତରକୁ ଅପେକ୍ଷା ନକରି କହିଗଲା—

"ମୁଁ ତମ ପଡ଼ଶା । ଜେଲ୍‌ଖାନାରେ ଓ୍ୱାର୍ଡ଼ର ହୋଇଥିଲି, କଳି ଲାଗିଲା, ଛୁଟି ନେଇଚି । ମୁଁ ଶୁଣିଥିଲି କିଏ ଜଣେ ଏ ଘରକୁ ଭଡ଼ା ନେଇଚି । ତା'ପରେ ଆଜି ତମକୁ ଦେଖିଲି । ଭଲ କଥା ଯେ । ମା ଆସିଲେ, ପିଲାଏ ଆସିଲେ ତା'ପରେ ସିନା ଘରଟା ଘରପରି ଲାଗିବ, ନହେଲେ ଏକୁଟିଆ ମଣିଷ ଘରକୁ କି ଶୋଭା ? ପିଲାଏ କେବେ ଆସିବେ ? କି କାମ କର ?"

ସୁଶୋଭନ ତାର ଉତ୍ତର ଦେଲା । ପିଲାଏ କେବେ ଆସିବେ ସେ ଠିକଣା କରିନଥିଲା କିନ୍ତୁ କୋକଲାର ସାନ୍ନିଧ୍ୟ ତାକୁ ସେ ନିଷ୍ପତ୍ତି କରିବାକୁ ସତେ ଯେପରି ସାହାଯ୍ୟ କଲା । ହଁ ପିଲାଏ ଆସିବେ, ପହରନ୍ଦିନଠୁଁ ଦି'ଦିନ ଛୁଟି ଅଛି, ସେତିକିବେଳେ ସେ ଆଣିବାକୁ ଯିବ । ତା'ପରେ ତା ନିଜକଥା ଦି'ପଦ ସେ କହିଲା ।

"ଏତିକିବେଳେ ଗୁଣ୍ଡା ଲଫଙ୍ଗା ଆଉ ଖରାପ ମାଇକିନିଆମାନେ ଏପଟେ ବୁଲନ୍ତି ।" କୋକଲା ଆଗ୍ରହରେ କହିଗଲା, "ସହରର ଶେଷମୁଣ୍ଡ କରି ନଚ୍ଛିଟିଆ ଜାଗା, ଚୋରଟାମାନେ । ସତେକି ତାଙ୍କରି ପାଇଁ ଏ ଜାଗା ଉଆସ ହୋଇଚି । ଯେ, ତମର ଭୟନାହିଁ । କାନମୋଡ଼ ଗୁଣ୍ଡାମାନ ମୁଁ ସମସ୍ତିଙ୍କି ଥଣ୍ଡା କରିଚି । କୋକଲା ନାଁ ଶୁଣିଲେ ସେମାନେ ଥରହର ।" ଅନ୍ଧାରରେ କାହାକୁ ଦେଖି କୋକଲା ରଡ଼ିଗୁଡ଼ିଲା, "ହେଇ, କିଏସେ ସେଠି ଯାଉଚି ?" ଚୋଟା ଗହଳିତଳୁ ଡରି ଡରି ଗୋଟିଏ ସ୍ତ୍ରୀଲୋକ ଜବାବ୍ ଦେଲା ।

"ମୁଁ ଯାଉଛି ଗୋ କୋକଲା ଅଜା, ମୁଁ ମଲ୍ଲୀ ।"

"ଯାଉଛୁ ନା ଛକୁଛୁ ମ, ହଇଲେ ହେ ?"

"ଛକିବି କାହାକୁ ମ, ମୁଁ କ'ଣ ବାଘ ନା ବିଲେଇ ? ବଡ଼ ଗୁରିପଇସାର କିଣିବାକୁ ଯାଉଚି ।"

Digitized by srujanika@gmail.com

“ସେଥିପାଇଁ ସଡ଼କରେ ନଯାଇ ଚୋରାବାଟରେ କ’ଣ କରୁଛୁ ? ଯାତ୍ରୀକ୍ ଭକ୍, ତତେ ତ ମନାକରିଥିଲି ଏ ସାନ୍ତ୍ରୀକ ତୁ ସଞ୍ଜପହରେ ଆସିବୁ ନାହିଁ, ଫେର୍ ଆସିଲୁ ? ଯାଉଛୁ ନା ?”

ମଲ୍ଲୀ ତା’ର ସମ୍ବିଧାନଗତ ମୌଳିକ ଅଧିକାର ବିଷୟରେ ପଦେହେଲେ ପାଟି ଫିଟାଇଲା ନାହିଁ, ତୁନତାପ ହୋଇ ଅନ୍ଧାରେ ଅନ୍ଧାରେ ଚାଲିଗଲା, ଦୂରରୁ ନଜରଚ୍ଛଳ ହେଲାପରେ ତା ସ୍ୱର ଶୁଭିଲା, “କୋପ କରନାହିଁ କୋକିଳା ଅପା, ମୁଁ ଯାଉଛି ।”

ସୁଶୋଭନ କାବାହୋଇ କୋକିଳାର କଥା ଶୁଣୁଥିଲା, ତା ବିଷୟରେ ଭାବୁଥିଲା । ଟିକିଏ ପରେ ଦ’ଚାରି ଥର ଥୁଡ଼ କାହା ଉପରୁ ଶୁଭିଲା ଜଣେ କିଏ ତା ପିଲାକୁ ଗାଳି ଦେଇ ଦେଇ ମାଡ଼ ଦେଉଛି ଯେ ପିଲାଟି କାନ୍ଦୁଛି ! ତମେ ଥା’ ବାବୁ, ମୁଁ ଦେଖିଆସେଁ ସେ ଧନୁ ବଢ଼େଇ । ପିଲାଲୋକ ତାର କଣ ଏତେ ବୁଦ୍ଧି ହେଲାଣି, କହିଲ ବାବୁ, ପିଲାଟା ଟିକିଏ କାଇଲ୍ କାମ କଲେ ଚଢ଼େଇଲା ନିର୍ଘାତିଆ ମାଡ଼ । ଆଜି ସକାଳେ କହି ଆସିଥିଲି, ପୁଣି ଯୋଉକଥାକୁ ସେଇକଥା । ଏ ପିଲାର କାନ୍ଦ ଶୁଣିଲେ ଛାତି କେମିତି ଫାଟିକି ଯିବ କହିଲ ?”

ହେ—ହେ—ରେ—ରେ ଶବ୍ଦ କରି କୋକିଳା ଧାଇଁ ପଳାଇଲା । ସୁଶୋଭନକୁ ଲାଗିଲା ସେ କୋକିଳାକୁ ଡରୁଛି ।

ବଦଳିହୋଇ ଆସି ଯେଉଁ ବନ୍ଧୁଘରେ ସେ ଆଶ୍ରୟ ନେଇଥିଲା ସୁଶୋଭନ ଆଉ ଡେରି ନକରି ସେଠିକି ଚାଲିଗଲା ।

ଚାରିଦିନ ପରେ ପରିବାର ଓ ଜିନିଷପତ୍ର ନେଇ ଦିନ ଆଠଟା ବେଳେ ଯେତେବେଳେ ସେ ବସାରେ ଆସି ପହଞ୍ଚିଲା ସେତେବେଳେ କୋକିଳା ତାର ଦାଣ୍ଡଦୁଆର ମୁହଁରେ ଗୋଟିଏ ପିଲାକୁ ତେଲ ଲଗାଇ ଦେଉଥାଏ, ପୁଅ ଝିଅ ହୋଇ ନାନା ଆର୍ଥିକ ଅବସ୍ଥାରେ ପରିଚୟ ଦେଖାଉଥିବା ନାନାପ୍ରକାର ଲୁଗା ପୋଷାକ ପିନ୍ଧି ଆଉ ଛ’ ସାତଟି ପିଲା ତାକୁ ବେଢ଼ି ବସିଯାଇଥାନ୍ତି । “ହୋଃ—ଆସିଗଲେ ।” କୋକିଳା

Digitized by srujanika@gmail.com

ଖୁସିରେ ପାଟିଟା କଲା, କିନ୍ତୁ ଉଠି ଆସିଲା ନାହିଁ । ସେତେବେଳେ ସୁଶୋଭନ ବାବୁ ଆଲୁଅରେ କୋଇଲାର ମୂର୍ତ୍ତିକୁ ଅନାଇଁ ଆଖି ବୁଲାଇ ଦେଇ ଘର ଭିତରେ ପଶିଥିଲା । ଆକାରରେ ବଡ଼, ବାଦା, ବଙ୍କୁଆ ପୂରିଲା ପୂରିଲା ଦେହରେ ପରିପୂର୍ଣ୍ଣ ଯୌବନ ଓ ସ୍ୱାସ୍ଥ୍ୟ, ଚିପଣ୍ଡ କଳା, ମୁଣ୍ଡରେ ସିନ୍ଦୂର । ସିଧାସଳଖ ନିର୍ବିକାର ଦୃଷ୍ଟି । ସାଦାସିଧା ଚଳା-ଜଣା ସାଦ୍ୱା ମଣିଷ । ତାକୁ ଆଖିରେ ଦେଖିଲା ପରେ ମନରେ ଦେଖିବାକୁ ଇଚ୍ଛା ହୁଏ ନାହିଁ । କୋଇଲା ତାର କଳ୍ପନାର ନାୟିକା ନୁହେଁ । ତା ସମ୍ପର୍କରେ କୌଣସି ମନୋବିକାର ଆସୁନାହିଁ । କୌତୂହଳ ବି ଆସୁନାହିଁ ।

କିନ୍ତୁ ଅଫିସ୍ ବାହୁଡ଼ା ବେଳେ ଘରକୁ ଆସି ସେ ଅନେକ ଥର କୋଇଲାର ନାଁ ଶୁଣିଲା । ବାବୁ ଭିତରେ ଅନେକଥର କୋଇଲା ଆସିଥିଲା । କୋଇଲା ଚୁଲ୍ଲୀ ପାରି ଦେଇଛୁ, ଠିକା କାମ କରିବା ସ୍ତ୍ରୀଲୋକ, ନାଗୁଆ ଦୁଧ ବନ୍ଦୋବସ୍ତ କରି ଦେଇଛୁ, କୋଇଲା ତା ଘରୁ ଗୁଞ୍ଜୁରୀ, ଶିଳ, ପଥର ଯୋଗାଇ ଦେଇଛୁ । ସୁଶୋଭନର ସ୍ତ୍ରୀ ସୁଲୋଚନା ଓ ତାର ଦୁଇ ପୁଅ ଦୁଇ ଝିଅଙ୍କୁ ଭରି ସର୍ଦ୍ଦି, କୋଇଲା କୁଆଡ଼ୁ ବାସଙ୍ଗ ଛେଲି ଓ ଏକୁଟିଆ ଫଳ ଆଣି ଦେଇଛୁ, କହୁଛୁ, ଛେଲି ସିଝେଇ ପାଣି ପିଇବ, ଫୁଲକୁ ଭଜା ଖାଇବ, ସର୍ଦ୍ଦି ଗୁଡ଼ିଯିବ । ସୁଲୋଚନାର ଏଇ ଯେଉଁ ମୁଣ୍ଡ ବନ୍ଧା ହୋଇଛୁ ସେ କୋଇଲାର ହସ୍ତଶିଳ୍ପ । ସାତ ବର୍ଷର ପୁଅ ଟୁବୁ ଯେଉଁଠି ବଡ଼, କୋଇଲା ଭଣ୍ଡାରି ଡକେଇ ତା ବାଳ କଟେଇ ଦେଇଛୁ, ତା ତଳେ ପୁଅ ମୁନୁ, କୋଇଲା ତାକୁ ନଜେ ଗାଧୋଇ ଦେଉଛୁ, ତା ତଳେ ଯାଆଁଳା ଝିଅ ଯୋଡ଼ଏ ମୂଷୀ ଓ ଟିକି, କୋଇଲା ତାଙ୍କୁ ଦ୍ୱିପ୍ରହରଯାକ ପାଖେ ପାଖେ ରଖିଥିଲା, ସବୁ ପିଲା ତାର ଭକ୍ତ ହୋଇପଡ଼ିଛନ୍ତି, ସେ ବସ୍ତୁଟି ଲେମନ୍ଜୁସ୍ ମଞ୍ଜିଫୁଲ, କେତେ ଜିନିଷ ଆଣି ପିଲାଙ୍କୁ ଦେଉଛୁ । ନିଜ ପିଲା ପରି ମୂଷୀକୁ କୋଇଲା ନିଜ ହାତରେ ଛାଟେଇ ଦେଇଥିଲା । ଇତ୍ୟାଦି ।

ଆଉ ଅଳ୍ପଦିନେ ସେ କୋଇଲା ବିଷୟରେ ଆହୁରି ଜାଣିଲା । ଏ ସାହିଯାକ ସମସ୍ତଙ୍କ ପିଲାଙ୍କୁ ଆପଣାର କରିଛୁ । କାହା ମା' କାମକୁ

Digitized by srujanika@gmail.com

ଗଲାବେଳେ ପିଲାକୁ ଛାଡ଼ିଯାଏ କୋକିଳା ପାଖରେ । କେଉଁ ପିଲାର ଦେହ କଣ ହୋଇଛି ସବୁ ଚିନ୍ତା କୋକିଳାର, ସେଥିପାଇଁ ସେ ଠାକୁରାଣୀଙ୍କ ପାଖେ ମାନସିକ କରେ, ମହାଦେବଙ୍କ ପାଖେ ପାଣିଲଗି କରେ, ସବୁ ପିଲାଙ୍କ ଶୁଭ ମନାସି ସେ ଏକାଦଶୀରେ ଉପାସ କରେ, ସୋମବାର ଦିନ ଆଁଇଷ ଖାଏ ନାହିଁ, କାର୍ତ୍ତିକ ମାସରେ ହବିଷ କରେ, କାହାଠୁଁ କିଛି ମାଗେ ନାହିଁ । ସକାଳେ ସଞ୍ଜରେ ଦାଣ୍ଡରେ ପିଲାଙ୍କୁ ସଜ କଲା ପରେ ଏକାଠି ଖେଳାଇ ସେ ପିଲାଙ୍କ କଳି ଭାଙ୍ଗି ଦିଏ, କାହାକୁ ଆକଟେ କାହାକୁ ଗେଲ କରେ । ତାକୁ ଚିଡ଼ାଇବାକୁ କେତେ ଲୋକ ଆସନ୍ତି, ବେଳେ ତାର ଧୈର୍ଯ୍ୟ ତୁଟିଯାଏ, ସେ ବଡ଼ପାଟି କରି ଗାଳିଦିଏ, ସେମାନେ ପଳାନ୍ତି । ଆଜି କୋକିଳା ଥାଏ ଏକୁଟିଆ, ତାର ଛୁଆପିଲା ନାହିଁ, ସେ ଛଡ଼ା ହୋଇଥିଲା, ଗଞ୍ଜେଡ଼ି ସ୍ୱାମୀ; କୋକିଳା ତାଠୁଁ ଅଲଗା ହୋଇଛି, ସେ କୁଆଡ଼େ ବେଳେ ବେଳେ ବୁଲିଆସେ, ପୁଣି ଚାଲିଯାଏ ।

ସୁଶୋଭନ ଦେଖିଲା ତା ଘରେ ପ୍ରତିଦିନ ବହୁତଥର କୋକିଳାର ନାଁ ଶୁଣାଯାଉଛି, ସତେକି କୋକିଳା ସେ ଘରେ ନାହିଁ, ଏ ଘରେ ଅଛି ।

କିନ୍ତୁ ସେ ଥିଲାବେଳେ କୋକିଳା ତା ଘରକୁ କେବେ ଆସେ ନାହିଁ । ସୁଶୋଭନ ଦାଣ୍ଡପିଣ୍ଡାରେ ବସି ଦେଖେ, ସଡ଼କରେ ଆପଣା ଧନ୍ଦାରେ କୋକିଳା ଯା'ଆସ କରୁଛି, ତାର ଥମ୍ଭିଲା ମୁହଁ, ସତେ ଯେପରି ତାର ସବୁଯାକ ଚିନ୍ତା ଏକାଠି ଆପଣାଠି ଠୁଳ ହୋଇଛି, ଆଉ କାହାଠି ତାର କିଛି ପ୍ରୟୋଜନ ନାହିଁ । ଖାଲି ଯେତେବେଳେ କୌଣସି ପିଲା ତା ଆଖି ଆଗରେ ପଡ଼ିଯାଏ ତାର ହସ ବାହାରେ, ମୁହଁ ଆଲୁଅ ହୋଇଯାଏ । ସେତେବେଳେ ସେ ଧୂଳିରେ ଗଡ଼ୁଥିବା ପିଲାକୁ ଝାଡ଼ିଝୁଡ଼ି ଦିଏ, ସିଙ୍ଘାଣି ପୋଛିଦିଏ, କାଖେଇ ନେଇ ଚାଲିଯାଏ ।

ବଜାରରେ, ବାଟରେ, ଘର ଆଗରେ କେତେବେଳେ ସୁଶୋଭନ କୋକିଳାକୁ ହାବୁଡ଼ିଲେ ଦେଖେ ତା ଆଖିରେ ଚିହ୍ନାଚିହ୍ନିର ସଙ୍କେତ ବି ନାହିଁ, ଯେମିତିକି ସେ ଆଗରୁ କେବେ ତାକୁ ଦେଖିନାହିଁ ।

Digitized by srujanika@gmail.com

ସୁଶୋଭନ ଥରେ ଚେଈ ଉଠି ଜାଣିଲା ମଣ୍ଡୁଡ଼ୀକରଣଖାନାରେ ତା ନିଜ ବଖୁରାରେ ବସି ସେ କାଗଜ ଉପରେ ଚିତ୍ରିତ କରି ଗୋଟିଏ ନାରୀ ଛବି ଗାରେଇଛନ୍ତି ଓ ତା ପାଖରେ ଗୋଟିଏ ଠିଆ ହୋଇଥିବା ସାନ ପିଲାର ଛବି ବି ଗାରେଇବାକୁ ଚେଷ୍ଟା କରୁଛି । ନାରୀ ଛବିର ମୂଣ୍ଡକୁ ସେ କରିଛି ଗୋଟିଏ ମନ୍ଦିର ମୂଣ୍ଡପରି, ତା ତଳେ ଅଳ୍ପ ଗୁଡ଼ ସେ ଥୋଇଚି ଓସାର ମାଳଭୂମି ଓ ତା ଉପରେ ଯୋଡ଼ାଏ ପର୍ବତଶୃଙ୍ଗ ଓ ଯୋଡାଏ ପର୍ବତ ଶ୍ରେଣୀର ଛବି, ଅଦ୍ଭୁତ ନାରୀମୂର୍ତ୍ତି କଳ୍ପରେ ଅଦ୍ଭୁତ ଶିଶୁ । ସେ କୋକିଳାକୁ ମନେପକାଇଲା । ସେ ଆପଣାଠି ଗୋଟାଏ ଅଜଣା ଉଲ୍ଲାସ ଅନୁଭବ କଲା ଓ ସଙ୍ଗେ ସଙ୍ଗେ ସେ କୋକିଳା କଥା ମନେପକାଇଲା । ତାପରେ ତାର ହେଜ୍ରୁ ହେଲା ସେଦିନ ଘରେ ଏକୁଟିଆ ଥିଲାବେଳେ କେତେଥର ସେ ମନେ ମନେ କୋକିଳା କଥା ଭାବିଥିଲା ପୁଣି ଭୁଲିଯାଇଥିଲା । କିଏ ସେ କୋକିଳା ? କ'ଣ ତାର ଇତିହାସ ? କିପରି ସେ ଚଳେ ? କାହିଁକି ସେ ଏକୁଟିଆ ରହିଛି ?

ସେ ଭାବିଲା କୋକିଳାର ପୁଅଟିଏ ଥିଲେ କେତେ ହୋଇଥାନ୍ତା ତା ଆକାର ? ତାର ଉଲ୍ଲାସ ଉଡ଼ିଯାଇ ପୁଣି ଦୀର୍ଘଶ୍ୱାସ ଆସିଲା । ମନେ ମନେ ସେ ସୁଲୋଚନା ଓ କୋକିଳାକୁ ଏକାଠି ଥୋଇ ତୁଳନା କରି ଦେଖିଲା । ସୁଲୋଚନା ଆକାରରେ ସାନ, ଓସାର, ଅଙ୍କୁତରେ ଗୋଟିଏ ମୃଦଙ୍ଗ କଣାରୁ ପରି । କିନ୍ତୁ କୋକିଳା, ତା ଆକାର ଅପୂର୍ବ । ସାକ୍ଷାତ୍ ପର୍ବତମାନ ।

ସାନ୍ଧ୍ୟାକ ପିଲାଙ୍କ ପ୍ରତି କୋକିଳାର ସ୍ନେହ, କୋକିଳାର ସେବା, ତ୍ୟାଗ କି କୋକିଳାର ଅର୍ପଣ କିଛି ତା ମନେପଡ଼ିଲା ନାହିଁ । ପୁଣି ତାର ମନେପଡ଼ିଲା ସେହି ଲୋକମାନେ ଯେଉଁମାନେ ବେଳେବେଳେ କୋକିଳା କଣ୍ଠରେ ଗନ୍ଧକ କରିଥାନ୍ତି, ଗପନ୍ତି, ହସନ୍ତି, ଗାଳି ଖାଆନ୍ତି । ସେ କାଗଜ ଖଣ୍ଡିକ ଚିରି ଫୋପାଡ଼ିଦେଲା ।

ଆପଣା ଭିତରର କୋକିଳା ଚେତନା ଥରେ ତା ଆଖିରେ ଧରିଦେଲା ଉଦ୍ଧାରୁ ଆଜି ସେ କୋକିଳା କଥା ଭାବିନାହିଁ । ଶୁଣି ଶୁଣି ନାଁ ଝାପସା ହୋଇଯାଇଛି । ତାପରେ ଦିନେ କାମରୁ ଫେରି ସେ ଶୁଣିଲା

Digitized by srujanika@gmail.com

କୋକିଳା ବାହୁନୁଛି । କୋକିଳା ଘର ଦୁଆରମୁହଁରେ ଘାଣ୍ଟିଯାକର ଭିଡ଼ । କୋକିଳାର କାନ୍ଦଣା ଗର୍ଜନ ତାର ବଣାକ ଶରୀରର ଅନୁପାତରେ ବଢ଼ି ଚାଲିଛି । ସୁଶୋଭନ ବିରକ୍ତ ହୋଇ କହିଲା, "ଭଲା ପାଟି ହୋ ହୋ—"

ସୁଲୋଚନା ମୁହଁ ପୋଛୁ ପୋଛୁ ପଦାରୁ ଘରକୁ ଆସିଲା, ତଳେ ପଡ଼େ ପିଲାଏ କାନ୍ଦୁଛନ୍ତି । ସୁଲୋଚନା କହିଲା, "କୋକିଳାର ସ୍ୱାମୀ ମରିଗଲା ।"

"କୋକିଳାର ସ୍ୱାମୀ ?"

"ହଁ, ସେ ଥିଲା ଗାଁରେ । ନିଶାଖୋର୍ । ସବୁ ଉଜାଡ଼ିଲା । ମାସକୁ ମାସ ଆସି କୋକିଳାଠୁଁ ଟଙ୍କା ନେଇଯାଏ । ଗଲାଥର ଆସିଥିଲା କୋକିଳା କିଛି ଦେଇପାରି ନାହିଁ, ଦରମା ତ ପାଇନାହିଁ, କୁଆଡ଼ୁ ଆଣିବ ? ଆଜ ଖବର ପାଇଲା ହଠାତ୍ ସେ ମରିଗଲା । ଦି' ଦିନ ଜର ହୋଇଥିଲା, ସେତିକି ।"

"ଯା' ହଉ କଣ୍ଟା ଗଲା !"

ନାଲି ନାଲି ଆଖି କରି ସୁଲୋଚନା କହିଲା, "କ'ଣ କହିଲ ? ବିଚରା ବିଧବା ହେଲା କହୁଚ କଣ୍ଟା ଗଲା ?" ସୁଲୋଚନାର ଗୁହାଣି ଆଉ ସ୍ୱର ଉଦୁଆଳରେ ସୁଶୋଭନ ସଚେଚି ଦେଖିଲା କୋକିଳାକୁ । ସେ ଆଖି ନୁଆଁଇଲା ।

ତହିଁ ଆରଦିନ କାମରୁ ଫେରିଲା ବେଳକୁ କୋକିଳା ସେ ଘର ଛାଡ଼ିଦେଇ ଚାଲିଯାଇଛି ।

"ଆଃ ଆଜ କେତେ ଉପକାରିଆ ଲୋକଟାଏ ଏ ସହରରୁ ଚାଲିଗଲା ।"—ସୁଲୋଚନା କହିଲା, "ବିଚରି ତା ଜିନିଷପତ୍ର ନେଇ କାନ୍ଦି କାନ୍ଦି ଶାଶୁଘର ଗାଁକୁ ଚାଲିଗଲା । ବର ଥିଲାବେଳେ ତ ବୋହୂପଣ କରି ନାହିଁ । ଅଇଛି ମଲା ଉତ୍ତାରୁ ବୋହୂପଣ କରିବ । ବୁଢ଼ୀ ଶାଶୁ ଅଛି, ଅନ୍ଧୁଣୀ ।"

Digitized by srujanika@gmail.com

ମୁନ୍‌ସି

ଖବରକାଗଜରେ ପଢ଼ିଲି ମୁନ୍‌ସିକୁ ସାପ କାମୁଡ଼ିଲା, ମୁନ୍‌ସି ମରିଗଲା । ମୁନ୍‌ସି କ୍ଷମତାସମ୍ପନ୍ନ ମଣିଷ ନ ଥିଲା, ଧନୀ ନ ଥିଲା, ଖାଲି ଜଣେ ଧନୀ ଖାଉନ୍ଦର ଘୋଡ଼ାଗାଡ଼ିର କୋଚୁଆନ୍ । ତା ବି କୌଣସି ବିଖ୍ୟାତ ସହରରେ ନୁହେଁ, ଗଡ଼ଜାତ ମାନ ଭିତରେ କୌଣସି ଗୋଟିଏ ଅଜୋଡ଼ ସହରରେ, ଯାହାର ପିଠିପଟେ ଉଠିଛି ପାହାଡ଼, କଡ଼ ପଟେ ବଣ ଲମ୍ବିଛି, ଥିବା ଭିତରେ କୋଠାବାଡ଼ି କେଇଟା ରଜାଘରର, ତିନ ବୁଣଟା ଅଧା ପୋତା ହୋଇ ପ୍ରକାଣ୍ଡ ପୁରୁଣା ପୋଖରୀ, ଶୁଣି ସହର ଭିତରେ ଠାଏଠାଏ ଆମ୍ବ ତୋଟା, କ୍ଷେତ ଖଳା, ଗୋଟାଏ ସାନ ପାହାଡ଼ ବି, ଆଉ ଗେଞ୍ଜି ଗେଞ୍ଜି ହୋଇ କେତେଟା ସାହି, ତାର ଫାଙ୍କଣ୍ଡି ଗଳି, କେତେଟା ଟିକିଏ ସଫା ଆଉ କେତେଟା ଗଳି ଓ ନର୍ଦ୍ଦମା ଉଭୟ କାର୍ଯ୍ୟ କରେ, ଆଉ ପ୍ରାୟ ମାଇଲିଏ ଲମ୍ବା ଗୋଟିଏ ବଡ଼ ରାସ୍ତା, ରଜାଘରର ପୂର୍ବପଟେ ନୀଳକଣ୍ଠେଶ୍ୱର ମହାଦେବଙ୍କ ଦେଉଳ ପାଖରୁ ସେ ରଜାଘର ପଶ୍ଚିମ ପଟେ ସହର ସେମୁଣ୍ଡେ ଯେଉଁ ଇଟାଭଟି ପଡ଼ିଆ ଅଛି, ସେପର୍ଯ୍ୟନ୍ତ ।

ସେଇ ଥିଲା ମୁନ୍‌ସିର ପରିସର । ଦକ୍ଷିଣ ପଟେ ପାହାଡ଼ ତଳେ ଯେଉଁ ପୁରୁଣା ପଠାଣ ସାହି ଅଛି, ଠିଆ ହୋଇଛି ଗୋଟିଏ ଅନ୍ତ ପୁରୁଣା ବାଙ୍ଗର ମସ୍‌ଜିଦ୍ । ତୋରିଆ ଲୁଙ୍ଗି ଉପରେ କାମିଜ ଓ ଧଳା ଦାଢ଼ି ଓହୋଳେଇ ଏବେ ବି ପୁରୁଣା ଲୋକେ ଗମ୍ଭୀର ଭାବେ ଏକର ସେକର ହୁଅନ୍ତି । ସେପରିକି ଖୁବ୍ କାର୍ଯ୍ୟବ୍ୟସ୍ତ, ଏଣର ସେକର ଖିଦ୍‌ଖାଦିଆ ହୋଇ ବୁଲୁଥାନ୍ତି ବହୁତ କୁକୁଡ଼ା, ସେଇଠି ଖଣ୍ଡେ ଘର ଅଛି ମୁନ୍‌ସିର । ଲୋକେ କହନ୍ତି ବହୁ ପୁରୁଷର ବହୁତ ପୁରୁଣା ଘର ସେ । ଆଗରେ ବଖରାଏ ଫାଟା କୋଠାଘର ଅଛି, ତାର ଡାହାଣ ପାଖେ ଭିତରକୁ ବାଟ । ଯୁଆଡ଼େ ଦେଖିଲେ ଫାଟା, ଝରକା କବାଟ ନାହିଁ । ମୁନ୍‌ସି ସେ ଘରେ ତାର ଦି'ପଟ ଛେଳି ଓ ଗାରଡ଼ିକୁ ବାନ୍ଧେ । ସେ ଘର ଟପିଲେ ଗୋଟାଏ ଭଙ୍ଗା

Digitized by srujanika@gmail.com

ଖପରଲି ଘର, କେତେ ବଖରା ଚଢ଼ି ଯାଇଛି, ଆଉ ଗୋଟାଏ ମାତ୍ର ବଖରା ଅଛି । ଗୋଟାଏ ପଟେ ଚାଳଟା ଟିକେ ଦବି ଯାଇଛି । ସେ ବଖରାଟା ମୁନ୍‌ସିର ରୋଷେଇ ଘର ଓ ଭଣ୍ଡାର ଉଭୟ । ଗୋଟାଏ ପଟେ ଆଳୁକୁଚ ମାଡ଼ୁକୁଚ, ଆରପଟେ ତାର ଚୁଲି । ସେଇ ଖପରା ଛାତର ଘରକୁ ଲଗି ଦୁଇ ବଖରା ଚାଳ ଘର । ବଖରାକ ଜାଣି ଦି’ ଭାଗ ହୋଇଛି । ହେଇ ମୁନ୍‌ସିର ଶୋଇବା ଘର, ଚଳପ୍ରଚଳ ହେବା ଘର । ହାଣ୍ଡିଅନ୍ଧ କାନ୍ଥ ଭାଙ୍ଗି ପଡ଼ୁଛି । ଲୋକେ କହନ୍ତି ମୁନ୍‌ସି ପରିବାରର କେତେ ଜାଗା ଅନ୍ୟମାନେ ମାଡ଼ି ବସି ଘର କରିଯାଇଛନ୍ତି । ମୁନ୍‌ସିର ତା ଖିଆଲ ନ ଥାଏ । ସେ କହେ ଅଳଆ କଥା ମନରେ ନ ପୂରାଇବା ଉଚିତ, ମିଛରେ ମୁଣ୍ଡ ବିଗିଡ଼ିବ । ପିଲାଦିନେ ଖପରଲି ଘରଗୁଡ଼ାକ ଆହୁରି ତିନି ବଖରା ଥିଲା, ମୁନ୍‌ସିର ମନେଅଛି । ସେତେବେଳେ ବାପା ବୋଉ ଥିଲେ, ଦୁଇ ଭଉଣୀ, ମୁନ୍‌ସି ପିଠିର ତଳ ଭାଇ । ଭଉଣୀମାନେ ବାହା ହୋଇଗଲେ । ବାପା, ବୋଉ, ସାନ ଭାଇ ସମସ୍ତେ ମଲେ । ଘରଗୁଡ଼ାକ ବି ଭାଙ୍ଗି ପଡ଼ୁଛି । ମୁନ୍‌ସି ତା ଘରକୁ ଏକୁଟିଆ ।

ସବୁଦିନେ ସକାଳ ସାତଟା ବେଳେ ମୁନ୍‌ସି ବାସିପଖାଳ ଖାଇଦେଇ ପୋଷାକ ପିନ୍ଧି, ତା’ର ଖାମିନ୍ଦ ଘରକୁ ଚାଲିଯାଏ । ଫେରି କେଉଁଦିନ ବାରଟା ବେଳେ କେଉଁଦିନ ଟିକିଏ ଆଗରୁ ବା ଫେରେ । ଯେଉଁଦିନ କୁଆଡ଼େ ଯିବାର ନ ଥାଏ ସେ ବୁଝିଦେଇ ଫେରିଆସେ, ଆଉ କେଉଁଦିନ ତାକୁ ଉପରଓଳି ଆସିବାକୁ କୁହା ହୋଇଥାଏ, ନ ହେଲେ ସେ ତା’ ଘରେ ଯେ କୌଣସି କାମ କରୁଥାଉ ଏପରିକି ରାନ୍ଧିଖିଆ ରୋଷେଇ ବସେଇଥାଉ, ଡାକରା ଆସେ, ସେ ଚାଲିଯାଏ । କେବେ ସେ ଆପତ୍ତି କରେ ନାହିଁ । ସହରର ସାଧାରଣ ଛବି ସାଙ୍ଗରେ ଘୋଡ଼ାଗାଡ଼ି ଉପରେ ମୁନ୍‌ସି ବି ଗୋଟିଏ ଛବି । ମୁଣ୍ଡରେ ଧୋବ ପଗଡ଼ି, ଦେହରେ ଜରିଲଗା ପୋଷାକ, ଟେଙ୍ଗା ନୁହେଁ କି ବାଙ୍ଗରା ନୁହେଁ, ମୋଟା ନୁହେଁ କି ସରୁ ନୁହେଁ । ଚୁରକଣିଆ ହୋଇ ଆଂଶ ଅଂଶିଆ ହୋଇ ବାଦାମ ରଙ୍ଗର ମୁହଁଟି । ଆଖିପତା, ନାକ କାନ ଥୋମଣିର ଦାଢ଼ି ସବୁ ଯେପରିକି ତୁଳିରେ ଟାଣିଲା ପରି । ନାକଟା ଖୁବ ଲମ୍ବା, ଅଗ ବଙ୍କା ହୋଇ ତଳକୁ ଭଙ୍ଗିଛି । ଅଉ ତା’ର ବିଶେଷତ୍ୱ ତା’ର ଦାନ୍ତ

Digitized by srujanika@gmail.com

ଦୁ'ପାଟି, ଧଳା ତ ନିଶ୍ଚୟ ଯେ କାଚ ପରି ଝକ୍ ଝକ୍, ତା' ଛଡ଼ା କୁନ୍ଦଳପରି ଗୁନ୍ଥିଲା ପରି କେଉଁଠି ଟିକିଏ ଫାଙ୍କ୍ ନାହିଁ । ଦାନ୍ତ ପ୍ରତି ମୁନ୍‌ସିର ବେଶୀ ନିଘା, ତା'ର କି କାରଣ ଥିଲା ଓ ଖବର କାଗଜରେ ତା'ର ମୃତ୍ୟୁ ସମ୍ବାଦ କାହିଁକି ବାହାରିଲା, ତା' ସହିତ ଏ ଘଟଣାର କି ସମ୍ବନ୍ଧ ଥିଲା ।

ଖବର କାଗଜରେ ବାହାରି ଥିଲା, ଗୋଟିଏ ବଗିଚାରେ ଯେଉଁଠି କେତେଗୁଡ଼ିଏ ଘର ଅଛି, ସେଠି ଗଲା କୋଡ଼ିଏ ତାରିଖ ଦିନ ଗୋଟିଏ ଯୁବକକୁ ନାଗସାପ କାମୁଡ଼ିଲା । ଯୁବକଟି କୌଣସି ପ୍ରକାରେ ତ ରକ୍ଷା ପାଇଗଲା; କିନ୍ତୁ ତା'ପରେ ସାପକୁ ଧରିଲା ମୁନ୍‌ସି, ସେ ବିଖ୍ୟାତ ସାପୁଆ । ତା'ର ପ୍ରଥା ଅନୁସାରେ ସେ ସାପକୁ ଧରି ତା' ମୁହଁରେ ଗେଲ କଲା, ଆଉ ଏ ସାପଟା କ'ଣ କଲା ନା ତା'ର ଉପର ଓଠରେ କଷିକରି କାମୁଡ଼ି ଲଟକି ପଡ଼ିଲା କିଛି ବେଳ । ମୁନ୍‌ସିର ମୁଣ୍ଡ ବୁଲେଇ ଦେଲା, ସେ ପଡ଼ିଗଲା କିନ୍ତୁ ସାପଟା ସେମିତି ଅଟକି ରହିଥିଲା ତା'ର ଦେହ ପାଖରେ । ଚକାବୁଲି ରହି ଫଣା ଟେକି ଫୁ ଫୁ ହେଉଥିଲା । ଲୋକେ ଠେଙ୍ଗା ଧରି ଆସି ପହଞ୍ଚିଗଲେ । ସାପ କୁଆଡ଼େ ଗଲା ନାହିଁ । ମୁନ୍‌ସିର ମୁହଁକୁ ଅନାଇଁ ଫୁ ଫୁ ହେଉଥାଏ । ତା'ପରେ ପାହାର ଖାଇ ସାପଟା ମଲା । ମୁନ୍‌ସି ଚମକି ଉଠିଥିଲା ସେତିକିବେଳେ, ବାଉଳା ହୋଇ କହୁଥିଲା, "ମାରି ପକାଇଲ ?" ତା'ପରେ ଆଉ କିଛି ସେ କହିନାହିଁ । ସେହି କାମୁଡ଼ାରେ ମୁନ୍‌ସି ମଲା । ବୟସ ୭୧, ତା' ଜୀବନରେ ହଜାର ହଜାର ସାପ ସେ ଧରିଛି । ଝଡ଼ା ଫୁଙ୍କା କରି ଅସଂଖ୍ୟ ଲୋକଙ୍କୁ ସାପ-କାମୁଡ଼ାରୁ ରକ୍ଷା କରିଥିଲା ସେ—ଖବରକାଗଜ ଲେଖିଛି, ଶେଷରେ ସେହି ସାପ କାମୁଡ଼ାରେ ସେ ମଲା । ଅପୂରଣୀୟ କ୍ଷତି ।

ପ୍ରକୃତରେ ମୁନ୍‌ସିଠି ଆଶ୍ଚର୍ଯ୍ୟ କ୍ଷମତା ଥିଲା । କାହାଠୁ ସେ ଶିଖିଲା, କେବେ ଏ ବିଦ୍ୟା ଅଭ୍ୟାସ କଲା କେହି କହି ପାରିବେ ନାହିଁ । ମୁନ୍‌ସି କହୁଥିଲା ଏ ବିଦ୍ୟା ହାଇଦ୍ରାବାଦର, ଏ ମନ୍ତ୍ର ବୋଲିବାକୁ ହେଲେ ଭଲ ଦାନ୍ତ ଥିବା ଦରକାର, ନ ହେଲେ କାଠୁ କରିବ ନାହିଁ । ଦାନ୍ତ ଫାଙ୍କ ହୋଇଗଲେ କି ଦାନ୍ତ ଖସିଗଲେ ଔଷଧର ଗୁଣ ବି ତୁଟିଯିବ ।

Digitized by srujanika@gmail.com

ଏତେ କଷ୍ଟରେ ଦାନ୍ତଗୁଡ଼ାକୁ ସାଇତି ରଖି ତଥାପି ଗୋଟାଏ ଦାନ୍ତ ଦ'ମାସ ହେଲା ପଡ଼ିଗଲାଣି, ମୁନ୍‌ସି ଏ ଦୁଃସମ୍ବାଦକୁ ତା'ର ପାଖଆଖର ବନ୍ଧୁମାନଙ୍କୁ କହିଥିଲା, ସେ ସମ୍ବାଦଟି ଖବରକାଗଜରେ ନ ବାହାରି-ଥିଲେ ବି ଗ୍ରେଟ ସହରଟିଯାକ ଅନେକ ଲୋକଙ୍କ କାନରେ ତା' ପଡ଼ିଥିଲା ।

କାରଣ ଲୋକେ ଦେଖିଛନ୍ତି ମୁନ୍‌ସିର କ୍ଷମତାର ପ୍ରଦର୍ଶନୀ । ଜଣେ ନୁହେଁ, ଶହ ଶହ ଲୋକ ଦେଖିଛନ୍ତି । ବାଜା ବାଜେ ନାହିଁ, ପ୍ରଚ୍ଚର ପଇ ଗ୍ଣ୍ଡା ହୋଇ ନାହିଁ, କିନ୍ତୁ ଆପେ ପ୍ରଚ୍ଚର ହୋଇଛି । ମୁନ୍‌ସିକୁ କ'ଣ କମିଆଁ ଜଣା ଥିଉଁଥିରେ ସେ ସାପ, କଙ୍କଡ଼ାବିଛାଙ୍କୁ ଆୟତ୍ତ କରି ଦେଇ-ପାରେ । ମନ୍ତ୍ର ପଢ଼ ବୋଲୁଥିବ ତ ମନେ ମନେ । ପଦାରେ ମନ୍ତ୍ର ନାହିଁ । କେବଳ ଫୁଙ୍କାଫୁଙ୍କି ଆଉ ଧୂଳି ଗ୍ଣ୍ଟିବା ।

ଲହ ଲହ ହୋଇ ଗୋଖର ସାପ ଗ୍ଲିଯାଉଛି । ମୁନ୍‌ସିର ନଜାପଡ଼ିଥିଲା । ତା' ହାତରେ ନାଗେଶ୍ୱର ନାହିଁ, କାଉଁରିହାଡ଼ ନାହିଁ । ପିଠିରେ ମୁଣି ନାହିଁ କଟିରେ ଜଡ଼ିବୁଟି ନାହିଁ, ଚେହେରାରେ ପୋଷାକରେ ଜଣେ ସାଧାରଣ ଭଦ୍ରଲୋକ । ଧୋବଲା ଧଳା ପତଲୋନ୍, ତା ଉପରେ ଧୋବଲା ଲମ୍ବା କୋଟ୍, ମୁଣ୍ଡରେ ପଗଡ଼ି । ଧଳାଦାନ୍ତ ଦେଖାଇ ହସିଦେଇ ମୁନ୍‌ସି ଡାକଦେଲା "ହେଇ ରହ," ରହିଲା ସାପଟା, ଯେପରିକି କେଉଁ କାଳର ଚହ୍ନା ବନ୍ଧୁ । ଧୂଳି ମୁଠାଏ ଧରି ମାରିବାରେ ଓଠ ହଲେଇ କଣ କହିଲା ପରି ହୋଇ ସାପ ଦେଖିଲା ବେଳେ ମୁନ୍‌ସି ସେ ଧୂଳିକୁ ଉଡ଼ାଇ ଦେଲା ।

"ଆ ସେଇଠି" ମୁନ୍‌ସି କହିଲା । ସାପଟା ଯେପରିକି ତାର ଓଡ଼ିଆ ବୋଲି ବୁଝିପାରିଲା, ଇଂରେଜୀ ନୁହେଁ, ବସ୍ତ୍ରଭଷା ହିନ୍ଦୀ ନୁହେଁ । ଓଡ଼ିଶାର ସାପ ସାଧାରଣ ଓଡ଼ିଆ ଭାଷା ବୁଝିପାରି ଅଟକି ରହିଲା ।

ମୁନ୍‌ସି ତା ପାଖକୁ ଗଲା, ସାପ ଅପେକ୍ଷା କରିଛି, ମୁନ୍‌ସି ତା ଗ୍ରୁରିପାଖ ଧୂଳିରେ ଗୋଟାଏ ମୁଣ୍ଡୁଳା ବୁଲାଇ ଦେଲା । କହିଲା, "ରହିଥା ଏଇଠି । କୁଆଡ଼େ ଯିବୁ ନାହିଁ । ମୁଁ ଆସୁଛି ।"

Digitized by srujanika@gmail.com

ତା'ପରେ ମୁନ୍‌ସି ଦୁରେଇଗଲା, ସାପ ହୃଷ୍ଟିଲା ନାହିଁ। ଯେପରି କିଏସେ ତାର ମୁଣ୍ଡଟାକୁ ଅଚଳ କରି ଦେଇଛି, ନାଡ଼ି ଫେରି ହଲୁଛି ତାର ଉପର ଅଧିକ। ମୁନ୍‌ସିର ଯିବା ବାଟକୁ ଏକ ଦୃଷ୍ଟିରେ ଅନାଇଁ ରହିଛି। ଅସରନ୍ତି ତାର ଆଶା ଆଉ ପ୍ରତୀକ୍ଷା। କାହିଁ ମୁନ୍‌ସି ! କେଉଁ-ଆଡ଼େ ହଜିଗଲାଣି। ସାପଟି ସେଇପରି ଅନାଇଁ ରହିଛି ସେହି ଦିଗକୁ। ମୁନ୍‌ସି କହିଯାଇଛି କେହି ଡରିବ ନାହିଁ, କେହି ଡରେଇବ ନାହିଁ, ଝଟରା ସାପକୁ। କାହାର ସେ କିଛି ଅନିଷ୍ଟ କରିନାହିଁ କି କରିବ ନାହିଁ। ତା କଥାରେ ସମସ୍ତିଙ୍କର ବିଶ୍ୱାସ ଅଛି। ସହରସାକର ଏଇ ଯେତେ ଲୋକ ଜୁଣ୍ଡିଛନ୍ତି ସମସ୍ତିଙ୍କର। ଆଉ ଗାଁରୁ ଯେଉଁମାନେ ଆସିଛନ୍ତି ସେମାନଙ୍କର ବି। ସମସ୍ତେ ଅପେକ୍ଷା କରିଛନ୍ତି ସେଇ ସାପଆଡ଼କୁ ଅତ୍ୟନ୍ତ କୁତୂହଳରେ। ସାପ ତାର ଅଗ ଅଂଶଟାକୁ ହାତେ ଉଞ୍ଚରେ ଠିଆ କରି ଆସ୍ତେ ଆସ୍ତେ ଫଣା ହଲେଉଛି।

ହଠାତ୍ ସେହି ଦୂରରୁ ଛୁଟି ଆସୁଛି ମୁନ୍‌ସି। ସମସ୍ତେ ବାଟ ଛାଡ଼ି ଦେଉଛନ୍ତି। ପ୍ୟାଣ୍ଟ କୋଟ୍ ପିନ୍ଧି ଟୋପିଟିମାନ ହାତରେ ଧରି ଠିଆ ହୋଇଛନ୍ତି ବଡ଼ ବଡ଼ ଅଫିସର। ମୁନ୍‌ସି ଆସୁଛି। ସମସ୍ତଙ୍କର ମୁନ୍‌ସିକୁ ହିଁ ସମ୍ମାନ। ସେହି ଏକା ଜନନେତା। ସୃଷ୍ଟିର କେଉଁ ନିହିତ ସତ୍ୟ ସେ ସନ୍ଧାନ କରିଛି, ଯାହା ଆଗରେ ମଣିଷ ଆଉ ସାପ ଏକ ଗୋଷ୍ଠୀର ସମାନ ସଭ୍ୟ। ସାପ ସାପ ନୁହେଁ, ମଣିଷ ମଣିଷ ନୁହେଁ। ଈଶ୍ୱରର ପ୍ରାଣବନ୍ତ ରୂପ ଦୁହେଁ ପରସ୍ପରର ମିତ୍ର। ଶତ୍ରୁ ନୁହନ୍ତି।

ହସି ହସି ଚାଲିଆସୁଛି ମଣିଷ, ତାର ଖୋଲା ମୁହଁରେ ସେହି ଚିହ୍ନା ପ୍ରଶାନ୍ତ ହସ, ଆଉ ତାର କାଟପରି ଟକ୍ ଟକ୍ ଦାନ୍ତ। ସେଠି ଅଛନ୍ତି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଆଉ ଅଳ୍ପ ପାଠୁଆ ନାସ୍ତିକ ଟୋକାଏ। ତାର ଜାତି ଗୋତ୍ର ଧର୍ମ ଦିଶୁନାହିଁ। ଦିଶୁଛି ଖାଲି ତାର ଜଳ ଜଳ ମଣିଷପଣ। ଏହି ସେ ଲୋକଟା ହଜାର ହଜାର ଲୋକଙ୍କୁ ଯେ ସାପ ମୁହଁରୁ ରକ୍ଷା କରିଛି, ଅଭୟ ଦେଇଛି। କେତେ କେତେ ସାପ କାମୁଡ଼ା ରୋଗୀକି ସେ ଭଲ କରିଛି। ଉଦ୍‌ବୃଜ୍‌ଦିଆ ଖବରରେ ତାର ନୂଆ ଚିହ୍ନା ସାପ ଆଡ଼କୁ ଛୁଟି ଆସୁଛି ସେ, ଯେପରିକି ଗାନ୍ଧି ଧାଇଁଛି ବାକ୍ସୁଆ

Digitized by srujanika@gmail.com

ଆଡ଼କୁ । ଆସ୍ତେ ତାର ମୁଣ୍ଡକୁ ଆଉଁସି ଦେଲା । "ଆ ବେଟା ଆ, ବହୁତ ବେଳୁ ତତେ ଅଟକାଇ ରଖିଛି ।" ସାପକୁ ଟେକି ଧରି ଆପଣା ବେକରେ ଝୁଲାଇ ଦେଲା । ତାର ମହମ ବୋଳା ଚକ୍ ଚକ୍ ମୁହଁଟିକୁ ଦୁଇ ପାପୁଲିରେ କଅଁଳେଇ ଟେକି ଧରି ଓଠରେ ଲଗାଇଲା ।

ସାପ ମଣିଷ ପରସ୍ପର ମୁହଁରେ ଚୋକ ବଥାଇଦେଇ ଦେଖୁଛନ୍ତି । ଦୁନିଆ ଦେଖୁଛି । ଜନସମୁଦ୍ରରେ ଜୀବନର ହିଲ୍ଲୋଳ ଖେଳି ଯାଉଛି । ବିଶ୍ୱାସ ଦୃଢ଼ ହେଉଛି; ସବୁ ଘଟରେ ଭଗବାନ ଅଛନ୍ତି । ସମସ୍ତଙ୍କଠି ଅଛି ଈଶ୍ୱରଙ୍କ ତେଜ ଅନୁକମ୍ପା । ଜୀବନରେ ସ୍ୱପ୍ନ ଅଛି, ବିଶ୍ୱାସ ଅଛି । ଆଶା ଅଛି । ଏ ପୃଥିବୀ ସ୍ନେହ ମୈତ୍ରୀର ସ୍ଥାନ ।

"ଆ ବେଟା ଆ, ତତେ ନେଇ ଦୂରରେ ଛାଡ଼ି ଦେଇ ଆସିବି—" ସାପ ତାର ବେକରେ ଗୁଡ଼େଇ ହୋଇଯାଇ ଚାରିଆଡ଼କୁ ଗୁଲୁଗୁଲୁ କରି ଚାହିଁଛି । କି ବିଚିତ୍ର ତାର ମୁହଁର ଠାଣି ।

ଏଇ କ'ଣ ସାପର ହସ ।

"ନେଉନ୍ତୁ ଆଜ୍ଞା, କିଛି କରିବ ନାହିଁ ଏ ବେଟା, ବନ୍ଧୁର ବନ୍ଧୁ, ଶତ୍ରୁର ଶତ୍ରୁ । ଆପଣ ତ ତାର ବନ୍ଧୁ । କାହିଁକି ଡରିବେ ? କିଛି ଭୟନାହିଁ । ମୁଁ ଅଛି ପାଖରେ ।"

ଯାହାକୁ ଯାଚୁଛି ଗୋଟି ଗୋଟି କରି ସମସ୍ତେ ନାହିଁ ନାହିଁ କରି ହଟି ଯାଉଛନ୍ତି । ବେକ ଦେଖାଇ ଦେଇଛି ଜଣେ କିଏ ଅଚିହ୍ନା ମଫସଲିଆ ଲୋକ । ବଳିଷ୍ଠ ବଳିଷ୍ଠ ମୋଟ ମାଟ ଗଢ଼ଣ । ମୁହଁଟା ପିଲା ପରି ନିର୍ବୋଧ । ଛାତି ଫୁଲାଇ ଠିଆହୋଇଛି । ହସରେ ଦାନ୍ତଗୁଡ଼ାକ ଖୋଲା-ହୋଇ ରହିଛି, ବୁଜୁ ନାହିଁ । ତାହାର ବେକରେ ସାପଟାକୁ ଝୁଲାଇ ଦେଲା । ଏମିତି ଜଣ ଜଣ ହୋଇ ଜଣକ ପରେ ଆଉ ଜଣେ । ପୁଣି ମୁନ୍‌ସି ସାପଟାକୁ ଆପଣା ବେକରେ ପକାଇଲା । ମଝିରେ ମଝିରେ ମୁନ୍‌ସି ତା ସଙ୍ଗେ କଥା ହେଉଛି । "ଦେଖ୍ ବାବୁ, ଏ ଯେତେଲୋକ ତତେ ଦେଖିବାକୁ ଆସିଛନ୍ତି କେହି ତୋର ଶତ୍ରୁ ନୁହଁନ୍ତି, ସମସ୍ତେ ତୋର ବନ୍ଧୁ । ସେମାନେ ଡରରେ ସିନା ତୋତେ ଆଖି ଦେଖାନ୍ତି, ଆଉ ତୁ

Digitized by srujanika@gmail.com

ବି ତ ତାଙ୍କୁ ଉପରେ ସିନା ଫଁ କରି ଉଠୁ, ନହେଲେ କେଉଁ କାହାର ଶିଣ୍‌ ନୁହନ୍ତି । ତୁ ଏମାନଙ୍କୁ କୋପ କରିବୁ ନାହିଁ । ତୁ ତୋର ବଣବୁଦାରେ ରହିବା ଲୋକ, ତୁ କାହିଁକି ମଣିଷ ରହିବା ଆଡ଼କୁ ମାଡ଼ି ଆସିଲୁ ? ଆସିଲୁ ତ ଆସିଲୁ । କ'ଣ ନା ଏକବାରକେ କଟିବ ହତାକୁ । ଯୋଉଠି ମଣିଷ ସାଲୁ ସାଲୁ ହଉଛନ୍ତି । ଆ ଚାଲ୍‌ ଯିବା, ତତେ ପାହାଡ଼ରେ ଛାଡ଼ିଦେଇ ଆସିବି ।"

ସେଇ ଥରକ ନୁହେଁ । ଅନେକ ଥର ଏପରି ।

କଙ୍କଡ଼ାବିଛାକୁ ପାଟିରେ ଫୁଙ୍କିଦେଲେ ସେ ତା ନାହୁଡ଼ ଲୁଚେଇ ଲାଜରି ଲାଜରି ହୋଇ ଠିଆ ହୋଇ ରହେ, ସେଇ ଅବସ୍ଥାରେ ମୁନ୍‌ସି ତାକୁ ଆଉ କାହା ହାତ ପାପୁଲିରେ ଥୋଇଦିଏ, କଙ୍କଡ଼ାବିଛା ଲାଙ୍ଗୁଡ଼ ଗୁଡ଼ାଏ । ମାରେ ନାହିଁ ।

ସାପ ସାପ ବୋଲି ଯେଉଁମାନେ ଡରନ୍ତି କି ଯେଉଁମାନେ ବଣ ଜଙ୍ଗଲରେ ଗସ୍ତ କରି ବୁଲନ୍ତି, ସେମାନେ କେଉଁ ମାଗିଲେ ମୁନ୍‌ସି ତାଙ୍କର ଚୂଳରୁ ପାଉଁଶ ମଗାଇ ଶବ୍ଦ ନ କରି ମନ୍ତ୍ର ପଢ଼ି ପଢ଼ି ସେ ପାଉଁଶକୁ ଫୁଙ୍କିଦେଇ ସେମାନଙ୍କୁ ଦେଇଦିଏ । ବିଛଣା ଚାରିପାଖେ ବୁଣିଦେଲେ ତା' ଭିତରକୁ ସାପ ଆସିବ ନାହିଁ । ଘର ଚାରିପାଖେ ବୁଣିଦେଲେ ତା' ଭିତରକୁ ବି ସାପ ଆସିବ ନାହିଁ ।

ଏମିତି କେତେ ଲୋକଙ୍କୁ ସେ ଅଭୟ ଦେଇଛି । ସାପ କାମୁଡ଼ିଲେ ଦେହରେ ହାତ ବୁଲେଇ ଦେଇ ସେ ଭଲ କରିଦିଏ, ମନ୍ତ୍ର ପଢ଼େ, ଫୁଙ୍କେ ଝାଡ଼େ, ରୋଗୀ ଉଠିବସେ ।

ମଲା ସାପ ଦେଖିଲେ କାନ୍ଦଣୁମାନ୍ଦଣୁ ହୁଏ, କପାଳରେ ହାତ ବାଡ଼ାଏ । ଆସ୍ତେ ଟେକି ନେଇ ଗାତ ଖୋଳି କବର ଦେଇଦିଏ । କେବେ କେବେ ତା' ଉପରେ ଫୁଲଟାଏ ପକଟାଏ କି ଥୋଇଦିଏ । ସୁଯୋଗପାଇଲେ ନେହୁରା ହୋଇ ସମସ୍ତଙ୍କି କୁହେ—

"ଅଜ୍ଞ, ସାପ ଦେଖିଲେ କେବେ ମାରିବେ ନାହିଁ । ବିଚରା ନିର୍ଦ୍ଦୋଷ ଜନ୍ତୁ । ଜନ୍ମରୁ କଷ୍ଟୀ, ଜନ୍ମରୁ ଦୁଃଖୀ । ବର୍ଷକୁ ଥରେ କାତ

Digitized by srujanika@gmail.com

ଛୁଡ଼ଲାବେଳକୁ ଦେହଟାଯାକ ଯେଉଁ କଷ୍ଟ ହୁଏ, ଯଦି କେହି ବୁଝନ୍ତେ ତେବେ ଜାଣନ୍ତେ କେମିତି ଜୀଅନ୍ତା ମରଣ ସେ । ସେତେବେଳେ ଆଖିକୁ ବି ଦିଶେ ନାହିଁ, ଦେହ ବି ଟିକଏ ହଲେଇ ହୁଏ ନାହିଁ । କିଏ ନେଇଯିବ କାହା ଦେହ ବଥା ? କାଳେ କିଏ ତାକୁ ଆଘାତ କରିଦେବ ବୋଲି ଡରରେ ଯିନା ଆତବଳ ପଡ଼ ସେ ଆଘାତ କରେ, ନ ହେଲେ ଥିରି ଥିରି ତା' ବାଟରେ ଯିବା ଲୋକ ସେ । କାହିଁକି କାହାସଙ୍ଗେ ଝୁରି କରନ୍ତା ?

ଗାଡ଼ ଯେତେବେଳେ ନ ଚଳାଉଥାଏ, ଆପଣା ଧନ୍ଦାରେ ଯେତେବେଳେ ବ୍ୟସ୍ତ ନ ହେଉଥାଏ, ସେତେବେଳେ ସମୟ ପାଇଲେ ସେ ସାପମାନଙ୍କ ଖବର ବୁଝେ । ଅଣେବଣେ ବୁଲି ସେ ନଢାକରି ଆସିଛି, କେଉଁଠି ସାପ ଗାତ ଅଛି, କେଉଁଠି ସେମାନେ ଖେଳନ୍ତି ବୁଲନ୍ତି । ସେଠିକି ନେଇ ଡିମ୍ବ କୁକୁଡ଼ା ଛୁଆ, ବେଙ୍ଗ କି ମୂଷା ଛାଡ଼ିଆସିପାରିଲେ ସେ ଭାରି ସନ୍ତୋଷ ହୁଏ ।

ଲୋକେ ଦେଖିଛନ୍ତି କହନ୍ତି । କେବେ କେବେ ମୁନ୍‌ସି କେଉଁ ଛପିଲା ପାହାଡ଼ ଖୋଲରେ ବସିଥିବ, ଘେରିଆଡ଼େ ବିଷାକ୍ତ ସାପଗୁଡ଼ାଏ ଖେଳୁଥିବେ । କେତେଟା ତ ଗୁରେଇ ହୋଇଥିବେ ତା'ର ଦେହଯାକ । ମୁନ୍‌ସି କେତେ ଶରଧାରେ ସେମାନଙ୍କୁ କଥା କହୁଥିବ । କାହା ପିଠି ଆଉଁସି ଦେଉଥିବ ବାସ୍ । ମୁହଁରେ ଚୁମ୍ବନ ଦେଉଥିବ । ସାପ ସଙ୍ଗେ ଲଗେଇ ଯୋଡ଼ ତା' ବିଷୟରେ ଯେ ଯାହା କହେ ଲୋକେ ବିଶ୍ୱାସ କରନ୍ତି । ସେ ଗୋଟାଏ ଜୀଅନ୍ତା ବିସ୍ମୟ । ଏବଂ ମଙ୍ଗଳକର ।

କିନ୍ତୁ ବି' ପହରେ ମୁନ୍‌ସି ତୁନିଚାପ ହୋଇ ଯେତେବେଳେ ଲମ୍ବହୋଇ ଖାଲି ଭୂଇଁରେ ଆପଣା ଗୃଳ ତଳେ ପଡ଼ି ରହିଥାଏ ଆଉ କାନ ଡେରିଥାଏ ଦୂରର ସାଇଁ ସାଇଁ ଶବ୍ଦକୁ, ସେତେବେଳେ ନିଜ ପାଖେ ନିଜେ ସେ ଧରା ପଡ଼ିଯାଏ । ସେତେବେଳେ ତା' ଚେତନାରେ ସାପମାନଙ୍କ ସମ୍ପର୍କ ନଥାଏ, ନଥାଏ ସେହି ମଣିଷ ଥାଟପଟାଳି ବେଳର ଛବି, ଯେତେବେଳେ ସମସ୍ତଙ୍କ ତୁଣ୍ଡରେ ଖାଲି ମୁନ୍‌ସି ମୁନ୍‌ସି ପଦ ।

Digitized by srujanika@gmail.com

ନିଜକୁ ସେ ଦେଖେ ଆଜି ଏକ ପୃଷ୍ଠଭୂମିରେ; ଖାଲି ନିଃସହାୟ କି ଦରିଦ୍ର ବୋଲି ନୁହେଁ, ଆହୁରି କରୁଣ ଅବସ୍ଥାରେ—

ସେ ତା' ଘରକୁ ଏକୁଟିଆ—ଏକଦା ତା'ର ବି ଗୋଷ୍ଠୀଏ ଅଞ୍ଚଳ ଥିଲା । ସେ ଶୁଣିଛି ତା' ପୂର୍ବପୁରୁଷ ଘୋଡ଼ା ବିକା ସୌଦାଗର ହୋଇ ଏ ଦେଶକୁ ଆସିଥିଲେ, ତା'ପରେ ହେଲେ ସୈନିକ, ତା'ପରେ ହେଲେ ଶାସକ । 'ମୁନ୍‌ସି' ତା' ଘରର ପଦବୀ । ଆଦିସ୍ଥାନ ଥିଲା ଆରବ ଦେଶ, ତା'ପରେ ସିନ୍ଧୁ ଦେଶ, ତା'ପରେ ବହୁଯୁଗରୁ ହାଇଦ୍ରାବାଦର ଅଧିବାସୀ । ହାଇଦ୍ରାବାଦରୁ ତେଲିଙ୍ଗାନା, ସେଠୁ ଓଡ଼ିଶା ଭିତରକୁ, ତା' ପରେ କାଳକ୍ରମେ ଏହି ରଜୁଡ଼ା ସହରକୁ, କେତେ ବାଟ ! କେତେ ବାଟ !!

ଯେପରି କି ଦୁନିଆ ସାରା ଏମୁଣ୍ଡୁ ସେମୁଣ୍ଡ ବୁଲି ବୁଲି ଆସିଛି, ଏଠିକି ବୋଲି ତା'ର ବଂଶର ଧାର । କେତେ ବିଲ, ପାହାଡ଼, ଘାସ କ୍ଷେତ ଆଉ ମରୁଭୂମି ଆଉ ଖାଲଢିପ ପାରିହୋଇ । ଏମିତି ବାଟେ ବାଟେ ଆସୁ ଆସୁ କେତେଥର ରାତି ହୋଇଛି, କେତେଥର ଦିନ ହୋଇଛି, କେତେଠି ଡେରି ଲାଗିଛି, କେତେଠୁଁ ପୁଣି ଉପୁଡ଼ି ଯାଇ ଗଡ଼ିଗଡ଼ିକା ଚାଲିଛି ବାଲିପଥରେ ଗୁଡ଼ିକଙ୍କ ଫୁଲ ପରି । ଆସିଛି, ଆସିଛି, ତା'ପରେ ଏଇଠି ଆସି ଶେଷ ହେଲା ପଥ—ହାର ପବନର ସାଇଁ ସାଇଁ ସଙ୍ଗେ ସଙ୍ଗେ ସେଇ ଅଜାତର ଯାହା ଉଦ୍ଭ୍ରାନ୍ତ, ସେଇ ପଦଧ୍ୱନି ଭାସି ଆସୁଛି ପରା ! କେତେ ଗାଁର କେତେ ମଣିଷଙ୍କ ଦୁମ୍ବ ମେଳାର ହର୍ଷବୋଳ ସେଇ ଶବ୍ଦରେ ମଣିଷ ନିଜ ବାଟ ଧରିଛନ୍ତି, ଏକୁଟିଆ ପଡ଼ିଯାଇଛି ସେ । ଭୁକ୍ତା ଏକୁଟିଆଟା ।

ଅଧା ରାତିଁ ଅଧା ନିଦରେ ଚମକି ପଡ଼ି ମୁନ୍‌ସି କାନ ଡେରେ—ହୁହୁଁ ହୁହୁଁ ଭୂତ ପରି ଉଠିପଡ଼ି ସବୁ ସ୍ମୃତି ଟଣେଇଲା ଅପେକ୍ଷା କରିବସେ, ମନେ ମନେ ସୁଖକୁ କଳ୍ପନା କରି ଗଢ଼େ । ମନେ ମନେ ଗଢ଼େ ଆପଣା ଘରସଂସାର । ସମସ୍ତ ଆଉ ଆପୁଷକୁ ଧୀରେ କରିକୁ ଧୋଇପାଡ଼-ଦିଏ, ଶୀତ ଦିନ ସକାଳେ ନିଦରୁ ଉଠି ଘୋରିହେଲା କମ୍ବଳକୁ ଦେହରୁ କାଢ଼ି ଫୋପାଡ଼ି ଦେଲାପରି । କୁଆଡ଼େ ମ୍ୟାଲେରିଆ ଜରରେ ପଡ଼ି

Digitized by srujanika@gmail.com

କ୍ଲିନାଇନ୍ ଖାଇ ଖାଇ ମୁଣ୍ଡ ଉପରେ ବାଳର ଚାଳ ଜଳିଗଲା ଭଳି ତା' ବାଳଗୁଡ଼ାକ ଅକାଳରେ ରୋଗାହୋଇଗଲା ବୋଲି ସେ ବିଶ୍ୱାସ କରେ, ନ ହେଲେ କାହିଁକି ଏମିତି ହୁଅନ୍ତା ? ଏ କିଛି ନୁହେଁ । ତା'ର ଜୀବନ ଥିବା ଯାଏ ଯୌବନ ଅଛି, ସେ ପୁଣି ଘର କରିବ, ଏ ଘରେ ପୁଣି ମଣିଷ ଚଲ୍‌ଚଲ୍ ହେଉଥିବେ, କଥା କହୁଥିବେ, ମୁନ୍‌ସି କାନାଏ, ଅପେକ୍ଷା କରେ ଏକ ଅନିର୍ଦ୍ଦିଷ୍ଟ ଭବିଷ୍ୟତକୁ ।

ବେଳେ ବେଳେ ତା'ର ପ୍ରତୀକ୍ଷା ଭିତରେ ଦେଖେ ତା'ର ବାପ ଗୁରୁର ମୂର୍ତ୍ତିକୁ । ସେ କେଉଁ ଜଙ୍ଗଲ ଭୁକାଳ ଦିନର ଛବି । ପ୍ରକାଣ୍ଡ ମୁହଁ, ଛାତିଯାକେ ଲମ୍ବା କହରା ଦାଢ଼ିର ଓଦଳା ବଣ, ମୁଣ୍ଡରେ କାନଠୁ ଉପରକୁ ଟେକିଲା ମଣ ରଙ୍ଗିଲ ପର କଳାଟୋପି । ଆଉ ପଛାରେ, ଭୁଲଡାରେ ସତେ କି ବାଳ ନାହିଁ । କଳା ପଥରରେ ତିଆରି ନିଖୁଣ ମୂର୍ତ୍ତି, ଜକଜକ କଳା କାଚ ଗୁଳି ଦି'ଟା ଯେପରି କି ତା'ର ଡୋଳା । ସେ ମୁହଁରେ ଭାବ ନାହିଁ, ଅଭାବ ନାହିଁ, ଦେଖିଲେ କମିତି କମିତି ମାଡ଼ ପଡ଼େ । ପାଟିବାଟେ ଗଞ୍ଜେଇ ଧୂଆଁର ଗୋଟିଏ ସାନ ମେଘ ପଦାକୁ ଭସାଇ ଦେଇ ଚବନ ଗୋଳା ଭାଷାରେ ଏବାଟରେ ସେ ତାକୁ କହୁଥିଲା—"ବେଟା କାହିଁକି ଆସିବାକୁ ମନ କରୁଛୁ ? କାହିଁକି ତୋ'ର ଏତେ ଶରଧା କରୁଛୁ ? ନଚ୍ଛଟିଆ ବାଟ । ଭରସା ରହିବ ନାହିଁ ତ ଆଉ ପିଲଛୁଆ କାହୁଁ ପାଇବୁ ? ଘର ଭାଙ୍ଗି ପଡ଼ିବ । ପଇସା ଫେଳଇବ । ଯାହା ପାଇବୁ କୌଣସିମତେ ଖାଇ ଆପଣା ପେଟ ଚଳିବା ଭଲ । ଖାଇ ଚୋଟି ରହିବ ତୋର ବିଦ୍ୟା, ସେ ବି ତୋ ସଙ୍ଗେ ସଙ୍ଗେ ବୁଡ଼ିଯିବ । ଆହୁରି ଭଲ କରି ଭାବ । ତରତର ହ'ନା, ଆହୁରି ବେଳ ଅଛି ।"

ଆଜି ସେ ତା'ର ଗୋଡ଼ ପାଖରେ ସଲାମ କରି କହୁଥିଲା "ମତେ ବିଦ୍ୟା ଦେ ବାପା, ମୋର ଆଉ କିଛି ଲୋଡ଼ା ନାହିଁ, ନା ଧନ ନା ଜନ । ଖାଲି ମତେ ସେଇ ବିଦ୍ୟା ଦେ ଯେଉଁଥିରେ ସାପ ଆଉ ବିଛୁ ମୋର ବଶ ହେବେ, ମୋର ସାଥୀ ହେବେ । ଯେଉଁଥିରେ ହଜାର ପ୍ରାଣୀଙ୍କର ମୁଁ ଉପକାର କରି ପାରିବି । ସର୍ପଘାତ ହେଲେ ମୁଁ ତାଙ୍କର ବିଷ ଝଡ଼ିବି । ଯାହାକୁ ସେ ଦୁଃଖ ଚଡ଼ିବ ସେ ମୋ ହାତରେ ଭଲ

Digitized by srujanika@gmail.com

ହେବ । ସଂସାରରେ ଏତେ ଘର ଅଛି, ଏତେ ମଣିଷ ତାଙ୍କର ଏତେ ପିଲା, ମୋର ବୋଲି ଏକୁଟିଆ ଗୋଟିଏ ନହେଲେ କ'ଣ ହୋଇଯିବ ?"

ସେଇ ପଥରମୁହଁ ସେତେବେଳେ ହସିଥିଲା, କହିଲା, "ପାରିବୁ ଏତେ ଘୃଣା କରି ବେଟା ? ପରର ଦୁଃଖ ଦେଖି କାନ୍ଦୁଛୁ । ସହି ପାରୁନାହୁଁ, ଆପେ ଦୁଃଖୀ ରହି ପରର ସୁଖ ନେଇ ସହିପାରିବୁ ତ ?"

"ପାରିବ ।"

"ମୁଁ ତ କହୁଛି, ସେମିତ ହେଲେ ବାହାର ଆ ମୋର ଘର ଛାଡ଼ି, ମୋ ପାଇଁ ଶଳମ ସଜେଇବୁ, ଗଡ ବାନ୍ଧି ଦେବୁ, ବୁଲିବା ଦର୍ଵେଶ ଭିକ ମାଗି ମାଗି । ଘରେ ଘରେ କାନ୍ଦଣାକୁ ହସ ପାଲଟେଇବା । ଖୋଦା ତୋର ଭଲ କରିବେ । ହ' ନାହାଁରେ ଗୋଡ଼ ଦେଇଛୁ କାହିଁକି ବେଟା । ବାହାରିଆ ।"

"ବାହାରି ଯାଇ ପାରିବ ନାହିଁ ବାପ, ଘରେ ରହିବ । ମତେ ତୋ ବିଦ୍ୟା ବତା ।"

"ଦୁଃଖ ପାଇବୁ ବେଟା—"

ପଥର ହସିଥିଲା । ସେତେବେଳେ ଉଦ୍ଭଟ୍ଟର ଦିଶୁଥିଲା ତା'ର ମୁହଁ । ସେଇ ଧଳା ଚକ୍ ଚକ୍ ବଡ଼ ବଡ଼ ଦାନ୍ତ ଗୁଡ଼ାକ ଯେପରିକି ମଣିଷର ନୁହେଁ, ଏକ ଜନ୍ତୁର । ଜଙ୍ଗଲ ଭିତରେ ନଡ଼ା ପରି ହୋଇ ଝଙ୍କିଥିବା ଗୁମ୍ଫା । ତା'ର ହାତ ମୋଟାରେ ପାଞ୍ଚ ହାତ ଲମ୍ବା କଳା ମିଚ୍ ମିଚ୍ ସାପ ନିଃଶବ୍ଦରେ ଆସି ସେଇ ମଣିଷଟା ବେକରେ ଗୁଡ଼େଇ ହୋଇ ଫଟା ଜିଭ ଲହ ଲହ କରି ତା' ଆଡ଼କୁ ସ୍ନିଗ୍ଧ ଦୃଷ୍ଟିରେ ଅନାଇ ରହିଥିଲା । ଗୁମ୍ଫା ସେ ପଟେ ବରଗଛ ତଳେ କଥା ଶୁଣିବାକୁ ବାଁରେଇ ହେଲା ପରି ଦୁଗୁଣେଇ ହୋଇ ବୁଲୁଥିଲା ଗୋଟାଏ ବିଲୁଆ, ତଳେ ଶୁଖିଲା ପତ୍ର ମଚ୍ ମଚ୍ ଡାକୁଥିଲା, ବେଳ ଉଚରିଚ ।

ସେ ପୁଣି ତା'ର ପୁରୁଣା ପ୍ରାର୍ଥନା ପେଶ୍ କରିଥିଲା । ମୋର ଯାହା ପଛେ ହେଉ ଘରେ ରହିବ । ବିଦ୍ୟା ଖଟାଇ ଲୋକଙ୍କ ଉପକାର କରିବ ।

Digitized by srujanika@gmail.com

"କର" ସେ କହୁଥିଲା । କୁଆଡ଼େ କେହି ନ ଥିଲେ । ବରଗଛ ଉପରେ କୋଚିଲାଖାଇ ଚଢ଼େଇ ବଡ଼ କଣ୍ଟିଆ ଗଳାରେ ବୋବେଇ ଉଠିଥିଲା । ଜାଣି ସେହି ତା'ର ପ୍ରାର୍ଥନାମନ୍ତ୍ରର । ଉତ୍ତରର ମହୁରି ।

ତା'ପରେ ଗଲାବେଳକୁ ବନ୍ଧ୍ୟା ସିଦ୍ଧି ହେଲା । ବାପା ମା' ମଲେ । ମଣିଷ ପାଗଳ ପଡ଼ିଗଲେ । ଗୁରୁଙ୍କ ଭବିଷ୍ୟତ ବାଣୀ ମାଡ଼ି ପଡ଼ିଲା ନାହିଁ । କୁଳାଚାରର ଅନୁସାରେ ମୁନ୍‌ସି ବାହାହେଲା । ବୋହୂ ଆସିଲା, ତା'ର ମନ ମୋଟ ହୋଇଗଲା । ଛଅମାସ ଗଲା, ଦିନେ ଭାରଯା ଚଲେ ତା' ବାପଘର । ଆଉ ଲେଉଟିଲା ନାହିଁ । ପୁଣି ଆଉ ଗୋଟିଏ ବାହା ହେଲା । ଦୁଇ ମାସରେ ହଇଜାରେ ଗଲା ସେ ଭାରଯା । ମୁନ୍‌ସି ବସିଲା ନାହିଁ । ପୁଣି ଆଉ ଗୋଟିଏ । ସେ ଟିକିଏ ବେଶୀଦିନ ଥିଲା । ପ୍ରାୟ ବର୍ଷେ ଖଣ୍ଡେ । ଇତ ବୟସରେ ସେ ଅନ୍ତଃସତ୍ତ୍ୱା ହେଲା, ମୁନ୍‌ସି ଆଶାରେ ରହିଲା । ଏଥର ବଂଶ ଉଦ୍ଧାର କରିବାକୁ କୁଳୋଚିତ ପୁତ୍ର ଜନ୍ମ ହେବ । କିନ୍ତୁ ପୁତ୍ରଜନ୍ମ ହେଲାନାହିଁ । ସନ୍ତାନ ପ୍ରସବ ନ କରୁଣୁ ସେ ସ୍ତ୍ରୀ ବି ମରିଗଲା । ମୁନ୍‌ସିର ବଡ଼ ଲୋଭ ଥିଲା ତା'ଠିଁ । ଦୁଇମାସ କାଳ ଖିଆ-ପିଆ ଭୁଲିଯାଇ ମୁନ୍‌ସି ଘରେ ପଡ଼ି ପଡ଼ି ଖାଲି କାନ୍ଦିଲା । ପୁଣି ଝଣ୍ଡା ଉଡ଼ିଲା ମୁନ୍‌ସି । ଆସିଲା ଆଉ ଗୋଟିଏ । ଦୁଇବର୍ଷ ରହିଗଲା ପରେ ବି ସେ ଆଉଜଣଙ୍କ ସଙ୍ଗରେ ସହର ଛାଡ଼ି କୁଆଡ଼େ ଯେ ପଳାଇଲା ତା'ର ଆଉ ପତ୍ତା ନାହିଁ, ଲୋକଟା କୁଆଡୁ ଆସି ଏହି ସହରରେ ରହି କାରଖାନାରେ ଫିଟର କାମ କରୁଥିଲା । ହୁଏତ ଏତେ ଏତେ ଶିଳ୍ପ ସହର ଭିତରୁ କେଉଁଠି ହେଲେ ଯାଇଥିବ । ତଥାପି ମୁନ୍‌ସି ଆଶା ଛାଡ଼ିଲା ନାହିଁ । ନୂଆ କନ୍ୟା ସନ୍ଧାନ ନେବାକୁ ଲାଗିଲା ।

କନ୍ୟା ସନ୍ଧାନ ମିଳି ବି ଗଲା ଅଳ୍ପଦିନେ । ସେ ସହରଠୁଁ ସାତ କୋଶ ଦୂରରେ ପର୍ବତ ଉପରେ ଅନ୍ୟ ଗୋଟିଏ ସହର ଅଛି । ଚଉଦ ଚଣି ହରକାସ୍ତ କର୍ମଚାରୀଙ୍କ ସହର । ଦିନକୁ ବୁରଠା ଖାପି କଟାହୁଏ । କଂପେଇଟି ମୁସଲମାନ୍ । ବହୁତ ଦିନର ଅଭ୍ୟସ୍ତ କାରିଗର । ନିଶା-ପାଣି ଅଭ୍ୟାସ ଥିଲା । କିଛି ପରୁରିଲେ କହେ, ତା' ନହେଲେ କି ଏ କାମ ମଣିଷ କରିପାରିବ ?

Digitized by srujanika@gmail.com

ମୁନ୍‌ସିଠୁ ତା ମାସକର ଦରମା ପନ୍ଦର ଟଙ୍କା ପାଇ ସେ ଖୁସି ହୋଇ କଥା ଦେଇଦେଲା, ତାକୁ କନ୍ୟା ଦାନ କରିବ । ନିର୍ଦ୍ଧାରିତ ଦିନ ମୁନ୍‌ସି ପାଗ ପଟୁକା ଭଡ଼ ପୋଷାକ ପିନ୍ଧି ବନ୍ଧୁବାନ୍ଧବଙ୍କୁ ସାଙ୍ଗରେ ଧରି ବର ବେଶରେ ଯାଇ ସେ ସହରରେ କଂସେଇଘର ଦୁଆର ମୁହଁରେ ପହଞ୍ଚିଲା । କିନ୍ତୁ ଅଭ୍ୟର୍ଥନା କାହିଁ ? କଂସେଇ କେଉଁଠି ଲୁଚିଛି କି ନିଶାରେ ଗଡ଼ୁଛି । ତା' ସ୍ତ୍ରୀ ଦୁଆରମୁହଁ ଅଗୁଳି ଉଡ଼ୁଆଳରେ ରହି ଗାଳି ଉଚ୍ଛୁଡ଼ାଉଛି, କହୁଛି କାହିଁର ବାହାଘର ? କିଏ ଠିକ୍ କଲା ? କୋଉ ଗାଁର ବର ! ଘଟେ ଘଟେ, ଏଠି ନୁହେଁ । ଆଉ ଛକିଛନ୍ତି ସାହିର ଭାଇମାନେ । ବୀରତ୍ୱ ଦେଖାଇବାକୁ ସୁଯୋଗ ମିଳିଛି, ହାତରେ ଖଣ୍ଡେ ଖଣ୍ଡେ ତଡ଼ା ଧରି ଧାଡ଼ିହୋଇ ଠିଆ ହୋଇଯାଇଛନ୍ତି କଂସେଇଘର ଦୁଆରମୁହଁ ସକଳେ । ତୁଣ୍ଡରେ ପଦେ କଥା, 'ଘଟେ ଘଟେ' । ଦୃଶ୍ୟ ଦେଖିବାକୁ ସାହି ଛାଡ଼ ଦୂରର ଦୂରର ଲୋକେ ବି ଆସି ପହଞ୍ଚିଗଲେଣି । ମୁନ୍‌ସି ପଟ ଜିଦ ଧରିଲେଣି, ସେମାନେ କନ୍ୟାକୁ ନ ନେଇ ଖାଲି ଫେରିଯିବେ ନାହିଁ, ସେଥିପାଇଁ ମୁଣ୍ଡ ଛିଣ୍ଡିଲେ ପଛେ ଛିଣ୍ଡୁ । ସେମାନଙ୍କ ଆଇନ କନ୍ୟାଟା ଯେପରିକି ଆଉ କନ୍ୟା ନୁହେଁ, ସେ ଗୋଟାଏ ସାମାଜିକ ମିତର ଧାରଣା, ଯେଉଁ ଧାରଣା ପାଇଁ ଲୋକେ କାଳେ ଠେଙ୍ଗା ଧରିଛନ୍ତି, ମରିଛନ୍ତି । କନ୍ୟାନୁହେଁ, ଅତିପ୍ରିୟ ଇଜ୍ଜତ । ତାକୁ ରକ୍ଷା କରିବାକୁହିଁ ହେବ, ନ ହେଲେ କି ମଣିଷ ସେମାନେ ।

ଭଡ଼ାରେ ଆଣିଥିବା ଘୋଡ଼ା ଉପରେ ସବାର ହୋଇ ବରବେଶୀ ମୁନ୍‌ସି ଉଦୁଉଦିଆ ଦିପହରେ ଅଳିଆଗଦା ପାଖରେ ଘୋଡ଼ାକୁ ରୁହାଇ ଦୁଇପଟକୁ ଅନାଇଁ ଦେଖିଲା, ଫେଣେଇଁ ଉଠୁଥିବା ପାହାଡ଼ନଈ ପରି ଫୁଲି ଉଠୁଛି କଜିଆ, ତେଜି ଉଠୁଛନ୍ତି ଦୁଇ ପଟର ଲୋକେ । ମୁଣ୍ଡଭୂର୍ତ୍ତି ତୋଫାନ ମାଡ଼ି ଆସୁଛି । ଆଉ ଟିକିକେ ଲାଗିଯିବ ପରା । ଆଉ ରୋକି ହେବ ନାହିଁ । କ'ଣ ହେବ ତା'ପରେ ? ସବୁଗ ମଉଳିଗଲା । ମନେ ପଡ଼ିଗଲା ତା'ର ପ୍ରଥମ ବିଭା, ତା'ପରେ ଦ୍ୱିତୀୟ, ତୃତୀୟ, ଚତୁର୍ଥ । ସବୁ ଜଲ୍ଲାଦ ଘୋଳ ହୋଇ ପଡ଼ିଲା । ସମ୍ନାରେ ତାର ଭାବୀ ଶଶୁରର ଘର । ଆଗରେ ଭଙ୍ଗା ପାଚିରିରେ ବାଡ଼ ବୁଜା ହୋଇଛି । ମଝିରେ ଦାଣ୍ଡ ଘର । ତା' ସେପଟରେ ଉଡ଼ୁଆଳରେ ତା'ର ଭାବୀ ଶାଶୁ । ଭିତର ଘର ଧାଡ଼ିଙ୍କ

Digitized by srujanika@gmail.com

ଦଗୁଛି । ଛୁଣ୍ଡା ଛାଟି ଚାଲେଇ, ଚାରୁଅଖା ଟଙ୍ଗା ହୋଇ ଆଉଜା ହୋଇ ଅବୋର ହୋଇଛି । ତା' ସେପଟେ ଅଛି ତା'ର ଭାବୀ ପତ୍ନୀ । ଦେଖି ଯାଇଛି ତାକୁ ସେ ଦୁଇଥର । ହେଇ ସେଥର ଯେତେବେଳେ ସେ ଚ୍ଛାଁଣି ଧରି ଦୁଆର ଝଡ଼ାଉଥିଲା । ଆଉ ଥରେ ଯେତେବେଳେ ସେ ଖାଲି ଠିଆ ହୋଇଥିଲା ବାପ ପିଠିପଟେ । ଲାଗୁଥିଲା, ଯେମିତି ସହାନୁଭୂତି ଓ କୁତୂହଳରେ ତାର ଆଖି ଜଳଜଳ ଦଗୁଥିଲା । ତା'ର ତ ଅମତ ନଥିବ କେବେ । ମୁନ୍‌ସି ଭାବିଲା । ଅନ୍ତରାୟ ଖାଲି ଏହି ବାହାରର ଲୋକଗୁଡାକ । ସେମାନେ ଟେହ୍ମଦେବେ, ଭାଙ୍ଗି ଦେବେ, ଖରାପ ଲୋକଙ୍କ ଦସ୍ତୁର ହିଁ ସେପରି । ଯେତେ ଭାବିଲେ ବି କଳ ବାଡ଼ିଉଠୁଛି । କୌଣସି ମନ୍ତ୍ର ଏ ଅରଣା ମଣିଷଙ୍କୁ କାବୁ କରିବ ନାହିଁ । ବାଗ୍‌ଦେବାକୁ ଆସି ଏତେ ଲୋକଙ୍କୁ ସେ ଷଡରେ ପକାଇବ । ଖଣ୍ଡିଆ ଖାବୁଣ୍ଡା ହେବେ, କେହି କେହି ମରି ବି ପାରନ୍ତି । ସବୁ ଅନର୍ଥ ମୂଳରେ ତାର ଏ ବାହାଘର । ପିଟାପିଟି ହେବା ପୂର୍ବରୁ କୁହାପୋଛା ବୁଝାସୁଝାର ଉପାୟ ଶେଷ କରିବା ଉଚିତ, ମୁନ୍‌ସି ଭାବିଲା । ଆପଣା ପଟକୁ ବୁଝେଇ ସୁଝେଇ ମୁନ୍‌ସି ନେଇ ଚାଲିଲା ସ୍ଥାନୀୟ କର୍ମଚାରୀଙ୍କ ପାଖକୁ । ଆଗ ସେଠି ଶେଷଚେଷ୍ଟା କରିବାକୁ ପଡ଼ିବ । ସଙ୍ଗେ ସଙ୍ଗେ ଚାଲିଲେ ଆର ଦଳକ, ସେମାନେ ବି ସେଠି ଆପଣା ପଟ କଥା କହିବେ; ଦେଖଣାହାରିଏ ତାଙ୍କ ସଙ୍ଗେ ସଙ୍ଗେ ଚାଲିଲେ ।

ଗମ୍ଭୀର କର୍ମଚାରୀ । ଗମ୍ଭୀର ଆଉ ନାଗର, ପେଟଟି ଟମ୍ବୁଳା, ଆଖିରେ ଚଷମା । ଦୁଇ ପକ୍ଷର କଥା ଶୁଣି କହିଲେ, "ଝିଅ ତ ପିଲା ନୁହେଁ । ତାର ମତାମତ କ'ଣ ଏ ବିବାହରେ ? କେହି ପଚାରି ବୁଝିଛ ?"

"ଏଥିରେ ତା'ର ମତ ନାହିଁ ଆଜ୍ଞା," ସାଇ ଲୋକ କହିଲେ— "ଯେତେ ଗରିବ ହେଲେ ବି ଏଭଳି ପାତ୍ରକୁ ତା'ର ମନ ନାହିଁ । ବୁଢ଼ାଟାଏ । କହନ୍ତୁ ତାକୁ ପଗଡ଼ି ଖୋଲୁ, ଦେଖିବେ ତା'ର ବାଳ କେମିତି ଧୋଳ ହେଲଣି ।"

ବାଧା ଦେଇ ମୁନ୍‌ସି କହିଲା, "ମ୍ୟାଲେରିଆ ଜରରେ ପଡ଼ି ପଡ଼ି ବାଳଗୁଡ଼ାକ ପାଚିଗଲା ଆଜ୍ଞା, ମୁଁ ବୁଢ଼ାନୁହେଁ—"

Digitized by srujanika@gmail.com

"ଏଇ ବୁଢ଼ା ଆସିଛି ତାକୁ ନେଇ ଯିବାକୁ । ଶୁଣି, ଝିଅଟା ତ ଦଉଡ଼ ଲଗାଇ ଦେବାକୁ ଥୋଉର, . କେତେ କଷ୍ଟରେ ଆମେ ତାକୁ ଅଟକାଇଛୁ ।"

"ମିଛ ମିଛ, "ମୁନ୍‌ସି ପାଟିକଲା" ତାର ପୂର୍ବ ମନେଅଛି । ଏଇମାନେ ତା କରେଇ ଦେଉ ନାହାନ୍ତି । ତାକୁ ଅଟକାଇ ରଖିଛନ୍ତି—"

ପିଣ୍ଡାତଳେ ଦୁଇପଟର ହୋ ହୋ ବଢ଼ୁଛି । କର୍ମଚାରୀ ଦୁଇ ପକ୍ଷଙ୍କୁ କହିଲେ, "ଝିଅର ଯାହା ମତ ହେବ ସେଇଆ କରିବାକୁ ତୁମେ ରାଜିହେବ ତ ?"

"ରାଜି ! ରାଜି !" ଦୁଇ ପକ୍ଷରୁ ଧ୍ୱନି ଉଠିଲା ।

"ଟିକିଏ ଅପେକ୍ଷା କର । ଝିଅର ବାପକୁ ଖବର ଦିଅ । ଆସୁ ସେ ଝିଅ, ବାରବାଟେ ମୋ ଘରକୁ । ମୋ ଘରେ ବି ପିଲାଏ ଅଛନ୍ତି ତ । ଏଇ ଭିତରେ ଘରର କବାଟ ଖୋଲିଦେବା । ଏଇ ପର୍ଦ୍ଦା ସେକରେ ସେ ଆପଣା ମତ ପ୍ରକାଶ କରି ଚାଲିଯାଉ ।"

ଚୁହୁଁ ଚୁହୁଁ ସମସ୍ତ ଗଡ଼ିଗଲା । ପନ୍ଦର ମିନଟ୍ ପରେ ଖବର ଆସିଲା, "ଝିଅ ଆସୁଛି ।" ଦୁଇ ପଟର ଥାଟ ଚମକି ପଡ଼ିଲେ । କର୍ମଚାରୀ ଘରଭିତରେପଟକୁ ପ୍ରଶ୍ନ ପଚାରିଲେ—

"ଏଇଲୋକ ତତେ ବାହା ହେବାକୁ ଆସିଛି । କ'ଣ ତୋର ମନ ?"

ପଛଆଡ଼ୁ ଠେଲା ଖାଇ ପର୍ଦ୍ଦା ଥରି ଉଠିଲା । ହଠାତ୍ ତା'ର ସାରୀ ପଣ୍ଟୀ ପଦାକୁ ବାହାରି ପଡ଼ିଲା । ମୁଣ୍ଡରେ ଓଢ଼ଣା ନାହିଁ । ଗୋଟା ମୁହଁଟା ଥିଲୁଛି । ଚେହେରା ନିରେଖିବାକୁ ସମସ୍ତ ଦେଲା ନାହିଁ ତା'ର ରାଗ ଜରଜର ଚଞ୍ଚଳ ଠାଣି । ମୁହଁ ଭ୍ରୂକୁଟି କରି ହଁ ହଁ ହୋଇ କହିଲା, "ଛି ଏଇ ବୁଢ଼ାଟାକୁ ମୁଁ ବାହାହେବି । ତା ଅପେକ୍ଷା ମଲେ ତ କେତେ ଭଲ । ଛିଃ ।"

ଲୋକେ ଖିଅ ଧରି ଭାବିବାକୁ ଆରମ୍ଭ କରିବା ବେଳକୁ ସେ ଯେମିତି ଆସିଥିଲା ସେମିତି ବିଜୁଳି ପରି ଅପସରି ଗଲା ।

Digitized by srujanika@gmail.com

ମୁନ୍‌ସି ଥକ୍‌କା ହୋଇ ଠିଆହୋଇ ରହିଲା, ସେ ସତେକ ମଣିଷ ନୁହେଁ ଶୁଖିଲା କାଠ, ଅଥଚ ତା'ର ଚେର ଲଗି ଯାଇଛି ।

“କ'ଣ କରୁଚ ମୁନ୍‌ସି ?” କର୍ମଚାରୀ ପଚାରୁଛନ୍ତି । ମୁନ୍‌ସି ଦୀର୍ଘଶ୍ୱାସ ଛାଡ଼ିଲା । କହିଲା, “ସବୁ ଶୁଣିଲି ଆଜ୍ଞା, ମୋ ନସିବ । କଏ ତାକୁ ଶିଖେଇ ବୁଝେଇ ପଠେଇଚ । ହେଲେ କ'ଣ ହେଲା ? ଯେତେ-ବେଳେ ପଦେ କହିଦେଇ ପାରିଲେଣି ମୁହଁ ଖୋଲି ସେଠି ଆଉ ଆମର କିବା କାମ୍ ?”

ଥିର ହୋଇ ସେମାନେ ଲେଉଟି ଚାଲିଗଲେ । ମୁନ୍‌ସିର ମୁହଁ ଦିଶୁଥିଲା ଧଳା କାଗଜ ପରି ଶେଥା ଆଉ ଠାଣିହୀନ ।

ପୁଣି ତା'ର ସେହି ପୁରୁଣା ଚଳଣି, ସହରର ରାସ୍ତାରେ ଘୋଡ଼ା ଗାଡ଼ିଟି ଚଳେଇ ଚଳେଇ ଯାଆସ କରେ, ସେଠୁ ଆସିଲେ ସାପ, କଙ୍କଡାବିଛୁଙ୍କ ସଙ୍ଗେ ସମ୍ପର୍କ । ମଣିଷଙ୍କୁ କପର ବିପତ୍ତି ନ ପଡ଼ିବ, ଯେ ଆଘାତ ପାଇଥିବ ସେ ପୁଣି ଭଲହୋଇ ଉଠିବ ।

ହେଲି ମୁନ୍‌ସି ।

ଖବରକାଗଜରେ ବାହାରିଲା, ସେ ମରିଯାଇଛି ।

Digitized by srujanika@gmail.com

ଟାଉନ୍ ବସ୍

କଲେଜ୍ ଛକ । ସାଢ଼େ ଚ଼ାରିଟା ବାଜିଛି । ଟାଉନ୍‌ବସ୍ ଅଟକିଲା । କଲେଜ ହତାର ଦୁଆର ମୁହଁ ଆଡ଼ୁ ଏକା ସାଙ୍ଗରେ ଅନେକ ଯୁବକ ଯୁବତୀ ଧାଇଁ ଚ଼ାଲିଲେ । ଗୋଟିଏ ହାତରେ କରେଇଟା ଝୁଲେଇ ଧରି କୁଲୁ ଚ଼ାପୁ ବି ସେଇ୍ବ ଆଡ଼କୁ ମୋଡ଼ିଁ ଚ଼ାଲିଲା । ଏମାନଙ୍କ ସଙ୍ଗେ ପ୍ରତିଯୋଗିତା କରି ଜାଗା ଟିକିଏ ଠିକଣା କରିବାକୁ ପଡ଼ିବ । ଅଣନିଶ୍ବାସୀ ହୋଇ ଦୋହରି ପାହୁଣ୍ଡ ଝେପି ଝେପି କଣେଇଁ କଣେଇଁ ଅନେଇ ଗଲା ସେମାନଙ୍କୁ ଯେ ସେମାନେ ଆଗକୁ ମାଡ଼ିଗଲେଣି କେତେ ଦୂର ।

ଆଉ ଠିକ୍ ସେତିକବେଳେ ତା' ମନରେ ହିଂସା ଥିଲା, ଆଉଟା ପ୍ରତି ଅନୁକମ୍ପା ଦେଖାଇ ଦୁଃଖିତ ହୋଇ ସେ ନଧାଇଲା ସେମାନଙ୍କ ବରିଷ୍ଠ ଅଣ୍ଟାମାନଙ୍କୁ, କେଡ଼େ ସରୁ ! ଆଉ ତା' ନଜର ! ଅଠତିରିଶ ଇଞ୍ଚ ତା' ଅଣ୍ଟାର ମାପ, ତା' ତଳକୁ ଗୋଟିଏ ବର୍ତ୍ତୁଳ ବସ୍ତୁତ, ତା'ର ଲୁଗା ଆଉ ମଠା କାମିଜ ତାକୁ ଲୁଚ଼ାଇ ପାରୁନାହିଁ, ଓଲଟି ଦେଇଛି ଆଲ୍ଗୁଡ଼ । ହାଲୁକା କର୍କ ପରି ଉଡ଼ିଯାଇ ସେମାନେ ଟାଉନ୍‌ବସ୍ ଭିତରେ ଖୁନ୍ଦି ହେଲେ, ପୁଅ ଝିଅ । ଆଗରୁ ବି ଅନେକେ ଥିଲେ ସେଠି । ଏଥର ଟାଉନ୍‌ବସ୍ ଚ଼ାଲିବ । ତା'ର ଫୁଲୁକା ଦେହଟାକୁ ଝାଙ୍କି ଝାଙ୍କି ତରତର ହୋଇ ଚ଼ାଲି ଅଧେ ଟଳିଲା ପରି ସେ ଯାଇ ବସ୍ ଦୁଆର ମୁହଁରେ ପହଞ୍ଚିଗଲା । ବାଡ଼ା ଧରି ଉପରକୁ ଉଠିଯାଇ ଖୁନ୍ଦି ଖାନ୍ଦି ହୋଇ କୌଣସିମତେ ଠିଆ ହୋଇ ଏକ ପ୍ରଚଣ୍ଡ ନିଶ୍ବାସ ଛାଡ଼ିଲା । ତା'ପରେ ଟାଉନ୍‌ବସ୍ ଚ଼ାଲିଲା ।

ଏଥର ସେ କରେଇଟାକୁ ଆସ୍ତେ ଟେକି ଦେଇ ଦେଖିଲା । ଭଲ କରେଇ । ଦମ୍ଭ, ଫରଚ଼ । ଠିକ୍ ତା' ମନ ମାଫି । କରେଇ ସଙ୍ଗେ ସଙ୍ଗେ ଘର ମନେପଡ଼ିଲା । ସେଇ୍ବ ଯେ ପିଠା କରେ, ଖୁଆଏ । ଆଉ ଯେଉଁମାନେ ଖାଆନ୍ତି । ପୂରା ଦଶଜଣ ସେମାନେ । ସାନ ପୁଅଟି, ସବା ଶେଷ ବୋ...

Digitized by srujanika@gmail.com

ସବୁଠୁ ବେଶୀ ସେଇଟି । ତା'ର ତ ଗାଲ ଫୁଲୁଛି । ଶର୍ଦ୍ଦି କାଶ । ଯେତେ କହିଲେ ପିଲଟା ମାନିଲ ନାହିଁ, ଲୁଚିଲୁଚି ଯାଇ ବରକୋଳି ଖାଉଛି, ପାଣି ପିଉଛି । ବଡ଼ ପୁଅଟି ଅନାଡ଼ୀ ହେଲେ ଠିକଏ । ସେକେଣ୍ଡ୍ କ୍ଲାସ୍‌ରେ ଦି ଦି ବର୍ଷ ଅଟକି ପ୍ୟାଣ୍ଟ ଆଉ ଚୂଡ଼ିଦାର ହାଓ୍ୱାଇ ପିନ୍ଧି ବୁଲୁଛି ସବୁବେଳେ, ଏ ବନୁ କହୁଛି ବ୍ୟବସାୟ କରିବ । ବଡ଼ଝିଅଟା ମା'ପରି ହେଲ ନାହିଁ । ପାଠପଢ଼ା ବନ୍ଦ କରି ତେଇବର୍ଷ ହେଲା ଘରେ ଖାଲି ବସିଛି ସେ କୁଟାଖଣ୍ଡିକୁ ଯୋଗ୍ୟ ନୁହେଁ । କାମ ଭିତରେ ଖାଲି ସିଲେଇ, ତା' ବି ଖାଲି ରଙ୍ଗ ରଙ୍ଗ ସୂତାର କୁକୁର ବଲେଇ । ବାକିମାନେ ତା' ପଛକୁ ତା' ପଛ ଇସ୍କୁଲରେ ପଢ଼ନ୍ତି ।

ଆଉ ତାଙ୍କ ବୋଉ । ଆଉ ଟିକିଏ କମ୍ ମୋଟା ହୋଇଥିଲେ ଚଳିଥାନ୍ତା ପରା । ଆଉ ତା' ସନ୍ତାନ ପାଟିଟା ବି ହୋଇଥାନ୍ତା କମ୍ ଝର । ଦୁମ୍ ଦୁମ୍ ଗୁଳି ମନଭିତରେ ଶୁଭି ଶୁଭି ଗଲେ, ତା' ଆଗରୁ ମାଡ଼ି ପାଡ଼ି ଆସେ ସେଇ କର୍କଶ କଣ୍ଠସ୍ୱର ଗର୍ଜନ; ଆଉ ସେଇ ଉଷା ଯାହା ଟିକଏ ନରମ ବି ହୋଇପାରିଥାନ୍ତା । କହିଲେ ଆହୁରି ଜୋର୍‌ରେ ପାଟି କରନ୍ତି, ଘୁଷୁରିଟିଏ ନାହିଁ କାମ କରି କରି ମଣିଷର ଛାଲ ଉଡ଼ି ଯାଉଚି, କିଏ ମୋର ଯାଉଚି କଅଁଳେଇ କଥା କହି ଶିଖିବାକୁ ! ଆଇଲାଣି ତ ଊଣେଇଶ ବର୍ଷ ହେଲା, କି ସୁଖଟା ମୋ ପେଇଁ ଝୁଣ୍ଟି ଦେଇଚ ଯେ ଏତେକଥା କହୁଚ ? ଯୋଉ ପଇସା, ଯୋଉ ଘର, ମୁଁ ନଥିଲେ କୋଉକାଳୁ ଟେପରରେ ଖାଆନ୍ତିଣି, କହୁଚ ବାଲିଙ୍ଗି ? ଲାଜମାଡ଼ୁ ନାହିଁ ?

ଶାନ୍ତ ପ୍ରିୟ କାଉଳା ନରମା ମୋଟା ମଣିଷଟିଏ ସେ ନିଜେ । ସେ ଜାଣେ ସେ ତାଙ୍କୁ ଡରେ । କିନ୍ତୁ ଘରର ସବୁହିଁ ତ ସେଇ ଜଣକ । ନହେଲେ ସବୁ ଅଚଳ । ଏଇ କରେଇରେ ସେ କରିବ ଟିକୁଳି । ତା' ହିସାବରେ କହିବ ଗେବୁଚ ନା ପିଲଙ୍କ ପରି ବାହାରୁଚି ଫରବ ?

ହୁଏତ କରେଇଟା ଦେଖି ସେ ଟିକଏ ହସିବ । କେତେ ପଇସା ନେଲା ବୋଲି ପଚାରି ସାରିଲା ପରେ ଯେତେବେଳେ ଦାମ୍ ଶୁଣି ଶସ୍ତା ହୋଇଛି ବୋଲି ଜାଣିବ, ସେତେବେଳେ ଟିକଏ ହସିପାରେ । ତଥାପି—

Digitized by srujanika@gmail.com

ମଣିଷ କ'ଣ ଖାଲି କର୍ତ୍ତବ୍ୟ ଆଉ ଘରକରଣା କରିବାକୁ ଜନ୍ମ ହୋଇଛି ନା ଏ ଜୀବନରେ ଅଛି ଟିକିଏ କଅଁଳ ସ୍ନେହ, ଶୀତଳ କଥା, ଟିକିଏ ଅଳସ ହସଖୁସି ପାଇଁ ସ୍ଥାନ ?

ଆଉ ଟିକିଏ ଭୁଲ୍ ପାଇଁ ବି ?—ଭୁଲ୍ କଥା ଭାବିଲା ମାତ୍ରେ ପୁଣି ମନ ଭିତରେ ଭୟ ଆଉ ଯନ୍ତ୍ରଣାର ଅନୁଭୂତି ଚହଟି ଆସିଲା । ପଡ଼ିଶା ଘର । ନୂଆ ଭଡ଼ାଟିଆ । ରଗିଣୀ ଦେବୀ ଛୁଆ ପିଲା ଧରି ଏକୁଟିଆ ରହିଥାନ୍ତି । ସ୍ୱାମୀ ବିଦେଶରେ । କେଇଟା ଦିନରେ ଆପଣାର କରି ପକାଇଲେ, ସବୁବେଳେ ବସା-ଉଠା ଯା-ଆସ । ଉପରେ ପଡ଼ି କେତେ ସାନ ସାନ ଉପକାର କରିଯାଆନ୍ତି । ପିଲାଙ୍କୁ ଗୀତଟିଏ ଶିଖେଇ ଦେବା, ହାର୍ମୋନିୟମ ବଜେଇ ଶିଖେଇବା, ତାଙ୍କ ସିଲେଇ କଳରେ ସିଲେଇ କରିବା ଶିଖେଇବା, ନାନା ଜାତି ରୋଷେଇ, କେତେ ଏହିପରି । ରଗିଣୀ ଦେବୀ ଲାଜ କରନ୍ତି ନାହିଁ, ଆଉ ଡରନ୍ତି ନାହିଁ । କେମିତି ଧୀରେ ଧୀରେ ତାଙ୍କ ସଙ୍ଗେ ବି ଘନିଷ୍ଠତା ବଢ଼ି ଉଠିଲା, ଜାଣି ହେଲା ନାହିଁ । ଗସ୍ତରୁ ଫେରି ସେଠି ଯାଇ ବସି ତାଙ୍କ ପିଲାଙ୍କ ଦୁଃଖସୁଖ ବୁଝିବା, ତାଙ୍କ ହାତରୁ ଚା' ଖାଇବା, ଆଉ ତାଙ୍କ ସଙ୍ଗେ ଏକାଠି ଜୀବନର ଦର୍ଶନତତ୍ତ୍ୱ ଆଲୋଚନା କରିବା, ଧୀରେ ଧୀରେ ତାର ଅଭ୍ୟାସରେ ପରିଣତ ହୋଇଯାଉଥିଲା । ତା' ପିଲାଏ ଆସନ୍ତି, ତାଙ୍କ ସାଙ୍ଗମାନଙ୍କୁ ବାଛି ନେଇ ଗପିବାକୁ ଲାଗିଯାଆନ୍ତି । କେତେବେଳେ ଆଉ କେଉଁ ପଡ଼ୋଶୀ ସ୍ତ୍ରୀ ଲୋକ ବି ଆସନ୍ତି, ଯାଆନ୍ତି । କେହି କିଛି କହି ନାହିଁ । ଆଉ ଆସେ ସେ, ତା'ର ଧୁମୁଧୁମୁ ଲାଗିଲା । କଟାପ ପରି ଅନାଏଁ । କିନ୍ତୁ ରଗିଣୀ ଦେବୀଙ୍କ ମନଭୁଲା ହସ ସ୍ନେହ ଆଦରରେ ସେ ବି ଖୁସି ହୋଇ ହସି ପକାଏ, ବସେ । ରଗିଣୀ ଦେବୀ ତାକୁ ଉପଲକ୍ଷ୍ୟ କରି ତା'ର ସ୍ତ୍ରୀ ଆଗରେ ଥଟ୍ଟା କରି ସ୍ନେହରେ ଚେହ୍ଟ ଚେହ୍ଟ କରି ହାଣନ୍ତି, ତା' ସ୍ତ୍ରୀ ବି ସେଥିରେ ମିଶିଯାଏ, ସେ ବି ତାକୁ କେଞ୍ଚେ ହାଣେ, ଯେ କେଡ଼େ ଆପଣାଭୁଲା ମଣିଷଟାଏ ସେ, କେଡ଼େ ଓଲୁ କେତେ କ'ଣ । ଭଲ ଲାଗେ ।

କେବେ ଦିନେ ଆପଣା ମନରେ ଝଲକ ସେ ଆଖି ପକାଇଥିଲା, ସେମିତି ସମୟରେ, ଯେତେବେଳେ ଅନ୍ୟ ଚିନ୍ତା ଥମିଯାଏ କାଚ ଖମ୍ବ

Digitized by srujanika@gmail.com

ପାଣି ଟଳେ, ତଳର ବାଲି ଦିଶେ । ସେହି କାହିଁ ତଳେ ସେ ଦେଖିଥିଲା ଦୁଇଟି ଆଖିପତାର ଭଙ୍ଗୀର କମିଆ, କେମିତି ସେ ନାଚି ଉଠେ ପୁଣି ଅଧା ଚାହିଁ ହେଲାପରେ ଓହଳି ଯାଏ, ସେତିକିରେ ଶୂନ୍ୟରେ କେମିତି ଅଦେଖା ତେଜ ଖେଳିଯାଏ ଆଉ ଶୁଣିଲା ଗଣ୍ଡରେ ଠିକ ଠିକ ନାଲି ପଡ଼ି କଅଁଳିଲା ପରି ତା'ର ଚେତନାରେ ବି ଲାଗେ ସଜ ସୃଜନର ହିଲ୍ଲୋଳ । କବାଟ କିଳି ଝରକା ବନ୍ଦ କରି ଆପଣାର ଗୁପ୍ତ ନିଧିକି ଖୋଲାଇ ଖୋଲାଇ ଦେଖିଲା ପରି କେତେଥର ନିଜକୁ ନଗ୍ନଟିଆ କରି ସେ ତା ନିଭୃତ ମନର ସେହି ସ୍ୱପ୍ନର ଧାସକୁ ଚୁହିଁ ଚୁହିଁ ଆନନ୍ଦ ପାଇଥିଲା । ନୂଆ ଚତୁରତା, ନୂଆ ଉତ୍ସାହରେ ତା'ର ପୁରୁଣା ଅଭ୍ୟାସ, ଘରର ଜୀବନ ହୋଇ ଉଠିଥିଲା ସରସ ଆଉ ଗତିମନ୍ତ । ସେ ବେଶୀ କାମ କରିପାରୁଥିଲା, ବେଶୀ ଫୁର୍ତ୍ତି ଦିଶୁଥିଲା, ଦୁନିଆର ବୋଝ ତାକୁ ହାଲୁକା ଲାଗିଥିଲା, ଆପଣା ପିଲାଛୁଆ, ଘର ସଂସାର ପ୍ରତି ତା'ର ସ୍ନେହ ଆଉ ନିଷ୍ଠା ଜାଣତାରେ ବେଶୀ ବଢ଼ି ଯାଇଥିଲା ।

ରଗିଣୀ ଦେବୀଙ୍କ ସମ୍ପର୍କରେ ବ୍ୟବହାରରେ ତା'ର ଦମ୍ଭିଲା ଆତ୍ମବିଶ୍ୱାସ ଦେଖା ଦେଇଥିଲା । କଥା ଚପିଲାବେଳେ ଦୂରରେ ନ ବସି ଚୌକିଟାକୁ ପାଖକୁ ଘୁଞ୍ଚାଇ ଆଣି ବସୁଥିଲା । ଫଳରେ ସ୍ୱାମୀଙ୍କ ସଙ୍ଗେ ଚିହ୍ନା ପରିଚ ନ ଥିଲେ ବି ସେ ଦିନେ ତାଙ୍କୁ ଭାଉଜ ବୋଲି ଡାକିବାକୁ ଆରମ୍ଭ କରିଦେଇଥିଲା ଓ ସେହି ଦିନଠୁଁ ଅଳ୍ପ ଅଳ୍ପ ଥଟ୍ଟା ମକଲି ବି କରିଥିଲା କେତେ କେତେବେଳେ ।

ତା'ପରେ ସେ ଦିନ ସଞ୍ଜ ବୁଡ଼େ । ଗସ୍ତରୁ ଆସି ଘରେ ପାଞ୍ଚ ମିନିଟ୍ ରହି ତରତର ହୋଇ ସେ ତାଙ୍କ ଘରକୁ ଯାଇଥିଲା । ଘଟନା ପାଇଁ ଉପଲକ୍ଷ୍ୟ ବି ଥିଲା, ଘରେ ପାଦ ନ ଦେଉଣୁ ସେ ଖବର ପାଇଥିଲା ରଗିଣୀ ଦେବୀଙ୍କୁ ଦି'ଦିନ ଜର ହୋଇଥିଲା ବୋଲି । ପହଞ୍ଚି ଦେଖିଲା, ରଗିଣୀ ଦେବୀ ବି ଯେପରିକି ତାକୁ ଅପେକ୍ଷା କରି ରହିଛନ୍ତି । ମୁଣ୍ଡ ବାଳ ମୁକୁଳା ହୋଇ ଦୁଇ କରେ ଓହଳି ପଡ଼ି ତାଙ୍କର ସରୁ ସୁନ୍ଦର ରୂପ-ଛବି ପାଇଁ ଝଞ୍ଜିଲ ପରି ପୃଷ୍ଠଭୂମି ତିଆରି ଥିଲା । ତାଙ୍କର ଚେହେରାରେ ଚଞ୍ଚଳ ଆଉଟା ଚମକ ଲାଗି ରହିଥିଲା । ଚାହିଁ ଦେଖୁ ଦେଖୁ ଛାତିଁ ବି ଲାଗିଥିଲା ତାର । ଗୁଣ୍ଡ ଦପ ଦପ ତର ତର ହୋଇ ପଡ଼ିଥିଲା । ଖଟ

Digitized by srujanika@gmail.com

ଦାଣ୍ଡରେ ଅଳସ ନହାଇ ତଳି ବସି ଗୋଡ଼ ଝୁଲେଇ ଦେଇ ଥଙ୍ଗେଇ ଥଙ୍ଗେଇ କଥା ଗପୁଥିବା ମଣିଷ ଦେହଟା ଯେପରିକି, ବରଷା ପାଇଁ କାତର ଫଟା ମାଟି ଆଉ ତା' ଉପରର ଚାଷ, ଯାହାର କାମନାର ଟାଣରେ ଆକାଶରୁ ମେଘ ଝରି ପଡ଼େ । ତାହାରି ଚୁମ୍ବକ ପରିସର ଭିତରେ ସେ ଆସି ପଡ଼ିଛି । ତା'ର ଆଖି ବାନ୍ଧି ହୋଇ ରହିଥିଲା । ଧୀରେ ଧୀରେ ଚଉକିଟା ଘୁଞ୍ଚେଇ ନେଇ ନେଇ ଖଟକୁ ଲଗେଇ ଉହୁଙ୍କି ପଡ଼ି ସେ କଥାରେ ଯୋଗ ଦେଇଥିଲା । ସେ କ'ଣ କହୁଛନ୍ତି, ନିଜେ କ'ଣ କହୁଚି ସେଥିପ୍ରତି ତା'ର ଧ୍ୟାନ ନଥିଲା । ଆପଣାର ଚିତ୍ତବୃତ୍ତି ଟାଣ ମୁଠାରେ ଧରା ହୋଇ ଓଟାରି ହେବାର ଅନୁଭୂତିରେ ହିଁ ସେ ବୁଡ଼ିଥିଲା । ପାଲଟା ଜୁଆରରେ ସେ ଓଟାରି ହୋଇ ଚାଲିଯାଉଛି ଉନ୍ମାଦନାରେ, ସେଥିରେ ବି ଅଛି ଏକ ମୁକ୍ତି, ଯେପରିକି ତା' ମନ ସେତିଆ ଚାହିଁ ଅପେକ୍ଷା କରି ରହିଥିଲା ।

ରାତି ସାଢ଼େ ନଅଟା ହେବ । ଦୁଲୁ ଦୁଲୁ ଚାଲି ଆଉ ତା' ଆଗରୁ ଯେଉଁ ପାଟି ଶୁଭେ ତା' ତା'ର ଖିଆଲ ନାହିଁ । କାହାରି ଖିଆଲ ନାହିଁ । ହଠାତ୍ ସେ ଚେତି ପଡ଼ି ତରତର ହୋଇ ସିଧା ହୋଇ ଠିଆ ହୋଇ-ପଡ଼ିଲେ । ସେ ବି ଚମକି ପଡ଼ି ଠିଆହେଲା । ସାମ୍ନାରେ ସ୍ତ୍ରୀ ଠିଆ ହୋଇ ମୁହଁରେ ନାନା ଭୟଙ୍କର ଭଙ୍ଗୀ କରି ଗର୍ଜି ଗର୍ଜି ବଜ୍ର ବୋବାଳି ଛାଡ଼ୁଚି, ଗାଳି ଦେଉଚି । ଅସଭ୍ୟ ଅକଥ୍ୟ ଭର୍ତ୍ସନା ଅଜାଡ଼ି ଦେଉଛି । ଦମ୍ଭ ଗୋଡ଼ ଠେକି ମାରିଲା ନିଗୋଟାଏ ଗୋଇଠା, "ଛି ତମ ମୁହଁକୁ ।" କହିଦେଇ ମଡ଼ ମଡ଼ ତୋଫାନ ପରି ଫେରିଚାଲିଲା । ସେ ବି ଆଉ ପଛକୁ ଅନାଇଁ ନାହିଁ । ଲୁହରେ କାତର ଅପମାନିତା ଗୃହିଣୀ ଦେବୀଙ୍କୁ ଭଦ୍ରତା ପାଇଁ ହେଲେ ସାନ୍ତ୍ୱନା ଆଉ କ୍ଷମା ଜଣାଇବା ପାଇଁ ଚେଷ୍ଟା ବି କରିପାରିନାହିଁ, ଚାଲି ଆସିଛି । ସମାଜର ନିୟମ ସେ କେଉଁଠି ହେଲେ ନ ଭାଙ୍ଗିଲେ ବି ଛାତି ଭିତରେ ସାହସ ପାଇନାହିଁ, ମଣିଷ ପରି ଠିଆ ହେବାକୁ । ଓଲଟି ଲାଗିଥିଲା, ସେ ଭୁଲ୍ କରିଛି, ଦୋଷ କରିଛି, ଅନ୍ୟାୟ କରିଛି । ବାହାରୁ ଅପବାଦର ଗର୍ଜନ ତା'ର ନିଭୃତ ଚେତନା ଭିତରେ ପ୍ରତିଧ୍ୱନି ଉପୁଜାଉଛି ।

Digitized by srujanika@gmail.com

ତା'ପରେ ସେ ଭୟଙ୍କର ଦିନଗୁଡ଼ାକ । ମୁହୂର୍ତ୍ତଗୁଡ଼ାକ ଲମ୍ବିଯାଏ ତୀବ୍ର ଯନ୍ତ୍ରଣାରେ । ଜୀବନ ହେଲା ଗୋଟାଏ ଦୁଃସ୍ୱପ୍ନ । କେମିତି ପୁଣି ଲାଜ ବି ଉଭେଇ ଗଲା । ଦୁଃଖ ବି ଉଭେଇ ଗଲା, ଦାଗ ଶୁଖିଗଲା, ପୁରୁଣା ଜୀବନ ଫେରି ଆସିଲା, ତା' ସେ କହିପାରିବ ନାହିଁ । ସମୟସବୁ ଶୁଖେଇ ଦେଲା । ପାସୋରି ପକାଇବାର ଔଷଧ ବୋଳି ବୋଳି ମଣିଷର ମନ ସବୁ ସହଜ କରିନେଲା । ପୁରୁଣା ପଥ ଖସିପଡ଼ିଲା ।

ଆଜି ତା' ସଙ୍ଗେ ସଙ୍ଗେ କଟିଗଲା ପୁରୁଣା ସମ୍ବନ୍ଧ । ତିନି ମାସ ରହି ଭଗିନୀ ଦେବୀ ଖାଲି ବସା ନୁହେଁ ସହର ବଦଳେଇ ଚାଲିଗଲେ । ବର୍ଷ ଉପରୁ ବର୍ଷ ବିତିଯାଇଛି । ତା'ପରେ ବି ତା'ର ତିନୋଟି ଝିଅ ।

ଏଇ ଛନଛନିଆ ପିଲାଙ୍କୁ ଦେଖି ଆପଣାର ଅତୀତକୁ ଘାଣ୍ଟିଛି ସେ ଏମାନଙ୍କ ସଙ୍ଗେ ସମସରି ହେବାକୁ, ଆଜି ଆବିଷ୍କାର କରିଛି ଭଗିନୀ ଦେବୀଙ୍କ ସ୍ନେହକୁ । ଦେହରେ ନ ହେଲେ ବି ମନରେ ସେ ବି ଦିନେ ତରୁଣ ଥିଲା । ଘଟଣା କିଛି ଘଟି ନ ଥାଉ, ସେହି ଅପବାଦର ଇଙ୍ଗିତ ହେଲେ ବି ଗୋଟାଏ କଳ୍ପିତ ସମ୍ଭାବନାରେ ତାକୁ ସେଦିନ ପ୍ରତିଷ୍ଠା କରିଥିଲା, ପ୍ରମାଣ କରିଥିଲା ତା'ର ତାରୁଣ୍ୟକୁ ।

ଚାଲିଛି ଟାଉନବସ । କେତେ ଲୋକ ଓହ୍ଲେଇଲେଣି, କେତେ ଲୋକ ଚଢ଼ିଲେଣି । ଆପଣା ଭିତରୁ ପଦାକୁ ବାହାରି ଆସିଲା ବେଳକୁ ନେହାତି ହେଲା, ସେ ଜଣେ ଭଦ୍ରମହିଳାଙ୍କ ପିଠିକି ଚାହିଁ ରହିଛି । ପିଠି ଉପରେ ଦୁଇ କାନ୍ଧ ହାଡ଼ ମଝିର ଚଟା ଜାଗାକୁ, ଯେଉଁଠି ବାଇଗଣି କନାର ପରିଧେୟ ଅଳ୍ପ ଟାଣି ହୋଇ ରହିଛି । ଆଉ ତା' ଉପରେ ସୁନାହାର ସରିଏ । ହୁଏତ ତା'ର ମନ ଅଜାଣତରେ ସେହି ଦୃଶ୍ୟହିଁ ଥିଲା ତା'ର ସ୍ମରଣ ଶୁଣାର ଦ୍ୟୋତକ, ଆଖି ଯେଉଁ ଭୂଖଣ୍ଡ ଉପରେ ଭର ଦେଇଛି ସେତିକି ।

କରେଇଟାକୁ ଆଉ ହାତକୁ ଆଣିଲା । ଫାଙ୍ଗୁଳା ଚିନ୍ତାକୁ ମନେ ମନେ ହସରେ ଉଡ଼େଇ ଦେଇ ପୁଣି ଭାବିଚାଲିଲା କରେଇ କଥା, ଆଉ ପିଠା କଥା, ଆଉ ଘରକଥା । କାରବାରୀ ଦୁନିଆରେ ସେ ପାଦ ରଖି ପାରିଛି କିନ୍ତୁ ଆପଣାର ସମସ୍ୟା କେତେ ଦୁଶ୍ଚିନ୍ତା କେତେ ! ସେ ଅନୁଭବ କଲା ଏଠି ସାଫଲ୍ୟରହିଁ ଜୟଜୟକାର । ସହାନୁଭୂତି ନାହିଁ ।

Digitized by srujanika@gmail.com

"ଆରେ କଏ, ଜୁଲୁବାବୁ ନା ?" ସେ ମୁଣ୍ଡରୁ ପାଟି ଶୁଭିଲା । ପଶୁଡାକ୍ତର ଗୋପାଳ ବାବୁ ପଚାରିଲେ, "ସୁକନ୍ଦାରୁ କେବେ ଫେରିଲେ ? ସେଠା ଅର୍ଡ଼ର୍ ସରିଗଲା ?" ଗଣ୍ଡି ଗଣ୍ଡିଆ ଡେଙ୍ଗା ଲୁଚ୍ ମଣିଷ, ଗାଡ଼ି ଭିତରେ ବି ମୁଣ୍ଡରେ ହ୍ୟାଟ୍ ଅଛି । କହିଲେ, "ଆପଣ ତ ଥିଲେ ମୁଁ ଅସିଲା ଭଳି । ଆଉ ସେଠା ଖବର କ'ଣ ? ଆଉ, କୁଆଡ଼େ ଯୁଆଡ଼େ ? କରେଇଟା କେତେ ପଡ଼ିଲା ? ପୁଣି କେବେ ଯିବେ ଗସ୍ତରେ ? ବସା ଏଠି କେଉଁଠି ?" ତାଙ୍କର ଏକାଠି ଜାଡଜାଡକା ପ୍ରଶ୍ନ । ଯେପରି ସେ କୌଣସି ପ୍ରଶ୍ନର ଉତ୍ତର ଲୋଡ଼ ନାହାନ୍ତି । କେତେବେଳୁ ଚୁପ ହୋଇ ଠିଆ ହୋଇଥିଲେ, ଚିହ୍ନା ମଣିଷ ଦେଖି ପକାଇବାରୁ ଖାଲି କଥା ଗପିବାରେ ହିଁ ଆନନ୍ଦ । ପୁଣି କହିଲେ, "ଯାହା ହେଉ ଭାରି ଭଲରେ ଆମର କଟିଥିଲା ଗୋଟାଏ ଦିନ ଡାକବଙ୍ଗଳାରେ । ଆମ ଡାକ୍ତର ବାବୁ ଆପଣଙ୍କୁ ଚିହ୍ନି ନ ଥିଲେ । ମୁଁ କହିଲି କ'ଣ କହୁଛନ୍ତି । ଜୁଲୁବସୁ ଅର୍ଡ଼ରକୁ ଆପଣ ଚିହ୍ନି ନାହାନ୍ତି ?"

କଟକଚଣ୍ଡୀ ଛକ । ଟାଉନ୍ ବସ୍ ରହିଛି । ଆଉ ପାଖେ କାନ୍ଧ ଦ'ଟା ଥରି ଉଠିଲା । ଭଦ୍ରମହିଳା ମୁହଁ ବୁଲାଇ ଦେଲେ । କାବା ହୋଇ ଜୁଲୁ ବସୁ ତାଙ୍କ ମୁହଁକୁ ଚାହିଁଲା । ଏ କ'ଣ ଭଗିଣୀ ଦେବୀ ! ନା, ନୁହନ୍ତି ପରା ! ମୁହଁଟି ଆସ୍ତେ ଆସ୍ତେ ମଣିଷ ଚିହ୍ନିବା ହସରେ ଚେପା ହୋଇଯାଉଛି ନା ? ନା ନୁହନ୍ତି ସେ !

ନିର୍ଣ୍ଣୟ କରିବା ଆଗରୁ କରେଇଟି ଧରି ଭିତରୁ ବାହାରକୁ ଚାଲିଥିବା ମଣିଷ ସୁଅରେ ଠେଲି ହୋଇ ନାଥୁଲୁ ନାଥୁଲୁ ହୋଇ ସେ ଓହ୍ଲାଇ ସାରିଥିଲା । ଟାଉନ୍ ବସ୍ ଚାଲିଗଲା । ଗୋଟାଏ ଦୀର୍ଘଶ୍ୱାସରେ ଅଙ୍ଖାଡକୁ ପୋଛି ଦେଇ ସେ ପାନ ଖଣ୍ଡେ କାଢ଼ି ପାଟିରେ ପୂରାଇଲା । ଗୋଟିଏ ଚୋଟିଏ ହୋଇ ବସାମୁହାଁ ଚାଲୁ ଚାଲୁ ଓହ୍ଲାଥିବା କରେଇଟାର ବୋଝ ଅନୁଭବ କଲା । ଦାମକୁ ସେ ନାପସନ୍ଦ କରିପାରେ ସତ, ମୁହଁ ଛୁଆଁଡ଼ ପାରେ, କିନ୍ତୁ ଦର୍ମ୍ମିଲ କରେଇ, ବହୁତ ଦିନ ଚାଲିଯିବ । ତା'ର ସ୍ତ୍ରୀ ଖୁସିରେ ହସିବ । ଜୁଲୁ ବସୁ ଭାବିଲା ।

Digitized by srujanika@gmail.com

ପିଣ୍ଡ ପରୀକ୍ଷା

ଗଳ୍ପଟି ଯାହାର ତା ନାଁ ନ କହି ମୁଁ ଗାଁ କହିବି । ଗାଁ ଟି ବାଣପୁର ଆଡ଼ର, ପାହାଡ଼ ତଳ । ଆକାରରେ ସେ ମଣିଷଟି ବି ଖଣ୍ଡେ ଟେଙ୍ଗଟିଆ ପାହାଡ଼, ଯେପରିକି ଘାଟଲେର ପର୍ବତରୁ ସାନ ଖଣ୍ଡେ ଛିଣ୍ଡି ପଡ଼ି ଗଡ଼ି ଗଡ଼ି ଗଡ଼ି ଗଡ଼ି ତଳକୁ ଆସି ତଳେ ଗୋଡ଼ ଲଗେଇ ଦେଲା । ସେଇଠୁ ଗଢ଼ିଲା । ସେଇଠୁ ହାଇସ୍କୁଲ ପାଠ ଶେଷ କରି କଟକରେ ଡାକ୍ତରି ସ୍କୁଲ୍‌ରୁ ପାଶ୍ କରିସାରି ଗାଁରେ ବସି ଡାକ୍ତରି ଛଡ଼ା ଅନ୍ୟ ସ୍ଥାନ-ମାନଙ୍କରେ ବି ମୁଣ୍ଡ ଖେଳେଇଲା । ଏହିପରି । ବରକୁଳ ପାଖ ପ୍ରକାଣ୍ଡ ଆକାର ମଙ୍ଗରାଜଙ୍କୁ ଯଦି ଆକାରରେ ରାବଣ କୁହାଯିବ ତେବେ ୟାଙ୍କୁ ଆକାରରେ ମେଘନାଦ କହିଲେ କିଛି ଆପତ୍ତି ନାହିଁ । ତେବେ ଚିଲିକା ମାଛ, ଶାଳିଆ ନଈତଳ କାଦୁଅ ପଙ୍କୁଆ ଜମିର ଧାନ, ବାଣପୁରର ପ୍ରସିଦ୍ଧ ମୁଗଡ଼ାଲି, ଯୋଲେଶ ଘାଟଲେର ତଳ ଔଷଧ-ପବନ ମା' ଭଗବତୀର ଆଶୀର୍ବାଦ, ସବୁ ମିଶି ବାଣପୁର ଲୋକଙ୍କ ଆକାରକୁ ଟିକିଏ ବଡ଼ କରିଦିଏ ବୋଲି ସେମାନଙ୍କ ବିଶ୍ୱାସ, ଆଉ ସେମାନେ ଗର୍ବ ଅନୁଭବ କରନ୍ତି ଯେ ପ୍ରସିଦ୍ଧ ବାଣାସୁରଙ୍କ ରାଜ୍ୟ ସେଇଠି । ଡାକ୍ତର ମେଘନାଦ ବାଣାସୁରଙ୍କ କଥା କହୁ କହୁ ଆଖି ପୋଛନ୍ତି । "ଆଃ ଓଡ଼ିଶା, କାହିଁ ସେ ଶକ୍ତି ! କାହିଁ ସେ ସାହସ ! କାହିଁ ସେ ବୈଭବ ! କାହାନ୍ତି ସେ ବାଣାସୁର !" ସେ ନିଜେ ଫଣ୍ଡା ବୁଲନ୍ତି, ଜଣ ମୋଡ଼ି କୁହାଟ କଳାକଳା ଗୁଡ଼ ପାଇକାଳି ଖେଳ ଦେଖାନ୍ତି । ଖଣ୍ଡିଏଁ ଗାଁ ଦାଣ୍ଡରେ ଯେଉଁ ପ୍ରକାଣ୍ଡ ଗୋଲ ଗୋଲ ପଥର ପଡ଼ିଥାଏ ଯାହାକୁ ନଇଁ ପଡ଼ି ବାହାରେ କୁଣ୍ଢେଇ ଧରି ଛାତିରେ ଲଗାଇ ଧରି ଟେକିବାକୁ ହୁଏ, ତାକୁ ବି ଟେକନ୍ତି । ଏଣେ ପ୍ୟାଣ୍ଟ କୋଟ ଟାଇ ଷ୍ଟେଥସ୍କୋପ୍ ପିନ୍ଧନ୍ତି । ରସ ରସିଆ କଥା କହନ୍ତି. ବେଢା ବେଢା, ଆଉ ଲୋକେ କହନ୍ତି—

Digitized by srujanika@gmail.com

ବାଣପୁରିଆ ଘଇ
ଖାଲିଆ ନଇ
ଶୋଲେଇ ଶିଖ
ମୟୂର ବାଙ୍କ, ସ୍ୱାଙ୍କୁ ହୁସିଆର ।

ପାଇକ କଳକଳା ରଡ଼ ଦେଇ କୁହାଟ ମାରୁ ମାରୁ, ଝାଳ ନାଳ ହୋଇ ପଥରମାନ ଟେକି ପିଠିର ବାହାରେ କଚ ଦେଉଁକୁ ବଜ୍ରାଙ୍ଗ କରୁ କରୁ, ଲମ୍ବା ପାଞ୍ଚହାତିଆ ଛ'ହାତିଆ ଖଣ୍ଡା ପକୋଉ ପକୋଉ, ଝିଟିପିଟି ଲଙ୍ଗୁଡ଼, ଚେମେଣି ଚଡ଼େଇର କଳ ଦାନ୍ତ, ବେଙ୍ଗ ଘୁଙ୍ଗ, ମୂଷା ନଶ, ଉଡ଼-ଉଡ଼ାଳିଆ ପର, ଧୋବ ଅଙ୍କରାନ୍ତ ଚେର, ବାରବର୍ଷିଆ ପଟର ଏକାଠି ବାଟି ମାଈ ଦୁଧରେ ଫେଣ୍ଟି ଝଣ୍ଡା ଦାଢ଼ରେ ବୋଳି କେମିତି ପାଗ କଲେ ଏ ଖଣ୍ଡା ଜଗତଜିତା ହେବ ସେସବୁ ଉପାୟ କରୁ କରୁ ଇଂରେଜ ମାଡ଼ ଆସିଲେ, ଦେଶ ଉଚ୍ଛନ୍ନ ହୋଇଗଲା ।

ତନ ଘଣ୍ଟା ପରେ ଚତୁର୍ଥ ଘଣ୍ଟାକ ବ ବସିପଡ଼ ପ୍ରକାଣ୍ଡ ପାନ ବାଟାରୁ ଦ୍ୱାବଂଶ ଖଣ୍ଡ ପାନକୁ ପ୍ରକାଣ୍ଡ ହାଁ ଉଁ ଭିତରେ ଭର୍ତ୍ତିକରି ଦୁଇ ନାକପୁଡ଼ାରେ ଅଧଗ୍ରମୁଠାଏ ମାପରେ ନାସ ଠେସି ଅଣରୁଣ ପବନ ପ୍ରକୋପରେ ଛିଙ୍କମାନ ଛିଙ୍କି ଡାକ୍ତର ମେଘନାଦ କହିଲେ—

"ତା ପରେ ଦକେଇ ଅର୍ଥାତ୍ ଦଳପତିମାନଙ୍କୁ କୁହାଗଲା ତୁମେ ପାଳିକରି ପହରା ଦବ, ସାହବ ବଙ୍ଗଳାକୁ ଆସିଲେ ତେମେ ବଙ୍ଗଳା ଓଟେଇବ, ପାଣି ଆଣିଦବ, କମୋଡ଼ ମୁଣ୍ଡେଇ ଗସ୍ତରେ ବୁଲିବ, ପେଟ ବିକଳରେ ଗାଁ ଗୋଟାକର ଦଳପତି କମୋଡ଼ ବ ବୋହିଲେ ଆଜ୍ଞା, ଖଣ୍ଡାଏଡ଼ ଶ୍ରବଣ କୌଣସିମତେ ଆଗ ମୁଁ ବଞ୍ଚଯାଏ, ଜୀବନ ରହେ; ପ୍ରାଣ ଉପରେ ପଡ଼ିଲେ ସବୁ ବୀରତ୍ୱ କୁଆଡ଼େ ଉଡ଼ିଯାଏ, ଦେଖନାହାନ୍ତି ଜାପାନୀ ଆକ୍ରମଣବେଳେ ସିଙ୍ଗାପୁରରେ ବ୍ରିଟିଶ୍‌କେଶରୀ କ'ଣ କଲେ—"

ଟଳକା ଶୋଇ ଶୋଇ ସ୍ୱପ୍ନ ଦେଖୁଛି । ଗଇଁଣ୍ଠା ପାଉଁଶ ବର୍ଣ୍ଣ, କାଚପରି ଥିର ପାଣି, ଏକ ପ୍ରକାଣ୍ଡ ଅର୍ଦ୍ଧବୃତ୍ତ ଆକାରର, ପାଣି ସେପାରି ଛ'କୋଶ ଦୂରରେ ହସିଲାପରି ଦିଶୁଛି କେଇଟା ଗଛର ପ୍ରେତାତ୍ମା, ସେଠି

Digitized by srujanika@gmail.com

ନବକୃଷ୍ଣ ପ୍ରସାଦ । ବାଁ ପଟେ ଭେଳପରି ପାହାଡ଼ ଚିଲିକା ଭିତରକୁ ପଶି ଆସିଛି, ସେଠି ଘଟଦୋଣ୍ଡିଆ ପାହାଡ଼, ଯାହା ମୁଣ୍ଡରେ ପ୍ରକାଣ୍ଡ ଦୀପ ଜଳିଲେ ଚିଲିକାର ବୋଇତମାନଙ୍କୁ କୂଳକୁ ଆସିବାକୁ ବାଟ ଦିଶୁଥିଲା । ତାହାଣେ ଜହିଆନାସିର ପାହାଡ଼ ଖଣ୍ଡା ଉପର ଖଣ୍ଡାପରି ବଙ୍କେଇ ହୋଇ ଚିଲିକା ଭିତରକୁ ଡେଶହୋଇ ରହିଛି, ଆକାଶରେ ଖଣ୍ଡଖଣ୍ଡ ଜକ ଜକ ଚୁପେଲା ମେଘ ଭସି ଭସି ବୁଲୁଛି । ଦୂରରେ ଦୂରରେ ଚିଲିକା ପାଣିରେ ଛୁଡ଼ ଛୁଡ଼କା ଗୋଟି ଗୋଟିକିଆ ବହଳ କଳା ଛୁଇପରି ଡଙ୍ଗା, ସେଥିରେ ସିଧା ଠିଆ ହୋଇଥିବା ଗୋଟିଗୋଟିକିଆ ମଣିଷଙ୍କ ଛାଇ ମୂର୍ତ୍ତି । ଚିଲିକା ପାଣିରେ ଅସଂଖ୍ୟ ଛିକ ଛିକ ଭଉଁରି ଘାସି ବୁଲଗଲାପରି ଦିଶୁଛି । କୂଳଠୁଁ ଅଳ୍ପଦୂର ଧାଡ଼ ଧାଡ଼ ହୋଇ ମାଛଧରିବା ବଜା ଟଙ୍ଗା ହୋଇଛି । କୂଳରେ କୁଡ଼ କୁଡ଼ ହୋଇ ଧଳା ପଥର ଗଦା ହୋଇଛି । କେରେକେ ଘରଗୁଡ଼ିକ, ଡେଙ୍ଗା ଡେଙ୍ଗା ନଡ଼ିଆଗଛ ଚାଳେ ମାଟିଘର, ତା'ର ପାଉଁଶିଆ ହଳଦିଆ ବୃକ୍ଷ । ସମସ୍ତେ ସଚେତକ ଅପେକ୍ଷା କରି ଭୁବନଚାନ୍ଦ ଠିଆ ହୋଇ ରହିଛନ୍ତି, ଏଣେ ଇତିହାସ ବୋହି-ଯାଉଛି, ସମସ୍ତ ବୋହିଯାଉଛି । ଯେପରିକି କଏ କ'ଣ କଥା କହୁଥିଲା କ'ଣ ନିର୍ଦ୍ଦେଶ ଦେଉଥିଲା, କଥା ମଝିରେ ଅଟକି ଯାଇଛି । ବିତିଗଲାଣି ସାଢ଼େ ଚାରିଶହ ବର୍ଷ, ପୁରୁଷୋତ୍ତମ ଦେବେ କୃଷ୍ଣା ନଈକୂଳରେ ଶେଷ ନିଶ୍ୱାସ ଛାଡ଼ିଥିଲେ । ସେବେଠୁ କେତେ ଦୀର୍ଘଶ୍ୱାସ ଛାଡ଼ିଲାଣି ଏ ଦେଶ, କେତେ ଦୁଃଖ ଦୁର୍ଦ୍ଦଶା ଭିତରେ ପଡ଼ିରହି ଦିନ ଗଣିଛି, କେତେବେଳେ ଅବା ମାତି ଉଠିଛି କେଉଁ ଘଡ଼ିରେ, କେତେବେଳେ ବିଦେଶୀ ଶାସକର ଝାଡ଼ା ଫେରିବା କମୋଡ୍ ବୋହିବୁଲିଛି ଦିନେଇ, ଦଳଦେବେଙ୍କ ପହରା ଦେଇଛି । ଦିନ ମଙ୍ଗଳ ମଙ୍ଗଳ ଆସୁଛି । ଆଉ ଟିକକେ ଆରମ୍ଭ ହେବ ଭଗବନ୍ତଙ୍କ ପାଟରେ ପଞ୍ଚ ଆଳତି, ପୁରୁଣା ବଡ଼ ମାଦଳ ତାଉଁ ତାଉଁ ହୋଇ ବାଜିବ, ତା' ସହିତ ତାଙ୍କ ଉଡ଼ାଇଁ ବଡ଼ ଘଣ୍ଟ, ସାରଙ୍ଗୀ, ସାର କାହାଳୀ । ଶୋଲେର ପର୍ବତରୁ ଭାଲେର, ଭାଲେର ପର୍ବତରୁ ଶୋଲେର ଲହଡ଼ି ଭାଙ୍ଗିବ ସେହି ଶବ୍ଦ, ମନ୍ଦରେ ମନ୍ଦରେ ସତେ କି ପ୍ରତିଧ୍ୱନି ଉଚ୍ଛୁଳି ଉଠିବ, ହନୁଆଡ଼ର ଉଗ୍ରତାର ଦେଉଳରେ, ପୁଣି ପର୍ବତ ଉପରେ ଜଙ୍ଗଲରେ ମାଡ଼ିମୁଡ଼ି ହୋଇପଡ଼ିଥିବା ଗଡ଼ମାନଙ୍କରେ—ଫୁଞ୍ଜିଆମାଗଡ଼, କୋଣେ ନ ଯାଉଣୁ ନଗଲଜା ଗଡ଼, ପୁଣି କୋଣେକେ ବଙ୍କାଡ଼ ଗଡ଼,

Digitized by srujanika@gmail.com

ପ୍ରାଚୀନ ରାଜଧାନୀ, ପୁଣି କୋଶେଗଲେ ଅଗ୍ଂଗଡ଼ । ଅଗ୍ଂଗଡର ପାଂଚ ବଖର ଅନ୍ଧାର ଗୁମ୍ଫା, ସେଠି ସ୍ୱାଧୀନତା ସଂଗ୍ରାମର ନେତା କୃତ୍ତିବାସ ପାଟ୍ଟଶାଣୀ ରହୁଥିଲେ, ତନ୍ତ୍ର ସାଧୁଥିଲେ, ପୁଞ୍ଜିଆମାଗଡ଼ ପଚ୍ଛଆଡ଼େ ମାଇଲାଏ ଗଲେ ଖଣ୍ଡାଧାର ପର୍ବତତଳେ ବରଜାଈ ଠାକୁରାଣୀ, ମହା-ପ୍ରସିଦ୍ଧ ସେ, ଯୋଦ୍ଧା ଖଣ୍ଡାଏତମାନେ ତାଙ୍କୁ ସାଧୁଥିଲେ ।

ସବୁ ମନେପଡ଼ିଲା ଡାକ୍ତର ମେଘନାଦଙ୍କ କଥରେ ଆଉ କୃତ୍ତିବାସ ପାଟ୍ଟଶାଣି ନାଁ ଧରୁ ଧରୁ ସତେ ଯେପରି "ପଞ୍ଚୁଆ ଫତିହା"ର ଇତିହାସ ଆଖି ଆଗେ ଆଗେ ଖେଳିଗଲା । ଗମ୍ଭାରମୁଣ୍ଡା ପାଖେ ରାଟପଡ଼ା ଗାଁ । ପୁଣି ପଞ୍ଚୁଗାଁ—ଗୋରୁମୁଣ୍ଡ ଥାପିଲା ପରି ବଳଦ ଢକାଳ ପଞ୍ଚୁଆକୁ ସ୍ୱାଧୀନତା ସଂଗ୍ରାମରେ ରାଜା କରା ହୋଇଥିଲା ବୋଲି ତା' ନାଁରେ ସେ ଗାଁ ବସିଥିଲା, ପୁଣି ଦେଓଗାଁ—ଯେଉଁଠି ପାଟ୍ଟଶାଣିଙ୍କର ନଜର ଘରଥିଲା, ଉଡଗାଁ—ଯେଉଁଠି ଖଣ୍ଡାଏତ ସୈନ୍ୟମାନେ ରହୁଥିଲେ, ଝଙ୍କା ଗୁଲୁଣ୍ଡା ଗଛ ମାଳ ମାଳ ଆଉ ଡେଙ୍ଗା ନଡ଼ିଆଗଛର ଡୋଟା ଆଉ ଏ ପାହାଡ଼ ଆଉ ଏ ଚଳକା ସବୁ ଯେପରିକି ପୁରୁଣା ହଜିଲା କଥାର ସାକ୍ଷୀ ଦେବେ ଯେ ବାଣାସୁରଠୁଁ ଏଯାଏଁ କେତେ ଘଟଣା ଘଟି ଯାଇଛି, କେତେ ଇତିହାସ, ତାହାର ମଝିରେ ଅଷ୍ଟତର ନଦଗ୍ରାମ ଉଠି ଠିଆ ହେଲେ ଯେପରିକି କୃତ୍ତିବାସ ପାଟ୍ଟଶାଣି, ସୌନ୍ଦର୍ଯ୍ୟରେ କୋଣାରକ ଉତ୍ତର କାନ୍ଥରେ ଘୋଡ଼ା ଉପରେ ସୂର୍ଯ୍ୟ ବଂଶରେ ବସିଥିବା ନରସିଂହ ଦେବଙ୍କ ପରି ବରକୁଳର ପ୍ରକାଣ୍ଡ କେଲୁ ମଙ୍ଗରାଜଙ୍କଠୁଁ ଆହୁରି ପ୍ରକାଣ୍ଡତର, ଆହୁରି ବଳଶାଳୀ ସେହି ଜଣେ ଲୋକ ଯେପରିକି ସମସ୍ତଙ୍କୁ ଅଭିଭୂତ କରି ରଖିଲେ, ଯେପରି ସେ ଅଭିଭୂତ କରି ରଖିଥିଲେ ସହସ୍ରେ ସହସ୍ରେ ଲୋକଙ୍କୁ ତିନବର୍ଷ ଯାକେ, ତାଙ୍କ ଶଗୁର ବହମପୁରର ଦଳବେହେରା ଇଂରେଜଙ୍କଠୁଁ କିଛି ପାଇବା ଲୋଭରେ ତାଙ୍କୁ ଧରେଇ ଦେବାଯାକେ, ଆପେ ଫାଶିକାଠରେ ଝୁଲିବା ଯାକେ, ଯେପରିକି ସେ ଅତି ବାସ୍ତବ, ଅତି ସତ ।

ଡାକ୍ତର ମେଘନାଦ ଏକ ପ୍ରଚଣ୍ଡ ଦୀର୍ଘଶ୍ୱାସ ପକାଇ କହିଲେ, "ଯାଇଛନ୍ତି ସେ ଯାଇଛନ୍ତି । ଆଜି ଓଡ଼ିଶା ମୁଲକରେ ସେପରି କେହି

ପୃଷ୍ଠାଏ ନାହିଁ । ଆମେ ଆଜ ଇତିହାସ ଗଢ଼ୁଚୁ, ଘୋଷୁଚୁ, ଯେମିତି ହଜାର ହଜାର ଅନ୍ୟଲୋକ କରୁଛନ୍ତି, କିନ୍ତୁ ଆପଣା ବୁଦ୍ଧିବଳରେ ଦେଶର ଇତିହାସ ତିଆରି କରି ଭବିଷ୍ୟତର ବଂଶଧରମାନଙ୍କ ପାଇଁ ରଖିଦେଇ ଯିବାଭଳି ଆମେ କିଛି କରୁ ନାହିଁ । ଭବିଷ୍ୟତରେ ଲୋକେ ଆମକୁ ମନେ ରଖିବେ ନାହିଁ, ମନେରଖିବାକୁ ଚେଷ୍ଟା କଲେ ବି ପାରିବେ ନାହିଁ । ଗଲା ସାଢ଼େ ତିନିଶ ବର୍ଷ ସହିତ ଯେ ବି ମିଶିଯିବ । ଏକ ଅନ୍ଧାର ଇତିହାସ ।”

ସାମ୍ନାରେ ଚିଲିକା, ସୁନ୍ଦର ଚିଲିକା, ନିରର୍ଥକ ପ୍ରାଣହୀନ ଗନ୍ଧହୀନ ଭାଷାରେ ଅଙ୍କା ହୋଇଥିବା ଉଜ୍ଜଳ-କମଳା ବିଳାସ—ପତ୍ରିକା, ମଗଜ-ମାକାମା-ମାକାମ୍ବୁ ଚିଲିକା ନୁହେଁ ଆଦୌ ନୁହେଁ, ଯେଉଁସବୁ ଶବ୍ଦ ଶୁଣିଲେ ମନରେ ଗୋଟାକୁ ଗୋଟା କିଛି ସ୍ପଷ୍ଟ ଛବି ଉଠେ ନାହିଁ, କିମ୍ବା ଗୋଟାଏ ଶବ୍ଦର ଗୋଟାଏ ଅସ୍ପଷ୍ଟ ଛବି ପାଖେ ଆଉ ଶବ୍ଦର କୁହୁଡ଼ିଆ ଛବିକୁ ଏକାଠି ଥୋଇଲେ ବିନ୍ୟାସରେ କୌଣସି ଛନ୍ଦ କୌଣସି ତାତ୍ପର୍ଯ୍ୟହୀନ ବାରିହୁଏ ନାହିଁ । ସୁନ୍ଦର ଚିଲିକା, ଜୀବନ୍ତ ଚିଲିକା ଆଖି ଆଗେ ମେଲି ହୋଇରହିଥିବା ଛବି ସମଷ୍ଟିରୁ ଚିଲିକାର ବ୍ୟକ୍ତିତ୍ୱ ବାରି ହୋଇପଡ଼େ । ସେଠି ଛଟପଟ ନାହିଁ, ହାତଗୋଡ଼ ପିଟାପିଟି ପାଇଁ ଗରଜ ନାହିଁ, ଗୋଳମାଳ ନାହିଁ, ଶବ୍ଦ ନାହିଁ । ସେ ଜାଣେ ସେ କି'ଣ, ଆତ୍ମସ୍ଥ ହୋଇ ଅନନ୍ତ ଆକାଶ ସହିତ ଲିପ୍ତ ଲାଗିଏ । ସେଠି ଆଖି ପଲକରେ ଛବି ବଦଳି ବଦଳି ଯାଉଥାଏ, ଜାତି ଜାତି ବର୍ଣ୍ଣ, କେତେବେଳେ ସବୁଜ, କେତେବେଳେ ହଳଦିଆ, କେତେବେଳେ ଶୁଆ ପଚିଆ, କେବେବେଳେ ନାଳି, କେତେବେଳେ କେଉଁ ବର୍ଣ୍ଣ । ସେଠି ଆକାଶ ଆଉ ପାଣି ଏକାନ୍ତବର ଏପାଖ ସେପାଖ ହୋଇ ମିଶିଯାଏ । ପୁଣି ଉପର ପାହାଡ଼ର ବହଳ ନେଳି, ତଳ ପାହାଡ଼ର ଗାଢ଼ ସବୁଜ, କୂଳ ତୋଟାରେ ଶୁଆପଚିଆ ବର୍ଣ୍ଣ, କେତେବେଳେ କୂଳପଟ ପାଣିର ଜକ ଜକ ସବୁଜ ଓ ଦୂରପାଣିର ନେଳିକଳା ଏକ ଛନ୍ଦରେ ଆଙ୍କି ହୋଇ ରହେ । ସେଠି ଦୃଷ୍ଟି ଆପେ ଚହଲିଯାଏ ଅତି ଦୂରକୁ ବୋଲି, ଆକାଶକୁ ଅନୁଭବ କରିହୁଏ ପୁଣି ପାଣିକୁ, ଆକାଶରେ ଦେଖି ହୁଏ ବଉଦମାନଙ୍କର ଅଦ୍ଭୁତ ମୂର୍ତ୍ତି, ଅସଂଖ୍ୟ ଛବି, ଆପଣାକୁ ବିଛେଇ ଦେଇ ହୁଏ, ମନଇଚ୍ଛା ବିହ୍ବଳ

Digitized by srujanika@gmail.com

ଦୂରକୁ ବୋଲି, ପୁଣି ଆପଣା ଖୋଳରେ ଥାଇ ପଦାରେ କଳ୍ପନାରେ କଳ୍ପନାରେ ପ୍ରତିଫଳିତ ହୋଇଥିବା ଆପଣା ବ୍ୟକ୍ତିତ୍ୱକୁ ନିରେଖି ଦେଖି ହୁଏ, ଦେଖି ଦେଖି ହୃଦ୍‌ଗୁଳା ହୋଇଯାଇ ସବୁ କୁଆଡ଼େ ହଜିଯାଏ ଆଉ ହଠେ ଚିଲିକାର ସେଇ ମାୟା ବସ୍ତୁତ, ଅନ୍ଧାର ପଡ଼ିଲେ ବି ଜହ୍ନିରେ ହାତ ଛୁଇଁ ଦେଲେ ଫସ୍-ଫରସ୍ ଆଲୁଅରେ ପାଣିରେ ଗାର କାଟିହୁଏ ।

ଇତିହାସ ବୁଲିଯାଇଛି । ଚିଲିକାରୁ ସମୁଦ୍ରକୁ ସିଧା ବାଟ ଚୁଣ୍ଡି ହୋଇଛି । ଚିଲିକା ପୋତି ହୋଇପଡ଼ିଲାଣି । ଖାଲି ସଢ଼ା ଫଳ ସରସର, ତାର ସଢ଼ା ଜଳର ଦୁର୍ଗନ୍ଧ କୋଶ କୋଶ ଦୂରକୁ ପବନରେ ଉଡ଼ି ଉଡ଼ି ଯାଉଛି । ତଥାପି ସବୁ ସଚେତକ ସର ନାହିଁ । ତାକୁ ଗୁହିଁଲେ ଲାଗୁଛି କ'ଣ ଯେପରିକି ଘଟିବ ବୋଲି ସବୁ ସଚେତକ ଅପେକ୍ଷା କରିଛି । ଚିଲିକା ବି ଅପେକ୍ଷା କରିଛି । ନିତି ସକାଳୁ ଚିଲିକାର ସ୍ଥିର ଦର୍ପଣଯାକ ସିନ୍ଦୂର-ଗୁଣ୍ଡା ଅଜାଡ଼ି ଅଜାଡ଼ି ସୂର୍ଯ୍ୟ ସେ ପାଣିରୁ ବାହାରେ, ଆକାଶରେ ଚଢ଼େ, ସୋଲେର ପାହାଡ଼ ନେକରେ କେଉଁ ଯୋଡ଼ିଏ ପାହାଡ ଶିଙ୍ଘ ମଝିରେ ଖାଲ ଭିତରକୁ ଚଢ଼ିପଡ଼େ, ଏମିତି ଦିନ ପରେ କେତେ ଦିନଯାଏ, ହଂସପଲ ଉଡ଼ି ଆସନ୍ତି, ପାଣିଯାକ ବସନ୍ତି, ଶୀତ ସରେ, ହଂସ ବୁଲି-ଯାଆନ୍ତି । କିନ୍ତୁ ଚିଲିକାର ସେ ଠାକ ବସିବା ସରେ ନାହିଁ ।

ଘଟିବ, ଘଟିବ, ଅବଶ୍ୟ କିଛି ଘଟିବ ।

ପ୍ରକାଣ୍ଡ ଆକାର ଡାକ୍ତର ମେଘନାଦଙ୍କ ସ୍ଥିର ଦୃଷ୍ଟିରେ ସେହି ଆଶ୍ୱାସନା, ଯେ ଅବଶ୍ୟ କିଛି ଘଟିବ ।

କ'ଣ ଘଟିପାରେ ? କ'ଣ ବା ବାକି ଅଛି ଘଟିବାକୁ ? ଏଇ ଚିଲିକା କୂଳେ କୂଳେ ଭୂଇଁ କାଦୁଅ ହୋଇଛି ମଣିଷ ରକ୍ତରେ । ଦନ୍ତପୁର ଓ ଦନ୍ତପୁରୀ ବିଶ୍ୱବିଦ୍ୟାଳୟ, ଧର୍ମ, ସଂସ୍କୃତି, ଶାନ୍ତି, ଅହିଂସା, ହିଂସା, ଅତ୍ୟାଚାର, ବିଶ୍ୱାସଘାତକତା, ମିଥ୍ୟା, ପାପାଚାର, କ'ଣ ନ ଘଟିଛି ଏଠି ! ଚିଲିକା ପାଣିରେ ମାଛଠୁ ବଳି ଏଠି କାହାଣୀ ସାଲୁସାଲୁ । ତଥାପି ଆହୁରି କ'ଣ ଘଟିବ ବୋଲି ସବୁ ସଚେତକ ଥମ୍ଭି ଯାଇ ଅପେକ୍ଷା କରିଛି ।

Digitized by srujanika@gmail.com

ସଞ୍ଜ ଆହୁରି ପାଖକୁ ଲଗି ଲଗି ଆସିଲଣି । ଚିଲିକା ଉପରର ଆକାଶ ଆଗଠୁ ଅନ୍ଧାର ପଡ଼ି ଆସିଲଣି । ପ୍ରାଗୈତିହାସିକ ଜନ୍ତୁମାନଙ୍କ ପରି କଳା କଳା ହୋଇ ପ୍ରକାଣ୍ଡ ପ୍ରକାଣ୍ଡ ରୁକ୍ଷ ପଥର ନାକ ଦେଖାଇ ଥଣ୍ଟ ଦେଖାଇ ଚିଲିକା ପାଣିରେ ଶୋଇ ରହିଛନ୍ତି । ଲାଗୁଛି ଦୂରରୁ ଦୂରରୁ ଅଷ୍ଟାଦଶ ବୋଇତ ମାଳ ମାଳ ଏଥର ଦିଗ୍‌ବଳୟ ଟପି କୂଳକୁ ମୋହିଁବାର ବସିବେ । ଟିଆପାଲ ବୋଇତ ଲେଉଟି ଆସୁଥିବେ ଚୀନ ସାଗରରୁ ପରା । ଦୀପ-ଆଡ଼ୁଆ ପାହାଡ଼ ଉପରେ ଦୀପଶିଖା ତାଙ୍କୁ ଆମନ୍ତ୍ରଣ କରିବ, କୂଳରେ ଥାଇ ସାଧବ ବୋହୂମାନେ ତାଙ୍କୁ ବନ୍ଦାପନା କରିବେ । କି ଅବା ଘଣ୍ଟଶିଳା ପାହାଡ଼ ଉପରେ ପ୍ରକାଣ୍ଡ ଘଣ୍ଟ ବାଜି ଉଠିବ, ସଙ୍କେତ ଦେବ "ଏକାଠି ହୁଅ ପାଇକ ସେନା, ଏକାଠି ହୁଅ ।"

ଗୋଟିକିଆ କାଉଟିଏ ପାଣିକୁ ଲାଗେ ନ ଲାଗେ ତଳେ ତଳେ ଉଡ଼ି ଉଡ଼ି ଫେରୁଛି । କଜଳପାତିଟିଏ ଖଣ୍ଡେ ଡାଙ୍ଗ ଉପରେ ବସିରହି ଗୀତ ଗାଇବାକୁ ଆରମ୍ଭ କଲଣି । ଛୁଆଁଡ଼ ମାରିଲା ପରି ଝିକିଝିକି ଚଢ଼େଇ ମେଞ୍ଚା ମେଞ୍ଚା ଆକାଶସାକ ବଟେଇ ହୋଇଯାଉଛନ୍ତି । ଆଉ ମୁହୂର୍ତ୍ତକୁ ଆଉ ଦିଶୁନାହାନ୍ତି । ଆକାଶରେ ମେଘ ମାଳ ମାଳ ଭାସି ବୁଲୁଛନ୍ତି । ପ୍ରକାଣ୍ଡ ପ୍ରକାଣ୍ଡ ଜାହାଜ ଚାଲିଛି, ମଝିରେ ମଝିରେ ଆକାଶରେ ଏଠି ସେଠି ସଳଖ ନାଲି ଗାର, ସତେକି ଆକାଶର ନାଲି ସଡ଼କ । ତା ତଳେ ଧାଡ଼ି ଧାଡ଼ି ତାଳଗଛମାନ ଠିଆହୋଇଛନ୍ତି । କଳା କଳା ସରଳରେଖାମାନ, ତା' ଅଗରେ କଳା ବାହୁଙ୍ଗା, କେତେଠାରେ ବାହୁଙ୍ଗା ବି ନାହିଁ । ଅନ୍ଧାର ନିବିଡ଼ ହୋଇ ମାଡ଼ିଆସୁଛି । ଦିଗ୍‌ବଳୟ ପାଖେଇ ଆସୁଛି । ଏଥର ବିସ୍ମୃତି ଘୋଟିଯିବ ।

ବହୁତ ବେଳ ଗୁମ୍ ହୋଇ କଟିଲଣି । ଗମ୍ଭୀର ଚେତନା, ସେହି ମାଡ଼ି ଆସୁଥିବା ଅନ୍ଧାର ପରି । ଏଥର ସେ ପୁଣି କଥା କହିଲେ ଡାକ୍ତର ମେଘନାଦ, ସମସ୍ତେ ବେକ ଉହୁଙ୍କେଇ ଅନାଇଁ ରହିଲେ, ଯେପରିକି ଯାହାକୁ ଅପେକ୍ଷା ଥିଲା ସେହି ଏଥର ଆତ୍ମ-ପ୍ରକାଶ କରିବ, ହଜିଥିବା କେଉଁ ଏକ ସୁବାସ, କି ପାଟଶାଣ । କି ଅବା ଏଥର ମାଳିକା ଫଳିବ,

Digitized by srujanika@gmail.com

ସତ ଉପୁଜିବ, ମିଛ ଭେଦ ଛନ୍ଦ କରୁଥିବ ନାହିଁ । କନ୍ଧ କଥା କହିଲେ ସେ—ଡାକ୍ତର ମେଘନାଦ, ଆଉ କହିଲେ ସେହି କଥା, ସେହି କଥା, ସେହି ଜାତି ଧ୍ୱଂସ ବେଳର କାହାଣୀ :—

ଝଣ୍ଡାଏତ୍ ଅଡ଼ ବସିଲା, କହିଲା ହେବୁ ତ ସ୍ୱେବନା ହେବୁ, ସ୍ୱେବନଶ୍ୱରରେ ସବୁ ଦଅଙ୍କ ଭିତରେ ରଜା ହୋଇ ପୂଜା ପାଇବୁ, ନହେଲେ ହବୁ ଝରଖିଆ, ମଟିମଟିକଆ କାହିଁକି ? ସେ ଇଂରେଜୀ ପାଠକୁ ଆପଣାଠୁଁ ଦୂରେଇ ରଖିଲା, କହିଲା ଫିରିଙ୍ଗି ପାଠର ଅକ୍ଷର ଗୋରୁ ମୁତମୁଣ୍ଡିକା ଗଳପରି, କହିଲା ଯେ ମୋର ରାଜ୍ୟ ନେଲା, ଜାଗିର ନେଲା, ମୋ ଭାତଥାଳି ଛଡ଼େଇ ନେଲା, ତା ଭାଷା ଫେର୍ ମୁଁ ଶିଖିବି ! ତା କଚେରିକି ଫେର୍ ମୁଁ ଯିବି, ସ୍ୱୀକାର କରି ! ରଜା ହୋଇଥିଲା । ପରଜା ହୋଇ ହଳ ଧରିବ ସେ ଭଲ, ଇଂରେଜ ପାଖରେ ସ୍ୱୀକାର କରିବାକୁ ଯାଇ ପାରିବ ନାହିଁ । ବିତିଗଲା ଏମିତି ତିନି ପୁରୁଷ, ସେ ଇଂରେଜୀ ପାଠ ପଢ଼ିଲା ନାହିଁ କି ପୁରୁଣା ଓଡ଼ିଶୀ ପାଠ ପଢ଼ିବାକୁ ପାଇଲା ନାହିଁ । ସେ ଆବିର୍ଭୂତ ହେଲା ଏକ ନୂଆ ରୂପରେ, ସେ ଚାଷୀ । ଯେଉଁ ଓଡ଼ ବୋଲନ୍ତେ ରଜା ବୋଲାଉଥିଲା, ସେ ଓଡ଼ ହେଲା ଖାଲି ଚାଷୀ । ତା'ର ବୁଦ୍ଧି ବି ସେହି ଅନୁରୂପ ହୋଇଗଲା ।

ସେହି ବୁଦ୍ଧି କଥା କହୁଛି ବର୍ତ୍ତମାନ । ଢ'ସମ୍ପଣ ହାଟରୁ ପଟେ ଲେଖାଁ ବଅଳ କିଣି ଯାଇଥିଲେ, ଆମ ଗାଁ ଦଳବେହେରା ହରି ପୁଝାରୀ ସିଂ ଆଉ ତାଙ୍କ ଗାଁ ଦଳବେହେରା ରଘବ ଉଠାଣ ସିଂ । ଦଳବେହେରା ବୋଲନ୍ତେ ଗାଁର ମୁଖିଆ ଲୋକ, ପୁଣି ହଜାରେ ଲତୁଆ ପାଇକଙ୍କ ଉପରେ ସର୍ଦ୍ଦାର । ସେତେବେଳକୁ ବନ୍ଧିକାଢ଼ଡ଼ି ଇସ୍କୁଲ ଆଉ ଇଂରେଜୀ ପାଠକୁ ବଏକଟ୍ କରି ଆପେ ହୋଇଛନ୍ତି ଟିକା ଚାହ୍ଲ ମହାନନ୍ଦ । ହେଲେ ଟେଟେହେବାଟିମାନ ଥାଏ, କି ବରକୁଳର କେନ୍ଦୁ ମଙ୍ଗରାଜ ତାଙ୍କ ଆଗରେ, ଏଡ଼େମୁହଁ, ଏଡେ ଗାଲ, ଏଡ଼େ ନିଶ । ଇଂରେଜ ତାଙ୍କ ଜାଗିର ଛଡ଼େଇ ନେଇ ଥାଏ ସିନା, ଟେହେରା ବାଗେଇବା ତ ଉଣା ନ ଥାଏ, କାମ ଭିତରେ ତ ଖାଲି ଚାଷ କରିବା ଆଉ ଗାଁରେ ଆସି ପଥର ଟେକିବା, ଝଣ୍ଡା ନଉଡ଼ ଖେଳିବା, ଦଣ୍ଡ ସାଧନ ଭାଙ୍ଗିବା, ଦେହ ଠିକ୍ ଥାଏ । ମସ୍ତ

Digitized by srujanika@gmail.com

ବଡ଼ବଡ଼ ବଳଦ ପଟେ ଲେଖାଁ କରି ଫେରୁଥାନ୍ତି । ଇଞ୍ଜିନପୁର ପାଖ ନଈ ପୋଲ ହେଲା, ମୁଣ୍ଡ ଉପରେ ଖରା, ଭୋକରେ ହଂସା ଉଡ଼ିଲା । ଦହିଁଙ୍କ କାନ୍ଧରେ ଗାମୁଛା, ଗାମୁଛାରେ ପାଖେକେ ଚୂଡ଼ା ଡବପା ଲେଖା ବନ୍ଧା ହୋଇଛି ତ ଆଉ ମୁହଁରେ ଗଣ୍ଠିରୀ ହୋଇଛି ଲୁଣ, ଲଙ୍କା ଓ ଆମ୍ବୁଲ । ଠିଆ ଠିଆ ଚୂଡ଼ା ଗଣ୍ଠିରୀମାନ ପାଣିରେ ବତୁରେଇ ନେଲେ । ଖାଇବାକୁ ଗଲାବେଳେ ମନେପଡ଼ିଲା, ଆରେ ଏ ବଳଦ କୋଉଠି ରହିବେ ? ଯୁଝାର ସିଂ ବୁଦ୍ଧି ପାଞ୍ଚିଲେ, ବଳଦ ପଘାକୁ ନେଇ ଆପଣା ଗୋଡ଼ରେ କସିକରି ବାନ୍ଧିଲେ । ସମୁଧୀଙ୍କ ଦେଖାଦେଖି ଉଠାଣ ସିଂ ବି ଅନୁକରଣ ସେଇଆ କଲେ । ଆପଣା ବୁଦ୍ଧି ବିଚକ୍ଷଣତା ଭାବି ବି ସମୁଧୀ ପଟେ ହସାହସି ହେଲେ । ତା ବି ବେଶୀ ସମୟ ନୁହେଁ, ପାଟିରେ ଚୂଡ଼ା ଗୁଣ୍ଡା, ହସିବାକୁ ଜାଗା ନାହିଁ । ଗୁହୁଁ ଗୁହୁଁ କଟକ ଡବପା ଓଜନର ଚୂଡ଼ା ଜଣକଣକେ ଶେଷ କରିଦେଲେ । ପୁଣି ଯୁଝାର ସିଂ ମନେ ପକାଇଲେ, ଚୂଡ଼ା ତ ସରିଲା ଆଉପାଖେ ଆମ୍ବୁଲ ଲୁଣ ଲଙ୍କା ରହିଗଲା ଯେ ! ସେ ପାଖ ଗଣ୍ଠିରୀ ଖୋଲିଦେଇ ଆମ୍ବୁଲରେ ମନ ଲଗାଇଲେ । ଆମ୍ବୁଲ ସ୍ୱାଦ ଲାଗିଲା, ଯୁଝାର ସିଂ ଆମ୍ବୁଲ ରେନ୍ତ ବସି ବସି ଟାକରା ଫୁଟାଇଲେ । ଏପର୍ଯ୍ୟନ୍ତ ତାଙ୍କ ବଳଦଟି ନିଶ୍ଚିନ୍ତ ଥିଲା । କିନ୍ତୁ ଯେମିତି ସେ ଟାକରା ଫୁଟେଇଛନ୍ତି ସେମିତି ଯେ ବଳଦ ମାରିଲା ଡିଆଁ । ଯୁଝାର ସିଂ ଚିତ୍କାର କରୁଥାନ୍ତି—"ସମୁଧୀ ରଖ ରଖ, ମରିଗଲି ମରିଗଲି ।" ସମୁଧୀଙ୍କ ବି ସେଇ ଦଶା, ସେ ବି ଆମ୍ବୁଲ ଖାଇ ଟାକରା ଫୁଟାଇ ଥିଲେ । ବଳଦ ପଛେ ପଛେ ଦଉଡ଼ିରେ ବନ୍ଧା ହୋଇ ମାଟି ପଥର ଥୁଣ୍ଟା କଣ୍ଟା ଉପରେ ଘୋଷରା ହୋଇ ହୋଇ ଦହିଁକାଦହେଁ ଗଡ଼ଗଡ଼େଇ ଗଡ଼ଗଡ଼େଇ ଝୁଲାଛନ୍ତି । ସେ କହୁଚି ସମୁଧୀ ରଖ, ସେ କହୁଚି ସମୁଧୀ ରଖ; ବଳଦ ଦଉଡ଼ୁଛନ୍ତି ଏକାଥରେ ତାଙ୍କ ଖାମିନ୍ଦଙ୍କ ଘରମୁହାଁ ।

ସେଠି ଏତେ ପଥର କୁଣ୍ଡ ଟେକିବା ସାଧନ ଭଙ୍ଗିବା, ପାଇକାଳି କରିବା କଷ୍ଟ କାମ ହେଲା ନାହିଁ । ସେଇ ଦ' ସମୁଧୀଏ ପୁଣି ମାଲ ଘରେ ଜନମ ହୋଇଥିଲେ, ଉଠାଣ ସିଂଙ୍କ ବାପେ କଟୋଉ ମାଡ଼ ଦ'ହାତରେ ଦ'ଟା ଗୁଡ଼ ମାଠିଆ ଦାନ୍ତରେ ଧରି ଆଉ ଗୋଟାଏ ଗୁଡ଼ ମାଠିଆ ଏକାଠି

Digitized by srujanika@gmail.com

ଠେକୁଥିଲେ ତ ଯୁଝାର ସିଂଙ୍କ ବାପେ ଚକଲଗା ଶଗଡ଼ର ଅଖକୁ ଅଣ୍ଟାରେ ସମତୁଲ କରିଥିଲେ, ଶଗଡ଼ ଚକାକୁ ହାତରେ ଠେକୁଥିଲେ, ଦେହଯାକ ପଥରରେ ଛେଚା ହେଉଥିଲେ । ହଠାତ୍ ଅନ୍ଧାର ଘୋଟିଗଲା । ଚାହୁଁ ଚାହୁଁ ବରଷା ପଡ଼ିଲା । ଚାଲିଲା ତା ପରେ ହାତୀଶୁଣ୍ଢ ପରି ଗଳି ଗଳି । ପବନର ବେଗ ବଢ଼ି ବଢ଼ି ଚାଲିଲା । ମେଘନାଦ ଉଠି ଠିଆ ହେଲେ, ସେତେବେଳକୁ ସେ ଅଧା ଜୁଡ଼ୁବୁଡ଼ୁ ହେଲେଣି । ଆଉ ପାଲ୍ଟା ସିଂ, ପାତଳା ସିଂ, ପାହାଡ଼ା ସିଂ, ରଣ ସିଂ, କହଲ ସିଂ, ଛୁଆଳ ସିଂ, ଆଗାଉ ସିଂ, ଜପୁ ସିଂ, ସମ୍ବର ସିଂ, ବାଘ ସିଂ ସବୁ ସିଂହଯାକ ଦରଦର ଜୁଡ଼ୁବୁଡ଼ୁ ହୋଇ ଦେହ ଶୀତେଇ ଶୀତେଇ ଉଠି ଠିଆ ହେଲେ । ଚାଳ ଘର, ମାଟି ପିଣ୍ଡା, ଉପରୁ ଗଳୁଛି । ଘୁତ ପଡ଼ୁଛି କି ଉଠୁଛି । ସାନ ଟ୍ରଙ୍କ୍ ପରି ପାନବଟାକୁ ଖୋଳି ଖାଲି ଅଛି ଦେଖିସାରି ମେଘନାଦ କହିଲେ ଚଞ୍ଚଳ ଆପଣା ଆପଣା ଘରକୁ ଫେରିବାକୁ ପଡ଼ିବ, ଏ ଜଣାଯାଉଛି ଚିଲିକା କୂଳିଆ ଝଡ଼ପାଗ ଧରିଲା, ବେଳକୁବେଳ ବଢ଼ିଯିବ, ତେବେଣେ ଘର ଚାଳ ବି ଉଡ଼ିଯିବ, ପାଣିକ ଭରସିକରି ନ ଓହ୍ଲେଇଲେ ଏମିତି ବସିଥିବା । ସେମାନେ ଅନ୍ଧାର ଓ ବରଷାରେ ମିଶିଗଲେ । ସେଥିରେ ବାରଣ ନ ଥିଲା । ଖାଲି ଆତଙ୍କହିଁ ଥିଲା ।

ବରଷା ଲାଗି ରହିଲା । ଏଇଥିପାଇଁ ଯେପରିକି ଚିଲିକା ସତେମିତ ସମଗ୍ର ପ୍ରକୃତି ଅପେକ୍ଷା କରି ରହିଥିଲା ।

କାଗଜ-ଡଙ୍ଗା

ଧାଁ-ଧାଁ-ଧାଁ-ଧାଁ-କୁଆଡ଼େ ପଳେଇବ— ନଇଲେ ବୁଡ଼ିଯିବ— ନଇଲେ ଆଉ କଏସେ ଯନ୍ଧ ପାଇଯିବ ତେବେ ଆମେ ଦୌଡ଼ିବାଟା— ଜାଣିଚୁ ନା—ଆରେ ଧାଡ଼େରକା—ଧାତ୍—ଦୌଡ଼ିବା ଆଉ କଥା କହିବା ଏକାବେଳକେ— କାହିଁ କଏ କୁଆଡ଼େ ଧାଇଁ ପଳାଇଲେଣି ଆଜି ସେ ଖାଲି ଉପଦେଶଗୁଡ଼ାକ ବୋବେଇ ବୋବେଇ ବାଣ୍ଟି ବାଣ୍ଟି ରହିଲେଣି ପଛରେ । ଇନ୍ ଚେଇଁଲା ଆପଣା ମୂର୍ତ୍ତିଟାକୁ ଆଜି ପ୍ରାଣପଣେ ଧାଇଁଲା । ମେଘ ଉଡ଼ିଲା କଉ୍ କଉାକ୍ ତାଇ ତାଇ । ରାସ୍ତା ଦ'ପାଖେ ଠିକ ଠିକ ଦୋକାନ ଘରେ ଆଲୁଅ ଗୁଡ଼ାକ ହେଇ ନୂଆ ହୋଇ ଲଗିଛି, ଧାଇଁଲବେଳେ କେମିତି ମାଳ ମାଳ ହୋଇ ଦିଶିଯାଉଛି ଠକ୍ ଠକ୍, ଯେମିତି ହେଇ ସେ ଟିପ ଉପର ରାସ୍ତାରେ ଟେସନ ଫେରନ୍ତ ଝଟ୍‌କାଗାଡ଼ିଗୁଡ଼ାକ ଆଲୁଅ ଜାଳି ତା' ପଛକୁ ତା' ପଛ ହୋଇ ତଳକୁ ତଳକୁ ଧାଇଁ ଧାଇଁକା ଆସନ୍ତି ଯେମିତି ଦିଶୁଛି । କିନ୍ତୁ ସେ ଦୌଡ଼ୁଛି ସେମାନେ ଦୌଡ଼ୁନାହାନ୍ତି । ଆଉ ଗାଡ଼ିର ଯେଉଁ ଝଣ ଝଣ ସେଇଟା ଶୁଭୁଛି ତା' କାନ ଭିତରେ, ସେଇଟା ପଦାରୁ ଆସୁନାହିଁ । କିନ୍ତୁ ପଦାରୁ ବି ଶୁଭିଲା । ତଣାତ୍-ତଣ ତଣାତ୍ ହୋଇ ବାଜି ଉଠିଲା ଜଗନ୍ନାଥ ଦେଉଳର ଆଳତି ବାଜା । ଇନ୍ ରେଳ ଯେପରିକି ଅଦ୍ଭୁତ ଉତ୍ସାହିତ ହୋଇ ଧାଇଁଲା । ଆଗରେ ଏଇଟା କ'ଣ ? ଓଃ ସେଇ ଚିହ୍ନା ଷଣ୍ଢଟା, କଳା କଟି କଟି । ପିଠିରେ ପାହାର ଉପରୁ ପାହାର ବସୁଥିବ ନିର୍ବିକାର ହୋଇ ଯେମିତି ସେ ଧୀରେ ସୁସ୍ଥେ ପାଦେ ଉପରୁ ଆହୁରି ପାଦେ ହୋଇ ଦୋକାନ ଭିତରକୁ ମୁହଁ ଉହୁଂକେଇ ଖାଇ ଲାଗିଥିବ ପରିବାପତ୍ର କି ଗୁଡ଼ିକ ଡାଲି । ଯେପରିକି ଷଣ୍ଢ ନୁହେଁ ଏକ ନିଦା ନିଷ୍ଠିତ ଭବିତବ୍ୟ ଆଉ ଦୋକାନୀ ଆଖିଡୋଳାକୁ କପାଳରେ ଖୋସି ଉଚ୍ଚାଟ ଚିତ୍କାର କରି କାନ ଅତଡ଼ା ପକାଉଥିବ, ଭାରି ଭଲ ଲାଗେ ଦେଖିବାକୁ । ଯାଃ ବଜାର ସରିଗଲା, ବସ୍ତି ସରି ଆସିଲା । ଷଣ୍ଢ ଏଡ଼ି ଶଗଡ଼କୁ କରପଟେଇ ବୁଲି ନଈକୂଳକୁ ଗଲାବେଳକୁ ବାଉରି ବାଡ଼ ଭିତରୁ ବାହାର

Digitized by srujanika@gmail.com

ଡେଇଁ ଡେଇଁକା ଧାଇଁଗଲେ ଆହୁରି ପଞ୍ଚାଏ, ଏମାନେ ଡମ୍ବ ଲୋକେ । ଏ ବି ଗଲେ ସେଇଆଡେ । ଇଲି ରେଳର ମୁଣ୍ଡ ଭିତରେ ସେଇ କଳବାଜା ବାଡ଼ି ଉଠିଲା ଧାଁ-ଧାଁ-ଧାଁ । ଇଲି ପ୍ରାଣପଣେ ଧାଁ ଆଉ ଏ ମୁହଁରେ ବାଜିଲା ନଈ କୂଳର ପବନ ଆଉ ସେ ଶୁଣିଲା ବଢ଼ିଲା ନଈର ଛଳ ଛଳ ଶବ୍ଦ । ମଣିଷର ନୁହେଁ, ଚରଚର ନୁହେଁ, କାହାରିକି ଖାତିରି ନାହିଁ, କେଉଁ କଥାକୁ ପରେଇ ନାହିଁ । ଆପଣା ସୁଖେ ବୋହିଯାଉଛି ଅଥଳ ପାଣି, ତାରି ଶବ୍ଦ, ଶବ୍ଦ ନୁହେଁ ଯେପରିକି ଏକ ଭାଷା । ସେ କ'ଣ କହୁଛି । ଇଲି ରେଳ ଗୁଁ କୁ ଗୁଁ ଏଁ ଗତି ଥମେଇଲା । ଓଃ, ଆଖି ପାଉ ନାହିଁ ନଈ, କଳା ପାଣି, ମୁହଁ-ଅନ୍ଧାର ଘନେଇ ଦିଶୁଛି ଦଲଦଲିଆ ମେଘ ଗୁଇରେ । ନଈ ଆରପାଖେ ଦୋକାନ ଘରମାନଙ୍କ ଆଲୁଅ ମିଟି ମିଟି ଦିଶୁଛି । କେତେ ଦୂରରେ, ସେପାଖର ସଡ଼କ ଏପାରର ଘାଟ ସବୁ ନିସ୍ତବ୍ଧ ହୋଇ ସାମ୍ନାରେ ଲମ୍ବି ରହିଛି ନଈ, ବହୁଛି ମନ ସୁଖେ ।

ପୁଣି ମନେପଡ଼ିଗଲା, କେତେ ଲୋକ ଧାଇଁ ପଳାଇଲେଣି, ହୁଏତ ଆଗ ସେମାନେ ଭେଟିବେ, ସେମାନେ ଗୋଟେଇନେବେ, ଛଡ଼େଇ ନେବେ, ଆଉ ସେ ପାଇବ କ'ଣ ? ଇଲି ରେଳ ନଈ କୂଳେ କୂଳେ ଆସ୍ତେ ଆସ୍ତେ ଦଉଡ଼ିଲା । କରପଟିଆ ହୋଇ ତା' ମୁହଁ ଉପରେ ପଡ଼ିଲା କ୍ଷୀଣ ଟର୍ଚ୍ଚ ଲାଇଟ୍ ଆଲୁଅ, ଶୁଭିଲା "କିଏ, ଇଲି କରେ ?" ପୋଲିସି ସିଙ୍ଗାମୁ ରେକାର ପାଟି ସେ ଚିହ୍ନି ପାରିଲା, ପୋଲିସି ପୂଲିସ୍ ନୁହେଁ, ଏମିତି ଖାଲି ତା'ର ଘାଁର ଆଗ ଫାଟକ । ଦିହେଁ ଏକା ବୟସୀ, ସିଙ୍ଗାମଙ୍କୁ ତେଇଶ ବର୍ଷ, ଇଲିକୁ ଏକୋଇଶ, ଏକ ଜାତି, ରେଳ । ଏକା ବୃତ୍ତି, ଦୂରକୁ ବଣକୁ ଯାଇ କାଠ ଆଣି ବିକିବା, ଚେନ୍ଦୁଳି ଦିନେ ଚେନ୍ଦୁଳି ଅଣି ବିକିବା, ମହୁଲ ଦିନେ ମହୁଲ, ଆଉ ମଜୁରିଆ କୁଲି କାମ, କିଛି ନ ମିଳିଲେ ହେଇ ସହରରେ ବୁଉଳ କଳ ଅଛି, ଇଟାକାମ ଅଛି, ଦିନକୁ ପାଁ ସିକା ବି ମିଳିଯାଏ । ଗେଟମ୍ ଗାଟମ୍ ଇଲି, ସିଙ୍ଗାମ୍ ଡେଙ୍ଗା ନାହକା, ନାଉଆ ହାତରେ ଇଲିର କାନ୍ଧକୁ ଧରିପକାଇ କହିଲା, "ଖାଲିଟାରେ ଧାଇଁଚୁ କାହିଁକି ? ଆଲୁଅ ଆଣିଚୁ ?"

"ଆଲୁଅ ?"

Digitized by srujanika@gmail.com

"ଆଲୁଅ ନୁହେଁ ଆଜ କ'ଣ ବୋଲୁଅ ? ଏ କଣ ଚେନ୍ନାଳ ଝାଡ଼ବା ହେଇଚ ଭାବଚୁ ? ଦେଖ୍‌ନୋଉଁ କେମିତି ଅନ୍ଧାର ମାଡ଼ି ଆସୁଚ ? ଆଜ ତା' ପାଙ୍କୁ ମେଘ, ଆଜ ତୁ ଭାବଚୁ ଏଇ ମେଘୁଆ ଅନ୍ଧାରରେ ସବୁ ଠାବ କରିବୁ, ତୋ ଆଖି ଡୋଳାରେ ନଲ୍‌ଟିନ୍ ଟଙ୍ଗା ହେଇଚ, ଆଜ କ'ଣ ନୁହେଁରେ ?"

ଇଲ ହସିଲ, କହିଲ, "ତୁ ଯେତେବେଳେ ଏ ଲଇଟ୍‌ଟା ଉଟେଇ ନେଇ ଆସିଲୁ ସେତେବେଳେ କେତେଟା ଆଲୁଅ ତୋ ଅଣ୍ଟାରେ ବାନ୍ଧି ନେଇଥିଲୁ କହ—" ଇଲ ଜାଣେ । ସିଙ୍ଗାମ୍ କହିଲ, "ଚୁପ୍ ଚୁପ୍, ତୁ କ'ଣ ଭାବଚୁ ? କିଏ ଶୁଣିଦେବ ଆମେ ଅଡୁଆରେ ପଡ଼ିବା । ନେ, ବଢ଼ୁ ଝା । ଅଚ୍ଛା ତୁ ଏତେ ଵୀର ପରି ଧାଉଁଚୁ ଯେ, ଦେଖା ପଡ଼ିଗଲେ ପାଣିକି କୁନ୍ଦ ପଡ଼ିବୁ, ପେଟରେ କଣ୍ଟି ରଖିଚୁ ? ପକେଇଚୁ କଣ୍ଟି ?"

"ସେଇଟା ତ ମୁଁ ଭୁଲିଯାଇଚ ”

"ଭଲ୍ କରଚୁ । ପାଣିରେ ମାଛ ହେଇ ଭାସିବୁ କେତେବେଳ ତା' କହିହେବ ନାହିଁ, ପେଟରେ କଅଁ ଛୁଆଁଲୁ ନାଇଁ, ଯାହାପେଇଁ ଜାଉଚୁ ତାର ପରି ହବୁରେ ଇଲ, ମୋ କଥା ମାନ ଯା ଟୋପିଏ ପିଇଥା । ହେଇ ଆଗରେ ତ ପଡ଼ିବ, ନୂଆଗୁଡ଼ାର ସଓର ଆଣି ବିକୁଥିବେ ଖେମାଦାସର ବଟିଗଛ ଘରେ, ମାଗିଲେ କାଳଦେବେ । ପିବା ଚାଲ୍—" । ବାଙ୍କ ବୁଲିଗଲେ ।

କେତେ ଦୂରରେ ଦିଶୁଚ୍ଛି ନଅାଁ ହୁଳାଗୁଡ଼ାଏ ଏକାଠି ଧାଉଁଛନ୍ତି, ଫେର୍ ଇଲର ମୁଣ୍ଡ ଭିତରେ ସେଇ ଧାଁ ଧାଁ ଧୂନ, ସିଙ୍ଗାମ୍‌ର ବାହାକୁ ମୁଠାଇ ଧରି ଝାଙ୍କେ ଦେଇ ସେ ଦୌଡ଼ିବାକୁ ଆରମ୍ଭ କଲା । କହିଲ, "ତୋର ବୁଦ୍ଧି ଅଛି ସିନା ସିଙ୍ଗାମ୍ମୁ, ହେଲେ ଏଇ ମଦ ଲକଗୁଟା ତୋର ଗଲ ନାହିଁ, ମଦୁଆ କାହିଁକା, ତୁ ଯେମିତିକ ସେଇ ଜଗୁ ନାହାକ ପରିଟା, ଏତେ ବୁଦ୍ଧି ଯେ ସେ ସହରର ଯେତେ ଧନୀ ସାଉକାର ତାଙ୍କୁ ଏ ହାଟରୁ ନେଇ ସେ ହାଟରେ ଯାଇ ବିକିବ । ଏଣେ ଆପେ ମଦରେ କାବୁ ହେଇ ବାରମ୍ବାର ଗୋଟାଏ ହରବରରୁ ଆଉ ଗୋଟାଏ ହରବରରେ

Digitized by srujanika@gmail.com

ଯାଇ ପଡ଼ୁଥିବ, ସେଇମାନେ ତା' ମୁଣ୍ଡରେ ଗୋଇଠା ମାରୁଥିବେ ସେତେବେଳେ । ଦଉଡ଼୍ ଦଉଡ଼୍ ନଇଲେ ଘରକୁ ଯା ଶୋଇବୁ ନଇଲେ—"

"କହୁନୁ କହୁନୁ । ନଇଲେ ଗୁରୁବାଘ ଘରେ—"

"କହିଲକ ତତେ ?

"ନ କହିଲେ ବ ବୁଝିଲ । ସେ ଆଜ ଗୁରୁବାଘ ମଣିଷ ଚନ୍ଦ୍ରିକ ନାଇଁ, ଟ୍ରେଷ୍ଟା ସାହୁକାରର ବଡ଼ପୁଅ ଆଜ ଆସିଚ, ଦେଖି ନୋଉଁ, ସେଇ ଲମ୍ବା ନେଳଆ ମଟରଗାଡ଼ିଟା ଆଜ ବୁଲୁଥିଲ—"

"ଧାଁ ଧାଁ ସିଙ୍ଗାମୁ, ପରଲୋକ ବିଷୟରେ କଥା କହୁ କହୁ ଏଣେ କାମ ଭଣ୍ଡୁର ହୋଇଯିବ । ଖାଲି କଥା—"

କଟି କଟି ଅନ୍ଧାର ମାଡ଼ିଆସିଲା, ତଥାପି ନଈ ଉପରେ । ବାରିହେଉଛି କଚ୍ଛ କଚ୍ଛ, ମେଘ ଗର୍ଜନ ବଢ଼ିଲା । ତାପରେ ଲାଗିଲା ବଜ୍ରର ଟେକ, ଭୁଡାଇ ଭୁଡାଇ ଘୁରଆଡ଼ ଆଲୁଅ ହୋଇଯାଏ । ଆଗରେ ଆଉ ନଥାଁ ହୁଲା ଦିଶୁନାଇଁ । ରେଲ ସାହିର ଲୋକେ, ଡମ୍ବ ସାହିର ଲୋକେ, ନାଉରିଆ ସାହିର ଲୋକେ, ଆଉ କେତେ କେତେ ସାହିର ଟାଣୁଆ ମଣିଷ, କଏ କେତେ ଆଗରୁ ଦୌଡ଼ି ପଳାଇଛନ୍ତି, ପଛରୁ ଦୌଡ଼ି ଦୌଡ଼ି କଏ ଆସୁଛନ୍ତି, ଧାଇଁ ଗଲେଣି । ଇଲା ଏଥର ଦେହ ବାଧିକା ଅନୁଭବ କଲା, କହିଲା, "ରହ ସିଙ୍ଗାମୁ, ଟିକଏ ପରେସ୍ତା କରିସାରି ଯିବ ।"

ସିଙ୍ଗାମ୍ ହସିଲା । କହିଲା ତେତା ପଶୁଛି ତାହେଲେ ଧୀରେ ଧୀରେ । କହିବୁ ତ ଆଉ ଦୌଡ଼ି ପାରୁନାଇଁ ଆଉ ପରସ୍ତା ପରସ୍ତା ପଡ଼ଆର କଥା କହୁଚୁ କାହିଁକି ? ହଉ ବସ୍ ତୁ, ମୁଁ ବି ଆଉ ଖଣ୍ଡେ ବିଡ଼ି ଲଗାଏଁ ।

ବସୁ ବସୁ ଇଲା ମାଣ୍ଡେଇ ହେଲା । ସିଙ୍ଗାମ୍ ଠିଆ ହୋଇ ବିଡ଼ି ଲଗାଇ ଟାଣିଲା ଜୋର୍‌ରେ । ଇଲା ଆସିଲା । ସିଙ୍ଗାମ୍ କହିଲା, "ଏଥର ଚାଲ ଚାଲ ଯିବା, ଦୌଡ଼ିବାକୁ ବହୁତ ବେଳ ଅଛି ।"

Digitized by srujanika@gmail.com

ଝକ ଝକ ଜଙ୍ଗଲରେ ପରସ୍ପରିତ ଧସି ଧସି ଯାଉଛି । ନକ୍ଷତ୍ରଯାକ ଏମୁଣ୍ଡ ସେମୁଣ୍ଡ ଅନ୍ଧାର ଭିତରେ ଧସିଯାଉଛି ମଝିରେ ମଝିରେ ସୁନା ପାଣିପରି । ନା, ସୁନା ନୁହେଁ, ଇଲ ତାର ଲେଭମାସ୍ଥ ଧାରଣାକୁ ସଂଶୋଧନ କରି ଭାବିଲା, ଗୋଟାଏ ବିରାଟ ଜୀଅନ୍ତା କ'ଣ କରୁଛି । ସତେ, ତାର ଜୀବନ ଅଛି, ନଈ ନୁହେଁ ନଈ ବେଶରେ ଗୋଟାଏ ଶକ୍ତି । କାହିଁ କେଉଁ ଦୂରରୁ ଆସିଛି କେତେ ପାହାଡ଼ ଧାରି, ଏକାଠି ମିଶିଛି, ତା'ପରେ ଝୁଲୁଛି ହୋଇ ତାର ପଛଆଡ଼ରେ । ଝୁଆଡ଼େ ଝୁଲୁଛି । କୁଆଡ଼େ ହଜୁଛି । କେତେ କାଳ ହେଲା ଝୁଲିଆସିଛି ଏପରି । ପଛରେ ରହିଗଲାଣି ସହରର ବସ୍ତି, ସେତେ ଦୂରରେ ନୁହେଁ, ନଈ ଉପରେ ଲମ୍ବେ ଲମ୍ବ ହୋଇ ବଢ଼ି ଉଠିଛି ଏ ସହର । ନଈ ସେ ପଟେ ମେଞ୍ଚାଏ ଲେଖାଁ ଅନ୍ଧାର, ଜଙ୍ଗଲ ମାରିଲେ ହୁ କରି ଧସିଯାଏ ଷେତ, ଡୋଟା, ଠିକ୍ ନଈ ତାକୁରେ ଗୋଟାଏ ଗୋଟାଏ ବସ୍ତି । ବାଲି ବୁଡ଼ିଛି, କଣ୍ଟିଆ ବୁଡ଼ିଛି ଖାଲି ଏପାଖ ଡୋଟାମାନ ଢିପାମାନ ନହେଲେ ସେପାଖରେ । ନାହାକୁଠ ରହିଲାଣି କାହିଁ ପଛରେ ।

ସିଙ୍ଗାମୁ ତାର ବାହାକୁ ଝାଙ୍କି ଦେଇ କହିଲା, "କ'ଣ ଭାବୁଚୁ ସାଙ୍ଗ ? ଯିବା ଫେରି ?"

"ଫେରି ଯିବା । କଏ ଜାଣିଚି ମିଳିଯିବ ଯଦି—"

ସିଙ୍ଗାମୁ କହିଲା, 'ମିଳିବ ବୋଲି କ'ଣ ତୁ ଧାଇଁଚୁ ?"

ମିଳିଯିବା କଥା ପଦକ ଆପଣା ପାଟିରୁ ବାହାରି ପଡ଼ିଲା ପରେ ଇଲର ଆଖି ଅନ୍ଧାର ଭିତରେ ଝକ୍‌ଝକ୍ ହେଲା, ସିଙ୍ଗାମୁ ଦେଖି ପାରିଲା ନାହିଁ ତା' ମୁହାଣି, ଦେଖି ପାରିଲା ନାହିଁ ସେ କେମିତି ଓଠ ଚୁଟୁଛି, ଜିଭକୁ ଏକରି ସେକରି ବୁଲାଇ ବୁଲାଇ ଦବଣ୍ଡୁଛି । ଆଜି ଇଲ ଦେଖିଲା, ଢୋଲିହେଲ ପରିଶ୍ରମ ନୁହେଁ । ବ୍ୟବସାୟୀ ସାହୁକାରମାନଙ୍କର କୋଠା ଆଜି ମେଡ଼ ଘରର ଆଗଛମା, ସେ କଳ୍ପନା କରିଛି, ଭିତରେ କେତେ ଗୁଡ଼ିଏ ଆଜି ପ୍ରାଚୁର୍ଯ୍ୟ । ମନଇଚ୍ଛା ଖାଇବାକୁ । ପିନ୍ଧିବାକୁ ଜାଡଜାଡକା । କଏ ଜାଣିଚି, ହୁଏତ ଟଙ୍କେ ଆପଣାର ବୋଲି ଘର, ମେଡ଼ ନ ହେଉ ଖପର

Digitized by srujanika@gmail.com

ଘର ହେଉ ପଛେ । ସେଠି ତା'ର କଳହଣ୍ଡୀ ବୁଢ଼ୀମା' ନ ଥାନ୍ତା, ଖାଲି ମିଛକଥା କହିବ ଖଣ୍ଡିବ ଶୋଧିବ, ତାହାକୁ ପୁଣି ସିଙ୍ଗାମ୍ମ ସାଙ୍ଗରେ ପଡ଼ କେଉଁଠି କିଛି କଲେ ପୁଲିସ ଆଗରେ କହିଦେବ । "ମୁଳିଆ ହେଉ ଗରିବ ହେଉ ତୋ ବାପା କେଡ଼େ ଭଲ ଲୋକ ହୋଇଥିଲାରେ ଇଲା, ସାହୁକାର ତା' ହାତରେ ଗୋଦାମ ଘରର ଚାବି ଦେଇ ଦେଇବ ନିଶ୍ଚିନ୍ତ ହୁଏ ।" ହଃ ସାହୁକାର ଆଉ ବାପାର ଭଲ ପଣ । ଇଲା ସେ ସବୁ ମାନେ ନାହିଁ । ସତେକି ଜନ୍ମ ହୋଇଥିଲା ଏଇ ସାହୁକାର ପିଲାଙ୍କ ସେବା କରି କରି ମରି-ଯିବାକୁ । କିଛି ରଖିଯାଇ ନାହିଁ, ମଲାଣି ବି କେବଠୁଁ । ଏତେ ଦିନର ଏତେ ଉପାସ ଏତେ ହିନମାନ କେଉଁଠି ଥିଲା ତା'ର ବାପା ଆଉ ସେଇ ପେଡ଼ିମାନଙ୍କ ପାଖେ ନଇଁ ନଇଁ ଚଳ ସେ ଦିନ ହଟେଇ ଦେଇଗଲା । ମା' କଟକଟି ହେଲେ ବି ଖରାରେ ତରାରେ ଖଟିବା ମଣିଷ, ପନି ପରିବା ହେଉ, କମଳା ଲେମ୍ବୁ ହେଉ, ଆଉ ହେଉ ଯାହା ମିଳିଲା ପସରା ମୁଣ୍ଡେଇ ନେଇ ବିକୁଥିବ । ଆଗେ କରୁଥିଲା ଇଟାବୁହା କାମ, ସଡ଼କରେ ରୋଲର ଓଟରା କାମ, ଏବେ ଆଉ ବଳ ପାଉନାଇଁ, ଖାଲି ଅଣ୍ଟା ହାଡ଼ । ପସରା ବୁଲାଏ, ପଇସାଟିଏ ମାଗିଲେ ମହା ଖଟାଁଟାଏ, ମୁଠା ହାତ, କିନ୍ତୁ ଇଲାର ରୋଜଗାରର ପଇସା ଓଟାରି ନେବାକୁ—ସବୁକାଳେ ସେ ଭାରି ଧୁରନ୍ଧର । ବାଟରେ ଯାଉ ଯାଉ ମନେପଡ଼ିଲା ସେଇ କଥା । ଆଉ ତା' ସହିତ ତା'ର ହିଂସା ଜଳି ଉଠିଲା, ସହରଯାକ ହୋଇ ଯେତେ ଲୋକ ନାନା ପ୍ରକାର ବେପାର ଉପାୟ କରି ଭଲରେ ଚଳନ୍ତି, ଯେ ଧନବନ୍ତ, ଯେଉଁମାନେ ଭଦ୍ର, ପଦସ୍ଥ, ତାଙ୍କୁ ସେ ହିଂସା ଆଉ ଅବଜ୍ଞାରେ ଭାବ ଆସିଛି ପିଲାଦିନୁଁ, କିନ୍ତୁ ଏଇ ନଗ୍ନଟିଆରେ ବଢ଼ିଲା ନଈ କୂଳେ କୂଳେ ଦୁଲୁକି ଉଠୁଥିବା ମେଘ ଅନ୍ଧାରରେ ଅନିର୍ଦ୍ଦିଷ୍ଟ ପରିଣତି ଲାଗି ଯାଉ ଯାଉ ଆହୁରି ହିଂସା ଆହୁରି କ୍ଷୁଦ୍ର ବିଷାକ୍ତ ଚିନ୍ତା ଯେପରିକି ତା'ର ମୁଣ୍ଡରୁ ନିଗିଡ଼ି ପଡ଼ିଲା ଆଖି ଉପରକୁ । ସିଙ୍ଗାମ୍ ପଚାରୁଛି, "କଣ ମିଳିବ ବୋଲି ତୁ ବାହାରିଚୁ, ନା କାହିଁକି ?"

ତା'ର ଉତ୍ତରରେ ସେ କହିଲା, "ନଈଟା ଆରପଟେ ଖାଉଚି ଆଉ ଏ ପଟଟା ତାକୁ ଦିଶୁନାଇଁ କିରେ ସିଙ୍ଗାମ୍ମୁ ? ଘାଟ ଭୁଠବାଟେ ପଶିବ ପଶିବ କହୁଚି ପୁଣି ଲେଉଟି ଚାଲିଯାଉଚି । ଖାଇଲେ କ'ଣ ନାଙ୍କର ହୁଅନ୍ତା ?

Digitized by srujanika@gmail.com

ଏତେ ଥାଇ କାହାକୁ ତ ଭାଗବଣ୍ଟା ଦେବେ ନାହିଁ, ତାଙ୍କର ବଡ଼ ଲୋକରେ ଆମର କ'ଣ ଯାଏ ? କ'ଣ ନ କରୁଛନ୍ତି ଏମାନେ କହ—"

"କଳା ବଜାର, କଳା ପୋଟେଇ, ଟଙ୍କାକେ କଣିଲେ ତିନ-ଟଙ୍କାରେ ବିକଲେ—"ସିଙ୍ଗାମୁଁ କହି ଗ୍ଲଲା, ଆଉ ଆପେ କେତେ ଧନୀ ହେଲେ ଆମେ ଗଡ଼ ମରୁଚୁ ଉପାସରେ—"

ଦାଣ୍ଡ ଚପି ଚପି ଇଲା କହିଲା, "ତାଙ୍କର ପଟେ ତାଙ୍କର କଥାରେ ସମସ୍ତେ, ଆମକୁ କେହି ସାହା ନାହିଁ, ଆମେ ଦୋଷ ନ କଲେ ବି ଆମଘର ସଜଦା (ଖାନତଲସି) ହେଉଥିବ, ତାଙ୍କ ପାଇଁ ବୋଇଲେ, ସମସ୍ତେ ଓଲଟି ତାଙ୍କର ଜଗୁଆଳ—"

"ଆଉ ତାଙ୍କର ପଦାରେ ଧର୍ମ ଭେକ ଭିତରେ ଯେତେ ପ୍ରକାର ଅଧର୍ମ—" ସିଙ୍ଗାମୁ ଯୋଡ଼ିଦେଲା, "ଆଉ ଯେତେ ଦେଖିବ କ୍ଷେତ ବାଡ଼ି ତୋଟା ସବୁକୁ ସବୁ ତାଙ୍କର, କହିଯା—"

ଇଲା କହିଲା, "ବେଗି ଗ୍ଲଲ୍ ଭଲା ଟିକଏ, କଏ କୁଆଡ଼େ ଗଲେଣି—"

ସିଙ୍ଗାମୁ କହିଲା, "ଆଉ ଦୌଡ଼ିଲେ କ'ଣ ହେବ, ଏମିତି କଥା ଗପ, ଯାହା କହୁଚୁ ସବୁ ନିଦା ଖାଣ୍ଟି ସତ ଯେ, ଡିପ ଖାଲ ନ ଥିଲେ ପାଣି ଗଡ଼ିବ କେମିତି, ଆଉ ସେମାନେ ନ ଥିଲେ ବୁ ଏମିତି ଧାଆନ୍ତୁ ବା କାଇଁକି ? ସେଇ ଜଣକଠି ଏତେ ପଦାର୍ଥ ଅଛି ବୋଲି ତ ।"

'ସେଇ ଜଣ' ବୋଲି କାନରେ ବାଜିବାରୁ ଇଲା ମାଙ୍କୋଇ ହେଲା, ଦେହଟା କେମିତି ଶୀତେଇ ଉଠିଲା ।

ହୋ' ଶୁଣି ହୋ'ରେ ସେ ବାହାରି ଆସିଛି । ଜନଷ କଥା ଭାବିଛି, ବହୁତ ଜନଷ, ଜଣ କଥା ହେଉ ଜରନାହିଁ । ଗୋଦରୀ ପାଟିରେ ସେ ଅଙ୍ଗେଇ ଥଙ୍ଗେଇ ହୋଇ କହିଲା, "ଆଉ କ ଜଣ ଫଣ, ଯେ ତ ଗଲା ସେ ଗଲା ।"

"କେଜାଣି, ସିଙ୍ଗାମ ତାଚ୍ଛଲ୍ୟରେ କହିଲା, "ଗଲା କ ରହିଲା କେ ଜାଣିଚ । ତେବେ ରହିଲେ ବା କାହାର କ'ଣ କରିବ ? ସେ ଜଣକୁ

Digitized by srujanika@gmail.com

ଆମେ ଦୁ' ଜଣ । ଯୁଚରସ୍ ମଇଁଷି ଉପରେ ଡ଼ଂଗ୍‌ରଥା କନ୍ଧ କୁଦାପଡ଼ିଲା ପରି ଏକାଥରକେ କୁଦାପଡ଼ିବା କଥା । ଯେ ପଛ କଥା ସେ ସବୁ, ଆଗ ଦେଖ କାହିଁ ?”

“ଫେର୍ ଏ କହିଲଣି କାହିଁ ?”

ଲଗିଲା ଏଇ ପାଖରେ ଯେପରିକି । ସିଙ୍ଗାମର ଟର୍ଚ୍ଚ୍‌ଲାଇଟ୍‌ରୁ ମସଲା ସରିଲଣି । ବେଳେ ବେଳେ ଚୂଲି ଫୁଙ୍କିଲେ ତାଜ ପରି ବାଟରେ ଝକ୍‌କରୁଛି । ବିଜୁଳି ମାରିଲେ ସବୁ ଦିଶୁଛି ଶୂନ୍‌ଶାନ୍, ଆଉ ଅପ୍ରାକୃତ । ଯେମିତି କେବେ କେବେ ସୂର୍ଯ୍ୟାସ୍ତ ଆଗରୁ ସେ ଆକାଶରେ ଦେଖିଛି । କେବେ ସୂର୍ଯ୍ୟାସ୍ତ ପରେ ବି । ଆକାଶରେ ରଙ୍ଗ ବଉଦରେ ଯେପରିକି ଟିହ୍ଲା ଦୁନିଆର ଅପ୍ରାକୃତ ଛବି ଫୁଟି ଉଠେ । ଗାଁ ବସ୍ତି, ଘର, ଦୂରରେ ତୋଟାମାନ । ଦୂର ଗାଁକୁ ଯିବାକୁ ଚଲାବାଟ ପଡ଼ିଛି ଝାଙ୍ଗର ଉପରେ, ଦୁଇ ପଟେ ଖୋଲା ଫାଙ୍କା । ଅସମ୍ଭବ ରଙ୍ଗରେ ଅଙ୍କାହୋଇ ଅପ୍ରାକୃତ ସୃଷ୍ଟି । କେବଳ ଘଟନା ନାହିଁ, ମଣିଷ ନାହିଁ, ଅଥଚ କିଏ କାଳେ ଆସିବ ବୋଲି ଏକ ପ୍ରତୀକ୍ଷା ବି ଯେପରିକି ଅଙ୍କାହୋଇ ରହିଛି । ମନେପଡ଼ିଲା ସେହି ଦୃଶ୍ୟରୁ କିଛି ଧାରଣା । ସେମିତି ଅପ୍ରାକୃତ ଏ, ଖାଲି ଆଉ କିଛି ଭିନେ । ହଠାତ୍ କହିଲା ସିଙ୍ଗାମୁ, “ତତେ ଭୂତ ଡର ମାଡ଼େନାହିଁ ?” ବିଜୁଳି ମାରିଲା । ସିଙ୍ଗାମୁର ମୁହଁ ଦିଶିଲା । ସେ ହସିଦେଲା । ସବୁ ଅପ୍ରାକୃତ ଆଉ ଭୟଙ୍କର । ବେଶି ଭୟଙ୍କର ଦିଶିଲା ସିଙ୍ଗାମୁର ମୁହଁ, କହିଲା, “ଆରେ, ସେମିତି ଭାବିଲେ ଭୂତ ତ ସବୁଠି । ଭୂତ ଆମରି ପରି ତ ନହେଲେ ଆଉ ଭିନେ ? ହେଇ ଦେଖ୍ କେହି କୁଆଡ଼େ ଏଠି ନାହାନ୍ତି । ତୁ ଆଉ ମୁଁ । ଭୂତ କ'ଣ ସ୍ତ୍ରୀ ତା' ବେଶରେ ଆସି ପହଞ୍ଚି ନାହିଁ ?” ସେହି ଅତଡ଼ର ଗାର, ତୋଟାର କଳା ଅନ୍ଧାର, ଝୁଲିକିଳା ବିଜୁଳି ମୁହୂର୍ତ୍ତକ ଧସା ମାରିଲାବେଳକୁ ଜଳୁଟିଆ ହୋଇ ନଈ, ତା'ର ଢେଉଗୁଡ଼ାକ କେମିତି କୁଦାମାରି ଉଠୁଛିଲା ପରି ଦିଶୁଛି । ଇଲର ହାତ ପାଖୁଲି ଖାକେଇଗଲା ସିଙ୍ଗାମୁର ମୁଠା ଭିତରେ । ସିଙ୍ଗାମୁ ସତେକି ତା'ର ମନକଥା ଜାଣିପାରିଲା ପରି କହିଲା “ମୁଁ ବାକ୍ସ ଭାଙ୍ଗିଚ । ତାଲା ଭାଙ୍ଗିଚ । ଅନ୍ଧାରରେ ବୁଲି ବୁଲି ମୋ କାମ ମୁଁ କରେଚ । ମୁଁ ସବୁବେଳେ ଜାଣିପାରେ, ମୁଁ ଭୂତ

Digitized by srujanika@gmail.com

ନୁହେଁ । ହେଇ ତାଣ କଥା କହୁଚ, ଏତେ ଲୋକ ଆଗରେ ଯାଉଛନ୍ତି ତୁଳାଧର ଖେଜବେ ବୋଲ, ଧର ଏଇଠୁ ହେଇ ଏଇଠୁ ସେ ଆପେ ଉଠିପଡ଼ି ଆମ ପାଖକୁ ମାଡ଼ିଆସିବ, ତର୍କରିବ କୁଆଡ଼େ ତେମେ ଦୁହେଁ ? ସଫା ପାଟି ଫିଟେଇ କହି ପାରିବୁ ତ, ଯେ ସାହୁକାର୍ଣ୍ଣୀ ବଞ୍ଚିଥିଲାବେଳେ ସିନା ଦେହରୁ ମଳିଟିକଏ ଦଉଜ ନଥିଲା । ଏବେ ଆଉ କ'ଣ ?"

"ଖାଲି ଏମିତ ଗୁଡ଼ାଏ କହୁବୁ—"

"ଡର ମାଡ଼ୁଚି, ନାଇଁ ? ଡରମାଡ଼ବ ତ । ତା' ଦେହରୁ ତୁ ଜନଷ ଝିକବୁ ବୋଲ ଯାଉଚୁ । ସେ ତ ଆପଣା ଦେହରେ ସାହୁକାରର କାହ୍ନି କେତେ ଡହୁଡ଼ (ଟ୍ରେଜର) ପରି ରଖିଥିଲା, କେତେ ଲୋଭ କରିଥିଲା ସୁନାକୁ । ଯୁଆଡ଼ୁ ଯେତେ ପଇସା ମିଳିଲେ ସୁନା କିଣି ଦେଇ ଦେହରେ ଗୁରେଇ ପକାଏ । ଗାଧେଇ ସାରି ସୁନାକୁ ପୂଜା କରି ଧୋଇ ପାଣି ପିଅନ୍ତି ସେମାନେ, ସୁନା ସତେକି ତାଙ୍କ ଜୀବନ ପ୍ରାଣ । ରାତିରେ ବନ୍ଧାଡ଼ୁ (ଚୋଟଙ୍ଗ ପାଣି) ମାଡ଼ିଲେ, କାଳେ କିଏ ଦେହରୁ ସୁନା ଛଡ଼େଇ ନେବ ବୋଲି ସେ ଲୋକେ ପଦାକୁ ଯିବେ ନାହିଁ, ସେଇଥିପାଇଁ ତ ଆପଣା ଘର ଆଗରେ ହଉକ କରରେ ଯୋଉ କରନାଳି ତା' ଉପରକୁ ବୋଲି ସମସ୍ତେ ପିଣ୍ଡା ବଢ଼ାଉଚନ୍ତି, ଆଉ ଗୋଲ ହୋଇ ଗୋଟିଏ ଲେଖାଁ କଣା ତା' ଉପରେ—"

"ଆଉ ସେ କଣାକୁ ରୁପିବାକୁ ଝଣ୍ଡେ ପଥା, ତା' ଉପରେ ହେଂସ ।"

"ଯେମିତି ବାନବେଳେ କେହି ଜାଣିପାରିବେ ନାହିଁ, ପିଣ୍ଡାତଳେ ନଏନ୍‌କୋଣରେ ଢୁକୁଥିବ ବୁଲି ଆସିଲେ ହେଲ, ଉପରେ ଧୂପକାଠିର ଧୂଆଁ ସବୁ ତ ହେମିତି, ତଳଟା କିଏ ଦେଖୁଚ ? ଉପରେ ଯେତେ ଚକଣ-ଚୁକଣ ସଫାସୁତୁରା, ଧୋବ ଜସ୍ତି ରି । ଆଉ ତଳେ ଯେତେ ଅନ୍ୟାୟ ଅନାଚାର ଦୋଷ ଆଉ ପାପ—"

"ସେଇଥିପେଇଁ ତ କହୁଚ; ନଙ୍ଗ ଆରପଟ କସ୍ତି ଟାକୁ ଖାଉଚ, ସେପଟେ ଖାଲି ଗରିବଗୁରୁବାଙ୍କ ଘର, ହାଡ଼ି ସାହି, ପାଣ ସାହି, ପାଇକ

Digitized by srujanika@gmail.com

ଯାଣ୍ଟୁ, ଜମି ନାଇଁ କି ଧନ ନାଇଁ, ଘରଖଣ୍ଡେ ଗଲେ ଗଛମୂଳ, ଜୀବନ ଭିତରେ ଆଜି ଖଣ୍ଡେ ଘର ଠେକିବାକୁ ଶକ୍ତି ନାହିଁ, ଆରେ ବାବୁ, ହେଣିକି କାହିଁକି, ଟିକଏ ଏଣିକି ହେଲେ ଦୃଷ୍ଟି ପକା ।

ଯାଉ ଧୋଇ ଏ ପାପ, ହେଲେ ସଫା ବାଲି ହଉ ।—

“ଚୋର ଖାଲି ସେଇକଥା —” ପିଙ୍ଗାମୁ କହିଲା, “ତତେ ଯୋଉ କଥା ପଚାରୁଥିଲି ସେ କଥା କହ । ହେଇ ଦେଖ ଯେ ଏମିତି ମଣିଷ ଥିଲା ସେ ସାହୁକାର ଘରଯା, ସୁନାକୁ ତା'ର ଏତେକ ଲୋଭଥିଲା । ଏବେ ଲୋକ ଧାଇଁଛନ୍ତି ତାଠୁ ସୁନା କାଢ଼ି ଆଣିବେ ବୋଲି, ସେ କ'ଣ ଭୂତ ହୋଇ ରହିଥିବ, କିଛି କରିବ ନାହିଁ ? ଧର ତା' ଭୂତ ଯଦି ଆସି ଚହଟିପିବ । ଗୋଳ ଲଗେଇବ, କ'ଣ ହବ ସେଇଠୁ ? ମତେ କହ ।”

ଅନ୍ଧାର ଘୋଟିଗଲାଣି । ବେଳେ ବେଳେ ଲାଗୁଛି, ନଈଟା ନାହିଁ, ଏପଟ ସେପଟ ନାହିଁ, ଖାଲି ଅନ୍ଧାର । ଆକାଶରେ ତାରା ନାହିଁ, ନଈ-କୂଳରେ ବକଟେ ହେଲେ ଆଲୁଅ ନାହିଁ, ଖାଲି ଅନ୍ଧାର । ମଝିରେ ମଝିରେ ଦୀର୍ଘଶ୍ୱାସର ଶବ୍ଦ । ଆଜି କେତେ କେତେବେଳେ କେଉଁମାନେ ଯେମିତିକି ଆସ୍ତେ ଆସ୍ତେ କଥା ହେଲାପରି, କିଏ ଟିକିଏ ହସି ଦେଉଛି, ଓଦା ପାଟିରେ କିଏ କରୁଛି ଅବ୍ୟସ୍ପୃଷ୍ଟନ, ହୁଁ, ନାଇଁ, ଲମ୍ୱେଇ ଲମ୍ୱେଇ ହଠାତ୍ ଏକାଠି ଗୁଡାଏ ପାଟିରେ ଯେପରିକି ଘୁମୁଘୁମିଆ ହୋ' ଶବ୍ଦ ଉଠୁଛି, କେତେ ଦୂରରେ ଆଜି ପୁଣି ବନ୍ଦ ହୋଇଯାଉଛି । ହେଉ ନପଟ ଅନ୍ଧାର ମଝିରେ ଖୁଲିଛି ଯେପରିକି ବଞ୍ଚିଲା ମଣିଷଙ୍କର ଏକ ଧାରା, ଦେଖି ହେଉନାଇଁ, ବାରି ହେଉଛି, ଶୁଭିଲା ଭିତରେ ଯେଉଁ କେତେବେଳେ ନ ଶୁଭିଲା ଅବାଏ ଲେଖା ରହିଯାଉଛି ତା'ବି ମନେପକାଇ ଦେଉଛି ହଜିଲା ଚହଲିଲା ହସିଲା କାନ୍ଦିଲା ଜୀବନକୁ । ଇଲା ରେଲି ଯେପରିକି କାନେଇଁଲା । ଧୀରେ ତା'ର ଧ୍ୟାନ ଜାଣିଜାଣି ଓଟାରି ହୋଇଗଲା ସେଇ କଳା ସୂଅ ଆଡ଼କୁ ।

ଇଲା ରେଲି ହଠାତ୍ ଯେପରିକି ଦାର୍ଶନିକ ଆଉ ଭାବୁକ ହୋଇଗଲା । ଢନବେଳେ କେତେଥର ପହଁରି ପହଁରି ସେ ଏ ନଈର ଏକୂଳରୁ ସେ କୂଳ ହୋଇଛି, କେତେଥର ଏଥିରେ ମାଛ ଧରିଛି । ଆଉ

Digitized by srujanika@gmail.com

ମାଖରେ ଥାଇ ଏପାଟକୁ ଅନାଇଁ ଦେଖିଛି, ଏ ପାଖରେ ସହର ଗୋଟାକର ଦୂରର ପାଖର ଆଲୁଅ ଯେପରିକି ନକ୍ଷ କୂଳରେଇଁ ଝଞ୍ଜା ହୋଇ ଉଠିଛି । ଚୋଟାମାନ, ନଡ଼ିଆ ଚନ୍ଦ୍ରଗୁଡ଼ିକ, ଧଳା ଧଳା ଦୋମହଲା ମେଡ଼ (କୋଠା) ଗୁଡ଼ିକ, ଜଗନ୍ନାଥ ମନ୍ଦିର ଈଶ୍ୱର ଦେଉଳ ଠାକୁରାଣୀ ଦେଉଳମାନ କେଡ଼େ ସୁନ୍ଦର ପାଟକୁ ପାଟକୁ ସଜା ହୋଇ ରହିଥାନ୍ତି ବଡ଼ ବଡ଼ ଗଛ ସନ୍ଧରେ । ତା’ ସେପାଖେ ଢିପ ଉପର ସାହି ହଟେ । ହେଲେ ହତଭାଗ୍ୟ ସାହିଟାକୁ ସଜେଇବାକୁ ସେଠି ଏତେ ଚେନ୍ନଳ-ଗଛ ଅଛି ଆଉ ଚକଡ଼ା ବେଢ଼େଇଛି ପାଖରୁ ତା’ ଜାଣି ହୁଏ ନାହିଁ; ଯଦିଓ ଢିପ ସାହିରେ ଏତେ ତା’ର ଚଳପ୍ରଚଳ, ସେଇଠି ତ ହାଟ, ମୋଡ଼, କଳକଳ । ଆଉ ସେଠି ଅଛି ଲଳିତା । ସେହି ଉପର ବାଟେ ବାଟପଡ଼ିଛି ବୁଦୁବୁଦିକିଆ ବଣକୁ ଝାଟି ଆଣିପିବାକୁ ଯେଉଁଠି ଦେଖାହୁଏ ଆଉମାନଙ୍କ ସଙ୍ଗେ । ଘରେ ଭାତ ନାହିଁ । ନଥାଉ । ନାହିଁ ଦୋମାହାଲା ମେଡ଼, ତା’ର ବାରଣ୍ଡାରେ ବ ତନ୍ତୁ ଛୁଟଯାକେ ଟାଣ ଲୁହାବାଡ଼ । ନଥାଉ ପିଞ୍ଜରା । କିଛି ନଥାଉ । ଖାଲି ଅଛି ଗୁଟେ ଦେହ, ସେଥିରେ ନୁଛୁପୁଛୁ ଚର୍ବିନାହିଁ । କରଡ଼ା ମାଂସର ମୋଡ଼ା ମୋଟା ସାପ ପରି ଗୁରେଇ ହୋଇଛି । କ ପୁରୁଷ କ ସ୍ତ୍ରୀ ସେଠି ଅଛି କାର୍ଯ୍ୟକ୍ଷମ ଦେହ ଭିତରେ କାଳିକ ମଅପୁ ନାହିଁ, କାଲି କଥା କାଲକ ବୋଲି ବେପରବାଏ ଖୋଲା ମନ ।

ଏକାଠି ଦଳଭିତରେ ରହି କାଠହଣା ଟାଙ୍ଗିଆ ହାତରେ ଗୋଛା ଗୋଛା ଲଟି କାଟୁକାଟୁ ଦୁଃଖ-ସୁଖ, ଆଉ ମନହେଲେ ଚଳେ ସଫା ପଥର ବୁଝିବ ଉପରେ ଛୁଇ କରରେ ଗାଡ଼ୁଆ ଝରଣା, ସେଇଠି ଟିକଏ ମନ ଖୁସିରେ ଭଜନାବ, ତା’ର ବ ଖର୍ଚ୍ଚ । କାଳିକ ରହେ ନାଇଁ, ଏକାଠି ହୋଇ ଫୁଟିକଲ ଆଉ ମନଭିତରୁ ସବୁ ଝାଡ଼ିଝୁଡ଼ି ଦେଇ ବାହାରିଗଲ ଆପଣା କାମରେ । ଇଲାଟରେଲ ସୃଷ୍ଟିରେ ଆପଣା ଜୀବନ ଉପରେ ଆଖି ବୁଲେଇ ନେଉ ନେଉ ଗୋଟାଏ ତଥ୍ୟ ପାଖେ ହାବୁଡ଼ିଗଲି, ଯେ ଯେତେ ଏସବୁ ଖାଲି ସେସବୁ ମଣିଷ ଦେଖ ସୁନ୍ଦର, ମଣିଷ ଦେଖ ଅସୁନ୍ଦର । ମଣିଷ ସାଲୁସାଲୁ ହୁଅନ୍ତି ବୋଲି ଏ ନକ୍ଷ ସୁନ୍ଦର, କଏ ବୋଝ ମୁଣ୍ଡେଇ ପଣି ପାଠ ହେଉଛି, କଏ ଗୋରୁ ବଳଦ ଗାଧେଇ ଦେଉଛି, କେଉଁମାନେ ଘାଟରେ ପାଣିରେ ପଶି ଗାଧୋଉଛନ୍ତି । ଆଉ ଲଜ୍ଜା ସରମ ଛାଡ଼ି

Digitized by srujanika@gmail.com

ଘାଟବାଟ ବାଲିଗଡ଼ା କରରେ ବସିପଡ଼ନ୍ତି ଯେଉଁମାନେ ସେମାନେ ବି ଏଇ ନଈକୁ ସଜାନ୍ତି ଆପଣା ଉପସ୍ଥିତି ଯୋଗୁଁ । ମଣିଷ ନଥିଲେ କି ନଈ କି ବଣ ସେତେବେଳେ ବି ସେ ଦେଖିଛି, ଶୂନଶାନ୍ ହୋଇ ନଈକୂଳ, ଯେମିତିକି ପଡ଼ି ପଡ଼ି କାନ୍ଦୁଛି । ଗୋଟିକିଆ ବଗ ଟହଲ ମାରୁଛି, ଗେଣ୍ଡେଇ ଚଢ଼େଇ ଚଳକୁ ମୁହଁପୋତି ଶୂନ୍ୟେ ଶୂନ୍ୟେ ପକ୍ଷୀ ହଲେଇଉଛି । ମଣିଷର ଛୁଇଁ ନ ପଡ଼ିଲେ କ'ଣ କାହାର ଥାଏ ସେଠି । ସେମିତି ଏଇ ଘାଟ, ଛୁନ ଛୁନା ନଈକୂଳ । ହଠାତ୍ ସେ ସିଙ୍ଗାମୁର ହାତକୁ ମୁଠେଇ ଧରିଲା । ଗଭୀର ଆବେଗରେ ସିଙ୍ଗାମୁ ଚମକି ପଡ଼ିଲା । କହିଲା, "ଡରିଲୁ କରେ ? ସତେ ସତେ ଡରିଲୁ ? କାହିଁ କ'ଣ ?"

ଇଲା କହିଲା, "ଆଉ ସାହସ କଥା ମତେ ଶିଖାନା ସିଙ୍ଗାମୁ, ଘର ବାରଟାଏ ଭୁରେ । କାହାକୁ ଡରିବେ ? ଡର ବି ଜାଣି ବଡ଼ଲୋକଙ୍କ ସଉକ୍, ଯାହାର ଅଛି ସେ ଡରିବ, ଆମେ ତ ଜନ୍ମରୁ ଭୁତ— ଭୁଲ ବେଗି ।"

ସିଙ୍ଗାମୁ କହିଲା, "ଭୁଲ୍ ଘରକୁ ଫେରି । ଭୁଛା ମାହାଳିଆ । ହେଇ ଦେଖ୍ ଆଲୁଅଗୁଡ଼ାକ ଫେର୍ ଏଇ ବାଟେ ଧାଇଁ ଧାଇଁ ଆସୁଛି । ଖାଲି ହାଉ ହାଉ । ଏଭଳି ରାତିରେ ପାଇବେ ଯାହା ସେ ତ ଜଣାଅଛି । ଆଉ ନଈର ଏ ଯେଉଁ ଚୋଡ଼ ।"

ଆଗରେ ହଠାତ୍ କରି ଅଚଡ଼ା ଖସିଲା । ତା'ପରେ ଶୁଭିଲା ନଈ ହାବୁକାର ଶବ୍ଦ । ନଈ ପୁଣି ଧୀରେ ଧୀରେ କଥା କହୁଛି । ସିଙ୍ଗାମୁ କହିଲା, "ଆଉ ଦୌଡ଼ିବା ଦରକାର ନାହିଁ, ହେଇ ଅନା ସେମାନେ ଫେରି ଆସୁଛନ୍ତି । ଏ ଯୋଉ ନଈ, ସବୁ ଚଢ଼ି ନଉଚି ସବୁ ଭସେଇ ନଉଚି ।" ଝଁକ କରି ବଜାଲିମାରିଲା । ଲଗେ ଲଗେ କଛି ବେଳ, ଆଉ ଯେମାନେ ଦେଖିଲେ ବଡ଼ ଗଛଟାଏ ପରି କ'ଣ ଦିଶୁଛି, ଘସିଯାଉଛି ।

ଥକ୍କା ହୋଇ ଠିଆ ହୋଇଗଲେ ଦୁହେଁଯାକ । ଯେପରି ଦୁହେଁଯାକ ଏକାବେଳକେ କ୍ଳାନ୍ତ ହୋଇପଡ଼ିଛନ୍ତି । ଯେପରିକି ଦୁହିଁଙ୍କ ମନରେ ଏକାବେଳକେ ଗୋଟାଏ ଧାରଣା, ଏଇ ନଈ ।

Digitized by srujanika@gmail.com

ଚାଲି ଯାଉଛି, ଚାଲି ଯାଉଛି, ଆଜି ଗୁଡ଼ାକ ଅନ୍ତର୍ହିତ ହୋଇ କାଲି ହୋଇଯାଉଛି, କାଲିଗୁଡ଼ାକ ଉଭେଇ ଯାଇ ମାଡ଼ି ଆସୁଛି ପୁଣି କାଲି, ନୂଆ କାଲି, ଆଜି ପୁଣି ସବୁ ଗୋଟେଇ ପୋଟେଇ ହୋଇ ଚାଲିଯାଉଛି ଅନ୍ଧାର ଭିତରକୁ । ଏତେବେଳକେ ପୁରୁଣା କଥାଟାକୁ ତୁଣ୍ଡରେ ଧରିଲା ପୋଲିସ୍ ସିଙ୍ଗାମୁ ରେଲି, କହିଲା, "ଆହା ବିଚରା ସିର୍ଣ୍ଣିବାସୁର ମା, କେତେ ହବ ? ଚାଳିଶ ବର୍ଷ ପୂରିଥିବ କି ନ ପୂରିଥିବ । ସେଇତ ବଡ଼ ସିର୍ଣ୍ଣିବାସୁ, ତୋ ସାଙ୍ଗର ହବ କି ମୋ ସାଙ୍ଗର ହବ, ହଇରେ ଇଲି ?" ଇଲି କହିଲା, "କେଜାଣି କାହା ସାଙ୍ଗର ହବ, ମୋଟାଟା ହେଇଯାଇ କେଉଁ ମଣିଷଟାଏ ପରି ଦିଶୁଛି, ସେ ବି ହେଲାଣି ଦି' ପିଲାର ବାପ, ଆମେ ତ ବୁଢ଼ା ହେଇଗଲୁ ।"

"ହଁ, ବୋହୂ ଦେଖିଲା, ନାତି ଦେଖିଲା । ଆଉ କେତେ କ'ଣ ଦେଖିଥାନ୍ତା ଏମିତି ଯାହା କହନ୍ତି ଠିଆ ହୋଇଥିବା ଲୋକଟା ଚାଲିଗଲା । ଆଜି ସକାଳେ ସବୁଦିନ ପରି ଗାଧେଇଗଲା ଯେତେବେଳେ ନଈ ଘାଟକୁ ସେ କ'ଣ ଜାଣିଥିଲା ତା ଗୋଡ଼ଟା ଖସିଯିବ ବୋଲି ?"

"ଦେ ବଡ଼ ଖଣ୍ଡେ ଦେ", ଇଲି ହାତ ପତେଇ ଦେଲା, କହିଲା, "ସବୁ ସେଇ ସାଧୁ ସାହୁକାରର ପାପ, ଟଙ୍କାକୁ ବର୍ଷକୁ କଳନ୍ତର ଚାରିଟଙ୍କା ତା ତଳେ ଭୂମି ଚଷିଲେ ଆଗରୁ ଏମିତି ଗୁଡ଼ା ବାଣ୍ଟିଦେବ ଯେ ତା ଭାଗଟା ଦେଲାବେଳକୁ ଆଉ ରଇତର କିଛି ନ ଥିବ । ବିକଲେ ଦିବ ସାନ ମାଣରେ, କିଣିଲେ ନବ ବଡ଼ ମାଣରେ । କେତେ ଲୋକଙ୍କୁ ଭସେଇ ଦେଇଚି, ଶେଷରେ ତା ଘରଯାଟା ବି ସତକୁ ସତ ଭାସିଗଲା—"

ସିଙ୍ଗାମୁ ସମର୍ଥନ କଲା ନାହିଁ । କହିଲା, "ଏକା କ'ଣ ସେ ପାପୀଟାଏ ଆଉ କେହି ନାହାନ୍ତି ? ବଡ଼ ବଡ଼ ସାହୁକାରଙ୍କ ଆଗରେ ସାଧୁ ସାହୁକାର କି ମୁଣ୍ଡ ? ସେମାନେ କେତେ କ'ଣ ନ କରୁଛନ୍ତି ଯେ ସେ ସବୁ ପାପ କରିଦେଲା ? ତା ନୁହେଁରେ, ଯୋଗ । ଯାହାକୁ ଯେତେ-ବେଳେ ଯମ ଡାକେ ।"

Digitized by srujanika@gmail.com

ଇନ୍ଦ୍ର କହିଲା, "ମାଇକନା ବି ଗଲା, ଧନ ବି ଗଲା । ଅଣ୍ଟାରୁ ମୁଣ୍ଡଯାକେ ସୁନାରେ ଗୁଡ଼ିଜଣି । ସେଗୁଡ଼ା ବୋଝ ହେଇ ନଥିଲେ ସେ ବୁଡ଼ିଥାନ୍ତା ଖବରୁ ? କେତେ ସୁନା ! ଆମେ ବି ଯଦି ପାଇ ଯାଆନ୍ତେ ଏକାରାତିରେ ଆମେ ବି ବଡ଼ଲୋକ ହୁଅନ୍ତେ । ଗଲା ଲୋକ ତ ଗଲା, ବଞ୍ଚିଥିଲା ବେଳେ ହାତ ଟେକି କାହାକୁ ଦବାର ଶୁଣା ନାହିଁ । ମଲେ ହେଲେ ଆମକୁ ଦେଇଯାନ୍ତା—"

ସିଙ୍ଗାମୁ କହିଲା, "ତା ହେଲେ ଆମେ ନେଇ ମୁଣ୍ଡରେ ଶିଙ୍ଘ ବାନ୍ଧନ୍ତୁ ନା କ'ଣ ? ପଇସା ବି ଯିବ ମଣିଷ ବି ଯିବା କିଛି ରହିବ ନାହିଁରେ ଇନ୍ଦ୍ର ।"

ଇନ୍ଦ୍ର କହିଲା, "ତା ବି ସତ । ଓଃ ଫେର୍ ଟପଟପ ମେଘ ପକେଇଲାଣିରେ ସିଙ୍ଗାମୁ", "ରହ ଏମାନେ ଚାଲିଯାନ୍ତୁ । ଚାଲ୍ ଠିଆ ହୋଇଯିବା ଏ ଗଛ ପଛଆଡ଼େ । ଖାଲି ଚିହ୍ନା ପଡ଼ିବା କଥା—"

ସେମାନେ ଗଛ ଉହାଡ଼ରେ ଠିଆ ହୋଇଗଲେ । କେହି ନିଆଁ ହୁଳା ଧରି, କେହି ଖାଲି ହାତରେ, ବଡ଼ ପାଟିରେ କଥା କହି କହି ଫେରିଗଲେ ଖୋଜାଳି ଟୋକାଏ । ସେମାନେ ମୂର୍ଧାଟେଟାକୁ ଖୋଜି ଖୋଜି ପାଇ ନାହାନ୍ତି । ତଥାପି ଆଶା ଛାଡ଼ି ନାହାନ୍ତି, ଆହୁରି ଟିକିଏ ଖୋଜିବେ, ପୁଣି କାଲି ସକାଳେ । ନାଲି ନିଆଁ ଧାସରେ କେମିତି ଦିଶୁଛି ଅନ୍ଧାରୁଆ ନଈକୂଳ । ଯେମିତିକି ସତ ନୁହେଁ, ସ୍ୱପ୍ନରେ ସ୍ୱପ୍ନ ଦେଖିଲାପରି । ମେଘୁଆ ଅନ୍ଧାରରେ ବି ହେଲେ କିଛି ବାରି ହେଉଥିଲା, ନଈଧାର ଉପରର ଶୂନପଥ ତଳେ ଅଡଡାର ବହଳ କଳାଧଡ଼ି, ଏପରିକି ନିରେଖି ଦେଖିଲେ ହାଲୁକା କଳା ଗାଢ଼କଳା ତାରତମ୍ୟରେ ନଈ ଉପରର ଡାଲୁ ଡାଲୁଆ ଆବୁଆବୁଆ ଅଥିର ପଟରୁ କିଛି ବାଟ । ଆଉ ଦିଶୁଥିଲା ଅନ୍ଧାରରେ ବୁଡ଼ାଇ ବୁଡ଼ାଇ ଅଙ୍କା ହୋଇଥିବା ଗଛ, କୁଦ, ଡୋଟାମାନଙ୍କର ବୃତ୍ତ ରୂପର ଅସ୍ପଷ୍ଟ ଛବି । ସ୍ଥାନର କିଛି କିଛି ଚିହ୍ନ ସଙ୍କେତ ହେଲେ ଆଖିରେ ବାରି ହେଉଥିଲା, ନିଆଁ ହୁଳାର ଆଲୁଅ ଧାସରେ ଗଲା ନଈ ସେସବୁ ।

ଗଛ ଗଣ୍ଡିରେ ଲଷି ହୋଇ ରହି ଗୋଟାଏ କରପଟୁ ଇନ୍ଦ୍ର ରେଳ ଦେଖିଲା, ଆଉ କରପଟୁ ସିଙ୍ଗାମୁ ରେଳ, ନାଲି ନିଆଁ ହୁଳା ନାଚ ନାଚକା

Digitized by srujanika@gmail.com

ଜଳୁଛି, ଅଗଏ ନାଳ ଧାସ ଧକ୍‌ଧକ୍‌ ହୋଇ ଡେଉଁଛି, ତାହାର ତଳେ ତଳେ ନେଆଏ ମଣିଷ, ଚହ୍ଳା ମଣିଷ ଏଇ ସହରର, କନ୍ତୁ ମଣିଷ ନୁହନ୍ତି ଯେପରିକ ଆଜ କଏ, ଲୋଭ ଆଜ ହୁଂଯାର ଶୋକ ଆପଣା ଭିତରୁ ବାହାର ଦେହଯାକ ଜୁଡ଼ୁବୁଡ଼ୁ କରୁଛି, ଉନ୍ମତ୍ତ ହୋଇ ନାଚଲା ପରି ଟଳଟଳ ହୋଇ ଚାଲି ଚାଲିଯାଉଛନ୍ତି, ଆଗରେ କଛି ନାହିଁ ପଛରେ କଛି ନାହିଁ ଖାଲି ସେହି ଅସୀମ ଏଇ ବଶାଳ ଅନ୍ଧାରର ଶୂନ୍ୟତା ଭିତରେ ଚଳନ୍ତି ପ୍ରକାଶ—ଚାଲିଛି । ହେଇ ବାର ହେଉଛି ନାଲୁ ପାଇକ, ଡେଙ୍ଗା ଲୋକ, ନଣ୍ଡ ପହିଁରରେ ନାଁ ଅଛି । ସେହି ଲୋକଟା ତ ଏଥର ବର୍ତ୍ତିରେ ଜୀବନ ମୁର୍ଚ୍ଛା । ପହିଁରୁ ପହିଁର ଚାରିଟି ଚାରିଜଣ ମଣିଷଙ୍କୁ ନକ୍ତରୁ ଲୁଣି ଆଣି ବଞ୍ଚେଇ ଥିଲ୍ । ତା'ର ଫୁରୁଫୁରୁ ବାଳଗୁଡ଼ାକ ନାଚୁଛି । ହାଡ଼ୁଆ ଗାଡ଼ୁଆ ମୁହଁର ଡାଲୁ ଆଲୁଅରେ ବାର ହୋଇପଡ଼ୁଛି, ଘୋଡାଏ ଲମ୍ବା ଗଧିଆ ମୁହଁ ପରି ଦିଶୁଛି । ସଙ୍ଗେ ସଙ୍ଗେ ଚାଲିଛି ଦାମା ହାଡ଼, ହାଡ଼ୁଆ ଶୁକୁଟିଆ ହୋଇ ସାନ ମଣିଷଟାଏ, କୌପୁନି ଖଣ୍ଡେ ପିନ୍ଧିଛି, ହାତରେ ନିଆଁହୁଳା । ତା'ର ଯେପରିକ ସବୁଠୁଁ ବେଶୀ ଉତ୍ସାହ । ସେହିପରି ଆହୁରି ନଅଜଣ, ଗଣି ଗଣି ଏଗାର ଜଣ । ଟିକିଏ ପଛକୁ ନୋକା ବେବର୍ତ୍ତ ଧୋବ ଲୁଗା, ଧୋବ କାମିଜ ପିନ୍ଧିଛି, ଛାତି ପକେଟରେ କଲମ ଖୋସିଚି, ହାତରେ ଖଣ୍ଡେ ବେତ । ମୁହଁକୁ ତଳକୁ ପୋତିଛି, କେମିତି ଆଉଟେହଲା ପରି ତା'ର ଭଙ୍ଗୀ, ଚହ୍ନିକିଲା ପରି ଚାଲି, ସେ ବି ଉଠିଆସିଛି ସେହି ନଶାରେ, ମୁର୍ଦ୍ଦାରଟା ମିଳିଲେ ତାଠୁଁ ଯେତେବେଳେ ଗହଣା ଗୁଡ଼ାକ ଓଟାଇ ହେବ ହୁଏତ ଆପଣା ମୁଣ୍ଡର ଚକକୁ ବାଗେଇ ଘୁରେଇ ସେବ ସେଥିରୁ କିଛି ପାଇବ ବୋଲି ଆଶା କରିଛି ?

ସେମାନେ ଚାଲିଗଲେ । ଦୁଇଟା ଦୀର୍ଘ ନିଶ୍ୱାସ ଦୁଇ ପିଣ୍ଡରୁ ଚାଲିଗଲା । ଇଲା କହିଲା, "ଏମାଠି ସମସ୍ତ ପଥ ସତରେ ସେ ମୁର୍ଦ୍ଦାରଟାକୁ ପାଆନ୍ତେ କ'ଣ ହନ୍ତା କେଜାଣି, କିଛି କହି ହେଉ ନାହିଁ । କିଏ କଣ ନବ ଝିଙ୍କାଓଟରା ହେଉ ହେଉ ଗୋଟାକେତେ ଏଇଠି ଗଡ଼-ପଡ଼ନ୍ତେ ସବା । ସେଥିରେ ଖଣ୍ଡେ ସୁନା ହୋଇଥିବ, ନ ହେଲେ ଆହୁରି ବେଶି, ଯେମିତି ନଶାରେ ମାତିଲା ପରି ହଉଚନ୍ତି ଏକା ସାଙ୍ଗକେ କାମୁଡ଼ା କାମୁଡ଼ି ଲଗାନ୍ତେ ।"

Digitized by srujanika@gmail.com

ପିଙ୍ଗାମ୍ମ କହିଲା, "ସାକ୍ଷାତ୍ ମଶାଣି ନିଆଁ ଜଳୁଛି ତାଙ୍କ ମୁହଁରେ । ମାଇକିନିଆଁଟା ତ ମଲା । ପାଣିରେ ଗଲା, ତା'ର ମଶାଣି ନିଆଁ ଜାଣି ଜଳିବାକୁ ଥିଲା ଏମିତି । ଗୁଡ଼ କ'ଣ କହିଲୁ, ସେଦିନ ସୁନା ? ହିସାବ କରିଚୁ ? ଅଣ୍ଟାରେ କେତେ, ବେକରେ କେତେ, ହାତରେ କେତେ, ନାକ କାନରେ କେତେ—ଗୋଡ଼ରେ ରୂପା ଥିବ । କ'ଣ କହୁଥିଲା ସାଦୁ ସାହୁକାର ? କିଏ କହୁଥିଲେ, ଶୁଣିଚୁ ?"

ଇଲା କହିଲା, "କହୁଥିବ ପର, ମୁଁ ଶୁଣି ନାହିଁ । ଚାଲ ଫେରିଯିବା ଏଥର ।"

ପିଙ୍ଗାମ୍ମ କହିଲା, "ଟିକିଏ ଦେଖି ଦେଖି ଯିବା, ଅତଡ଼ା କୂଳେ କୂଳେ, ଲାଇନ୍‌ରେ ଆଲୁଅ ତ କିଛି ଅଛି । ଧୋବାଭୁଠ ପାଖ ଜାମୁଗଛ ତଳେ ମଡ଼ାଟା ଉଠିଥିଲା ବୋଲି ଏଠି ଚହଳ ପଡ଼ିଗଲା, ତା'ପରେ ତ ରାତି ପଡ଼ିଗଲା । ସେଇଠି କୋଉଠି ନାଗିଥିବ ଯଦି କିଏ କହିବ ? ମତେ-କାହିଁ ଲାଗୁଚି, ଖୋଜିଲେ ମିଳିପାରେ । ଦେଖାଯାଉ ସାଉକାରଙ୍କର ଦୟା ।"

ଇଲା କହିଲା, "ଖଟିଚେ ପିନା, ଦିଏ ନାହିଁ, ଭଲ ଲୋକଟେ ଥିଲା । ଯେମିତି କୁଳକୁ ସେମିତି ଚଳାବ ପିନା, ଦେବା ହାତ ଦେଖାଇଲେ ଢଇତା କି ପୂଅ ଖାଇଯାଆନ୍ତେ ନାହିଁକି ତାକୁ ।"

ପିଙ୍ଗାମ୍ମ କହିଲା, "ଚାଲ୍ ଚାଲ୍ ପାଟିବନ୍ଦ, ଏଇଥର ନ ପାଇଲେ ମାହାଳିଆ ଫେରିବା କଥା । ଢେଇ ସେ ପାଖକୁ ଦେଖ୍ କେଡ଼େ ମେଘ ଉଠେଇଚି, ଏଇ ହଳକେ ଆସିଗଲେ ଆମେ ବ ଜାଣିପାରିବା ନାହିଁ କୋଉଟା ନଈ କୋଉଟା ମାଟି ।

ଅତଡ଼ା କୂଳେ କୂଳେ ଦୁଇଟା ଛାଇ ପରି ଚାଲିଲେ ସେ ଦୁଇଜଣ । ନାଲି ଆଲୁଅର ଚଳନ୍ତି ପଟୁଆର ଚାଲି ଯାଇଥାଏ କଳୁ ତାର ଧାପକୁ କାଛୁ ଯେପରିକି ସେ ଦୁହିଁଙ୍କ ମୁଣ୍ଡ ଭିତରେ ରହି ଯାଇଥାଏ । ଏଠି ଉତ୍ତେଜନା ଗୃହଆଡ଼ୁ ନଗିଡ଼ ଆସି ଚୁଣ୍ଡ ହୋଇଥାଏ ଗୋଟାଏ ବୁନ୍ଦାରେ

Digitized by srujanika@gmail.com

—ସୁନା, ସେରେ ସୁନା, ଆତୁର କେତେ ସୁନା । ଖାଲି ସୁନା ନୁହେଁ, ହେଇ ଯେଉଁମାନେ ଚାଲିଗଲେ ସେ ସମସ୍ତଙ୍କର ଆଗ୍ରହ ଆଉ ଲକ୍ଷ୍ୟ, ସବୁ ଏକାଠି ହୋଇଥାଏ । ତା' ସଙ୍ଗେ ସଙ୍ଗେ ବଢ଼ି ଉଠୁଥାଏ ଦୁଃସାହସିକ କାର୍ଯ୍ୟ କରିବା ପାଇଁ ଆପଣାକୁ ଅଜଣା ହୋଇ ନିଜ ଭିତରୁ ବାହାରି କପରି ଏକ ଉତ୍ତେଜନା । ଯେପରିକି ନିଜ ଭିତରର ଅପରାନ୍ତ ଅତୃପ୍ତି ଝଡ଼େଇ ହେବାକୁ ଚାହେଁ ଏକ ନିର୍ମମ ଅନ୍ୱେଷଣ ପ୍ରବୃତ୍ତିବାଟେ । କାଦୁଅରେ ଗୋଡ଼ ଚପି ଚପି ହାତଗୋଡ଼ ଟାଙ୍କି ଜୁଞ୍ଜ ମୁନିଆ ଚୁହାଣିରେ କ୍ଷୀଣ ହିକ ଆଲୁଅରେ ଆଉ ଝଙ୍କଟଙ୍କିଆ ବଜୁଳିରେ ସେମାନେ ଖୋଜି ଖୋଜି ଚାଲିଥାନ୍ତି ସେହି ଦେହଟାକୁ, ଜୀଅନ୍ତାରେ ଯାହା ସଙ୍ଗେ ତାଙ୍କର କିଛି ସମ୍ବନ୍ଧ ନ ଥିଲା । ସେ ଚେତନାରେ ନ ଥିଲା ସେହି ଦେହଟାର ମଣିଷ ଗୁଣ, ସେ ଜୀଇଥିଲାବେଳେ ହୋଇଥିଲା ତା'ର ସମାଜର ଜଣେ ମା, ଭାରିଯା, ଘରଣୀ, ବନ୍ଧୁ କି ଶତ୍ରୁ ହୋଇ କେତେଆଡ଼ୁ କେତେ ଡୋରରେ ବନ୍ଧା ହୋଇଥିଲା କେତେ ଖୁଣ୍ଟିରେ । ସେ ହୋଇଥିଲା ପବିତ୍ର ଦେହ, ମୂର୍ତ୍ତି କେତେ ମାନ ଆଦରର । ନ ଥିଲା, ଏ ହବୁ ସେ ଚେତନାରେ ନଜୁବା ସମାଜର ଚଳନ୍ତି ସଂସ୍କାରଗତ ବିଶ୍ୱାସ ବି ସେଠି ନ ଥିଲା ଭୂତ ଡର, ମଲା ମଣିଷକୁ ଡର, ମୁର୍ଦ୍ଦାରକୁ ଖାଲି ଡର ଘୃଣା ନୁହେଁ, ଆତୁର କଷ୍ଟ । ମୂଳରୁ ସେ ମନରେ ବିକାର କଟିଯାଇଛି, ରଖିବାକୁ ସାଇତିବାକୁ କିଛି ନାହିଁ, ମିଳିଲେ ଖାଇ ହେବ ନ ମିଳିଲେ ନାହିଁ । ସଂସାରର ଯେତେ ବସ୍ତୁ ହାତ ପାହାନ୍ତାରେ ଜୁଟିଗଲା ଆଗ ପରଖିନେବାକୁ ଚଢ଼ିବ ତା' ନିଜ କାର୍ଯ୍ୟରେ ଲାଗି ପାରିବ କି ନାହିଁ । ପିଲାହେଲେ ପୂରା ଲଙ୍ଗଳା, ଅଧା ଲଙ୍ଗଳା, ହେଲେ ଖାନ୍ଦାନି ସହରର ସନ୍ତସନ୍ତିଆ ଜକାଜକି ଅସନାବସ୍ତିରେ ଖଟକୁରରେ ବଢ଼ିଲା ପରି ବଢ଼ି ଆଗ ଯେତେବେଳେ ନୂଆ କରି ଆହରଣକାରୀର ଜୀବନ ସେମାନେ ଆରମ୍ଭ କରିଥିଲେ ସେତେବେଳେ ଦୋକାନ ସାମ୍ନାର ଅଳିଆ ଅଉ ହଡ଼ା ପରିବାକୁଢ଼ ଭିତରେ ଅଣ୍ଡାଳୁ ଅଣ୍ଡାଳୁ କେତେବେଳେ କେଉଁ ପିଜୁଳି କି କଦଳୀର ଅଧେ ସଡ଼ା ହେଲେ ଆଉ ଫାଳକ ଚୋବେଇ ହୋଇଛି । ବୋଗ ହେଲେ ସଡ଼କ ଛକିରେ ଚଣା ମିଳିଯାଇଛି । କେବେ ଛେନା, କେବେ ଭାତ, ଠାକୁରାଣୀ ଗଛତଳେ ବି ଖାଦ୍ୟ ମିଳିଛି । ଦେବତା ଉଦ୍ଦେଶ୍ୟରେ ବଢ଼ା ହୋଇଥିବା ଦ୍ରବ୍ୟ ଖାଦ୍ୟ । ଟଣାଣି ଅନ୍ୱେଷଣର ତ ଆବିଷ୍କାର ପାଇଁ ସବୁଠୁ ଭଲ ସ୍ଥଳୀ ପରି ଲାଗିଛି ।

Digitized by srujanika@gmail.com

ସେଠ ଖୋଜଲେ କେତେ ଜଞ୍ଜାଳ ମିଳେ । ମନରୁ ଯେପରିକି ମନ ବୁଝି ଯାଇଛି, ଚଳନ୍ତି ଗତିକୁ ଅସ୍ୱୀକାର କରି ଆପଣା ସୁଖ ଖୋଜି କାମ କରିବାକୁହିଁ ଜୀବନର ଧାରା, କେତେବେଳେ ହରବର ପଡ଼ିବ, କେତେ-ବେଳେ ସୁଖ, ହାତକୁ ଯାହା ମିଳୁଛି ଆଗରେ ଯାହା ଦିଶୁଛି ଜୀବନ ଆଜି ଜୀବନ ବିଷୟରେ ଧାରଣା ସେତିକିରେ ସେତିକିରେ ସୀମିତ, ଆଜି ଭାବି ହେଲେ ମୁଣ୍ଡ ବଥେଇବ ଫଳ ହେବ ନାହିଁ ।

ସେହି ରେଳ ସାହି, ପାଖରେ ହରିଜନ ସାହି, ନପାଟିଲ ମଳମୁଣ୍ଡିଆଙ୍କ ସାହି, ସହରର ସେକରେ ଯେଉଁଠି ଲମ୍ବା ଗୁଳଘରେ ସିନେମା ହୁଏ ତା’ ସେପଟେ ଧାନ ବିଲକୁ ଲାଗି, କେଉଁ କାଳର ବନ୍ଧଭଙ୍ଗା ଘାଇ ଧାର କରରେ ଅଧା ପୋତି ହୋଇ ଖମାଟା ସେହି କରେ କରେ ଚାଲିଯାଇଛି । ସେଥିରେ କେଉଁଠି ନେଳ ନେଞ୍ଚ ମେଞ୍ଚ ହୋଇ ଆଣ୍ଠୁଏ ପାଣି ଅବଏ ଜାଗା ମାଡ଼ି ଆଳୁଅ ହୋଇ ଜମି ରହେ, ଭୁଟୁଳି ଉଠେ, ଆଉ କେଉଁଠି ଜମା ହୁଏ ସହରର ମଇଳା ଅସନା । ଭଙ୍ଗା ପଲ, କୁଡ଼ିଆ, ମଟିରେ ମଟିରେ କାହାର ଅବା ବଖରାଏ ଦୁ’ବଖରା ଦରଦ୍ର ଘର, ଆଗରେ ଲିପାପୋଛା ଦୁଆର, ପଟେ ଦପଟେ ଗୋରୁ ଗାଈ, ନ ହେଲେ ସବୁ ଦବିଗଲା ପରି, ବସିଗଲା ପରି, ଭଙ୍ଗା ଦଲୁଡ଼ା ଅସନା । ଟିକିଏ ଛାଡ଼ି ଧାନ କଳଟାଏ, ପାଖଯାକ ଇଟା ଗଡ଼ି ପୋଡ଼ିବା ଜାଗା, ଥାକ ଥାକ ହୋଇ ଇଟା ଘଟି, ନାନା ଆକୃତିର ଗାଡ଼ିଗୁଡ଼ାଏ । ଗୋଟାଏ ପାଖେ ଗୁଡ଼ାଏ ବାଟ ଯାକେ ଦୁଙ୍ଗା ବାଲି, କେବେ ନଈବନ୍ଧ ଭାଙ୍ଗିଥିଲା କୁଢ଼େଇ ଦେଇଯାଇଛି, ଆଉ ଯେପରିକି ତା’ର ଉଦ୍ଧାର ନାହିଁ । କେତେ ଖଟିଖିଆ କୁଲି ମୁଲିଆ ଯୋଗାଇ ଦେଇଛି ସେ ସାହି । କେତେ ବି ଯାଉଛନ୍ତି ବିଦେଶ, କିଏ ସାନ ପସରା ବୁଲାଏ, କିଏ ଚୋଟା ଜଗେ । ଆଉ ଦଳେ ଅଛନ୍ତି ଯେଉଁମାନଙ୍କ ଜୀବନରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ନାହିଁ । କିଏ ଭଲ ହେଲେ କେତେ ଖରାପ ହେଲେ କେତେ ଅନ୍ୟ କାହାର ସେଥିରେ କିଛି ଯାଏ ଆସେ ନାହିଁ ତହିଁରେ ଆପଣା ମୁଠିକ କୌଣସିମତେ ଭରିବା ସେଠି ମୂଳର ମନ୍ତ୍ର । କିଏ କେଉଁ ପ୍ରକାରେ କରେ । ସହରର ଭଦ୍ରଲୋକ ସେଠି ଆଡ଼େଇ ରହନ୍ତି ଛୁଏଁ ଛୁଏଁ, ଭଲ ଜାଗା ନୁହେଁ । ଲୋକେ କହନ୍ତି । କଳି ଲାଗିବାକୁ, ନିଶା ରଖିବାକୁ, ଗୈରହାର ହେଲେ ଖିଅ ଉଣ୍ଡିବାକୁ

Digitized by srujanika@gmail.com

ପ୍ରଳାପ ଆସନ୍ତି । ଧରପଗଡ଼ ବି ଲାଗେ କେବେକେବେ । କିନ୍ତୁ ଆଜି ରହଣିରେ ପରିବର୍ତ୍ତନ ନ ଥିବା ଖାଇତା ମଣରେ ବଢ଼ାଇ ଦେଖାଇ ଏଇ ସାହିର ମୁହଁ ଉପରେ ଯେତେବେଳେ ସହରର ଭଦ୍ରସମାଜର ଏକ ମାହାଲା କୋଠା ଦୋମହାଲା କୋଠା ଠିଆହୋଇ ରହିଥାଏ ସେତେବେଳେ ଏଠି ଲାଗି ରହିଥାଏ ଆକସ୍ମିକତା, ପରିବର୍ତ୍ତନ, ଆଉ ଜୀବନର ସେହି ବୈଚିତ୍ର୍ୟ ଯାହା କେବଳ ନଥିଲାବାଲାଙ୍କଠି ଦେଖାଯାଏ ।

ଏପଟେ ବଢ଼ି ବଢ଼ିକା ସିଂଗାମୁ ବି ହେବଥିଲା ତା'ର ଜୀବନ ବିଷୟରେ । ହେଇ ଆଗରେ ସେ କରେ, ଓକିଲ ରାଘବ ମୂର୍ତ୍ତିଙ୍କ ଦୋମହାଲା କୋଠା । ଲୋକେ କହନ୍ତି ତାଙ୍କ ଟଙ୍କା ଗଣତିରେ ମାପ ହୁଏ । ଜମିର ଦଖଲ ବିଷୟରେ ଭାଗଚାଷ ମକଦ୍ଦମାରେ ସେ ଏତେ ଅର୍ଜନ କରିଗଲେ, ଛ'ଟା ମାସ ଭିତରେ ସେ ନାଉ ସୁନାରି କହେ ତା' ପାଖେ ସୁନା ଦେଇ କୋଡ଼ିଏ ଭରିର ଏକ ଦଶ ସରିଆ ହାର ଗଢ଼େଇଲେ, ସେଥିରେ ସୁନା ଅକ୍ଷରରେ ସ୍ମାରକ ଲେଖା ଲେଖିଲେ 'ଭାଗ ଚାଷ', ଜଗୁ ନାଏକ ସେତେବେଳେ ରଇତ ପଟେ ନେତା ହୋଇଥିଲା, ମକଦ୍ଦମା ଶହ ଶହ, ଆଉ ଏପଟେ ଜମି ମାଲିକଙ୍କ ପଟେ ବଡ଼ ଓକିଲ ରାଘବ ମୂର୍ତ୍ତି, ଜଗୁ ନାଏକ ପଦାରେ ତାଙ୍କୁ ଗାଳି ଦେଇ ଦେଇ ବୁଲେ ଅଥଚ ଦେଖାଗଲା ଜଗୁ ନାଏକ ଉପରେ ଯେତେବେଳେ ବଡ଼ ମକଦ୍ଦମା ସଜଡ଼ା ହେଲା ତାକୁ ରକ୍ଷା କରିବାକୁ ଠିଆ ହେଲେ ରାଘବ ମୂର୍ତ୍ତି । ଲୋକେ କହିଲେ କେଡ଼େ ଭଦ୍ର ଲୋକ ସେ, ଶରଣ ପଶିଲେ ଶତ୍ରୁକୁ ବି ସାହାପକ୍ଷ ହେବେ । ରଇତ ପଟ ଲେଉଟି ପଡ଼ି ଚହଲେ, କହିଲେ ଡାହାଣୀ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ ! ଦେଖି ନବା । ସେମିତି ସେପଟେ ପଟନାଏକ ଘର ମେଡ଼ । ସିନେମାଟା ବି ତାଙ୍କର, କେତେ ଜମି ! କେତେ ଘର ! କୁଆଡ଼ୁ କୁଆଡ଼ୁ ଶଗଡ଼ ଶଗଡ଼ ଧାନ ଆସି ଜମା ହୁଏ । ପୁଣି କୁଆଡ଼େ ଯାଏ । ଆଉ ସେହିପରି ଢେରେ ଲଗାଲଗି ହୋଇ ସାନ ବଡ଼ କେତେ କୋଠା, ଖପର୍ଲି ଘର, ଦୋକାନ, ବେପାରୀ, ଓକିଲ, ଡାକ୍ତର, ବଡ଼ ଚାକିରିଆ, କିଏ କେମିତି ଚଳୁଛି । ଘରର ମଣିଷ ଆଖିରେ ପଡ଼ନ୍ତି ନାହିଁ । ଆଖିରେ ପଡ଼େ ଘରଗୁଡ଼ାକ, ରଙ୍ଗ ପଚ୍ଛେ ଚୁଡ଼ୁପାଉ, କୋଠାରେ ଲାଗିଥାଉ କଳା ଫିମ୍ପି, ଜଦା ହୋଇ ଆଖି ଆଗରେ ଠିଆ ହୋଇ ରହନ୍ତି ଅପହଞ୍ଚ ସମାଜ

Digitized by srujanika@gmail.com

ଶ୍ରେଣୀର ଉଚ୍ଚ ସ୍ତରକୁ । ସେଇଠି ଲାଗେ ଉତ୍ସବ, ବାଇଦ ବାଜଣା ଶୁଭେ, ପିଲାଟିଏ ହେଲେ ଉତ୍ସବରେ ଗଗନ କମ୍ପେ, ଭୋଜି ଖାଇବାକୁ ଉଠିଆସନ୍ତି ସହରଯାକ । ସହରଯାକ, କିନ୍ତୁ ଏପଟଟା ନୁହେଁ । କେବେ ଡକା ହେଲେ ସଡ଼କ କରରେ ଧୂଳିରେ ଆସନ ବି ଧାଡ଼ି ହୋଇ, ଅବଶ୍ୟ ପାଣି ଛିଞ୍ଚା ହୋଇଥାଏ ଆଉ ଖରକା ଧୂଳି ଆସ୍ତେ ଆସ୍ତେ ଝଡ଼ି ଲାଗିଥାଏ ପତର ଉପରେ । ଚେଁ ଷ୍ଟଁ କେଁ କାଁ ହୋଇ ମାଡ଼ିଆସନ୍ତି ଦଳକୁ ଦଳ । ଛୁଆ ବୁଢ଼ା, ସ୍ତ୍ରୀ ପୁରୁଷ, କାହା ହାତରେ ଟିଣ ଖୋଳ କାହା ହାତରେ ଛେଲୁଅ । ନୁଖୁରା ମୁଣ୍ଡ, ଛିଣ୍ଡା ଲୁଗା, କର୍ଣ୍ଣିଆ, କୌପୁନି, ଯେ ଯେଉଁ ବେଶରେ । ଆବୁଆବୁଆ ଦେହ, ପୁଣି ଦେଗିଣା, ହାଡ଼ ଚମ, ଗାଲରେ ଘା, ପିଠିରେ ଯାଦୁ ଆଉ କେତେ ମୁହଁ ଯେପରିକି ଫୁଲ କଡ଼ଗୁଡ଼ାକ ହଠାତ୍ ମଝିରେ ଝାଇଁ ମାରିଦେଇଛି, ସେନ୍ତର ଯାଇଛି । ଆଉ, ଯେତେ ଯେତେ ଭଲ ଲୁଗା ସଫା ଲୁଗା ସୁସ୍ଥ ଦେହ ଛନଛନିଆ ଗଛ ଯେତେ ଫୁଲ ସୌନ୍ଦର୍ଯ୍ୟ ସୃଷ୍ଟି ଆଉ ସୁଖର ମୁହଁ ସବୁଯାକ ସେଠି ଆରପଟେ, ଯେତେ ସୁରୁଚି ମାତ୍ର ଆଉ ଶାନ୍ତ ସଂଯମ, ସେଠି ଯେଉଁ ପଟେ ଭୋଜି ମାଡ଼ା ଚଢ଼ୁଛି, ଟାଉ ଟାଉ ନାହିଁ । ସିଂଗାମୁ ଆପଣା ସମାଜର ଜୀବନକୁ ଉଦାହରଣ ଦିଏ, ସିନେମା ଛବି ଆଉ ସିନେମା ଗୀତକୁ ଉପଲକ୍ଷ କରି, କହେ କେତେ ନୂଆ ଆଉ ଭୁଲିଲା ପରି, ଆଜି ଅଛି କାଲି ନାହିଁ ।

ସତରେ ସେ ଦେଖିଥିଲା । କେତେ ସୁଖ ଦୁଃଖର ସାଙ୍ଗସାଥୀ । କିଏ କୁଆଡ଼େ ବୁଲିଗଲେଣି ? କାହାର ବାସର ପତ୍ତା ବି ନାହିଁ ଆଉ । ଭୁହାଇ ଭୁହାଇ ରୋଗ ଘୋଟେ, ଜର ହଇଜା ବସନ୍ତ ଆଉ କେତେ ଅସନା ରୋଗ । ବୁହୁଁ ବୁହୁଁ ଘର ଘରଖାଲି ପଡ଼ିଯାଏ । ପୁଣି ସେପଟର ଭଦ୍ର ଦୁନିଆଁର ଦାଡ଼ରୁ ଝସିପଡ଼ି ଆଉ କେତେ ବୁଲି ଆସନ୍ତି ଭଙ୍ଗାଚୁଜା ଗୋଟେଇ ନୂଆ କରି ଘରକରଣା କରିବାକୁ । ସେ ବି ଯାଆନ୍ତି । ଅଳିଆ ପରି ଅଚିହ୍ନା ମଣିଷ ଏଇ ସହରତଳିକୁ ଫୋପଡ଼ା ହେଲେ ବି କେତେ ନୂଆ । କାହା ଘରେ ବି ଦିନପାଇଁ ଦୀପ ଜାଳିବାକୁ ଆଉ କେଉଁ ଜାଗାର ମାଇପିଟିଏ ଆସି ପହଞ୍ଚିଲାଣି, ପୁଣି କେଉଁଦିନ ଗଲାଣି ବାହାରି । ମଣିଷ ମରିଯାଏ, ମଣିଷ ବୁଲିଯାଏ, ରହିଥାଏ ଯେତେଦିନଯାକେ ସେତେଦିନଯାକେ କେତେ

Digitized by srujanika@gmail.com

ତାପାଇଁ ବଡ଼ା ଜମିରେ ବଡ଼ା ଗୃହରେ କେମିତି କଣିକିଆ ଦୁନିଆଁରେ ବଞ୍ଚିବ କୁହନ୍ତୁ ତୋ ଭିତ ପେଟ ନିତି । ଭଲ ମନ୍ଦ ସେ ବୁଝିପାରେ କିନ୍ତୁ ଅଧିକ ବୁଝିପାରେ ଦେହ ଖାଇବା ଲାଗି ଖଟି ଖଟି ପୋଷେ ଆଣିବା ଅପେକ୍ଷା ବଳିବା ଦିନ ନେଇ ଆଣିବାର ଅନେକ ସୁବିଧା । ଅଖାଦ୍ୟ ଖିଆ ନିଶାର ଦେହକୁ ଯେତେବେଳେ ବାଧିବା ଲାଗେ ସେ ବୁଦ୍ଧି ଖେଳାଏ । ଭଲ ବାଟରେ ଲୁଣ ଦାନକୁ ଡିଆଁଇ ଗାଧୋଇ ଗଳ ଗଳ କରି ସତକଥା କହି ଆପଣା ଦୁଃଖ ଦୁର୍ଦ୍ଦଶା ନିବେଦନ କରି କରି ମୁଣ୍ଡ ପେଡ଼ି ଭଲଲୋକ ବଡ଼ପଣ ଦୁଆରେ ତାକୁ ଦଶବାଟରେ ଠିଆହୋଇ ଅପେକ୍ଷା କରିବାକୁ ପଡ଼େ ଚରମ ନାସ୍ତି ବାଣୀ ଶୁଣିବାଯାଏ, ଯେଉଁଠି ସେ ଯେତେ ଯାହା କଲେବି ନାକଟ୍ଟିଅଙ୍ଗା ଗାଳି ଅପବାଦ ଶୁଣି ଶୁଣି ଫେରିଆସେ ତା ଆଗରେ ଆଉଣା ଲେଙ୍କୁଡ଼ ଉଦାଉରେ ସୁକୁସୁକୁ ହେଉଥିବା ଭଲ କଥା ଭଲ ବୁଦ୍ଧିକୁ କାମରେ ଖେଳାଇ ବାହାଦୁରି ନେବାକୁ ତାର ଯେପରିକି ପ୍ରବୃତ୍ତି ହୁଏନାହିଁ । ସିଙ୍ଗାମୁରି ମୁଣ୍ଡରେ ଥିଲି ପଦେ କଥା, ବେଗ ଧରିବ, ଯେମିତି ଘାଉଡା କଲି ଲଳତାକୁ । ପଣ୍ଡ୍ରାକୁ, କାଗ୍ରାକୁ, ପୁଳସ ଧରିନେବ, ଯେମିତି ଧରିନେଲି ମଦବିକାଳି ମାଗତାକୁ, ପିଣ୍ଡିକଟା ହୁସୁନାକୁ, ସାନ ଘେରର ନଖିଆକୁ । ଅବସ୍ଥା ଧରି ନେଇ ମୋଡ଼ିଦେବ, ଯେମିତି ଚୂନା କରିଛି କେତେ କେତେ ଲୋକଙ୍କୁ । ତା ଆଗରୁ ଯେତେଦିନଯାଏ ସୁବିଧା ସୁଯୋଗ ଥିବ ଯାହା ମିଳୁଛି ତାସବୁ ଗୋଟେଇ ଗୋଟେଇ ନେଇ ଦୁଇ ହାତରେ ମୁଠା ମୁଠା କରି ହାଉଁ ଭିତରକୁ ଝୋପିଦେବା କଥା, ତା' ବିଚାରରେ ପଦେ କଥା ସତ, ଯାହା ଯେତେବେଳେ ହୋଇନାହିଁ ତା' ହୋଇପାରିଲା ନାହିଁ । ଯେଉଁ ସିନେମାଟା ଦେଖା ହୋଇପାରିଲା ନାହିଁ, ଯେଉଁ ଠେକକ ପିଆ ହୋଇ ପାରିଲା ନାହିଁ, ଯେଉଁ ପିକାଖଣ୍ଡ ଟଣାହୋଇ ପାରିଲା ନାହିଁ—ଗଲା ସେବେଳ ଗଲା, ଆଉ ଫେରିବ ନାହିଁ । କିଏ ଜାଣିଛି ହୁଏତ ଆଉ ଥରେ ଚେଷ୍ଟା କଲାବେଳକୁ ବେଳ ନଥିବ, ବଳ ନଥିବ, ଜୀବନ ବି ରହିଥିବ ବୋଲି କିଏ କହି ପାରିବ ! ହେଇତ ସେଥର ତା'ର ସାଙ୍ଗ ନଟୁଆ, ମା' ଶୁଖୁଆ ପୋଡ଼ୁଟା ଭଜଣୀ ପଖାଳ ବାଡ଼ୁଟା ବଜୁଳିଖୁଣ୍ଟ ଉପରେ ପାବଟାଏ ଲଗିଯାଇଛି ଯେ ବାହାଦୁରି କରି ଆଣିବାକୁ ଚଢ଼ିଗଲା ଯେ ସେ ବି ଟଳିପଡ଼ିଲା ସେଇଠି ! ଘଟନାଟା ତାର ମନଭିତରେ କେଉଁଠି ଯେପରିକି ପଥରରେ ଗାର କାଟିଲାପରି ରହିଯାଇଛି ।

Digitized by srujanika@gmail.com

ତା'ର ଏତେ ଆପଣାର ସାଙ୍ଗ, ନରୁଆ ଅଦୃଶ୍ୟ ହୋଇଗଲା । ଥରେ ବି ସପନେଇ ନାହିଁ । ଚେଇଁଥିଲାବେଳେ ଭାବିଲେ ମନେପଡ଼ୁଥାଏ ତାର ଶେଷ ବେଳର ସେଇ ମୁହଁଟା, ହଠାତ୍ କେମିତି କାବାହୋଇ କାହାକୁ ଚାହିଁଲା ପରି, ଆଉ ନାହିଁ ଚେତନ । ସେ ବି ବୁଝେଇ ଦେଇଗଲା, ଭୂତ ମିଛ, ପ୍ରେତ ପିଶାଚ ମିଛ, ଅସଲ ସତ ଏଇ କଥା ଦେହଟା ଆଉ ଥିବାଯାକେ ଯେତେ ଅନୁଭୂତି । ଚାଲିଗଲା । ତାର ଆଉ ଚିହ୍ନ ନାହିଁ । ପୋଲିସୁ ସିଙ୍ଗାମୁ ଦେଲା ଏଇ ଧାରଣା ପିଇ ପିଇ ବଞ୍ଚିଛି । କେହି ଆସିନାହିଁ ତାର ଧାରଣା ବଦଳେଇବାକୁ, ତାକୁ ଅନ୍ୟ ବାଟ ଦେଖାଇବାକୁ, ଚାଲିଛି ନା ଚାଲିଛି ଆପଣା ଅବାଟରେ, ପୁରୁଣା କଥା ଥାଇ ତା କଥାକୁ ମାନିନାହିଁ, ଫୁଲରେ ପୋକ ଦେଖିଛି ଅଥଚ ଜାଣି ଜାଣି ନାକ ପାଖେ ଧରିଛି, ସେମିତି । ସେ ଜାଣେ ତାକୁ ପୁଲିସ ଛକିଛନ୍ତି । ତାଙ୍କ ତାଲିକାରେ ତାର ନାଁ ଅଛି । ସେମିତି ତ ଅଛନ୍ତି ଆହୁରି ଗଣ ଗଣ, ସମସ୍ତଙ୍କୁ ଉଜର ଆସିବ ନାହିଁ, ତାର ଅଲେଖା ଜାତକରେ ବେଳୁସୁ ଯେଉଁ ଶନିଦୃଷ୍ଟି ତହିଁରେ ପୁଲିସଙ୍କ ଦୃଷ୍ଟିକୁ ସେ ଛଳ କରେ ନାହିଁ । ସବୁ କଥାକୁ ବେଜ ଭାଙ୍ଗି ଅବିଶ୍ୱାସ ଆଉ ବିଦ୍ରୂପ ଭଙ୍ଗୀରେ ମୁହଁ ଭୃକୁଟେଇ ହସିଲା ପରି ତାର ବ୍ୟବହାର ମିଶା । ଲୋକେ ଯେ ତାକୁ କହନ୍ତି ଦଣ୍ଡାବାଳୁଙ୍ଗା ହେରେସା ଆଉ ହୁର୍ଦ୍ଦିଙ୍ଗା ଆଉ ବଡ଼ ବଡ଼ ବେପାରି ବାରମ୍ବାର ତା ନାଁରେ କହି ଅଧିକାରୀମାନଙ୍କ ପାଖରେ ଅଳି କରନ୍ତି ସେଇଟାକୁ ସିଧାକରି ବୋଲି, ସେ ଯେପରିକି ତାର ପ୍ରଶଂସା ବୋଲି ସେ ଭାବେ, ସେ ଏତେ ଜାଣନ୍ତା ଯେ ଲୋକେ ତାକୁ ମନେରଖିଛନ୍ତି ।

ଇଲର ଦଉଡ଼ ଏତେ ବାଟକୁ ହୋଇ ନ ପାରିଲେବି ସେ ସେହି ଘାଟରେ ଗାଧୋଇଛି । ଚାଲିଛି ଗୋଡ଼େଇ ସିଙ୍ଗାମୁର ଗତର ଧରି ଧରିକା, ତା' ସଙ୍ଗେ ସଙ୍ଗେ ରାତି କାମରେ ବୁଲିଛି ବିପଦ ଭିତରକୁ ଯାଇଛି । ମଲ୍ଲା ସାହିରେ ନିଆଁ ଲାଗିଥିଲା ଯେତେବେଳେ, ହୋଇଗଲା ବଇଶାଖରେ, ସାହିଯାକ ମଣିଷ ହାଉ ହାଉ ହେଉଥିଲେ, ଯେତେବେଳେ ନାକରୁନ୍ଧା ପକାଉଥିବା ଧୂଆଁ ଭିତରେ ପଶି ଜଳି ଯାଉଥିବା ଘର ଭିତରୁ ଉଦ୍ଧାରି ମଲ୍ଲାର ଅନ୍ଧ କାଣୀବୁଢ଼ୀକୁ ବାହାର କରି ଆଣିଥିଲା ସେହି, ଆଉ ସାହୁଘର ଗୋଦାମର ଉପର ଚାଳର ଟାଲୁରେ ଅଟପା ହୋଇ ଠିଆ

Digitized by srujanika@gmail.com

'ହୋଇ ଗୋଡ଼ପଟୁ ଜଳ ଉଠୁଥିବା ସାନ୍ଧ ଗୁଅର ନିଆଁକୁ ବ୍ୟଙ୍ଗରେ ଆ ଏଠିକି ଆ ବୋଲି ଡାକ ଅଶ୍ଳୀଳ ଗାଳି ବରଷି ବରଷି ଯନ୍ତ୍ରପରି ତଳକୁ ହାତ ବଢ଼େଇ ବାଲ୍‌ଟି ଉପରୁ ବାଲ୍‌ଟି ପାଣି ଧରି ନେଇ ନିଆଁ ଉପରେ ଅଜାଡ଼ୁଥିଲା ପୋଲିସ୍ ସିଙ୍ଗାମୁ ରେଡ୍ଡି, ଲହ ଲହ ନିଆଁ ଲହଡ଼ି କରେ କରେ ନାଚିଲା ପରି ଧାଉଁଥିଲା ସେହି ଗୋଟିକିଆ ଗୁଛଟା। କେହି ଭଦ୍ରଲୋକ ହୁଏତ ପାଖର ଲୋକକୁ ଆବେଗରେ କହୁଥିଲେ, 'ଦେଖ ଟୋକାର କେଡ଼େ ସାହସ'। ସଭାରେ ବକ୍ତୃତା କରିସାରି କେମିତି ହେଲା ବୋଲି ଥରି ଥରି କର ପଚାରି ବୁଝିଲା ପରି ବ ସେ କାହାଠୁ ତା' କଲା କାମ ବିଷୟରେ ମନ୍ତବ୍ୟ ସଂଗ୍ରହ କରିନାହାଁନ୍ତି। ସେଠୁ ଫେରି ସିଧା ଚାଲି ଯାଇଥିଲା ନନ୍ଦାଦେଉଳ ସେ ପାଖରେ ଯେଉଁ ନୂଆ ବାବାଜି ଆସି ବସୁଥିଲା ତାହାରି ପାଖକୁ। ଗଞ୍ଜେଇ ଚିଲମ ପାଇଁ ହାତ ପତେଇଥିଲା ଆଉ ବାବାଜିର ମନ ନେବ ବୋଲି ତାଠୁ ଆତ୍ମା ବିଷୟରେ ଦି' ପଦ ଶୁଣି ନେଇଥିଲା।

ଚାଲିଥିଲେ ସେହି ଦୁଇଜଣ ସେହି ବଢ଼ିଲା ନଈ କୂଳେ କୂଳେ। ଟିକିଏ ଆଗରୁ ଦୁହେଁ ଭାବୁଥିଲେ ସେହି ନଈଟାର କଥା। ଅନ୍ଧାରେ ଅନ୍ଧାରେ ନଈ ଚାଲିଯାଉଛି। ଚହଲାଇ ଜଣାଇ କେତେ କୁଆଡ଼େ ଚାଲିଯାଇଛନ୍ତି, ଜନ୍ମ ପର ବର୍ଷ କଏ କେଉଁଠୁ ଯେମିତିକି ହଜି ଯାଇଛନ୍ତି। ଘଡ଼ଘଡ଼ି ଅନ୍ଧାର ନଈକୂଳିଆ ପବନର ହାବୁକା ଆଉ ଶୂନଶାନ୍ ଅନ୍ଧାର ଭିତରେ ନଈର ସେ ବିଚିତ୍ର ବୋଲି ଆଉ ରହି ରହିକା ବିଜୁଳି ଆଲୁଅରେ ଖାଁ ଖାଁ ଅଚଡ଼ା ଅପନ୍ତରା ସବୁ ଏକାଠି ହୋଇ ମନର ଗଭୀର ତଳରୁ ଗୋଟାଏ ଭାବକୁ ଚିଆଇଁ ଉଠେଇବାକୁ ଚେଷ୍ଟା କରୁଥିଲା, ଯେ ସବୁ ଭେଳିକି, ସବୁ ବହୁରୂପୀ। ଭୁଣ୍ଡ କଥାର ଗାଲଭୁଟୁଡ଼ି ଉହାଡ଼ରେ ମନରେ ଖେଳିଯାଉଥିଲା ଉଦାସ ଭାବ, ଆଗ୍ରହ ସରି ଆସୁଥିଲା। ତାପରେ ପୁଣି ସେ ଚିଆ ଚେଇଁ ବନ୍ଦ ହୋଇଯାଇଛି। ଯେମିତି ଆସିଥିଲା ସେମିତି ଚାଲିଯାଇଛି। ବ୍ୟକ୍ତିତ୍ୱ ତା'ର ରୂପ ବଦଳାଇଛି। ନିଶା ଘୋଳରେ ଗୋଟାଏ କଥା ରୁଆ ଧରିଲା ପରି ଖାଲି ଗୋଟାଏ ଝୁଙ୍କରେ ପାଦର ଗତି ମାପ ହୋଇ ହୋଇ ଚାଲିଛି, ଯେ ସୁନା ପାଇବାକୁ ପଡ଼ିବ, ମଣିଷ ଲୁଟେଁ,

Digitized by srujanika@gmail.com

ସୁନା, ଯେଉଁଥିପାଇଁ ମଣିଷ ଖଟି ଖଟି ସାବାଡ଼ ହୁଏ ଛୁଞ୍ଚପାରେ ନାହିଁ, ଗୋଟାଇ ତ ନେବାକୁ ପଡ଼ିବ ତାକୁ ଆପଣାର କରି, ଶିକାର କରିବାକୁ ପଡ଼ିବ ।

ହେବ ଅବା, ସେହି ଜୀବନର ରୁଦ୍ଧ ରଖା ଆବେଗ ବାଟ ପାଇବ ବୋଲି ଏତେ ବାଡ଼େଇ ପିଟି ହୋଇ ସେହି ବାଟେ ଜଳାଟିଏ ହେଇଥିଲା । ତା'ପରେ ଆପେ ଆପେ ଖୁଲିଲେ ଫୁଟି ଉଠିଥିଲା ଶକ୍ତି ଆଉ ସତର୍କତା ଉଦ୍ଭବ । ପାଖେ ବଡ଼ିଲା ନଈ, ପାଖେ ଅନ୍ଧାରଝାଣ୍ଟି । ବଙ୍କେଇବଙ୍କେଇ ଦାଡ଼ । ସେ କରେ ଅରମା । ବୁଦା ବାଉ, ବାଉଁଶ ବୁଦା, ଗଛ କ ଖାଲ ପଦା । ସାମ୍ନାରେ ହେଲା ସହରର ଜୁଳୁଜୁଳୁ ଅଲୁଅ ମିଟିମିଟି ଆଲୁଅ । ମୁଣ୍ଡ ଉପରେ କଳା ବଉଦ ଲଦା ହେଉଛି । ଥାଇ ଥାଇ ନଳା ମୁହଁରେ ମୁରୁକି ହସା ଦେଉଛି ଚନ୍ଦ୍ର । ସତେ ଅବା ହୋଟି ପିମ୍ପୁଡ଼ିର ବାଟଉଣ୍ଡା ବାଗ ଦେଖୁଛି । ଛଳ ଛଳ କରି ଉଠୁଛି ପାଣି । ଲାଗୁଛି ଯେପରିକି ଅନ୍ଧାରରେ ଥିରି ଥିରି ହାତ ମାରିମାରି କିଏ ପାଖକୁ ଆସୁଛି, ପୁଣି ଅଟକି ଯାଉଛି । ଟର୍ଚ୍ଚ ଲାଇଟର ନାଲିଆ ଆଲୁଅ ଟିକିଏ ଖେଳିଯାଉଛି । ପୁଣି ମୁଦ ହେଉଛି । ଏକରୁ ସେକରୁ ବେକ ମୋଡ଼ି ମୋଡ଼ି ଅନସା କଲାବେଳକୁ ପାଖକୁ ପାଖ ଘଟା ସାନ ସାନ ବଡ଼ ହୁଳା ବୁଲିଯାଉଛି । ଆଉ କଥାଭାଷା ନାହିଁ । ଖାଲି ଖୋଜଖୋଜକା କାଦୁଅ ଉଆଁ ।

ଠାଏ ସିଙ୍ଗାମୁ ଇଲାର ବାହାକୁ ଟିପି ଧରି ଅଟକାଇ ଦେଇ ଆର ହାତରେ ଆଗକୁ ଦେଖାଇଲା । ନଈ ଯେଠି ପଶି ଆସିଛି । ପାଣି ଭିତରେ କୂଳରୁ ଖଣ୍ଡେ ଗୁଡ଼ ଖଜୁରି ବୁଦା ଏକରେ କଣଟାଏ ଲମ୍ବିଛି ଯେପରିକି । ସେହି ଆଡ଼କୁ ମୋହିଁ କୂଅରେ ବରଗଛ ତଳେ ପଲେ ବିଲୁଆ ଅପେକ୍ଷା କରି ଜମା ହୋଇଛନ୍ତି । ତାଙ୍କରି ଉପରେ ଆଲୁଅ ପକାଇଲା । ସଙ୍ଗେ ସଙ୍ଗେ ପୁଞ୍ଜାପୁଞ୍ଜା ଟିକି ଟିକି ଗୋଲ ଗୋଲ ନିଆଁ ରଉ ନାନା ଚଉନରେ ତେଜ ଉଠିଲା । ପୁଣି ଆଲୁଅ ପଡ଼ିଲା, ଏଥର ଦିଶିଲା ନିଆଁ ଟୋପାଗୁଡ଼ାକ ଚହଲି ଉଠିଲା । ଏକରୁ ସେକରୁ ବୁଲିଲା । ପାଉଁଶିଆ ଅସ୍ପଷ୍ଟ ହୋଇ ବାରି ହେଲା ତାଙ୍କ ଦେହ, ସାନ ବିଲୁଆ, ବଡ଼ ବିଲୁଆ କୋଦା ବିଲୁଆ, ସନ୍ତୁଆ ବିଲୁଆ କିଏ ବସିଛି କିଏ ଠିଆ ହୋଇଛି କିଏ

Digitized by srujanika@gmail.com

କୁକୁର ପରି ଆଗକୁ ହଠାତ ମେଲ ପିଠିକି ଧନୁ ପରି ବଙ୍କେଇ ଭୁଡ଼ ମୋଡ଼-ହେଉଛି । ଆହୁରି ଦି' ପାହୁଣ୍ଡ ଆଗକୁ । ବାଲୁଆମାନଙ୍କର ଯେପରିକି ହଠାତ୍ ହୋସ୍ ହେଲା, ଝେଙ୍କେଇ ହୋଇ ଧାଇଁ ପଳାଇଲେ, ଅଳ୍ପ ପଛରେ ତଥାପି ହଣିଲା ଯୋଡ଼ା ଯୋଡ଼ା ହୋଇ ଆଖି, ଅଜ ବରଗଛ ଡାଳଯାକ ହଠାତ୍ ଫଡ଼୍ ଫଡ଼୍ ଲାଗିଗଲା, କେଁ କାଁ ଶବ୍ଦ ଉଠିଲା । ଆଲୁଅ ଚଢ଼େ ବାରି ହେଲା ନଦା ନଦା ଶାଗୁଣା ବସିଛନ୍ତି । ଲୁହା ପରି ଟାଣ ହୋଇଗଲା ଦୁଇଟାଯାକ ପୁଙ୍ଗା ଦେହ । ବୁଲିଁ ଚଳିଗଲା । ସିଙ୍ଗାମୁ ରେକ ଆହୁରି ଆଗେଇ ଯାଇ ଝକ୍ ଝକ୍ କରି ଲାଗେ ଲାଗେ ଆଲୁଅ ପକାଇଲା ଖଜୁରି ବୁଦା ଆଡ଼କୁ । କୁଦ ପରି ଗୋଟାଏ କ'ଣ ଦିଶୁଛି, ପାଣି ହାବୁକାରେ ଆସ୍ତେ ଆସ୍ତେ ହଲୁଛି, କୂଳଠୁ ସାତ ଆଠହାତ ଦୂର ହେବ, ଖାଲି ଭଙ୍ଗାଟାରେ ଯେଉଁଠି ଖଜୁରି ବୁଦାଟାକୁ ବି ଅଣ୍ଟାଏ ପାଣି ହୋଇଛି କି ନାହିଁ । ଆହୁରି ପାଖକୁ ଗଲା । ଏଥର ବାରି ହେଲା ତା'ର ଆକୃତିରୁ କିଛି । ଚେପ୍ଟା ହୋଇ ପଡ଼ିଛି କ'ଣ ଗୋଟାଏ, ଯେପରି ଚକ୍ର କ'ଣ ଠେଲି ଧରିଛି । ଦେହରେ ଲୁଗା ନାହିଁ, ଖାଲି ପୁଙ୍ଗା ଆଉ ଶେଥା ହୋଇ କ'ଣ ଗୋଟାଏ ପଦାର୍ଥ । ସେ କରେ କଳା କଳା ଶିଉଳି ଗୁରେଇ ହେଲା ପରି ଗୋଲ ହୋଇ ଗୋଟାଏ କ'ଣ ପାଣିରେ ଅଧା ବୁଡ଼ିଛି, ତା' ଏପଟେ ବଡ଼ ବଡ଼ ଗୋଲ ଗୋଲ ଝିନ ମେଞ୍ଚା ହୋଇ ଏକାଠି ଗୋଟାଏ ମେଦ ପଡ଼ିଛି ଭାଗେ ବୁଡ଼ିରହିଛି ପାଣିରେ, ତା' ଉପଟେ ହଟା ଗୋଲ ଧଳା ଖୁମ୍ବ ସେହି ମେଞ୍ଚାରୁ ବାହାରି ପାଣିରେ ବୁଡ଼ିଲା ପରି ଅଳ୍ପ ବାରି ହେଉଛି, ଆଉ ହଟା ଗୋଲଗାଲ ମୋଟ ମୋଟ ଧଳା ଖୁମ୍ବ ଗୋଟାଏ ଫୁଲା ଫୋଟକା ହକରେ ଚେଙ୍ଗା ହୋଇ ଚଳିଛି ପାଣିରେ । ସିଙ୍ଗାମୁ ପୁଣି ଥରେ ହେଉ କଲା ସେହି ଧଳା ଗୋଲ ହଳଜଲଖଣ୍ଡ । ଯାହା ଉପରେ ଚଢ଼ି ନଚୁଆ ପ୍ରାଣ ଦେଇଥିଲା, ସେହି ଯେପରିକି ଉପଡ଼ା ହୋଇ ହଣ୍ଡ ହୋଇ ପଡ଼ିଛି ଏଠି, ସେମିତି । ମରଣର ଚେତନା ଛୁଟ୍ କରି ଉଡ଼ିଆସି ଲାଖିଗଲା ମୁହୂର୍ତ୍ତେ ତା'ର ମୁହଁ ଉପରେ । ସେ ବି ସେମିତି ଆଶ୍ଚର୍ଯ୍ୟ ହେଲା ପରି ପୁଣି ଝଟେଇ ହେଲା ଭଲରେ ଅନାଇ ରହିଲା ଗୋଟାଏ ଅସ୍ୱାଭାବିକ ଭଙ୍ଗୀରେ, ପଛଆଡେ ତା'ର କାଛ ସ୍ୱେପଟ କାନ ପାଖେ ଗାଲ ଡେରି ଦେଇ ବୁହିଁଥିଲା ଇଲା ଚେଳି, ମସଲା ସରି ଆସୁଥିବା ଟଚି' ଆଲୁଅରେ ତାକୁ ଦିଶୁଥିଲା ଯେପରି ଫୁଲି ଫଉଲି ଯାଇ ଉଖଅହୋଇ ଗଦା ହୋଇଛି

Digitized by srujanika@gmail.com

ଗୋଟାଏ ବାଲୁଘର ମଡ଼ଟା, ଅଥଚ ବାଲୁଘ ବୋଲି ଫୁଗ୍ଫୁର ବାର
ହେଉନାହିଁ । କେଉଁଠି କେତେ ଅମେଳ ରହି ଯାଇଛି । ଗଛ ଉପରେ
ଶାଗୁଣା ଫଡ଼୍‌ଫଡ଼୍‌ ହେଲେ । ମେଘ ଘଡ଼ଘଡ଼ ହେଲା । ଝକ୍‌ ଝକ
ମାରିଲା ବିଜୁଳି, ଭୁହାଇ ଭୁହାଇ । ଆଉ ସେହି ଆଲୁଅରେ ଚହ୍ଲାଚହ୍ଲି
ହୋଇଗଲା, ଆକାଶରେ ସ୍ତରସ୍ତର କଳାମେଘ ଚଳକୁ ଚଳକୁ ଓହଳ ଆସୁଛି,
ଗଛ ଉପରେ ପାଖ ପାଖ ଲଗାଲଗି ହୋଇ ସାପ ପରି ବେକ ହଲେଇ
ହଲେଇ ଶାଗୁଣାମାନେ, ଗାଲର ଝୁଲିବ ବାଗ ହେଉଛି, ଆଉ ସେ କରେ
ପଡ଼ୁଛି ଭୟଙ୍କର ଲଗେ ଫୁଲିଯାଇଥିବା ଫୁଙ୍ଗା ମାଇପି ଦେହଟା, ମୁଣ୍ଡ
ବାଳଗୁଡ଼ାକ ଫିଟିଯାଇ କେବ କେଗ ହୋଇ ଗୁରେଇ ହୋଇଯାଉଛି ମୁହଁ
ଉପରେ ଆଉ ଗଣ୍ଡିରେ ଠାଏ ଠାଏ । ଜଳଜଳ, ଶେଥା, ଫାଟିବା ଯାକେ
ଫୁଲିଲା ପରି ମାଂସ ଫୋଟକାମାନ ଟାଙ୍କି ହୋଇ ରହିଛି ଏକାଠି । ପାଣି
ହାବୁକାରେ ଆସ୍ତେ ଆସ୍ତେ ହଲୁଛି । ଭୁହୁଁ ଭୁହୁଁ ବିଜୁଳି ଲିଭିଗଲା ।
ଦୁହିଁଙ୍କ ମୁଣ୍ଡ ଭିତରେ ଏକାଠି ମେଳି ଉଠିଲା ଯେପରିକି ଗୋଟାଏ
ସ୍ୱପ୍ନରେ ଚହ୍ଲା ଖତକୁର ଗଦା, ଅଣ୍ଡାଳିଲେ ସୁନା ମିଳିବ, ସୁନା-ସୁନା
ଝୁରି ହେଉଥିବା କେବେ ନ ପାଇଥିବା ଅନନ୍ତ ଷମତାରୁ ମୁଣ୍ଡା ମୁଣ୍ଡା,
ମେଞ୍ଚା ମେଞ୍ଚା, ଶୁଖି ଶୁଖି ଖେପା ହୋଇ ରହିଥିବା ଠିକ୍ ଯେପରିକି
ହଠାତ୍ ରକ୍ତ ପିଇ ଫୁଲିଗଲା, ଟଣକଗଲା, ଦେହ ଫାଟା ଟଣକ ଟଣେ
ମୁଣ୍ଡରୁ ତଳପାଯାକେ ଝାଇଁ ଝାଇଁ ହୋଇ ଥରିଗଲା, ଓଦା ପବନର ଚଳି
ପାଣିର ସ୍ପର୍ଶ ଭେଦିଲା କାହିଁ ଯେଠି, ଉଦ୍‌ଭ୍ରାନ୍ତା ହୋଇ ଠେଲା ପେଲା ହୋଇ
ପାଣି ଚବର ଚବର କରି ଦୁହେଁ ଦୌଡ଼ିଗଲେ ସେହିଆଡ଼େ ଯେପରିକି
ମଣିଷ ନୁହନ୍ତି । ଜନ୍ତୁ ଦଟା । କାଦୁଆ ଟାଲିରେ ଗୋଡ଼ ପଡ଼ିଗଲା ।
ଗୋଟାକ ପରେ ଗୋଟାଏ ଦୁଲ୍‌ ଦାଲ୍‌ ହୋଇ ଗଡ଼ଗଡ଼େଇ ହେଲେ ।
ସେହି ମଡ଼ଟା ଉପରେ । କାଦୁଅ ପରି ଆଉ ନାଳ ଟକଟା, କାକର,
ନରମ, ସୁଆଡ଼େ ଲଗିଗଲେ ଦେହରେ ଝାଉଁ ଝାଉଁ ଲାଗୁଛି, ଇଲି ରେଲି
ଅନୁଭବ କଲା ଜାଅନ୍ତା ମାଂସର ଅନ୍ଧ ସନ୍ଧରେ ମଳମାଂସର ସ୍ପର୍ଶ,
ଗୁଡ଼ରେ ପିଟା ଖାଇଲା ପରି ଚମକ ଠିଆ ହେଲ, ଦେଖିଲା ପିଙ୍ଗାମ ଧରି
ଘୋଷାରୁଛି । ସେ ବି ଘୋଷାରିଲା । ପାଟିରେ ଛେପ ଅଟକ ଯାଇଛି,
ଝାଙ୍କି ଝାଙ୍କି ଘୋଷାରୁଛନ୍ତି ଦୁହେଁ, ପାଣିରେ ହଂସ ପହଁରିଲା ପରି ଭସି
ଭସି ଭଲି ଆସୁଛି କୂଳକୁ କୂଳକୁ । ଗଛ ଉପରେ ଶାଗୁଣା କାମୁଡ଼ା

Digitized by srujanika@gmail.com

କାମୁଡ଼ି ହୋଇ କନକନା ବୋବାଇଲେ । ସିଙ୍ଗାମୁ ଟର୍ଚ୍ଚ ଆଲୁଅ ମାରିଲା । ଚଞ୍ଚଳ ଅନ୍ୱେଷା କରି ଛାବ୍ରୁ ଦୁହାଣିରେ ଦରଣ୍ଡି ଗଲେ ଦେହସାର୍ । ବେକ, ହାତ, ଅଣ୍ଟା, ଗୋଡ଼ । କାହିଁ ସୁନା, କିଛି ନାହିଁ କେଉଁଠି କିଛି ନାହିଁ । ଖାଲି ଗୋଡ଼ ଆଙ୍ଗୁଠି ଆଉ ହାତ ଆଙ୍ଗୁଠି ଛଡ଼ା ଦ ଢ ଭାଗ ହୋଇ-ଯାଇଛି କେଇଟା ମୁଦିରେ କେତେଟା ତମ୍ବା କେତେଟା ରୂପା । ନାକ କାନ ଖୋଜିବାକୁ ମୁହଁ ଉପରୁ କାନ—ଓଟାର କାଢ଼ିଦେଲେ, ସେଠି ବି କିଛି ସୁନା ନାହିଁ ଭୁଣ୍ଡା ଗୋଲ ହୋଇ ତାର ମୁହଁଟା, ପାଟିରେ ବାଙ୍କ ଆଁ ପ୍ରକାଣ୍ଡ ହୋଇ ଫୁଲିଯାଇଛି ନାକ, ଗାଲ, ଡିମା ଡିମା ବୁଜିଲା ଆଖି, ଆଖିପତା, ଫୁଲିଯାଇ କେମିତି ନୂଆ ପ୍ରକାର ଦିଶୁଛି, ଆବୁ ଆବୁ ହୋଇ ମାଂସ ଫୁଲିଉଠିଛି, ପାଣି ବୋହିଯାଉଛି ଧାର ଧାର ହୋଇ । ସୁନା ନାହିଁ । ରୂପା ନାହିଁ । ଜୀବନ ନାହିଁ । ହଠାତ୍ ଇଲାର ଖିଆଲ ପଶିଲା ଏ ମୁର୍ଦ୍ଦାର । ଓଦା ଦେହରେ ଭୁହାଇ ଭୁହାଇ କମ୍ପ ଆସିଲା । ଦାନ୍ତରେ ଦାନ୍ତ ଠକ ଠକ ବାଜିଲା । ଉତ୍ତେଜନା ଯେପରିକି ହଠାତ୍ କାକର ପଡ଼ି ଆସିଲା ଆଉ ଆଖିକଣରେ ନଗିଡ଼ିଲା ଲୁହ । ଗୋଡ଼ ଦି'ଟା ନାଠିଯାଇ ଜ୍ୱମ ହୋଇ ଆସିଲା । ଶେଷଥର ଆଲୁଅ ପକାଇ ସିଙ୍ଗାମୁ ତାକୁ ଆଉ ଗୋଡ଼ତଳର ମଡ଼ଟାକୁ ଥରେ ଛୁଇଁଦେଲା । ତା'ର ହାତରେ ଝାଙ୍କେ ମାରି ଭିଡ଼ିନେଇ କହିଲା, "ଦୌଡ଼ ପ୍ରାଣପଣେ, ନ ହେଲେ କିଏ ଦେଖିଲେ କହିବ ସତେ ଆମେ ସୁନା ନେଇଗଲୁଁ । ତାକୁ ପିଟି ଦେବେରେ, ପଳା ପଳା—" । ବଡ଼ ବଡ଼ ଟଲା ମାରି ଧାଇଁ କୁଦି ସେ ଦୁହେଁ ଚରଚର ହୋଇ ପଳାଇଗଲେ ।

ଅନ୍ଧାରେ ଅନ୍ଧାରେ ଛନାତ୍ ଛନଛନାତ୍ ହୋଇ ଚାଲିଛି ବାଁ କଡ଼ରେ ବଡ଼ିଲା ନଈ । କିଛି ବାଟ ନ ଯାଉଣୁ ବରଷା ଗାଜିଲା । ଟପ୍ ଟପ୍ ହୋଇ ଶୀତଳ କୁଣ୍ଡରେ ନେହ ଯାକ ଫୋଡ଼ିଦେଲାପରି । ଇଲାରେଜ ଖିଆଲରେ ପୁଣି ହେଉଥିଲା ସେହି ମୁର୍ଦ୍ଦାର ଦେହର ସ୍ପର୍ଶକୁ, ଲାଗିଲା ପୁଣି ସେ ଅଠାପରି ଲାଗିଯାଉଛି ତା' ଦେହରେ । ଚାପି ହୋଇ ଲାଗିଯାଉଛି ମଲା ମଣିଷର ଚମ ଆଉ ମାଉଁସ, ତା' ଦେହର ଉଷୁମ ଆଉ ଜୀବନକୁ ଶୋଷି ନେବାକୁ । ସେହି ଅନ୍ଧାରରେ ଯେତେବେଳେ ଦେହସାରା ଘୃଣା ଆଉ ଭୟରେ ମୋଡ଼ିମୋଡ଼ିକା ଡେଉଁ ଫେଲିଗଲା, ବରଷା ପାଣି ସଙ୍ଗେ ଝାଳ

Digitized by srujanika@gmail.com

ମିଶିଗଲା, ମୁଣ୍ଡ ଭିତରେ ଗର୍ଜନ ଥମ୍ଭିଯାଇ ହଠାତ୍ ତା'ର ଖିଆଲ ପଡ଼ିଗଲା ଯେପରି କି ଏ ଜୀଅନ୍ତା ଦେହଟାଠିଁ କିଛି ପବିତ୍ରତା ଅଛି । କ'ଣ ତାକୁ ଛୁଟିବ ପୁଞ୍ଜି କେଉଁ ପର୍ଯ୍ୟନ୍ତେ, ତା'ର ବି ଯେପରିକି ଗୋଟାଏ ସୀମା ଅଛି । କଳା ବଉଦ ଫାଟିବାଟେ ଉପରର ଶାନ୍ତ ନୀଳିମା ଦେଖିଲା-ପରି ଚେତନାର ସେଇ ଝଲକରେ ସେ ବି ଯେପରିକି ଅନୁଭବ କଲା, କିଛି ସୃଷ୍ଟି, କିଛି ପରିଚ୍ଛନ୍ନତା, କିଛି ସଂଯମ ଆଉ ଶାନ୍ତି ଲଗିହୋଇ ପାରିଥାନ୍ତା ତା' ଜୀବନ, ସେଇ ହୋଇଥାନ୍ତା—ହୋଇନାହିଁ ତୀବ୍ରବେଦନା ଯେପରିକି ବାଡ଼ି ମାରିଲାପରି ତା'ର ମଞ୍ଜି ଭିତର ଛଟଛଟ କରିଦେଇ ପୁଣି ସରିଗଲା । ଆଉ ଇଲରେଳା ଦେଖିଲା ତା'ର ଧାଇଁବା ବାଟ ସରିଯାଇଛି । ଆଗରେ ହେଇ ବସ୍ତି, ବରଷା ଭିତରେ ବସ୍ତିର ଆଲୁଅ ଧାସ ଅନ୍ଧାର ଭିତରେ ଘନ ଧାସ ପରି ଚହଟି ରହିଛି । ବାମ୍ଫ ଆଣି ଆଲୁଅ ଧାସ ତାହାର ଆଡ଼କୁ ଖେଳେଇ ହୋଇ ଧାଇଁ ଆସୁଛି । ବରଷା ଧାରକୁ ନୂଆ ଚେତନାରେ ସେ ଅନୁଭବ କଲା । କାନ ମୁଣ୍ଡାରେ ଆଖିରେ ବେକରେ ତା'ର କଅଁଳ ସ୍ପର୍ଶ । ପାଟିରେ ତା'ର ସ୍ପର୍ଶ ଦର ଦର ହୋଇ ନଗଡ଼ି ଯାଉଛି ଦେହସାରା ଏ ଯେଉଁ ସରଗ ପାଣି ପରସ୍ତ ପରସ୍ତ କରି ଧୋଇ ନେଇଯାଉଛି ତାଠିଁ ଧୂଳିମଳି ନାହିଁ । ସେ ସୁଖିରେ ବଡ଼ ବଡ଼ ନିଶ୍ୱାସ ଛାଡ଼ିଲା । ଓଦା ପବନକୁ ଭୋକା ରଙ୍କୀପରି ଛାତିରେ ପୂରାଇ ଅନୁଭବ କଲା ଗୋଟାଏ ନିଶ୍ଚିନ୍ତ ପଣ । ନିଦୁଆ ଅନୁଭୂତିରେ ମଠେଇ ମଠେଇ ଆଖିଖୋଲି ବୁଜି ବୁଜି ଗହନ ମନଭିତରେ ଗୁପ୍ତରେ ଯେପରିକି ନେଉଡ଼ହେଲା ମଣିଷ ଗୋଷ୍ଠୀରେ ସାଙ୍ଗସୁଖ ଆଦର ଆଉ ଚର୍ଚ୍ଚା । ଆଉ ତାକୁ ଆପଣାର ପରି ଲାଗିଲା । ଆଗରେ ଏଇ ଜନଗହଳି, ଏଇ ଜୀବନ୍ତା ଲୋକଙ୍କ ଜକାଜକି ବସ୍ତି, ଯେପରିକି ସେଇଥିରୁ ଜଣେ ହେବାହିଁ ତା'ର ସବୁଠୁଁ ଅଧିକରୁ ଅଧିକ, ଆଉ କିଛି ନୁହେଁ ।

ସେ ଧୀରେ ଧୀରେ ବୁଲାଇଲା, ହାତ ପାପୁଲିରେ ମୁଣ୍ଡବାଳରୁ ଆଉ ଦେହରୁ ପାଣି ପୋଛି ପୋଛି । ତା'ର କାନ୍ଧରେ ହାତ ପକାଇ ପିଙ୍ଗାମୁ କହିଲା ପଦେ—"ଆହା ବିଚରା ।"

ଇଲା ତା'ର ମୁହଁକୁ ଅନାଇଲା । ଛେଚୁ ବରଷାରେ ଧୁଆଁ ବୁଢ଼ା ପରି ଲମ୍ବା ଲମ୍ବା ଓଦା ବାଳଗୁଡ଼ାକ ଛେଚା ହୋଇ ମୁଣ୍ଡ ବୁଣ୍ଠିଆଡ଼େ

Digitized by srujanika@gmail.com

ଅସଜଡ଼ା ହୋଇ ଲମ୍ବି ରହୁଛି ମେଞ୍ଚା ମେଞ୍ଚା ହୋଇ, ତଳେ ଗୋଟାଏ ଲମ୍ବ ହାଡୁଆ ମୁଖା, ସେଥିରେ ମିଟିମିଟି ସାନ ସାନ ଆଖି ଦଟା ଗାତରେ ଜଳୁଛି । ମୁଖାଟା ଜଳ ଜଳ ପାଣିରେ ଆଲୁଅ ପଡ଼ି ଝଲସି ଉଠୁଛି ଫାଙ୍କେ ଫାଙ୍କେ । ସିଙ୍ଗାମୁତରେଲା ଗାଳଦେଲା ତତଲା କଥାର ଧାର, କହିଲା, "ଏତେ ଲୋକ ଗାଧୋଉଥିଲେ କେହି ଧରି ପକାଇଲେ ନାହିଁ । କାନଟା ଫେପାଡ଼ି ଦେଲେ ନାହିଁ ଯେ ବିଚରା ବୁଡ଼ିମଲା, ଭାସିଗଲା । ସେଇ ଭୁଠରେ ଥିଲେ ଏତେ ମଣିଷ, ପୁଣି ଏତେ ଲୋକ, ଯାଆସ ହେଉଥିବେ । କିଛି ବାଟ ନୁହେଁ, ସକାଳ ଆଠ ଘଣ୍ଟା ଗହଳ ଗାଧୁଆ ବେଳ, କେହି ସାହା ହେଲେନାହିଁ । ଏମିତି ଏ ଲୋକେ, ଜଣେ ଭାସିଗଲେ ଆଉ ସମସ୍ତେ ଅନେଇଁଥିବେ । କି ଅବସ୍ଥା ହେଇଚି ବିଚରା, ଆହା !" ତା' ଦେହର ସ୍ତନା କୁଆଡ଼େ ଗଲା କେହି ସେକଥା ପକାଇଲେ ନାହିଁ । ଯେପରିକି ତା' ବ୍ୟକ୍ତିତ୍ୱର ଅନ୍ତିମ ଯାତନାରୁ କିଛି ଦହେଁ ବାଣ୍ଟିନେଇ ଆପଣାଠି ପୂରାଇଛନ୍ତି । ମୁଣ୍ଡିଟିମାନ ତଳକୁ ।

ଅନ୍ଧାରରେ ବୁଲିଗଲା ଢକୃଳ ଖାଇ ବଡ଼ିନ୍ଧ ନଈ ।

ସେ ତ ପଚ୍ଛରେ ରହିଥିଲା, ମଝିରେ କେତେ ଘର ବାରି ତୋଟା, ସାମ୍ନାରେ ଚାହ୍ଳା ଗହଳ, ଯେ ଦିଶୁଛି ବାରି ହେଉଛି ଅନୁଭବ କରି ହେଉଛି, ରହୁଛି ।

ଶରଶଯ୍ୟା

(୧)

କାମରୁ ଫେରି ସେ ଆଜି ବାସୁଛନ୍ତି—କମଳା ଅନୁଭବ କଲା ।

କରଲେଜ୍‌ଟେଇ ଯନ୍ତ୍ରଣାରେ ମୁହଁ ନୋଷ୍ଟକୋଷ୍ଟ କରି ସେହି ଖଟ ଉପରେ ପଡ଼ି ପଡ଼ି ତୀକ୍ଷ୍ଣ ଦୃଷ୍ଟିରେ ତାଙ୍କ ମୁହଁକୁ ଅନେଇ ରହିଲା ।

ମନେପଡ଼ିଗଲା—ସେ ପରି ନିଷ୍ପତ୍ତି କରିଛନ୍ତି ତାଙ୍କୁ ଦେଖିଲେ ମୁହଁ ଶୁଖେଇ ଆପଣା ଦେହଦୁଃଖ କଥା ଜଣେଇବ ନାହିଁ, କାନ୍ଦ କୁନ୍ଥେଇ ହେଉ ପଛେ—ହସିବ, ଅନ୍ତତଃ ହସିବାକୁ ଚେଷ୍ଟା କରିବ, ଯେଉଁ ମନଟା ସନ୍ତ-ସନ୍ତଆ ହୋଇଯାଉଛି କାହିଁକି ? କାହିଁକି ହଠାତ୍ ଭାବିବାକୁ ସୁଖ ଲାଗୁଛି—ଆଜି ବେଶିଦିନ ମୋର ନୁହେଁ । ନୁହେଁ ତ ନୁହେଁ, ତାଙ୍କ ବୋଝ ଉପରେ ନଳିତାବିଡ଼ା ମାଡ଼ ଫଳ କ'ଣ ?

କମଳା ଚେଷ୍ଟାକରି ହସୁ ହସୁ ସୁରବାବୁ ମୁହଁ ଶୁଖେଇ ତା' ପାଖକୁ ଆସି ସାରିଥିଲେ । ବାଁ ହାତରେ ମୁଣ୍ଡକୁ ଚିପିଧରି ମୁଣ୍ଡବାଳ ଉଠାଉ ଉଠାଉ କହିଲେ—"ଆଜି କ'ଣ ଜ୍ୱର କଷ୍ଟ ବଢ଼ିଛି କମ ? ଉଃ ! କ'ଣ ମୁଁ କରିବି ! ଏମିତି କେତେଦିନ !"

କମଳା ହସିଦେଇ କହିଲା—"କାହିଁ କି କଷ୍ଟ ? ସବୁଦିନେ ଯାହା ଆଜି ତ ସେଇଆ, ନୂଆ ଆଉ କ'ଣ ?"

ତା'ର ତୀକ୍ଷ୍ଣ ଦୃଷ୍ଟି ଆଗରେ ଯେପରିକି ତାଙ୍କ ମୁହଁ ଆହୁରି ଶୁଖିଗଲା । ସେ କହିଲେ—"ହଁ, କହିବ ନାହିଁ କାହିଁକି ? ତମ ଦସ୍ତୁର୍ ତ ସେଇଆ । ତମ ଜାତିଟାର । ନିଜ ଦେହ ଭିତରେ କ'ଣ ହଉଚି

Digitized by srujanika@gmail.com

ସେକଥା ନଜ ଆଗରେ ବ କହବ ନାହିଁ, ପର ତ ପର । ଅ.ଖି କାନ ବୁଜ ଆପଣାକୁ ଜାକିପୋଡ଼ ପମସ୍ତଙ୍କ ସେବାକଲେ ଆଗ ସ୍ୱର୍ଗରେ ବସିବ ବୋଲି ତମମାନଙ୍କ ଧାରଣା, ନା କ'ଣ କହୁଚ କମ ?"

ସୁରବାବୁ ତା' ଗାଲ ସାଉଁଳିବାକୁ ହାତ ବଢ଼ାଇଲେ । କିନ୍ତୁ ସେ ଯେପରିକି ତାଙ୍କ ସ୍ପର୍ଶ ହାତରୁ ଉଧୁରିବାକୁ ଚାହେଁ—ଚଞ୍ଚଳ ଭଞ୍ଜିଗଲା କ ମୁହଁଟା କେମିତି ହୋଇଗଲା ଯନ୍ତ୍ରଣାରେ । ଯେମିତ କ'ଣ ଗୁଡ଼ ଆଡ଼କୁ କେଞ୍ଚା ମାରୁଛି । ହଠାତ୍ ମୁଣ୍ଡ ଘୁରେଇ ଦେଲ, ଆଖି ବୁଜଦେଇ ସେ ଭସି ରହିଲା ଶୂନ୍ୟରେ । ଅଧ ମିନଟ୍ ପରେ ପୁଣି ଲେଉଟି ଆସିଲା, ତଳ ଓଠକୁ କାମୁଡ଼ ଧର ସମ୍ଭାଳିନେଲ । କହିଲା—"ଲୁଗାପଟା ବଦଳନା କାମରୁ ଫେରିତ ଦେହ ବେସ୍ତ ଲଗିବଣି ଯେ, ଯାଅ ଖିଆପିଆ କର ।" ଚେଁ ଚେଁ ହୋଇ ଡାକିଲା, "ଇନ୍ଦିର୍, ଇନ୍ଦିର୍—" ଇନ୍ଦ୍ରମଣି ତାଙ୍କ ଭୃତ୍ୟ ଓ ପୂଜାରୀ ।

ସୁରବାବୁ କହିଲେ—"ମୁଁ ଯାଉଛି ପଛେ । ତୁମେ ପାଟି କରନା, ଦୁର୍ବଳ ଦେହରେ ଆହୁରି କଷ୍ଟ ହେବ । କ'ଣ ଅଛି ଏ ଦେହରେ ଆଉ ? ବଡ଼ପାଟି କଲେ ତ ଝୋଲ୍‌ମାରିଯିବ ।"

ସେ ଦୀର୍ଘଶ୍ୱାସ ପକେଇ ଆଖି ବୁଜିଦେଲ । ମିନଟିଏ ପରେ ଅନେଇଁଲା । ସୁରବାବୁ ସେମିତ ଠିଆହୋଇ ରହିଛନ୍ତି ।

କାନରେ ଝାଇଁ ମାରୁଚ ସେହି ପଦେ କଥା—"କ'ଣ ଅଛି ଏ ଦେହରେ ଆଉ ।" ନାକରେ ସେହି ବାସ୍ନା । ଆଖିରେ ସବୁ କେମିତ ଗୋଳେଇ ମିଶି ହୋଇ ଝାପସା ହୋଇଯାଉଛି, ପୁଣି ପରିଷ୍କାର ଦିଶୁଛି, ପୁଣି କୁହୁଡ଼ିଆ ହୋଇଯାଉଛି, ପୁଣି ସ୍ଥିର ରହୁଛି ଦୃଷ୍ଟି । ଏଥର ସେ ଦେଖୁଛି—ବରଷା ଶେଷର ଶୀତୁଆ ମଫଳଣ ଆଲୁଅରେ ଝଟକିଲା ପରି ଦିଶୁଛି ସ୍ଥିର ମଣିଷ ଦେହ । ସେ ତା'ର ସ୍ୱାମୀ । ଛପ୍ପନିଶ ବର୍ଷର ଜନ୍ତବନ ପାଖ ହେଲା, ସେମିତ ସେହି ଟାଣ ଗଢ଼ଣ, ବରଂ ଆହୁରି ଟାଣ । ସେହି ଓସାର କପାଳ, ମୁହଁରେ ଜ୍ଞାନର ତେଜ, କଠିନ ଚିବୁକରେ ଦୃଢ଼ବସ୍ଥା ସହିତ ଲଢ଼ି ଲଢ଼ି ଆଗକୁ ମାଡ଼ବାର

Digitized by srujanika@gmail.com

ବେପରୁଆ ଠାଣି, ସେମିତି ଗୁଣ୍ଠ୍ ଅଛି ଦେହ । ଏ ଦେହ ତା'ର, ଏ ଦେହ ତା'ର—କମଳାର ଦେହ ଶିରଶିରେଇ ଉଠିଲା, ମୁହଁ ତାତି ଉଠିଲା, ଆଖି ସ୍ୱରପାଖ ପୋଡ଼ିଲା, ଦେଖିଲା ଆଖିରେ ଅନେଇ ରହିଲା ସୁରବାବୁଙ୍କୁ । ପୁଣି ମନେପଡ଼ିଲା ତାଙ୍କର ସହାନୁଭୂତିବୋଳା ମନ୍ତବ୍ୟ । ଏତ ସେ, ପୂର୍ଣ୍ଣାବୟବ ମନୁଷ୍ୟ, ଆଜି ନିଜେ ସେ କ'ଣ ହେଲାଣି ? କ'ଣ ହେବ ? ବିନା କାରଣରେ ଯେଉଁ ସନ୍ଦେହର ଟିକେ ମେଘ ତା'ର ଚେତନା ଉପରେ ଘସି ବୁଲୁଥିଲା ହଠାତ୍ ସେ ଟାଙ୍ଗି ହୋଇଗଲା ଏମୁଣ୍ଡ୍ ସେମୁଣ୍ଡ୍, ଇଚ୍ଛାହେଲା ବର୍ଷା ହେବ । ଦାନ୍ତ ଚିପି ଚିପି କହିଲା—

"ମଦଘଣ୍ଡା କାମ ସରିଲେ ଗଣ୍ଡଗଣ୍ଡା—"

ସୁରବାବୁ ଚମକି ପଡ଼ିଲେ, କହିଲେ—"ଏଁ, କ'ଣ କହିଲ ?"

କମଳା ଈର୍ଷାରେ ହସିଲା କହିଲା, କିଛି ନୁହେଁ, ଦେଖ, କୋଉଦିନୁଁ ତମକୁ କହୁଚି, ମୁଁ ତ ଆଉ ପାରିଲି ନାହିଁ, ବନ୍ଧଣାନାଗୀ ହୋଇ ପଡ଼ିରହିଲି, ତମର ଘର ଅଯତ୍ନ ହଉଚି । ତମକୁ ମୋ ରାଣ, ତୁମେ—"

ଆଶ୍ଚର୍ଯ୍ୟ ହୋଇ ଦେଖିଲା—ସୁରବାବୁ ମୁହଁ ବୁଲେଇଲେ ନାହିଁ, ତାଙ୍କ ଆଖି ଜକ ଜକ ହୋଇ ମିଟିମିଟି କଲା ନାହିଁ—ଏଭଳି ପ୍ରସ୍ତାବରେ ସବୁଦିନେ ତାଙ୍କର ଯେଉଁ ବିଷଣ୍ଣଭଙ୍ଗୀ ହୁଏ ଆଦୌ ତା' ହେଲା ନାହିଁ, ବରଂ ରାଗିଯାଇ ସେ କହିଲେ—

"କଣ ତମେ ଏମିତି ଏସବୁ ବିଷୟଗୁଡ଼ା କହୁଚ ଏ କ'ଣ ଭଲ କଥା ? ଛିଃ ।"

କମଳାର ଛାତି ଦବିଗଲା, ତାଙ୍କ ପାଇଁ ରାଗ ନୁହେଁ ଯେ ଗୋଟାଏ ଅଜଣା ଆଶଙ୍କାରେ । କହିଲା—

"ମାନ୍ଲେଃ । ତମେ ରାଗିଲ କି ? ତମେ ତ କାମ କରି କରି ଆସିଚ ଯାଉନ ଲୁଗା ବଦଳି ଗୋଡ଼ହାତ ଧୋଇବ, ଜଳଖିଆ ଖାଇବ ମୋ ପାଖେ ଠିଆ ହେଇ ରହିଚ କାହିଁକି କହିଲ ? ମିଛରେ ହେକ

Digitized by srujanika@gmail.com

ମରବ ।" ଟ୍ ଟ୍ କରି ଡାକ ଶୁଭିଲା—"ଇନ୍ଦ୍ରଜିତ୍, ବାବୁ ଫେରି ଠିଆ ହୋଇଛନ୍ତି, ମୁଁ ଡାକୁଚି ଶୁଭୁନାହିଁ ?"

ସୁରବାବୁ ଚାଲିଗଲେ ।

ଅଳ୍ପକ୍ଷଣ ପାଇଁ ପବନରେ ରହିଗଲା ଖାଲି ସେହି ବାସ୍ନା ।

କମଳା ଖଟ ଉପରେ ଚିତ୍‌ହୋଇ ପଡ଼ି ରହି ଭାବି ଲାଗିଲା । ପଦାରେ କେତେ ଝୁଣିକା ଗୁଡ଼ି ବଢ଼ି ଲାଗିଛି ।

ସେଇଠି ପଡ଼ି ପଡ଼ି ସାମ୍ନାରେ ଝରକାବାଟେ ବାହାର ସଜନା ଗଛଟା ଦିଶେ । ଖରାରେ ଝିଲି ଝିଲି ହୋଇ ମୂରୁକି ହସା ଦେଉଥିଲା ତା'ର ପତ୍ରଗୁଡ଼ିକ, ଧୀରେ ଧୀରେ ଗଛଟା ହେଲାଣି ଗୋଟାଏ ଅନ୍ଧାର-ସ୍ତମ୍ଭ ।

ଚେତନାରେ ଫେରିଯାଇଛି କାହିଁ ବାଇଶ ବର୍ଷ ତଳକୁ । ଘନ ଜନ୍ମ ହୋଇନାହିଁ, ମାଣିକ, ସୁନା—ସେମାନେ ତ ସ୍ୱପ୍ନରେ ନାହାନ୍ତି । ବଉଳରର ପହିଲି ବର୍ଷଟା ।

"ତୁମେ ଖରି ବାସୁଛ କମ—ଅଃ—"

"ଛି-ଛି-ଉଠ ଉଠ-ସେ ଘରେ ବୋଉ ଅଛନ୍ତି ପରା—ହେଇ କିଏ ଡାକିଲାଣି ଯାଅ ଦେଖ—ତୁମର କେଉଁ ଗୁପ୍ତ ହେବ ପରା । ପାଠ ପଢ଼େଇ ଆସିଲ—ଭୋକକରୁ ନାଇଁ—"

ମହକ ଉଠୁଛି ବୃଷଆଡ଼ୁ । ତା'ର ମୁଣ୍ଡ ବାଳକୁ ଜାଲି ଧରି ଆପଣା ମୂହଁରେ ଘୋରେଇ ପକେଇ ତୁନ ହୋଇ ସେ ପଡ଼ି ରହିଛନ୍ତି ?

"ଉଠ—ଯାଉଚ ?—"

"ତୁନ ରହ । ମୁଁ ଗୀତ ଶୁଣୁଚି ।"

"ଧ୍ୟାତ୍ ।"

"ମଣିଷ ଗୁନ୍ତରେ ଅଛି ସଙ୍ଗୀତ, ଦେହରେ ଅଛି ବାସ୍ନା; ସ୍ପର୍ଶରେ କ'ଣ ଅଛି ।"

"କଅଁ" ।

Digitized by srujanika@gmail.com

"କହି ପାରିଲି ନାହିଁ । ସ୍ପର୍ଶରେ ଅଛି ଚନ୍ଦ୍ରର ପରଶ, ଆଉ ଛନ୍ଦ ।"

"ହୁଁ, ସବୁ ଅଛି ତୁମ ଭାଷାରେ । ତୁମେ ସାହିତ୍ୟ ପ୍ରଫେସର କିନା ?"

"ସାହିତ୍ୟ ନାଁ ଧରନା । ସାହିତ୍ୟ ଜୀବନଠୁ ବଡ଼ ନୁହେଁ, ଜୀବନର ବଦଳା ନୁହେଁ, ଜୀବନକୁ ଆଶ୍ରା କରି ଗୋଟିଏ କଳା—ରସ, ମୁଁ ଜୀବନକୁ ପିଏଁ ।"

"ଲାଜ ମାଡ଼ୁନାଇଁ କେମିତି ମଁ ?"

"ଲାଜ ଗୋଟାଏ ଲୋକଦେଖାଣିଆ ଭେକ, ଯେଉଁଠାରେ ବିଶ୍ୱାସ କରେ ନାହିଁ ତାକୁ ରଖି ଲାଭ କ'ଣ ?"

ଚମକି ପଡ଼ି କମଳା ଉଠିବାକୁ ଚେଷ୍ଟା କଲା । ଏକା ଝାଙ୍କେ ଅନୁଭବ କଲା ଦେହଯାକର ସବୁ ବଥା, କେଞ୍ଚା, ଦୁର୍ବଳତା । କରୁଣ ହୋଇ ପଡ଼ି ରହି ସେ ଧକେଇ ହେଲା, ଆଉ ସେତିକବେଳେ ବୁଝି ପାରିଲା, ସେ ବାସ୍ନାଟା ସେପରି କିଛି ଗୋଟାଏ ଆଶ୍ଚର୍ଯ୍ୟ ଜିନିଷ ନୁହେଁ, ଗୋଟାଏ ଶିଶି ଅତରର, ସେ ବଜାରରେ ମିଳେ । ଜଣେ ଲଗେଇଥିଲେ ଆଉ ଜଣେ କଡରେ ଥିଲେ ଆଉ ଜଣକ ବି ବାସେ ।

ବହୁକାଳୁ ସେ ଅତର ସଉକ ହେବା ଛାଡ଼ିଦେଇଛି । ସବୁ ସଉକ ସବୁ କଅଁଳ ଖୋଇ ଛାଡ଼ିଦେଇ ସେ ଘରର ଠାଣୁଆଁ ଘରଣୀ ହୋଇଥିଲା । ପିଲାଙ୍କୁ ପାଳିବାର ସବୁ ପରିଶ୍ରମ ତା'ଆରି । ସେମାନେ ଉଭୁରି ଯାଇଛନ୍ତି । ମାଣିକ, ସୁନା ପରଘର କଲେଣି, ଘନ କୋଇମ୍ବାଟୁର୍‌ରେ ଜଙ୍ଗଲ ବିଦ୍ୟା ପଢ଼ୁଛି । ଇଚ୍ଛା ହେଲାଣି—ପିଲାଟାଏ ହେଉପଛେ ବୁକରି ଧରିଲେ ବାହା କରିଦେଲେ ଘର ଭୁଲେଇବାକୁ ବୋହୂ ଆସିବ । ଖାଲି, କାମ ବେଳକୁ ସତ ବଳୁନାହିଁ ।

ସନ୍ତାନ ଗର୍ଭି ସଂସାର ଆବୋରି ଦେହକୁ ପୂର୍ଣ୍ଣାହୁତି ଦେଇ ଆପଣାର ସବୁ ଐଶ୍ୱର୍ଯ୍ୟ ସେ ଉଜାଡ଼ି ଦେଇଥିଲା ଏମାନଙ୍କ ପାଇଁ, ପାଇଥିଲା ତ୍ୟାଗର ଆନନ୍ଦ । ହାତ ପାପୁଲିର କଅଁଳ ପଣ ଘରଧନ୍ଦାରେହିଁ

Digitized by srujanika@gmail.com

ହବଥିଲା, ରଙ୍ଗ ମଉଳଥିଲା, ମୁଣ୍ଡବାଳ ଉପୁଡ଼ି ଉପୁଡ଼ି ରହିଲାଣି ପିଠି ମଝିରେ । ସମସ୍ତଙ୍କି ଖୋଇ ଆଗେ ଖାଇଲା ବେଳକୁ ଖାଲି କାମ ବଢ଼େଇ ଦେବାଲାଗି ଝିଅ, ପିନ୍ଧିବାକୁ ଯାହା ମିଳିଲା ହାତ ପାଆନ୍ତ, ଲଗେଇବାକୁ ବଜାରର ଗନ୍ଧ ନଡ଼ିଆତେଲ, ପରିଶ୍ରମ କରିବାକୁ ଅଧିକାରଟା ଥିଲା ବଡ଼ ସହଜେ, ଦେଢ଼ବର୍ଷ ହେବ ରୋଗରେ କଷ୍ଟ ପାଇ ଅଚଳ ହୋଇ ଖଟରେ ପଡ଼ି ପଡ଼ି ତା ବ ଯାଇଛି । ବହୁତ ଡାକ୍ତର ଦେଖିଲେଣି ବହୁତ ଔଷଧ ଦେହରେ ଭେଦିଲାଣି କିଛି ଉପକାର ହେଉନାହିଁ । ଗୋଡ଼ରେ ଅଣ୍ଟାରେ ମେଞ୍ଚ ଦରଜ, ଦେହରେ ସେହି ଉପସର୍ଗ । ଦୁର୍ବଳତା ବଢ଼ି ଚାଲିଛି, ବୁଝିଲାଣି ଦେହସାରା ନିସ୍ତେଜ ହୋଇ ମରି ମରି ଆସୁଛି, ପଡ଼ି ପଡ଼ି ଖାଲି କଲବଲ ।

ସେ ଓ ଅତର ।

କିନ୍ତୁ ସେହି ବାସ୍ନାଟା ତାକୁ ଅଛା କରିବାକୁହିଁ ତାଙ୍କର ଦେହରେ ଲାଗି ହୋଇ ଫେରି ଆସିଛି । ସାଧାରଣ ନୁହେଁ, ଖୁବ୍ ଅସାଧାରଣ । ସେ ସେହବୁର ପାଖ ପଶନ୍ତ ନାହିଁ, ଖାଲି ପଢ଼ା, ଲେଖା । ଝିଅର ହେବାକୁ ଭୁକ ପାଆନ୍ତ, ମୁଣ୍ଡ କୁଣ୍ଡେଇବାକୁ ବେଣୀ ବନ୍ଧା ନାହିଁ, ପୋଷାକ ଭଲ କି ମନ୍ଦ ଏତେକଥା ଭାବି ନାହାନ୍ତି କେବେ । ଜ୍ଞାନରେ ବଡ଼, ପ୍ରଫେସର ଲୋକ । ତାଙ୍କୁ ସବୁ ସହେ, ସବୁ ମାନେ, ଖାଲି ମାନେ ନାହିଁ ଅତର ବାସ୍ନା ।

କାହାର ତେବେ ସେ ?

ଓଃ । କେଡ଼େ ଭଲ ସ୍ୱାମୀ ତାର । କ'ଣ ନ ଦେଇଥିଲେ ଭଗବାନ୍ !

ଅନ୍ଧାର ପଡ଼ି ଆସୁଥିଲା । କମଳା କାନ୍ଦିଲା । ଲୁହ ବ ବେଶି ନାହିଁ । ତତଲା ଆଖିକ ଝରେଇଲା ମାତ୍ର କେଇଟା ଟୋପା ମୋଟେ ।

ଇନ୍ଦ୍ରା ଆଲୁଅ ଥୋଇଦେଇ ଗଲା । କମଳା ପଚାରି ବୁଝିଲା—ସୁରବାବୁ ନାହାନ୍ତି । ବୁଲି ଗଲେଣି ।

“କୁଆଡ଼େ ଗଲେରେ ?”

Digitized by srujanika@gmail.com

"ଚାଲିକରି ଯାଇନାହାନ୍ତି ତ ଅପା—

"ହୁଁ ।"

ଗୁମ୍ ହୋଇ ରହିଲା ।

ବଜାରରେ ଅତର କଣିବାକୁ ମିଳେ, କାହାର ଏକଚେଟିଆ ନୁହେଁ ।

ସଂସାରଯାକ ମଣିଷ ଭର୍ତ୍ତି, ଖୋଜିଲେ ମଣିଷ ବି ମିଳନ୍ତି ।

ଓଃ, କାହାର ପାଇଁ କେହି ଅପେକ୍ଷା କରେ ନାହିଁ ।

ସବୁ ସ୍ନେହ, ସବୁ ଯୋଗ—ବନ୍ଧନଆଁ, ମିଛ ! ମିଛ !

ପିଠି ବୁଲେଇଦେଇ କମଳା ପଡ଼ି ରହିଛି, ଲୁହ ଟୋପା ଟୋପା କେଉଁ କେଉଁ ହେଲଣି । ଇନ୍ଦ୍ରା ଠିଆ ହୋଇଛି । ଦେଖି ଦେଖି ଆଖିସହା ହେଲଣି, ତଥାପି ସେ ଦୁଃଖ କରେ—କାହିଁକି ଏ ଏଡ଼େ ବେମାରଆ, କେତେଦିନ ଏମିତି ପଡ଼ିଥିବେ ।

ଲୋକେ କହନ୍ତି ସେ ମାଇଚିଆ ।

ମାଇଚିଆ ଇନ୍ଦ୍ରା ରୋଗିଣୀ ମାଇପିଟିର ମନ ଦୁଃଖ ବୁଝିବାକୁ ଧ୍ୟାନ ବଳେଇଛି ।

କିଛି କହୁନାହାନ୍ତି ଯେ ! ପଚାରିଲା—"କ'ଣ ଦରକାର ହବ ଅପା ?"

"କେଇଦିନ ମୁଁ ଥିବି ମତେ ପଚାରୁଥିବୁରେ ? ମୁଁ କ'ଣ ବସିଥିବି ?"

ପାଟି ଗୋଟିଏ ଶୁଖିଯାଉଛି । କାନଟାକୁ ଛୁଇଁଦେଇ ଛୁଇଁଦେଇ ଇନ୍ଦ୍ରା କହିଲା—"ତମେ କାନ୍ଦୁଛ ଅପା । ଛି—ଦେହ କ'ଣ ଭଲ ହେବ ନାହିଁକି ?

"ଚାଲିକି ଯାଉ ସେ ଉତ୍ତ ଦେହରେ । ମଣିଷ ବଞ୍ଚି କି ଲାଭ । ଖାଲି ଦହଗଞ୍ଜ ଦିନ ସାର, ନହେଲେ କଏ କାହାର, ଜୀଇଁକରି ଫଳ କ'ଣ ?"

Digitized by srujanika@gmail.com

ଇନ୍ଦ୍ରା ଚାଲିଗଲାଣି । କମଳା ଲେଉଟି ପଡ଼ି ଦେଖିଲା ।

ଯାଃ, ମନକଥା ଜଣକ ଆଗରେ ହେଲେ ସେ କହି ଦେଇଛି । ମୁହଁ ଫୋଟିଲା । ପରିଷ୍କାର ତୁଣ୍ଡ ଖୋଲି ସେ କହିଦେଇଛି ଯେ ସେ ମରିବାକୁ ଚାହେଁ । ଏଥର ହାଲୁକା ଲାଗୁଛି ।

ମରଣ ଉପରେ ସ୍ଥିର ହୋଇ ଚିନ୍ତା ଢାଳିଦେଇ ସେ ଶୋଇ ରହିଛି ।

ପଡ଼ି ପଡ଼ି ଜଳିଜଳି କରି ଅଟେନଇ ରହିବା ଅପେକ୍ଷା ମରଣ ଭଲ ।

ସହିବା ଅପେକ୍ଷା ମରଣ ଭଲ । ମରଣ ଆସୁଛି ତ, କେତେ ଡେରି ?

କ୍ଷମା କଥା ମନେପଡ଼ୁନାହିଁ, ମନେପଡ଼ୁଛି ଖାଲି ଅଭିମାନ ।

ଧନ ବୋଉ ବୋଲି ପାଣିପିଏନାହିଁ କିନ୍ତୁ ଆଗ ତାର ପଢ଼ା ତା'ର ଭବିଷ୍ୟତ ଚିନ୍ତା । ଚାରିମାସ ତଳେ ଯେତେବେଳେ ଅବସ୍ଥା ଅତି ଖରାପ ହୋଇଥିଲା ସେତେବେଳେ ସେ ଚାରିଦିନରୁ ବେଶୀ ରହିପାରିଲା କେଉଁଠି ? ବାପେ ବି ଜଗରି କରି ପଠାଇଦେଲେ, ସମସ୍ତଙ୍କର ଏକା ଦୁଆ, "ପଢ଼ା ମାରିହେବ କାମ ମାରିହେବ ।" ମାଣିକ, ସୁନା— ପରଗୋଷ୍ଠୀ ଝିଅ—କେଇଥର ଆସିବେ ? କାହିଁକି ଅବା ଆସୁଥିବେ ? କେହି ଆସିବେ ନାହିଁ । ସମସ୍ତଙ୍କର ନିଜର ସଂସାର ଅଛି, ଧନ୍ଦା ଅଛି ।

ଆପଣାର ଯେ ସେ କଲେଜରୁ ଆସିଲେ ତ ଗଲେଣି ବୁଲି ।

କୁହା ନାହିଁ ପୋଛା ନାହିଁ, ଚାଲିଗଲେ—।

ଆଲୁଅ ଜଳୁଛି, ପଦାକୁ ଚାହିଁ କମଳା ନିଶ୍ଚଳ ହୋଇ ପଡ଼ିରହିଛି । ପାଟି ଅଳ୍ପ ଖୋଲିଛି, ଯେପରିକି ଖୋଲୁ ଖୋଲୁ ଅଟକିଛି । ଯେପରିକି ଗୋଟାଏ କ'ଣ କହୁ କହୁ ସେଇଠି ବାଧା ପାଇ ମନ ଉଡ଼ି ଚାଲିଯାଇଛି ଅନ୍ୟ ଆଡ଼େ, ତାର କାହାଣୀ ସରି ନାହିଁ ।

(୨)

ସେ ଭାବିଥିଲା ଏ ବୟସରେ ଦେହ-ଲାଳସା ଶେଷ ହେବା ଉଚିତ । ଗୋଟିଏ ପୁଅ, ଯୋଡ଼ିଏ ଝିଅ—ଚଦର ବର୍ଷରେ ଶାଶୁଘରରୁ

Digitized by srujanika@gmail.com

ଆସି ବାଇଶ ବର୍ଷ ସେଠି ଦରକରଣା । ଦୈର୍ଘ୍ୟରେ ଯୁଗ, ସାଙ୍ଗର ଲୋକେ କଏ କେତେ ତ ଗଲେଣି ସେପାରିକି, କେତେ ସଂସାର ଚୂନା ହେଲଣି । ଏକୋଇଶ ବର୍ଷ ତଳେ ଘନର ଜନ୍ମ, ପଛେ ପଛେ ତ ସେ ଏକଥା ଭାବିଥିଲା । ଡାକ୍ତରଖାନା ମନେପଡ଼େ, ଆଜି ମନେପଡ଼େ ଯନ୍ତ୍ରଣା, ଗୋଟିଏ ପ୍ଲେଟ ଅପରେସନ, ଡ୍ରେସିଂ ବେଳର କଷ୍ଟ, ତା ସହିତ ଶୀତ-ଦିନେ ଅଦିନିଆଁ ବରଷା ପାଗ, ମଞ୍ଜି ଥରେଇ ଥରେଇ କୋଲମଗ୍ନ ପବନ ଯେ ସବୁ ତାତି ନିଭେଇ ଦିଏ । ଅଧ୍ୟାପକ ଶାନ୍ତ ଭଦ୍ର ସୁରବାବୁ ତେଣୁ ଅଧରାତ୍ରରେ ଚମକି ପଡନ୍ତି ତାର ଚିତ୍କାର ଶୁଣି—"ତମକୁ ନିଦ ହେଉନାହିଁ କି ? ହେଇ, ପିଲାଟା ଉଠି ପଡ଼ିଲା, ମୁଁ କ'ଣ କରିବି ।" ତା'ପରେ "ଶୋଃ—ଶୋଃ – ଶୋଃ—" କହି ପିଲାକୁ ଥାପୁଡ଼ାଏ । ପିଲା ପ୍ରକୃତରେ ଉଠିପଡ଼ି ଗର୍ଜନ ଛାଡ଼ି କାନ୍ଦିବାଯାକେ ।

ଆନନ୍ଦକୁ ଆଶ୍ରା କରି ଜୀବନ । ସବୁବେଳେ ସେଇ ଗୋଟାଏ ଉତ୍ସ ଆବୋରି ରହିବାର ନାହିଁ, ଉତ୍ସକୁ ଆଶ୍ରା କରି ଜୀବନ ନୁହେଁ । ତେଣୁ ପୁଣି କେବେ ସେ ହୁଗୁଳା ହୋଇ ଯାଇଛି । ଆତ୍ମରକ୍ଷା ପାଇଁ ଶାସ୍ତ୍ରର ସଦୁପଦେଶ ନିଦ୍ରବେଳର ମନରେ ଜାବୁଡ଼ି ରଖି ପାରିନାହିଁ । ଦେହ ଦେହହିଁ ରହିଛି—ସେ ଆଘାତ ପାଏ ପୁଣି ଆଘାତର କଷ୍ଟ ଭଲ ହୋଇ ନୂଆ ଆଘାତକୁ ଅପେକ୍ଷା ରଖେ ।

ଘନ ପରେ ମାଣିକ ପରେ ସୁନା ।

ସେମାନେ ଆନନ୍ଦର ଫଳ, ଠିକ ଉଲ୍ଲାସର ନ ହୋଇ ପାରନ୍ତି ପଛେ ।

ତଥାପି ସେ ପ୍ରାଣପଣେ ଆପଣାର ବିଶ୍ୱାସ ଜଣାଏ, ଦେହ ଲଳସା ଶେଷ ହେବା ଉଚିତ । କେତେଥର ତାର ନିର୍ଜୀବ 'ବଉଳ' ଶୋଭନାକୁ କହିଛି—"ବଉଳ ଲୋ, ଏ ଖାଲି ଯନ୍ତ୍ରଣା, ଏ ଖାଲି କଲବଲ । ସୁଖ କାହାକୁ କହନ୍ତି ? ବାପ ଘରେ ଭଲ ଥିଲେ ଲୋ, ସେ ଯୋଉ ପହିଲା, କନିଅଁଫୁଲ ତୋଳା, ଗଛ ଚଢ଼ା, ଆଉ ପଡ଼ିଆଏ ପଡ଼ିଆଏ ଦଉଡ଼ା, କାହିଁ ସେ ଆଉ ?

Digitized by srujanika@gmail.com

ଟାଣ କାର୍ଯ୍ୟକ୍ଷମ ନିବେଗ ଅଙ୍ଗପ୍ରତ୍ୟଙ୍ଗର ଗାଥନ୍ତା ଦଳିଲା ଗ୍ଲାଇ ମନେପଡ଼େ, ଦୂରର ଅଜାତ ମନ ଭୁଲେଇ ଭୁଲେଇ ସାଙ୍କୁଲେଇ କୋବଲେଇ ଡାକେ ।

ଦୀର୍ଘଶ୍ୱାସ ସହିତ ଅଙ୍ଗେ ନିଭେଇବା ଦର୍ଶନଶାସ୍ତ୍ରର ତେଜ ଅନ୍ତର ଠେଲି ଠେଲି ଉପରକୁ ଉଠେ ।

ବଉଳ ବୁଝୁଥିଲା । ବଉଳର ଦ୍ୱିତୀୟ ସନ୍ତାନ ଜନ୍ମ ହେବା ପରଠୁଁ ଲାଗିରହିଲା ତା'ଠି ରୋଗ, ଦିନକୁ ଦଶଥର ଝାଡ଼ା, ଖାଇଲେ ହଜମ ହୁଏ ନାହିଁ, ନିରକ୍ତିଆ ଅବସ୍ଥା ବଢ଼ି ଚାଲିଲା ଦିନୁଁ ଦିନ । ଗୃହୁଁ ଗୃହୁଁ ଛଦାକାଠି । ବଉଳର ବର ଲୁଧା କାରଖାନାରେ ବଳୁଆ ଫୋରମ୍ୟାନ । ସ୍ୱାମୀ କେମିତି ଦିଶୁଥିବ ତାର ଗୋଟିଏ ସଂକ୍ଷିପ୍ତ ପରିଚୟ ।

ବଉଳ ସା' ଦେଇ କହେ—"ସତ ଲୋ ସତ, କିଏ ଜାଣିଥିଲା ଏତେ କଲବଲ ? ମଣିଷ ଘର କରେ କାହିଁକି କେଜାଣି ? ସେ ରୂପ ସେ ରଙ୍ଗ ସେ ବଳବହପ କୁଆଡ଼େ ଉଭେଇ ଯାଏଟି ଲୋ ।" କାଳେ ପତିଦ୍ରୋହ ହେବ ବୋଲି ବଉଳ ଚୁନ ଚୁନ କହେ—"ବାପଘର ଛାଡ଼ିଲେ ମନ ଜାଣି ପଟାଳି ଗଣ୍ଡାଏ କେହି ଦବାକୁ ନାହିଁ ।"

କମଳା ମୁଣ୍ଡ ହଲେଇଥିଲା, ଉଁ ଚୁଁ ହୁଏ ନାଇଁ । ସୁରବାବୁଙ୍କୁ ସେ ଲୋଖି କି ନିର୍ଦ୍ଦୟ ବୋଲି କହିବା ଗୃହ ନଥିଲା । ଗୃହ ତାର ପାଖେ, ଯାହା ମିଳିଲା ତାର ପାଖେ ଅଜାଡ଼ିଲା । ନିଜର ସଜିକ ବି ନାହିଁ । ବଉଳର ବର ଆଉ ସେ ! ଆପଣା କଥାକୁ କାଟି ସାନ୍ତ୍ୱନା ଦେଇ କହେ—"ଅଲୋ ସବୁ ଭାଗ୍ୟ, କହିବୁ କାହାକୁ ?" ବଉଳର ଶିଖିଭୁଟା ସ୍ୱାସ୍ଥ୍ୟ, ଫୁରଫୁର ମୁଣ୍ଡ, ମଇଳା ଲୁଗାରୁ ତା' ଅବସ୍ଥା ବିଷୟରେ କମଳାର ନିଜର ଧାରଣା ଜନ୍ମେ । ଆଉ ସେ ବୁଝେ, ଦାନ୍ତ ହଲର ହଲର ପାନପାକୁଳ କରା ଫାଳିକିଆ ହାଡ଼ୁଆ ମୁହଁ ବଉଳର ଅଳ୍ପ କହୁଛି, ପ୍ରକୃତରେ ସେ ଗୋଟିଏ ବିଦ୍ରୋହୀ ।

ମନର ଗୁପ୍ତ ବିଦ୍ରୋହ ହେଜି ବଉଳ ବଞ୍ଚିରହି ପାରିଥିଲା, କିନ୍ତୁ ପୁଣି ଶୁଣାହେଲା ବଉଳର ଛୁଆହେବ । ଛୁଆ ହେଲା, କିନ୍ତୁ ବଉଳ ରହିଲା ନାହିଁ ତା' ପୁଅକୁ ଦେଖିବାକୁ । ଡାକ୍ତରଙ୍କ ଦୋଷହିଆ ଆଖି ଆଗରେ

Digitized by srujanika@gmail.com

ଫୋରମ୍ୟାନ ବାବୁ ବଂଶୀଧରଙ୍କୁ କାଖେଇ ଠିଆହୋଇ ଗେଲ କରୁଥିଲେ, ତା'ର ନିରକ୍ତିଆ ମା' ପ୍ରସୂତି-ମେଜିଆ ଉପରେ ଆଖିବୁଜି ପଡ଼ି ରହିଥିଲା ଖଣ୍ଡେ କୋଚଟ୍ରା ଝୁଦର ପରି ।

ଏଇ ଅନ୍ତିମ ଦୃଶ୍ୟର କାହାଣୀ କମଳା ଶୁଣିଥିଲା ଅବଶ୍ୟ ସୁରବାବୁଙ୍କଠାରୁ, ସୁରବାବୁ ସହୃଦୟ ସାହିତ୍ୟ-ପଡ଼ାଳି, ଲୁହଢ଼ାଳି ଆଖି ପୋଛି ଦୃଶ୍ୟ ଦେଖିଥିଲେ, ହୃଦୟ ଢାଳି ବର୍ଣ୍ଣନା କରିଥିଲେ ତା'ର ବାହାର କଥା । ମାର୍ଜିତ ଭାଷାରେ ଯଥାସାଧ୍ୟ ଜୀବନ୍ତ କରିଥିଲେ ବିବରଣୀକୁ ।

ଭିତର କଥା କମଳା ଆପଣା ଭିତରେ ଅନୁଭବ କରିଥିଲା ।

ବଉଳ ତାର ।

ସେ ନିଜେ ସାହିତ୍ୟିକା ନୁହେଁ, ନାରୀ ।

ଖଟରେ ପଡ଼ି ଦୂରକୁ ଚାହିଁ ଦେହକୁ ଛାଡ଼ିଯାଇ ତା'ର ଚେତନା ଅନ୍ଧକାରରେ ମୁକ୍ତିର ମାର୍ଗ ଖୋଜି ଖୋଜି ବଉଳକୁହିଁ ଭେଟିଥିଲା କେଉଁ ସ୍ମୃତିରେ । ଶୃଙ୍ଖଳନା ବସି ଯାଇଥିଲା ହାଡ଼ଚମର ସେ କୋଣ୍ଡକୋଣ୍ଡ ଫାଳକଟା ମୁହଁରେ ଚନ୍ଦ୍ରଗଡ଼ାଏ ବଙ୍କା ହସ, ଜୀବନ ବିମୁଖ ଅବିଶ୍ୱାସୀ ହସ ଯାହାକୁ କମଳା ଆଗେ ଦୟା କରୁଥିଲା । ଆଜି ତା'ର ଦୟାର ଭଣ୍ଡାର ଖାଲି, ସେ ନିଜେ ଦୟାମୟୀ । ଲାଗୁଛି, ବଉଳହିଁ ଜିତିଛି, ତା'ର ସେ ବଙ୍କା ହସରେ ସୂର୍ଯ୍ୟକିରଣର ଝଲକ ।

"ଯିବା ସମୟରେ, କିଏ ଆଗ କିଏ ପଛ, ତେବେ ଏ କଲବଲ କାହିଁକି ?" ସେ ପଚାରନ୍ତା । ଚେତନା ଘଟକୁ ଫେରିଆସୁଛି । ଝଣଝଣେଇ ଉଠୁଛି ଦେହକଷ୍ଟ । ମନେପଡ଼ୁଛି, ସବୁ ମନେପଡ଼ୁଛି । ଖିଅକୁ ଖିଅ ଯୋଡ଼ିଲେ ଗୋଟିଏ ରୂପ ହୁଏ । ସେଦିନ ତ ଆସିଥିଲା ପଞ୍ଚୁବୁଢ଼ୀ । "ଏଇ ଦେଖ କମ", ସୁରବାବୁ ଚିହ୍ନେଇ ଦେଇଥିଲେ, "ଜଣେ ନୂଆ ମଣିଷ ଆସିଛନ୍ତି । ଯାଙ୍କ ନାଁ ଶ୍ରୀମତୀ ଚନ୍ଦ୍ର ମିଧା ଓରଫ ଭଷାରାଣୀ ଦେବୀ । ଆଶ୍ଚର୍ଯ୍ୟ ଏ । ଶ୍ୟାମ ଦେଶର ଲୋକ, ସିଲୋନର ନାଗ୍ନିକେତନରେ

Digitized by srujanika@gmail.com

ପ୍ରଫେସର ଥିଲେ । ୟୁନିଭରସିଟିମାନଙ୍କ ପ୍ରଫେସରବଦଳ ପ୍ରଥା ଅନୁସାରେ ଆମ କଲେଜକୁ ପ୍ରଫେସର ହୋଇ ଆସିଛନ୍ତି । ଚେଡ଼ାନ୍ତ ତ ଇଂରେଜ; କିନ୍ତୁ ହିନ୍ଦୀ, ବଙ୍ଗଳା ଓ ତାମିଲ ଭାଷାରେ ଅସାଧାରଣ ପାଣ୍ଡିତ୍ୟ ଅର୍ଜିଛନ୍ତି । ଆସିବା ଆଗରୁ କୁଆଡ଼େ ପୁରୀରେ ଦି'ମାସ ଥିଲେ, ଆଉ ଦି'ମାସରେ ଓଡ଼ିଆ ବି ଶିଖିଯାଇଛନ୍ତି ବଡ଼ ଚଞ୍ଚଳ । କିଛି ଲେଖିପାରିବେ, କିଛି କହି ପାରିବେ । ଆଉ ଜାଣ— ପିଲାଟିର ଅଖଳା ଆଉ ସରଳ । ମୁଁ ବର୍ତ୍ତମାନ ତାଙ୍କୁ ପ୍ରମାଣ ଦେଉଛି, ତାଙ୍କ ପୂର୍ବପୁରୁଷ ଏଇ କଳିଙ୍ଗର ଲୋକଥିଲେ, ତେଣୁ ଓଡ଼ିଆ ଜ୍ଞାନ ତାଙ୍କ ପ୍ରାରବ୍ଧ । ତୁମେ ବର୍ତ୍ତମାନ ବୁଝିପାରିବ ତାଙ୍କ ଓଡ଼ିଆ ଶିକ୍ଷା କେତେଦୂର ।”

ଚନ୍ଦ୍ରମିଧା ହସୁଥାନ୍ତି, ଠିଆ ହେଲେ ବି ଦେହରେ ଗତି ଥାଏ । ଦୁଇ ବାହାକୁ ଛାତି ମଝିକି ଆଣୁଥାନ୍ତି ଫେର ଫାଡ଼ୁଥାନ୍ତି, କସରତ କଲାପରି ।

ସୁରବାବୁ କହିଲେ—“ସ୍ୱାଗତଂ”

ଚନ୍ଦ୍ରମିଧା କହିଲେ—“ଓ୍ୱିଲକୁମିଆନ୍—ଓ୍ୱେଲ୍‌ମ୍‌କ—ସ୍ୱାଗତଂ”

ସୁରବାବୁ କହିଲେ—“ଶୁଣିଲ, ଖାଲି ଅର୍ଥନୁହେଁ, ଭାଷାତତ୍ତ୍ୱ ଅନୁସାରେ ଉତ୍ପତ୍ତି ବି ।”

ଚନ୍ଦ୍ରମିଧା ସୁରବାବୁଙ୍କ ଆଡ଼କୁ ଆଖିମିଟିକା ମାରି କହିଲେ— “ଆମୋ—ଆଇ ଲଭ—ମେଁ ପ୍ୟାର କରତି ହୁଁ—ଆମି ଭାଲୋ ବାସି— ଆମେ ଭଲୁ—” । ତା'ର ଭାଷା ଜ୍ଞାନର ପ୍ରଦର୍ଶନୀ ଦେଖାଇଲା । ଓଡ଼ିଆରେ ହେଲା “ଆମେ ଭଲୁ ।”

କମଳା ହସିଲା । ସୁରବାବୁ କିଛି କହିଲେ ନାହିଁ ।

କମଳା କହିଲା—“ଦେଖ ଚନ୍ଦ୍ରମିଧା ! ପିଲାପିଲିକା କେଇଟା ?”

ସୁରବାବୁ ଗମ୍ଭୀର ହୋଇ ବୁଝିଲେ, ଆଟିବାଟେ ନିଆଁ ଧାସ ।

ଚନ୍ଦ୍ରମିଧା ହସିଲା ତା'ର ସେ ଅଦ୍ଭୁତ ହସ—ପାନ ଚର ଚର ଧାର ମୁହଁଟି ଚମ୍ପା ଫୁଲପରି ଗୋଲ, ଧାର ଆଖିର ଦୃଷ୍ଟି ଛୁଟି ହେଉଛି

Digitized by srujanika@gmail.com

ଏକରୁ ସେକରକୁ; ମୁହଁପାକ ହସର ଢେଉ, ପୋଢଳା ପର ଓଠର ଫ୍ରେମରେ ମୁକ୍ତା ପରି ଦାନ୍ତ ।

ହସି ହସି ମୁଣ୍ଡକୁ ଝାଙ୍କି ସୁରବାବୁଙ୍କୁ କହିଲା—"ଓ୍ୱାଇଚ୍" ଅର୍ଥାତ୍ "ହ୍ୱାଟସ୍ ଦ୍ୟାଟ୍"—କ'ଣ ହେଲା ?

ସୁରବାବୁ ହିଁ ତା'ର ଅଭ୍ୟର୍ଥନାର ଭାର ନେଲେ, କମଳା ଉଠିବାକୁ ଚେଷ୍ଟା କଲା ନାହିଁ । ଦଉନ୍ତୁ ସେ କୈଫିୟତ—ସେ କମଳା ଏକ୍ସପର୍ଟ ।

ବାଣ୍ଡଘରୁ ସେ ଦୁହିଁଙ୍କ ହସ ଶୁଣିଥିଲା, କମଳା ବୁଝିଥିଲା ସେ 'ଚନ୍ଦ୍ରମିଧା' ପ୍ରକୃତରେ ଅସାମାନ୍ୟା, ତା'ର ହସ କେବଳ ସଙ୍ଗୀତ ନୁହେଁ, ସେ ଲଜ୍ଜା ସଙ୍କୋଚହୀନ ବଳିଷ୍ଠ ଜୀବନର ସ୍ୱାଧୀନ ବାଣୀ । ଈର୍ଷା ଉପୁଜାଏ, କମଳା ସେ ସ୍ୱାସ୍ଥ୍ୟ ସେ ସ୍ୱାଧୀନତା କେବେ ପାଇନାହିଁ । ତା'ର ସଙ୍କୀର୍ଣ୍ଣ ସଂସାର—ନିବୁଜ ସରୁ ଗୋହିରୀରୁ ସେ ଚନ୍ଦ୍ରମିଧାର ଅବାରିତ ଗତିପଥ ଆଡ଼କୁ ଚାହିଁଥିଲା, ସେହିଦିନ ଚହଲି କରି ଅନ୍ତଭିତରେ ଶ୍ଳେଷ କମ୍ପ ପରି ସେ ଅନୁଭବ କରିଥିଲା ଆଶଙ୍କାର ଥର ଥର ଶିହରଣ । କେହି ବୁଝେଇ ନାହିଁ । କେହି କିଛି କହି ନାହିଁ । କିନ୍ତୁ ତା'ର ନାରୀ ସ୍ୱଭାବ ଆପେ ଆପେ ମାନବ ଅବସ୍ଥିତିର କେଉଁ ସୂକ୍ଷ୍ମ ସ୍ତରରୁ ଅର୍ଥ ଘେନି ଥିଲା ।

ସେହି ସଞ୍ଜରେ ସେ ଭଗବାନଙ୍କୁ ଡାକିଥିଲା, ହେ ପ୍ରଭୁ, ମୁକ୍ତି ଦିଅ ।

ଘଟଣାର ଅର୍ଥ ନିର୍ଭର କରେ ଦୃଷ୍ଟିଭଙ୍ଗୀ ଉପରେ, ଦୃଷ୍ଟିଭଙ୍ଗୀ ନିର୍ଭର କରେ ମନର ଅବସ୍ଥା ଉପରେ, ମନର ଅବସ୍ଥା ନିର୍ଭର କରେ ଅନ୍ୟକେତେ ଅବସ୍ଥା ଉପରେ ··

କେବେ ତା'ର ଓ ସୁରବାବୁଙ୍କ ଏକାଠି ବସି ତାଙ୍କଠୁଁ ଶୁଣିଥିବା ବିଶ୍ଳେଷଣର କାହାଣୀ ଭାସି ଚାଲିଯାଏ ।

ସେ ନିରକ୍ଷର ନ ଥିଲା, ମଫସଲରେ ବଢ଼ିଛି, ନି. ପ୍ରା. ପାଶଥିଲା । ଘରେ ବୋଉକୁ ଖୁସି କରିବାକୁ ଭକ୍ତିଗ୍ରନ୍ଥ ପଢ଼ିଥିଲା,

Digitized by srujanika@gmail.com

ଆପଣାକୁ ଖୁସି କରିବାକୁ ପଢ଼ିଥିଲା କେତେକ ଉପନ୍ୟାସ ଯାହାକି ଜୀବନରେ ଏକ ନାୟକ ଖୋଜିବାକୁ ପ୍ରସ୍ତୁତ କରାଏ ।

ନୂଆ ଦୃଷ୍ଟିଭଙ୍ଗୀରେ ଅତୀତକୁ ବୁଝି ଦେଖିଥିଲା—ସୁରବାବୁ ତାକୁ କେବେ ଭଲ ପାଇ ନାହାନ୍ତି, ସେ ନିଜକୁ ଭଲ ପାଇଥିଲେ, ସେହି ଭଲପାଇବା ବଢ଼େଇବା ପାଇଁ ମଡ଼େଇବା ପାଇଁ ତାକୁ ବୁଝିଥିଲେ ରଞ୍ଜା ତର ହେବାକୁ ।

ମୂଳରୁ ସେ ତାକୁ ପଢ଼େଇବାକୁ ଚେଷ୍ଟା କରିଥିଲେ, ପାରି ନଥିଲେ, ଆଶା ଛାଡ଼ିଥିଲେ ।

ଯଦି ବୁଲେଇ ନେଇଛନ୍ତି ତେବେ ଜଗତରେ ପଡ଼ୁ, ନ ହେଲେ ବାହାର ପାଠର ଉଡ଼ୁଆଳରେ ତାଙ୍କ ଛୁଏଁ ସେ । ଆସିଲେ କି କାମ କଲେ ।

ନୂଆ ହୋଇ ମନେପଡ଼େ ତାଙ୍କ ଆକ୍ଷେପର ସ୍ୱାର୍ଥପର ଅର୍ଥ— "ଏ କାମରେ ମତେ ଯଦି କେହି ସାହାଯ୍ୟ କରିବାକୁ ଥାଆନ୍ତା କମ, ତେବେ, ମୁଁ ଅନେକ ବାଟ ଆଗେଇ ଥାନ୍ତି । ଡି. ଲିଟ୍ ପାଇବା କ'ଣ ସେତେ ଅସମ୍ଭବ ହୋଇଥାନ୍ତା ?"

ମନେପଡ଼େ, ତା'ର ରୋଷେଇ, ତା'ର ପାନ, ତା'ର ଘରଧନ୍ଦା ସମ୍ଭାଳିବା, ପିଲାଙ୍କ ନେଞ୍ଜାଳ ସହିବା, ଏଗୁଡ଼ା ଡ. ଲିଟ୍ ପାଇଁ ଯଥେଷ୍ଟ ଉପକରଣ ନୁହେଁ ।

ଏଥର ତ ଚନ୍ଦ୍ରମିଧା ଆସିଲେଣି, କରନ୍ତୁ ସେ ସାହାଯ୍ୟ, ଡି. ଲିଟ୍ ମିଳୁ ।

ସେ ତାଙ୍କର କଷ୍ଟ କର ନାହିଁ ପରା, ତାଙ୍କପର ପଣ୍ଡିତ ସେ ନୁହେଁ ତାଙ୍କ ଆଣ୍ଠୁଉଞ୍ଚ ।

ତାଙ୍କର ଯୁକ୍ତିର ଗୋଟାଏ ନୂଆ ଅର୍ଥ ସ୍ପଷ୍ଟ ଜଣାପଡ଼େ—ସୁବିଧା ପାଇଲେ ସାଧାରଣ ମତାମତ ଅନେକ ତ ସେ ଶୁଣାଇଛନ୍ତି ଏବଂ ସେ

Digitized by srujanika@gmail.com

କହନ୍ତି—ଆମ ସମାଜର ଘରଣୀମାନେ ଭଲ ବୋହୂ ହୋଇପାରନ୍ତି, ତାଙ୍କୁ 'ସ୍ତ୍ରୀ' କୁହାଯାଇପାରେ; କିନ୍ତୁ ସେମାନେ ସହଧର୍ମିଣୀ ନୁହନ୍ତି ।

'ବୁଝିଲ କିମ, ସେମାନେ ସହଧର୍ମିଣୀ ନୁହନ୍ତି, କାରଣ ଧର୍ମମାନେ ଠାକୁର ପୂଜା ନୁହେଁ । ଧର୍ମ ମାନେ ଆଦର୍ଶ ଅନୁଯାୟୀ ବୃତ୍ତି । ସ୍ୱାମୀର ଧର୍ମ ଯଦି ଡାକ୍ତର ଆଉ ସ୍ତ୍ରୀର ଧର୍ମ ରୋଷେଇ ତେବେ ତୁମେ କ'ଣ ସ୍ତ୍ରୀକୁ ସହଧର୍ମିଣୀ କହିବ ?"

ଆଜି ସ୍ମରଣ ହୁଏ ସାହିତ୍ୟକୁ ଅନୁସରି ଜୀବନ ବିଷୟରେ, ସମାଜ ବିଷୟରେ କେତେଥର ସେ କେତେ କଥା କହିଛନ୍ତି ।

"ନୈତିକତା କଥା ଦେଖ । ଜାଣିବା ଲୋକେ ତାକୁ ନୂଆ ଅର୍ଥ ଦେଇଛନ୍ତି । ଲୋକେ ନୈତିକତା ବୋଲି କହି ବଗଡ଼ ବୈଷ୍ଣବ ପରି ଅନେକ ମିଛ ଅନେକ ଠକାମି ଲୁଚେଇ ରଖନ୍ତି । ହୃଦୟରେ ବିଶ୍ୱାସ ନାହିଁ, ତୁଣ୍ଡରେ ଖାଲି ରାମ ନାମ । ଆମ ଘର ମାଇପେ ଖାଲି ନୈତିକତା ବଢ଼େଇ କରନ୍ତି କିନ୍ତୁ ମନଟିମାନ ଛୋଟ, ଅନ୍ଧାରୁଆ । ଅତି ହିସାବି ହେବାକୁ ଯାଇ ସ୍ୱାର୍ଥପର ହୁଅନ୍ତି, ଅତି ଓଲୁ ହେଲେ ଉଦାର ବୋଲାନ୍ତି, ଖାଲି ଜାଣିଲାବାଲା କିଏ ନା ଯେ ପରର ଛିଦ୍ର ଖୋଜି ମିଛ କାହାଣୀ ଯୋଡ଼ି ବୁଲି ବୁଲି ଗପେ, ମନରେ ବାର ଆଡ଼କୁ ଆଶା ତ ମୁଣ୍ଡରେ ସିନ୍ଦୂର, କାନ୍ଧରେ 'ପତି ପରମଗୁରୁ' ବ୍ରତ୍ । ଆପଣା ଦେହକୁ ଖାଲି ଜଣକପାଇଁ ସମ୍ଭାଳି ରଖି ମନରେ ଅନ୍ୟ ସବୁ ବିଷୟରେ ବାର ଆବର୍ଜନା କୁଢ଼େଇ ରଖିଲେ କିଛି ବାହାଦୁରି ନାହିଁ, ସେ ପ୍ରକୃତ ନୈତିକତା ନୁହେଁ ।"

ସବୁ କଥାରେ ସେ ମୁଣ୍ଡଟୁଙ୍ଗାର ଥିଲି । ସତ ତ—ତାଙ୍କ କଥା କ'ଣ ମିଛ ହୋଇପାରେ ! ସେହି କଥା ବହିରେ ଲେଖା ହୋଇଥିବ, ସେହି କଥା ସେ ପଢ଼ୁଥିବେ, ପଢ଼ାଉଥିବେ ।

କାର୍ଯ୍ୟରେ ଏ ତଥ୍ୟର ଉପାଦେୟତା କଥା କେବେ ସେ ଭାବି ନାହିଁ, ଉଠେଇ ନାହିଁ ! କେବଳ କଥା କାଳପରି ଲାଗୁଛି ।

Digitized by srujanika@gmail.com

ଉପର କ୍ଲାସର ପିଲାଏ ବଶିବାବୁ "ସାର୍—ସାର୍" ହୋଇ ଘନ ଘନ ଆସନ୍ତି, ପଢ଼ିବାକୁ, ଯୁକ୍ତି କରିବାକୁ ତାଙ୍କର କେତେ ଆଗ୍ରହ ! କି ସୁନ୍ଦର ଗଢ଼ଣ ! ଚଷମା ଉପରେ ଆଖିପତାର ଘଞ୍ଚ ବାଳ ସତେକି ଓହଳ ପଡ଼େ, ଖିଅ ଭଳି ଭଳି ସକାଳୁଆ ପୋଷଣ୍ଣ ଉପରେ ନଆ— ଅରମା ପରି । ହସ ମାଡ଼େ, ଖୁସି ଲାଗେ । ସେଥି ଉଜ୍ଜ୍ୱଳ ପାତଳ ଗୋରା ଧାର ମୁହଁକୁ ଦେଖିଲେ ଶଙ୍କା ଲୋକଙ୍କୁ ଭେଟିଲା ପରି ଗୋଟାଏ ବିଶ୍ୱାସ ଆସେ । ସେ ତାଙ୍କ ଆଗରେ ହୋଇଛୁ, ସ୍ୱାମୀ ସବୁତ ସେ ଏକାଠି ବସିଥିଲ ବେଳେ ବାସିଲୁଗା ବଦଳି ଲୁହା ଜଳଖିଆ ନେଇ ଥୋଇ ଦେଇ ଆସିଛୁ । ତା'ପରେ ହଠାତ୍ ଦିନେ ସୁରବାବୁ ବଶିବାବୁଙ୍କ ବଡ଼ୁଦରେ ତା' ଆଗରେ କହିଲେ । "ହୁସିଆର ! ପୋଡା ମୁହାଁ । ମନେ ମନେ ସଇତାନ୍ । ଶୁଣ ।"

ଅନ୍ତତଃ ତାଙ୍କୁହିଁ ଖୁସି କରିବାକୁ ସେ ତାଙ୍କୁ ଆଡ଼ ହୋଇ ଘର ଭିତରେ ଲୁଚିଲା ।

ଏମିତି କେତେ ଲୋକଙ୍କ ବଡ଼ୁଦରେ ସେ ତା' ଆଗରେ କହିଛନ୍ତି ।

ଅଖାଡର ସୁଣ୍ଡ ଅଣ୍ଡାଳ ବସିଲେ ଯେତେ ମୁହଁ ଜକ୍ ଜକ୍ ଦିଶେ ସବୁରି ବଡ଼ୁଦରେ ଭୁନ୍‌ଡାନ ତା' କାନ ପାଖେ ସେ ଗାଇଛନ୍ତି କିଛି ନା କିଛି ଇତିହାସ ।

ନୂଆ ଟୀକା ଲଗାଇ କମଳା ପଢ଼ିବାକୁ ଲାଗିଲା—ତାଙ୍କର ଏ ଭଲଲୋକରେ ଗୋଟାଏ ଦୁରଭିସନ୍ଧି ଥିଲା, ତାର ମନକୁ ଆସ୍ତୁରି କରି ସେ ତା' ପାଦରେ ବେଡ଼ି ପିନ୍ଧାଇଛନ୍ତି, ହୁଏତ ତାଙ୍କୁ ସେ ବିଶ୍ୱାସ କରି ନାହାନ୍ତି ।

ସ୍ୱାମୀ ନା ମିତ, ସ୍ନେହ, ଘରକରଣା ।

ଗୋଟାଏ ଫମ୍ପା ଆଦର ଆଦର, ଆପଣା ମନରୁ କାଢ଼ି ସେ ତହିଁରେ ସୁନେଲି କଲେଇ ଲଗେଇ ଥିଲା ।

ଜୀବନ ପଚେଇ ଯାଇଛୁ, ଆଉ ସେ ଶୋଭା ହେବ ନାହିଁ ।

Digitized by srujanika@gmail.com

"ଘର କଣେପରେ ବସିଛି, ସେଇ ଭମର ଚନ୍ଦ୍ରମିଧା କ ଅର୍ଦ୍ଧଚନ୍ଦ୍ର ମିଧା—କେତେ ରଇଜ ବୁଲିଚ କେତେ ମଣିଷ ଦେଖିଚ, ସତରେ, ଆମ ମନ ପିନା ସଂକୀର୍ଣ୍ଣ ତାଙ୍କର ସବୁ—ଏତେ ଓଦାର । ହଁ, ପୁଅ ନାଇଁ କ ପତ ନାହିଁ, କ ଘଚ ମୁଠେ ପେଇଁ କାହା ହାତ ଚଳକୁ ଅପେକ୍ଷା ନାଇଁ, ସେ ଡରବ କାଇଁକ କାହାକୁ ? ସେ କ'ଣ ଆମର ପର ହୋଇଚ ?"

ଜଭ ଆଗରେ କଥା ଅଟକ ଯାଇଛି, କାହ୍ବବାକୁ ମନ କରିଚ ପିନା, କହ୍ବପାର ନାହିଁ । ମନ ଜଗି ଚଳିଚ, ମନେ ପଡ଼ିଚ—ତାଙ୍କର ସେ ଚମ୍ପିତ ମୁହଁ, ଗତ ଗତ ଅନ୍ଧାରୀ, କାହାପାଇଁ ? ତାର ପାଇଁ ତ ? ଅନ୍ତରର ଜୀବନ-ବସନ୍ତ ଫୁଲର ଦୋଳ ଓହ୍ଲେଇ ଦେଇଛି ଚେତନାରେ ।

ଦୁହେଁ ଦୋଳରେ ଝୁଲିଛନ୍ତି ।

ସେ ମନରେ ଈର୍ଷା ନାହିଁ, ସାନ ସ୍ୱାର୍ଥ ନାହିଁ, କେବଳ ଆଞ୍ଜୁଳା ଆଞ୍ଜୁଳା କର ଫୁଲ ପାଖୁଡ଼ା ପର ଆଶୀର୍ବାଦ ବର୍ଷିବା ।

ଆହା, ସେ ସୁଖରେ ରହନ୍ତୁ, ସମସ୍ତେ ସୁଖରେ ରହନ୍ତୁ, ସୁଖରେ ରହନ୍ତୁ –

ଏମିତ ଆମର ଧନ ସରଯାଉ ଜାପ ନଷ୍ଟଯାଉ ସେ ରହିଥାନ୍ତୁ ସୁଖରେ ଆହା !

କନ୍ତୁ ଗୋଡ ଆଡ଼ୁ ସତେକ ଦେହଟା ମର ମର ଆସୁଛି । ଫମ୍ପା ହାଣ୍ଡି ପର ଫମ୍ପା ବ୍ୟକ୍ତିତ୍ୱ ସାମାନ୍ୟ ଠୋକରରେ ବ ଶବ୍ଦ କରୁଛି । ସେ ଅନୁଭବ କରିଛି—ଦେହ ଆଉ ମନ ସମାନ୍ତରାଳ ନୁହେଁ, ଅଥବା ନୁହେଁ ଖାଲି ଗୋଟାଏ ଆରଟା ଉପରେ ସାପେକ୍ଷ, ଦୁହିଁଙ୍କୁ ଏକାଠି ମୋଡ଼ି ଗୁଡ଼େଇ ରଖିଛି ମହାକାଳ—ସମୟ । ଦୁହିଁଙ୍କ ଉପରେ ତାହାର ଛାପ ।

ଅଣାପୂର୍ବ ରହି ଯେ ନାଚଛି, କନ୍ତୁ ସେ ନାଚ ଯୌବନର ନାଚ ନୁହେଁ ।

ଦରଶୁଖିଲା ମୁକୁଳିଆ ଚଢ ଶିଙ୍ଗୁଆ ଉତ୍ତର ପବନରେ ହଲି ହଲି ଥେଙ୍ଗ ଲଗିହୋଇ ନାଚୁଛି ।

ସେ ନାଚରେ ଆଶା ଯେପର ନାହିଁ କ୍ଷମା ବ ନାହିଁ ।

Digitized by srujanika@gmail.com

ଆପଣାକୁ କ୍ଷମା ନାହିଁ ଆପେ ମରିବାକୁ ଚାହେଁ ।

ପରକୁ ଝାମ୍ପିବା ଦେବ !

କେଡ଼େ ସୁସ୍ଥ ଅଛନ୍ତି ସେ ! ପଥର ଉପରେ ପାଣିମାଡ଼ ପରି ସବୁ ଅନୁଭୋଗ ଦେହେ ଦେହେ ବଗିଡ଼େଇ ଦେଇଛନ୍ତି । ବୟସ ବଢ଼ିଛି ଦାରିଦ୍ର୍ୟ ବଢ଼ିଛି, ସତେକି ତା ସଙ୍ଗେ ସଙ୍ଗେ ସେ ବି ଉଠିଛନ୍ତି ଉପରକୁ ଉପରକୁ । ଭାବିଲେ ଈର୍ଷା ହୁଏ, ମାଡ଼ ମାଡ଼ ପଡ଼େ, ସେ ସତେକି ଆହୁରି ଉଚ୍ଚ ହୋଇ ମୁଣ୍ଡ ଟେକନ୍ତି । ପିଲା ଦିନରୁ ମଣିଷ ହୋଇ ସଂସାର ଧରିଛନ୍ତି, ତାଙ୍କର ସେହି ପୁରୁଣା ଅଭ୍ୟାସ । ସେତିକି ସକାଳୁ ଉଠିବେ, ସେମିତି ବ୍ୟାୟାମ କରିବେ, ଗୋଡ଼ ହାତ ହଲେଇ ଭିଡ଼ ମୋଡ଼ ହୋଇ, ବୁଲିଯିବେ ।

ହଁ, ବୁଲିଯିବେ, ଆଖି ଆଗରେ ସକାଳୁଆ ପୃଥିବୀ ଖୋଲି ପଡ଼ିଥିବ, କବିତା ଖେଳେଇବା ପାଇଁ ଆକାଶ ।

ସେମିତି ପାଠ ପଢ଼ା, ସେମିତି ବିଚାର—ଆଳାପ, ଅଧ୍ୟବସ୍ତ ଟିପି କାମ ସେତିକି ଜୋରରେ ।

ଆଜି ତାର ପୃଥିବୀ ଖାଲି ଏ ଦେହ ଯନ୍ତ୍ରଣାର ଅନୁଭୂତି, ପୋଡ଼ା ଜଳା ମନର, ପରିସର ଏହି ଖଟ, ନ ହେଲେ କଷ୍ଟେମଷ୍ଟେ ଭୁସୁର ଭୁସୁର ପିଣ୍ଡାଏ ପିଣ୍ଡାଏ ଯାଇ ପାଇଖାନା ଲେଉଟାଣି ବାଟ ।

ଝରକା ବାଟେ ଚାହିଁଲେ ଫାଙ୍କ ଫାଙ୍କ ସାନବଡ଼ ଗଛର ଗୋଟାଏ ବାଡ଼, ଦୂରରେ ଗୋଟାଏ ଘରର ପିଠି । ଏହାର ଉପରେ ଚେଙ୍ଗା ହୋଇ ଆକାଶ, ଦୂରର ପାଣିକଳର ଉଚ୍ଚ ପାଣି ଭଣ୍ଡାର, ଚନ କାରଖାନାର ଚିମେଣି ବିଜୁଳି ଉଚତାର କୋଠାମାନଙ୍କ ମୁଣ୍ଡ ଓ ଦୂରର ବଡ଼ ବଡ଼ ଗଛମାନଙ୍କ ଭିତେଇ, ସନ୍ଧିଏ ସନ୍ଧିଏ ତଳୁ ଉପରକୁ ଯାଉ ଯାଉ ଅସମ ଭାବେ ସୀମାବଦ୍ଧ ସେ ଆକାଶର ରୂପ ।

ଫମ୍ପା ଫାଙ୍କା ଆକାଶ । ସେ କ'ଣ ସେଠିକି ଯିବ ? କେବେ ? କିନ୍ତୁ ଦେହ ଭିତରେ ଜୀବନର ଶେଷ ବନ୍ଧ ବି କଟାଳ କରେ ବଞ୍ଚି ରହିବାକୁ, ହେଇଟି ତଡ଼ ସେ ପଦାର ଋତୁ ପରିବର୍ତ୍ତନ ଦେଖେ, ସାଧାରଣ

Digitized by srujanika@gmail.com

କାଜ, ଘରଚଟିଆ, ଚଲ ଏମାନଙ୍କ ଗତ ଆଉ ଭବାନ୍ତରକୁ ବ ସେ ଲକ୍ଷ୍ୟକରି ପଡ଼ିଥାଏ, ଆଉ ଆକାଶ ଯେତେବେଳେ ନେଳ ଦଶେ, ବାଡ଼ିର ସଜନା ଗଛରେ ଯେତେବେଳେ ଲେନ୍ତ ଲେନ୍ତ ଫୁଲ ଫୁଟେ ସେ ଆପଣା ଶେଗକୁ ପାସୋରି ଖୁସି ହୁଏ । ତା'ର କାମର ଦାତବାଶପି ମାଇଚଆ ଇନ୍ଦଗକୁ ଡାକ ବରଗେ—"ହଇରେ ଇନ୍ଦଗ, କେଡ଼େ ସୁନ୍ଦର ଛନଛନଆ ହେଇଚ ଏ ସଜନା ଶାଗ ଆଉ ଫୁଲ, କରୁନୁ ଆମର ? ବାବୁ ଭଲ ପାଆନ୍ତ ।" ଭରି ଭଲ ପାଆନ୍ତ । ପଦାରେ ମଣିଷଙ୍କ ପାଟି ଗୁଣ୍ଡ ତାକୁ ଖୁସି ଲଗେ । ଭୂଇଆଡ଼ ଶୂନ୍‌ଶାନ୍ ପଡ଼ିଲେ ଘୁଡ ଉପରେ ଲଗେ କେଡ଼େ କାକର ।

ଆଖିରୁ ଧାର ଗଡ଼େ ।

ଦୁର୍ବଳ ଲେକ ଆଉ ପାଗଳ ରାଗରେ ବଳ ପାଇଲ ପରି ସେ ଈର୍ଷା ଅଭିମାନରେ ବଳପାଏ, ପେଟ ବଥା କରି ନଟବ କାଶରେ ତଣ୍ଟି ପାଖେ ସେଇ ଏକମାତ୍ର ଟାଣ ଦରଜ ସ୍ଥାନ, ଯାହାକୁ ଆଶ୍ରା କରି କାଶ ଛୁଣ୍ଡେଇବାକୁ କାଣି ହୁଏ ।

ଆଉ ସେ ଭାବେ—ସମସ୍ତିଙ୍କି ଅନେଇ ବସିଛନ୍ତ ବୋଲ ଭାବବା ଖାଲ ମୋହ, ସୁସ୍ଥ ମଣିଷ କେବେ କଙ୍କାଳକୁ ଆଦରି ମୁହାଁମୁହିଁ ବସିଥିବା କ'ଣ ସମ୍ଭବ ?

ଖାଲ ଭେଳକ, ଖାଲ ଠକାମି ।

ତେଣୁ ତ କହେ—"ବଡ଼ କଷ୍ଟ ଦେଲ, ତୁମେ ଆଉ ଗୋଟିଏ ବାହାହ ।"

ଆଉ ସେ କହନ୍ତ—"ହଁ, ତୁନହ, ତମ ମୁଣ୍ଡ ଖରାପ ହେଇଚ, ଲେକେ ହସିବେ ।"

କନ୍ତୁ ଏଇ ଉଷାରାଣୀ ଆସିଲ ଦନୁ ସତକୁ ସତ ତା ମୁଣ୍ଡ ଖରାପ ହେଲଣି । ତାର ବଦେଶୀ ନାଁ ପରିବର୍ତ୍ତେ ଉଷାରାଣୀ ବୋଲ ତାକୁ ଭାବବାକୁ ଏକ ପ୍ରକାର ଜଗରି ଧରନ୍ତ ସେଇ । କୌଣସି ନା କୌଣସି ଛମେ ପ୍ରଶ୍ଚଦନ ତା ନାଁ ପଡ଼େ । ନାନା ମତେ ସେ ତାର ପ୍ରଶଂସା ଗାଆନ୍ତ ।

Digitized by srujanika@gmail.com

ଆଜି କମଳା ତାର ଶରଶଯ୍ୟାରେ ପଡ଼ି ବୁଝିପାରେ ସୁସ୍ଥ ମଣିଷ ତାର ଆୟୁଷ ଝଡ଼େଇବାକୁ ଚାହେଁ ନୂଆ ଉଇଁ ଆସୁଥିବା ସୂର୍ଯ୍ୟକୁ ଚାହିଁ ।

ତେଣୁ ତ ସେ ବାରମ୍ବାର କହେ—ଦେହ ଲାଳସା ଭୁଲ, ଖାଲି ଅଛି ବିଶ୍ୱାସ ।

ଶୁଣେ ସେଦିନ ରେଷେୟା ଇନ୍ଦିରା । "ବୁଝିଲୁ ଇନ୍ଦିରା, ଫସାଦଟା ଏଇଆ, ପୁରୁଷଜାତିଙ୍କି ବିଶ୍ୱାସ ନାହିଁ ।" କ'ଣ ଏ ଦୁଇକଥାର ସମ୍ବନ୍ଧ ଇନ୍ଦିରା ବୁଝେ ନାହିଁ, କିନ୍ତୁ ପୁରୁଷଜାତି ପ୍ରତି ତାର ସ୍ୱଭାବଗତ ରାଗ । ତା'ର ଅଭିଳାଷ ସେ ସ୍ତ୍ରୀ ହୋଇ ଜନ୍ମ ହୋଇଥାନ୍ତା ।

କୁଆଡ଼ୁ କ'ଣ ବୁଝି ସେ ନାକରେ କାନ୍ଦି କାନ୍ଦି କହେ, "ତୁମେ ଭଲ ହୋଇଯିବ ଅପା ।"

ଦୁଇ ଦଦରା ନାହା ଅତୃପ୍ତି ଭାଷାରେ ପରସ୍ପରକୁ ଛୁଇଁଦିଏ ।

ଭାସି ଚାଲିଯାଏ ।

କମଳା ନିରାଶ୍ରୟତା ଭିତରେ ଶାନ୍ତିପାଏ ।

କିନ୍ତୁ ସ୍ୱାମୀର ଭାବାନ୍ତର ବୋଲି ଯାହା ସେ ଭାବେ ତା ଦିନୁଁ ଦିନ ଲକ୍ଷ୍ୟ କରେ । ଦେଖେ ସେ ଦିନୁ ଦିନ ତେଜି ଉଠୁଛନ୍ତି ।

ମୁହଁ ଆଖିରେ ନୂଆ ପଲ୍ଲବୁଥିବା ଯୌବନର ଝଲ । କେତେ-ବେଳେ ମୁଗ୍ଧ ହେଲା ପରି ତୁନିଚାପ, କେତେବେଳେ ବିନା କାରଣରେ ଚମକ ।

ସୀତାରରେ ନୂଆ ସୁର ।

କଲେଜରୁ ଫେରିବାକୁ ଡେରି ହେଉଛି ।

ସଞ୍ଜ ପରେ ବୁଲି ବାହାରନ୍ତି ।

ପ୍ରଥମେ ପ୍ରଥମେ କେତେଥର ସେ କହି କରି ଯାଇଥିଲେ—"ଯାଉଛି ଶିବ ଚନ୍ଦ୍ର ମିଶ୍ରଙ୍କ ପାଖକୁ । ତୁଳନାତ୍ମକ ଭାଷାତତ୍ତ୍ୱ ବିଷୟରେ ଗୋଟାଏ ପ୍ରବନ୍ଧ ଲେଖୁଛି, ତେଣୁ ତାଙ୍କ ସଙ୍ଗେ ଟିକିଏ କଥା ଭାଷା ଅଛି ।"

Digitized by srujanika@gmail.com

କ୍ରମେ ଚନ୍ଦ୍ର ମିଧା କଥା ସେ କହିବାକୁ ପାସୋର ଯାଉଛନ୍ତି, ତାର ନାଁ ଶୁଣିଲେ ତାଙ୍କୁ କେମିତି ଅପ୍ରସ୍ତୁତ ଲଗେ, କିଛି ନ ବୁଝିଲାପରି "ଉଁ— ଉଁ—" କହନ୍ତି ।

କମଳ ପଦାରେ ତାଙ୍କର ଡେରି ହେଉଛି, ଡେରି ହେଉଛି ।

କେହି କହି ନାହିଁ ତାକୁ , କମଳ କମଳା ବୁଝୁଛି ଜୀବନ ଜିତିବନି ମରଣକୁ , ଜୀବନ ସରସର ସୁସ୍ଥ ସବଳ ସୁନ୍ଦର ଦେହ ଆସନ କରି ବସିବ ମଲା ମଣିଷର ଶବ ଉପରେ ।

ଆଜି ଆକ ସେ ବାସୁଛନ୍ତି, ଆଜି ପୁଣି ଯାଇଛନ୍ତି ବୁଲି ।

ହାପୁଆ ଆକାଶ ଶେଷରେ କ'ଣ ସେଠି ଦିଶୁଛି ନଆଁ ପରି ? ହେଇ ଉଠିଲା ବଡ଼ ଗୋଲ ଜହ୍ନ । ଆଜି ପ୍ରତିପଦ୍ ଯେ ।

ସୁନ୍ଦର ଜହ୍ନ, ହସ ହସ ଜହ୍ନ, ସଜନା ଗଛ ବି ସାଜିଛି ନଣ୍ଡିକୁଳ ବୁଲାକ ସୁନ୍ଦରୀ ପରି ।

ସେହି ଥିଲା ତାର ଆଶା, ଜୀବନର କରୁଣ ଆକାଂକ୍ଷା ।

ହଠାତ୍ ତାର ଚେତନା ଉପରେ ଯେପରିକି ଗଡ଼ି ବୁଲିଲା ଦିଗନ୍ତ ଆବୋରି ଏକ ବିଶାଳ ଜୁଆରର ଢେଉ ।

ହଠାତ ସେ କ'ଣ ଆବିଷ୍କାର କରିଛି, ସେ କ'ଣ କହିବାକୁ ଗୁହେଁ ।

ହଠାତ୍ ତାର କହିବା କଥା ଭୁଲି ହୋଇଯାଉଛି । ତା'ର ବା ପ୍ରୟୋଜନ କ'ଣ ?

ତଥାପି ପାଟି ଅଳ୍ପ ଆଁ ହୋଇ ରହିଛି ।

ରାତି ସାଢ଼େ ନ'ଟାରେ ସୁରବାବୁ ଫେରିଲେ । ସେ ବି ଜୀବନ କଥା ଭାବି ଭାବି ଫେରିଲେ । ନିଶ୍ଚିନ୍ତ କଲେ ଆଉଥରେ—ଜୀବନ ଓ ଆନନ୍ଦ ଅଭିନ୍ନ । ମୃତ୍ୟୁ, ଶୋକ ଓ ସଙ୍କୀର୍ଣ୍ଣତା ଅଭିନ୍ନ ।

କମଳା ସେହିପରି ଚିତ୍ ହୋଇ ପଡ଼ି ରହିଥାଏ, ବେକ ଟାଙ୍ଗି ମୁହଁ ଜହ୍ନ ଆଡ଼କୁ । ପାଟି ଅଳ୍ପ ଆଁ । ଅକୁହା କଥା କହିବାର ନାହିଁ ।

Digitized by srujanika@gmail.com